# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଫେବୃୟାରୀ ୨୪/୨୦୨୦ (୧୬ ପୃଷ୍ଠା) Sambalpur, Monday, February 24 / 2020 ★★

୧୬ଶ ଭାଗ ୭୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ସଂଘର୍ଷ ଦିନର ସ୍ମୃତି ସାଉଁଟିଲେ ଆୟୁଷ୍ମାନ୍**

ନିଜ ସଂଘର୍ଷ ଜୀବନର ସ୍ମୃତି ସାଉଁଟିଛନ୍ତି ନ୍ୟାଶନାଲ ଆୱାର୍ଡ ପ୍ରାପ୍ତ ଅଭିନେତା। ଦିନେ ଟଙ୍କା ଯୋଗାଡ଼ କରିବାକୁ ସେ ଟ୍ରେନ୍‌ରେ ଗୀତ ଗାଉଥିଲେ ବୋଲି କହିଛନ୍ତି। ୧୧

୧୪ **ଜ୍ୟୋତିକାଙ୍କୁ ସ୍ୱର୍ଣ୍ଣ ପଦକ**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଫେନ୍‌ସିଂ ମହିଳା ଇପି ଇଭେଣ୍ଟରେ ଅମୃତସର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଜ୍ୟୋତିକା ଦତ୍ତ।



## ଦନ୍ତା ନେଲା ୪ ଜୀବନ

**ପିପିଲି, ବଳଙ୍ଗା ଅଞ୍ଚଳରେ ଆତଙ୍କ**

- ଗାଁକୁ ଗାଁ ଗୋଡ଼େଇ ଆକ୍ରମଣ, ୪ ଆହତ
- ଫଟୋ ଉଠାଇବାବେଳେ ଜୀବନ ହାରିଲେ ଯୁବକ

ପିପିଲି / ବଳଙ୍ଗା, ୨୩।୨ (ସ୍ୱ.ପ୍ର. / ଡି.ଏନ.ଏ.)

ପୁରୀ ଜିଲା ପିପିଲି ଓ ବଳଙ୍ଗା ଅଞ୍ଚଳରେ ରବିବାର ଏକ ଦନ୍ତାହାତୀ ଉପଦ୍ରବରେ ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ପିପିଲି ଥାନା ଅଧୀନ ରାଜତେଇ ଗ୍ରାମର ଚୈତନ୍ୟ ସାହୁ(୫୦), ଜମାଲପୁର ଗ୍ରାମର ଅଜୟ କୁମାର ନାୟକ(୪୫), ବଳଙ୍ଗା ଥାନା ଅଧୀନ ଗୋପୀନାଥପୁର ଗ୍ରାମର ଯୁଗଳ କିଶୋର ଭଞ୍ଜ(୬୨), ଚନ୍ଦ୍ରାଦେଇପୁର ପଞ୍ଚାୟତର ମକର ପଲେଇ(୭୨)। ଆହତମାନଙ୍କୁ ପିପିଲି, ମଙ୍ଗଳପୁର, ବଳଙ୍ଗା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଦୁଇଜଣ ଗୁରୁତରଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଟ୍ରମ୍ପଙ୍କ ଗସ୍ତ

**ଆଜିର ମନ୍ତବ୍ୟ**

“ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗସ୍ତରୁ ଭାରତ ବିଶେଷ ଲାଭବାନ ହେବା ଭଳି ସଙ୍କେତ ମିଳୁନାହିଁ।

-ଆନନ୍ଦ ଶର୍ମା, ବରିଷ୍ଠ କଂଗ୍ରେସ ନେତା

# ପିଲାଖେଳ ହେଲା କାଳ

## ନିଆଁରେ ପୋଡ଼ି ୪ ଶିଶୁ ମୃତ

- ଖଇରଚଟା ଗାଁ ସ୍ତବ୍ଧ
- ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ
- ଘୋଷଣା କଲେ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି



ବ୍ରହ୍ମପୁର ଅଫିସ/ ହାତୀଓଟ/ ପୋଲସରା, ୨୩।୨

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ମାଳତେନ୍ତୁଳିଆ ଗ୍ରାମପଞ୍ଚାୟତ ଖଇରଚଟା ଗାଁରେ ରବିବାର ଏକ ଦୁଃଖଦ ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ୪ ଜଣ ଶିଶୁ ପାଳଗଦା କରି ସେଥିରେ ନିଆଁ ଲଗାଇ ମିଛିମିଛିକା ରୋଷେଇ କରି ଖେଳୁଥିଲେ। ଏହି ସମୟରେ ନିଆଁରେ ପୋଡ଼ି ହୋଇ ସମସ୍ତଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉକ୍ତ ଗ୍ରାମର ଜୟସେନ ଗୌଡ଼ଙ୍କ ପୁଅ ଦୀପକ(୮), ସନ୍ତୋଷ ଜେନାଙ୍କ ପୁଅ ସାଇରାମ (୪), ତୋଫାନ ଜେନାଙ୍କ ଝିଅ ଇତିଶ୍ରୀ (୭) ଏବଂ ରତ୍ନାକର ଜେନାଙ୍କ ପୁଅ ଆଲୋକ (୫)। ଏମ୍‌କେସିଜି ମେଡିକାଲ ନେବା ବାଟରେ ଦୀପକ, ସାଇରାମ, ଇତିଶ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଲୋକ ପ୍ରାଣ ହରାଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ବେଳେ ଉକ୍ତ ଗ୍ରାମର ଶିବ ମନ୍ଦିର ନିକଟରେ ଥିବା ଏକ ଅର୍ଦ୍ଧନିର୍ମିତ ଶୌଚାଳୟରେ ୪ ଜଣ ଶିଶୁ ଖେଳୁଥିଲେ। ସେଠାରେ ସେମାନେ ପାଳ ଜାଳି ମିଛିମିଛିକା ରୋଷେଇ କରୁଥିଲେ। ଏହି ସମୟରେ ହଠାତ୍ ନିଆଁ ହୁତୁହୁତୁ ହୋଇ ଜଳିଥିଲା। ସେଥିରୁ ରକ୍ଷା ପାଇବା ପାଇଁ ସମସ୍ତେ ବାହାରି ଆସିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁରେ ପଡ଼ି ଯାଇଥିଲେ। ଦେହ ପୋଡ଼ିଯିବାରୁ ୪ ଜଣ ଶିଶୁ ଚିତ୍କାର କରିବାକୁ ଲାଗିଲେ। ଏହା ଶୁଣି ନିକଟରେ ଥିବା ଗ୍ରାମର କେତେକ ଲୋକ ସେଠାରେ ପହଞ୍ଚି ସେମାନଙ୍କୁ ନିଆଁରୁ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସକୁ ଫୋନ୍ କରାଯିବା ପରେ ଅର୍ଦ୍ଧଦଗ୍ଧ ଶିଶୁମାନଙ୍କୁ ପ୍ରଥମେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଏମ୍‌କେସିଜି ମେଡିକାଲକୁ ନିଆଯାଇଥିଲା। ପ୍ରତ୍ୟେକଙ୍କ ଶରୀରର ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଥିବାରୁ ଏମ୍‌କେସିଜି ମେଡିକାଲ ନେବା ବାଟରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ତେବେ ଆଲୋକଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା ବୋଲି ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଥିଲେ। ☞ପୃଷ୍ଠା-୪

**ମାସକରେ ୩ ବଡ଼ ଦୁର୍ଘଟଣା**

ଗଞ୍ଜାମ ଜିଲାରେ ଏକ ମାସ ନ ପୂରୁଣୁ ୩ ବଡ଼ ଦୁର୍ଘଟଣା ଘଟିଯାଇଛି। ଗତ ଜାନୁୟାରୀ ୨୮ରେ ତପ୍ତପାଣି ଘାଟିରେ ବସ୍ ଓଲଟି ୮ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ୯ ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ମେଣ୍ଟରାଜପୁର ବସ୍ ଟ୍ରାଜେଡି ନେଇଥିଲା ୧୧ ଜୀବନ। ଏହିସବୁ ଦୁଃଖ ଲୋକଙ୍କ ମନରୁ ନ ଲିଭୁଣୁ ରବିବାର ୪ ଜଣ ଶିଶୁ ନିଆଁରେ ପୋଡ଼ି ହୋଇ ପ୍ରାଣ ହରାଇବା କେବଳ ଅଞ୍ଚଳବାସୀଙ୍କୁ ନୁହେଁ, ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଦେଇଛି।

# ଆଜି ଆସୁଛନ୍ତି ଟ୍ରମ୍ପ୍

ନୂଆଦିଲ୍ଲୀ/ଅହମଦାବାଦ, ୨୩।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ତାଙ୍କ ସହ ଫାଷ୍ଟ ଲେଡି ମାଲେନିଆ, ଝିଅ ଇଭାଙ୍କା ଟ୍ରମ୍ପ୍ ଓ ଜ୍ୱାଇଁ ଜାରେଡ୍ କୁଶନର ମଧ୍ୟ ଆସିବେ। ଟ୍ରମ୍ପ୍‌ଙ୍କ ପ୍ରଥମ ଗସ୍ତ ଲାଗି ଅହମଦାବାଦରୁ ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ବିଶ୍ୱର ଏହି ପ୍ରଭାବଶାଳୀ ନେତାଙ୍କ ପରିବାରକୁ ସ୍ୱାଗତ କରିବା ଲାଗି ଗୁଜରାଟରେ ଭବ୍ୟ ଆୟୋଜନ କରାଯାଇଛି।

ରାଷ୍ଟ୍ରପତି ଟ୍ରମ୍ପ୍ ସୋମବାର ଏକ ସ୍ୱତନ୍ତ୍ର ବିମାନରେ ଆସି ପୂର୍ବାହ୍ନ ୧୧ଟା ୪୦ ମିନିଟରେ ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ସାବରମତୀ ଆଶ୍ରମ ପରିଦର୍ଶନ ପରେ ସେ ମୋଟେରା ଷ୍ଟାଡିୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବେ। ଅପରାହ୍ନ ୩ଟାରେ ଆଗ୍ରା ଯାଇ ସନ୍ଧ୍ୟାରେ ତାଜମହଲ ପରିଦର୍ଶନ କରିବେ। ସେଠାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ରାଷ୍ଟ୍ରପତି ଭବନରେ ଟ୍ରମ୍ପ୍ ଦମ୍ପତିଙ୍କୁ ସ୍ୱାଗତ କରାଯିବ। ପରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଟ୍ରମ୍ପ୍ ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ରେ ଏକାଧିକ ଚୁକ୍ତିରେ ସ୍ୱାକ୍ଷର କରି ମିଳିତ ଭାବେ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ରାତି ୧୦ଟାରେ ଟ୍ରମ୍ପ୍ ଆମେରିକା ପ୍ରତ୍ୟାବର୍ତ୍ତନ କରିବେ।

**ବିସ୍ତୃତ ରିପୋର୍ଟ ପୃଷ୍ଠା: ୨**

**‘ନମସ୍ତେ ଟ୍ରମ୍ପ୍’ ପାଇଁ ଭବ୍ୟ ଆୟୋଜନ**



ଡୋନାଲ୍ଡ ଟ୍ରମ୍ପ୍

ଧାରଣାରୁ ଓହରିଲେ ଅନୁପଙ୍କ ପରିବାରବର୍ଗ ପୃଷ୍ଠା-୩

# ସିଏସିର କାର୍ଯ୍ୟବନ୍ଦ ଆନ୍ଦୋଳନ କୋହଳ



ସମ୍ବଲପୁର ଓକିଲ ସଂଘ ସମ୍ମିଳନୀ କକ୍ଷରେ ସିଏସି ସଦସ୍ୟମାନେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

ସମ୍ବଲପୁର, ୨୩।୨ (ବ୍ୟୁରୋ)

- ମାର୍ଚ୍ଚ ୩୧ ସୁଦ୍ଧା ପୂର୍ଣ୍ଣାଙ୍ଗ ରିପୋର୍ଟ ଦାବି
- ସୁପ୍ରିମକୋର୍ଟ ଆଦେଶକୁ ପାଳନ
- ମାର୍ଚ୍ଚ ୨୩ରେ ହେବ ପରବର୍ତ୍ତୀ ଶୁଣାଣି

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଚାଲିଥିବା ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ କୋହଳ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଣିକି ଓକିଲମାନେ କୋର୍ଟ କାର୍ଯ୍ୟରେ ନିୟମିତ ଯୋଗଦାନ କରିବେ। ସମସ୍ତ କୋର୍ଟ ଓ ଅଦାଲତ ଶୁଣାଣିରେ ଅଂଶଗ୍ରହଣ କରିବେ ବୋଲି ପଶ୍ଚିମ ଓଡ଼ିଶା ଓକିଲ ସମୂହ କ୍ରିୟାନୁଷ୍ଠାନ କମିଟି (ସିଏସି) ନିଷ୍ପତ୍ତି ନେଇଛି । ଏ ନେଇ ଫେବୃୟାରୀ ୧୭ ତାରିଖରେ ସିଏସି ପକ୍ଷରୁ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଏହାକୁ ଗ୍ରହଣ କରି ମାର୍ଚ୍ଚ ୨୩ ତାରିଖରେ ପରବର୍ତ୍ତୀ ଶୁଣାଣି କରାଯିବ। ଏହା ପୂର୍ବରୁ ଅଦାଲତ କାର୍ଯ୍ୟରେ ଯୋଗ ଦେବାକୁ ଆଦେଶ ରହିଥିଲା। ତେଣୁ ଓକିଲମାନେ ସମସ୍ତ ଅଦାଲତ କାର୍ଯ୍ୟରେ ନିୟମିତ ଯୋଗଦେବେ ବୋଲି ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସିଏସି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ଉପରେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପୂର୍ଣ୍ଣାଙ୍ଗ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରନ୍ତୁ। ରାଜ୍ୟ ସରକାର ଗଠନ କରିଥିବା ଉଚ୍ଚସ୍ତରୀୟ କମିଟି ☞ପୃଷ୍ଠା-୪





Vencobb FRESH CHICKEN

23.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 42 | 83 | 93 |
| CTC | 42 | 83 | 93 |
| DKL | 43 | 84 | 94 |
| BDK | 44 | 85 | 95 |
| BLS | 46 | 88 | 98 |
| ANG | 43 | 84 | 94 |
| BMP | 42 | 83 | 93 |

*Conditions Apply

Issued in the Interest of Consumers


# କମ୍ ବିକ୍ରି, ସରକାରଙ୍କୁ ଦେବେ ଅଧିକ

**ଖଣି ନିଲାମ**



ଯୋଡ଼ା, ୨୩।୨ (ଡି.ଏନ୍.ଏ.)

ରାଜ୍ୟର ବିଭିନ୍ନ ଖଣି ମଣ୍ଡଳରେ ଥିବା ୧୯ଟି ଖଣିର ନିଲାମ ପ୍ରକ୍ରିୟା ଜାରି ରହିଛି। ଯୋଡ଼ା ଖଣି ମଣ୍ଡଳରେ ଥିବା ଲୁହାପଥର ଓ ମାଙ୍ଗାନିଜ୍ ପଥର ଖଣିଗୁଡ଼ିକର ନିଲାମରେ ସର୍ବାଧିକ ପ୍ରତିଯୋଗିତା ଦେଖିବାକୁ ମିଳିଛି। ଅନେକ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ଖଣି କମ୍ପାନୀ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ନିଲାମ ଡାକ ୧୦୦ ପ୍ରତିଶତଠାରୁ ବହୁ ଗୁଣା ଅଧିକ ମୂଲ୍ୟ ଦେଇ ଖଣି ହାତେଇଛନ୍ତି। ଏପରି କି କିଛି କମ୍ପାନୀ ସର୍ବାଧିକ ୧୫୦ପ୍ରତିଶତରୁ ଊର୍ଦ୍ଧ୍ୱ ଡାକ ଦେଇ ଖଣି ହାତେଇଥିବା ଜଣାପଡ଼ିଛି। କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ସିଲ୍‌ଜୋଡ଼ା କାଳିମାଟି ଲୁହାପଥର ଓ ମାଙ୍ଗାନିଜ ଖଣି ସର୍ବାଧିକ ୧୫୪ ପ୍ରତିଶତରେ ନିଲାମ ହୋଇଛି।

ପ୍ରକାଶ ଯେ, ୨୦୨୦ ମାର୍ଚ୍ଚ ୩୧ରେ ଲିଜ୍ ଅବଧି ଶେଷ ହେଉଥିବା ୧୯ଟି ଖଣିର ନିଲାମ ପ୍ରକ୍ରିୟାକୁ କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରଣାଳୟ ସହିତ ଅନୁବନ୍ଧିତ କେନ୍ଦ୍ର ☞ପୃଷ୍ଠା-୪

**୧୫୦% ଡାକ କ’ଣ**

ନିକଟରେ କିଛି କମ୍ପାନୀ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଶତ ଡାକ ଦେଇ ଖଣି ହାତେଇଛନ୍ତି। ଏପରି କି ୧୫୪ ପ୍ରତିଶତ ପଇଠ କରିବାର ମଧ୍ୟ ଡାକ ଦିଆଯାଇଛି। ନିୟମ ଅନୁସାରେ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍) ଲୁହା ପଥର ବିକ୍ରି ପାଇଁ ଯେଉଁ ମୂଲ୍ୟ ଧାର୍ଯ୍ୟ କରିଥାଏ, ସେହି ଅନୁସାରେ ଖଣି କମ୍ପାନୀଗୁଡ଼ିକ ଲୁହାପଥର ବିକ୍ରି କରିଥାନ୍ତି। ମାତ୍ର ଏବେ ଶତପ୍ରତିଶତରୁ ଊର୍ଦ୍ଧ୍ୱ ଡାକରେ ନେଇଥିବା ଖଣି କମ୍ପାନୀଗୁଡ଼ିକ ଲୁହାପଥର ବିକ୍ରି ମୂଲ୍ୟ ଠାରୁ ଅଧିକ ଅର୍ଥ ସରକାରଙ୍କୁ ପଇଠ କରିବେ। ଉଦାହରଣ ସ୍ୱରୂପ ବର୍ତ୍ତମାନ ଉନ୍ନତମାନର ଲୁହାପଥରର ମୂଲ୍ୟ ଟନ୍ ପିଛା ୫ହଜାର ଟଙ୍କା ରହିଛି। ଯେଉଁ ଖଣି କମ୍ପାନୀ ୧୫୦ପ୍ରତିଶତରେ ଖଣି ନିଲାମ ନେଇଛି, ସେ ଟନ୍ ପିଛା ୭,୫୦୦ଟଙ୍କା ସରକାରଙ୍କ ନିକଟରେ ପଇଠ କରିବ। ଏପରି କି ଯେଉଁ କମ୍ପାନୀ ୧୨୦%ରେ ଖଣି ହାତେଇଛନ୍ତି ସେମାନେ ୫ହଜାରରେ ବିକି ୬ହଜାର ଟଙ୍କା ସରକାରଙ୍କୁ ଦେବେ ।




## ଇରାନରେ ଭୂକମ୍ପ, ତୁର୍କୀରେ ୮ ମୃତ

ଉତ୍ତରପଶ୍ଚିମ ଇରାନରେ ରବିବାର ୫.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ପ୍ରଭାବରେ ପଡୋଶୀ ତୁର୍କୀରେ ୩ ଶିଶୁଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଉଭୟ ଦେଶର ଅନେକ ଆହତ ହୋଇଛନ୍ତି। ତୁର୍କୀରେ ଆହତ ୨୧ ଜଣଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ଥିବା ସେଠାର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଇରାନ ସୀମାନ୍ତ ଭାନ୍ ପ୍ରଦେଶର ବହୁ ଘର ଭାଙ୍ଗିଯାଇଛି। ଇରାନରେ ୪୦ରୁ ଅଧିକ ଆହତ ହୋଇଛନ୍ତି।

# ଟ୍ରମ୍ପ ଆସୁଛନ୍ତି ବୋଲି...




ଅହମଦାବାଦରେ ଓଟରେ ବସି ବିଏସ୍ଏଫ ଯବାନମାନେ ପାଟ୍ରୋଲିଂ କରୁଛନ୍ତି।



ଅମୃତସରରେ ଜଗମୋହନ କନୋଜିଆ ନାମକ ଜଣେ ବ୍ୟକ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଥିବା ଗୁଡ଼ି ପ୍ରସ୍ତୁତ କରିଛନ୍ତି।

ଆଗ୍ରାର ତାଜମହଲ ନିକଟରେ ଉତ୍ତରପ୍ରଦେଶର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) କମାଣ୍ଡୋମାନେ ପାଟ୍ରୋଲିଂ କରୁଛନ୍ତି।

# ସମ୍ପର୍କରେ ଯୋଡ଼ିହେବ ନୂଆ ଅଧ୍ୟାୟ

ୱାଶିଂଟନ/ନୂଆଦିଲ୍ଲୀ,୨୩।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଗୁଜରାଟର ଅହମଦାବାଦ ଆସୁଛନ୍ତି। ଟ୍ରମ୍ପଙ୍କ ସହ ତାଙ୍କ ସ୍ତ୍ରୀ ତଥା ଫାଷ୍ଟ ଲେଡି ମାଲେନିଆ, ଝିଅ ଇଭାଙ୍କା ଟ୍ରମ୍ପ ଓ ଜ୍ୱାଇଁ ଜାରେଡ୍ କୁଶନର ମଧ୍ୟ ଆସୁଛନ୍ତି। ଟ୍ରମ୍ପ ଦମ୍ପତି ଓ ଆମେରିକାର ଏକ ବିଶିଷ୍ଟ ପ୍ରତିନିଧି ଦଳ ରବିବାର ହ୍ୱାଇଟ୍ ହାଉସ୍ ଛାଡ଼ି ଏକ ସ୍ୱତନ୍ତ୍ର ବିମାନରେ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ଜର୍ମାନୀରେ କିଛି ସମୟ ବିତାଇବା ପରେ ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ଯାତ୍ରା କରିବେ। ଟ୍ରମ୍ପ ପରିବାରର ଏହି ଗସ୍ତ ଭାରତ-ଆମେରିକା ସମ୍ପର୍କରେ ନୂଆ ଅଧ୍ୟାୟ ସୃଷ୍ଟି କରିବବୋଲି କୂଟନୀତିଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ଟ୍ରମ୍ପ ପରିବାରକୁ ସ୍ୱାଗତ କରିବା ପାଇଁ ଅହମଦାବାଦରେ ବ୍ୟାପକ ଆୟୋଜନ କରାଯାଇଛି। ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିବାବେଳେ ଟ୍ରମ୍ପଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ବିମାନବନ୍ଦରକୁ ସ୍ୱାଗତ କରିବାକୁ ଯିବେ। ଟ୍ରମ୍ପ ପରିବାର ପ୍ରଥମେ ସାବରମତୀ ଆଶ୍ରମ ପରିଦର୍ଶନ କରିବେ। ସ୍ୱାଧୀନତା ସଂଗ୍ରାମ ବେଳେ (୧୯୧୭-୧୯୩୦) ମହାତ୍ମା ଗାନ୍ଧୀଙ୍କ ସାଧନା ଭୂଇଁ ପାଲଟିଥିବା ଏହି ଆଶ୍ରମରେ କିଛି ସମୟ ବିତାଇବା ପରେ ଟ୍ରମ୍ପ ପରିବାର ମୋଟେରା ଷ୍ଟାଡିୟମକୁ ଯିବେ। ସେଠାରେ 'ହାଓ୍ୱଡି ମୋଦି' ଭଳି 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଅପରାହ୍ନ ୧ଟା ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟ୍ରମ୍ପ ୧ ଲକ୍ଷ ଲୋକଙ୍କୁ ସମ୍ବୋଧନ କରିବେ। ଟ୍ରମ୍ପଙ୍କ ସହ ଆମେରିକୀୟ ପ୍ରତିନିଧି ଦଳରେ ଟ୍ରେଜେରି ସେକ୍ରେଟାରି ଷ୍ଟିଭେନ୍ ମୁଚିନ, କମର୍ସ ସେକ୍ରେଟାରି ୱିଲବର ରୋସ୍, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ରବର୍ଟ ଓ'ବ୍ରିଏନ୍ ଏବଂ ଶକ୍ତି ସଚିବ ଡାନ୍ ବ୍ରୋଉଲିଏଟେ ମଧ୍ୟ ଆସୁଛନ୍ତି। ରାଷ୍ଟ୍ରପତି, ଟ୍ରମ୍ପ ପରିବାର ଓ ପ୍ରଶାସନ ଭାରତରେ ୩୬ ଘଣ୍ଟା ବିତାଇବା ପରେ ଆମେରିକା ଫେରିଯିବେ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନ ଆସନ୍ତା ନଭେମ୍ବରରେ ହେବ। ଟ୍ରମ୍ପ ପୁନର୍ବାର ରାଷ୍ଟ୍ରପତି ହେବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଆମେରିକାରେ ଥିବା ଭାରତୀୟ ଭୋଟର ବିଶେଷକରି ଗୁଜରାଟୀ ମତଦାତାଙ୍କୁ ପ୍ରଭାବିତ କରିବା ଲାଗି ତାଙ୍କ ଗସ୍ତ ବେଳେ ଉଦ୍ୟମ କରିବେ ବୋଲି କୁହାଯାଉଛି।


ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ ।


ସ୍ୱାମୀ ଜାରେଡ୍ କୁଶନରଙ୍କ ସହ ଟ୍ରମ୍ପଙ୍କ ଝିଅ ଇଭାଙ୍କା।

## ଭାରତ ଅଭିମୁଖେ ଆମେରିକା ରାଷ୍ଟ୍ରପତି

## ୬୦ ବର୍ଷରେ ଆସିଛନ୍ତି ୬ ରାଷ୍ଟ୍ରପତି



**ଡ୍ୱିଟ୍ ଡି. ଐସେନୋୟର:** ଭାରତ ଗସ୍ତରେ ଆସିବାରେ ଡ୍ୱିଟ୍ ଡି. ଐସେନୋୟର ଆମେରିକାର ପ୍ରଥମ ରାଷ୍ଟ୍ରପତି। ୧୯୫୯ ଡିସେମ୍ବର ୯ରେ ଦିଲ୍ଲୀରେ ପହଞ୍ଚିବାବେଳେ ତାଙ୍କୁ ୨୧ ତୋପ ସଲାମୀ ଦିଆଯାଇଥିଲା। ସେ ତତ୍କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଓ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ସହ ଆଲୋଚନା କରିବା ସହ ରାମଲୀଳା ମଇଦାନରେ ସାଧାରଣ ସଭା ଏବଂ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇଥିଲେ।



**ରିଚାର୍ଡ ନିକ୍ସନ:** ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବାବେଳେ ୧୯୬୯ ଜୁଲାଇ ୩୧ରେ ଭାରତ ଗସ୍ତରେ ଆସିଥିଲେ ରିଚାର୍ଡ ନିକ୍ସନ। ତାଙ୍କ ଗସ୍ତର ସେପରି ପ୍ରଭାବ ନ ଥିଲା। ୧୯୭୧ ବାଂଲାଦେଶ ଯୁଦ୍ଧବେଳେ ସେ ପାକିସ୍ତାନ ପକ୍ଷ ନେଇଥିଲେ।



**ଜିମ୍ମି କାର୍ଟର:** ମୋରାରଜୀ ଦେଶାଇ ସରକାର କ୍ଷମତାକୁ ଆସିବା ପରେ ୧୯୭୮ ଜାନୁୟାରୀ ୧ରେ ଆମେରିକା ରାଷ୍ଟ୍ରପତି ଜିମ୍ମି କାର୍ଟର ଭାରତ ଗସ୍ତରେ ଆସି ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇଥିଲେ। ବାଂଲାଦେଶ ଯୁଦ୍ଧ, ୧୯୭୪ ପୋଖରାନ ଆଣବିକ ପରୀକ୍ଷା ପରେ ଭାରତ ସହ ହ୍ରାସ ପାଇଥିବା ସମ୍ପର୍କ ବଢ଼ାଇବା ତାଙ୍କ ଗସ୍ତର ଉଦ୍ଦେଶ୍ୟ ଥିଲା।



**ବିଲ୍ କ୍ଲିଣ୍ଟନ:** ଦୁଇଦଶନ୍ଧି ବ୍ୟବଧାନରେ ୨୦୦୦ ମାର୍ଚ୍ଚ ୧୯ରେ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଭାରତ ଗସ୍ତରେ ଆସିଥିଲେ। ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ କ୍ଲିଣ୍ଟନଙ୍କ ଏହି ଗସ୍ତ ଦୁଇଦେଶ ମଧ୍ୟରେ ସମ୍ପର୍କକୁ ନୂଆ ମୋଡ଼ ଦେଇଥିଲା। ସେ ୬ ଦିନ ରହି ଦିଲ୍ଲୀ ସମେତ ଆଗ୍ରା, ଜୟପୁର, ହାଇଦ୍ରାବାଦ, ମୁମ୍ବାଇର ପର୍ଯ୍ୟଟନ ସ୍ଥଳୀ ବୁଲିଥିଲେ।



**ଜର୍ଜ ଡବ୍ଲୁ ବୁଶ୍:** ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମୟରେ ୨୦୦୬ ମାର୍ଚ୍ଚ ୧ରେ ଜର୍ଜ ଡବ୍ଲୁ ବୁଶ୍ ଓ ତାଙ୍କ ସ୍ତ୍ରୀ ଲାଉରା ଭାରତ ଗସ୍ତରେ ଆସିଥିଲେ। ଦୁଇଦେଶ ମଧ୍ୟରେ ଆଣବିକ ଚୁକ୍ତି ଚୂଡ଼ାନ୍ତ ହୋଇଥିବାରୁ ବୁଶଙ୍କ ଏହି ଗସ୍ତ ସ୍ମରଣୀୟ।



**ବାରାକ ଓବାମା:** ୨୦୧୦ ନଭେମ୍ବର ୬ରେ ଆମେରିକା ରାଷ୍ଟ୍ରପତି ବାରାକ ଓବାମା ଭାରତ ଗସ୍ତରେ ଆସି ମୁମ୍ବାଇରେ ପହଞ୍ଚିଥିଲେ। ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ଓ ୨୬/୧୧ ମୁମ୍ବାଇ ଆକ୍ରମଣର କ୍ଷତିଗ୍ରସ୍ତଙ୍କୁ ସମବେଦନା ଜଣାଇବା ଏହି ଗସ୍ତର ଉଦ୍ଦେଶ୍ୟ ଥିଲା। ତାଙ୍କ ସହ ଫାଷ୍ଟ ଲେଡି ମିଚେଲ ଓବାମା ଆସିଥିଲେ। ଓବାମା ୨୦୧୫ ଜାନୁୟାରୀ ୨୪ରେ ଦ୍ୱିତୀୟ ଥର ପାଇଁ ଆସିଥିଲେ। ଦୁଇଥର ଭାରତ ଆସିବାରେ ସେ ଥିଲେ ଆମେରିକାର ପ୍ରଥମ ରାଷ୍ଟ୍ରପତି। ସେ ଭାରତରସାଧାରଣତନ୍ତ୍ରଦିବସରେମୁଖ୍ୟଅତିଥିହୋଇଥିଲେ।ରାଷ୍ଟ୍ରପତିପ୍ରଣବମୁଖାର୍ଜୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।


ନୂଆଦିଲ୍ଲୀର ରାଇସିନା ହିଲ୍‌ସ୍ଥିତ ରାଷ୍ଟ୍ରପତି ଭବନକୁ ଭାରତ ଓ ଆମେରିକାର ଜାତୀୟ ପତାକାରେ ସଜ୍ଜିତ କରାଯାଇଛି।

## ନମସ୍ତେ ଟ୍ରମ୍ପ

"ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ ଭାରତ ଗସ୍ତକୁ ନେଇ ଦେଶ ଆଶାବାଦୀ। ତାଙ୍କୁ ଆମ ଗହଣରେ ପାଇବା ଏକ ସମ୍ମାନର ବିଷୟ। ଅହମଦାବାଦରେ ଐତିହାସିକ କାର୍ଯ୍ୟକ୍ରମ ପାଇଁ ଟ୍ରମ୍ପଙ୍କୁ ସ୍ୱାଗତ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

"ଦୀର୍ଘଦିନ ପରେ ଭାରତ ଗସ୍ତ କରୁଛି। ପ୍ରଧାନମନ୍ତ୍ରୀ ମୋଦି ମୋର ଜଣେ ଭଲ ବନ୍ଧୁ । ଏବେ କୋଟି କୋଟି ଭାରତୀୟଙ୍କ ସହ ଏକ ନୂଆ ସମ୍ପର୍କ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତିବଦ୍ଧ।

**-ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି**

# ମୋଦିଙ୍କୁ କଂଗ୍ରେସର ୫ ପ୍ରଶ୍ନ

ନୂଆଦିଲ୍ଲୀ,୨୩।୨




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ନେଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ୫ଟି ପ୍ରଶ୍ନର ଉତ୍ତର ଚାହିଁଛି। ଭାରତ-ଆମେରିକା ବାଣିଜ୍ୟ, ଏଚ୍-୧ବି ଭିଜା, ଜାତୀୟ ନିରାପତ୍ତା, ତୈଳ ଦର ଏବଂ ଇସ୍ପାତ ରପ୍ତାନିକୁ ନେଇ ବରିଷ୍ଠ କଂଗ୍ରେସ ନେତା ରଣଦୀପ୍ ସୁର୍ଜେଓ୍ୱାଲା ନିମ୍ନୋକ୍ତ ପ୍ରଶ୍ନ ପଚାରିଛନ୍ତି।

**୧.** ଟ୍ରମ୍ପ ପ୍ରଶାସନ ଭିଜା ନୀତିରେ କଟକଣା ଲଗାଇବାରୁ ଭାରତୀୟଙ୍କୁ ୮୫୦୦୦ ଏଚ୍-୧ବି ଭିଜାର ୭୦ ପ୍ରତିଶତ ମିଳୁଛି। ଆଇଟି ପେସାଦାରଙ୍କ କ୍ଷେତ୍ରରେ ଭାରତ ପାଇଁ ଖାରଜ ହାର ୨୦୧୫ରେ ୬ % ଥିବାବେଳେ ତାହା ୨୪ %କୁ ବଢ଼ିଛି। ଭିଜା ନୀତି କୋହଳ କରିବା ପାଇଁ ଟ୍ରମ୍ପଙ୍କୁ ମୋଦି କହିବେ କି?

**୨.** ଟ୍ରମ୍ପ ପ୍ରଶାସନ ୨୯ରେ ତାଲିବାନ ସହ ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଛି। ଆତଙ୍କବାଦୀ ମାସୁଦ ଆଝାରଙ୍କ ମୁକ୍ତି ପାଇଁ ଭାରତୀୟ ବିମାନକୁ କାନ୍ଦାହାର ଅପହରଣ, ପାର୍ଲାମେଣ୍ଟ ଓ ପୁଲ୍‌ୱାମା ଆକ୍ରମଣ ଆଦିକୁ ଭୁଲିଯିବା ଉଚିତ ନୁହେଁ। ଭାରତର ସୁରକ୍ଷା ପ୍ରସଙ୍ଗ ମୋଦି ଆମେରିକା ରାଷ୍ଟ୍ରପତିଙ୍କ ପାଖରେ ଉଠାଇବେ କି?

**୩.** ଆମେରିକାରେ ଭାରତର ୫.୬ ବିଲିୟନ ଡଲାର ମୂଲ୍ୟର ରପ୍ତାନି ସାମଗ୍ରୀ ପାଇଁଶୁଳ୍କମୁକ୍ତ ପ୍ରବେଶ ଅନୁମତି ମିଳିବ କି? ପୂର୍ବରୁ ଥିବା ଏହି ସୁବିଧାକୁ ଟ୍ରମ୍ପ ପ୍ରଶାସନ ଗତବର୍ଷ ଜୁନ୍‌ରେ ଉଠାଇଦେଇଥିଲା।

**୪.** ଇରାନର ତେଲ ବିକ୍ରି ଉପରେ ଆମେରିକା କଟକଣା ଲଗାଇଥିବାରୁ ଭାରତ ପାଇଁ ମୋଦି ଶସ୍ତାରେ ତେଲ ଆଣିବାକୁ ସକ୍ଷମ ହେବେ କି?

**୫.** ଭାରତ ଆମେରିକାକୁ ୭୬୧ ନିୟୁତ ଡଲାର ମୂଲ୍ୟର ଇସ୍ପାତ ରପ୍ତାନି କରୁଥିଲା। ଟ୍ରମ୍ପ ସରକାର ଆମଦାନି ଶୁଳ୍କ ୨୫ ପ୍ରତିଶତ ବଢ଼ାଇବାରୁ ଇସ୍ପାତ ରପ୍ତାନି ୫୦ ପ୍ରତିଶତ ହ୍ରାସ ପାଇଛି। ଇସ୍ପାତ ରପ୍ତାନି ବଢ଼ାଇବା ଦିଗରେ ଟ୍ରମ୍ପଙ୍କ ସହ ମୋଦି ଆଲୋଚନା କରିବେ କି?

# ଜୈବ ବିବିଧତାର ସୁରକ୍ଷା ଲାଗି ଆହ୍ୱାନ

ନୂଆଦିଲ୍ଲୀ,୨୩।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ମନ୍ କୀ ବାତ୍' ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଭାରତର ଜୈବ ବିବିଧତା ସମଗ୍ର ମାନବଜାତି ପାଇଁ ଅନନ୍ୟ ସମ୍ପଦ ବୋଲି କହିବା ସହ ଏହାର ସୁରକ୍ଷା ଓ ସଂରକ୍ଷଣ ଲାଗି ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ତାମିଲ କବି ଅଭାୟାରଙ୍କ ପଙ୍‌କ୍ତିକୁ ମନେ ପକାଇ ମୋଦି କହିଥିଲେ, ଆମେ ଯାହା

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ଜାଣିଛେ ତାହା ମୁଠାଏ ବାଲି ସଦୃଶ ଏବଂ ଯାହା ଜାଣିନାହୁଁ ତାହା ବିଶ୍ୱବ୍ରହ୍ମାଣ୍ଡ ଭଳି ବିଶାଳ। ଯେତେ ଆମେ ଅଧିକ ଜାଣିବା, ଆମର ଅଜ୍ଞତା ସେତେ ଅଧିକ ଆମେ ଜାଣିପାରିବା। ଠିକ୍ ସେହିପରି ଆମ ଦେଶର ଜୈବ ବିବିଧତା। ଆମକୁ ଏହାର ସଂରକ୍ଷଣ ଓ ସୁରକ୍ଷା କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଲକ୍ଷ୍ୟ ହାସଲ କ୍ଷେତ୍ରରେ ବୟସ ଓ ଶାରୀରିକ ଅକ୍ଷମତା ବାଧକ ହୋଇପାରିବ ନାହିଁ। ଏହାର ଉଦାହରଣ ଦେବାକୁ ଯାଇ ପ୍ରଧାନମନ୍ତ୍ରୀ କେରଳର ୧୦୫ ବର୍ଷୀୟା ମହିଳା 'ଲେବଲ୍ ୪' ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଓ ୧୨ ବର୍ଷର ଝିଅ ଦକ୍ଷିଣ ଆମେରିକାର ୭୦୦୦ ମିଟର ଉଚ୍ଚ ଆକୋନ୍‌କାଗୁଆ ପର୍ବତ ଶୃଙ୍ଗ ଆରୋହଣ କରିଥିବା କହିଥିଲେ। ସେହିପରି ଉତ୍ତରପ୍ରଦେଶରେ ଜଣେ ଦିବ୍ୟାଙ୍ଗ ଯୁବକ ନିଜର ଚପଲ କାରଖାନା ଚଳାଉଛନ୍ତି। ଆମେ ଜୀବନରେ ପ୍ରଗତି କରିବାକୁ ଚାହିଁଲେ ନିଜକୁ ବିକଶିତ କରିପାରିବା। ଜୀବନରେ କିଛି ହାସଲ କରିବାକୁ ହେଲେ ଆମ ଭିତରେ ଥିବା ଛାତ୍ର ମାନସିକତା କଦାପି ମରିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆଜିର ମହିଳା ସଫଳତାର ଶୀର୍ଷରେ ପହଞ୍ଚିଲେଣି। ଏଥିପାଇଁ ଫିଟ୍‌ନେସ୍ ଉପରେ ପ୍ରଧାନମନ୍ତ୍ରୀ ଜୋର୍ ଦେଇଥିଲେ। ନିଜକୁ ଫିଟ୍ ରଖିବା ପାଇଁ ଦୁଃସାହସିକ କାର୍ଯ୍ୟରେ ସାମିଲ ହେବାକୁ ସେ ପରାମର୍ଶ ଦେଇଥିଲେ।

### ଇତିହାସର ଆଇନାରେ
**ଫେବୃୟାରୀ ୨୪ର ପ୍ରମୁଖ ଘଟଣା**

୧୯୪୮ ଫେବୃୟାରୀ ୨୪ରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେ ସାଧାରଣ ସମ୍ପାଦିକା ଜେ. ଜୟଲଳିଥାଙ୍କର ଜନ୍ମ ହୋଇଥିଲା। ଅଭିନେତ୍ରୀରୁ ରାଜନେତ୍ରୀ ହୋଇଥିବା ଜୟଲଳିଥା ୬ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ।

୨୦୦୮ ଫେବୃୟାରୀ ୨୪ରେ ଫିଡେଲ୍ କାଷ୍ଟ୍ରୋ କ୍ୟୁବା ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ସେ ୩୨ ବର୍ଷ କ୍ୟୁବାକୁ ଶାସନ କରିଥିଲେ। ଏହା ପରେ ସେ ପୁଣି ୩ ବର୍ଷ କମ୍ୟୁନିଷ୍ଟ ପାର୍ଟି ମୁଖ୍ୟ ହୋଇ ରହିଥିଲେ।

# ଗ୍ୟାଙ୍ଗଷ୍ଟର ରବି ପୂଜାରୀ ଗିରଫ

### ଦକ୍ଷିଣ ଆଫ୍ରିକାରୁ ଆଣୁଛି କର୍ନାଟକ ପୋଲିସ

**ବେଙ୍ଗାଲୁରୁ,୨୩।୨(ପି.ଟି.):** ଦୁର୍ଦ୍ଧର୍ଷ ଗ୍ୟାଙ୍ଗଷ୍ଟର ରବି ପୂଜାରୀଙ୍କୁ ଦକ୍ଷିଣ ଆଫ୍ରିକାରେ ଗିରଫ କରାଯିବା ପରେ ଭାରତ ଅଣାଯାଉଛି। ଗ୍ୟାଙ୍ଗଷ୍ଟରଙ୍କୁ ଆଣିବା ପାଇଁ କର୍ନାଟକର ବରିଷ୍ଠ ଆଇପିଏସ୍ ଅଫିସରମାନଙ୍କର ଏକ ଟିମ୍ ଯାଇଥିଲା। ଦେଶର ବିଭିନ୍ନ ଅଞ୍ଚଳରେ ହତ୍ୟା, ବଳପୂର୍ବକ ଚାନ୍ଦା ଆଦାୟ ଭଳି ୨୦୦ରୁ ଊର୍ଦ୍ଧ୍ୱ ଅପରାଧ ମାମଲାରେ ସମ୍ପୃକ୍ତ ରବି ପୋଲିସ୍‌ର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରହିଛନ୍ତି। ସେ ୧୫ବର୍ଷ ହେଲା ଫେରାର ଥିଲେ।



"ଯେଉଁ ପର୍ଯ୍ୟନ୍ତ ଶକ୍ଷାର ଲକ୍ଷ ଚାକିରି ଥିବ,
ସେ ପର୍ଯ୍ୟନ୍ତ ସମାଜରେ ଚାକର ହିଁ ଜନ୍ମ ହେବେ ମାଲିକ ନୁହଁ।

- ଏ.ପି.ଜେ. ଅବଦୁଲ୍ କାଲାମ

# ଆଜିଠୁ ଦୁଇଦିନ ବର୍ଷିବ

■ ସୋମବାର ୨ ଜିଲାରେ ପ୍ରବଳ ବର୍ଷା

■ ଦୁଇଦିନ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି

ଭୁବନେଶ୍ୱର, ୨୩।୨(ବ୍ୟୁରୋ)

ସୋମବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବର୍ଷା ସହ ଝଡ଼ତୋଫାନ ଓ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ୨୪ ଓ ୨୫ ତାରିଖରେ ପ୍ରବଳ ବର୍ଷା ହେବାକୁ ଥିବାବେଳେ ୨୬ରେ ସ୍ୱଳ୍ପ ପରିମାଣର ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶା ଓ ଉତ୍ତର-ଉପକୂଳ ଓଡ଼ିଶା, ଖୋର୍ଦ୍ଧା, ପୁରୀ, ନୟାଗଡ଼, ବୌଦ୍ଧ, ସୋନପୁର ଆଦି ସ୍ଥାନରେ ବର୍ଷା ସହ ଝଡ଼ତୋଫାନ ହୋଇପାରେ। ତେବେ ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶା, କଟକ, ସୋନପୁର ଓ ବୌଦ୍ଧରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ସମ୍ଭାବନା ରହିଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସବୁ ସ୍ଥାନରେ ପବନର ବେଗ ଘଣ୍ଟାକୁ ୩୦ରୁ ୪୦ କିଲୋମିଟର ରହିବ। ସେହିପରି ସୋମବାର ସମ୍ବଲପୁର ଓ ଦେବଗଡ଼ରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ମଙ୍ଗଳବାର ଉପକୂଳ ଓଡ଼ିଶା ଓ ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନ ଏବଂ ପଶ୍ଚିମ-ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ପୁରୀ, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା ଓ ଯାଜପୁରରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ସେହିପରି ମଙ୍ଗଳବାର ଉପକୂଳ ଓଡ଼ିଶା, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କନ୍ଧମାଳ ଓ ବୌଦ୍ଧରେ ଝଡ଼ତୋଫାନ ସହିତ ବଜ୍ରପାତ ହେବ ବୋଲି ୟେଲୋ ୱାର୍ନିଂ ଜାରି କରାଯାଇଛି। ଏ ସବୁ ସ୍ଥାନରେ ଘଣ୍ଟାକୁ ୩୦ରୁ ୪୦କିଲୋମିଟର ବେଗରେ ପବନ ବହିବ।

ଅନ୍ୟପଟେ ୨୬ ଓ ୨୭ତାରିଖ ଦୁଇଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଦେଇଛି। ୨୬ରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ ଓ କେନ୍ଦୁଝରରେ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଦିନ ଉପକୂଳ ଓଡ଼ିଶା, ମୟୂରଭଞ୍ଜ ଓ ରାୟଗଡ଼ାରେ ସ୍ୱଳ୍ପ ପରିମାଣର ବର୍ଷା ହୋଇପାରେ। ୨୭ରେ ପାଗ ଶୁଖିଲା ରହିବ। ତେବେ ସେହିଦିନ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନ ସହିତ ସୁନ୍ଦରଗଡ଼, ଅନୁଗୋଳ ଓ ଢେଙ୍କାନାଳରେ ଘନ କୁହୁଡ଼ି ପରିଲକ୍ଷିତ ହେବ। ଏନେଇ ଏହି ସବୁ ସ୍ଥାନକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାତ୍ରିର ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ଅନ୍ୟପଟେ ଖରା ମଧ୍ୟ ଅସମ୍ଭାଳ କରୁଛି। ରବିବାର ୨୫ ସ୍ଥାନରେ ତାପମାତ୍ରା ୩୦ଡିଗ୍ରୀ ଉପରେ ରହିଥିବାବେଳେ ୯ ସ୍ଥାନରେ ପାରଦ ୩୩ ଡିଗ୍ରୀ ଟପିଛି। ରବିବାର ମାଲକାନଗିରିରେ ସର୍ବାଧିକ ୩୫.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱରରେ ୩୨.୮ ଡିଗ୍ରୀ ଥିବାବେଳେ କଟକରେ ୩୨ ଡିଗ୍ରୀ ତାପମାତ୍ରା ରହିଥିଲା।

# ଧାରଣାରୁ ଓହରିଲେ ଅନୁପଙ୍କ ପରିବାରବର୍ଗ

■ ସୁରକ୍ଷା ଦାବି କରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୨୪ ଘଣ୍ଟା ବସିଲେ

■ ପରିବାର ବର୍ଗଙ୍କ ସହ ଆଲୋଚନା କଲେ ଜିଲାପାଳ

■ ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି

ଝାରସୁଗୁଡା, ୨୩।୨

କଳ୍ପନା ଦାଶ ଓ ବବ୍‌ଲି ହତ୍ୟାକାଣ୍ଡ ମାମଲାରେ ଛତିଶଗଡ଼ ପୋଲିସ ମାନସିକ ନିର୍ଯାତନା ଦେଉଛି। ଏବେ ଆମେ ଘରେ ନିଜକୁ ସୁରକ୍ଷିତ ମଣୁନାହୁଁ। ଆମକୁ ସୁରକ୍ଷା ଦିଆଯାଉ ବୋଲି କହି ପୂର୍ବତନ ବିଧାୟକ ଅନୁପ ସାଏଙ୍କ ପରିବାର ଲୋକେ ଶନିବାର ଅପରାହ୍ନ ପ୍ରାୟ ୫ଟାରୁ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବସିଥିଲେ। ଝାରସୁଗୁଡ଼ା ଉପଜିଲାପାଳ ଶିବା ଟପ୍ପୋ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଆସି ସେମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସେମାନେ ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଚାହିଁଥିଲେ। ଏପରି ଭାବେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୨୪



ଝାରସୁଗୁଡ଼ା ଜିଲାପାଳ ସରୋଜ ସାମଲ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଘଣ୍ଟା ବିତାଇଥିଲେ। ରବିବାର ଜିଲାପାଳ ସରୋଜ ସାମଲ ଆସି ଅନୁପଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିବା ପରେ ସେମାନେ ଅପରାହ୍ନ ପ୍ରାୟ ୫ଟା ବେଳେ ଘରକୁ ଫେରିଥିଲେ। ଜିଲାପାଳଙ୍କ ସହ ଆଲୋଚନା ବେଳେ ଅନୁପଙ୍କ ବଡଭାଇ ପ୍ରମୋଦ ସାଏ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ଲିଖିତ ଭାବେ ଦାବି କରିଥିଲେ। ଛତିଶଗଡ ପୋଲିସ ତାଙ୍କ ସଫଳତା ପ୍ରମାଣ କରିବାକୁ ଯେନତେନ ପ୍ରକାରେ ଉଦ୍ୟମ କରୁଛି। ଏହି ମାମଲାରେ ଅନୁପଙ୍କୁ ମିଛରେ ଛନ୍ଦି ଦେଇଥିବାବେଳେ ପରିବାରର ସମସ୍ତଙ୍କୁ ହଇରାଣ ହରକତ କରୁଛି। ଏଣୁ ଜିଲା ପ୍ରଶାସନ ସେମାନଙ୍କୁ ସୁରକ୍ଷା ଦେବାକୁ ପ୍ରମୋଦ କହିଥିଲେ। ସେହିପରି ଅନୁପଙ୍କ ପରିବାର ବର୍ଗ କରିଥିବା ଅଭିଯୋଗ ଓ ଦାବିକୁ ରାଜ୍ୟ ଗୃହ ବିଭାଗ ନିକଟକୁ ପଠାଇବେ ବୋଲି ଜିଲାପାଳ ସାମଲ କହିଛନ୍ତି। ଏହି ଘଟଣା ଛତିଶଗଡ ରାଜ୍ୟରେ ହୋଇଥିବା ଏକ ଫୌଜଦାରି ମାମଲା। ଏଥିରେ ପ୍ରଶାସନିକ ହସ୍ତକ୍ଷେପ କରିବା ସମ୍ଭବ ନୁହେଁ। ଅନୁପଙ୍କ ପରିବାର ଚାହିଁଲେ କୋର୍ଟର ଆଶ୍ରୟ ନେଇପାରିବେ। ତେବେ ସେମାନଙ୍କୁ ବୁଝାସୁଝା କରି ଫେରାଇ ଦିଆଯାଇଛି ବୋଲି ଜିଲାପାଳ ସାମଲ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ମତ ରଖି ରାୟଗଡ ଏଏସପି ଅଭିଷେକ ବର୍ମା କହିଛନ୍ତି ଯେ, ପୋଲିସ ପକ୍ଷରୁ ତଥ୍ୟ ଓ ପ୍ରମାଣକୁ ଭିତ୍ତିକରି କିଛି ଲୋକଙ୍କୁ ନୋଟିସ ପଠାଯାଉଛି। ପୋଲିସକୁ ତଦନ୍ତରେ ସହଯୋଗ କରିବାକୁ ସେମାନଙ୍କୁ କୁହାଯାଉଛି। ଏହି ମାମଲାରେ ଅନାବଶ୍ୟକ ଭାବେ କାହାରିକୁ ଅତ୍ୟାଚାର କିମ୍ବା ହଇରାଣ କରାଯାଉନାହିଁ।

# 'ମହିଳା ସଶକ୍ତୀକରଣରେ ଦୃଢ଼ ବିଶ୍ୱାସ କରନ୍ତି ରାଜ୍ୟ ସରକାର'

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଓଡ଼ିଶା ସରକାର ମହିଳା ସଶକ୍ତୀକରଣରେ ବିଶ୍ୱାସ କରନ୍ତି। ସ୍ୱର୍ଗତ ବିଜୁ ପଟ୍ଟନାୟକ ସର୍ବପ୍ରଥମେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ନାମ ଓ ଆଦର୍ଶରେ ଗଠିତ ହୋଇଥିବା ଦଳର ସରକାର ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ପ୍ରତିଟି କ୍ଷେତ୍ରରେ ମହିଳାଙ୍କୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଇଂଲିଶ ଦୈନିକ 'ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍' ପକ୍ଷରୁ ରବିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଜେଡି ଗତ ଲୋକ ସଭା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେଇଥିଲା। ରାଜ୍ୟ ଦ୍ୱାରା ମହିଳାଙ୍କ ପାଇଁ ଦୁଇଟି ଫ୍ଲାଗ୍‌ଶିପ୍ ଯୋଜନା କାର୍ଯ୍ୟକାରୀ କରାଯାଉଛି। 'ମିଶନ୍ ଶକ୍ତି' ଯୋଜନାରେ ସଶକ୍ତୀକରଣ ଓ ଆର୍ଥିକ ଉନ୍ନତି ପାଇଁ ଲକ୍ଷ ଲକ୍ଷ ମହିଳା ଯୋଡ଼ି ହୋଇଛନ୍ତି। ସେହିପରି ଗର୍ଭବତୀଙ୍କ ପାଇଁ ଉଦ୍ଦିଷ୍ଟ 'ମମତା' ଯୋଜନାରେ ମହିଳାମାନେ ଉପକୃତ ହୋଇପାରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବା ପାଇଁ ବିଜେଡି ଚାପ ପକାଇବ କି ବୋଲି 'ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ସମ୍ପାଦକୀୟ ନିର୍ଦ୍ଦେଶକ ପ୍ରଭୁ ଚାୱଲା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଜେଡି ମହିଳା ସଶକ୍ତୀକରଣ ଦିଗରେ କ୍ରମାଗତ ଭାବେ କାର୍ଯ୍ୟ କରୁଛି। ମହିଳାଙ୍କ ଅର୍ଥନୈତିକ ଅଧିକାର ଏବଂ ସାମାଜିକ ଉନ୍ନତିକୁ ଦଳ ସର୍ବଦା ଗୁରୁତ୍ୱ ଦେଇ ଆସୁଛି। ତେଣୁ ଆଗାମୀ ଦିନରେ ମହିଳା ସଂରକ୍ଷଣ ବିଲ୍ ଗୃହୀତ ହେବା ନେଇ ସେ ଆଶାବାଦୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ୧୨ ମହିଳା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେହି ପ୍ରତିଭାମାନେ ହେଉଛନ୍ତି- ପ୍ରତିଭା ରାୟ, ଦୂତୀ ଚାନ୍ଦ, ଶଶୀ ପ୍ରଧାନ, ଶୁଭଲକ୍ଷ୍ମୀ ସୁବୁଦ୍ଧି, ଶ୍ରୁତି ମହାପାତ୍ର, ଅଂଶୁପ୍ରଜ୍ଞା ଦାସ, ସୀତା ବେହେରା, ଭିଦ୍ୟା ଦାସ, ଡ. ସଂଘମିତ୍ରା ପତି, ଝୁଲିମା ମଲ୍ଲିକ, ଡ. ସୁଜାତା କର, ସୋନାଲି ମିଶ୍ର। ମୁଖ୍ୟମନ୍ତ୍ରୀ ଏହି ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଆଜି କ'ଣ କେଉଁଠି

**ନୂଆପଡା**

- ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନୀ ଉତ୍ସବ, ମିନି ଷ୍ଟାଡିୟମ, ସନ୍ଧ୍ୟା ୫ଟା।

**ବୌଦ୍ଧ**

- କିଡ୍‌ନୀ ରୋଗର ମାଗଣା ପରୀକ୍ଷା, ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ, ପୂର୍ବାହ୍ନ ୧୦ଟା।

**ଉଲୁଣ୍ଡା**

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ବ୍ଲକ ସଭାଗୃହ, ପୂର୍ବାହ୍ନ ୧୦ଟା।

**ବରଗଡ଼**

- ଆନ୍ତଃକ୍ଲବ ସିନିୟର କ୍ରିକେଟ୍ (ଭବାନୀ କ୍ଲବ ବନାମ ସୁପର ଜିମ୍ନାସିୟମ)
- ବିକାଶ ଗ୍ରାଉଣ୍ଡ, ପୂର୍ବାହ୍ନ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ରୁଦ୍ର ମହାଯଜ୍ଞ, ଜୀରାନଦୀ କୂଳ ଆନନ୍ଦକାନନ ଆଶ୍ରମ, ପୂର୍ବାହ୍ନ ୮ଟା।
- ଗାନ୍ଧୀକଥା କାର୍ଯ୍ୟକ୍ରମ, ଗାନ୍ଧୀ ସ୍ମୃତି ପାଠାଗାର, ସନ୍ଧ୍ୟା ୬ଟା ୩୦।

**ସମ୍ବଲପୁର**

- ଷଷ୍ଠ ଜାତୀୟ ଭାଷା ସମ୍ମିଳନୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ ଡାକ କର୍ମଚାରୀ ସଂଘର ଧାରଣା, ମୁଖ୍ୟ ଡାକଘର ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗର ଜାତୀୟ କର୍ମଶାଳା, ଅମୃତ ବିହାର ଅଧ୍ୟାପନା ପ୍ରକୋଷ୍ଠ-୧, ପୂର୍ବାହ୍ନ ୧୦ଟା।






ଏକ ଅଭାବୀ ଲୋକ ପାଇଁ ସବୁ ଜିନିଷ ଦୁନିଆରେ ପର୍ଯ୍ୟାପ୍ତ ଥାଏ, କିନ୍ତୁ ଜଣେ ଲୋଭୀ ପାଇଁ ନୁହେଁ।

- ମହାତ୍ମା ଗାନ୍ଧୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ: ......................................

ଜନ୍ମ ତାରିଖ: ..............................



ସଜଲ୍
ପରିବାରବର୍ଗ



ତନୁଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ସିଏସିର କାର୍ଯ୍ୟବନ୍ଦ...

ଶୀତଳ ଭଣ୍ଡାରରେ ନ ରହି ଦାୟିତ୍ୱର ସହ କାର୍ଯ୍ୟ କରନ୍ତୁ। ହାଇକୋର୍ଟ ମଧ୍ୟ ନିଜ ମତାମତ ଦିଅନ୍ତୁ ବୋଲି ଜିଲା ବାର୍ ସମ୍ମିଳନୀ କକ୍ଷରେ ସିଏସି ଆବାହକ ଆଶୋକ ଦାସ କହିଛନ୍ତି। ସିଏସି ସଦସ୍ୟ ସୁରେଶ୍ୱର ମିଶ୍ର କହିଛନ୍ତି, ସୁପ୍ରିମକୋର୍ଟଙ୍କ ଆଦେଶ ପାଳନ କରାଯିବ। ଆନ୍ଦୋଳନକୁ କିଛି ଦିନ ପାଇଁ କୋହଳ କରାଯାଇଛି। ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚକ୍ରାନ୍ତ କରାଯାଉଥିଲା । ଏହାକୁ ଆମେ ନିନ୍ଦା କରୁଛୁ। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ। ବିଭିନ୍ନ ଜିଲାର ଓକିଲ ସଂଘମାନେ ନିଜ ପ୍ରକ୍ରିୟାରେ ଆନ୍ଦୋଳନ ଜାରି ରଖିବେ। ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ପଶ୍ଚିମ ଓଡ଼ିଶାବାସୀଙ୍କ ହକ୍ ବୋଲି ମିଶ୍ର କହିଥିଲେ। ଖବରଦାତା ସମ୍ମିଳନୀ ପୂର୍ବରୁ ଜିଲା ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ହୋଇଥିଲା। ଏହି ବୈଠକରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରି ଏହି ଘୋଷଣା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡା ଜିଲା ଓକିଲ ସଂଘ ସଭାପତି ସନ୍ଦୀପ ଅଗସ୍ତି, ରଘୁମଣି ପଟେଲ, ଦିନେଶ ଜୈନ, ଦେବଗଡ଼ ଜିଲା ସଭାପତି ରାଜୀବ ଲୋଚନ ପ୍ରଧାନ, ଉପସଭାପତି ବିକାଶ ପ୍ରଧାନ, ସୁନ୍ଦରଗଡ଼ ଜିଲା ସଭାପତି ଦୁଷ୍ମନ୍ତ ନାଏକ, ଆଶୋକ ସ୍ୱାଇଁ, ସୁକାନ୍ତ ମହାପାତ୍ର, ଅତାବିରା ଓକିଲ ସଂଘ ରଜେଶ ପାଢୀ, ତ୍ରିଲୋଚନ ବେହେରା, ଉନ୍ନି ନାୟାର, ବରପାଲି ଓକିଲ ସଂଘର ରବୀନ୍ଦ୍ର ପଣ୍ଡା, ସୋହେଲା ସଂଘର ରାଜୀବ ଲୋଚନ ପ୍ରଧାନ, ବିକାଶ ପ୍ରଧାନ, ତାରିଣୀ ମିଶ୍ର, ପ୍ରବୀର ସିଂଦେଓ, ପ୍ରମୋଦ ରଥ, ସୁରେନ୍ଦ୍ର ମହାନ୍ତି, ଅତନୁ ଘୋଷ, ସୁରଙ୍ଗିନୀ ବାରିକ, ଅପସାନା ବେଗମ, ମହମ୍ମଦ ଅନୱର ଅଲ୍ଲୀ, ମନୋରଞ୍ଜନ ଦାସ, ସବିନୟ ପୂଜାରୀ, ଅନନ୍ତ ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ୨୦୧୭ ସେପ୍ଟେମ୍ବର ମାସରୁ ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ନିୟମିତ ଶୁଣାଣି କାର୍ଯ୍ୟ ବନ୍ଦ ରହିଥିଲା । ଅନ୍ୟପକ୍ଷେ ନାଗରିକ କମିଟି ଡାକରାରେ ମାସର ଶେଷ ୩ କାର୍ଯ୍ୟ ଦିବସ କୋର୍ଟ, କଚେରି ସହ ସରକାରଙ୍କ ସମସ୍ତ ଅଫିସଗୁଡିକ ବନ୍ଦ କରାଯାଉଥିଲା । ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଶେଷ ବଜେଟରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ନେଇ ଘୋଷଣା କରାଯାଇଥିଲା । ଏହାସହ ରିପୋର୍ଟ ପ୍ରସ୍ତୁତ କରି ଦେବାକୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ଏପରିକି ସୁପ୍ରିମ କୋର୍ଟ ଅଦାଲତରେ ଯୋଗ ଦେବାକୁ କଡା ନିର୍ଦ୍ଦେଶ ଦେଇଥିଲେ। ଯଦି ଓକିଲମାନେ ଏହାର ଖିଲାପ କରିବେ ତାହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ଏହା ସହ ରାଜ୍ୟ ସରକାର କିଛି ଦିନ ପୂର୍ବରୁ କୋର୍ଟରେ ପଡି ରହିଥିବା ମାମଲାଗୁଡିକ ଅନ୍ୟ କୋର୍ଟକୁ ସ୍ଥାନାନ୍ତର କରାଯିବ ବୋଲି ଘୋଷଣା କରିଥିଲେ ।

## କମ୍ ବିକ୍ରି...

ସରକାରଙ୍କ ଏମ୍ଏସ୍ଟିସି (ମେଟାଲ ସ୍କ୍ରାପ୍ ଟ୍ରେଡ୍ କର୍ପୋରେଶନ ଲିମିଟେଡ୍) ଅନ୍‌ଲାଇନ୍ ମାଧ୍ୟମରେ ନିୟନ୍ତ୍ରଣ କରୁଛି। ଗତ ମାସ ୩୧ଠାରୁ ଆରମ୍ଭ ହୋଇ ଚଳିତ ୧୮ତାରିଖରେ ଶେଷହୋଇଥିବା ନିଲାମ ଡାକରାରେ କିଛି ଖଣି କମ୍ପାନୀ ଏକାଧିକ ଖଣି ହାତେଇଥିବାବେଳେ ଅନ୍ୟକିଛି ବଡ଼ କମ୍ପାନୀ ମଧ୍ୟ ନିରାଶ ହୋଇଛନ୍ତି। ଏଠାରେ ପ୍ରଶ୍ନଉଠେ ଯେ, ଖଣିଜ ପଦାର୍ଥକୁ ବ୍ୟବସାୟୀମାନେ ୧୦୦ଟଙ୍କାରେ ବିକି ସରକାରଙ୍କୁ କିପରି ୧୫୦ଟଙ୍କା ରାଜସ୍ୱ ଦେବେ। ନିଲାମ ପ୍ରକ୍ରିୟାବେଳେ ସରକାରଙ୍କ ଦ୍ୱାରା କରାଯାଇଥିବା ନିୟମ ଅନୁଯାୟୀ ଯେଉଁ ଖଣି କମ୍ପାନୀ ସଫଳତା ହାସଲ କରିଥିବେ ସେମାନେ ସରକାରଙ୍କୁ ଶତକଡ଼ା ୧୦ପ୍ରତିଶତ ଅପ୍ ଫ୍ରଣ୍ଟ ପେମେଣ୍ଟ ଦାଖଲ କରିବା ପରେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଲେଟର ଅଫ୍ ଇଣ୍ଟେଣ୍ଟ ଦିଆଯିବ। ଏହା ମିଳିବା ପରେ ଖଣି ଲିଜ୍‌ଧାରୀମାନେ ୯୦ଦିନ ମଧ୍ୟରେ ଖଣି ଚାଲୁ କରିବା ପାଇଁ ଆନୁଷଙ୍ଗିକ ବୈଧାନିକ ଅନୁମୋଦନ (ଷ୍ଟାଟ୍ୟୁଟାରୀ କ୍ଲିୟରାନ୍ସ) ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଆବେଦନ କରିବେ। ୨ବର୍ଷ ମଧ୍ୟରେ ପୁରୁଣା ଲିଜ୍‌ଧାରୀଙ୍କଠାରୁ ନୂଆ ଲିଜ୍‌ଧାରୀଙ୍କ ନାମ ପରିବର୍ତ୍ତନ କରିବା ପାଇଁ ସମୟସୀମା ରହିଥିବାରୁ ଏହି ସମୟ ମଧ୍ୟରେ ନୂଆ ଲିଜ୍‌ଧାରୀଙ୍କୁ ଏକ ଲିଜ୍ ଡିଡ୍ ଏକ୍‌ଜିକ୍ୟୁଶନ କରି ଖଣି କାର୍ଯ୍ୟ ଆରମ୍ଭ କରିବାକୁ ପଡ଼ିବ। ଏଥିସହିତ ଖଣି ବ୍ୟବସାୟୀଙ୍କୁ ମିଳିଥିବା ପରିବେଶୀୟ ଅନୁମୋଦନ ଅନୁଯାୟୀ ଧାର୍ଯ୍ୟ ଉତ୍ତୋଳନ କ୍ଷମତାର ଶତକଡ଼ା ୮୦ପ୍ରତିଶତ ଖଣିଜ ଉତ୍ତୋଳନ କରିବାର ବାଧ୍ୟତାମୂଳକ ରହିଛି। ଏହା କରି ନ ପାରିଲେ ସରକାରଙ୍କ ପକ୍ଷରୁ ଖଣି ଲିଜ୍‌ଧାରୀଙ୍କୁ ଜରିମାନା ପଇଠ କରିବାର ନିୟମ ରହିଛି। ତେବେ ଏପରି ବ୍ୟୟବହୁଳ ଖଣି ବ୍ୟବସାୟକୁ ହାତେଇଥିବା ଖଣି ବ୍ୟବସାୟୀମାନେ ସରକାରଙ୍କ ଉକ୍ତ ନିୟମକୁ ପାଳନ କରି ଖଣି ଚଳାଇବା ଏକପ୍ରକାର କଷ୍ଟକର ବ୍ୟବସାୟ ହେବ। ତେଣୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁବନ୍ଧିତ ଏମ୍ଏସ୍ଟିସି ନିଲାମ ପ୍ରକ୍ରିୟା ପୂର୍ବରୁ ନିଲାମର ସର୍ବାଧିକ ଡାକ ମୂଲ୍ୟ ଧାର୍ଯ୍ୟ କରିବା ଉଚିତ୍ ଥିଲା ବୋଲି ଖଣି ବିଶାରଦମାନେ ମତ ଦେଉଛନ୍ତି। ଯଦି ଖଣି ହାତେଇଥିବା କମ୍ପାନୀଗୁଡ଼ିକ ଖଣିଜ ପଦାର୍ଥକୁ ନିଜ କାରଖାନାରେ ବ୍ୟବହାର କରିବେ ସେହିମାନେ ନିଲାମ ପ୍ରକ୍ରିୟାରେ ସରକାରଙ୍କୁ ଡାକ ଦେଇଥିବା ମୂଲ୍ୟକୁ କିଛିକାଂଶରେ ଦେଇପାରିବେ ଏବଂ ସମନ୍ୱିତ ଇସ୍ପାତ କାରଖାନା(ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ) ଥିବା କମ୍ପାନୀଗୁଡ଼ିକ କିଛିକାଂଶରେ ସମର୍ଥ ହେବେ। ଅନ୍ୟପକ୍ଷରେ ଯେଉଁ ଖଣିଲିଜ୍‌ଧାରୀମାନେ କେବଳ ଉତ୍ତୋଳିତ ଖଣିଜକୁ ବିକ୍ରି କରିବା ଲକ୍ଷ୍ୟ ରଖିବେ ସେମାନେ ସରକାରଙ୍କୁ ଡାକ ଦେଇଥିବା ମୂଲ୍ୟକୁ ପଇଠ କରିବା ପାଇଁ ଅସମର୍ଥ ହେବାର ଆଶଙ୍କା ଯଥେଷ୍ଟ ରହିଛି ବୋଲି ଖଣି ବିଶାରଦମାନେ କହିଛନ୍ତି। ଏପରି କି ବର୍ଦ୍ଧିତ ନିଲାମ ମୂଲ୍ୟ ନ ଦେଇପାରିଲେ ଲିଜ୍‌ଧାରୀମାନେ ବିଭିନ୍ନ ପ୍ରକାରର ଅସାଧୁ ଉପାୟ ଅବଲମ୍ବନ କରି ରାଜସ୍ୱ ପ୍ରଦାନରେ ବିଭିନ୍ନ କୌଶଳ କରି ଠକିବାର ସମ୍ଭାବନା ରହିଛି । ଫଳରେ ଆଉ ଏକ ଖଣି ଦୁର୍ନୀତି ମୁଣ୍ଡ ଟେକିବ ବୋଲି ଏବେଠୁ ଜଳଜଳ ହୋଇ ଦିଶିଲାଣି।

## ଦନ୍ତା ନେଲା...

ଘଟଣାକୁ ନେଇ ପିପିଲି ଓ ବଳଙ୍ଗା ଥାନା ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ପୂର୍ବାହ୍ନ ୧୧ଟା ମଧ୍ୟରେ ୩ଜଣ ଏବଂ ଅପରାହ୍ନରେ ଜଣଙ୍କୁ ମାରିବା ପରେ ହାତୀଟି ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଦାଣ୍ଡମୁକୁନ୍ଦପୁର ନିକଟ ବରାଗଡ଼ ଗହୀରରେ ରହିଥିଲା। ଖୋର୍ଦ୍ଧା ଡିଏଫଓ ସୁଦୀପ୍ତ ନାୟକ, ଏସିଏଫ୍ ଗୋବିନ୍ଦ ବିଶ୍ୱାଳ, ବାଲିପାଟଣା ରେଞ୍ଜର ଜୟକୃଷ୍ଣ ଯଦୁମଣି ଦାସ, ବାଳକାଟୀ, ଡେଲାଙ୍ଗ ଓ କଣାସ ଫରେଷ୍ଟର ଏବଂ ବନବିଭାଗ କର୍ମଚାରୀମାନେ ହାତୀର ଗତିବିଧି ଉପରେ ନଜର ରଖିଥିଲେ। କିନ୍ତୁ ରାତି ପ୍ରାୟ ୯ଟାରେ ହାତୀଟି ପିପିଲି ବଜାର ଅଭିମୁଖେ ଯାଇଥିଲା। ଏହା ଜାଣିବା ପରେ ପିପିଲିରେ ଦୋକାନବଜାର ବନ୍ଦ ହୋଇଯିବା ସହ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଡିଏଫ୍ଓ ନାୟକ କହିଛନ୍ତି, ଲୋକଙ୍କୁ ସତର୍କ ରହିବାକୁ କୁହାଯିବା ସହ ହାତୀକୁ ବରୁଣେଇ ପାହାଡ଼ ନିକଟ କୁମୁକା ଜଙ୍ଗଲକୁ ନିଆଯିବାକୁ ଉଦ୍ୟମ କରାଯାଉଛି। ଅନ୍ୟପକ୍ଷରେ ବନବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫ ହଜାର ଟଙ୍କା ଦିଆଯିବ ବୋଲି ରେଞ୍ଜର ଦାସ କହିଛନ୍ତି।

ସୂଚନାନୁଯାୟୀ, ଦନ୍ତାହାତୀଟି ଗତ କିଛିଦିନ ହେଲା ଖୋର୍ଦ୍ଧା ଅଞ୍ଚଳରୁ ଆସି କଣାସ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ଶନିବାର ରାତିରେ ହାତୀଟି କଣାସରେ ଥିବା ଲୋକ ଦେଖିଥିବାବେଳେ ରବିବାର ଭୋର ସମୟରେ ଡେଲାଙ୍ଗ ହୋଇ ବଳଙ୍ଗା ପରେ ପିପିଲି ଅଞ୍ଚଳକୁ ପଶି ଆସିଥିଲା। ସକାଳ ପ୍ରାୟ ୬ଟାରେ ହାତୀଟି ପ୍ରଥମେ ଗୋପୀନାଥପୁର ଗ୍ରାମ ଗହିରକୁ ପ୍ରବେଶ କରିଥିଲା। ଏହି ସମୟରେ ଗ୍ରାମର ଯୁଗଳ କିଶୋରଙ୍କ ସମେତ ବାବନ ପୃଷ୍ଟି (୬୦), ହାଡ଼ିବନ୍ଧୁ ସାହୁ (୪୦) ଭାର୍ଗବୀ ନଦୀପଠାକୁ ଶୌଚ ହେବା ପାଇଁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଗୋଡ଼େଇ ଗୋଡ଼େଇ କଚାଡ଼ି ଦେବାରୁ ଘଟଣାସ୍ଥଳରେ ଯୁଗଳ କିଶୋରଙ୍କ ମୃତ୍ୟୁ ହୋଇଥିଲା। କିନ୍ତୁ ଅଳ୍ପକେ ବର୍ତ୍ତିଯାଇଥିଲେ ବାବନ ଏବଂ ହାଡିବନ୍ଧୁ। ସେମାନେ ଆହତ ହୋଇଛନ୍ତି। ଏହାପରେ ହାତୀ ନଦୀ କୂଳେ କୂଳେ ଯାଇ ନିକଟସ୍ଥ ତେରହଳ ଗ୍ରାମର କେତେଜଣଙ୍କୁ ଗୋଡ଼େଇଥିଲା। ସମସ୍ତେ ଜୀବନ ବିକଳରେ ଦୌଡ଼ିଥିଲେ। ହେଲେ ଗ୍ରାମର ଛବି ଦେଇ(୪୭)ଙ୍କୁ ହାତୀ ଟେକି ଛେଚି ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଏହାପରେ ହାତୀ ଭାର୍ଗବୀ ନଦୀ ଅପରପାର୍ଶ୍ୱ କେନାଲ ବନ୍ଧ ନିକଟ ଚନ୍ଦ୍ରାଦେଇପୁର ଗ୍ରାମରେ ପଶିଥିଲା। ଗ୍ରାମର ମାଟିଘର ସାହିର ମକର ପଲେଇ (୭୨) ପନିପରିବା ତୋଳୁଥିବା ସମୟରେ ତାଙ୍କୁ ହାତୀ ଆକ୍ରମଣ କରିଥିଲା। ଫଳରେ ପେଟରୁ ଅନ୍ତବୁଜୁଳା ବାହାରିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେଠାରେ ବଳିଆ ବେହେରା (୪୫)ଙ୍କୁ ଶୁଣ୍ଢରେ ବାଡ଼େଇ ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଗାଁଲୋକେ ହୋହଲ୍ଲା କରିବାରୁ ହାତୀଟି ନିକଟସ୍ଥ ପିପିଲି ଥାନା ଅଧୀନ ତଥା ସଂପୁର ପଞ୍ଚାୟତର ରାଜତେଇ ଗ୍ରାମକୁ ପଳାଇ ଯାଇଥିଲା। ସେଠାରେ ହାତୀଟି ଅଧିକ ଉଗ୍ର ହୋଇପଡ଼ିଥିଲା। ଏହି ସମୟରେ ଶୌଚ ପାଇଁ ଯାଇଥିବା ଚୈତନ୍ୟ ସାହୁ ହାତୀକୁ ଦେଖି ଏକ ନଡ଼ିଆ ଗଛ ଉପରକୁ ଚଢ଼ି ଯାଇଥିଲେ। କିନ୍ତୁ ହାତୀଟି ନଡ଼ିଆ ଗଛକୁ ଭାଙ୍ଗି ଚୈତନ୍ୟଙ୍କୁ କଚାଡ଼ି ମାରି ଦେଇଥିଲା। ଏହାକୁ ନେଇ ଗ୍ରାମବାସୀ ଉତ୍ୟକ୍ତ ହୋଇପଡ଼ିବା ସହ ବନବିଭାଗକୁ ଦାୟୀ କରିଥିଲେ। ହାତୀ ଉପରେ ନଜର ରଖି ଲୋକଙ୍କୁ ସଚେତନ କରିଥିଲେ ମୃତାହତ ପରିସ୍ଥିତି ଉପୁଜି ନ ଥାଆନ୍ତା ବୋଲି ସେମାନେ କହିଥିଲେ। ଖବରପାଇ ନିମାପଡ଼ା, ବଳଙ୍ଗା, ପିପିଲି ଥାନା ପୋଲିସ ଓ ପିପିଲି ତହସିଲଦାର ସପନ କୁମାର ନନ୍ଦ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ପୂର୍ବାହ୍ନ ୬ଟାରୁ ୧୧ଟା ମଧ୍ୟରେ ହାତୀଟି ୩ଜଣଙ୍କୁ ମାରିବା ପରେ ଦିନସାରା ରାଜତେଇ ଗହୀର ମଧ୍ୟରେ ରହିଥିଲା। ପୋଲିସ, ବନବିଭାଗ କର୍ମଚାରୀ ଲୋକଙ୍କୁ ହୋହଲ୍ଲା ନ କରିବା, ଟେକା ନ ଫିଙ୍ଗିବା ଏବଂ ହାତୀ ନିକଟକୁ ନ ଯିବାକୁ ସଚେତନ କରିଥିଲେ। ଅପରାହ୍ନ ୫ଟା ୪୦ରେ ହାତୀକୁ ଜଙ୍ଗଲ ଆଡକୁ ଘଉଡାଇବା ପାଇଁ ଉଦ୍ୟମ କରାଯଇଥିଲା। ଏହି ସମୟରେ ରାଜତେଇକୁ ଯାଇଥିବା ଜମାଲପୁରର ଅଜୟ କୁମାର ନାୟକ ମୋବାଇଲ ଫୋନରେ ଫଟୋ ଉଠାଉଥିବାବେଳେ ହାତୀ ହାବୁଡ଼ରେ ପଡି ପ୍ରାଣ ହରାଇଥିଲେ।


ପ୍ରଥମ ପୃଷ୍ଠାରୁ...


## ପିଲାଖେଳ

ହେଲେ କଟକ ବଡ଼ ମେଡିକାଲରେ ଆଲୋକ ଆଖି ବୁଝିଛନ୍ତି। କୁନି ପିଲାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଖଇରଚଟା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସେମାନଙ୍କ ମାତାପିତା ଓ ଆତ୍ମୀୟ ସ୍ୱଜନଙ୍କ ବୁକୁଫଟା କ୍ରନ୍ଦନ ଗାଁକୁ ଶୋକରେ ବୁଡ଼ାଇ ଦେଇଛି। ସ୍ଥାନୀୟ ବିଧାୟକ ଶ୍ରୀକାନ୍ତ ସାହୁ, ଭାଜପା ନେତା ନିରଞ୍ଜନ ପ୍ରଧାନ, ସାମାଜିକ କର୍ମୀ ପ୍ରଭାକର ପଣ୍ଡା ପ୍ରମୁଖ ସେମାନଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରଙ୍କୁ ଆଶ୍ୱାସନା ଦେଇଛନ୍ତି।

# ଗୃହରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବି କଲା କଂଗ୍ରେସ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ନୟାଗଡ଼ ଜିଲା ସରଣକୁଳ ଅନ୍ତର୍ଗତ କୋଟରମ, ଖଲିପାଟଣା ଗ୍ରାମର ୧୫ ପରିବାର ୧୪ ବର୍ଷ ହେଲା କଙ୍ଗାରୁ କୋର୍ଟର ଶିକାର ହୋଇ ନିଜ ଗ୍ରାମକୁ ଫେରିପାରୁନାହାନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଏଭଳି ପ୍ରଥା ପ୍ରଚଳନ ନେଇ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ସିଧାସଳଖ କଂଗ୍ରେସ ଟାର୍ଗେଟ କରିଛି। ୨୦୧୫ ସେପ୍ଟେମ୍ବର ୧୧ରେ ପ୍ରଧାନମନ୍ତ୍ରୀ ଏବଂ ସେହିମାସ ୧୫ ତାରିଖରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ଘଟଣାର ସମାଧାନ ପାଇଁ ଆସିଥିବା ନିର୍ଦ୍ଦେଶକୁ ଚାପିରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାସହ ଗୃହରେ ବାରମ୍ବାର ମିଥ୍ୟା ତଥ୍ୟଦେଇ ଭ୍ରମିତ କରିବା ଏବଂ ରାଜ୍ୟବାସୀଙ୍କୁ ବାସ୍ତବିକ ତଥ୍ୟଠାରୁ ଦୂରେଇ ରଖାଯାଉଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଗୃହରେ ଉପସ୍ଥାପିତ ନ କରି ବାରମ୍ବାର ମିଥ୍ୟା ତଥ୍ୟ ଦେଇଥିବା ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି କଂଗ୍ରେସ ନେତା ନିଶିକାନ୍ତ ମିଶ୍ର ଦାବି କରିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିଶିକାନ୍ତ କହିଛନ୍ତି ଯେ, ଗ୍ରାମରୁ ବିତାଡିତ ପରିବାରଙ୍କୁ ନେଇ ଗୃହମନ୍ତ୍ରୀ ବିଧାନସଭାରେ ଯେଉଁ ତଥ୍ୟ ରଖିଛନ୍ତି ତାହା ଭୁଲ୍। ଜିଲା ପ୍ରଶାସନ, ରାଜ୍ୟ ପ୍ରଶାସନ ଥରେ ହେଲେ ମଧ୍ୟ ଆମ ସହ ଯୋଗାଯୋଗ କରିନାହାନ୍ତି ବୋଲି ଗ୍ରାମରୁ ୧୫ ବର୍ଷ ହେଲା ବିତାଡିତ ହୋଇଥିବା ଯୁଧିଷ୍ଠିର କରଣ କହିଛନ୍ତି। କାହା ଇଙ୍ଗିତରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକୁ ସରକାର ଚାପି ରଖିଥିଲେ। ଶାନ୍ତି କମିଟି ଗଠନ ପାଇଁ ମାନବାଧିକାର ଡିଜିଙ୍କ ନିର୍ଦ୍ଦେଶକୁ ସରକାର କାହିଁକି ଚାପି ରଖିଛନ୍ତି। ନୟାଗଡ଼ ଜିଲାପାଳ,ଏସପିଙ୍କୁ ଶାନ୍ତି କମିଟି ଗଠନ କରି ଗାଁ ଛାଡିଥିବା ପରିବାରଙ୍କୁ ଥଇଥାନ କରିବା ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଘଟଣାରେ ସରଣକୁଳ ଥାନାରେ ୧୬ରୁ ଅଧିକ ମାମଲା ରୁଜୁ ହେଇଥିବାସ୍ଥଳେ ମାତ୍ର ୧୦ ମାମଲା ରୁଜୁ ହେଇଥିବା କଥା କେମିତି ଗୃହମନ୍ତ୍ରୀ ବିଧାନସଭାରେ କହିଲେ ବୋଲି ନିଶିକାନ୍ତ ପ୍ରଶ୍ନ କରିଛନ୍ତି।

### କିଛି ତଥ୍ୟ

ଚଳିତ ମାସ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ଦେଶର ପୁଞ୍ଜି ବଜାରରେ ୨୩,୧୦୨ କୋଟି ଟଙ୍କାର ନିବେଶ କରିଛନ୍ତି।

– ରିଜର୍ଭ ବ୍ୟାଙ୍କ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରି ସଫଳତା ହାସଲ କରିବେ। ସୀମା ନିର୍ଦ୍ଧାରଣକୁ କେନ୍ଦ୍ରକରି ବିବାଦ ହେତୁ ନିର୍ମାଣାଧୀନ କାମଗୁଡ଼ିକ ବାଧାପ୍ରାପ୍ତ ହୋଇପାରେ। ବ୍ୟବସାୟରେ ଟେନସନ୍ ଲାଗି ରହିବ, କିନ୍ତୁ କ୍ଷତିର ପ୍ରଶ୍ନ ରହିବ ନାହିଁ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବୃଷ** – ପୂର୍ବାଲୋଚନାକ୍ରମେ ଆଜି କୌଣସି ବନ୍ଧୁଙ୍କ ନିକଟରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ପରିବାରର ଅପବ୍ୟୟ ସୀମା ଟପିଯିବାରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ବନ୍ଧୁଙ୍କ ପାରିବାରିକ କଥାରେ କୌତୂହଳ ହୋଇ କଳହକୁ ନିମନ୍ତ୍ରଣ କରିପାରନ୍ତି। ଯିବା ରାସ୍ତାରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ।

**ମିଥୁନ** – ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। କର୍ମକ୍ଷେତ୍ର କିମ୍ବା ସାମାଜିକ ସ୍ତରରେ ସହକର୍ମୀମାନଙ୍କର ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ରାଜନୈତିକ ସ୍ତରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ। ବାକି ପଡିଥିବା ବହୁତ ଦିନର ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କର୍କଟ** – ଗତକାଲିଠାରୁ କର୍ମକ୍ଷେତ୍ରର ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ପରୋକ୍ଷ ଶତ୍ରୁତା କାରଣରୁ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନୂତନ କର୍ମସଂସ୍ଥାନ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ** – ସାଧାରଣ କଥାକୁ କେନ୍ଦ୍ରକରି ଆଜି ମାନସିକ ସ୍ଥିତି ଠିକ୍ ରହି ନ ପାରେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ମନୋରଞ୍ଜନ କାର୍ଯ୍ୟରେ ଅଂଶ ଗ୍ରହଣ କରି ପ୍ରଶଂସିତ ହେବେ। ପାରିବାରିକ ଅସ୍ଥିରତା ଲାଗି ରହିଲେ ମଧ୍ୟ କାମ ଅଟକିବ ନାହିଁ। ବନ୍ଧୁମାନଙ୍କର ଛୋଟ ଛୋଟ କଥାକୁ ଧରି ବସନ୍ତୁ ନାହିଁ।

**କନ୍ୟା** – ଆଜିର କର୍ମକ୍ଷେତ୍ରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ବଳବତ୍ତର ହେବ କିନ୍ତୁ ଶୀଘ୍ର ପାଇବା ଆଶା ନିରର୍ଥକ ହୋଇପାରେ। ସଭାସମିତିରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି।

**ତୁଳା** – କର୍ମକ୍ଷେତ୍ରରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ଅଫିସ୍‌ରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। ସାହିତ୍ୟଚର୍ଚ୍ଚା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି।

**ବିଛା** – ଶୃଙ୍ଖଳିତ ଦିନଚର୍ଯ୍ୟାରେ ପରିବର୍ତ୍ତନ ଜନିତ ଦୀର୍ଘଦିନର ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇପାରେ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ,ଏଣୁ ସତର୍କ ରହିବା ଭଲ। ପରିବହନ ଓ ବାଣିଜ୍ୟରେ ଉନ୍ନତି ଘଟିବା ସହ ପଡ଼ୋଶୀଙ୍କ ସବୁକଥାକୁ ହାଲକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ଧନୁ** – କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି ଅବଶ୍ୟ ସେଥିପାଇଁ ଉଦ୍‌ବେଗର କୌଣସି କାରଣ ନାହିଁ। ଆତ୍ମୀୟମାନଙ୍କ ନିକଟରୁ ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗି ରହିବେ କିନ୍ତୁ କିଛି ବି କ୍ଷତି ଘଟାଇ ପାରିବେ ନାହିଁ।

**ମକର** – ପରିବାରରେ ଅଯଥା ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଉତ୍ତରାଷାଢ଼ା ନକ୍ଷତ୍ର ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ଅର୍ଥନୈତିକ ଅଭିବୃଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଖୁସି ହେବେ। କିନ୍ତୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** – ଆଜି ଯେଉଁ କାମରେ ହାତ ଦେଲେ ମଧ୍ୟ ସହଜ ଓ ସୁବିଧାରେ କାମ ହାସଲ କରିବେ। ବ୍ୟବସାୟିକ କ୍ଷେତ୍ରରେ ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ ହେବେ। କଠୋର ପରିଶ୍ରମ କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ହଠାତ୍ ଅସମର୍ଥିତ ସୂତ୍ରରୁ କୌଣସି କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ।

**ମୀନ** – କର୍ମକ୍ଷେତ୍ରରେ ଆକସ୍ମିକ ତର୍କ ଓ ବିବାଦ ବୃଦ୍ଧି ପାଇବାରୁ ମଧ୍ୟାହ୍ନରେ ଟେନସନ୍ ବଢ଼ିପାରେ। ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିପାରନ୍ତି। ପାରସ୍ପରିକ ମତଭେଦ କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

ଆଜି ଫାଲଗୁନ ଶୁକ୍ଳ ପ୍ରତିପଦା ସୋମବାର, ଫେବୃୟାରୀ ୨୪ ତାରିଖ, ଜାତୀୟ ଉତ୍ପାଦନ ଶୁଳ୍କଦିବସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ମିଥୁନ ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୪୬ମି. ମଧ୍ୟେ, ଘ୧୦।୫୦ମି. ଗତେ ଘ୧।୦୮ମି. ମଧ୍ୟେ ଅମୃତବେଳା । ଦିବା ଘ୯।୦୬ମି. ଗତେ ଘ୧୦।୩୨ମି. ମଧ୍ୟେ. ମାହେନ୍ଦ୍ରବେଳା। ସକାଳ ଘ୭।୪୦ମି. ଗତେ ଘ୯।୦୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

automobile
SALE

Volkswagen Vento, Passat, Skoda Superb, Loura, Pajero port, Coralla altis, Lancer- 7077731532, 7381091234. D-68498

real estate
SALE

Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130. D-68480

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

ଭୁବନେଶ୍ୱର କଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/ registration, 8144706560, 7750909843. D-68488

ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) କଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547. D-68489

2400sqft. corner plot with boundary wall, electricity near Infocity-2 7008818121, 9938770157. D-68493

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452. D-68791

Duplex for sale at patia, Ragunathpur, Bhubaneswar. Contact to.-7735412646. D-68683

to-let

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Ayurvedic full body massage ladies/gents smart experts therapist:- 8480939300. D-68790

Full body herbal massage with refreshment expert therapist. 7381239385, 06742540855. D-69213

Newly open full body massage by ladies, gents therapist. 8018656899 D-60872

Ayurvedic full body massage by ladies, gents therapist. 7008773793 D-60873

Experience full body massage with us (expert). Call: 7377048581, 06742597822. D-69214

Sai herbal spa refresh your body with smart, expert therapist. 7608062524. D-69222

Herbal full body massage by smart / expert therapist. Contact: 8338067247. D-69215

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ, କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



**ବିଜେଡି ସଭାପତି ନିର୍ବାଚନ**

# ଏକାକୀ ନାମାଙ୍କନ ଭରିଲେ ନବୀନ

- ୨୬ରେ ଆନୁଷ୍ଠାନିକ ଘୋଷଣା
- ୮ମ ଥର ପାଇଁ ନେବେ ଦଳୀୟ ଦାୟିତ୍ୱ
- ୮୦ କାର୍ଯ୍ୟକାରିଣୀ ସଦସ୍ୟଙ୍କ ମଧ୍ୟ ନାମାଙ୍କନ ଦାଖଲ

ଭୁବନେଶ୍ୱର,୨୩।୨(ବ୍ୟୁରୋ)



ଦଳୀୟ କାର୍ଯ୍ୟାଳୟରେ ନାମାଙ୍କପତ୍ର ଭରୁଛନ୍ତି ନବୀନ ପଟ୍ଟନାୟକ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ବିଜେଡି ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଲଗାତର ୮ମ ଥର ଭାବେ ସେ ପୁନର୍ବାର ବିଜେଡିର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ମନୋନୀତ ହେବାକୁ ଯାଉଛନ୍ତି। ପ୍ରଥମଥର ୧୯୯୭ ଡିସେମ୍ବର ୨୬ରେ ନବୀନ ପଟ୍ଟନାୟକ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପରେ ଲଗାତର ୭ଥର ଦଳୀୟ ସାଙ୍ଗଠନିକ ନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବାକୁ ଯାଉଛନ୍ତି।

ବିଜେଡି ପକ୍ଷରୁ ଜାରି ରହିଥିବା ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିବା ପାଇଁ ପ୍ରତାପ ଦେବଙ୍କୁ ରିଟର୍ନିଂ ଅଫିସର ଦାୟିତ୍ୱ ଦିଆଯାଇଥିଲା। ଭୁବନେଶ୍ୱରସ୍ଥିତ ଦଳୀୟ ମୁଖ୍ୟାଳୟରେ ନବୀନ ୧୦ ଜଣ ପ୍ରସ୍ତାବକଙ୍କ ସ୍ୱାକ୍ଷର ସହ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନବୀନଙ୍କ ନାମାଙ୍କନ ପତ୍ରରେ ସାଧାରଣ ସମ୍ପାଦକ(ସଙ୍ଗଠନ) ପ୍ରଣବ ପ୍ରକାଶ ଦାସ, ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା, ମନ୍ତ୍ରୀ ଜଗନ୍ନାଥ ସାରକା, ବିଧାନସଭାରେ ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ପ୍ରସ୍ତାବକ ରହିଥିବା ଜଣାପଡ଼ିଛି। ୧୦ ଜଣିଆ ପ୍ରସ୍ତାବକଙ୍କ ମଧ୍ୟରେ ୨ ମହିଳାଙ୍କ ସମେତ ରାଜ୍ୟର ୪ଟି ପ୍ରାନ୍ତର ଜଣେ ଜଣେ ପ୍ରମୁଖ ସଦସ୍ୟଙ୍କ ନାଁ ରହିଛି। ସେହିଭଳି ରିଟର୍ନିଂ ଅଫିସର ପ୍ରତାପଙ୍କ ନିକଟରେ ଦଳୀୟ କାର୍ଯ୍ୟକାରିଣୀ ସଦସ୍ୟ ପାଇଁ ୮୦ ଜଣ ବ୍ୟକ୍ତିବିଶେଷ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିସହିତ ବିଜେଡି ରାଜ୍ୟ ପରିଷଦ ତାଲିକାରେ ୩୫୫ଜଣଙ୍କ ନାମ ରହିଛି। ଏହି ତାଲିକାରେ ସମସ୍ତ ବର୍ଗ, ଅଞ୍ଚଳ ସହ ଲୋକ ସଭା/ବିଧାନସଭାୱାରି ପ୍ରତିନିଧିତ୍ୱ ରହିଛି। ସୋମବାର ରାଜ୍ୟ ସଭାପତି ଏବଂ କାର୍ଯ୍ୟକାରିଣୀ ପଦବୀ ସମ୍ପର୍କିତ ଯାଞ୍ଚ ଏବଂ ମଙ୍ଗଳବାର ପ୍ରତ୍ୟାହାର ଦିବସ ରଖାଯାଇଛି। ୨୬ରେ ଦଳୀୟ କାର୍ଯ୍ୟାଳୟରେ ରାଜ୍ୟ ପରିଷଦର ବୈଠକ ବସିବାକୁ ଯାଉଛି। ଏହି ଦିନ ସଭାପତି ନବୀନ ପଟ୍ଟନାୟକ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ତାଲିକା ଆନୁଷ୍ଠାନିକ ଭାବେ ଘୋଷଣା ହେବ ବୋଲି ଜଣାପଡିଛି। ଏ ସମ୍ପର୍କରେ ଦଳର ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଲଗାତର ସଭାପତି ଭାବେ ରହି ଆସିଛନ୍ତି। ୨୦୦୦ରୁ ମଧ୍ୟ ଓଡ଼ିଶାବାସୀଙ୍କ ଜନସମର୍ଥନରେ ମୁଖ୍ୟମନ୍ତ୍ରୀ ଭାବେ ସେବା ଦେଇ ଆସୁଛନ୍ତି। ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଉଭୟ ଦଳ ଏବଂ ରାଜ୍ୟ ପ୍ରଶାସନର ମଙ୍ଗ ଧରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଉଭୟ ସଙ୍ଗଠନ ଏବଂ ସରକାରଙ୍କ ଉପରେ ତାଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି। ଦେଶର ଅନ୍ୟ ଆଞ୍ଚଳିକ ଦଳରେ ଆଭ୍ୟନ୍ତରୀଣ ବିବାଦ, ଲୋକପ୍ରିୟତା ହ୍ରାସ, ପରିବାରବାଦ ଦେଖିବାକୁ ମିଳିଥିବା ବେଳେ ବିଜେଡିରେ ଏସବୁ ନାହିଁ। ଏହା କେବଳ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଏବଂ ଜନକଲ୍ୟାଣକାରୀ ପଦକ୍ଷେପ ଯୋଗୁ ସମ୍ଭବ ହୋଇଥିବା ସଞ୍ଜୟ କହିଛନ୍ତି।

ଦଳୀୟ କାର୍ଯ୍ୟାଳୟରେ ନିର୍ବାଚନ ପ୍ରକ୍ରିୟା ସମୟରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ନବ କିଶୋର ଦାସ, ଅଶୋକ ପଣ୍ଡା, ସୁଶାନ୍ତ ସିଂ, ପଦ୍ମିନୀ ଦିଆନ୍, ରଘୁନନ୍ଦନ ଦାସ, ଟୁକୁନି ସାହୁ, ଜ୍ୟୋତି ପାଣିଗ୍ରାହୀ, ବିଧାୟକ ପ୍ରୀତିରଞ୍ଜନ ଘଡେଇ, ସୁଧୀର ସାମଲ, ମୀନାକ୍ଷୀ ମହନ୍ତ, ପ୍ରଦୀପ ପାଣିଗ୍ରାହୀ, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ, ପୂର୍ବତନ ଏମ୍‌ପି କଳିକେଶ ସିଂଦେଓ, ଅନଙ୍ଗ ଉଦୟ ସିଂଦେଓ, ଯୁବ ସଙ୍ଗଠକ ବିଜୟ ନାୟକ, ଦୁର୍ଗା ସାମନ୍ତରାୟ, ଅମରେଶ ଜେନା, ମୁନା ଖାଁ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ରବି ନାରାୟଣ ନନ୍ଦ, ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ, ଏମ୍‌ପି ଅମର ପଟ୍ଟନାୟକ, ପ୍ରମିଳା ବିଶୋଇ, ମହେଶ ସାହୁ, ପିନାକୀ ମିଶ୍ର, ଚନ୍ଦ୍ରଶେଖର ସାହୁ, ସରୋଜିନୀ ହେମ୍ବ୍ରମ୍, ଏନ୍. ଭାସ୍କର ରାଓ ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା।



**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**

**ତନୁଶ୍ରୀ ମହାପାତ୍ର**
ଠିକଣା: କଟକ (ଖାନ୍‌ନଗର)
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭର ଏତିକି କାମନା ତୋତେ ଦୀର୍ଘାୟୁ କରନ୍ତୁ, ସଦାସର୍ବଦା ଖୁସିରେ ରଖନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେ ବାପା, ଜେଜି ମା', ପିତା: ସନ୍ତୋଷ କୁମାର ମହାପାତ୍ର, ମାତା: ସୁନିତା ମହାପାତ୍ର ଓ ବନ୍ଧୁ ପରିବାରବର୍ଗ।
ଧ-୧୬୮୭୦



**Birthday Wish**

**Sajal (Guddu)**
**London**
Happy Birthday dear Guddu. May god always bless you with lots of happiness and success and make all your wishes come true. Love you From: Papa, Mummy, Mamu, Main, Dada, Dadi, Sonu, Loraine and all near and dear one. Best Wishes From Aja: Surendra, Aai: Jyoshnarani, Balianta (Som Vihar), Bhubaneswar.
D-46279



**ଡି.ଏ.ଭି. ଶିକ୍ଷୟିତ୍ରୀଙ୍କୁ ଡକ୍ଟରେଟ୍ ଉପାଧି**

ଶ୍ରୀମତୀ ଇତିଶ୍ରୀ ଗିରି, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ତାଙ୍କର ସମସ୍ତ ମହାବିଦ୍ୟାଳୟ ଶିକ୍ଷା ସମ୍ପୂର୍ଣ୍ଣକରି ଓଡ଼ିଆ ଭାଷା ଓ ସାହିତ୍ୟରେ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଏଗାରତମ ସମାବର୍ତ୍ତନ ଉତ୍ସବରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଇତିଶ୍ରୀ ଗିରିଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରିଛନ୍ତି। ତାଙ୍କ ସନ୍ଦର୍ଭର ଶୀର୍ଷକ ''ଭକ୍ତକବି ବନମାଳୀ ଦାସ''। ଗବେଷଣାର ଆଦ୍ୟ ଦିଗ୍‌ଦର୍ଶକ ପ୍ରଫେସର ଡକ୍ଟର ସୁଧୀର ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସନ୍ଦର୍ଭ କାର୍ଯ୍ୟ ଆରମ୍ଭକରି ଡକ୍ଟର ବିଜୟଲକ୍ଷ୍ମୀ ଦାଶଙ୍କ ଅଧୀନରେ କାର୍ଯ୍ୟ ଶେଷ କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ୍ ଅନ୍ତର୍ଗତ ଧନୀରାମପୁର ଗ୍ରାମର ଶ୍ରୀଯୁକ୍ତ ପର୍ଶୁରାମ ଗିରି ଓ ନିର୍ମଳାପ୍ରଭା ଗିରିଙ୍କର ସେ ସର୍ବକନିଷ୍ଠା କନ୍ୟା ଏବଂ କେନ୍ଦ୍ରାପଡା ଆଳି ବ୍ଲକ ନମୌଜାର କଳଦିଆ ଗ୍ରାମର ସ୍ୱର୍ଗତ ଧରଣୀଧର ପଣ୍ଡା ଓ ବେଲରାଣୀ ପଣ୍ଡାଙ୍କର ସେ ପୁତ୍ରବଧୂ, ବିଜୟ ପଣ୍ଡା ଓ ଅକ୍ଷୟ ପଣ୍ଡାଙ୍କର ସେ ଭ୍ରାତୃବଧୂ ଏବଂ ଅଶୋକ କୁମାର ପଣ୍ଡାଙ୍କର ଧର୍ମପତ୍ନୀ। ଶ୍ରୀମତୀ ଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମହାନଦୀବିହାରର ପ୍ରାକ୍ତନ ଆଚାର୍ଯ୍ୟା, ଇଣ୍ଡିଗୋ କଳା ଓ ବାଣିଜ୍ୟ ଆବାସିକ ମହାବିଦ୍ୟାଳୟ ସିଡିଏ, କଟକର ପୂର୍ବତନ ଅଧ୍ୟାପିକା। ବର୍ତ୍ତମାନ ସେ ଡି.ଏ.ଭି. ପବ୍ଲିକ ସ୍କୁଲ, କଳିଙ୍ଗନଗର ଭୁବନେଶ୍ୱରରେ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟରତ। କାର୍ଯ୍ୟର ଶ୍ରେୟ ପୂଜ୍ୟ ବୁଢ଼ାବାପାଙ୍କୁ ଦେବା ସହିତ ପ୍ରଫେସର ଡକ୍ଟର ନଟବର ଶତପଥୀ, ଡକ୍ଟର ଆଶୁତୋଷ ମଲ୍ଲିକ ଓ ସମସ୍ତ ଶୁଭଚିନ୍ତକମାନଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।
ଧ-୧୬୮୫୯

## 'ଓଡ଼ିଶାକୁ କେନ୍ଦ୍ର ସରକାରଙ୍କ ହତାଦର'

### ଏମ୍‌ସରେ ହିନ୍ଦୀ ଭାଷା ପ୍ରଚଳନ ପ୍ରସଙ୍ଗରେ ବର୍ଷିଲେ ନିରଞ୍ଜନ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଭାରତ ବର୍ଷରେ ଓଡ଼ିଶା ଏକମାତ୍ର ରାଜ୍ୟ ଯାହା ସ୍ୱତନ୍ତ୍ରଭାବେ ୧ ଏପ୍ରିଲ ୧୯୩୬ ମସିହାରେ ଭାଷାଭିତ୍ତିକ ରାଜ୍ୟର ମାନ୍ୟତା ପାଇଛି। ମାତ୍ର ଅତି କ୍ଷୋଭ ଏବଂ ବିଡ଼ମ୍ବନାର ବିଷୟ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଶା ଭୁବନେଶ୍ୱରଠାରେ ପ୍ରତିଷ୍ଠିତ କେନ୍ଦ୍ରୀୟ ଅନୁଷ୍ଠାନ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ)ରେ ସମସ୍ତ କର୍ମଚାରୀ, ରୋଗୀ ଏବଂ ରୋଗୀମାନଙ୍କ ସମ୍ପର୍କୀୟ ସମସ୍ତ କଥା ହିନ୍ଦୀ ଭାଷାରେ ଲେଖିବେ। ଏହାସହ ହିନ୍ଦୀଭାଷା ଅଧିକ ବ୍ୟବହାର କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏହା କେନ୍ଦ୍ର ସରକାରଙ୍କ ଓଡ଼ିଶା ଏବଂ ଓଡ଼ିଆ ଭାଷା ପ୍ରତି ହିନମନ୍ୟତା। ଓଡ଼ିଶା କେନ୍ଦ୍ର ସରକାରଙ୍କ ଦ୍ୱାରା ହତାଦର ଏଥିରୁ ସ୍ପଷ୍ଟ ପ୍ରତ୍ୟୟମାନ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ନିରଞ୍ଜନ ଆହୁରି କହିଛନ୍ତି ଯେ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏଭଳି ନିର୍ଦ୍ଦେଶନାମାକୁ ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ କାର୍ଯ୍ୟକାରୀ ନ କରିବା ପାଇଁ ଦୃଢ଼ ପ୍ରତିବାଦ ଜଣାଇଛନ୍ତି। ଓଡ଼ିଶା ରୋଗୀ ଏବଂ ସେମାନଙ୍କ ପରିବାର ବର୍ଗ, କର୍ମଚାରୀମାନେ ଯଦି ଓଡ଼ିଆରେ କଥା ହେବେନି, ଓଡ଼ିଆରେ ଲେଖିବେ ନାହିଁ ଏବଂ ଦସ୍ତଖତଟିଏ କଲେ ଚଳିବନି ତେବେ ଓଡ଼ିଆ ଭାଷା ଏକ ଭାଷା ହୋଇ କିପରି ରହିବ ବୋଲି ସେ ପ୍ରଶ୍ନ କରିଛନ୍ତି। ମୂଳତଃ ଏହି ନିର୍ଦ୍ଦେଶନାମା ରୋଗୀ ଓ ସେମାନଙ୍କ ପରିବାର ବର୍ଗକୁ ବହୁ ଅସୁବିଧାରେ ପକାଇବ। କେନ୍ଦ୍ର ସରକାରଙ୍କ ଏହି ହୀନ ଉଦ୍ୟମ ଓଡ଼ିଆ ଭାଷାକୁ କେବେହେଲେ ନ୍ୟୂନ କରିପାରିବ ନାହିଁ। କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ନିରଞ୍ଜନ ଦାବି କରିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ଜିଲ୍ଲା ଚିଠି**
**ମୟୂରଭଞ୍ଜ**

## ଭୟ ଶୂନ୍ୟ ପୋଲିସ

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ କେତେଜଣ ପୋଲିସ କର୍ମଚାରୀ ଓ ଯବାନ କିଛିଦିନ ହେବ ଭୟଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳୁଛି। ସେମାନେ ନିଜ ଉଚ୍ଚପଦସ୍ଥ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନକୁ ବି ଖାତିର କରୁ ନାହାନ୍ତି। ବରଂ ସେମାନେ ନିଜ କର୍ତ୍ତବ୍ୟ ଭୁଲି ଉଗ୍ର ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏପରି କି ସେମାନେ ଜନସାଧାରଣଙ୍କୁ ସୁରକ୍ଷା ଦେବା ବଦଳରେ ନିଶାସକ୍ତ ଅବସ୍ଥାରେ କେଉଁଠି ଗଡୁଛନ୍ତି ତ ଆଉ କେଉଁଠି ଲୋକମାନଙ୍କୁ ଖରାପ ବ୍ୟବହାର କରିବାକୁ ପଛାଉ ନାହାନ୍ତି। କେତେଜଣ ବିଶୃଙ୍ଖଳିତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଯୋଗୁ ପୂରା ଜିଲା ପୋଲିସ ବଦ୍‌ନାମର ବୋଝ ମୁଣ୍ଡାଉଛି। ଏ ନେଇ ନିଲମ୍ବନର ଛାଟ ବାଜୁଥିଲେ ମଧ୍ୟ କେହି ଚେତୁ ନ ଥିବା ଦେଖିବାକୁ ମିଳୁଛି। ଗତ ସେପ୍ଟେମ୍ବର ୮ର ଘଟଣା। ରିଜର୍ଭ ଅଫିସରେ କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଣେ ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ କରି ନିଲମ୍ବିତ ହୋଇଥିଲେ। ଏପରି କି ଲୋକେ ତାଙ୍କୁ ବାନ୍ଧି ପିଟିବାକୁ ପଛାଇ ନ ଥିଲେ। ଏହି ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ସେପ୍ଟେମ୍ବର ୨୨ରେ କପ୍ତିପଦା ଥାନାର ଜଣେ ଏଏସ୍‌ଆଇ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ନଭେମ୍ବର ୫ରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଗତ ୬ ତାରିଖରେ ବେତନଟୀ ଥାନାର ଜଣେ ଏସ୍‌ଆଇ ଥାନା ଛକରେ ନିଶାସକ୍ତ ଅବସ୍ଥାରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଭିଡିଓ ଦେଖିବା ପରେ ଏସ୍‌ପି ତାଙ୍କୁ ନିଲମ୍ବିତ କରିଥିଲେ। ସେହିପରି କିଛି ଦିନ ତଳେ ବଡ଼ସାହିରେ ଅନୁଷ୍ଠିତ ହୋଇଥିଲା ହିଙ୍ଗୁଳା ଯାତ୍ରା। ଡ୍ୟୁଟି କରୁଥିବା ଓଏପିଏଫ୍‌ର ଯବାନ ସୁରକ୍ଷା ଦେବା ବଦଳରେ ନିଶାସକ୍ତ ଅବସ୍ଥାରେ ସାର୍ଟ ଖୋଲି ଜନସାଧାରଣଙ୍କୁ ଗାଳିଗୁଲଜ କରିଥିଲେ। ଏହାର ଭିଡିଓ ଭାଇରାଲ୍ ହେବା ପରେ ଏସ୍‌ପି ତାଙ୍କୁ ମଧ୍ୟ ନିଲମ୍ବିତ କରିଥିଲେ। ଉଚ୍ଚପଦସ୍ଥ ଅଧିକାରୀଙ୍କ ଏପରି କଡ଼ା ଆଭିମୁଖ୍ୟ ପରେ ବି ଅଧିକାଂଶ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ମନରେ ସେଭଳି କିଛି ଭୟ ଦେଖିବାକୁ ମିଳୁନାହିଁ। ପୋଲିସ ଜନସାଧାରଣଙ୍କ ସହ ଉତ୍ତମ ବ୍ୟବହାର କରିବା ବଦଳରେ ଦିନକୁ ଦିନ ଖରାପ ଆଚରଣ କରୁଛି। ଏହାକୁ ନେଇ ପୋଲିସ ପ୍ରତି ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। ପୋଲିସ ପ୍ରଶାସନ ଏ ଦିଗରେ ଦୃଢ଼ ତଥା ଯତ୍ନବାନ ହେବା ପାଇଁ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।

– ରଞ୍ଜନ କୁମାର ପ୍ରଧାନ

## ୨ ଆକାଂକ୍ଷା ଜିଲା ପାଇଁ ବ୍ୟବହୃତ ହେବ ଡିଏମ୍‌ଏଫ୍ ପାଣ୍ଠି

- ରାଜ୍ୟକୁ ନୀତି ଆୟୋଗର ପରାମର୍ଶ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଓଡ଼ିଶାର କୋରାପୁଟ ଏବଂ ରାୟଗଡ଼ା ପଛୁଆ ଜିଲା ଭାବେ ପରିଚିତ। ତେଣୁ ଏହି ଜିଲାଗୁଡ଼ିକର ବିକାଶ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥାନ୍ତି। ଏହି ୨ ଜିଲାକୁ କେନ୍ଦ୍ର ସରକାରଙ୍କ ଆକାଂକ୍ଷା ଜିଲା ଭାବେ ମଧ୍ୟ ଚିହ୍ନଟ କରାଯିବା ସହ ଜିଲାରେ ବିକାଶ ସମ୍ପର୍କିତ ପ୍ରକ୍ରିୟା ଆରମ୍ଭ କରାଯାଇଛି। ହେଲେ ବିଭିନ୍ନ ପ୍ରକଳ୍ପରେ ଅଧିକ ଅର୍ଥ ଆବଶ୍ୟକ ହେଉଥିବାରୁ ଏହି ଜିଲା ପାଇଁ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ)ରୁ ଅର୍ଥ ଯୋଗାଇ ଦିଆଯାଉ ବୋଲି ନୀତି ଆୟୋଗ ପକ୍ଷରୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ଏହି ମର୍ମରେ କେନ୍ଦ୍ର ପକ୍ଷରୁ ରାଜ୍ୟକୁ ପତ୍ର ଲେଖାଯାଇଛି। ଏହି ପ୍ରକ୍ରିୟାକୁ ପ୍ରକଳ୍ପ ପରିଚାଳନା ୟୁନିଟ୍(ପିଏମ୍‌ୟୁ) ଦ୍ୱାରା ପରିଚାଳନା କରାଯିବ।

ନିକଟରେ ନୀତି ଆୟୋଗ ପକ୍ଷରୁ ପ୍ରକାଶିତ ଡେଲ୍‌ଟା ରାଙ୍କିଙ୍ଗ୍‌ରେ ଏହି ଦୁଇ ଜିଲା ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଏସୀୟ ଉନ୍ନୟନ ବ୍ୟାଙ୍କ୍(ଏଡିବି) ଏବଂ ୟୁଏନ୍‌ଡିପି ଏହି ୨ ଜିଲାକୁ ବିଶେଷ ସହାୟତା ଯୋଗାଇ ଦେବ ବୋଲି ଜଣାପଡିଛି। ପ୍ରଶାସନିକ ଅଧିକାରୀ ସତ୍ୟବ୍ରତ ସାହୁ ରାୟଗଡା ଏବଂ ଉଷା ପାଢୀ କୋରାପୁଟ ଜିଲା ପାଇଁ ପ୍ରଭାରୀ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ଏହି ଦୁଇ ଅଧିକାରୀ ଜିଲାଗୁଡ଼ିକୁ ନିୟମିତ ଗସ୍ତ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ସାରା ଦେଶର ୧୧୨ଟି ଜିଲା ଆକାଂକ୍ଷା ଯୋଜନା ଅଧୀନରେ ରହିଛି। ତନ୍ମଧ୍ୟରୁ ଓଡ଼ିଶାର ୧୦ଟି ଜିଲା ରହିଛି।

## ସମବାୟ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରନ୍ତୁ ସରକାର: ଭାଜପା




ରାଜ୍ୟ କାର୍ଯ୍ୟାଳୟର କୁଷାଭାଉ ଠାକ୍‌ରେ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଭାଜପା ସମବାୟ ସେଲ୍ ପକ୍ଷରୁ ଦଳର ରାଜ୍ୟ କାର୍ଯ୍ୟାଳୟର କୁଷାଭାଉ ଠାକ୍‌ରେ ପ୍ରକୋଷ୍ଠରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟ ସମବାୟର ବିକାଶ ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ସମବାୟ ନିର୍ବାଚନର ଅବଧି ପାର ହୋଇଥିଲେ ସୁଦ୍ଧା ପୁନଃ ନିର୍ବାଚନ ନ କରିବା ପାଇଁ ଏକପ୍ରକାର ମସୁଧା ଚାଲିଛି ବୋଲି ରାଜ୍ୟ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଅବସରରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ ରାଜ୍ୟର ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ସମବାୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଛନ୍ତି। ଏହାସହ କେନ୍ଦ୍ରର ସମବାୟ ଉପଯୋଗୀ ଯୋଜନାଗୁଡିକ ଉପରେ ଆଲୋଚନା କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ସମବାୟ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିର ଆର୍ଥିକ ବିକାଶ ଘଟି ପାରିବ। ଓଡ଼ିଶାର ସମବାୟ ସଂସ୍ଥାଗୁଡିକରେ ଚାଲିଥିବା ଦୁର୍ନୀତି ଉପରେ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦଳର ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ ଏବଂ ସଙ୍ଗଠନ ମହାମନ୍ତ୍ରୀ ମାନସ କୁମାର ମହାନ୍ତି ପ୍ରମୁଖ କହିଛନ୍ତି, ସରକାର ଜାଣିଶୁଣି ସମବାୟ ନିର୍ବାଚନକୁ ବିଳମ୍ବ କରୁଛନ୍ତି। ସରକାର ଏଥିପାଇଁ ଯେଉଁ ମସୁଧା କରୁଛନ୍ତି ସେଥିରୁ ବିରତ ରହି ତୁରନ୍ତ ନିର୍ବାଚନ କରାନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଅପରପକ୍ଷରେ ପ୍ରତ୍ୟେକ ସମବାୟ ସଂସ୍ଥାର ବିକାଶ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସମବାୟ ସେଲ୍ ସଂଯୋଜକ ଗୋଲକ ମହାପାତ୍ର କହିଛନ୍ତି।

## ୪ ବର୍ଷର ଶିଶୁକନ୍ୟାକୁ ବଳାତ୍କାର

- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ଅଭିଯୁକ୍ତ ଗିରଫ

ବାସୁଦେବପୁର,୨୩।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କିଷ୍ମତକୃଷ୍ଣପୁର ଅଞ୍ଚଳର ଜଣେ ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ରବିବାର ସକାଳେ ବଳାତ୍କାର କରାଯାଇଛି। ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ସନ୍ଧ୍ୟାରେ ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗକ୍ରମେ ନାୟକାଣିଡିହୀ ଥାନା ପୋଲିସ ଏକ ମାମଲା(ନଂ.୨୩/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲୁଣିସାହି ଗାଁର ଜଗନ୍ନାଥ ଦାସ। ଅଭିଯୋଗ ଅନୁଯାୟୀ, ସକାଳେ ଜଗନ୍ନାଥ ଶିଶୁକନ୍ୟାଙ୍କୁ ଚକୋଲେଟ୍ ଦେବାକୁ କହି ନିଜ ଘରକୁ ଟେକି ନେଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଖବର ପାଇ ନାୟକାଣିଡିହୀ ଥାନା ପୋଲିସ ପହଞ୍ଚି ଜଗନ୍ନାଥଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରିଥିଲା। ପୀଡ଼ିତାଙ୍କ ପକ୍ଷରୁ ଲିଖିତ ଅଭିଯୋଗ ପରେ ପୋଲିସ ତାଙ୍କୁ ଗିରଫ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ଉମାଶଙ୍କର ନାୟକ ସୂଚନା ଦେଇଛନ୍ତି।

**ST. JOHN'S SCHOOL**
Sambalpur, Vianney Nagar, PO: Dhankauda, Dist.: Sambalpur- 768006
Invites applications with resume, documents and contact number from trained, experienced and qualified (TGT Maths, Chemistry) candidates for the following post:
1. TGT (Maths, Chemistry for Classes IX & X)
Contact numbers: 9437392344 (Principal)
8280309197 (Office)
N.B. Application must be submitted before 25.02.2020 in the school office.
Sd./- Principal

## ଅଧିକ ମହିଳାଙ୍କୁ ସାମିଲ କରାଇଲେ ଦଳ ସୁଦୃଢ଼ ହେବ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ପ୍ରଦେଶ ମହିଳା କଂଗ୍ରେସ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଂଗ୍ରେସ ଭବନଠାରେ ଦଳର କାର୍ଯ୍ୟକାରୀ ସଭାପତି ବନ୍ଦିତା ପରିଡ଼ାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ସୁଶ୍ରୀ ସୁସ୍ମିତା ଦେବ ଯୋଗଦେଇ ଆସନ୍ତା ଦିନରେ ମହିଳା କଂଗ୍ରେସ ସୁଦୃଢ଼ କରିବା ପାଇଁ ଯେଉଁସବୁ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ ସେନେଇ ଆଲୋକପାତ କରିଛନ୍ତି। ଅଧିକରୁ ଅଧିକ ମହିଳାଙ୍କୁ କଂଗ୍ରେସରେ ସାମିଲ କରାଇପାରିଲେ ଦଳ ଅଧିକ ସୁଦୃଢ଼ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ନାରୀ ନିର୍ଯାତନା, ଚୋରି, ଡକାୟତି, ଅପପୁଷ୍ଟି ରୋକିବାରେ ଯେପରି ବିଫଳ ହୋଇଛନ୍ତି ତାହାର ପ୍ରତିବାଦ କରିବା ସହିତ ଜନସଚେତନତା ସୃଷ୍ଟି କରିବା ପାଇଁ ସୁଶ୍ରୀ ବୈଠକରେ ଉପସ୍ଥିତ ରାଜ୍ୟ ଓ ଜିଲା କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଅଖିଳ ଭାରତ ମହିଳା କଂଗ୍ରେସର ସମ୍ପାଦିକା ତଥା ଓଡ଼ିଶା ପ୍ରଭାରୀ ସନ୍ଧ୍ୟା ସାୱାଲାଖେ କହିଛନ୍ତି ଯେ, ପଞ୍ଚାୟତସ୍ତରରୁ ଆରମ୍ଭ କରି ବ୍ଲକ ତଥା ରାଜ୍ୟ ପର୍ଯ୍ୟନ୍ତ ମହିଳାମାନଙ୍କୁ ଏକତ୍ରିତ କରି ସଙ୍ଗଠନକୁ ସୁଦୃଢ଼ କରିବାରେ ମହିଳା କଂଗ୍ରେସ କର୍ମକର୍ତ୍ତା ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। ସରକାର ରାଜ୍ୟରେ ମଦ ରୋକିବାରେ ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି। ବରଂ ମଦକୁ ପ୍ରୋତ୍ସାହନ ଦେବାରୁ ବହୁ ସଂସାର ଉଜୁଡ଼ି ଯାଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସମସ୍ତେ ଏକଜୁଟ ହୋଇ ସଙ୍ଗଠନକୁ ସୁଦୃଢ଼ କରିବାକୁ ସେମାନେ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଛନ୍ତି। ବୈଠକରେ ବିଭିନ୍ନ ଜିଲାରୁ ଆସିଥିବା ବହୁ ମହିଳା କଂଗ୍ରେସ କର୍ମକର୍ତ୍ତା ଯୋଗ ଦେଇଛନ୍ତି।




କଂଗ୍ରେସ ଭବନଠାରେ ଦଳର କାର୍ଯ୍ୟକାରୀ ସଭାପତି ବନ୍ଦିତା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

**ମନେ ପଡ଼ନ୍ତି**

**ଏକାଦଶାହ ସ୍ମୃତିରେ**



**ସ୍ୱର୍ଗତା ନିରୁପମା ନାୟକ (ଝୁନା)**
ଜୟ ଜଗନ୍ନାଥ ହୋଟେଲ୍,
ସାରଦା ଦେବୀ ରୋଡ଼, ପୁରୀ
ଆବିର୍ଭାବ: ୦୫।୧୦।୧୯୭୮
ତିରୋଧାନ: ୧୪।୦୨।୨୦୨୦
ଏ ଧରାପୃଷ୍ଠରୁ ତୁମର ଅଚାନକ ପ୍ରସ୍ଥାନରେ ଆମ୍ଭେ ଅତ୍ୟନ୍ତ ମର୍ମାହତ। ତୁମ ଅବର୍ତ୍ତମାନରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ସବୁଦିନ ପାଇଁ ଅପୂରଣୀୟ ହୋଇ ରହିଗଲା। ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ୱାମୀ: ଗୋବର୍ଦ୍ଧନ ନାୟକ, ପୁଅ: ଭାଗ୍ୟବର୍ଦ୍ଧନ ଓ ହର୍ଷବର୍ଦ୍ଧନ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୮୧୯

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଗୁରୁପ୍ରସାଦ ମହାପାତ୍ର**
ଆବିର୍ଭାବ: ୧୧।୦୩।୧୯୮୨
ତିରୋଧାନ: ୨୪।୦୨।୨୦୧୩
ତୁ ଜିବାର ସାତବର୍ଷ ହେଲାଣି, ତୋର ସେହି ଅପାସୋରା ସ୍ମୃତି ଆମର ସନ୍ତକ। ତୋ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବାପା, ନାନୀ, ଭାଇନା, ଭଣଜା (ବାବା), ପରିବାରବର୍ଗ।
ଧ-୧୬୮୬୭

**ତୃତୀୟ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଇନ୍ଦ୍ରମଣି ଜେନା**
ଲକ୍ଷ୍ମୀସାଗର, ତଳସାହି, ଭୁବନେଶ୍ୱର
ଆବିର୍ଭାବ: ୧୨।୦୪।୧୯୩୩
ତିରୋଧାନ: ୨୭।୦୨।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
ଆପଣଙ୍କର ପୁଅ,ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୬୮୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଦ୍ୱାଦଶାହ ଉପଲକ୍ଷେ



**✓ ଅର୍ଜୁନ ମହାନ୍ତି**
ଆବିର୍ଭାବ-୨୦.୧୧.୧୯୩୪
ତିରୋଧାନ-୧୩.୦୨.୨୦୨୦
ଦୁର୍ଗାବଜାର, ଢେଙ୍କାନାଳ
ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇଦେଇ ଚାଲିଗଲ। ଚାହୁଁ ଚାହୁଁ ୧୨ଦିନ ବିତିଗଲା। ତୁମର କର୍ତ୍ତବ୍ୟନିଷ୍ଠ, ଚାଲିଚଳନ, ତ୍ୟାଗ, ଆଦର, ସବୁଦିନ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଢେଙ୍କାନାଳ ଅଧିଷ୍ଠାତା ଦେବତା ପ୍ରଭୁ ଶ୍ରୀ ବଳରାମ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କ ଶୋକସନ୍ତପ୍ତ ପରିବାର ବର୍ଗ- ପୁତ୍ର- ବିନୋଦ, ପ୍ରଶାନ୍ତ, ବୋହୂ ରଜନୀ, ବୁବୁଲି, ସବିତା, ରୁବି, ଝିଅ-ପ୍ରଭାତୀ, ସଂଯୁକ୍ତା, ପଦ୍ମିନୀ, ଜ୍ୱାଇଁ-ପ୍ରାଣବନ୍ଧୁ, ବିଳାସ, ସ୍ମାରକ, ନାତି-ଦେବ, ପିନୁ, ଗୁଲୁ, ବବ୍‌ଲୁ, ମିଲା, ମୁନୁ, ଲିଲନ୍, ସୋମ୍, ଗୁଗୁଲା, ଗୁଗ୍ଗି, ନାତୁଣୀ-ପୁଷି, ପୂଜା, ଲିଜା, ମୁନି, ମାମୁନି, ନାତୁଣୀ ବୋହୂ-ମାନୁ, ଦୀପା, ସୁରେଖା, ମାମାଲି, ଅଣନାତି, ସାଇ, ଓମ୍, ଛୋଟୁ, ଅଣନାତୁଣୀ, ଟିକି, ମିକି, ପିକୁ, କିଟିଙ୍କ ସମେତ ଭାଇ ଦୈତାରୀ, ପୁତୁରା, ପୁତୁରା ବୋହୂ ଓ ମହାନ୍ତି ପରିବାରବର୍ଗ।
ଧ-୬୬୮୪୪

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ପ୍ରଫେସର ତ୍ରିଲୋଚନ ମିଶ୍ର**
ପୂର୍ବତନ କୁଳପତି
ମିଶ୍ର ପରିବାର, ୩୧୬-ଏ, ସହିଦନଗର
ଆବିର୍ଭାବ: ୨୩।୧୧।୧୯୨୪
ତିରୋଧାନ: ୦୯।୦୩।୨୦୧୬
ଜୀବନର ପଥ ଅତିକ୍ରମ କଲ
ନିର୍ଭୀକ ସୈନିକ ପରି
ଅନାବିଳ ସ୍ନେହ ବିତରଣ କଲ
ବିଶାଳ ହୃଦୟେ ଭରି
ସଦା ଲଭୁଥାଉ ତୁମରି ଆଶିଷ
ଜୀବନ ପଥରେ ଆମ
ଅମର ଆତ୍ମାର ସଦ୍‌ଗତି ହେଉ
ମୁକତି ପଥର ଧାମ
ଧ-୧୬୮୬୧

ତୁମେ ତୁମ ହୃଦୟ ମନକୁ ଶୁଦ୍ଧ କରିବା ଲାଗି କାର୍ଯ୍ୟ କରିବା ଉଚିତ। ଅନ୍ୟମାନେ କ'ଣ କରୁଛନ୍ତି, ନ କରୁଛନ୍ତି– ସେ ସମ୍ବନ୍ଧେ ମୁଣ୍ଡଖେଳାଇ ସମୟ ନଷ୍ଟ କରିବା ଅନାବଶ୍ୟକ।
ଶ୍ରୀମା

# ଟ୍ରମ୍ପଙ୍କ ଗସ୍ତ



ଆକାର ପଟେଲ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଗସ୍ତରେ ଆସି ସୋମବାର ଓ ମଙ୍ଗଳବାର ଅହମଦାବାଦ, ଆଗ୍ରା ଓ ଦିଲ୍ଲୀ ଯିବେ। ସେ ୨୦ଟି ଦେଶ ବୁଲିଛନ୍ତି, ଯେଉଁଗୁଡ଼ିକ ମଧ୍ୟରୁ ଅଧିକାଂଶ ହେଉଛି ୟୁରୋପୀୟ ଦେଶ। ସେ ଫ୍ରାନ୍ସ ଚାରିଥର ଯାଇଛନ୍ତି। ସେ ବିକାଶଶୀଳ ଦେଶଗୁଡ଼ିକୁ ପସନ୍ଦ କରନ୍ତି ନାହିଁ, ଯାହାକୁ ସେ କୁହନ୍ତି 'shit-hole country' ଏବଂ ଭାରତ ସେଥିମଧ୍ୟରୁ ଅନ୍ୟତମ। ସେ ଆଫଗାନିସ୍ତାନ ଯାଇଛନ୍ତି, ମାତ୍ର କେବଳ ସେଠାରେ ଥିବା ଆମେରିକୀୟ ମିଲିଟାରୀ ବେସ୍ ଛଡ଼ା ଅନ୍ୟତ୍ର ଯାଇନାହାନ୍ତି। ତାଙ୍କର ଭାରତ ଗସ୍ତ ନିଶ୍ଚିତଭାବେ କୌତୂହଳଜନକ କାରଣ ତାଙ୍କର ଗୋଟିଏ ଦୋଷ ହେଉଛି ସେ ଅପ୍ରିୟ କଟୁକଥା କହିବାକୁ ଆଦୌ କୁଣ୍ଠାବୋଧ କରନ୍ତି ନାହିଁ। ମୋ ହିସାବ ଅନୁସାରେ ଆନୁଷ୍ଠାନିକଭାବେ ଭାରତ ଗସ୍ତ କରିବାରେ ସେ ହେଉଛନ୍ତି ଷଷ୍ଠ ଆମେରିକୀୟ ରାଷ୍ଟ୍ରପତି। ପ୍ରଥମ ହେଉଛନ୍ତି ଡ୍ୱାଇଟ ଡି. ଆଇଜେନ୍‌ହାୱାର, ଯେ କି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେନାଧ୍ୟକ୍ଷ ଥିଲେ ଏବଂ ପରେ ରାଷ୍ଟ୍ରପତି ହୋଇଥିଲେ। ସେ ଭାରତରେ ମହାତ୍ମା ଗାନ୍ଧୀଙ୍କ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଜମହଲ ଦର୍ଶନ କରିଥିଲେ ଏବଂ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇଥିଲେ। ତା'ପରେ ଦିଲ୍ଲୀର ରାମଲୀଲା ମୈଦାନରେ ତାଙ୍କ ଭାଷଣ ଶୁଣିବା ପାଇଁ ୧୦ ଲକ୍ଷ ଲୋକ ଏକତ୍ରିତ ହୋଇଥିଲେ। ଭାରତ ଗସ୍ତ କରିଥିବା ଅନ୍ୟ ସମସ୍ତ ଆମେରିକୀୟ ରାଷ୍ଟ୍ରପତି ତାଙ୍କରି ପଦାଙ୍କ ଅନୁସରଣ କରିଆସିଛନ୍ତି। ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଭାରତ ଗସ୍ତ ଅବସରରେ ପାର୍ଲାମେଣ୍ଟରେ ତାଙ୍କ ଭାଷଣ ଦେବା ବେଳର କଥା ମୋର ମନେଅଛି। ଭାଷଣ ସରିବା ପରେ ତାଙ୍କୁ ଦେଖାକରିବା ପାଇଁ ଜଣେ ଏମ୍‌ପି, ବୋଧହୁଏ ରାମଦାସ ଅଠାୱାଲେ ଟେବୁଲ ଉପରେ ଚଢ଼ି ତାଙ୍କ ପାଖରେ ପହଞ୍ଚିଯାଇଥିଲେ। ଭାରତର ପରମାଣୁ ଉଚ୍ଚାଭିଳାଷ ଓ ପାକିସ୍ତାନ ସହ ଉତ୍ତେଜନାକୁ ନେଇ ସେତେବେଳେ କ୍ଲିଣ୍ଟନ କିଛି କଡ଼ାଭାଷା ପ୍ରୟୋଗ କରିଥିଲେ। ତେବେ ସେତେବେଳେ ବାଜପେୟୀଙ୍କ ନେତୃତ୍ୱାଧୀନ ହିନ୍ଦୁତ୍ୱବାଦୀ ସରକାର ଚାଲିଥିବା ସତ୍ତ୍ୱେ ସବୁକିଛି ମୋଟାମୋଟି ଭଲରେ ସମାପ୍ତ ହୋଇଥିଲା। ଏହାପରେ କ୍ଲିଣ୍ଟନ ମଧ୍ୟ ପାକିସ୍ତାନକୁ ଅଳ୍ପ ସମୟ ପାଇଁ ଗସ୍ତ କରିଥିଲେ, ଯାହା ସେତେବେଳର ପରମ୍ପରା ଥିଲା, କାରଣ ତାହାଦ୍ୱାରା ସେମାନେ କିଛି ଖରାପ ଭାବିବେ ନାହିଁ। କିନ୍ତୁ ମନମୋହନ ସିଂ ସରକାର ଅମଳରେ ଜର୍ଜ ଡବ୍ଲ୍ୟୁ. ବୁଶ୍‌ଙ୍କ ଗସ୍ତ ସମୟରେ ଠିକ୍ ଓଲଟା ଘଟିଥିଲା। ତାହା ମଧ୍ୟ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଗସ୍ତ ଥିଲା କିନ୍ତୁ ବୁଶ୍ କ୍ଲିଣ୍ଟନଙ୍କ ପରି ଆକର୍ଷଣୀୟ ବ୍ୟକ୍ତିତ୍ୱର ଅଧିକାରୀ ନ ଥିବାରୁ ତାହା ଭାରତ ପାଇଁ ଆଣବିକ ଚୁକ୍ତି ଦୃଷ୍ଟିରୁ ସେତେ ଫଳପ୍ରଦ ନ ଥିଲା। ବାରାକ ଓବାମା ଦୁଇଥର ଭାରତ ଗସ୍ତରେ ଆସିଛନ୍ତି। ଥରେ ସେ ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆସିଥିଲେ। ତା'ପରେ ମୋଦିଙ୍କ ସମୟରେ ଆସିଥିଲେ ଯେତେବେଳେ ମୋଦି ତାଙ୍କ ନାଁ ଲେଖାଥିବା ଏକ ସୁଟ୍ ପିନ୍ଧି ଓବାମାଙ୍କୁ ଚା ପରଷିଥିଲେ। ଓବାମା ଜଣେ ମଧ୍ୟବିତ୍ତ ଶ୍ରେଣୀର ମଣିଷ ଏବଂ ସେ ଯେଉଁ ଜୋତା ପିନ୍ଧନ୍ତି, ତାକୁ ଅନେକବାର ମରାମତି କରାଯାଇଥାଏ। ମୁଁ ଆଶ୍ଚର୍ଯ୍ୟ ହେଉଛି ଏପରି ସୁଟ୍ ପିନ୍ଧି ତାଙ୍କୁ ସ୍ୱାଗତ କରିବା ବେଳେ ସେ କ'ଣ ଭାବିଥିବେ। ଓବାମା ଜଣେ ବୁଦ୍ଧିଜୀବୀ ଏବଂ ମନମୋହନଙ୍କୁ ତାଙ୍କ ଗୁରୁ ମାନନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଟ୍ରମ୍ପ ଓ ମୋଦି ହେଉଛନ୍ତି ଅନୁରୂପ। ଉଭୟେ ରାଲିଗୁଡ଼ିକରେ ଉଦ୍‌ବୋଧନ ଦେବାକୁ ଭଲ ପାଆନ୍ତି, ଉଭୟେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଏବଂ ଉଭୟେ ହେଉଛନ୍ତି ଅହଂକାରୀ। ଉଭୟେ ହେଉଛନ୍ତି ଆପ୍ରବାସୀ-ବିରୋଧୀ। ଟ୍ରମ୍ପ କେତେକ ଦେଶର ମୁସଲମାନଙ୍କୁ ତାଙ୍କ ଦେଶରେ ପ୍ରବେଶ କରିବାକୁ ବାରଣ କରିଥିବା ବେଳେ ମୋଦି ନାଗରିକ ସଂଶୋଧନ ଆଇନରେ ଆପ୍ରବାସୀ ମୁସଲମାନଙ୍କୁ ବାଦ୍ ଦେଇଛନ୍ତି। ଟ୍ରମ୍ପଙ୍କ ଭାରତ ଆଗମନର ସେମିତି କିଛି ବିଶେଷ ଉଦ୍ଦେଶ୍ୟ ନାହିଁ। ଏବେ ସାଧାରଣତନ୍ତ୍ର ଦିବସ ନାହିଁ ଯେ, ସେଥିରେ ଯୋଗଦେବା ପାଇଁ ତାଙ୍କୁ ନିମନ୍ତ୍ରଣ କରାଯିବାର ସୁଯୋଗ ଥାନ୍ତା। ସେ ଅହମଦାବାଦରେ ମୋଦିଙ୍କ ସହ ଏକ ରାଲିରେ ଉଦ୍‌ବୋଧନ ଦେବେ, ତାଜମହଲ ଦର୍ଶନ କରିବେ ଏବଂ ତା'ପରେ ଫେରିଯିବେ। କୌଣସି ବାଣିଜ୍ୟିକ ଚୁକ୍ତି ବି ସ୍ୱାକ୍ଷର ହେବାର କାର୍ଯ୍ୟକ୍ରମ ନାହିଁ। ଟ୍ରମ୍ପ ଚାହାନ୍ତି ଆମେରିକାର ଚାଷୀମାନଙ୍କ ପାଇଁ ଭାରତର ବଜାର ଖୋଲି ଦିଆଯାଉ, ଯେଉଁଥିରେ ରାଜିହେବା ମୋଦିଙ୍କ ପାଇଁ କଷ୍ଟକର। ମୋଦି ଆମେରିକୀୟ ଦ୍ରବ୍ୟଗୁଡ଼ିକ ପାଇଁ ଆମଦାନୀ ଶୁଳ୍କ ବୃଦ୍ଧି କରି ବାଣିଜ୍ୟ କାରବାରକୁ ଅଧିକ ଜଟିଳ କରିଦେଇଛନ୍ତି। ଭାରତ ଚାହେଁ ପୋଷାକ ପ୍ରଭୃତି ରପ୍ତାନି କ୍ଷେତ୍ରରେ ଆମେରିକା ଭାରତକୁ ଅଗ୍ରାଧିକାର ଦେଉ, କିନ୍ତୁ ତାହା ହେବାର ନାହିଁ। ନିକଟରେ ବାଣିଜ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ପାଉଥିବା ଦେଶ ତାଲିକାରୁ ଆମେରିକା ଭାରତକୁ ବାଦ୍ ଦେଇଛି। ଆମେ ଚାହୁଁଛୁ ଆମକୁ ଏକ ବିଶ୍ୱଶକ୍ତି ଭାବେ ବିଶ୍ୱ ଦେଖୁ, କିନ୍ତୁ ଆମେ ତାହା ନୁହଁ।

ବାଙ୍ଗାଲୋରରେ ଥିବା ଭାରତୀୟ କମ୍ପାନୀଗୁଡ଼ିକ ଚାହାନ୍ତି ଆମେରିକା ଭିଜା ବ୍ୟବସ୍ଥା କୋହଳ କରୁ। କିନ୍ତୁ ତାହା ବି ହେବାର ନାହିଁ କାରଣ ଟ୍ରମ୍ପ ହେଉଛନ୍ତି ଆପ୍ରବାସନ-ବିରୋଧୀ ଏବଂ ବିଶେଷତଃ କଳା ଲୋକମାନଙ୍କୁ ସେ ପସନ୍ଦ କରନ୍ତି ନାହିଁ। ତେଣୁ ଟ୍ରମ୍ପଙ୍କ ଗସ୍ତର ଅନ୍ତିମ ଫଳାଫଳ କ'ଣ ମିଳିବ ? ଏହା କେତେକଙ୍କ ପାଇଁ ଆମୋଦକର ହୋଇପାରେ। ଟ୍ରମ୍ପଙ୍କର ଭାରତ ପ୍ରତି ଶ୍ରଦ୍ଧା ଓ ଆନ୍ତରିକତା ନାହିଁ ଏବଂ ଭାରତ ବିଷୟରେ ସେ ବେଶି କିଛି ଜାଣନ୍ତି ନାହିଁ। ଆସନ୍ତା ବର୍ଷକୁ ସେ ଆମେରିକାର ରାଷ୍ଟ୍ରପତି ଥିବେ କି ନାହିଁ ସନ୍ଦେହଜନକ, କାରଣ ଆସନ୍ତା ନଭେମ୍ବରରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେବ ଏବଂ ସେତେବେଳେ ଜଣେ ଡେମୋକ୍ରାଟ ରାଷ୍ଟ୍ରପତି ହୋଇପାରନ୍ତି। ଏବେ ଟ୍ରମ୍ପଙ୍କ ଗସ୍ତ ପାଇଁ ଯେଉଁ ଖର୍ଚ୍ଚ କରାଯାଉଛି, ସେତେବେଳେ ତାହାର କିଛି ମୂଲ୍ୟ ରହିବ ନାହିଁ। ଜଣେ ଡେମୋକ୍ରାଟ କଶ୍ମୀର, ସିଏଏ ଓ ଏନ୍‌ଆର୍‌ସି ଉପରେ ପ୍ରଶ୍ନ କରିପାରନ୍ତି। ତେବେ ମୋଦି ଏତିକି କରିପାରନ୍ତି, ଆମେରିକାରେ ଥିବା ଭାରତୀୟମାନଙ୍କୁ ଟ୍ରମ୍ପଙ୍କୁ ଭୋଟ ଦେଇ ଜିତାଇବା ପାଇଁ ଉତ୍ସାହିତ କରିପାରନ୍ତି।

Email: aakar.patel@gmail.com

# ପ୍ରତିମୂର୍ତ୍ତି ଓ ପ୍ରେରଣା



ଡ. ପ୍ରଫୁଲ୍ଲ କୁମାର ସାହୁ

ପ୍ରତିମୂର୍ତ୍ତି ପ୍ରେରଣାର ଆଧାର। ଏକ ନିର୍ଦ୍ଦିଷ୍ଟ ଆଦର୍ଶ ଓ ଦର୍ଶନର ପ୍ରତିଫଳନ। ନିଜର ଅସାଧାରଣ ବ୍ୟକ୍ତିତ୍ୱ ବଳରେ ସମାଜ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରି ଯାଇଥିବା ପ୍ରଣମ୍ୟ ପୁରୁଷମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ପ୍ରତିମୂର୍ତ୍ତି ଗଢାଯାଏ ଏବଂ ସେଥିରୁ ଗ୍ରହଣ କରାଯାଏ ମହନୀୟତାର ପ୍ରେରଣା। ବିଶ୍ୱବ୍ୟାପୀ ଏହା ହିଁ ବୋଧହୁଏ ପ୍ରତିମୂର୍ତ୍ତି ପଛର କାହାଣୀ। ମାନବ ସଭ୍ୟତାରେ ପ୍ରତିମୂର୍ତ୍ତିର ଇତିହାସ ଖୁବ୍ ପୁରୁଣା ହେଲେ ବି ପ୍ରାଚୀନ ଭାରତ ବର୍ଷ ନ ଥିଲା ପ୍ରତିମୂର୍ତ୍ତିର ଦେଶ। ବରଂ ଇତିହାସ ପୁରୁଷଙ୍କ ନୀତି, ନିୟମ, ଭାବ, ଆଦର୍ଶ ଥିଲା ଆଗକୁ ବଢିବାର ପାଥେୟ। ପରବର୍ତ୍ତୀ ସମୟରେ ଇତିହାସ ପୁରୁଷଙ୍କ ପ୍ରେରଣା ଲାଭ ପାଇଁ ପ୍ରତିମୂର୍ତ୍ତି ନିର୍ମାଣ ଉପରେ ଦେଶ ଗୁରୁତ୍ୱାରୋପ କଲା, ଯାହା ଫଳରେ ଆଜି ମୂର୍ତ୍ତିମୟ ଦେଶରେ ପରିଣତ ହୋଇଛି ଭାରତୀୟ ଗଣତନ୍ତ୍ର। ମାତ୍ର ବିଡ଼ମ୍ବନାର ବିଷୟ, ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ଏଠି ପ୍ରତିମୂର୍ତ୍ତି ସ୍ଥାପନ ହୁଏ, ସେ ଉଦ୍ଦେଶ୍ୟ ଚରିତାର୍ଥ ଦିଗରେ ପ୍ରକାଶ ପାଏନି ତତ୍ପରତା।

ମଣିଷ ଯେତେବେଳେ ମଣିଷପଣିଆର ଚରମ ସୀମାରେ ପହଞ୍ଚେ, ସେତେବେଳେ ଲୋକେ ତାକୁ ପୂଜା କରନ୍ତି ଦେବତା ଭଳି। ଓଡ଼ିଶା ମାଟିରେ ଠିକ୍ ସେହିଭଳି ଜଣେ ଦେବତା ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ। ତାଙ୍କର ପ୍ରେରଣା ହାସଲ ପାଇଁ ସାର୍ବଜନୀନ ଭାବେ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଗଢାହୋଇଥିଲା ଦାସେ ଆପଣେଙ୍କ ପ୍ରତିମୂର୍ତ୍ତି। ୧୯୩୪ ମସିହା ମେ ଆଠ ତାରିଖ ନିଜର ଐତିହାସିକ ହରିଜନ ଯାତ୍ରା ଆରମ୍ଭ କରିବାର ଠିକ୍ ଗୋଟିଏ ଦିନ ପୂର୍ବରୁ ଏହାକୁ ଅନାବରଣ କରିଥିଲେ ଜାତିର ଜନକ ମହାତ୍ମା ଗାନ୍ଧୀ। ତାଙ୍କ ସେବାଧର୍ମରେ ଅନୁପ୍ରାଣିତ ହେବା ପାଇଁ ପାଳନ ହେଲା ସେବା ଦିବସ। ମାତ୍ର ଏହା ସତ୍ତ୍ୱେ ପ୍ରାୟତଃ କେହି ଗ୍ରହଣ କରିପାରିଲେନି ତାଙ୍କ ସେବା ଓ ତ୍ୟାଗର ମହନୀୟ ପ୍ରେରଣା। କାହା ପାଖରେ ଆଉ ଦେଖିବାକୁ ମିଳିଲାନି ଗୋପବନ୍ଧୁଙ୍କର ଉତ୍ସର୍ଗୀକୃତ ଭାବନା। ସାରା ଭାରତବର୍ଷରେ ଗୌତମ ବୁଦ୍ଧ ହେଉଛନ୍ତି ସର୍ବାଧିକ ଓ ସର୍ବଶ୍ରେଷ୍ଠ ପ୍ରତିମୂର୍ତ୍ତି-ପ୍ରେରିତ-ବ୍ୟକ୍ତିତ୍ୱ ଭାବରେ ପରିଚିତ ଏବଂ ତାଙ୍କ ପରେ ଯଦି କୌଣସି ଭାରତୀୟ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତି ଗଢିବା ଲାଗି ବିଶ୍ୱ ସମୁଦାୟର ଆଗ୍ରହ ଜାଗତିଆର ରହିଛି, ତେବେ ସେ ହେଉଛନ୍ତି ମହାତ୍ମା ଗାନ୍ଧୀ। ଆଜି ସାରା ପୃଥିବୀରେ ଭାରତର ମୁହଁ ପ୍ରତିଫଳିତ କେବଳ ଗାନ୍ଧିଜୀଙ୍କ ବିଚାର, ଆଦର୍ଶ, ଫଟୋଚିତ୍ର ଓ ପ୍ରତିମୂର୍ତ୍ତି ମାଧ୍ୟମରେ। ଗଣ ଭିତରେ ପ୍ରଚାରିତ ଏକ ତଥ୍ୟ ଅନୁସାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା, ରୁଷିଆ ଓ କାନାଡ଼ା ଆଦି ବିଭିନ୍ନ ଦେଶରୁ ବରାଦ ଆସି ପହଞ୍ଚୁଛି ପଛକୁ ପଛ। ଏହାର କାରଣ ଗାନ୍ଧିଜୀ ଥିଲେ ମାନବୀୟ ଗୁଣର ଏକ ପ୍ରେରଣାଦାୟୀ ଉଦାହରଣ। ତେଣୁ ପୃଥିବୀ ଏବେ ଲୋଡୁଛି ଗାନ୍ଧୀ ଆଦର୍ଶର ମହନୀୟ ପ୍ରେରଣା। ସାରା ପୃଥିବୀ ଏକଥା ଜାଣେ ଯେ ଗାନ୍ଧିଜୀ ଥିଲେ ବିଲାତୀୟ କୁଶାସନର ପ୍ରଚଣ୍ଡ ବିରୋଧୀ। ଇଂରେଜମାନଙ୍କୁ ଏ ଦେଶରୁ ତଡ଼ିବା ପାଇଁ ଦେଶବାସୀଙ୍କ ହାତରେ ସେ ଧରେଇ ଦେଇଥିଲେ ସତ୍ୟାଗ୍ରହ ରୂପକ ଅମୋଘ ଅସ୍ତ୍ର। ସେହି ଅସ୍ତ୍ର ଆଗରେ ହାର ମାନିଲା ପ୍ରଚଣ୍ଡ ଶକ୍ତିଶାଳୀ ଇଂରେଜ ଜାତି। ଅଥଚ ସେ ଇଂରେଜ ଜାତି ଆଜି ଅତି ଆଗ୍ରହର ସହିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନ ଦେଇଛି ଲଣ୍ଡନ ପାର୍ଲାମେଣ୍ଟ ଛକରେ। ନଅଫୁଟ ଉଚ୍ଚତା ବିଶିଷ୍ଟ ଏହି ବ୍ରୋଞ୍ଜ ପ୍ରତିମୂର୍ତ୍ତି ଛିଡ଼ା ହୋଇଛି ଠିକ୍ ୱିନ୍‌ଷ୍ଟନ୍ ଚର୍ଚ୍ଚିଲଙ୍କ ପ୍ରତିମୂର୍ତ୍ତି ପାଖରେ, ଯେଉଁ ଚର୍ଚ୍ଚିଲ ଦିନେ ଗାନ୍ଧିଜୀଙ୍କୁ ଲଙ୍ଗଳା ଫକୀର କହି କଟୁ ବାକ୍ୟବାଣ ପ୍ରୟୋଗ କରିଥିଲେ ଅତି ଅସୌଜନ୍ୟ ଭାବରେ। ସେ କଥା ଭୁଲିଯାଇ ସର୍ବପୁରାତନ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଗାନ୍ଧିଜୀଙ୍କ ସାର୍ବଜନୀନ ବାର୍ତ୍ତା ଭିତରେ ଥିବା ବିରଳ ବନ୍ଧୁତ୍ୱକୁ ଚିରକାଳ ଉଜ୍ଜୀବିତ କରି ରଖିବା ପାଇଁ ସେମାନେ ସ୍ଥାପନ କଲେ (ମାର୍ଚ୍ଚ ୨୦୧୫) ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି। ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଡାଭିଡ୍ କାମେରନଙ୍କ ବକ୍ତବ୍ୟ ଅନୁସାରେ ଇତିହାସର ଜଣେ ଏଭଳି ଅତୁଳନୀୟ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଏ ପ୍ରସିଦ୍ଧ ସ୍ଥାନରେ ସ୍ଥାନିତ କରି ଆମେ ତାଙ୍କୁ ନିଜର କରିନେଇଛୁ ଚିରଦିନ ପାଇଁ।

ଗାନ୍ଧିଜୀଙ୍କ ବ୍ୟତୀତ ଭାରତରେ ସ୍ୱାମୀ ବିବେକାନନ୍ଦ, ରବୀନ୍ଦ୍ରନାଥ ଠାକୁର, ଭୀମରାଓ ଆମ୍ବେଡ୍‌କର, ଲାଲବାହାଦୁର ଶାସ୍ତ୍ରୀ, ଏପିଜେ ଅବଦୁଲ୍ କଲାମ ପ୍ରମୁଖ ଇତିହାସ ପୁରୁଷଙ୍କ ପାଖରେ ରହିଛି ଦେଶ ଭିତରେ ଓ ବାହାରେ ପ୍ରତିମୂର୍ତ୍ତି ମାଧ୍ୟମରେ ପ୍ରେରଣା ପ୍ରଦାନ କରିବାର ଅମାପ ଶକ୍ତି। କେବଳ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ନୁହେଁ, ଆଞ୍ଚଳିକ ସ୍ତରରେ ସମାଜ ପ୍ରତି ବିଶେଷ ଅବଦାନ ରଖିଥିବା ବ୍ୟକ୍ତିତ୍ୱଙ୍କ ସ୍ମୃତିରକ୍ଷା ପାଇଁ ମଧ୍ୟ ଦେଶରେ ତିଆରି ହୋଇଛି ଅସୁମାରି ପ୍ରତିମୂର୍ତ୍ତି। ଯେଉଁମାନଙ୍କ ସହିତ ଲୋକଙ୍କର ଭାବଗତ ସମ୍ପର୍କ ଅଛି ଏବଂ ତାଙ୍କର ଅବଦାନ ଯୋଗୁ ସମାଜ ଉପକୃତ ହୋଇଛି, ସେମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ କେବେ ପ୍ରଶ୍ନ କରାଯାଇ ନ ପାରେ। ମାତ୍ର ସେଭଳି ପ୍ରତିମୂର୍ତ୍ତି ନ ଗଢିବା ଭଲ, ଯଦି ଆମ ଭିତରେ ପ୍ରକାଶ ପାଉନି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାର ମାନସିକତା। ଏକଥା କହିବାର ଉଦ୍ଦେଶ୍ୟ ହେଉଛି ଆମେ ପ୍ରତିମୂର୍ତ୍ତି ଗଢିବା ନିମନ୍ତେ ଯେତିକି ତତ୍ପର, ତାକୁ ସୁରକ୍ଷା ଓ ସମ୍ମାନ ଦେବାରେ ସେତିକି ଉଦାସୀନ। ସାଧାରଣତଃ ଆମେ ରାସ୍ତା କଡ଼ରେ ଓ ଛକ ଜାଗାରେ ପ୍ରତିମୂର୍ତ୍ତି ସ୍ଥାପନ କରୁ ଏବଂ ପ୍ରାୟତଃ ତାଙ୍କୁ ସ୍ମରଣ କରୁ ଜୟନ୍ତୀ ଓ ଶ୍ରାଦ୍ଧ ଅବସରରେ। କେବଳ ସେହିଦିନ ପ୍ରତିମୂର୍ତ୍ତି ଓ ତା'ର ଚତୁଃପାର୍ଶ୍ୱ ସଫାସୁତୁରା ହୁଏ ଏବଂ ନିମନ୍ତ୍ରିତ ନେତା ସେଥିରେ ମାଲ୍ୟାର୍ପଣ କରି ଅନର୍ଗଳ ବକ୍ତୃତା ଦିଅନ୍ତି ସେମାନଙ୍କ ସେବା, ତ୍ୟାଗ, ପ୍ରତିଭା ଓ ସାଧନା ସମ୍ପର୍କରେ। ସେହି ଗୋଟିଏ ଦୁଇଟି ଦିନକୁ ଛାଡ଼ିଦେଲେ ବର୍ଷର ଅବଶିଷ୍ଟ ଦିନ ଅଲୋଡ଼ା, ଅଖୋଜା, ବର୍ଜ୍ୟବସ୍ତୁ ଭଳି ପଡ଼ିରହେ ପ୍ରତିମୂର୍ତ୍ତି। ଖରାବର୍ଷା, ଶୀତକାକରରେ ପଡ଼ିରହିଥିବା ଏହି ପ୍ରତିମୂର୍ତ୍ତି ଉପରେ ଧୂଳି ଜମେ, ଚଢେଇ ହଗେ ଓ ବେଳେବେଳେ ଦୁର୍ବୃତ୍ତଙ୍କ ଦ୍ୱାରା ଅପହୃତ ହୋଇଯାଏ ସେଥିରୁ ଚଷମା ଓ ବାଡ଼ି ଇତ୍ୟାଦି। ରାଜନୈତିକ ଆକ୍ରୋଶର ଶିକାର ହୋଇ ବି କେବେ କେବେ ପ୍ରତିମୂର୍ତ୍ତିରୁ ବିଚ୍ଛିନ୍ନ ହୁଏ ଅଙ୍ଗ ପ୍ରତ୍ୟଙ୍ଗ। ଯେଉଁଠି ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଥାଇ ସ୍ୱଚ୍ଛ ଭାରତ ଲେଖାଯାଇଥାଏ, ସେଇଠି ପଡ଼େ ମେଞ୍ଚା ମେଞ୍ଚା ପାନଛେପ। ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପାଖରେ ମଦଦୋକାନ ଖୋଲିବା ପାଇଁ ସରକାର ଯେମିତି ଅନୁମତି ପ୍ରଦାନ କରନ୍ତି, ଲୋକେ ସେମିତି ମଦପିଇ ବୋତଲ ଫିଙ୍ଗନ୍ତି ପ୍ରତିମୂର୍ତ୍ତି ପାଖରେ। ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତିତଳେ ଧାରଣା ଦେଉଥିବା ନେତା, ମନ୍ତ୍ରୀମାନେ ଗାନ୍ଧିଜୀଙ୍କ ଅହିଂସା ଆଚରଣ କଥା ସେତେବେଳେ ଭୁଲି ଯାଆନ୍ତି, ଯେତେବେଳେ ପରସ୍ପର ମୁଥ ମରାମରି ହୁଅନ୍ତି ବିଧାନସଭା ଭିତରେ। ଅର୍ଥାତ୍ ଆମେ ପ୍ରତିମୂର୍ତ୍ତି ଗଢି ବାହାବା ନେବା ପାଇଁ ଯେତିକି ଉଦ୍‌ବିଗ୍ନ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଦିଗରେ ସେତିକି ବୀତସ୍ପୃହ।

ଦେଶରେ କିଛି ରାଜନୈତିକ ଦଳ କ୍ଷମତାରେ ଥାଇ ନିଜ ନିଜ ଆଦର୍ଶ ଭିତ୍ତିରେ ସ୍ଥାପନ କରନ୍ତି ଅନେକ ପ୍ରତିମୂର୍ତ୍ତି। ସବୁ ନୀତିନିୟମକୁ ଉଲ୍ଲଂଘନ କରି ଏଥିପାଇଁ ରାଜକୋଷରୁ ବ୍ୟୟ କରନ୍ତି ବିପୁଳ ଅର୍ଥ। ସେ ମୂର୍ତ୍ତିମାନଙ୍କ ଉପସ୍ଥିତି ସହିତ ଦଳମନସ୍କତା ଥାଏ ସତ, କିନ୍ତୁ ଅନୁବନ୍ଧିତ ନ ଥାଏ ଜନଜୀବନର ଭାବନା। ଗଣତନ୍ତ୍ରରେ କେଉଁ ବ୍ୟକ୍ତିତ୍ୱର ସ୍ମୃତିରକ୍ଷା ପାଇଁ କ'ଣ କରାଯିବ ବା କେଉଁଠି ପ୍ରତିମୂର୍ତ୍ତି ସ୍ଥାପନ ହେବ ସେ ନିଷ୍ପତ୍ତି ସରକାର ନୁହେଁ, ଜନସାଧାରଣ ନେବା ଉଚିତ। କୌଣସି ରାଷ୍ଟ୍ରପୁରୁଷଙ୍କ ମୂର୍ତ୍ତିକୁ ଅତି ବଡ଼ କରି ଦେଖାଇବା ମଧ୍ୟ ନିର୍ଦ୍ଦିଷ୍ଟ ରାଜନୈତିକ ଆଦର୍ଶକୁ ଆଧାର କରିଥିବା ଏକ ସଂକୀର୍ଣ୍ଣତା, ଯାହାକୁ ଅନ୍ୟ ରାଜନୈତିକ ଦଳ ବିରୋଧ କରିପାରେନି ଭୋଟ ହରାଇବା ଭୟରେ। ମାତ୍ର ଏହା ମହାପୁରୁଷଙ୍କ ପ୍ରତି ସମ୍ମାନ ନୁହେଁ ବରଂ ତାଙ୍କ ଆଦର୍ଶର ଅମର୍ଯ୍ୟାଦା। ଏହି ଦୃଷ୍ଟିରୁ ମୂର୍ତ୍ତି ନିର୍ମାଣ ପୂର୍ବରୁ ବ୍ୟକ୍ତିତ୍ୱର ଅନ୍ତଃସ୍ୱରକୁ ଭେଦିବା ନିତାନ୍ତ ପ୍ରୟୋଜନ। ବିଶେଷକରି ଏ ଦିଗରେ ଆବଶ୍ୟକ ଅର୍ଥ ରାଜକୋଷରୁ ଖର୍ଚ୍ଚ ନ ହୋଇ ସର୍ବସାଧାରଣଙ୍କ ଦାନ ବା ଚାନ୍ଦାରେ ସମ୍ପାଦିତ ହେବା ଉଚିତ। ଏହାଦ୍ୱାରା ଏଥିପାଇଁ ଉଦ୍ଦିଷ୍ଟ ଅର୍ଥକୁ ସରକାର ବିନିଯୋଗ କରିପାରନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କିମ୍ବା ଅନ୍ୟ କୌଣସି ଜନହିତକର କାର୍ଯ୍ୟରେ।

pks88a1962@gmail.com

# ବିଚାରର ଦୁଇଟି ମାର୍ଗ



ଡ. ବାସୁଦେବ ମିଶ୍ର

ପ୍ରବୃତ୍ତି ଆଉ ନିବୃତ୍ତି: ବିଚାରର ମାର୍ଗ ଦୁଇଟି- ଜୀବନକୁ ସୁନ୍ଦର ସୁଠାମ କରି ଗଢି ତୋଳିବା ପାଇଁ। ମନୁଷ୍ୟତାର ମହକକୁ ଚତୁର୍ଦ୍ଦିଗରେ ପ୍ରସାରିତ କରିବା ପାଇଁ। ତା'ର ଉଚ୍ଚତା ଓ ମହନୀୟତାକୁ ଅନୁଭବରେ ଆଣିବା ନିମନ୍ତେ। ମନୁଷ୍ୟର ନିଜସ୍ୱ ଭାବନା ଓ ବିଚାର ଉପରେ ଏହି ଦୁଇଟି ଅବଶ୍ୟ ନିର୍ଭରଶୀଳ। ବିଚାର ଯେତିକି ଉନ୍ନତ ଓ ଋଦ୍ଧିମନ୍ତ, ପ୍ରବୃତ୍ତି ଓ ନିବୃତ୍ତିର ସହାୟତାରେ ଜୀବନ ସେତିକି ଦୀପ୍ତିମନ୍ତ ହୋଇଯାଏ।

ପ୍ରବୃତ୍ତି ହେଲା କୌଣସି କାର୍ଯ୍ୟରେ ପ୍ରବୃତ୍ତ ହେବା, ନିଜକୁ ନିୟୋଜିତ କରିବା। ନିବୃତ୍ତି- କୌଣସି କାର୍ଯ୍ୟରୁ ନିଜକୁ ଅପସାରିତ କରିବା। ଏହି ଦୁଇଟି ଭାବନା ଭଲ ମନ୍ଦ, ହାନିଲାଭ, ଶୁଭ ଅଶୁଭାଦି ବିଚାର ଦ୍ୱାରା ପରିଚାଳିତ ଏବଂ ନିୟନ୍ତ୍ରିତ ହୋଇଥାଏ। ବେଳେବେଳେ ଦେଖାଯାଏ, ସାଧାରଣ ଲୋକଟି ନିଜର ବିଚାରଶକ୍ତି ଦ୍ୱାରା ପ୍ରବୃତ୍ତି ନିବୃତ୍ତିର ନିଶୁଣି ଚଢି କାହିଁ କେତେ ଊର୍ଦ୍ଧ୍ୱକୁ ଚାଲିଯାଏ। ପୁଣି କେତେ ଇନ୍ଦ୍ରିୟସଂଯମୀ ଋଷି ପ୍ରବୃତ୍ତି ନିବୃତ୍ତିର ଶିଡ଼ିକୁ ଆଶ୍ରୟ କରି ଅତଳ ରସାତଳଗାମୀ ହୁଅନ୍ତି। ମହାଭାରତରେ ପାଣ୍ଡବମାନଙ୍କର ବନବାସ କାଳରେ ଦୁର୍ଯ୍ୟୋଧନ ଥିଲେ ହସ୍ତିନାପୁର ରାଜ୍ୟର ଅଧିପତି। ହିଂସାଦ୍ୱେଷାଦି ଅନେକ ଦୁର୍ଗୁଣ ଥିଲେ ମଧ୍ୟ ଦୁର୍ଯ୍ୟୋଧନ ଥିଲେ ଜଣେ ଉତ୍ତମ ଶାସକ। ଏକଥା ପ୍ରମାଣିତ ହୋଇଥିଲା ତାଙ୍କର ଏହି ରାଜ୍ୟଶାସନ କାଳରେ। ସୁଶାସନରେ ସେ ପ୍ରଜାମାନଙ୍କର ମନ ଏପରି ମୋହିଥିଲେ ଯେ ସେମାନେ ପାଣ୍ଡବମାନଙ୍କୁ ଆଉ ମନେ ରଖି ନ ଥିଲେ। ମହାକବି ଭାରବୀଙ୍କର କିରାତାର୍ଜ୍ଜୁନୀୟ କାବ୍ୟରେ ଏହାର ସୁନ୍ଦର ବର୍ଣ୍ଣନା ମିଳେ। ଧର୍ମ କାର୍ଯ୍ୟରେ ପ୍ରବୃତ୍ତ ହେବା ଏବଂ ଅଧର୍ମ କାର୍ଯ୍ୟରୁ ନିବୃତ୍ତ ହେବା ଜଣେ ସୁପୁରୁଷର କର୍ତ୍ତବ୍ୟ- ଏ ସୁମହାନ ଜ୍ଞାନ ଦୁର୍ଯ୍ୟୋଧନଙ୍କର ଥିଲା। କିନ୍ତୁ ପାଣ୍ଡବମାନଙ୍କ କ୍ଷେତ୍ରରେ ସେ ଏହି ଜ୍ଞାନର ପ୍ରୟୋଗ କରି ନ ଥିଲେ। ବନବାସରୁ ଫେରିବା ପରେ ପାଞ୍ଚଭାଇଙ୍କୁ ପାଞ୍ଚଖଣ୍ଡ ପଡା ଦେବା ପରିବର୍ତ୍ତେ ସେ ସେମାନଙ୍କୁ ଯୁଦ୍ଧ ମାଗିଥିଲେ। ହସ୍ତିନାପୁରକୁ ଶାନ୍ତିଦୂତ ହୋଇ ଆସିଥିବା ଶ୍ରୀକୃଷ୍ଣଙ୍କର ପ୍ରଶ୍ନର ଉତ୍ତରରେ କହିଥିଲେ- ଜାନାମି ଧର୍ମଂ ନ ଚ ମେ ପ୍ରବୃତ୍ତିର୍ଜାନାମ୍ୟଧର୍ମଂ ନ ଚ ମେ ନିବୃତ୍ତିଃ। ଅର୍ଥାତ୍ ହେ କୃଷ୍ଣ! ଧର୍ମ କ'ଣ ତାହା ମୋତେ ଅଜଣା ନାହିଁ। କେବଳ ପାଞ୍ଚଖଣ୍ଡ ପଡା କାହିଁକି, ଏ ସମଗ୍ର ହସ୍ତିନାପୁର ରାଜ୍ୟ ବଡଭାଇ ଯୁଧିଷ୍ଠିରଙ୍କର ପ୍ରାପ୍ୟ, କିନ୍ତୁ ମୋର ମନ ସେପରି ଧର୍ମରେ ପ୍ରବୃତ୍ତ ହେଉନାହିଁ। ସେହିପରି ଅଧର୍ମ କ'ଣ ମୁଁ ତାହା ମଧ୍ୟ ଜାଣେ। ନିଜର ଭ୍ରାତାମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିବା ଏବଂ ସେମାନଙ୍କୁ ବାରମ୍ବାର ବିପଦ ମୁହଁକୁ ଠେଲିଦେବା, ଏହା ଆଦୌ ଉଚିତ ନୁହେଁ, କିନ୍ତୁ ସେଥିରୁ ମୁଁ ନିଜକୁ ନିବୃତ୍ତ କରି ପାରୁନାହିଁ।

ଅନେକ ସମୟରେ ଏମିତି ହୁଏ, ଉଚିତ ଅନୁଚିତ ଠିକ୍‌ରୂପେ ଜାଣିଥିଲେ ମଧ୍ୟ ଅନୁଚିତରେ ପ୍ରବୃତ୍ତ ହେବା ଏବଂ ଉଚିତରୁ ନିବୃତ୍ତ ହେବାପାଇଁ ମନୁଷ୍ୟ ପରିସ୍ଥିତିକ୍ରମେ ବାଧ୍ୟ ହୋଇଥାଏ। ଅର୍ଥାତ୍ ତା' ବ୍ୟତୀତ ଆଉ ତା'ର ଗତ୍ୟନ୍ତର ନ ଥାଏ। ସମୟ ସମୟରେ ନିଜେ ବୁଣିଥିବା ଜାଲରେ ଛନ୍ଦିହୋଇ ଭୁଲକୁ ଠିକ୍ ଏବଂ ଠିକ୍‌କୁ ଭୁଲ୍ ବୋଲି ମାନିନିଏ। ଖୁବ୍ କମ୍ ଲୋକଙ୍କୁ ଛାଡିଦେଲେ କେତେ ବିଚାରବନ୍ତ, ଜ୍ଞାନୀ, ଗୁଣୀ, ପ୍ରାଜ୍ଞ, ରାଜନେତା ଏପରି ଖାଲରେ ପଡି କଳବଳ ହୁଅନ୍ତି।

ଅସଲ କଥାଟା ହେଲା ପ୍ରବୃତ୍ତିମାର୍ଗରେ ହାତପାହାନ୍ତାରେ ଯେତିକି ସୁଖ ଆମେ ପାଉ, ନିବୃତ୍ତିମାର୍ଗରେ ସେତିକି ମିଳେନା। ଯାହା ବା ମିଳେ ତାହା କାଳାନ୍ତରରେ ମିଳେ, ଯେଉଁଥିପାଇଁ ଆମର ଧୈର୍ଯ୍ୟ ନ ଥାଏ। ନିଶାରେ ଥିବା ଲୋକଟି ନିଶାରେ ଥିବା ସମୟରେ ଅଧିକ ସୁଖ ପାଉଥିବା ଦାବି କରେ। ସମସ୍ତ ପ୍ରାଣୀ ପ୍ରବୃତ୍ତିର ଆବେଶରେ ଯେମିତି ଝୁମି ରହିଥାଆନ୍ତି ନିଶାଗ୍ରସ୍ତଟିଏ ନିଶାର ଆବେଶରେ ରହିଥିବା ପରି। ଚାଳଘରେ ବାସ କରୁଥିବା ଲୋକଟିର ପ୍ରବଳ ଆକାଙ୍କ୍ଷା ସେ କୋଠାଘର କରି ତହିଁରେ ବାସ କରିବ। ଏକତାଲା କୋଠାଘରେ ରହୁଥିବା ଲୋକଟିର ସ୍ୱପ୍ନ- ସେ ତା'ର ଘରଟିକୁ ଦ୍ୱିତଳ ପ୍ରାସାଦରେ ପରିଣତ କରିବ। ସାଇକେଲରେ ଯା'ଆସ କରୁଥିବା ଲୋକଟି ମୋଟର ବାଇକରେ ଯାଉଥିବା ଲୋକଟିକୁ ଦେଖି ବିହ୍ୱଳିତ ହୁଏ। ଏପରି କ୍ଷେତ୍ରରେ ନିବୃତ୍ତିର ମାର୍ଗକୁ ଆପଣେଇବା ଭାବ ଲୋକଙ୍କଠାରେ ପ୍ରାୟ ଦେଖାଯାଏ ନାହିଁ। ଭୋଗର ଆକର୍ଷଣରେ ସମସ୍ତେ ବଶୀଭୂତ। ସୁଦୃଶ୍ୟ ଆମୋଦପୂର୍ଣ୍ଣ ରାଜପ୍ରାସାଦ, ସୁଶୀଳା ମନୋରମା ପତ୍ନୀ ଯଶୋଧାରା ଏବଂ ଶିଶୁପୁତ୍ର ରାହୁଲଙ୍କୁ ଛାଡି ସେଦିନ ରାଜପୁତ୍ର ସିଦ୍ଧାର୍ଥ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କଲେ। ରୋଗ, ବାର୍ଦ୍ଧକ୍ୟ ଏବଂ ମୃତ୍ୟୁ ଯେ ପ୍ରାଣୀକୁ ନିବୃତ୍ତ ହେବାକୁ ବାଧ୍ୟ କରେ, ଏକଥା ସେ ବୁଝିଥିଲେ। ସେମାନଙ୍କର ବାଧ୍ୟତା ପୂର୍ବରୁ ସେ ନିଜେ ନିବୃତ୍ତିର ମାର୍ଗକୁ ଆପଣାଇ ନେଲେ।

ବିଧାତାଙ୍କର ନିୟମ ଦୁଇଗୋଟି- ପ୍ରବୃତ୍ତି ଓ ନିବୃତ୍ତି। ଏହି ଦୁଇଟି ନିୟମ ଦ୍ୱାରା ସେ ସମଗ୍ର ସଂସାରକୁ ପରିଚାଳିତ କରିଥାଆନ୍ତି। ତୁମେ ପ୍ରବୃତ୍ତ ହୁଅ ବା ନ ହୁଅ, ବିଧି ଜୋର କରି ତୁମକୁ ପ୍ରବୃତ୍ତ କରାଏ ପୁଣି ନିବୃତ୍ତ ହୁଅ ବା ନ ହୁଅ ଜୋର କରି ସେ ତୁମକୁ ନିବୃତ୍ତ କରାଏ। ଶୈଶବରୁ କୈଶୋର ଅବସ୍ଥା ପ୍ରାପ୍ତ ହେବାରେ ବିଧି ତୁମର ଅନୁମତି ଅଥବା ଅନୁରୋଧକୁ ଅପେକ୍ଷା କରେନାହିଁ। କୈଶୋରରୁ ନିବୃତ୍ତ ହୋଇ ତୁମେ ଯୌବନରେ ପାଦଥାପ, ସେଥିରେ ତୁମର ଇଚ୍ଛାକୁ ସେ ଅପେକ୍ଷା କରେନାହିଁ। କାଳାନ୍ତରେ ସେ ତୁମକୁ ଯୌବନର ଉଦ୍ଦାମତାରୁ ନିବୃତ୍ତ କରାଇ ବାର୍ଦ୍ଧକ୍ୟର ସ୍ଥବିରତାରେ ପ୍ରବେଶ କରାଏ। ସେଥିରେ ତୁମେ ଦୁଃଖ ପାଇପାର, କିନ୍ତୁ ସେ ସେଥିକୁ ଖାତିର କରେନାହିଁ। ପୁଣି ବହୁଦିନ ଧରି ଭୋଗର ମାଧ୍ୟମ ସାଜିଥିବା ଏହି ଶରୀରରୁ ନିବୃତ୍ତ ହେବାକୁ ଇଚ୍ଛା ନ ଥିଲେ ବି ଦିନେ ଜୋର କରି ତୁମଠାରୁ ଏହି ଶରୀରକୁ ଛଡାଇ ନିଏ। ସେଥିରେ ତୁମେ ଦୁଃଖ କଲ କି ସୁଖ, ତୁମେ ଆତ୍ମୀୟସ୍ୱଜନ ବୋଲି ଭାବୁଥିବା ଅନ୍ୟମାନେ ସେଥିରେ ହସିଲେ କି କାନ୍ଦିଲେ ସେଥିକି ତା'ର ଖାତିରି ନ ଥାଏ।

ଦଶରଥପୁର, ଯାଜପୁର,
ମୋ- ୯୪୩୮୩୨୮୭୫୫

## ଏଇ ଭାରତରେ

ମାନବିକତା ଏକ ଶବ୍ଦ , କିନ୍ତୁ ଏହାର ଗଭୀରତା ଏତେ ଅଧିକ ଯେ ତାହାକୁ ଶବ୍ଦରେ ବ୍ୟାଖ୍ୟା କରାଯାଇପାରେନା। ଏଭଳି ମାନବିକତାର ଛବି ଦେଖିବାକୁ ମିଳିଛି ପଞ୍ଜାବର ମାଲେରକୋଟ୍‌ଲାରେ। ଏହି ସହରର ପୁରୁଣା କିଲ୍ଲା ବସ୍ତିର ଜଣେ ଶିଖ୍ ମହିଳାଙ୍କ ମୃତ୍ୟୁ ହେବା ପରେ ମୁସଲମାନ୍‌ମାନେ ଅନ୍ତିମ ସଂସ୍କାର କରି ମାନବିକତା ତଥା ଭାଇଚାରାର ପରିଚୟ ଦେଇଛନ୍ତି। ଏହି କାର୍ଯ୍ୟରେ କେତେ ଜଣ ଶିଖ୍ ମଧ୍ୟ ସହଯୋଗ କରିଛନ୍ତି। ବସ୍ତିରେ ଝୁମ୍ପୁଡି ଘରେ ରହୁଥିବା ୫୯ ବର୍ଷୀୟା ଦବିନ୍ଦରଜିତ୍ କୌରଙ୍କର ମାଲେରକୋଟଲାର ଶ୍ମଶାନଘାଟରେ ଅନ୍ତିମ ସଂସ୍କାର କରାଯାଇଛି। ଦବିନ୍ଦରଜିତ୍ ବସ୍ତିରେ ରାଣୀ ଆଣ୍ଟି ନାମରେ ପରିଚିତ ଥିଲେ। ଅମରଗଡ ନିକଟସ୍ଥ ଏକ ଗାଁରେ ତାଙ୍କ ଘର। ସେଠାରେ ତାଙ୍କ ସ୍ୱାମୀ, ଝିଅ ଓ ପୁଅ ରହୁଥିଲେ ବି ରାଣୀ ବସ୍ତିରେ ରହି ମଜୁରି ଲାଗି ପେଟ ପୋଷୁଥିଲେ। ତାଙ୍କ ମୃତ୍ୟୁ ପରେ ଅନ୍ତିମ ସଂସ୍କାର କରିବା ପାଇଁ ସେମାନେ ରାଜି ହୋଇ ନ ଥିଲେ। ତେବେ ରାଣୀଙ୍କ ଅନ୍ତିମ ସଂସ୍କାର ପରେ ଗୁରୁଦ୍ୱାର ସାହିବରେ ତାଙ୍କ ଆତ୍ମାର ଶାନ୍ତି ପାଇଁ ପୂଜାପାଠ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି।

## ଚିରନ୍ତନୀ

ଆସ ତୁମେ ଆସ ପାଶେ,
ଗଭୀର ନୀରବଭାଷେ
ପରଶ ଏ କ୍ଷୁବ୍‌ଧ ମୋର ତନୁ,
ଶୀତଳ ବିଦ୍ୟୁତ୍ ସମ
ସେ ପରଶ ଲାଗି ମମ
ଘୁଞ୍ଚାଉ ବିଷାଦଛାୟା ମନୁଁ।
(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଫେବୃୟାରୀ ୧୯୯୫

- ଆସନ୍ତା ୩ ବର୍ଷ ପାଇଁ ସାଂସ୍କୃତିକ ସହଯୋଗ ଲାଗି ଚାଇନା ଓ ବାଂଲାଦେଶ ଏକ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି।
- ଚାଇନା ତାହାର ବଜେଟ ନିଅଣ୍ଟକୁ ସୁଧାରିବା ପାଇଁ ଆଗାମୀ ମାର୍ଚ୍ଚ ୧ ତାରିଖରୁ ୩ ବର୍ଷିଆ ଟ୍ରେଜେରି ବଣ୍ଡ ପ୍ରଚଳନ କରିବା ନେଇ ନିଷ୍ପତ୍ତି।

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୧୬- ଆମ୍ ଆଦ୍‌ମୀ ପାର୍ଟି ଆବାହକ ଅରବିନ୍ଦ କେଜ୍‌ରିୱାଲ ୬ ମନ୍ତ୍ରୀଙ୍କ ସହ ଦିଲ୍ଲୀର ରାମଲୀଲା ମଇଦାନରେ ତୃତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରଛନ୍ତି।
୧୭- ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କୁ ମାର୍ଚ୍ଚ ୩ ତାରିଖ ସକାଳ ୬ଟାରେ ଫାଶୀ ଦିଆଯିବ ବୋଲି ଦିଲ୍ଲୀର ପଟିଆଲା ହାଉସ କୋର୍ଟ ସାନି ଡେଥ୍ ୱାରେଣ୍ଟ ଜାରି କରିଛନ୍ତି।
୧୮- ଗତ ୩ ବର୍ଷରେ ବିଭିନ୍ନ କାରଣରୁ ୨୪୬ ହାତୀଙ୍କ ମୃତ୍ୟୁ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି।
୧୯- ରାଷ୍ଟ୍ରପତିଙ୍କ ସଚିବ ଥିବା ସଞ୍ଜୟ କୋଠାରୀ ଦେଶର ପରବର୍ତ୍ତୀ ମୁଖ୍ୟ ଭିଜିଲାନ୍ସ କମିଶନର ହେବାକୁ ଯାଉଛନ୍ତି।
୨୦- ଉତ୍ତର-ପୂର୍ବାଞ୍ଚଳକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୧କୁ ହଟାଯିବ ନାହିଁ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି।
୨୧- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶଦାତା ଭାବେ ଦୁଇଜଣ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଭାସ୍କର ଖୁଲ୍‌ବେ ଓ ଅମରଜିତ୍ ସିହ୍ନା ନିଯୁକ୍ତ ହୋଇଛନ୍ତି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 6 | 4 | 2 | D | | 8 | E | | | | | |
| | | | 7 | | | | | 1 | 8 | B | 9 | | E | |
| | | | | | 1 | | 6 | 2 | | | | | 8 | |
| | | 3 | | | 9 | | | C | A | | | | | 0 |
| E | 1 | B | D | | | | 7 | 0 | | | | | | |
| | C | | | 2 | | | | 6 | | | 8 | 3 | | D |
| A | 2 | 1 | 4 | | | 5 | | | | | | | 7 | |
| | | | 5 | | | 2 | | | | | | B | | |
| | B | 7 | | C | | | | 3 | 2 | | 6 | | 5 | E |
| | | | | D | 0 | | A | 9 | | | | | 4 | C |
| | | | B | | 8 | | | 5 | C | | 7 | | | |
| 4 | 8 | 0 | A | | 7 | | | E | | | | | 9 | |
| | | | | 1 | 5 | 6 | | | | | 0 | D | | |
| | E | C | | 6 | | | 9 | | | | | | | |
| | 3 | | | | | | | | | D | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | 1 | 7 | 5 | 8 | E | 4 | 0 | A | 3 | 6 | C | B | 2 |
| 8 | 0 | E | 9 | 1 | A | B | 2 | 7 | D | C | 5 | 3 | 6 | 4 |
| A | C | 3 | D | 2 | 4 | 8 | 6 | 1 | B | 9 | E | 0 | 5 | 7 |
| 4 | 6 | B | E | 0 | C | 5 | A | 3 | 7 | 1 | 2 | D | 9 | 8 |
| 5 | 7 | 2 | B | 3 | 6 | 9 | D | C | 4 | 8 | 0 | E | 1 | A |
| 1 | 2 | 8 | 4 | C | E | 6 | 9 | B | 5 | 0 | 7 | A | D | 3 |
| 9 | A | 7 | 8 | 6 | 0 | 2 | 3 | D | E | B | C | 5 | 4 | 1 |
| C | E | D | 2 | A | B | 4 | 1 | 5 | 9 | 6 | 3 | 8 | 7 | 0 |
| 3 | B | 0 | 1 | 9 | 5 | A | 7 | E | 8 | D | 4 | 6 | 2 | C |
| 6 | 5 | 4 | 3 | D | 7 | C | 0 | 8 | 1 | 2 | A | 9 | E | B |
| B | 8 | A | 5 | 4 | 2 | 7 | C | 9 | 3 | E | D | 1 | 0 | 6 |
| E | D | 6 | 0 | B | 1 | 3 | 5 | 2 | C | 4 | 8 | 7 | A | 9 |
| 7 | 4 | 9 | C | E | D | 0 | 8 | 6 | 2 | A | 1 | B | 3 | 5 |
| 0 | 1 | C | A | 7 | 3 | D | B | 4 | 6 | 5 | 9 | 2 | 8 | E |
| 2 | 3 | 5 | 6 | 8 | 9 | 1 | E | A | 0 | 7 | B | 4 | C | D |

ଗତକାଲିର ଉତ୍ତର

## ଆମ ସମସ୍ୟା

### ନଷ୍ଟ କରୁଛି ଲଟି ଗଛ

ମହାଶୟ,

ପୂର୍ବ ସତ୍ୟବାଦୀ ଅଞ୍ଚଳରେ ଏକ ଲଟି ଗତ ମହାବାତ୍ୟାଠାରୁ ଅନେକ ସଂଖ୍ୟାରେ ବାଡି ବଗିଚା ଏପରିକି ଘରେ ଉଠି ଗଛରେ ମାଡି ଗଛକୁ ଏକରକମ କବଳିତ କରିଦେବାରୁ ଗଛ ମରଣୋନ୍ମୁଖୀ ହୋଇଯାଉଛି। ଏହି ଲଟି ସବୁଜ ପତ୍ରରେ ପୂର୍ଣ୍ଣ ଓ ଅତି ନରମ, ଫୁଲଗୁଡିକ ଛୋଟ। ଶିମିଳିଫଳ ଫାଟି ବୀଜବିକ୍ଷେପ ହେବା ପରି ଏହି ଲଟିର ମଞ୍ଜି ଏତେ ସୂକ୍ଷ୍ମ ଯେ ପବନରେ ଏହା ଅଞ୍ଚଳ ଅଞ୍ଚଳକୁ ଉଡି ବଂଶବିସ୍ତାର କରିବାରୁ ଲୋକେ ଘାସପୋଡା/ମୂଳଶଢା ଔଷଧ ସିଞ୍ଚନ କରି ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ଲଟି ଛିଡାଇବା ବେଳେ ତା'ର ସୂକ୍ଷ୍ମ ମଞ୍ଜି ମଣିଷଙ୍କ ଶ୍ୱାସରେ ଚାଲିଯାଉଛି। କୃଷି ବିଶେଷଜ୍ଞ ଅବଗୁଣକାରୀ ଗାଜର ଘାସକୁ ନିପାତ କରି କମ୍ପୋଷ୍ଟ ଖତ କରିବାକୁ ପରାମର୍ଶ ଦେଉଥିଲେ। ବର୍ତ୍ତମାନ କୃଷି ବିଶେଷଜ୍ଞ ଏହି ଲଟିକୁ ପରୀକ୍ଷା କରି କିପରି ନିପାତ ହେବ ଏହାର ଉପାୟ ବତାଇବା ନିମନ୍ତେ ଦାବି ହେଉଛି।

ଶ୍ରୀରାମଚନ୍ଦ୍ର ଦାସ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

### ପଞ୍ଚୁପାଣ୍ଡବ ସଡ଼କ ଅତ୍ୟନ୍ତ ଶୋଚନୀୟ

ପାରାଦୀପଠାରୁ ଚଣ୍ଡିଖୋଲ ସହର, ଜାତୀୟ ରାଜପଥର ବାମପାର୍ଶ୍ୱର ମଧ୍ୟମସ୍ଥଳୀରେ ଥିବା ପଞ୍ଚୁପାଣ୍ଡବ ଛକ ଯାତ୍ରୀବାହୀ ଯାନଗୁଡିକର ରହଣି ସ୍ଥଳ। ଉକ୍ତ ସ୍ଥାନଟି ଏକ ଗୁରୁତ୍ୱପୂର୍ଣ୍ଣ ଛକ। ନିକଟସ୍ଥ ଇଟା, ମୁଣ୍ଡୁଳି ବୀର ହନୁମାନଜୀଙ୍କ ବିଜେସ୍ଥଳୀ ଓ ଓଳାଶୁଣୀ ଗୁମ୍ଫା ବିଖ୍ୟାତ ଧର୍ମପୀଠ। ଏଭଳି ପୌରାଣିକ ଓ ଐତିହାସିକ କୀର୍ତ୍ତିରାଜି ଥିବା ସ୍ଥାନଗୁଡ଼ିକର ସଡକଟି ବିପର୍ଯ୍ୟସ୍ତ। ବାମ ପାର୍ଶ୍ୱ ଶାଖା ସଡକକୁ ନୂତନ ଭାବରେ ସମ୍ପ୍ରସାରଣ କରାଯିବା ସହିତ ପୁନଃନିର୍ମାଣ କରାଯିବା ନିତାନ୍ତ ଆବଶ୍ୟକ। ଏ ଦିଗରେ ପ୍ରଶାସନ, ରାଜ୍ୟ ସରକାର ଧ୍ୟାନ ଦେଲେ ହଜାର ହଜାର ଜନସାଧାରଣ ଉପକୃତ ହୁଅନ୍ତେ।

ଆଦିକନ୍ଦ ସାହୁ, ସାନ୍ତସାଇ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ତ୍ୟାଗର ପ୍ରତୀକ ଭଗବାନ ଶିବ ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୨୩।୨ (ବ୍ୟୁରୋ): ତ୍ୟାଗର ପ୍ରତୀକ ଭଗବାନ ଶିବ ଶୀର୍ଷକ ଆଲୋଚନାଚକ୍ର ସିଦ୍ଧେଶ୍ୱରୀ ଧର୍ମ ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋପିନାଥ ଷଡଙ୍ଗୀ ଅଧକ୍ଷତା କରି, ଭଗବାନ ଶିବଙ୍କ ଉପରେ ଦିଗ ଦର୍ଶନ ଦେଇଥିଲେ। ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଶଙ୍କର୍ଷଣ ଆଚାର୍ଯ୍ୟ, ଅରବିନ୍ଦ ମହାପାତ୍ର, ଅଚ୍ୟୁତାନନ୍ଦ ଷଡଙ୍ଗୀ ଆଲୋଚନାରେ ଭାଗ ନେଇଥିଲେ।

### କରୋନା ଭୂତାଣୁ ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର, ୨୩।୨ (ବ୍ୟୁରୋ): ଭାରତ ବିକାଶ ପରିଷଦ ପକ୍ଷରୁ କରୋନା ଭୂତାଣୁ ଶୀର୍ଷକ ଆଲୋଚନାଚକ୍ର ରବିବାର ସନ୍ଧ୍ୟାରେ ମହାନଦୀ କ୍ଲବ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପରିଷଦ ସଭାପତି ଡା. ବିନୋଦ ବିହାରୀ ନାୟକଙ୍କ ପରିଚାଳନାରେ ସଭା ହୋଇଥିଲା । ଡା. ପଞ୍ଚାନନ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କରୋନା ଭୂତାଣୁ ବିଷୟରେ କହିଥିଲେ। ବର୍ତ୍ତମାନ ସୁଦ୍ଧା ଏହାର ଟିକା ଆବିଷ୍କାର ହୋଇନାହିଁ । ତେଣୁ ଉପଚାର ଅପେକ୍ଷା ପ୍ରତିଷେଧକ ପାଇଁ ସଚେତନ ହେବା ବିଧେୟ ବୋଲି ଗୁରୁତ୍ୱାରୋପ କରିଥିଲେ। ସେହିପରି ଡା. ରାଜକୁମାର ବଡପଣ୍ଡା, ଡା. ସୁରେଶ ଚନ୍ଦ୍ର ଦାନୀ ସମ୍ମାନିତ ବକ୍ତାଭାବେ ଯୋଗଦେଇଥିଲେ । ଶାଖା ସମ୍ପାଦକ ସତ୍ୟବ୍ରତ ପତି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶ୍ୟାମସୁନ୍ଦର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତ ବନ୍ଦ: ସମ୍ବଲପୁରରେ ଆଂଶିକ ପ୍ରଭାବ

- ଗ୍ରାମାଞ୍ଚଳରେ ସ୍ୱାଭାବିକ
- ୧ ଘଣ୍ଟା ବିଳମ୍ବରେ ଚାଲିଲା ଇଣ୍ଟରସିଟି
- ୭୦ଜଣଙ୍କ ନାମରେ ମାମଲା ରୁଜୁ

ସମ୍ବଲପୁର, ୨୩।୨ (ବ୍ୟୁରୋ)

ଭୀମ ଆର୍ମି ଭାରତ ଏକତା ମିଶନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ରବିବାର ସମ୍ବଲପୁର ଜିଲାରେ ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ଭୀମ ଆର୍ମି ସଦସ୍ୟମାନେ ସକାଳେ ସମ୍ବଲପୁର ଷ୍ଟେଶନରେ ପହଞ୍ଚି ସମ୍ବଲପୁର-ପୁରୀ ଇଣ୍ଟରସିଟି ଟ୍ରେନକୁ ଅଟକାଇଥିଲେ। ଆର୍‌ପିଏଫ ଅଧିକାରୀମାନେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା ପରେ ପ୍ରାୟ ୧ ଘଣ୍ଟା ବିଳମ୍ବରେ ଟ୍ରେନ ଚଳାଚଳ ହୋଇଥିଲା। ଅନ୍ୟପକ୍ଷେ ଭୀମ ଆର୍ମି ସଦସ୍ୟମାନେ ଏକ ବାଇକ୍ ରାଲିରେ ବାହାରି ବିଭିନ୍ନ ସ୍ଥାନରେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ। ହେଲେ ରାସ୍ତାରେ ଭାରୀଯାନ ଓ ଦୁଇଚକିଆ ଗାଡିଗୁଡିକ ଯାତାୟାତ କରୁଥିଲା। ଏପରି କି ଜାତୀୟ ରାଜପଥରେ ମଧ୍ୟ ଯାନବାହାନ ଚଳାଚଳ ସ୍ୱାଭାବିକ ରହିଥିଲା।

ଏପରି କି ସହର କିଛି ସ୍ଥାନରେ ଦୋକାନ ବଜାର ବନ୍ଦ ରହିଥିଲା ବେଳେ ଗ୍ରାମାଞ୍ଚଳରେ ପ୍ରଭାବଶୂନ୍ୟ ରହିଥିଲା। ଅପରାହ୍ନର ସହରରେ ଦୋକାନ ବଜାର ଖୋଲା ରହିଥିଲା। ବନ୍ଦରେ କୌଣସି ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜି ନ ଥିବା ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି କହିଛନ୍ତି । ଏନେଇ ଆର୍‌ପିଏଫ ପୋଲିସ ଅଧିକାରୀ ଏସ୍.କେ ପାଠକଙ୍କୁ ପଚାରିବାରୁ ରେଳରୋକୋ କରିଥିବା ଯୋଗୁ ଲଙ୍କେଶ ରାବଣ ଏବଂ ତାଙ୍କ ୭୦ଜଣ ସମର୍ଥକ ନାମରେ ମାମଲା ରୁଜୁ ହୋଇଥିବା କହିଛନ୍ତି।



ରବିବାର ସମ୍ବଲପୁର ଅଇଁଠାପାଲି ବସ ଟର୍ମିନାଲରେ ବସଗୁଡିକ ରହିଛି ।



ବିର୍ସାମୁଣ୍ଡା ଛକଠାରେ ଟ୍ରକଗୁଡ଼ିକ ଛିଡା ହୋଇ ରହିଛି ।




ସମ୍ବଲପୁର ରେଳ ଷ୍ଟେଶନଠାରେ ଆନ୍ଦୋଳନକାରୀମାନେ ରେଳରୋକ କରିଛନ୍ତି ।



ସମ୍ବଲପୁରରେ ଆନ୍ଦୋଳନକାରୀମାନେ ପିକେଟିଂ କରୁଛନ୍ତି ।

## ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା- ୨୦୨୦

ସମ୍ବଲପୁର, ୨୩।୨ (ବ୍ୟୁରୋ)

### କନ୍ୟା ପିତାମାତା ଚୟନ

ସମ୍ବଲପୁର ସର୍ବପୁରାତନ ନନ୍ଦପଡ଼ା ଶୀତଳ ଷଷ୍ଠୀ ଯାତ୍ରା କମିଟି- ୨୦୨୦ ମାତା ପାର୍ବତୀଙ୍କ ପିତାମାତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବୈଠକ ହୋଇଥିଲା। ଅଇଁଠାପାଲି ଶୁଭଶ୍ରୀ ବିହାର ନିବାସୀ ସୁକାନ୍ତ ବିଶି ଓ ରିଙ୍କି ବିଶିଙ୍କୁ ମା' ପାର୍ବତୀଙ୍କ କନ୍ୟା ମାତାପିତା ଭାବେ ଚୟନ କରାଯାଇଛି। ଆସନ୍ତା ଏପ୍ରିଲ ୨୬ ତାରିଖ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଆନୁଷ୍ଠାନିକ ଭାବେ ପାରମ୍ପରିକ ପୂଜାର୍ଚ୍ଚନା ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ସୁରେଶ୍ୱର ମିଶ୍ର, ସୁଧାଂଶୁ ମିଶ୍ର, ପ୍ରଶାନ୍ତ ମିଶ୍ର, ଚକ୍ରଧର ମିଶ୍ର, ପ୍ରଫୁଲ୍ଲ ହୋତା, ସରୋଜ ଦାଶ, ସମୀର ରଞ୍ଜନ ବାବୁ, ଅଚ୍ୟୁତ ମିଶ୍ର, ଅରୁଣ ମିଶ୍ର, ସନ୍ତୋଷ ମିଶ୍ର, ନିଗମାନନ୍ଦ ମିଶ୍ର, ଦୁର୍ଗାମାଧବ ମିଶ୍ର, ଶମ୍ଭୁ ମିଶ୍ର, ସନତ ନନ୍ଦ, ଆଶୁତୋଷ ମିଶ୍ର, ଗୋଲକ ବିହାରୀ ମିଶ୍ର, ସୁରେନ୍ଦ୍ର ତ୍ରିପାଠୀ, ଅନିଲ ଦାଶ, ମାନସ ରଥ, ସୁଶ୍ରିତ ମିଶ୍ର, ଦିଲୀପ ମିଶ୍ର, ବିରାଜ କୁମାର ମିଶ୍ର, ମନୋଜ ମହାପାତ୍ର, ସବ୍ୟସାଚୀ ମିଶ୍ର, ଭୁବନ ମୋହନ ମିଶ୍ର, ଚକ୍ରଧର ନାୟକ, ବାଲଗୋପାଳ ନନ୍ଦ, ବିବେକାନନ୍ଦ ମିଶ୍ର, ବିଚିତ୍ରାନନ୍ଦ ମିଶ୍ର, ତୁଷାରକାନ୍ତ ମିଶ୍ର ଆଲୋଚନାରେ ଭାଗ ନେଇଥିଲେ ।




ବନ୍ଦ ପାଳନ ଯୋଗୁ ରାସ୍ତାରେ ଟ୍ରକଗୁଡିକ ଅଟକି ରହିଛି।

## ପଡ଼ିଆବାହାଲରେ ଭାରତ ବନ୍ଦର ପ୍ରଭାବ

ପଡିଆବାହାଲ, ୨୩।୨ (ଡି.ଏନ.ଏ)

ସମ୍ବଲପୁର ଜିଲା ପଡିଆବାହାଲରେ ଭାରତ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଆନ୍ଦୋଳନକାରୀମାନେ ରବିବାର ସକାଳ ୮ଟାରୁ ବିଭିନ୍ନ ସ୍ଥାନରେ ପିକେଟିଂ କରି ଦୋକାନ, ବଜାର ବନ୍ଦ କରିଥିଲେ। ଏପରି କି ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଗାଡି ଚଳାଚଳ ବନ୍ଦ ରହିଥିଲା। ସହ ପିକେଟିଂ କରି ଦୋକାନ ବଜାର ମଧ୍ୟ ବନ୍ଦ କରାଯାଇଥିଲା। ବାବାସାହେବ ଆମ୍ବେଡକର ସେବାଦଳ ପଡିଆବାହାଲ ପକ୍ଷରୁ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରାଯାଇଥିଲା। ଅନ୍ୟପକ୍ଷେ ଗାଡି ଚଳାଚଳ ବନ୍ଦ ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ଧ୍ୱଜା ଅବତରଣ ଉତ୍ସବ

ପଡ଼ିଆବାହାଲ,୨୩।୨ (ଡି.ଏନ.ଏ.)

ସ୍ଥାନୀୟ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରବିବାର ସକାଳ ୮ଟାରେ ଧ୍ୱଜା ଅବତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଶାଖା ପରିଚାଳିକା ମହାଶିବରାତ୍ରିର ପାଳନର ଆଧ୍ୟାତ୍ମିକ ଦିଗ ଉପରେ ବିଶଦ ଆଲୋଚନା କରିଥିଲେ। ନୟାଗଡ଼ର ଆଦିତ୍ୟ ଭାଇ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ । ଉତ୍ସବରେ ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ପଣ୍ଡା, ସୁରେନ୍ଦ୍ର ମହାକୁଳ, ରାଧାମୋହନ ଷଡଙ୍ଗୀ, ଅଶ୍ୱିନୀ ମିଶ୍ର, ଯଶୋବନ୍ତ ମହାପାତ୍ର, ପ୍ରଫୁଲ୍ଲ ସାହୁ, ଭଗବାନ ମେହେର, ସତ୍ୟାନନ୍ଦ ସିଂ, ବିରଞ୍ଚି ନାଏକ ପ୍ରମୁଖଙ୍କ ସହ ବ୍ରହ୍ମାକୁମାର ଭାଇ ଓ ଭଉଣୀମାନେ ଉପସ୍ଥିତି ଥିଲେ। ଏହି ଅବସରରେ କେକ୍ କାଟି ଉତ୍ସବ ପାଳନ କରାଯାଇଥିଲା। ସେହିପରି ହଳଦୀ ଗ୍ରାମରେ ମଧ୍ୟ ଧ୍ୱଜା ଅବତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣ କୁମାରଙ୍କ ସହ ଅନ୍ୟ ଭଉଣୀ, ଭାଇ ଉପସ୍ଥିତ ରହିଥିଲେ।



ଧ୍ୱଜା ଅବତରଣ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଉଣୀଭାଇମାନେ।



ରବିବାର ସମ୍ବଲପୁରରେ ଶିଅଳ ଖଜୁରିଆ ସମାଜର ରାଜ୍ୟ ସମ୍ମିଳନୀକୁ ଅତିଥିମାନେ ପ୍ରଦୀପ ଜାଳି ଶୁଭାରମ୍ଭ କରୁଛନ୍ତି ।

## ଶିଅଳ ସମାଜର ରାଜ୍ୟ ସମ୍ମିଳନୀ

ସମ୍ବଲପୁର,୨୩।୨(ବ୍ୟୁରୋ)

ଶିଅଳ ଖଜୁରିଆ ସମାଜର ରାଜ୍ୟ ସମ୍ମିଳନୀ ରବିବାର ଅଇଁଠାପାଲି ଦୁର୍ଲ୍ଲଭା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ସଭା ହୋଇଥିଲା । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ଗଞ୍ଜାମ ଜିଲା ସଭାପତି ବିପ୍ର ବେହେରା, ଓଡ଼ିଶା ପାଣି କଲ୍ୟାଣ ସମିତି ସଭାପତି ସୁନାକର ବେହେରା, ସାମାଜିକକର୍ମୀ ଅଗସ୍ତି ବେହେରା, ପୂର୍ବତନ ବିଧାୟକ କୁମରମଣୀ ବେହେରା, କାର୍ଯ୍ୟକାରୀ ସଭାପତି ଗୋକୁଳାନନ୍ଦ ବେହେରା, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା ଓ ରାଜ୍ୟ ସଂଯୋଜକ ଭରତ ବେହେରା ଯୋଗ ଦେଇଥିଲେ। ଶିଅଳ ସମାଜର କିପରି ବିକାଶ ହେବ ସେ ଦିଗରେ ଆଲୋଚନା ହୋଇଥିଲା । ସେହିପରି ରାଜ୍ୟସ୍ତରୀୟ ମୁଖ୍ୟ କାର୍ଯ୍ୟାଳୟ ନିର୍ମାଣ କରିବାକୁ ସମ୍ମିଳନୀରେ ସ୍ଥିର କରାଯାଇଛି । ଏଥିରେ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରତିନିଧିମାନେ ଯୋଗଦେଇଥିଲେ ।

## ରିଂ-ରୋଡ ସଫେଇ କାର୍ଯ୍ୟକ୍ରମ

ସମ୍ବଲପୁର,୨୩।୨ (ବ୍ୟୁରୋ)

ସମ୍ବଲପୁର ରିଂ-ରୋଡ ସଫେଇ କାର୍ଯ୍ୟକ୍ରମ ରବିବାର ଫ୍ରେଣ୍ଡସ ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ସକାଳେ ରିଂ-ରୋଡ ପାଦଚଲା ପଥରେ ଅନାବନା ଘାସ ସଫା ସହ ଅଳିଆ ଆବର୍ଜନା ସଫା କରାଯାଇଥିଲା। ତପନ ସାମଲ, ପ୍ରକାଶ ଜେନା, ସୁଶାନ୍ତ ପୁରୋହିତ, ଶ୍ୟାମ ବାହାଦୁର, ପ୍ରଶାନ୍ତ ସାହୁ, ବିରୁ ମହାନନ୍ଦ, ବୀରେନ୍ଦ୍ର ରଥ, ଅଜୟ ସେନାପତି, ଭୀଷ୍ମ ପଟେଲ ପ୍ରମୁଖ ସାମିଲ ଥିଲେ।

# ଆନ୍ତଃ ଜିଲା କ୍ରିକେଟ : ରେଢ଼ାଖୋଲ ଚାମ୍ପିୟନ

- କମଳେଶ ମ୍ୟାନ ଅଫ୍ ଦ ସିରିଜ
- ଅମିତ ମ୍ୟାନ ଅଫ୍ ଦ ମ୍ୟାଚ

ସମ୍ବଲପୁର,୨୩।୨ (ବ୍ୟୁରୋ)

ଆନ୍ତଃ ଜିଲା ଅଷ୍ଟମ ଦୀନବନ୍ଧୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ସମ୍ବଲପୁର ହାୱା ମଇଦାନଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରେଢ଼ାଖୋଲ ମିକ୍ସ ଏକାଦଶ ଚାମ୍ପିୟନ ହୋଇଥିବା ବେଳେ ବେଲପାହାଡ଼ ଲିଓ ୟୁଥ ଆସୋସିଏଶନ୍ ରନର୍ସଅପ୍ ଟ୍ରଫି ହାସଲ କରିଛି । ହାୱା ମଇଦାନଠାରେ ଟସ୍ ଜିତି ରେଢ଼ାଖୋଲ ଦଳ ବ୍ୟାଟିଂ କରିବାକୁ ବେଲପାହାଡକୁ ଆମନ୍ତ୍ରଣ କରିଥିଲା। ବେଲପାହାଡ ୨୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ ରନ୍ ସଂଗ୍ରହ କରିଥିଲା । ବ୍ୟାଟ୍ସମ୍ୟାନ ମହମ୍ମଦ ସାହାଅରମାନ୍ ୪୨ ବଲରେ ୬୭ ରନ୍ କରିଥିବା ବେଳେ କିରନ ସାହୁ ୪୩ ବଲରେ ୪୪ ରନ୍ କରିଥିଲେ । ରେଢ଼ାଖୋଲ ବୋଲର ଭୁବନ ନନ୍ଦ ୩.୩ ଓଭରରେ ୨୧ ରନ୍ ଦେଇ ୪ଟି ଉଇକେଟ ନେଇଥିବା ବେଳେ ସୟଦ ଜ୍ୟାକି ୫ ଓଭରରେ ୨୮ ରନ୍ ଦେଇ ୨ଟି ଉଇକେଟ ହାସଲ କରିଥିଲେ। ୧୭୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ରେଢ଼ାଖୋଲ ଦଳ ପ୍ରାରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ । ଫଳସ୍ୱରୂପ ୨୩ ଓଭରରେ ୩ ଉଇକେଟ ହରାଇ ଦଳ ୧୭୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବ୍ୟାଟ୍ସମ୍ୟାନ ଅମିତ ସୁନା ୪୫ ବଲରେ ଧୂଆଁଧାର ୮୪ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୭ ଚୌକା ଓ ୬ ଛକା ମାରିଥିଲେ । ସେହିପରି ଅନ୍ୟତମ ବ୍ୟାଟ୍ସମ୍ୟାନ ଅମନ ବେହେରା ୩୭ ବଲରେ ୫୪ ରନ୍ କରିଥିଲେ । ସେ ମଧ୍ୟ ୯ଟି ଚୌକା ଓ ଗୋଟିଏ ଛକା ମାରିଥିଲେ । ବେଲପାହାଡ଼ର ବୋଲର ବାଦଲ ନିସାଦ ୫ ଓଭରରେ ୩୨ ରନ୍ ଦେଇ ୨ଟି ଉଇକେଟ ନେଇଥିବା ବେଳେ ଜଗଜିତ ୩ ଓଭରରେ ୩୨ ରନ୍ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ। ମହମ୍ମଦ ଇସାକ ଓ ପ୍ରଭଞ୍ଜନ ବଳ ମ୍ୟାଚ ପରିଚାଳନା କରିଥିଲେ । ସୂର୍ଯ୍ୟ ତ୍ରିପାଠୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆୟୋଜକ ସ୍ପୋର୍ଟିଂ ୟୁନିୟନ କ୍ଲବ ସଭାପତି ବିକାଶ ମିଶ୍ରଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡି ଯୁବନେତା ସିଦ୍ଧାର୍ଥ ସାହା, ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, କାଉନସିଲ ସଭ୍ୟ ସୁନୀଲ ସାହୁ, ଦୀପକ ମିଶ୍ର, ଚିକୁ ପ୍ରଧାନ, ସଞ୍ଜିବ ନାୟକ, ଦେବାଶିଷ ରାୟଗୁରୁ, ପ୍ରଦୀପ ପାଢ଼ୀ, ପ୍ରଭାତ ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ କମଳେଶ ଶର୍ମାଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ୍ ଦ ସିରିଜ, ବାଦଲ ନିସାଦଙ୍କୁ ଶ୍ରେଷ୍ଠ ବୋଲର, ଅମିତ ସୁନାଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ଉପସଭାପତି ଭାଗୀରଥି ସିଂଦେଓ ଅତିଥି ସ୍ୱାଗତ, ସମ୍ପାଦକ ସଞ୍ଜିବ ନାୟକ ସୂଚନା ପ୍ରଦାନ, ଯୁଗ୍ମସମ୍ପାଦକ ଶିବାନନ୍ଦ ମିଶ୍ର ଓ ସୌରଭ ଚନ୍ଦ୍ର ପଣ୍ଡା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦୀପକ କୁମାର ଗୁପ୍ତା ଓ ପ୍ରତାପ ମିଶ୍ର ଧାରାବିବରଣୀ ପ୍ରଦାନ କରିଥିଲେ ।




ରବିବାର ସମ୍ବଲପୁର ହାୱା ମଇଦାନଠାରେ ଅତିଥିଙ୍କ ସହ ଚାମ୍ପିୟନ ରେଢ଼ାଖୋଲ ଦଳ ।



ବନ୍ୟାପ୍ଲାବିତ ନଦୀ, ଶାସକର ଆଦର, ସ୍ତ୍ରୀର ଚରିତ୍ର ଓ ବ୍ୟବସାୟରେ ସ୍ନେହ କେବେହେଲେ ବିଶ୍ୱାସଯୋଗ୍ୟ ନୁହେଁ।
-ସନ୍ଥ ତୁଳସୀ ଦାସ



ବରଗଡ଼ ଗାନ୍ଧୀ ଛକରେ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ପିକେଟିଂ କରୁଛନ୍ତି ।



ଗାଇସିଲେଟ୍ କଲେଜ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି ।

# ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ

## ବରଗଡ଼ରେ ଭାରତ ବନ୍ଦର ପ୍ରଭାବ

**ବରଗଡ଼ ଅଫିସ୍,୨୩।୨**

ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ରାୟକୁ ନେଇ ରବିବାର ଭୀମ ଆର୍ମି ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ବରଗଡ଼ ସହରରେ ମଧ୍ୟ ଅନୁଭୂତ ହୋଇଥିଲା । ସ୍ଥାନୀୟ ପରିବା ବଜାରକୁ ଛାଡ଼ିଦେଲେ ଅନ୍ୟ ଦୋକାନ, ବଜାରସବୁ ବନ୍ଦ ରହିଥିଲା। ସେହିପରି ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଉଭୟ ସରକାରୀ, ଘରୋଇ ବସଷ୍ଟାଣ୍ଡରେ ଯାତ୍ରୀବାହୀ ବସ୍‌ଗୁଡ଼ିକ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଟକି ରହିଥିଲା। ଫଳରେ ଯାତାୟାତ ପ୍ରଭାବିତ ହୋଇଥିଲା। ବରଗଡ଼ ଗାନ୍ଧୀ ଛକରେ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା, ସଭ୍ୟମାନେ ଟେଣ୍ଟ ପକାଇବା ସହିତ ରାସ୍ତା ଅବରୋଧ ସହିତ ପିକେଟିଂ କରିଥିଲେ। ଏଥିରେ ସ୍ଥାନୀୟ ଆମ୍ବେଦ୍‌କର ଯୁବାସଂଘ, ଆଦିବାସୀ କଲ୍ୟାଣ ସଂଘ, ଏସସି, ଏସଟି ସୁରକ୍ଷା ସମନ୍ୱୟ ସମିତି, ନ୍ୟୁ କଲଚରାଲ୍ ଗ୍ରୁପ, ଶୁଦ୍ରମୁକ୍ତି ଅଭିଯାନ, ବିର୍ସାମୁଣ୍ଡା ସଂଘର୍ଷ ବାହିନୀ, ସମ୍ବିଧାନ ସୁରକ୍ଷା ମଞ୍ଚ, ରବିଦାସ ସମାଜ, ଦଳିତ ଉନ୍ନୟନ ସମିତି ଆଦି ସଙ୍ଗଠନର କର୍ମକର୍ତ୍ତା, ସଭ୍ୟବୃନ୍ଦ ସାମିଲ ହୋଇଥିଲେ। ପବିତ୍ର ଦେହୁରୀ, ସୀତାରାମ ମେହେର, ଲକ୍ଷ୍ମଣ ସୁନା, ବାଳକିଶୋର ଛତର ପ୍ରମୁଖ ଉଦବୋଧନ ଦେଇଥିବାବେଳେ ବହୁସଂଖ୍ୟକ କାର୍ଯ୍ୟକର୍ତ୍ତା, ସଭ୍ୟ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ଗାଇସିଲେଟ୍‌ରେ ମଧ୍ୟ ଭାରତ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଥିଲା। ଏଠାକାର କଲେଜ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଗାଡ଼ି ଚଳାଚଳ ଠପ୍ ପଡ଼ିଯାଇଥିଲା। ଏହାସହିତ ପିକେଟିଂ କରି ଦୋକାନ, ବଜାରକୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା । ଫଳରେ ଜୀବନଯାତ୍ରା ବ୍ୟାହତ ହୋଇ ପଡ଼ିଥିଲା।

# ପୁରୁଣାକଟକକୁ ଜଗିବ ସିସି କ୍ୟାମେରା

## ବଢୁଛି ଚୋରି, ଡକାୟତି

**ପୁରୁଣାକଟକ,୨୩।୨(ଡି.ଏନ.ଏ)**

କିଛିଦିନ ହେବ ହରଭଙ୍ଗା ବ୍ଲକ ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ପୁରୁଣାକଟକ ବଜାର ସମେତ ଆଖପାଖ ସ୍ଥାନରେ ଚୋରି, ଡକାୟତି ବଢିବାରେ ଲାଗିଛି। ପୁରୁଣାକଟକ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ପ୍ରାୟ ସମୟରେ ଫେଲ୍ ମାରୁଥିବାରୁ ରବିବାର ପୁରୁଣାକଟକ ସଚେତନ ନାଗରିକ କମିଟି ପକ୍ଷରୁ ଭୈରବୀ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇ ସହରର ମୁଖ୍ୟ ସ୍ଥାନମାନଙ୍କରେ ୬ଟି ସିସି କ୍ୟାମେରା ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପୁରୁଣାକଟକ ବ୍ୟବସାୟୀ ସଂଘ ସଭାପତି ସମରେନ୍ଦ୍ର ବେହେରା, ସମ୍ପାଦକ ଅଜିତ ଦେହୁରୀ, ଭୈରବୀ ମନ୍ଦିର କମିଟି ସଭାପତି ଅଶୋକ ଅଗ୍ରଓାଲା, ଭୈରବୀ କ୍ଲବ ସଭାପତି ଅକ୍ରୁର ସେଠୀ, ଦୁର୍ଗାପୂଜା କମିଟି ସଭାପତି ସୁରେନ ପ୍ରଧାନ, ସଚେତନ ନାଗରିକ କମିଟି ସଭାପତି କୈଳାସ ଅଗ୍ରଓ୍ୱାଲା, ଆବାହକ ସୁକାନ୍ତ ପଟ୍ଟନାୟକ, ସରୋଜ କୁମାର ପାଢୀ, ସୁନୀଲ କୁମାର କୁଅଁର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସଂକ୍ଷେପରେ...



### ଟ୍ୟାଙ୍କର-ଟ୍ରାକ୍ଟର ମୁହାଁମୁହିଁ ଧକ୍କା

ଅତାବିରା, ୨୩।୨ (ଡି.ଏନ.ଏ) ଗୋଡଭଗା- ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ଉଦେପୁର ଛକରେ ରବିବାର ଏକ ଡିଜେଲ ବୋଝେଇ ଟ୍ୟାଙ୍କର ଓ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ଉଭୟ ଗାଡି ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଓଡିଏ୩ଡି/୯୩୦୮ ନମ୍ବର ବିଶିଷ୍ଟ ଡିଜେଲ ବୋଝେଇ ଟ୍ୟାଙ୍କର ଝାରସୁଗୁଡାରୁ ଭବାନୀପାଟଣା ଯାଉଥିବା ବେଳେ ଉଲୁଣ୍ଡାରୁ ତୁରୁମ-ଗୋଡଭଗା ଦେଇ ଓଆର୧୭ଏଫ/୨୬୩୭ ନମ୍ବର ବିଶିଷ୍ଟ ଟ୍ରାକ୍ଟର ସହ ଉଦେପୁର ଛକଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଟ୍ୟାଙ୍କର ଚାଳକ ମଦନ କୁମାର ସିଂ ଓ ଟ୍ରାକ୍ଟର ଚାଳକ ମନବୋଧ ଭୋଇ ଅଳ୍ପକେ ବର୍ତ୍ତିଯାଇଥିଲେ । ଟ୍ରାକ୍ଟରର ସମ୍ମୁଖ ଭାଗ ଭାଙ୍ଗିଯାଇଥିବା ବେଳେ ଟ୍ୟାଙ୍କର ମଧ ଆଂଶିକ କ୍ଷତିଗ୍ରସ୍ତ ହୋଇଛି ।

### ରୌପ୍ୟ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ,୨୩।୨(ସ୍ୱ.ପ୍ର) ବୌଦ୍ଧ ସହରର ବୁଟୁପାଲି ସ୍ଥିତ ମାଉଳସିଙ୍ଗାଠାରେ ଥିବା ଜାନକୀ ଭିକାରୀ ଉଚ୍ଚ ବିଦ୍ୟାଳୟର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରୌପ୍ୟ ଜୟନ୍ତୀ ପାଳନ ନେଇ ଆଲୋଚନା କରାଯାଇଥିଲା। ଏଥିପାଇଁ ଗଠିତ କମିଟିରେ ଧର୍ମେନ୍ଦ୍ର ମେହେର ସଭାପତି, ଅରୁଣ କୁମାର ପାଢୀ ଉପସଭାପତି ଓ ଧରଣୀଧର ମେହେର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେହେରଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଏହାସହ ବିଭୂତି ଭୂଷଣ ବେହେରା ଓ ପ୍ରଦୀପ କୁମାର ସାହୁ ସହ ସମ୍ପାଦକ ଓ ବିଶ୍ୱଜିତ ସାହୁଙ୍କୁ କୋଷାଧକ୍ଷ ଭାବେ ମନୋନିତ ହୋଇଛନ୍ତି । ରୌପ୍ୟ ଜୟନ୍ତୀ ଅବସରରେ ବିଦ୍ୟାଳୟର ଏକ ମୁଖପତ୍ର ପ୍ରକାଶିତ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ଶିକ୍ଷକ ଜ୍ଞାନେନ୍ଦ୍ର ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭୈରବୀ କଲେଜରେ ପରୀକ୍ଷା ଦେବେ ୨୦୩ ଛାତ୍ରୀଛାତ୍ର

ପୁରୁଣାକଟକ,୨୩।୨(ଡି.ଏନ.ଏ) ହରଭଙ୍ଗା ବ୍ଲକ ପୁରୁଣାକଟକ ସ୍ଥିତ ଭୈରବୀ କନିଷ୍ଠ ମହାବିଦ୍ୟାଳୟରେ ଚଳିତ ବର୍ଷ ୨୦୩ ଜଣ ଛାତ୍ରୀଛାତ୍ର ଯୁକ୍ତ ଦୁଇ ପରୀକ୍ଷା ଦେବେ । ଏହି ମହାବିଦ୍ୟାଳୟ ହବ୍ ସେଣ୍ଟରର ମାନ୍ୟତା ପାଇଥିବାରୁ ଆସନ୍ତା ମାର୍ଚ୍ଚ ୪ ତାରିଖରୁ ପରୀକ୍ଷା ଆରମ୍ଭ ହେବ। ରେଗୁଲାର ୧୭୪, ଏକ୍ସ ରେଗୁରାଲ ୧୮, ସିସି କୋର୍ସରେ ୧୧ ଜଣ ଏପରି ଭାବେ ମୋଟ୍ ୨୦୩ ଜଣ ପରୀକ୍ଷା ଦେବେ ବୋଲି ଅଧ୍ୟକ୍ଷ ମନୋଜ ପାଠୀ କହିଛନ୍ତି ।

# ମନମୁଣ୍ଡାରେ ମେଡିକାଲ କଲେଜ ହସ୍ପିଟାଲ ହେବା ଖବର ଭାଇରାଲ




ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଫଟୋ ।

**ମନମୁଣ୍ଡା, ୨୩।୨ (ଡି.ଏନ.ଏ)**

ବୌଦ୍ଧ ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧୪ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ତନ୍ମଧରେ ମନମୁଣ୍ଡାରେ ୧୦.୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ମେଡିକାଲ କଲେଜ ହସ୍ପିଟାଲ ହେବ ବୋଲି କଣ୍ଟାମାଳ ବିଧାୟକ ମହୀଧର ରଣା ନିଜ ଫେସବୁକ ତଥା ସାମାଜିକ ଗଣମାଧମରେ ନବୀନଙ୍କ ଫଟୋ ସହ ନିଜ ଫଟୋ ଥାଇ ମେସେଜ ତଥା ପ୍ରଚାରପତ୍ର ଛାଡିଛନ୍ତି । ଏହା ମନମୁଣ୍ଡା, କଣ୍ଟାମାଳ ତଥା ବୌଦ୍ଧ ଜିଲାରେ ବହୁଳ ଭାବେ ଭାଇରାଲ ହୋଇଛି। ବୌଦ୍ଧ ଓ ସୋନପୁର ଭଳି ଜିଲା ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ ପାଇଁ ସରକାର ଘୋଷଣା କରି ନ ଥିବା ବେଳେ ମନମୁଣ୍ଡା ସିଏଚସିରେ ଏହା କିପରି ସମ୍ଭବ ବୋଲି ଅନେକ ସାମାଜିକ ଗଣମାଧମରେ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଓମପ୍ରକାଶ ମିଶ୍ର, ପୂର୍ବତନ ଯୁବ ମୋର୍ଚ୍ଚା ଜିଲା ସଭାପତି ନାରାୟଣ ଶର୍ମା, ଯୁବନେତା ଶିବ କର୍ମଙ୍କ ସମେତ ବହୁ ନେତା ପ୍ରତିକ୍ରିୟା ପ୍ରକାଶ କରି ମିଛ କଥା ପୋଷ୍ଟ କରି ଲୋକମାନଙ୍କୁ ଭୂଆଁ ବୁଲାଯାଉଛି ବୋଲି କହିଛନ୍ତି । ଯଦି ଏହା ସତ୍ୟ, ତେବେ ସ୍ୱାଗତଯୋଗ୍ୟ। ହେଲେ ସାମ୍ବାଦିକ ସମ୍ମିଳନୀ କରି ବିଧାୟକ ତାହା ସ୍ପଷ୍ଟ କରନ୍ତୁ ବୋଲି ଭାଜପା ଦାବି କରିଛି। ଏ ନେଇ ବିଧାୟକ ରଣା ଫୋନ ରିସିଭ ନ କରିବାରୁ ତାଙ୍କ ମତାମତ ମିଳିପାରିନାହିଁ। ତେବେ ମନମୁଣ୍ଡାରେ ମାତୃଶିଶୁ ହସ୍ପିଟାଲ ହେବ ବୋଲି ଲେଖିବା ବଦଳରେ ମେଡିକାଲ କଲେଜ ହସ୍ପିଟାଲ ହେବ ବୋଲି ଭୁଲରେ ପ୍ରିଣ୍ଟ ହୋଇଯାଇଛି ବୋଲି ଜିଲା ବିଜେଡି ସମ୍ପାଦକ ପ୍ରଶାନ୍ତ ରଣା ଏବଂ ବିଧାୟକଙ୍କ ପୁଅ ସୁଧାଂଶୁ ରଣା ଗଣମାଧମକୁ କହିଛନ୍ତି ।

# ଝିଅକୁ ବଳାତ୍କାର ମାମଲା ଅଭିଯୁକ୍ତ ବାପାଙ୍କୁ ଖୋଜୁଛି ପୋଲିସ

**ବରଗଡ଼ ଅଫିସ୍,୨୩।୨**

ବରଗଡ଼ ସହର ଉପକଣ୍ଠ ଏକ ଗ୍ରାମରେ ଶନିବାର ଜଣେ ନାବାଳିକା ଝିଅଙ୍କୁ ତାଙ୍କ ବାପା ବଳାତ୍କାର କରିଥିବା ଅଭିଯୋଗ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଏକ ମାମଲା (ନଂ.୭୨/୨୦) ରୁଜୁ କରିଛି। ସେହିପରି ସୋମବାର ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ଅଭିଯୁକ୍ତ ବାପା ଫେରାର୍ ଥିବା ଯୋଗୁ ପୋଲିସ ତାଙ୍କୁ ଗିରଫ କରିବାକୁ ତନାଘନା ଚଳାଇଥିବା ଜଣାପଡ଼ିଛି। ପୀଡ଼ିତା ନାବାଳିକାଙ୍କୁ ସ୍ଥାନୀୟ ଏକ ଅନାଥାଶ୍ରମରେ ଆଶ୍ରୟ ଦିଆଯାଇଥିବା ସୂଚନା ମିଳିଛି ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

## ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବି

**ରେଙ୍ଗାଲି,୨୩।୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟକରୁଥିବା ଏନ୍‌ଏଲ୍‌ସି କମ୍ପାନୀରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାକୁ ବୀରସୁରେନ୍ଦ୍ର ସାଏ ଶ୍ରମିକ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସଂଗଠନ ପକ୍ଷରୁ ଚନାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ଜାନୁୟାରୀ ୨ରୁ ୪ତାରିଖ ପର୍ଯ୍ୟନ୍ତ ବୀରସୁରେନ୍ଦ୍ର ସାଏ ଶ୍ରମିକ ସଂଗଠନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବିରେ ଏନ୍‌ଏଲ୍‌ସି କମ୍ପାନୀର ଠିକା ସଂସ୍ଥା ଆଦାନୀ ଗେଟ୍ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ପ୍ରଶାସନୀକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆଗାମୀ ୨୧ଦିନ ମଧ୍ୟରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଆନ୍ଦୋଳନକୁ ପ୍ରାୟ ୨ ମାସ ହେବାକୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୦ଜଣ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ବାହାର ରାଜ୍ୟର ପ୍ରାୟ ୨୦୦ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି। ଆଗାମୀ ୭ଦିନ ମଧ୍ୟରେ ସ୍ଥାନୀୟ ଲୋକଙ୍କୁ ଶତପ୍ରତିଶତ ନିଯୁକ୍ତି ଦିଆ ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଗଠନ କାର୍ଯ୍ୟକାରୀ ସଭାପତି ବାବୁଲୁ ରାଉତ ପ୍ରକାଶ କରିଛନ୍ତି।

# ରେଢାଖୋଲ ୫ଘଣ୍ଟା ବନ୍ଦ

**ରେଢାଖୋଲ ୨୩।୨(ଡି.ଏନ.ଏ)**

ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ସଂରକ୍ଷଣ ବିରୋଧି ବିଚାର ଓ ଏନ୍‌ଆର୍‌ସି, ସିଏଏ ଓ ଏନ୍‌ପିଆର ବିରୋଧରେ ଭୀମ ଆର୍ମି ପକ୍ଷରୁ ରବିବାର ଭାରତ ବନ୍ଦ ଡାକରା ପରିପେକ୍ଷୀରେ ରେଢାଖୋଲରେ ପ୍ରଭାବ ପଡିଥିଲା। ସକାଳ ୬ଟାରୁ କର୍ମକର୍ତ୍ତାମାନେ ସଞ୍ଜୟ ସାଗରଙ୍କ ନେତୃତ୍ୱରେ ଭୀମଭୋଇ ଛକରେ ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିଲା। ଏପରି କି ସହରରେ ଦୋକାନ ବଜାର ବନ୍ଦ ରହିଥିଲା। ପୂର୍ବାହ୍ନରେ ୧୧ଟାରେ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଉଠାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ବନ୍ଦ ଡାକରା ଯୋଗୁ ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ରହିଥିଲା।



ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିଛନ୍ତି।

# ଗଞ୍ଜେଇ ଭର୍ତ୍ତି ବୋଲେରୋ ଛାଡ଼ି ଡ୍ରାଇଭର ଫେରାର





- ଗାଡିରୁ ବାହାରିଲା ୨ କୁଇଣ୍ଟାଲ ଚୋରା ଗଞ୍ଜେଇ
- ପୋଲିସ ପାଟ୍ରୋଲିଂ ବେଳେ ଧାରାଗଡିଲା ଗାଡ଼ି

**ବଲାଙ୍ଗୀର ଅଫିସ, ୨୩।୨**

ଚୋରା ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ବୋଲେରୋ (ଓଆର୦୯ଜେ ୪୪୦୦) ଛାଡି ଡ୍ରାଇଭର ଓ ତାଙ୍କର ଜଣେ ସହଯୋଗୀ ଫେରାର ହୋଇଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ରବିବାର ଭୋର ୪ଟାରେ ବଲାଙ୍ଗୀର ସହରରୁ ଆଟଗାଁ ଯାଇଥିବା ରାସ୍ତାର ମଦନଗୁଡିଆ ବଗିଚା ନିକଟରେ ଟାଉନ ଥାନା ପୋଲିସ ଟିମ ପାଟ୍ରୋଲିଂ କରୁଥିବାବେଳେ ସାମ୍ନା ପଟରୁ ଆସୁଥିବା ଏକ ବୋଲେରୋ ଗାଡି କ୍ଷୀପ୍ରଗତିରେ ପଳାଇବାକୁ ଚେଷ୍ଟା କରିଥିଲା । ଏହାପରେ ପୋଲିସ ଟିମ୍ ଉକ୍ତ ଗାଡିର ପିଛା କରିଥିଲା। ଭାଗିରଥି ଛକରୁ ଟାଉନ୍ ଥାନା ମଧରେ ଗାଡିକୁ ଛାଡି ଦେଇ ଡ୍ରାଇଭର ଓ ତାଙ୍କର ଜଣେ ସହଯୋଗୀ ସହର ଭିତର ଗଳି ରାସ୍ତାରେ ଫେରାର ହୋଇଯାଇଥିଲେ। ଏହାପରେ ଉକ୍ତ ବୋଲେରୋକୁ ଯାଞ୍ଚ କରିବାରୁ ସେଥିରେ ୭ ବସ୍ତା ଗଞ୍ଜେଇ ଥିବା ଜଣାପଡିଥିଲା । ଏହାପରେ ଉକ୍ତ ଗାଡିକୁ ଟାଉନ୍ ଥାନାକୁ ଅଣାଯାଇ ସେଥିରେ ଥିବା ଗଞ୍ଜେଇ ଓଜନ କରାଯିବା ପରେ ଏହା ୨ କୁଇଣ୍ଟାଲ ଓଜନ ହୋଇଥିଲା। ଗାଡିଟି ବୌଦ୍ଧ କିମ୍ବା କନ୍ଧମାଳ ଜିଲାରୁ ଗଞ୍ଜେଇ ନେଇ ଯାଉଥିବା ଅନୁମାନ କରାଯାଉଛି । ମାଜିଷ୍ଟ୍ରେଟ ଗୁରେଶ୍ୱର ଭୋଇଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବା ସହ ଏହାର ସମସ୍ତ ଆଇନଗତ ବିଧି ଅନୁଯାୟୀ ଜବତ କରାଯାଇଥିଲା । ଏନେଇ ଟାଉନ୍ ଥାନା ଇନଚାର୍ଜ ଆଇଆଇସି ତୋଫାନ ବାଗଙ୍କୁ ପଚରାଯିବାରୁ ବୋଲେରୋକୁ ଜବତ କରିବା ପରେ ଏ ଦିଗରେ ତଦନ୍ତ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ସେ ସୂଚନା ଦେଇଛନ୍ତି। ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ. ୭୭/୨୦) ରୁଜୁ କରାଯାଇଛି।

# ସଂସ୍କୃତି, ପରିଚୟକୁ ବଞ୍ଚାଇ ରଖିଛି ସାହିତ୍ୟ

**ସୋନପୁର,୨୩।୨(ନି.ପ୍ର.)**



ଆର୍ତ୍ତତ୍ରାଣ ବାବୁଙ୍କୁ ମହାନଦୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି ।

**ମହାନଦୀ ଉତ୍ସବ ୨୦୨୦**

ଆଧୁନିକ ସମାଜରେ କଳା, ସାହିତ୍ୟ ଓ ସଂସ୍କୃତି ହଜି ଯିବାକୁ ବସିଛି। ଭାଇଚାରା ଓ ଭାତୃତ୍ୱର ଭାବ ଦେଖିବାକୁ ମିଳୁନି। ମଣିଷ ସ୍ୱାର୍ଥ ସର୍ବସ୍ୱ ହୋଇପଡିଛି। ଏଭଳି ସ୍ଥିତିରେ ସଂସ୍କୃତି ଓ ନିଜସ୍ୱ ପରିଚୟ ବଞ୍ଚାଇ ରଖିଛି ସାହିତ୍ୟ। କାରଣ ସାହିତ୍ୟ ଓ ସଂସ୍କୃତି ସମାଜ ପାଇଁ ସମର୍ପିତ ବୋଲି ରବିବାର ମହାନଦୀ ଉତ୍ସବ ୨୦୨୦ ସମ୍ବର୍ଦ୍ଧନା ସମାରୋହ ଅବସରରେ ସୁବର୍ଣ୍ଣପୁର ଏସ୍‌ପି ଦେବୀ ପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ସୁବର୍ଣ୍ଣପୁରର ଅଗ୍ରଣୀ କଳା, ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦ ପକ୍ଷରୁ ସଂସଦର ୨୬ତମ ପୂର୍ତ୍ତି ପାଳନ ଉତ୍ସବ ଭୀମଭୋଇ କଳା ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ସଂସଦର ସଭାପତି ନାଟ୍ୟଶ୍ରୀ ଗଦାଧର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ପଦ୍ମଶ୍ରୀ ଡ. ଚତୁର୍ଭୁଜ ମେହେର, ଓଡିଶା ସାହିତ୍ୟ ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୨୬ ବର୍ଷ ଧରି ଏହି ସଂସଦ ସାହିତ୍ୟ ସହିତ ସାଂସ୍କୃତିକ ଜାଗରଣ, ନାଟକ ଓ ନୃତ୍ୟର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା କହିଥିଲେ। ଏହି ଅବସରରେ ବରିଷ୍ଠ କବି ଆର୍ତ୍ତତ୍ରାଣ ବାବୁଙ୍କୁ ମହାନଦୀ ସାହିତ୍ୟ ସମ୍ମାନ, ନାଟ୍ୟକାର ବାସୁଦେବ ନାଏକଙ୍କୁ ମହାନଦୀ ନାଟ୍ୟ ସମ୍ମାନ, କଣ୍ଠଶିଳ୍ପୀ ବିକାଶ ଚନ୍ଦ୍ର ମିଶ୍ରଙ୍କୁ ମହାନଦୀ ସଙ୍ଗୀତ ସମ୍ମାନ ଓ କବୟିତ୍ରୀ ତଥା ନାଟ୍ୟକାର ଚନ୍ଦ୍ରାବତୀ ପାଣ୍ଡେଙ୍କୁ ମହାନଦୀ ଯୁବ ପ୍ରତିଭା ସମ୍ମାନ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଂସଦର ସ୍ମରଣିକା ଓଜସ୍‌କୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ। ସମ୍ପାଦକ ଅଧାପକ ସଞ୍ଜିବ୍ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ତଥା ଓଡିଶା ସାହିତ୍ୟ ଏକାଡେମୀର ସଭ୍ୟ ପୁରୁଷୋତ୍ତମ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପୂର୍ବାହ୍ନରେ ସନ୍ଥ କବି ଭୀମଭୋଇଙ୍କ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଥିଲା। ସୋନପୁର କଲେଜର ପ୍ରାକ୍ତନ ଅଧକ୍ଷ ତଥା ଐତିହାସିକ ଡ. କେଦାରନାଥ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭୀମଭୋଇଙ୍କ ସାହିତ୍ୟ ସାଧନା ଓ କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ବ୍ରଜମୋହନ ଦାନୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଉଲୁଣ୍ଡା ଡିଗ୍ରୀ କଲେଜର ଅଧକ୍ଷ ଡ. ଦେବାଶିଷ ପାଣ୍ଡିଆ, ଲକ୍ଷ୍ମୀନାରାୟଣ ମେହେର ଓ ଆର୍ତ୍ତତ୍ରାଣ ବାବୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଅମ୍ବୁଜ ବିହାରୀ ଶତପଥୀ ସଭାକୁ ସଂଯୋଜନା କରିଥିଲେ। ଅପରାହ୍ନରେ କବିତା କାହିଁକି ଓ କାହା ପାଇଁ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାଧାପକ ଡ. ଜ୍ୟୋତି ରଞ୍ଜନ ବହିଦାର, ସମ୍ମାନିତ ଅତିଥିଭାବେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ସଞ୍ଜୟ ମିଶ୍ର, ନୀଳ ଲୋହିତ ମହାପାତ୍ର, ଚନ୍ଦ୍ର ଶେଖର ହୋତା, ଅଧାପକ ନିରଞ୍ଜନ ପାଣ୍ଡିଆ ପ୍ରମୁଖ ଯୋଗ ଦେଇଥିଲେ। ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ନବୀନ ବିଶ୍ୱବନ୍ଧୁ ମୁଖ୍ୟ ଅତିଥି, କବି ଶ୍ୟାମା ଓଁ ପ୍ରସାଦ ମିଶ୍ର, କବି ପ୍ରଭୁଦତ୍ତ ରଥ, କବୟିତ୍ରୀ ରଞ୍ଜିତା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଅଧାପକ ସୌରଭ ରଞ୍ଜନ ଖମାରୀ ପାଠୋତ୍ସବରେ ପୌରହିତ୍ୟ କରିଥିଲା ବେଳେ କବି ଅଦ୍ୱୈତ କୁମାର ପଣ୍ଡା, ଦେବଯାନୀ ମେସୁଆ ଓ କ୍ଷୀରୋଦ ବିହାରୀ ବିଶ୍ୱାଳ କବିତା ସଂଯୋଜନା କରିଥିଲେ ।

**ସଂକ୍ଷେପରେ...**

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ସନ୍ଦେହ

ବରଗଡ଼ ଅଫିସ୍,୨୩।୨

ବରଗଡ଼ ସହର ଉପକଣ୍ଠ ବରଡ଼ୋଲ (ଡାଙ୍ଗ) ଗ୍ରାମର ଜଣେ ମହିଳାଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ଯାଜ୍ଞସେନୀ କୁମ୍ଭାର(୫୦)। ଭୀମସାର୍ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ମୃତଦେହକୁ ସେଠାକାର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ତେବେ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟହୋଇ ପାରି ନ ଥିବାବେଳେ ହତ୍ୟା ସନ୍ଦେହ କରାଯାଉଛି। ଅନ୍ୟପଟେ ପୋଲିସ ମୃତ ମହିଳାଙ୍କ କିଛି ସମ୍ପର୍କୀୟଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଖବର ମିଳିଛି। ସୂଚନା ଅନୁଯାୟୀ, ମୃତ ମହିଳାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।

# ହକ୍ ଦାବି କରି ମାମଲାରେ ଛନ୍ଦି ହେଲେ ଜନତା

**ଡାକ୍ତରଖାନାକୁ ନେଇ ଜନ ଆନ୍ଦୋଳନ ପ୍ରସଙ୍ଗ**

ବରଗଡ଼ ଅଫିସ୍,୨୩।୨

ବରଗଡ଼ ସହରରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିବା କେତେକ ଲୋକଙ୍କ ବିରୋଧରେ ପୋଲିସ ଟାଉନ ଥାନାରେ ୪ଟି ମାମଲା (ନଂ.୫୨/୨୦, ୫୩/୨୦, ୫୪/୨୦ ଏବଂ ୫୫/୨୦) ରୁଜୁ କରିଥିବା ସୂଚନା ମିଳିଛି । ମାମଲା ନଂ.୫୪/୨୦ ଓ ନଂ.୫୫/୨୦ରେ ଦଫା ୧୪୩, ୩୪୧, ୨୯୪, ୨୮୩, ୫୦୬, ୧୪୯ ରହିଥିବାବେଳେ ଅନ୍ୟ ୨ଟି ମାମଲାରେ ସଙ୍ଗୀନ ଦଫା ଲାଗିଛି । ମାମଲା ନଂ.୫୨/୨୦ରେ ଦଫା ୧୪୩, ୨୮୩, ୩୪୧, ୧୪୯ ଓ ୪ ପ୍ରିଭେନ୍ସନ ଅଫ ଡ୍ୟାମେଜ୍ଡ ଟୁ ପବ୍ଲିକ ପ୍ରପର୍ଟି ଆକ୍ଟ-୧୯୮୪ ଲାଗିଥିବାବେଳେ ମାମଲା ନଂ.୫୩/୨୦ରେ ଦଫା ୧୪୭, ୧୪୮, ୩୪୧, ୩୨୩, ୩୦୭, ୨୯୪, ୩୫୩, ୫୦୬, ୪୨୭, ୧୪୯ ଆଇପିସି ଲାଗିଛି ।



ମାମଲା ରୁଜୁ ହୋଇଥିବା ଜାଣିବା ପରେ ଲୋକେ ପୁରୁଣା ଡାକ୍ତରଖାନା ପରିସରରେ ଆଲୋଚନା କରୁଛନ୍ତି ।

ଅନ୍ୟପଟେ ହକ୍ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇ ଥିବାବେଳେ ସେମାନଙ୍କ ବିରୋଧରେ ପୋଲିସ ଏଭଳି ମାମଲା ରୁଜୁ କରିଥିବା ଜାଣିବା ପରେ ବରଗଡ଼ ହସ୍ପିଟାଲ ଅଭିଯାନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ଅଭିଯାନର ପ୍ରତିନିଧିମାନେ ରବିବାର ସନ୍ଧ୍ୟାରେ ପୁଣି ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ସଭା କରି ପୋଲିସର ସେଭଳି କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଥିଲେ। ଏହା ସହିତ ପୋଲିସ ସେମାନଙ୍କୁ ଗିରଫ କଲେ କେହି ଜାମିନ ପାଇଁ ଆବେଦନ ନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ସେହିପରି ଆସନ୍ତା ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତିକ ମହିଳା ଦିବସକୁ ସେମାନେ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ପ୍ରସ୍ତାବ ଗ୍ରହଣ କରିଥିଲେ । ଉକ୍ତ ସଭାରେ ରମେଶ ମହାପାତ୍ର, ଭବାନୀ ପ୍ରସାଦ ସାହୁ, ରାଜେନ୍ଦ୍ର ସିକନ୍ଦର, ଏମଡ଼ି ଅଲିମ, ଏମଡ଼ି ନିଜାମ, ରମେଶ ପତି ଉପସ୍ଥିତ ଥିଲେ ।

ପ୍ରକାଶଥାଉକି, ଗତ ମାସ ୨୧ତାରିଖରେ ଟୁକୁର୍ଲା(ଖେଦାପାଲି)ରେ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଏହାପରେ ଗତ ମାସ ୩୧ତାରିଖରୁ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାର ଅନ୍ତର୍ବିଭାଗ, ବହିର୍ବିଭାଗରେ ତାଲା ପକାଇ ଦିଆଯାଇଥିଲା । ଏହାକୁ ନେଇ ଗତ ୧ତାରିଖରୁ ଜନ ଆନ୍ଦୋଳନ ତେଜି ଉଠିଥିଲା । ଉତ୍ୟକ୍ତ ଲୋକେ ସ୍ଥାନୀୟ ବିଧାୟକଙ୍କୁ ଡାକ୍ତରଖାନା ପରିସରରେ ଘେରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେହିପରି ଥାନା ସମ୍ମୁଖରେ ମଧ୍ୟ ଧାରଣାରେ ବସି ବିକ୍ଷୋଭ କରିଥିଲେ । ସେତେବେଳେ କିଛି ଯୁବକ ଥାନା ପଛପଟ ପୋଲିସ କଲୋନୀ ନିକଟରେ ଢ଼େଲାମାଡ଼ କରିଥିବା (ମାମଲା ନଂ-୫୩/୨୦) ଯୋଗୁ ଜଣେ ପୋଲିସ କର୍ମଚାରୀ ଆହତ ହେବା ସହିତ ଗାଡ଼ି ଭାଙ୍ଗିଥିବା ଅଭିଯୋଗ ହୋଇଛି। ଏହା ସହିତ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରାଯାଇଥିଲା। ଏହିସବୁ ଘଟଣାକୁ ନେଇ ପୋଲିସ ଅଧିକାରୀଙ୍କ ଏତଲାକୁ ଭିତ୍ତି କରି ଉପରୋକ୍ତ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି ।

## ବ୍ୟବସାୟୀ ରମେଶଙ୍କୁ ନୋଟିସ

ବ୍ରଜରାଜନଗର, ୨୩।୨ (ଡି.ଏନ.ଏ.): ବହୁ ଚର୍ଚ୍ଚିତ କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣାରେ ଛତିଶଗଡ଼ ପୋଲିସ ପୂର୍ବତନ ବିଧାୟକ ଅନୁପ ସାଏ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ହେଲେ ଛତିଶଗଡ଼ ପୋଲିସ ଅଧିକ ତଥ୍ୟ ଯୋଗାଡ଼ରେ ଶନିବାର କୋଇଲା ଟ୍ରାନ୍ସପୋଟର ରମେଶ ଗନେରିଆଲଙ୍କୁ ଥାନାରେ ହାଜର ହେବାକୁ ନୋଟିସ ଜାରି କରିଥିଲା। ନୋଟିସ ପାଇବା ପରେ ସମେଶ ରବିବାର ଚକ୍ରଧରନଗର ଥାନାରେ ହାଜର ହୋଇଥିବା ଜଣାପଡ଼ିଛି।

## ମୋ କାକାଙ୍କୁ ଫସାଇ ଦିଆଯାଇଛି

ବ୍ରଜରାଜନଗର,୨୩।୨(ଡି.ଏନ.ଏ.): ରାଜନୀତିର ପଶାପାଲିରେ ମୋ କାକାଙ୍କୁ ଫସାଇ ଦିଆଯାଇଛି । ଏକ ନାଟକୀୟ ଢ଼ଙ୍ଗରେ କାକାଙ୍କୁ ଦୋଷୀ ସଜାଇ ଦିଆଯାଇଥିବା ଅନୁପଙ୍କ ପୁତୁରା ସଂଗ୍ରାମ ସାଏ ଅଭିଯୋଗ କରିଛନ୍ତି। ରବିବାର ଝାରସୁଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ବସିଥିବା ବେଳେ ସଂଗ୍ରାମ ଏଭଳି ଅଭିଯୋଗ ଆଣିଛନ୍ତି। ଘଟଣାର ସିବିଆଇ ତଦନ୍ତ କରି ପର୍ଦ୍ଦାଫାଶ କରିବାକୁ ସେ ଦାବି କରିଛନ୍ତି।

# ଜହାଜପଡ଼ା ଚାମ୍ପିୟନ

**ବେଲପାହାଡ଼ ରାଇଜିଂଷ୍ଟାର ଫୁଟବଲ ଟୁର୍ନାମେଣ୍ଟ**

ବେଲପାହାଡ଼,୨୩।୨(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ଟିଆର୍‌ଏଲ ଷ୍ଟାଡ଼ିୟମରେ ଆୟୋଜିତ ରାଇଜିଂଷ୍ଟାର ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟରେ ଗୁମାଡ଼େରା ଯାହାଜପଡ଼ା କଳିଙ୍ଗ କ୍ଲବ ୯-୮ ଗୋଲରେ ଲଖନପୁର ପୋଲିସ ଦଳକୁ ପରାସ୍ତ କରି ଚାମ୍ପିୟନ ଟ୍ରଫି ହାସଲ କରିଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ୍ ସ୍କୋର କରିପାରି ନ ଥିଲେ। ଫଳରେ ଟ୍ୟାଫେରି ପେନାଟିକ୍ ସୁଟର ନିଷ୍ପତ୍ତି ନେଇଥିଲେ। ଏଥିରେ କଳିଙ୍ଗ କ୍ଲବ ୯ଟି ଗୋଲ ଦେଇଥିବା ବେଳେ ଲଖନପୁର ପୋଲିସ ୮ଟି ଗୋଲ କରିଥିଲା। ଉଦ୍‌ଯାପନୀ ସମାରୋହରେ ଡ଼.ଏ.ପି.ମିଶ୍ର, ଡ. ଦିଲୀପ ନାୟକ, ଜିବନ ମହାନ୍ତି, ପ୍ରଜ୍ୱଳ ପଟେଲ, ବୈକୁଣ୍ଠ ବିହାରୀ ସେଠ ଅତିଥି ଭାବେ ଯୋଗ ବିଜୟୀ ଦଳ, ରନର୍ସଅପ ଦଳ ସହ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ସୃଙ୍ଖଳିତ ଦଳ ଭାବେ ଲଖନପୁର ପୋଲିସ ଦଳକୁ ପୁରସ୍କୃତ କରାଯାଇଥିଲା। ସେହିପରି ଉତ୍ତମ ଖେଳାଳି ଭାବେ ଜାହାଜପଡ଼ା ଦଳର ସରୋଜ ବେନିଆ ଏବଂ ଅରୁଣ ବୁଦୁଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଯାହାଜପଡ଼ା ଦଳକୁ ଟ୍ରଫି ସହିତ ୨୦ ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସହିତ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି । ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ।




ଅତିଥିମାନେ ଚାମ୍ପିୟନ ଯାହାଜପଡ଼ା ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ଠିଆନାଳରେ ବାଲ୍ୟ ବିବାହକୁ ନା କାର୍ଯ୍ୟକ୍ରମ

ରିଆମାଳ, ୨୩।୨(ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ ବୁଢ଼ାପାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଠିଆନାଳ ଗ୍ରାମରେ ସାଧୁ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ବାଲ୍ୟ ବିବାହକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆକ୍ସନ ଏଡ଼ ଇଣ୍ଡିଆ ଜିଲା ସଂଯୋଜକ କୁମୁଦ ଚନ୍ଦ୍ର ଶତପଥୀ, ନିମାସ ମିଞ୍ଜ ଯୋଗଦେଇ ବାଲ୍ୟ ବିବାହକୁ ବନ୍ଦ କରିବା ଉପରେ ବକ୍ତବ୍ୟ ରଖି ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ବରୁଣ ପ୍ରଧାନ, ପରମା ଦେହୁରୀ, ଲକ୍ଷ୍ମଣ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦମୟନ୍ତୀ ଦେହୁରୀ, ମମତା ଦେହୁରୀ, ସସ୍ମିତା ଦେହୁରୀ, ବରୁଆଁ ଦେହୁରୀ, ଭାମା ଦେହୁରୀ, ରଙ୍ଗ ବାଘ, ମିନ ଦେହୁରୀ ତଥା ଗ୍ରାମର ବହୁ ସଂଖ୍ୟାରେ ମହିଳା, ପୁରୁଷ ଯୋଗଦେଇଥିଲେ।

# ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ବେଲପାହାଡ଼,୨୩।୨(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ସତ୍‌ସଙ୍ଗ ବିହାରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ରବିବାର ସକାଳେ ସତ୍‌ସଙ୍ଗ ଭବନରେ ସମବେତ ପ୍ରାର୍ଥନା ଏବଂ ବିଭିନ୍ନ ଧର୍ମର ପବିତ୍ର ଗ୍ରନ୍ଥ ପଠନ କରାଯାଇଥିଲା। ପରେ ସ୍ୱସ୍ତିକ ପତାକା ଉତ୍ତୋଳନ କରାଯାଇଥିଲା। ପୂର୍ବାହ୍ନରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଫଟୋଚିତ୍ରକୁ ଏକ ଗାଡ଼ିରେ ସୁସଜ୍ଜିତ କରି ନଗର ପରିକ୍ରମା କରାଯାଇଥିଲା। ଅପରାହ୍ନରେ ସତସଙ୍ଗ ଭବନରେ ମାତୃ ସମ୍ମିଳନୀ ହୋଇଥିଲା । ସନ୍ଧ୍ୟାରେ ସମବେତ ପ୍ରାର୍ଥନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜନ୍ମୋତ୍ସବ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର, ହୀରାକୁଦ, ବନ୍ଧବାହାଲ, ଅଡାପଡ଼ା, ଝାରସୁଗୁଡ଼ା ଏବଂ ଆଖପାଖ ଗ୍ରାମାଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ଉତ୍ସବ ଆୟୋଜନ ଓ ପରିଚାଳନାରେ ଟଙ୍କଧର ମହାରଣା, ବିଜନୁ କୁମାର ନାୟକ, ଦିବାକର ମହାନ୍ତି, ମନୋରଞ୍ଜନ ନାୟକ, ସନ୍ତୋଷ ମହାପାତ୍ର, ସାରଳା ସାହୁ, ସନ୍ତୋଷ ପାତ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟା ଓ ସଦସ୍ୟ ସହଯୋଗ କରିଥିଲେ।




ଠାକୁର ଅନୁକୂଳଚନ୍ଦ୍ରଙ୍କଜନ୍ମ ମହୋତ୍ସବରେ ନଗର କୀର୍ତ୍ତନ କରାଯାଉଛି।

## ସିନିୟର ଇନ୍‌ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ: ପାଟଣାଗଡ଼ ବିଜୟୀ

ବଲାଙ୍ଗୀର ଅଫିସ, ୨୩।୨

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଓସିଏ ଭିଜନ-୨୦୨୪ ସିନିୟର ଇନ୍‌ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିନରେ ରବିବାର ୟଙ୍ଗ ଷ୍ଟୁଡେଣ୍ଟ୍ କ୍ରିକେଟ କ୍ଲବ ଓ ପାଟଣାଗଡ କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପାଟଣାଗଡ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୮ ଉଇକେଟ ହରାଇ ୨୨୬ ରନ୍ ସଂଗ୍ରହ କରିଥିଲେ । ଏହାର ଜବାବରେ ୟଙ୍ଗ୍ ଷ୍ଟୁଡେଣ୍ଟ ଦଳ ସମସ୍ତ ଉଇକେଟ ହରାଇ ୧୫୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ୟଙ୍ଗ୍ ଷ୍ଟୁଡେଣ୍ଟ ଦଳ ତରଫରୁ ସଫଳ ବ୍ୟାଟ୍ସମ୍ୟାନ ଭାବେ ସୟିଦ ଆଫ୍ରିଦୀ ୫୫ ରନ୍ ସଂଗ୍ରହ କରିଥିଲେ। ଏହି ମ୍ୟାଚକୁ ରାଜେନ୍ଦ୍ର ସେଠ୍ ଓ ରଜତ ଦାସ ଅମ୍ପାୟାର ଭାବେ ପରିଚାଳନା କରିଥିଲେ । ଅନ୍ ଲାଇନ ସ୍କୋର୍ ଭାବେ ସୁଶୀଳ କୁମାର ସୁନ୍ଦରାୟ ଦାୟିତ୍ୱ ବହନ କରିଥିଲେ ।

# ପଳସମା କ୍ରିକେଟ ଟୁର୍ନାମେଣ୍ଟ: ଛେଣ୍ଡିପଦା ଚାମ୍ପିୟନ

ରିଆମାଳ, ୨୩।୨(ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ ପଳସମା ଗ୍ରାମ ପଞ୍ଚାୟତ ଖେଳ ପଡ଼ିଆରେ ଗତ ସାତ ଦିନ ଧରି ଚାଲିଥିବା ସନ୍ତୋଷ ଏବଂ ସତ୍ୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ବ୍ଲକ ସଭାପତି ସୁଧାଂଶୁ ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଛେଣ୍ଡିପଦା ଓ ଅନୁଗୋଳ ମଧ୍ୟରେ ହୋଇଥିଲା। ଅନୁଗୋଳ ଟସ୍ ଜିତି ପ୍ରଥମେ ଫିଲଟିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ଛେଣ୍ଡିପଦା ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୭୨ ରନ କରିଥିଲା। ଦଳ ପକ୍ଷରୁ ଦେବେନ୍ଦ୍ର ପ୍ରଧାନ ସର୍ବାଧିକ ୩୮ ରନ କରିଥିଲା ବେଳେ ଅନୁଗୋଳର ଦେବାଂଶୁ ଓଝା ୫ ଟି ଉଇକେଟ ନେଇଥିଲେ। ଜବାବରେ ଅନୁଗୋଳ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୪୫ ରନ କରି ପରାଜିତ ହୋଇଥିଲା। ମ୍ୟାଚ ଅଫ ଦି ମ୍ୟାଚ ଭାବେ ଛେଣ୍ଡିପଦା ଦଳର ନିରଞ୍ଜନ ପ୍ରଧାନଙ୍କୁ ବିବେଚିତ କରାଯାଇଥିଲା। ଆଲୋକ ଆଚାର୍ଯ୍ୟ ଓ ସୁନିଲ କୁମାର ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ସାମାଜିକ କର୍ମୀ ଇଂ. ଚିତ୍ତରଞ୍ଜନ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ଫରେଷ୍ଟର ଛବିଳ ବେହେରା, ବାଞ୍ଛାନିଧି ଆଚାର୍ଯ୍ୟ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଛେଣ୍ଡିପଦା ଓ ରନର୍ସଅପ ଅନୁଗୋଳ ଦଳକୁ ପୁରସ୍କୃତ କରିଥିଲେ। କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟର ସଫଳ ସମାପନରେ ସହଯୋଗ କରିଥିଲେ।

## ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ବ୍ୟାପକ ପ୍ରସ୍ତୁତି

**ମାର୍ଚ୍ଚ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିବ**

ଦେବଗଡ଼,୨୩।୨(ଡି.ଏନ.ଏ.)

ଶାନ୍ତିକୁଞ୍ଜ ହରିଦ୍ୱାରସ୍ଥିତ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ତତ୍ତ୍ୱାବଧାନରେ ଦେବଗଡ ଗାୟତ୍ରୀ ପରିବାର ପକ୍ଷରୁ ସ୍ଥାନୀୟ ସଭାଗୋଲିଠାରେ ଆଗାମୀ ମାର୍ଚ୍ଚ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ପ୍ରଜ୍ଞା ପୁରାଣ କଥା ପ୍ରବଚନ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି । ବିଭିନ୍ନ କାର୍ଯ୍ୟକ୍ରମ ଚୂଡାନ୍ତରେ ପହଞ୍ଚିଛି । ଆଗାମୀ ମାର୍ଚ୍ଚ ୬ ତାରିଖରେ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମଙ୍ଗଳ କଳସଯାତ୍ରା ହେବ। ଏହା ପରେ ଦେବ କଳସ ସ୍ୱାଗତ, ମାତୃଶକ୍ତି ଜାଗରଣ ସମ୍ବନ୍ଧୀୟ ଉଦବୋଧନ, ମଧ୍ୟାହ୍ନରେ ପ୍ରସାଦ ସେବନ ଏବଂ ସଂଧ୍ୟା ୬ଟାରୁ ୯ଟା ପର୍ଯ୍ୟନ୍ତ ପ୍ରଜ୍ଞା ସଙ୍ଗୀତ ଓ ପ୍ରଜ୍ଞା ପୁରାଣ କଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମାର୍ଚ୍ଚ ୭ ତାରିଖ ପ୍ରତ୍ୟୁଷରୁ ସକଳ ୮ଟା ପର୍ଯ୍ୟନ୍ତ ସାମୁହିକ ଜପ, ଧ୍ୟାନ, ପ୍ରଜ୍ଞାଯୋଗ ବ୍ୟାୟାମ, ସକାଳ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଯଜ୍ଞ, ସଂସ୍କାର କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ ହେବ। ସନ୍ଧ୍ୟା ୬ଟାରୁ ୯ଟା ପର୍ଯ୍ୟନ୍ତ ପ୍ରଜ୍ଞା ସଙ୍ଗୀତ, ପ୍ରବଚନ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ମାର୍ଚ୍ଚ ୮ ତାରିଖ ପ୍ରତ୍ୟୁଷରୁ ସକାଳ ୮ଟା ପର୍ଯ୍ୟନ୍ତ ସାମୁହିକ ଜପ, ଧ୍ୟାନ, ପ୍ରଜ୍ଞାଯୋଗ ବ୍ୟାୟାମ, ସକାଳ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଯଜ୍ଞ ଓ ସଂସ୍କାର କାର୍ଯ୍ୟକ୍ରମ ହେବ । ସନ୍ଧ୍ୟା ୬ଟାରୁ ପ୍ରଜ୍ଞା ସଙ୍ଗୀତ ଓ ପ୍ରଜ୍ଞା ପୁରାଣ କଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମାର୍ଚ୍ଚ ୯ ତାରିଖ ଉଦଯାପନୀ ଦିବସର ପ୍ରତ୍ୟୁଷରୁ ସକାଳ ୮ଟା ପର୍ଯ୍ୟନ୍ତ ସାମୁହିକ ଜପ, ଧ୍ୟାନ, ପ୍ରଜ୍ଞାଯୋଗ ବ୍ୟାୟାମ, ସକାଳ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଯଜ୍ଞ ଓ ସଂସ୍କାର କାର୍ଯ୍ୟକ୍ରମ ଏବଂ ୨ଟାରେ ପୂର୍ଣ୍ଣାହୁତି, ପ୍ରସାଦ ସେବନ ସହ ମହାଯଜ୍ଞ ଉଦଯାପିତ ହେବ । ଏହି ଗାୟତ୍ରୀ ଯଜ୍ଞ ଅବସରରେ ସମସ୍ତ ପ୍ରକାର ଅଧ୍ୟାତ୍ମିକ ପୁସ୍ତକଗୁଡିକର ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ। ଏଥିସହ ପ୍ରତ୍ୟହ ମଧ୍ୟାହ୍ନରେ ଅନ୍ନ ଯଜ୍ଞର ବ୍ୟବସ୍ଥା ରହିଥିବା ଦେବଗଡ ଗାୟତ୍ରୀ ପରିବାର ପକ୍ଷରୁ ଡାକ୍ତର ବିଳାସିନୀ ଦ୍ୱିବେଦୀ ସୂଚନା ଦେଇଛନ୍ତି।

# ସ୍ମୃତିରେଖା ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବ

ଦେବଗଡ଼,୨୩।୨(ଡି.ଏନ.ଏ)

ତିଲେଇବଣି ବ୍ଲକ କୋରଡ ଗ୍ରାମରେ ସ୍ମୃତିରେଖା ସାହିତ୍ୟ ସଂସଦର ଷଷ୍ଠ ସାମ୍ବତ୍ସରିକ ଉତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସାହିତ୍ୟ ସଂସଦର ସମ୍ପାଦକ ଫକୀର ମୋହନ ଦେହୁରୀଙ୍କ ତତ୍ତ୍ୱାବଧାନ ଓ ନାରାୟଣ ନାୟକଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲା ବଇଣ୍ଡାର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିରଞ୍ଚି ନାରାୟଣ ନାୟକ, ସମ୍ମାନିତ ଅତିଥି ଭାବେ ଦେବଗଡ ତହସିଲଦାର ପଲ୍ଲବୀ ନାୟକ ଓ ଭାତୃଦେବ ଭାତୃକୁମାର ପ୍ରଫୁଲ୍ଲ ଏବଂ ମୁଖ୍ୟବକ୍ତା ଭାବେ ଜବାହର ନବୋଦୟ ବିଦ୍ୟାଳୟର ଓଡିଆ ଅଧାପକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ଓଡିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କବି ନାରାୟଣ ନାୟକଙ୍କ ରଚିତ କବିତା ସଂକଳନ 'ସଂସ୍କାର ସାର' ଓ କବି ଫକୀର ମୋହନ ଦେହୁରୀଙ୍କ ରଚିତ କବିତା ସଂକଳନ 'ସଜଫୁଲ' ଉନ୍ମୋଚିତ ହୋଇଥିଲା। ସାହିତ୍ୟ ସାଧନା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଝାରସୁଗୁଡାର ବସନ୍ତ କୁମାର ରାଜ ଓ ସମ୍ବଲପୁର ଜିଲା ଗୋଧିଡିପ ଗ୍ରାମର ହରିହର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାକୁ ସଂଯୋଜକ ଭାବେ କଣ୍ଢେଇ ସ୍ଥିତ ପତିତପାବନ ସାହିତ୍ୟ ସଂସଦର ସମ୍ପାଦକ ଟିକେଶ୍ୱର ସାହୁ ଓ ରେଙ୍ଗାଲବେଡା ସ୍ଥିତ ରାଧାକୃଷ୍ଣ ସାହିତ୍ୟ ସଂସଦର ସମ୍ପାଦକ ବିପିନ ବିହାରୀ ପୃଷ୍ଟି ସଂଯୋଜନା କରିଥିଲେ। ରେଙ୍ଗାଲବେଡା ସ୍ଥିତ ରାଧାକୃଷ୍ଣ ସାହିତ୍ୟ ସଂସଦର ଉପସଭାପତି ଉଦୟ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥଲେ। ଉତ୍ସବରେ ଦେବଗଡ ଜିଲା ଓ ଜିଲା ବାହାରର ବହୁ କବୟିତ୍ରୀ, କବି, ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଶେଷରେ ସ୍ମୃତିରେଖା ସାହିତ୍ୟ ସଂସଦର ସମ୍ପାଦକ ଫକୀର ମୋହନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।



ସ୍ମୃତିରେଖା ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବରେ ଉପସ୍ଥିତ ଅତିଥି ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗତାକୁ ଦିଅନ୍ତା ନାହିଁ**
**ନିତି ମଲୁକୁ ଚାହାନ୍ତି ନାହିଁ।**
**ନିତି କୁଣିଆଁକୁ ସେରନ୍ତା ନାହିଁ**
**ନିତି ବାଟକୁ ଡରନ୍ତା ନାହିଁ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ସେପରି ମାଗିଖିଆ ବ୍ୟକ୍ତିଙ୍କୁ କେହି ବି ଦେବା ଲାଗି ଇଚ୍ଛା କରି ନ ଥାନ୍ତି। ଦିନ ଦିନ ଧରି ରୋଗ ବଇରାଗରେ ପଡୁଥିବା ବ୍ୟକ୍ତିଙ୍କଠାରୁ ବନ୍ଧୁବାନ୍ଧବ ମୁହଁ ବୁଲାଇ ଦେଉଥାନ୍ତି, ଦେଖାଶୁଣା କରିବାକୁ ଆଗ୍ରହ ଦେଖାଇ ନ ଥାନ୍ତି। ସବୁଦିନିଆ କୁଣିଆଁକୁ ସମସ୍ତେ ନାକ ଟେକିଥାନ୍ତି। ଆଦର ଅଭ୍ୟର୍ଥନା ଦେଖାଇବାକୁ କୁଣ୍ଠାପ୍ରକାଶ କରିଥାନ୍ତି। ସେହିପରି ନିତିଦିନିଆ ଯିବା ଆସିବା ବାଟରେ ସେତେ ଭୟ ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନାନାକୁ ନାନୀ**
**ଭଲା ଭିଆଇଲେ ଚକରପାଣି।**

କୁହାଯାଏ ବିବାହ ସ୍ୱର୍ଗରେ ହୁଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଅମିୟ



ଗଙ୍ଗାଧର



ଚକ୍ରଧର



ରାହୁଲ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)





ଦେବଗଡ଼ ଜିଲା ପ୍ରାଥମିକ ଶିକ୍ଷକ ମହାସଂଘର ବୈଠକରେ ଉପସ୍ଥିତ ଅତିଥି।

# ଜିଲା ପ୍ରାଥମିକ ଶିକ୍ଷକ ମହାସଂଘର ବୈଠକ

**ଦେବଗଡ଼,୨୩।୨( ଡି.ଏନ.ଏ)**

ସ୍ଥାନୀୟ ପ୍ରଧାନପାଟ ଜଳପ୍ରପାତ ନିକଟରେ ଦେବଗଡ ଜିଲା ପ୍ରାଥମିକ ଶିକ୍ଷକ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଜିଲା ପ୍ରାଥମିକ ଶିକ୍ଷକ ମହାସଂଘର ସଭାପତି ରାଜୀବ ଲୋଚନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ମହାସଂଘର ରାଜ୍ୟ ସଭାପତି ଶରତ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ ଖମାରୀ, ରାଜ୍ୟ କୋଷାଧ୍ୟକ୍ଷ ବିଜୟ କୁମାର ମିଶ୍ର, ଗଣମାଧ୍ୟମ ସଂଯୋଜକ ରଞ୍ଜୁ ଅମାତ ଓ ସମ୍ବଲପୁର ଜିଲା ପ୍ରତିନିଧି ରାଜକିଶୋର ପଶାୟତ ପ୍ରମୁଖ ଯୋଗଦେଇଥିଲେ। ମହାସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମେତ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଦେବଗଡ ଜିଲା ପ୍ରାଥମିକ ଶିକ୍ଷକ ମହାସଂଘର ସମ୍ପାଦକ ପ୍ରଶାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାର ତିଲେଇବଣି, ବାରକୋଟ ଓ ରିଆମାଳ ବ୍ଲକର ସଭାପତି, ସମ୍ପାଦକ କିଶୋର ଚନ୍ଦ୍ର ମିଶ୍ର, ମୁରଲୀଧର ସାହୁ, ହେମନ୍ତ କୁମାର ପ୍ରଧାନ, ଭଦ୍ର ଚନ୍ଦ୍ର ଗଡନାୟକ, ବାଉରୀବନ୍ଧୁ ସାହୁ, ଲବ ସାହୁ, ଲଳିତ ମୋହନ ପ୍ରଧାନ, ଦିଲୀପ କୁମାର ସାହୁ, ଖଗେଶ୍ୱର ପ୍ରଧାନ ଓ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ସଙ୍ଗଠନକୁ ଅଧିକ ସୁଦୃଢ କରିବା ନିମନ୍ତେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଦେବଗଡ ପୌରାଞ୍ଚଳ ସମେତ ଜିଲାର ତିନୋଟି ଯାକ ବ୍ଲକରୁ ବହୁ ସଂଖ୍ୟକ ପ୍ରାଥମିକ ଶିକ୍ଷକ ଯୋଗଦେଇଥିଲେ ।

# ରାଜ୍ୟବାହାର ଠିକାଦାରଙ୍କୁ ଅନୁକମ୍ପା

**ସମ୍ବଲପୁର,୨୩।୨(ବ୍ୟୁରୋ)**

**ଠିକାଦାର ସଂଘ ବୈଠକରେ ଅଭିଯୋଗ**

ରାଜ୍ୟ ବାହାର ଠିକାଦାରଙ୍କୁ ସରକାରଙ୍କ ପ୍ରୋତ୍ସାହନ ଦେଉଛନ୍ତି। ପ୍ରକଳ୍ପର ବ୍ୟୟ ଅଟକଳ ଯାହା ରହିଥାଏ ତାହାଠାରୁ ଅଧିକ ବିଲ ପଇଠ କରାଯାଉଛି। ଏଥିରେ ବିଭାଗୀୟ ଅଧିକାରୀଙ୍କ ସହ ରାଜନେତାଙ୍କ ସମ୍ପୃକ୍ତିରହୁଛିବୋଲିଏକ କଲ୍ୟାଣ ମଣ୍ଡପରେ ଜିଲା ଠିକାଦାର ସଂଘର ବୈଠକରେ କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଜିଲାସଭାପତି ପ୍ରଦୀପ ପଣ୍ଡା ଅଧକ୍ଷତାରେ ହୋଇଥିବା ବୈଠକରେ ରାଜ୍ୟ ସଭାପତି ପ୍ରଭାତ ଦାସ, ସମ୍ପାଦକ ଭାଗ୍ୟଧର ଦାସ ଯୋଗ ଦେଇଥିଲେ। କର୍ମକର୍ତ୍ତାମାନେ ବୈଠକରେ ଆହୁରି ଅଭିଯୋଗ କରିଥିଲେ ଯେ, ସରକାର ୧୪.୯୯ ଲେସ ବ୍ୟବସ୍ଥା କରିଛନ୍ତି । ଯାହାକୁ ସମ୍ପୂର୍ଣ୍ଣ ଉଠାଇ ଦିଆଯାଉ। ୨୦୧୪ ମସିହାରେ ସମାଗ୍ରୀ ଗୁଡିକରେ ଯାହା ରେଟ ରହିଥିଲା ତାହା ଏବେ ମଧ ଲାଗୁ କରାଯାଉଛି। ଏପଟେ ସାମଗ୍ରୀ ଦରଗୁଡିକ ବଢିବାରେ ଲାଗିଛି। ତେଣୁ ସରକାର ଅବିଳମ୍ବେ ଆଉଥରେ ରେଟ ଧାର୍ଯ୍ୟ କରନ୍ତୁ। ନ ହେଲେ ଠିକାଦାର ସଂଘ ଅଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ। ଏହା ସହ ଫେବୃୟାରୀ ୨୬ ତାରିଖ ରାଜ୍ୟସ୍ତରୀୟ ବୈଠକ ପାଇଁ ପ୍ରସ୍ତାବଗୁଡିକ ଉପରେ ଆଲୋଚନା କରାଯାଇଥିଲା। ସମ୍ବଲପୁର ସମେତ ଦେବଗଡ ଜିଲାର ଠିକାଦାରମାନେ ଏହି ବୈଠକରେ ଯୋଗ ଦେଇଥିଲେ।



ସମ୍ବଲପୁର ଏକ କଲ୍ୟାଣ ମଣ୍ଡପରେ ଠିକାଦାର ସଂଘର ବୈଠକ।

# ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

**ରେଢାଖୋଲ୨୩।୨(ଡି.ଏନ.ଏ.)**

ରେଢାଖୋଲ ଉପଖଣ୍ଡ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ ରବିବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ହରିଶଙ୍କର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଂଘ ସଭାପତି ଗଙ୍ଗାଧର ସ୍ୱାଇଁ, ସମ୍ପାଦକ ଶ୍ୟାମସୁନ୍ଦର ଦାସ, କୋଷାଧ୍ୟକ୍ଷ ଜୟଦେବ ପ୍ରଧାନ, ଅଶୋକ ଚୌଧୁରୀ, ପତିତପାବନ ମହାନ୍ତି, କୁନି ବାରିକ, ସଦାନନ୍ଦ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଚତୁର୍ଥ ଶ୍ରେଣୀ କର୍ମଚାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏପରି କି ସରକାର ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ଏହି ଅବସରରେ ରେଢାଖୋଲ ଉପଖଣ୍ଡ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ସୁବାସ ଚନ୍ଦ୍ର ପଣ୍ଡା, ଉପସଭାପତି ନରହରି ସାହୁ, ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା ଏବଂ କାର୍ଯ୍ୟକାରିଣୀ ସଭ୍ୟ ଭାବେ କିଶୋର ପ୍ରଧାନ, ଈଶ୍ୱର ବେହେରା, ରୀତା ବାହାଦୁର, ଅଜୟ ବେହେରା, ଶୁଦେବ ପ୍ରଧାନ, ଇନ୍ଦ୍ରମଣି ବେହେରାଙ୍କୁ ମନୋନୀତ କରାଯାଇଛି। ଭାସ୍କର ପ୍ରଦାନ ଧନ୍ୟବାଦ ଜ୍ଞାପନ କରିଥିଲେ।





ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥିବୃନ୍ଦ।

# କୁଚିଣ୍ଡା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



କୁଚିଣ୍ଡା ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**କୁଚିଣ୍ଡା, ୨୩।୨ (ଡି.ଏନ.ଏ)**

କୁଚିଣ୍ଡା ମହାବିଦ୍ୟାଳୟରେ ୫୫ତମ ବାର୍ଷିକ ଉତ୍ସବ ରବିବାର ଆରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ ଯୋଗଦେଇ ଉତ୍ସବକୁ ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ କ୍ୟାପଟେନ ହିଟଲର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଡ. ଶ୍ରୀରୂପ ଗୋସ୍ୱାମୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ମାର୍ଗଦର୍ଶନ କରିବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମକୁ ଡ. ଅମୀୟ କୁମାର ପାତ୍ର ପରିଚାଳନା କରିଥିଲେ। ପ୍ରଫେସର ଖଗେଶ୍ୱର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳ ଛାତ୍ର ସଂସଦର ଉପଦେଷ୍ଟା ପ୍ରଫେସର ଅଶୋକ ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଫେସର ସୁଚିତ୍ରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁଚିତ୍ରା ମିଶ୍ର, ସଞ୍ଜଶ୍ରୀ ସାହୁ, ଦିବ୍ୟକାନ୍ତି ବିଲୁଙ୍ଗ, ମମତା ସାହୁ, ଡ. ଦିଲୀପ ନନ୍ଦ, ପ୍ରଫେସର ରୋସନ କୁଲୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ସଞ୍ଜିତ ନାୟକ, ସୁମନ୍ତ ପଟେଲଙ୍କ ସହ କର୍ମଚାରୀ ମୁନ୍ନା ଶର୍ମା, କିଶୋର ମହାକୁଲ, ରାମଚନ୍ଦ୍ର ବେହେରାଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୫ ତାରିଖ ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ଲାଷ୍ଟିଂରେ ଘର ଫାଟୁଛି, ଭୟରେ ଗ୍ରାମବାସୀ

**ସମ୍ବଲପୁର,୨୩।୨(ବ୍ୟୁରୋ):** ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ତଲାବିରା କୋଇଲା ଖଣି ୧ ଓ ୨ ବିସ୍ଥାପିତଙ୍କ ଦୁଃଖ ବଢିବାରେ ଲାଗିଛି। ପ୍ରଥମେ ଜମି ଅଧିଗ୍ରହଣ, ପରେ ପୋଲିସ ଲଗାଇ ଗଛକଟା। ଅଭିଯୋଗ କଲେ ଜେଲ ପଠେଇବା ଭଳି ଘଟଣା ଘଟିଛି। ଏବେ ମାଟି ଖୋଳିବା ପାଇଁ

**ତଲବିରା କୋଇଲାଖଣି ବିସ୍ଥାପିତଙ୍କ ଦୁଃଖ**

ବେଆଇନ ଭାବେ ବ୍ଲାଷ୍ଟିଂ କରାଯାଉଛି। ଖିଣ୍ଡା ପଞ୍ଚାୟତ ଅନ୍ତର୍ଗତ ବୁଧିଆପାଲି ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ଘରର କାନ୍ଥ ଫାଟି ଯାଇଛି । ଏହା ସହ ଘର ଖପର କ୍ଷତିଗ୍ରସ୍ତ ହୋଇଛି । ପ୍ରତ୍ୟେକ ଦିନ ଅପରାହ୍ନରେ ବ୍ଲାଷ୍ଟିଂ କରାଯାଉଛି। ଏଥିପାଇଁ କୌଣସି ଅନୁମତି ମଧ ଦିଆଯାଇ ନ ଥିବା ଲୋକେ ବୋଲି ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବ୍ଲାଷ୍ଟିଂସ୍ଥଳରୁ ୨ଶହରୁ ୩ ଶହ ମିଟର ଦୂରରେ ଘରଗୁଡିକ ରହିଛି। ସେହି ଘରଗୁଡିକ ସମ୍ପୂର୍ଣ୍ଣ ବିସ୍ଥାପିତ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। ହେଲେ ଏବେ ନା ଜମି ନା ଘର ବାବଦକୁ ସେମାନଙ୍କୁ ଟଙ୍କା ମିଳିଛି। ଲୋକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉ ନାହିଁ କଲୋନୀରେ ଘର ଦିଆଯାଇନାହିଁ ହେଲେ ଏବେ ବ୍ଲାଷ୍ଟିଂ କରି ଘର ଭଙ୍ଗାଯାଉଛି। ମାଇନିଂ ଆଖପାଖ ଅଞ୍ଚଳରେ ଲୋକେ ବସବାସ କରୁଛନ୍ତି। ହେଲେ କିଭଳି ଭାବେ ବ୍ଲାଷ୍ଟିଂ କରାଯାଉଛି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ପୋଲିସ ଓ ପ୍ରଶାସନ ଏ ନେଇ ଚୁପ ହୋଇ ରହୁଛି। ସ୍ଥାନୀୟ ତହସିଲଦାରଙ୍କଠାରୁ ଆରମ୍ଭ କରି ଆରଡିସି ଓ ପୋଲିସ ଉଚ୍ଚ ପଦାଧିକାରୀଙ୍କୁ ଅଭିଯୋଗ କଲେ ବି କୌଣସି ସୁଫଳ ମିଳୁନାହିଁ। ପ୍ରତିବାଦ କଲେ ପୋଲିସ ବିଭିନ୍ନ ଦଫା ଲଗାଇ ଜେଲ ପଠାଇ ଦେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଗ୍ରାମର ରବିଶଙ୍କର ସାହୁ, ଅଙ୍କୁର ପ୍ରଧାନ, ସଞ୍ଜୟ ପାତ୍ର ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କମ୍ପାନୀ ଅଧିକାରୀ ସୁରେଶ ସୁମନଙ୍କୁ ପଚାରିବାରୁ କହିଛନ୍ତି ଯେ, ବ୍ଲାଷ୍ଟିଂ ହେଉଥିବା ସ୍ଥାନରୁ ପ୍ରାୟ ୮ ମିଟର ଦୂରରେ ଘରଗୁଡିକ ରହିଛି । ବିସ୍ଥାପିତଙ୍କୁ ଖୁବଶୀଘ୍ର କଲୋନୀ ଘର ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ମନ୍ତ୍ରୀମୁଣ୍ଡା ଚାମ୍ପିୟନ

**କୁଚିଣ୍ଡା, ୨୩।୨ (ଡି.ଏନ.ଏ)**

କୁଚିଣ୍ଡା ବ୍ଲକ ବାଉରିଗୋଡ଼ା ପଞ୍ଚାୟତ ଅଧୀନ କୁର୍ମୀମୁଣ୍ଡା ଗ୍ରାମରେ ନେତାଜୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପଞ୍ଚଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୩୨ଟି ଦଳ ଭାଗ ନେଇଥିଲେ । ହେଲେ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ମନ୍ତ୍ରୀମୁଣ୍ଡା ଏବଂ ମହାବୀର କ୍ଲବ ସମ୍ବଲପୁର ମଧ୍ୟରେ ହୋଇଥିଲା। ଏଥିରେ ମନ୍ତ୍ରୀମୁଣ୍ଡା ବିଜେତା ହୋଇଥିବା ବେଳେ ମହାବୀର କ୍ଲବ ଉପବିଜେତା ହୋଇଥିଲା। ବିଜେତା ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ସେମିଫାଇନାଲରେ ପ୍ରବେଶ କରିଥିବା ଲାୟନ୍ସ କ୍ଲବ ରାଉରକେଲା ଓ ଶିବସେନା ଦଳ ଡୁଙ୍ଗାଯୋର ଦଳକୁ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡିଳେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ପ୍ରମୋଦ ପଟେଲ, ଶୃତଧର ଚୌଧୁରୀ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ରେଫରି ଜୀବନ ବୁଦେଲା, ରାଜେଶ ଜୟପୁରିଆ, ସରୋଜ କିଷାନ, ବାପି ବାଘ, ଶତାବ୍ଦି ଜୟପୁରିଆ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

# ଜୁଆ ଆଡ୍ଡା ଉପରେ ଚଢାଉ: ୩ ଗିରଫ

**ବାଲିଶଙ୍କରା, ୨୩।୨ (ଡି.ଏନ.ଏ)**

ତଳସରା ଥାନା ଅନ୍ତର୍ଗତ ଡୁମୁଲିଆ ଗ୍ରାମ ପଞ୍ଚାୟତର ପୁରୁଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜୁଆଖେଳ ଚାଲିଥିବାବେଳେ ପୋଲିସ ଚଢାଉ କରି ୩ଜଣଙ୍କୁ ଗିରଫ କରିଛି। ରବିବାର ପୂର୍ବାହ୍ନ ୧୧ଟାରେ କୌଣସି ସୂତ୍ରରୁ ଖବରପାଇ ଏସଆଇ ଲିଙ୍ଗରାଜ ସାହୁ ସମେତ ପୋଲିସ ପହଞ୍ଚି ୩ଜଣ ଜୁଆଡିଙ୍କୁ କାବୁ କରିଥିବା ବେଳେ ଜଣେ ଫେରାର ହୋଇଯାଇଥିଲେ। ଉକ୍ତ ଜାଗାରୁ ୨୭୯୦ ଟଙ୍କା ସହ ୩ ବାଇକ ପୋଲିସ ଜବତ କରିଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୨୫ରୁ ଉର୍ଦ୍ଧ୍ୱ ଛାତ୍ରୀ ରକ୍ତହୀନତାର ଶିକାର

## ■ ଅବ୍ୟବସ୍ଥାରେ ଚାଲିଛି ଶୁଣ୍ଠିମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟ

**ରେଢ଼ାଖୋଲ,୨୩।୨(ଡି.ଏନ.ଏ.)**

**■ ପ୍ରଧାନଶିକ୍ଷୟିତ୍ରୀଙ୍କ ଖଣ୍ଡନ**
**■ ତଦନ୍ତ ହେବ କହିଲେ ଜିଲା ମଙ୍ଗଳ ଅଧିକାରୀ**

ସମ୍ବଲପୁର ଜିଲା ରେଢାଖୋଲ ସହର ଶୁଣ୍ଠିମୁଣ୍ଡାସ୍ଥିତ ଏସ୍ଏସ୍ଡି ସରକାରୀ ବାଳିକା ବିଦ୍ୟାଳୟରେ ଗତ ୧୫ଦିନ ମଧ୍ୟରେ ୨୫ରୁ ଉର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ ହୋଇ ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ରକ୍ତଶୂନ୍ୟତା ଯୋଗୁ କେତେକ ଛାତ୍ରୀଙ୍କୁ ରକ୍ତ ଦିଆଯାଇଛି। ଜଣେ ଛାତ୍ରୀଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏପରିକି ଚିକିତ୍ସିତ ହେଉଥିବା ଛାତ୍ରୀମାନଙ୍କୁ କୌଣସି ଅଧିକାରୀ ଦେଖିବାକୁ ଆସିପାରି ନ ଥିବା ଜଣାପଡିଛି। ସରକାର ଆଦିବାସୀ ହରିଜନ ଛାତ୍ରୀଛାତ୍ରମାନଙ୍କ ଉନ୍ନତି ପାଇଁ ମାଗଣାରେ ପାଠ୍ୟପୁସ୍ତକ ସହ ରହିବା, ଖାଇବା, ପୋଷାକ ଦେଇ ପଢିବା ବ୍ୟବସ୍ଥା କରୁଛନ୍ତି। ହେଲେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଦାୟିତ୍ୱହୀନତା ଯୋଗୁ ବିଦ୍ୟାଳୟରେ ଛାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପଯୁକ୍ତ ଖାଦ୍ୟ ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ହେଉ ନ ଥିବା ଯୋଗୁ ଏଭଳି ପରିସ୍ଥିତ ସୃଷ୍ଟି ହୋଇଥିବା ଅବିଭାବକମାନେ ଅଭିଯୋଗ କରୁଛନ୍ତି। ଅବିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ବାଘଙ୍କୁ ଏ ନେଇ ପଚାରିବାରେ ଛାତ୍ରୀମାନଙ୍କ ରକ୍ତହୀନତା ରୋଗକୁ ଖଣ୍ଡନ କରିଛନ୍ତି। ସାମାନ୍ୟ ଅସୁସ୍ଥତା ଯୋଗୁଁ ଛାତ୍ରୀମାନେ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା କହିଥିଲେ। ତେବେ କେବଳ ୪ ଜଣ ଛାତ୍ରୀ ଅସୁସ୍ଥ ଥିବା ସେ ଜାଣିଥିବା କହିଛନ୍ତି। ଜଣେ ଅଧିକାରୀଙ୍କ ଦ୍ୱାରା ଏ ଘଟଣାର ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦେବେ ବୋଲି ଜିଲା ମଙ୍ଗଳ ଅଧିକାରୀ ଡ.ଗୀତାଂଶୁ ମୋହନ ଦାସ କହିଛନ୍ତି।



ଉତ୍ତରପ୍ରଦେଶ କାନପୁର ଆଇଆଇଟି ଏବଂ ଭାରତ ଇଲୋକ୍ଟ୍ରୋନିକ୍ସ ଲିମିଟେଡ୍‌ର ମିଳିତ ସହଯୋଗରେ ଅସରପା ଭଳି ଦେଖାଯାଉଥିବା କ୍ଷୁଦ୍ର ଡ୍ରୋନ୍ ପ୍ରସ୍ତୁତ କରାଯାଇଛି। ଏହା ସହଜରେ ଶତ୍ରୁ ଶିବିରରେ ପହଞ୍ଚି ଆବଶ୍ୟକ ତଥ୍ୟ ସଂଗ୍ରହ କରିବାକୁ ସକ୍ଷମ ହେବ। ୪୦ ଗ୍ରାମ୍ ଓଜନ ବିଶିଷ୍ଟ ଏହି ଡ୍ରୋନ୍‌କୁ ହାତ ପାପୁଲିରେ ମଧ୍ୟ ରଖିହେବ। ଏହାର ଏକ ୨୨ ଗ୍ରାମ ବିଶିଷ୍ଟ ବିକଶିତ ମଡେଲ ମଧ୍ୟ ତିଆରି କରାଯାଉଥିବା କାନପୁର ଆଇଆଇଟି ପକ୍ଷରୁ କୁହାଯାଉଛି। ଛୋଟ ହୋଇଥିବାରୁ ଏହି ଡ୍ରୋନ୍ ଦୃଶ୍ୟମାନ ହେବା କଷ୍ଟକର ହେବ। ମାତ୍ର ଏହାଦ୍ୱାରା ଶତ୍ରୁ ଶିବିରର ତଥ୍ୟ ସଂଗ୍ରହ କରାଯାଇପାରିବ ବୋଲି କୁହାଯାଉଛି।



# ୨୧୦୦ ବେଳକୁ ନ ଥିବ ପ୍ରବାଳ ପ୍ରାଚୀର

## ଜଳବାୟୁ ପରିବର୍ତ୍ତନ ପ୍ରଭାବ

**କାନବେରା:** ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀର ଜୈବ ବିବିଧତା ଉପରେ ପଡ଼ିବାରେ ଲାଗିଛି। ଏହାଯୋଗୁ ୨୧୦୦ ମସିହା ବେଳକୁ ସମୁଦ୍ରରେ ଥିବା ପ୍ରବାଳ ପ୍ରାଚୀର ସମ୍ପୂର୍ଣ୍ଣ ଲୋପ ପାଇଯିବ। ଏନେଇ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ୭୦ରୁ ୮୦ ବର୍ଷ ମଧ୍ୟରେ ଏହା ନଷ୍ଟ ହୋଇଯିବାର ଆଶଙ୍କା ଦେଖାଦେଇଛି। ଆଗାମୀ ୨୦ ବର୍ଷ ବେଳେକୁ ପ୍ରବାଳ ପ୍ରାଚୀରର ୭୦ରୁ ୯୦ ପ୍ରତିଶତ ଲୋପ ହେବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଆମେରିକାର ନ୍ୟାଶନାଲ୍ ଓସୋନିକ୍ ଆଣ୍ଡ୍ ଆଟମସ୍‌ଫେରିକ୍ ଆଡମିନିଷ୍ଟ୍ରେଶନ ପକ୍ଷରୁ କୁହାଯାଇଛି ଯେ, ୨୦୪୫ ବେଳକୁ ସମୁଦ୍ରର ପ୍ରବାଳ ପ୍ରାଚୀର ବହୁମାତ୍ରାରେ ନଷ୍ଟ ହୋଇଯିବ। ସମୁଦ୍ର ଜଳରେ ବୃଦ୍ଧି ପାଉଥିବା ବିଭିନ୍ନ ଅମ୍ଳ(ଏସିଡ୍)ର ପରିମାଣ ସହିତ ସମୁଦ୍ର ଜଳର ତାପମାତ୍ରା ବୃଦ୍ଧି, ପ୍ରଦୂଷଣ, ଜନସଂଖ୍ୟା ବୃଦ୍ଧି ତଥା ମାଛଧରା କାର୍ଯ୍ୟ ଯୋଗୁ ପ୍ରବାଳ ପ୍ରାଚୀରର ବିକାଶରେ ବାଧା ସୃଷ୍ଟି ହେଉଥିବା ରିପୋର୍ଟ ଉଲ୍ଲେଖ ରହିଛି। ଚଳିତ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ କାଲିଫର୍ନିଆ ଲୋହିତ ସାଗରରେ ଥିବା ଲାଲ ପ୍ରବାଳ ରହିବାର ଆଶା ଥିବା କୁହାଯାଉଛି। ଅଷ୍ଟ୍ରେଲିଆରେ ଥିବା ଗ୍ରେଟ୍ ବାରିଅର ରିଫ୍‌ର ୨୩୦୦ କିମି ପ୍ରବାଳ ପ୍ରାଚୀର ନଷ୍ଟ ହେଉଥିବାରୁ ପରିବେଶ୍‌ବିତ୍‌ମାନେ ଚିନ୍ତିତ ରହିଛନ୍ତି। ୨୦୧୬-୧୭ରେ ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି।



**ଷ୍ଟକ୍‌ହୋମ୍:** ପରିବେଶକର୍ମୀ ଭାବେ ୧୭ ବର୍ଷ ବୟସ୍କା ଗ୍ରେଟା ଥନବର୍ଗ ସାରା ବିଶ୍ୱରେ ପରିଚିତି ଲାଭ କରିପାରିଛନ୍ତି। ଗ୍ରେଟା ଜଳବାୟୁ ପରିବର୍ତ୍ତନ ବିରୋଧରେ ସଚେତନତା ସୃଷ୍ଟି ପାଇଁ ଅଭିଯାନ ଜାରି ରଖିଛନ୍ତି। ତେବେ ଗ୍ରେଟାଙ୍କୁ ୧୧ ବର୍ଷ ହୋଇଥିବାବେଳେ ସେ ୨ ମାସ ପର୍ଯ୍ୟନ୍ତ ଖାଇବାପିଇବା ଛାଡ଼ି ଦେଇଥିଲେ। ଏଥିଯୋଗୁ ତାଙ୍କ ଓଜନ ସାଢ଼େ ୯ କିଲୋ କମି ଯାଇଥିଲା। ସେ ଅଟିଜିମ୍‌ରେ ପୀଡ଼ିତ ହୋଇଥିବାରୁ ଏଭଳି ହୋଇଥିଲା। ସେ ଯେ ବିଶ୍ୱର ମଙ୍ଗଳ ପାଇଁ କାମ କରିବେ ତାହା ଏବେ ବିଶ୍ୱାସ ହେଉ ନ ଥିଲା ବୋଲି ତାଙ୍କ ମା'ମେଲେନା ଇର୍ମାନ୍ କହିଛନ୍ତି। ଗ୍ରେଟାଙ୍କୁ ଜଣେ ପରିବେଶକର୍ମୀ କରାଇବା କେବେ ମଧ୍ୟ ସହଜ ନ ଥିଲା ବୋଲି ସେ କହିଛନ୍ତି।



## ସହଜ ନ ଥିଲା ଗ୍ରେଟାଙ୍କ ଅଭିଯାନ



## ଟ୍ରମ୍ପ୍ ଶେୟାର କଲେ 'ବାହୁବଳୀ' ଭିଡିଓ

**ୱାଶିଂଟନ୍:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଗସ୍ତରେ ଆସିବାର କିଛି ଘଣ୍ଟା ପୂର୍ବରୁ ଫିଲ୍ମ 'ବାହୁବଳୀ-୨'ର ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ସେ ନିଜକୁ ବାହୁବଳୀ ଭାବେ ଚିତ୍ରଣ କରିଥିବା ଦେଖିବାକୁ ମିଳୁଛି। ବାହୁବଳୀ ଭଳି ଟ୍ରମ୍ପ୍‌ଙ୍କ ଯୁଦ୍ଧ କରୁଥିବାର ମଧ୍ୟ ଏଥିରେ ଦେଖିବାକୁ ମିଳୁଛି। ଏହା ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଇତିମଧ୍ୟରେ ଏହି ଭିଡିଓକୁ ୧୮ଲକ୍ଷରୁ ଅଧିକ ୟୁଜର୍ସ ଦେଖିସାରିଛନ୍ତି। ଏକ ମିନିଟ୍ ୨୧ ସେକେଣ୍ଡର ଏହି ଭିଡିଓକୁ ଟ୍ରମ୍ପ୍ ନିଜର ଟୁଇଟର୍ ଆକାଉଣ୍ଟରେ ମଧ୍ୟ ଶେୟାର କରିଛନ୍ତି। ଏହାକୁ ୨୪ ହଜାର ୪୦୦ରୁ ଅଧିକ ୟୁଜର୍ସ ରିଟୁଇଟ୍ କରିଛନ୍ତି।

## ଡାକ୍ତରଙ୍କୁ ରାଗରେ ଚାହିଁଲା ନବଜାତକ

**ରିଓ ଡି ଜେନିରୋ:** ନବଜାତ ଶିଶୁ ରାଗିବା ବିଷୟ ଶୁଣିଲେ କାହାକୁ ବି ବିଶ୍ୱାସ ହେବନାହିଁ। ତେବେ ବ୍ରାଜିଲ୍‌ରେ ଏଭଳି ଏକ ଘଟଣା ଘଟିଛି। ଏହି ଘଟଣାର ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ରିଓ ଡି ଜେନିରୋ ଏକ ହସ୍ପିଟାଲରେ ଜଣେ ମହିଳା ପ୍ରସବ ପାଇଁ ଭର୍ତ୍ତି ହୋଇଥିଲେ। ଫେବୃୟାରୀ ୧୩ରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଡାକ୍ତର ଶିଶୁ କନ୍ୟାର ନାହିନାଡ଼ କାଟିବା ସମୟରେ ସେ ରାଗମୁହଁରେ ଚାହିଁଥିଲା। ସତେଯେପରି ଶିଶୁଟି ଡାକ୍ତରଙ୍କ ଏଭଳି କାର୍ଯ୍ୟରେ ରାଗିଯାଇଥିଲା। ଏଭଳି ଘଟଣା ପୂର୍ବରୁ ଅନ୍ୟ କୌଣସି ଶିଶୁଙ୍କଠାରେ ଘଟି ନ ଥିବା ଡାକ୍ତର କହିଛନ୍ତି। ଡାକ୍ତର ଶିଶୁର ନାମ ଇସାବେଲ ପରେରା ଡି ଜିସସ୍ ରଖିଛନ୍ତି।





## ଆର୍ଥିକ ବିକାଶରେ ଉତ୍ପାଦ ଶୁଳ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭାରତରେ ପ୍ରତିବର୍ଷ ୨୪ ଫେବୃୟାରୀରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଦିବସ ପାଳନ କରାଯାଉଛି। ଏହିଦିନରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ତଥା ଲବଣ ଆଇନ, ୧୯୪୪କୁ ମଧ୍ୟ ସ୍ମରଣ କରାଯାଏ। କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ ବିଭାଗ ଦ୍ୱାରା ଏହିଦିବସ ପାଳନ କରାଯାଉଛି। ସାରା ଦେଶରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଲାଗୁ କରାଇବା ସହ ଏ ସମ୍ବନ୍ଧିତ ଆଇନ ବଳରେ ଉତ୍ପାଦନକାରୀ ବ୍ୟବସାୟରେ ଦୁର୍ନୀତି ରୋକିବା ଅଧିକ ଆୟ କରୁଥିବା ବ୍ୟକ୍ତିଙ୍କଠାରୁ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଆଇନ, ୧୯୪୪ ସର୍ତ୍ତ ଅନୁଯାୟୀ ଶୁଳ୍କ ଆଦାୟ କରିବାର ବିଭିନ୍ନ ଦିଗ ଉପରେ ମଧ୍ୟ ଆଲୋକପାତ କରାଯାଏ। ଶୁଳ୍କ ଦେୟ ହାର ସେଣ୍ଟ୍ରାଲ ଏକ୍ସାଇଜ ଟାରିଫ ଆକ୍ଟ, ୧୯୮୫ର ଅନୁସୂଚୀ ୧ଓ ୨ ଦ୍ୱାରା ସ୍ଥିର କରାଯାଏ। କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ଦ୍ୱାରା ଦେଶର ବିଭିନ୍ନ ଅଞ୍ଚଳରେ ଥିବା ସେଣ୍ଟ୍ରାଲ ଏକ୍ସାଇଜ କମିଶନରେଟଗୁଡିକ ଶୁଳ୍କ ଆଦାୟ ପ୍ରକ୍ରିୟା ସଂଚାଳିତ କରିଥାନ୍ତି।



### କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଦିବସ

ଉଦ୍ଦେଶ୍ୟରେ ଏହି ଦିବସ ବିଭାଗୀୟ କର୍ମଚାରୀମାନଙ୍କୁ ପ୍ରୋତ୍ସାହିତ କରିଥାଏ। ଦେଶର ସାମାଜିକ ,ଅର୍ଥନୈତିକ ବିକାଶରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଉକ୍ତ ବିଭାଗ ଦେଶରେ ଉତ୍ତମ ସେବା ଯୋଗାଇ ଦେବା ଯୋଗୁ ରାଜସ୍ୱରେ ଢ଼େର ସୁଧାର ଆସିଛି। ରାଜସ୍ୱ ଆଦାୟ ପୂର୍ବାପେକ୍ଷା ଦୁଇଗୁଣ ହୋଇପାରିଛି। ଏହିବିଭାଗ ଦ୍ୱାରା ଯେଉଁ ରାଜସ୍ୱ ଆଦାୟ ହେଉଛି ତାହା ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ବିନିଯୋଗ କରାଯାଉଛି। ଫଳରେ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଏହାର ଯଥେଷ୍ଟ ଅବଦାନ ରହିଛି।

ଏହି ଦିବସରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ବିଭିନ୍ନ ଉତ୍ପାଦ ଓ ନିର୍ଦ୍ଧାରିତ ସୀମାଠାରୁ ସିବିଆଇସି ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ରାଜସ୍ୱ ବିଭାଗ ଅଧୀନରେ କାର୍ଯ୍ୟ କରୁଛି। ଦେଶରେ କେତେ ଟିକସ ଦେବାକୁ ହେବ ଓ ତାହା କିପରି ଆଦାୟ କରାଯିବ ସେ ସଂକ୍ରାନ୍ତରେ ନିୟମ ପ୍ରଣୟନ କରିବା ଓ ତାହାକୁ କାର୍ଯ୍ୟକାରୀ କରିବାରେ ସିବିଆଇସି ପ୍ରମୁଖ ଭୂମିକା ନେଇଥାଏ। ଏଥିପାଇଁ ଦେଶକୁ ୧୦ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଜୋନ୍‌ରେ ଥିବା ସେଣ୍ଟ୍ରାଲ ଏକ୍ସାଇଜ କମିଶନରେଟରେ ମୁଖ୍ୟ ଜଣେ କମିଶନର ରହିଛନ୍ତି। ସବୁ ଜୋନରେ ପ୍ରାୟ ୬୧ଟି କମିଶନରେଟ କାର୍ଯ୍ୟ କରୁଛି। ଏହାଦ୍ୱାରା ବିଭିନ୍ନ ଆଇନକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରିବା ସହ କେନ୍ଦ୍ରୀୟ ଶୁଳ୍କ ଆଦାୟ ସହଜ ହୋଇପାରିଛି।

**ମୁମ୍ବାଇ:** ବି-ଟାଉନର ସବୁଠାରୁ ଲୋକପ୍ରିୟ ଅଭିନେତାମାନଙ୍କ ମଧ୍ୟରୁ ଆୟୁଷ୍ମାନ୍ ଖୁରାନା ଅନ୍ୟତମ। ସେ ଯେଉଁ ଗୀତ ଗାଆନ୍ତି ଏବଂ ଯେଉଁ ଫିଲ୍ମରେ ଅଭିନୟ କରନ୍ତି ସବୁ ହିଟ୍ ହୋଇଯାଏ। ଆୟୁଷ୍ମାନ୍‌ଙ୍କ ଅଭିନୀତ ଫିଲ୍ମ 'ଅନ୍ଧାଧୂନ୍' ଏବଂ 'ବଧାଇ ହୋ'କୁ ଅନେକ ନ୍ୟାଶନାଲ୍ ଆୱାର୍ଡ ମିଳିଛି। ଏହାସହ ସେ ନିଜେ ମଧ୍ୟ ଶ୍ରେଷ୍ଠ ଅଭିନେତା ଭାବେ ନ୍ୟାଶନାଲ ଆୱାର୍ଡ ହାସଲ କରିଛନ୍ତି। ବଲିଉଡ୍‌ରେ ଏଣ୍ଟ୍ରି କରିବାର ଅଳ୍ପ ଦିନ ମଧ୍ୟରେ ଆୟୁଷ୍ମାନ୍ ନିଜର ନିଷ୍ଠା ଏବଂ ଉଚ୍ଚକୋଟୀର ଅଭିନୟ ପାଇଁ ହିନ୍ଦୀ ସିନେମା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି। କେବଳ ଏତିକି ନୁହେଁ, ସେ ଜଣେ ଲୋକପ୍ରିୟ ଗାୟକ ମଧ୍ୟ। ତେବେ ଅଧୁନା ଏତେ ସଫଳତା ଓ ଲୋକପ୍ରିୟତା ହାସଲ କରିଥିବା ଆୟୁଷ୍ମାନ୍‌ଙ୍କ ଷ୍ଟ୍ରଗଲ୍ ବିଷୟରେ ଆସନ୍ତୁ କିଛି ଜାଣିବା।

ନିକଟରେ ଏକ ଜାତୀୟ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତ୍‌କାରରେ ଆୟୁଷ୍ମାନ୍ ସଫଳତା ପାଇବା ପୂର୍ବରୁ ତାଙ୍କର ଷ୍ଟ୍ରଗଲ୍ ସମୟକୁ ନେଇ କିଛି ଖୁଲାସା କରିଥିଲେ। ସେ କହିଥିଲେ, ଯେତେବେଳେ ସେ ଥିଏଟର ଶୋ' କରିବାକୁ ଯାଉଥିଲେ, ସେ ଟ୍ରେନ୍‌ରେ ଗୀତ ଗାଇ ଟଙ୍କା ରୋଜଗାର କରୁଥିଲେ। ଏଭଳି କରିବା ଦ୍ୱାରା ସେ ଗୋଆ ଟ୍ରିପ୍ ପାଇଁ ଟଙ୍କା ଜମା କରିପାରୁଥିଲେ। ଏଇଥିପାଇଁ ସେ ଆଜି ଠିକ୍‌ଠାକ୍ ଗୀତ ଗାଇପାରୁଛନ୍ତି ବୋଲି ଆୟୁଷ୍ମାନ୍ କହିଛନ୍ତି।

ଏମିତିରେ ସମସ୍ତେ ଜାଣନ୍ତି କ୍ୟାରିୟରକୁ ନେଇ ଆୟୁଷ୍ମାନ୍ ଟିକେ ସିରିୟସ୍। ସେ ଯେକୌଣସି ଫିଲ୍ମରେ ଅଭିନୟ କରିବାକୁ ରାଜି ହୁଅନ୍ତି ନାହିଁ। ଭାବିଚିନ୍ତି ଫିଲ୍ମର ସ୍କ୍ରିପ୍ଟ ଚୟନ କରନ୍ତି। ତେବେ ବଲିଉଡ୍‌ରେ ନିଜର ଡେବ୍ୟୁ କରିବା ପୂର୍ବରୁ ପ୍ରାୟ ୫-୬ ଫିଲ୍ମ ଅଫର୍‌କୁ ମନା କରିଦେଇଥିଲେ। ଗୋଟିଏ ଭଲ ଫିଲ୍ମ କରିବାକୁ

## ସଫଳତା ପୂର୍ବରୁ ଟ୍ରେନ୍‌ରେ ଗୀତ ଗାଉଥିଲେ ଆୟୁଷ୍ମାନ୍



ସେ ଅନେକ ଫିଲ୍ମକୁ ମନାକରି ଦେଇଥିବା କହିଛନ୍ତି। ଆୟୁଷ୍ମାନ୍‌ଙ୍କ କହିବା ହେଲା, ପ୍ରଥମ ଫିଲ୍ମ ସବୁବେଳେ ସ୍ୱତନ୍ତ୍ର ହେବା ଉଚିତ୍। ତେବେ ୨-୩ଟି ଫିଲ୍ମ କରିବା ପରେ ସାମାଜିକ ପ୍ରସଙ୍ଗ ଓ ସମସ୍ୟାକୁ ନେଇ ଫିଲ୍ମ କରିବାକୁ ତାଙ୍କର ଇଚ୍ଛା ଥିଲା।

ସେହିଭଳି ବଲିଉଡ୍‌ରେ ଚାଲିଥିବା ନେପୋଟିଜମ୍ ବା ପରିବାରବାଦକୁ ନେଇ ମଧ୍ୟ ଆୟୁଷ୍ମାନ୍ ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଷ୍ଟାର୍ କିଡ୍‌ମାନଙ୍କୁ ବଲିଉଡ୍‌ରେ ପ୍ରଥମ ବ୍ରେକ୍ ତ ମିଳିଯାଏ। ହେଲେ ଆଗକୁ ସେମାନଙ୍କ ପାଇଁ ରାସ୍ତା ବହୁତ କଠିନ ହୋଇଥାଏ। ଷ୍ଟାର୍ କିଡ୍‌ମାନେ ନିଜର ଶତ ପ୍ରତିଶତ ପର୍‌ଫର୍ମାନ୍ସ ଦେବା ପରେ ମଧ୍ୟ ଦର୍ଶକେ ସନ୍ତୁଷ୍ଟ ହୁଅନ୍ତିନାହିଁ। ହେଲେ ମୁଁ ୫୦ ପ୍ରତିଶତ ପ୍ରଚେଷ୍ଟା କଲେ ମଧ୍ୟ ପରିଶ୍ରମ ବଳରେ ଏହା ହାସଲ କରିଛି ବୋଲି ଦର୍ଶକେ କୁହନ୍ତି ବୋଲି ସେ କହିଛନ୍ତି।

## ମାନସିକତାକୁ ସକାରାତ୍ମକ କରେ ଭିଡିଓଗେମ୍

ଆଜିକାଲି ପିଲାମାନେ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍ ପ୍ରତି କେତେ ଆକର୍ଷିତ ହେଉଛନ୍ତି ତାହା କହିବା ବାହୁଲ୍ୟ। କେତେଜଣ ପିଲା ଅଧିକାଂଶ ସମୟ ଭିଡିଓଗେମ୍ ଖେଳିବାରେ ବ୍ୟସ୍ତ ରହୁଛନ୍ତି। ତେବେ ଏପରି ଅଭ୍ୟାସର ସମୟ ଅବଧି ରହିବା ନିହାତି ଜରୁରୀ। ନ ହେଲେ ତାହା ଏକ ଅଭ୍ୟାସରେ ପରିଣତ ହେବା ସହ ଏହାଦ୍ୱାରା ସେମାନଙ୍କର ପାଠପଢ଼ା ପ୍ରଭାବିତ ହୋଇଥାଏ। ନିକଟରେ ଶେଷ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ପିଲା ପ୍ରତିଦିନ କିଛି ସମୟ ଭିଡିଓଗେମ୍ ଖେଳୁଛି ତେବେ ଏହାଦ୍ୱାରା ତାହାର ମାନସିକତା ଅନେକାଂଶରେ ସକାରାତ୍ମକ ରହିଥାଏ। ପ୍ରତିଦିନ କିଛି ସମୟ ଭିଡିଓଗେମ୍ ଖେଳୁଥିବା କେତେଜଣ ପିଲାଙ୍କ ମାନସିକତା ଉପରେ ସର୍ଭେକରି ସେମାନେ ଏପରି କଥା ଜାଣିପାରିଛନ୍ତି।



## ସୁପର ର୍‍ୟାଟ୍

ବର୍ତ୍ତମାନ ଜଳବାୟୁରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ପ୍ରଦୂଷିତ ପରିବେଶର ପ୍ରଭାବ କେବଳ ମାନବ ସମାଜ ନୁହେଁ, ଜୀବଜନ୍ତୁ, ବୃକ୍ଷଲତା ଉପରେ ପଡୁଛି। ଏହି ସମୟରେ ଏକ ରୋଚକ କଥା ଆଲୋଚନାର ଶିରୋନାମା ପାଲଟିଛି। ଜଳବାୟୁ ଏବଂ ପରିବେଶ ପରିବର୍ତ୍ତନ ଦ୍ୱାରା ମୂଷାର ଶାରୀରିକ ଗଠନ ଏବଂ ଓଜନ ପ୍ରଭାବିତ ହେବା ଆଶଙ୍କା ରହିଛି। ଏକ ସଦ୍ୟତମ ଗବେଷଣା ପରେ ଲଣ୍ଡନସ୍ଥିତ ୟୁନିଭର୍ସିଟି ଅଫ୍ ଲିସେଷ୍ଟରର ବୈଜ୍ଞାନିକମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ସେମାନେ କିଛି ମୂଷାଙ୍କ ଶାରୀରିକ ଗଠନ ଉପରେ ତନ୍ନ ତନ୍ନ କରି ତର୍ଜମାକରି ଏଭଳି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ନିକଟରେ ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ସମୟ ଆସିବ ମୂଷାମାନଙ୍କ ଆକାର ମେଣ୍ଢାଙ୍କ ପରି ହେବ। କେବଳ ସେତିକି ନୁହେଁ, ଏପରି ମୂଷାଙ୍କ ଓଜନ ପାଖାପାଖି ୮୦ କି.ଗ୍ରା. ହେବ ବୋଲି ସେମାନେ ପୂର୍ବାନୁମାନ କରିଛନ୍ତି। ଏଭଳି ମୂଷାକୁ 'ସୁପର ର୍‍ୟାଟ୍' ନାମରେ ନାମିତ କରାଯାଇଛି।



## ଷ୍ଟ୍ରୋକ୍ ରୋଗୀ ଓ ରୋବୋ

ଚିକିତ୍ସା ବିଜ୍ଞାନରେ ରୋବୋର ବ୍ୟବହାର କିଛି ନୂଆ କଥା ନୁହେଁ। ଏବେ ଜଟିଳ ଅପରେଶନ ପାଇଁ ଏହାର ସହାୟତା ନିଆଯାଉଛି। ନିକଟରେ ଜାପାନର ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏପରି ଏକ ରୋବଟ୍ ପ୍ରସ୍ତୁତ କରିଛନ୍ତି ଯାହା ଅକ୍ଳେଶରେ ଜଣେ ଷ୍ଟ୍ରୋକ୍ ରୋଗୀର ଯତ୍ନ ନେଇପାରିବ। ଏହି ରୋଗୀକୁ ଠିକ୍ ସମୟରେ ଔଷଧ ଖୁଆଇବା ସହ ତାହାର ସ୍ୱାସ୍ଥ୍ୟ କିପରି ଅଛି ସେ ନେଇ ସୂଚନା ସଂଗ୍ରହ ମଧ୍ୟ କରିପାରିବ। ପରୀକ୍ଷାମୂଳକ ଭାବରେ ଏପରି ରୋବଟ୍‌କୁ ବ୍ୟବହାର କରି ସଫଳତା ମିଳିଛି ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଦର୍ଶାଇଛନ୍ତି।



# ସପ୍ତରଙ୍ଗୀ ଇନ୍ଦ୍ରଧନୁ ଓ ଗ୍ୟାସ୍‌ର ନୀଳଶିଖା



କମଳାକାନ୍ତ ଜେନା

"ଆକାର ଧନୁ ପରି ହୋଇଥିବାରୁ ଏହାର ନାମ ଇନ୍ଦ୍ରଧନୁ। କିନ୍ତୁ ପ୍ରକୃତ ଆକାର ଧନୁ ପରି ନୁହେଁ। ଆମେ ଭୂଇଁ ଉପରେ ଛିଡ଼ାହୋଇ ଦେଖୁ ବୋଲି ତାହା ଆମକୁ ଧନୁ ପରି ଦେଖାଯାଏ। ଯଦି ଜଣେ ଉଡ଼ାଜାହାଜରେ ଯାଇ ଉପରୁ ଦେଖିବ, ତା' ହେଲେ ଇନ୍ଦ୍ରଧନୁ ଗୋଲ ଦେଖାଯିବ। ତେଣୁ ଇନ୍ଦ୍ରଧନୁର ପ୍ରକୃତ ଆକାର ଚୂଡ଼ି ପରି ଗୋଲ।"

ରଙ୍ଗିନ ଆଲୁଅ ଓ ଛାଇର ସମାହାର ହେଉଛି ଇନ୍ଦ୍ରଧନୁ। ସକାଳେ କିମ୍ବା ଉପରଓଳି ଝିପିଝିପି ବର୍ଷା ହେଉଥିବା ସମୟରେ ଖରା ପଡ଼ିଲେ ନାଲି-ନେଳି-ସବୁଜ ରଙ୍ଗର ଏହି ଇନ୍ଦ୍ରଧନୁ ଫୁଲହାର ପରି ଆକାଶରୁ ଭୂଇଁକୁ ଲମ୍ବିଥାଏ। କିନ୍ତୁ ସୂର୍ଯ୍ୟ ମୁଣ୍ଡ ଉପରେ ଥିଲେ ଆମକୁ ଇନ୍ଦ୍ରଧନୁ ଦେଖାଯାଏ ନାହିଁ। ଏହାକୁ ବୃଷ୍ଟିଦେବତା ଇନ୍ଦ୍ରଙ୍କର 'ଧନୁ' ବୋଲି ଆମେ କହୁ। ଆକାର ଧନୁ ପରି ହୋଇଥିବାରୁ ଏହାର ନାମ ଇନ୍ଦ୍ରଧନୁ। କିନ୍ତୁ ପ୍ରକୃତ ଆକାର ଧନୁ ପରି ନୁହେଁ। ଆମେ ଭୂଇଁ ଉପରେ ଛିଡ଼ାହୋଇ ଦେଖୁ ବୋଲି ତାହା ଆମକୁ ଧନୁ ପରି ଦେଖାଯାଏ। ଯଦି ଜଣେ ଉଡ଼ାଜାହାଜରେ ଯାଇ ଉପରୁ ଦେଖିବ, ତା' ହେଲେ ଇନ୍ଦ୍ରଧନୁ ଗୋଲ ଦେଖାଯିବ। ତେଣୁ ଇନ୍ଦ୍ରଧନୁର ପ୍ରକୃତ ଆକାର ଚୂଡ଼ି ପରି ଗୋଲ। ଇନ୍ଦ୍ରଧନୁରେ ସାତଟି ରଙ୍ଗର ଆଲୋକ ଆମେ ଦେଖୁ। ସେହି ସାତଟି ରଙ୍ଗକୁ ଆମେ ସଂକ୍ଷେପରେ କହୁ 'ବା-ଘ-ନୀ-ସ-ହ-ନା-ଲା'। ଏହାର ପୂରା ଅର୍ଥ ବାଇଗଣି-ଘନନୀଳ-ନୀଳ-ସବୁଜ-ହଳଦିଆ-ନାରଙ୍ଗୀ-ଲାଲ। ଏଇ ସାତଟି ରଙ୍ଗ ତଳୁ ଉପରକୁ ସଜା ହୋଇ ରହିଥାଏ। ତଳେ ବାଇଗଣି ଓ ଉପରେ ଲାଲ୍ ଥାଏ। କିନ୍ତୁ ଲାଲ ରଙ୍ଗ ତଳକୁ ଥିବା ନାରଙ୍ଗୀ ରଙ୍ଗଟା ଠିକ୍ ଜଣାପଡ଼େନି। ସେହିପରି ବାଇଗଣି ଉପରକୁ ଥିବା ଘନନୀଳ ରଙ୍ଗ ଠିକ୍ ଜଣାପଡ଼େନି। ଆମେ ଦେଖୁଥିବା ଇନ୍ଦ୍ରଧନୁ ଉପରକୁ ଆଉ ଗୋଟେ ମଳିନ ଇନ୍ଦ୍ରଧନୁ ଥାଏ। ତାହା ଉଜ୍ଜ୍ୱଳ ନ ଥାଏ, ତେଣୁ ଜଣାପଡେ ନାହିଁ। ଉଜ୍ଜ୍ୱଳ ଇନ୍ଦ୍ରଧନୁକୁ 'ପ୍ରାଥମିକ ଇନ୍ଦ୍ରଧନୁ' କୁହାଯାଏ ଏବଂ ମଳିନ ଇନ୍ଦ୍ରଧନୁକୁ 'ଦ୍ୱିତୀୟକ ଇନ୍ଦ୍ରଧନୁ' କୁହାଯାଏ। ପ୍ରାଥମିକ ଇନ୍ଦ୍ରଧନୁରେ ସବା ଉପରେ ନାଲି ରଙ୍ଗ ଥାଏ, କିନ୍ତୁ ଦ୍ୱିତୀୟକ ଇନ୍ଦ୍ରଧନୁରେ ସବା ତଳେ ନାଲି ରଙ୍ଗ ଥାଏ। ତେଣୁ ସେମାନଙ୍କର ରଙ୍ଗସଜା ପରସ୍ପର ଓଲଟା ରହିଥାଏ।

ସୂର୍ଯ୍ୟର ଧଳା କିରଣ ଭିତରେ ୭ଟି ରଙ୍ଗର ଆଲୋକ ଥାଏ। ସମସ୍ତ ରଙ୍ଗ ମିଶି ଗୋଟିଏ ପଥରେ ଗତି କରୁଥାଆନ୍ତି। ତେଣୁ କିରଣ ଧଳା ଦିଶେ। କିନ୍ତୁ ଝିପିଝିପି ବର୍ଷା ବେଳେ ସେହି କିରଣ କ୍ଷୁଦ୍ର ଜଳକଣା ଭିତରେ ପଶି ବାହାରକୁ ଆସିବା ସମୟରେ ୭ଟି ରଙ୍ଗର ଆଲୋକ ୭ଟି ଅଲଗା ଅଲଗା ପଥରେ ଗତି କରନ୍ତି। ତେଣୁ ଆମେ ୭ଟି ରଙ୍ଗକୁ ଇନ୍ଦ୍ରଧନୁ ଭିତରେ ଅଲଗା ଅଲଗା ଦେଖିପାରୁ। ଆଲୋକର ଶକ୍ତି ଅଛି। ରଙ୍ଗ ଉପରେ ଶକ୍ତି ନିର୍ଭରକରେ। ଇନ୍ଦ୍ରଧନୁରେ ୭ଟି ରଙ୍ଗର ଆଲୋକ ଅଛି। ସବୁ ରଙ୍ଗ ଆଲୋକର ଶକ୍ତି ସମାନ ନୁହେଁ। 'ବା-ଘ-ନୀ-ସ-ହ-ନା-ଲା' ବର୍ଗରେ ବାଇଗଣି ଆଲୋକର ଶକ୍ତି ସବୁଠାରୁ ଅଧିକ। ତାହା ତଳକୁ ଘନନୀଳ, ନୀଳ ଇତ୍ୟାଦି ରଙ୍ଗର ଆଲୋକ ରହିବ। ଲାଲ ଆଲୋକର ଶକ୍ତି ସବୁଠାରୁ କମ୍।

ଆଲୋକର ରଙ୍ଗ ଓ ଶକ୍ତିର ସମ୍ପର୍କ ବିଷୟରେ ପଦାର୍ଥ ବିଜ୍ଞାନରେ ବିଶେଷ ଆଲୋଚନା କରାଯାଇଛି। ସତ କହିଲେ, ଆମର ଦୈନନ୍ଦିନ ଜୀବନକୁ ସରସ ସୁନ୍ଦର କରିବାରେ ପଦାର୍ଥ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ବିଶ୍ୱ ବ୍ରହ୍ମାଣ୍ଡରେ ଘଟୁଥିବା ଅଗଣିତ ଘଟଣା ପଛରେ ପଦାର୍ଥ ବିଜ୍ଞାନ ରହିଛି। ଆମେ ଆଲୋକର ରଙ୍ଗ ସହ ଏହାର ଶକ୍ତିର ସମ୍ପର୍କ ବିଷୟରେ ଆଲୋଚନା କରିବା ସମୟରେ ରୋଷେଇଘରର ରନ୍ଧନଗ୍ୟାସ୍ କଥା ମନେ ପଡ଼େ। ଗ୍ୟାସ୍ ବର୍ନର ଉପରେ ଜଳୁଥିବା ନୀଳଶିଖାର କଥା ମନେପଡ଼େ। ରୋଷେଇ ପାଇଁ ଘରେ ରନ୍ଧନଗ୍ୟାସ୍ (ଏଲ୍‌ପିଜି) ବ୍ୟବହାର କରାଯାଏ। ଏଲ୍‌ପିଜିର ପୂରା ଅର୍ଥ ଲିକ୍ୟୁଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍। ଲାଲ ଟାଙ୍କି ଭିତରେ ଏହି ଗ୍ୟାସ୍ ପ୍ରାୟତଃ ତରଳ ଅବସ୍ଥାରେ ରହିଥାଏ। କାହିଁକି ନା ଟାଙ୍କି ଭିତରର ଅଧିକ ଚାପ ଏହାକୁ ତରଳ ଅବସ୍ଥାରେ ରଖିଥାଏ। କିନ୍ତୁ ଜଳିବା ସମୟରେ ଏହା ଟାଙ୍କି ଭିତରୁ ବାହାରି ବର୍ନର ପାଖକୁ ଆସିଲେ ଚାପ କମିଯାଇଥାଏ। ତେଣୁ ତରଳ ଅବସ୍ଥାରେ ରହିଥିବା ଏଲ୍‌ପିଜି ନିଜର ଗ୍ୟାସୀୟ ଅବସ୍ଥା ଫେରିପାଏ ଓ ଜଳେ। ଜଳିଲେ ତାପ ଓ ଆଲୋକ ବାହାରେ।





ଟାଙ୍କିରୁ ଗ୍ୟାସ୍ ବାହାରି ଜଳିବା ସମୟରେ ଅଗ୍ନିଶିଖାର ରଙ୍ଗ ଗୁରୁତ୍ୱପୂର୍ଣ୍ଣ। ରନ୍ଧନଗ୍ୟାସ୍ ନୀଳ ଜଳିଲେ ଠିକ୍ ଅଛି ଏବଂ ଠିକ୍ ତାପ ଦେଉଛି ବୋଲି ଆମେ ଜାଣିଛୁ। କିନ୍ତୁ ଲାଲ ଜଳିଲେ ଠିକ୍ ନାହିଁ ବୋଲି କୁହାଯାଏ। ଏହା ପଛରେ ରହିଥିବା କାରଣକୁ ପଦାର୍ଥ ବିଜ୍ଞାନ ବୁଝେଇପାରିବ। ପଦାର୍ଥ ବିଜ୍ଞାନ ଅନୁସାରେ ୭ଟି ରଙ୍ଗର ଆଲୋକ ବା-ଘ-ନୀ-ସ-ହ-ନା-ଲା ମଧ୍ୟରୁ ବାଇଗଣି ଆଲୋକର ଶକ୍ତି ସବୁଠାରୁ ଅଧିକ ଓ ଲାଲ୍ ଆଲୋକର ଶକ୍ତି ସବୁଠାରୁ କମ୍। ତେଣୁ ଲାଲ୍ ଓ ନୀଳ ଶିଖା ମଧ୍ୟରେ ତୁଳନା କଲେ, ନୀଳ ଶିଖାର ତାପଶକ୍ତି ଅଧିକ ଓ ଲାଲ ଶିଖାର ତାପଶକ୍ତି କମ୍। ବର୍ନର ଠିକ୍ ଥିଲେ ଓ ବର୍ନର ଭିତରେ ମଇଳା ଜମି ନ ଥିଲେ ଗ୍ୟାସ୍ ଠିକ୍ ଭାବରେ ଆସିପାରେ ଓ ନୀଳଶିଖା ଜଳେ। କିନ୍ତୁ ବର୍ନର ଭିତରେ ମଇଳା ଜମିଗଲେ ନୀଳଶିଖା ଆସେ ନାହିଁ। ଶିଖାର ତାପମାତ୍ରା ବି କମିଯାଏ। ବର୍ନର ଉପରେ ବସିଥିବା କଡ଼େଇ ତଳେ କଳା ସୃଷ୍ଟି ହୁଏ।

ଟାଙ୍କି ଭିତରେ ରହିଥିବା ଗ୍ୟାସ୍‌ର ପରିମାଣ ଉପରେ ମଧ୍ୟ ଶିଖାର ରଙ୍ଗ ନିର୍ଭରକରେ। ଟାଙ୍କି ଭିତରେ ଯଥେଷ୍ଟ ପରିମାଣ ଗ୍ୟାସ୍ ରହିଥିଲେ ବର୍ନର ନିକଟରେ ଆବଶ୍ୟକ ପରିମାଣ ଗ୍ୟାସ୍ ପହଞ୍ଚିପାରେ ଓ ନୀଳଶିଖା ଜଳେ। ତାପମାତ୍ରା ବି ଅଧିକ ଥାଏ। କିନ୍ତୁ ଟାଙ୍କି ଭିତରେ ଗ୍ୟାସ୍ ଶେଷ ହେବା ସମୟ ହୋଇଗଲେ ଆବଶ୍ୟକ ପରିମାଣର ଗ୍ୟାସ୍ ବର୍ନର ପାଖକୁ ଆସିପାରେ ନାହିଁ। ତେଣୁ ଶିଖାର ତାପମାତ୍ରା କମିଯାଏ। ଗ୍ୟାସ୍ ସରିଆସିଲେ ଶିଖା ଲାଲ ଦିଶେ। ଘରେ ମାଆ ଜାଣିପାରନ୍ତି ଗ୍ୟାସ୍ ସରିବାକୁ ଯାଉଛି ବୋଲି। ସଙ୍ଗେ ସଙ୍ଗେ ଆମେ ଗ୍ୟାସ୍ ଏଜେନ୍ସିକୁ ଫୋନ୍ କରୁ ନୂଆ ଟାଙ୍କି ଆଣିଦେବା ପାଇଁ।

*-ଓଇଏସ୍(ଏ), କ୍ୱାର୍ଟର୍ସ ନଂ. ୧୭,*
*କଲେଜ କ୍ୟାମ୍ପସ,*
*ଭଦ୍ରକ ଅଟୋନୋମସ କଲେଜ, ଭଦ୍ରକ*
*ମୋ : ୯୪୩୯୫୦୧୬୫୧*

# ପ୍ରଦୂଷଣମୁକ୍ତ ଫଳ



ପ୍ର. ସୁବୋଧ କୁମାର ସାହୁ

"କଦଳୀ କାନ୍ଦି ଗଛରେ ଝୁଲୁଥିବା ଅବସ୍ଥାରେ କଦଳୀ ଶୀଘ୍ର ବଢ଼ି ପାକଳ ହେବା ପାଇଁ ଚାଷୀ କାନ୍ଦିରୁ ଭଣ୍ଡାକୁ ବାହାରକରି ସେ ସ୍ଥାନରେ କିଛି ୟୁରିଆ ସାରକୁ ପଲିଥିନ ବ୍ୟାଗ୍‌ରେ ରଖି ବାନ୍ଧନ୍ତି। ଏହାଦ୍ୱାରା ୟୁରିଆର ଆମାଇଡ୍ ନାମକ ଏକ ବିଷାକ୍ତ ତତ୍ତ୍ୱ କଞ୍ଚା କଦଳୀକୁ ପ୍ରଦୂଷିତକରେ। ଏହି ପ୍ରଦୂଷିତ କଦଳୀ ଖାଇଲେ ବିଭିନ୍ନ ପେଟ ରୋଗ ହୁଏ।"

ଫଳ ସୁଷମ ଖାଦ୍ୟର ଏକ ମୁଖ୍ୟ ଅଂଶ। ଫଳରେ ସ୍ନେହସାର ବ୍ୟତୀତ ଅନ୍ୟ ତିନିଗୋଟି ଖାଦ୍ୟ ଉପାଦାନ ଯଥା ପ୍ରୋଟିନ୍ ବା ପୁଷ୍ଟିସାର, କାର୍ବୋହାଇଡ୍ରେଟ୍ ବା ଚିନି ଜାତୀୟ ଖାଦ୍ୟ ଏବଂ ଭିଟାମିନ୍ ବା ଜୀବନିକା ଭରପୂର ଥାଏ। ଶରୀର ପାଇଁ ଆବଶ୍ୟକ ସମସ୍ତ ଧାତବ ଲବଣ ଯଥା ଆଇରନ୍ (ଲୌହ), ମାଙ୍ଗାନିଜ, କପର (ତମ୍ବା), ଜିଙ୍କ୍ (ଦସ୍ତା), କ୍ରୋମିୟମ, ସେଲେନିୟମ, ସୋଡିୟମ, ପଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଓ ସଲ୍‌ଫର ସହ ବହୁ ପରିମାଣର ଆଣ୍ଟି ଅକ୍ସିଡାଣ୍ଟ ଥାଏ। ବୟସ୍କ ଏବଂ ରୋଗୀମାନଙ୍କ ପାଇଁ ଫଳ ଏକ ଉତ୍ତମ ପଥ୍ୟ ସଦୃଶ। ତେଣୁ ଡାକ୍ତରମାନେ ଫଳକୁ ଦୈନନ୍ଦିନ ଖାଦ୍ୟର ଏକ ମୁଖ୍ୟ ଅଂଶ ଭାବରେ ପରାମର୍ଶ ଦେଇଥାଆନ୍ତି।

ବଜାରରେ ବିକ୍ରି ହେଉଥିବା ମୁଖ୍ୟ ଫଳ ମଧ୍ୟରେ ଆମ୍ବ, କଦଳୀ, ସେଓ, କମଳା, ସପେଟା, ଅମୃତଭଣ୍ଡା, ଆତ, ଅଙ୍ଗୁର, ପିଜୁଳି, ବେଦନା ଆଦି ମୁଖ୍ୟ। ଫଳ କଞ୍ଚାବେଳେ ଖଟା ଏବଂ ସ୍ୱାଦହୀନ ଥାଏ। ଏହା ପାଚିଲେ ଏହାର ରଙ୍ଗ ବଦଳେ, ସୁସ୍ୱାଦୁ ଏବଂ ନରମ ହୋଇ ଶରୀରର ଅଭିବୃଦ୍ଧି ପାଇଁ ସମସ୍ତ ଖାଦ୍ୟସାର ଯୋଗାଇଥାଏ। ବର୍ତ୍ତମାନ ବଜାରରେ ଅଜୈବ ବା ସିନ୍ଥେଟିକ୍ ଇଥରାଲ ମିଳିଲାଣି। ଉକ୍ତ ଇଥରାଲକୁ କଞ୍ଚାଫଳରେ ସିଞ୍ଚନ କଲେ ଫଳ ଶୀଘ୍ର ପାଚିଯାଏ। ଫଳରେ ଥିବା ଜଳୀୟ ଅଂଶ ଏବଂ ବ୍ୟାଗ୍‌ର ଅନ୍ତର୍ନିହିତ ଉତ୍ତାପରେ ଏସିଟିଲିନ୍ ନାମକ ଏକ ବିଷାକ୍ତ ରାସାୟନିକ ଗ୍ୟାସ୍ ବାହାରି ଫଳକୁ ପଚାଏ। କ୍ୟାଲସିୟମ କାର୍ବାଇଡରେ ଆରସେନିକ୍ ଭଳି ଏକ ବିଷାକ୍ତ ରାସାୟନିକ ପଦାର୍ଥ ଥାଏ। ଫଳ ପାଚି ନରମ ହେଲେ ଉକ୍ତ ବିଷାକ୍ତ ଗ୍ୟାସ୍ ଏବଂ ଆର୍‌ସେନିକର କିଛି ଅଂଶ ଫଳରେ ରହିଯାଏ। ଏହାଦ୍ୱାରା ଫଳ ପ୍ରଦୂଷିତ ହୁଏ।

ଜବରଦସ୍ତ ପାଚୁଥିବା ଫଳକୁ ଖାଇ ଆମେ ବିଭିନ୍ନ ପେଟରୋଗ ଏବଂ ମାରାତ୍ମକ ପାକସ୍ଥଳୀ ଏବଂ ଅନ୍ତନଳୀ କ୍ୟାନ୍‌ସରରେ ପୀଡ଼ିତ ହେବା ଆଶଙ୍କା ଥାଏ। କଦଳୀ କାନ୍ଦି ଗଛରେ ଝୁଲୁଥିବା ଅବସ୍ଥାରେ କଦଳୀ ଶୀଘ୍ର ବଢ଼ି ପାକଳ ହେବା ପାଇଁ ଚାଷୀ କାନ୍ଦିରୁ ଭଣ୍ଡାକୁ ବାହାରକରି ସେ ସ୍ଥାନରେ କିଛି ୟୁରିଆ ସାରକୁ ପଲିଥିନ ବ୍ୟାଗ୍‌ରେ ରଖି ବାନ୍ଧନ୍ତି। ଏହାଦ୍ୱାରା ୟୁରିଆର ଆମାଇଡ୍ ନାମକ ଏକ ବିଷାକ୍ତ ତତ୍ତ୍ୱ କଞ୍ଚା କଦଳୀକୁ ପ୍ରଦୂଷିତକରେ। ଏହି ପ୍ରଦୂଷିତ କଦଳୀ ଖାଇଲେ ବିଭିନ୍ନ ପେଟ ରୋଗ ହୁଏ। ସେଓ ଏବଂ କମଳା ଜାତୀୟ ଫଳକୁ ଅଧିକ ଦିନ ସାଇତି ରଖି ବିକ୍ରି ପାଇଁ କେତେଜଣ ବ୍ୟବସାୟୀ ଉକ୍ତ ଫଳକୁ ତରଳ ପାରାଫିନ୍ ବା ମହମର ଲେପ ଦିଅନ୍ତି। ପାରାଫିନ୍ ଲେପ ଦ୍ୱାରା ଫଳର ପ୍ରଶ୍ୱସନ ପ୍ରକ୍ରିୟା କମ୍ ହୁଏ। ଯାହାଦ୍ୱାରା ଫଳ ନ ପଚି ଅନେକ ଦିନ ରହେ ଏବଂ ଫଳ ବାହାରକୁ ଚିକ୍କଣ ଦେଖାଯାଏ। ପ୍ରଦୂଷିତ ଫଳ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ଫଳ ଯେହେତୁ ଏକ ସୁଷମ ଖାଦ୍ୟ ଏହାକୁ ଆମେ ଅବଶ୍ୟ ଛାଡ଼ିପାରିବା ନାହିଁ। ତେଣୁ ଏଗୁଡ଼ିକୁ କିଣିବା ପରେ ବିଶୁଦ୍ଧ ପାଣିରେ ଭଲ ଭାବେ ଧୋଇ ଖାଇବା ଉଚିତ। ଏହାଛଡ଼ା ପରୀକ୍ଷାରୁ ଜଣାପଡ଼ିଛି ଯେ ପାଚିବାକୁ ଥିବା ଫଳକୁ ଏକ ବ୍ୟାଗ୍‌ରେ ରଖି ଫଳଗୁଡ଼ିକର ମଝିରେ କିଛି ଗଛ ପାଚିଲା କଦଳୀ ଥୋଇଲେ କଞ୍ଚାଫଳ ବିନା ପ୍ରଦୂଷଣରେ ପାଚିଥାଏ। କାରଣ ପାଚିଲା କଦଳୀରେ ଥିବା ଜୈବିକ ଇଥରାଲରୁ ଏହାର ଗ୍ୟାସ୍ ବାହାରି ଫଳକୁ ପଚାଏ। ବିନା ରାସାୟନିକ ଦ୍ରବ୍ୟ ପ୍ରୟୋଗରେ ଫଳକୁ ପଚାଇବା ପାଇଁ ବର୍ତ୍ତମାନ ଘୋଡ଼ଣୀ ଥିବା ଧାତୁ ନିର୍ମିତ ଏକ ପାତ୍ର ବଜାରରେ ବିକ୍ରି ହେବାକୁ ଯାଉଛି। ଅର୍ଦ୍ଧ ପାଚିବା ଫଳକୁ ଉକ୍ତ ପାତ୍ରରେ ଥୋଇ ଢାଙ୍କୁଣିକୁ ଘୋଡ଼ାଇଲେ ଫଳରୁ ଜୈବ ଇଥିଲିନ ଏବଂ ଅଙ୍ଗାରକାମ୍ଳ ଗ୍ୟାସ୍ ବାହାରି ଫଳକୁ କମ୍ ସମୟରେ ବିନା ପ୍ରଦୂଷଣରେ ପଚାଏ।



ଏହାଦ୍ୱାରା ଫଳର ରଙ୍ଗ ଅବଶ୍ୟ ବଦଳେ, କିନ୍ତୁ ଫଳର ଅମ୍ଳ ଅଂଶ ରହିବା ସହ ଏହା ପ୍ରଦୂଷିତ ହୁଏ। ଗୋଦାମରେ କଦଳୀଠାରୁ ଆରମ୍ଭକରି ସମସ୍ତ ପ୍ରକାର କଞ୍ଚାଫଳରେ ଫଳ ବ୍ୟବସାୟୀ ସିନ୍ଥେଟିକ ଇଥରାଲ ପ୍ରୟୋଗକରି ଫଳକୁ ଜବରଦସ୍ତ ପଚାଇ ବିକ୍ରି କରୁଛନ୍ତି। ଇଥରାଲ ବଦଳରେ ବହୁ ଫଳଚାଷୀ ଏବଂ ବ୍ୟବସାୟୀ ବଜାରରେ ସୁବିଧାରେ ମିଳୁଥିବା କ୍ୟାଲସିୟମ କାର୍ବାଇଡ ନାମକ ଏକ ଭଙ୍ଗୁର ରାସାୟନିକ ପଦାର୍ଥକୁ ଖୋଟ ବା ପଲିଥିନ ବ୍ୟାଗ୍‌ରେ କଞ୍ଚାଫଳ ପାଚିବା ପାଇଁ ବ୍ୟବହାର କରିଛନ୍ତି। ଉପରୋକ୍ତ ବ୍ୟାଗ୍‌ରେ କଞ୍ଚାଫଳକୁ ରଖି ଫଳ ମଝିରେ କିଛି କ୍ୟାଲସିୟମ କାର୍ବାଇଡ୍ ଥୋଇ ଦିଅନ୍ତି। ଏହା

*-ଶୈଳଶ୍ରୀବିହାର, ଭୁବନେଶ୍ୱର*
*ମୋ : ୯୫୫୬୨୬୬୦୮୫*

## ସ୍ୱାସ୍ଥ୍ୟ ସୂଚନା

-ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଏହାଦ୍ୱାରା ନିଦ୍ରାରେ ବ୍ୟାଘାତ ଘଟିଥାଏ।

-ଅସ୍ଥିକୁ ମଜଭୁତ କରିବାରେ ଭିଟାମିନ୍-ଡି'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାର ପ୍ରମୁଖ ଉତ୍ସ ହେଲା ସୂର୍ଯ୍ୟକିରଣ। ତେଣୁ ସକାଳୁ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବାକୁ ଚେଷ୍ଟା କରନ୍ତୁ।

-ସବୁବେଳେ ତଟକା ତଥା ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। କାରଣ ଏଗୁଡ଼ିକରେ ଭିଟାମିନ୍ ଭରି ରହିଛି।

-ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ।

-ଖାଇବା ପୂର୍ବରୁ ନିଶାଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ତାହାକୁ ତୁରନ୍ତ ବର୍ଜନ କରନ୍ତୁ।

-ନିଜକୁ ସୁସ୍ଥ ରଖିବା ପାଇଁ ନିଜ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ। ଏଥିପାଇଁ ଖାଦ୍ୟପେୟ ପ୍ରତି ନଜର ଦେବା ସହ ବ୍ୟାୟାମକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ।



## ପିଠି ଯନ୍ତ୍ରଣା ପାଇଁ ନୂଆ ଇଞ୍ଜେକ୍‌ସନ

ପିଠିରେ ଯନ୍ତ୍ରଣା କେତେ କଷ୍ଟକର ତାହା ଅନୁଭବୀ ହିଁ ଜାଣେ। ଏଥିରୁ ଉପଶମ ପାଇବା ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ପଡ଼ିଥାଏ। ସେ ଲେଖିଥିବା ଔଷଧ ଖାଇବା ସହ ତାଙ୍କ ନିର୍ଦ୍ଦେଶରେ ଚିକିତ୍ସିତ ହେବାକୁ ପଡ଼ିଥାଏ। ନିକଟରେ ଏପରି ସମସ୍ୟାରୁ ଉପଶମ ପାଇବା ପାଇଁ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ନୂଆ ଇଞ୍ଜେକସନ ପ୍ରସ୍ତୁତ କରିଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହି ଇଞ୍ଜେକସନର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ତା'ସହ ଏହାକୁ ନେଉଥିବା ବ୍ୟକ୍ତି ଯଦି ଡାଇବେଟିସ୍‌ରେ ଆକ୍ରାନ୍ତ ତେବେ ତାଙ୍କର ରକ୍ତରେ ସୁଗାର ପରିମାଣ ମଧ୍ୟ ଅସନ୍ତୁଳିତ ହେବ ନାହିଁ। ଅପରପକ୍ଷରେ ପରୀକ୍ଷାମୂଳକ ଭାବରେ ଏହି ଇଞ୍ଜେକସନରୁ ସଫଳତା ମିଳିଛି ବୋଲି ଏହାର ପ୍ରସ୍ତୁତକାରୀ ସଂସ୍ଥାର ମୁଖ୍ୟ ପ୍ରଫେସର ଷ୍ଟେଭିନ୍ ଲୋହାନ୍ ପ୍ରକାଶ କରିଛନ୍ତି।



ସଂକ୍ଷେପରେ

## ଆଜି ବିଏସ୍ଏନ୍ଏଲ୍ କର୍ମଚାରୀଙ୍କ ଅନଶନ

**ନୂଆଦିଲ୍ଲୀ, ୨୩-୨:** ରାଷ୍ଟ୍ରାୟତ୍ତ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍ଏନ୍ଏଲ୍) କର୍ମଚାରୀ ସଂଘ ପକ୍ଷରୁ ସୋମବାର ଦେଶବ୍ୟାପୀ ଅନଶନ କରାଯିବ। ସରକାର ଘୋଷଣା କରିଥିବା ୬୯ ହଜାର କୋଟି ଟଙ୍କାର ପୁନରୁଦ୍ଧାର ପ୍ୟାକେଜ କାର୍ଯ୍ୟକାରୀ କରାଇବାରେ ବିଳମ୍ବ ହେବାରୁ ସଂଘ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେନ୍ଦ୍ର କ୍ୟାବିନେଟର ପୁନରୁଦ୍ଧାର ପ୍ୟାକେଜର ତ୍ୱରିତ କାର୍ଯ୍ୟକାରିତା, କର୍ମଚାରୀଙ୍କ ଦାବି ସମାଧାନ ଲାଗି ଏଭଳି ଅନଶନ କରାଯିବ ବୋଲି ଅଲ୍ ୟୁନିୟନ୍ସ ଆଣ୍ଡ ଆସୋସିଏଶନ୍ସ ଅଫ୍ ବିଏସ୍ଏନ୍ଏଲ୍ (ଏୟୁଏବି) ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ୨୦୧୯ ଅକ୍ଟୋବରରେ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ୬୮,୭୫୧ କୋଟି ଟଙ୍କାର ପୁନରୁଦ୍ଧାର ପ୍ୟାକେଜ ଘୋଷଣା କରାଯାଇଥିଲା। କ୍ଷତିରେ ଚାଲୁଥିବା ବିଏସ୍ଏନ୍ଏଲ୍ ଏବଂ ଏମ୍‌ଟିଏନ୍ଏଲ୍‌ରୁ ପୁନରୁଦ୍ଧାର ପ୍ୟାକେଜ, ୪ଜି ସ୍ପେକ୍ଟ୍ରମ ବଣ୍ଟନ, ଦୁଇ କମ୍ପାନୀର ମିଶ୍ରଣ ଏବଂ ସ୍ୱେଚ୍ଛାକୃତ ଅବସର ଯୋଜନା ଏହା ମଧ୍ୟରେ ସାମିଲ ରହିଥିଲା। ଏହା ମଧ୍ୟରେ କେବଳ ଭିଆର୍ଏସ୍ ସ୍କିମ ଲାଗୁ କରାଯାଇ ୭୮,୫୬୯ କର୍ମଚାରୀଙ୍କୁ ଅବସର ଦିଆଯାଇଛି। ୪ ମାସ ବିତି ଯାଇଥିଲେ ମଧ୍ୟ ବିଏସ୍ଏନ୍ଏଲ୍‌କୁ ଏବେ ଯାଏ ୪ଜି ସ୍ପେକ୍ଟ୍ରମ ବଣ୍ଟନ କରାଯାଇ ନାହିଁ ବୋଲି ସଂଘ ପକ୍ଷରୁ ସୂଚନା ରହିଛି।

## ମାର୍ଚ୍ଚ ପହିଲାରୁ ଲଟେରି ଉପରେ ୨୮% ଜିଏସ୍‌ଟି

**ନୂଆଦିଲ୍ଲୀ, ୨୩-୨:** ମାର୍ଚ୍ଚ ପହିଲାରୁ ଲଟେରି ଉପରେ ୨୮% ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କାର୍ଯ୍ୟକାରୀ ହେବ ବୋଲି ସରକାର ରବିବାର ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଗତ ଡିସେମ୍ବରରେ ରାଜ୍ୟ ପରିଚାଳିତ ଏବଂ ବୈଧ ଲଟେରି ଉପରେ ଏଭଳି ଟିକସ ଲାଗୁ ନେଇ ସରକାର ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ଷ୍ଟେଟ ରନ୍ ଲଟେରି ଉପରେ ୧୨% ଜିଏସ୍‌ଟି ଲାଗୁଛି। ଏହା ବାଦ ଷ୍ଟେଟ ଅଥରାଇଜଡ ଲଟେରି ଉପରେ ୨୮% ଟିକସ ଲାଗୁଛି। ଜିଏସ୍‌ଟି ହାରକୁ ନେଇ ଆନ୍ତଃ ମନ୍ତ୍ରୀ ସ୍ତରୀୟ ଗୋଷ୍ଠୀ ଲଟେରି ଉପରେ ଏକକ ଟିକସ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ପରେ ଡିସେମ୍ବରରେ ଏହାକୁ ନେଇ ଭୋଟ କରାଯାଇଥିଲା।

## ଟେଲିକମ୍ ଶିଳ୍ପକୁ ଆଶ୍ୱସ୍ତି ଲାଗି ବରିଷ୍ଠ ଅଧିକାରୀଙ୍କ ବୈଠକ

**ନୂଆଦିଲ୍ଲୀ, ୨୩-୨:** ଆଡଜଷ୍ଟେଡ୍ ଗ୍ରସ ରେଭିନ୍ୟୁ(ଏଜିଆର୍) ବାବଦ ଦେୟ ପ୍ରଦାନ କରିବାକୁ ଟେଲିକମ କମ୍ପାନୀଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ଶିଳ୍ପରେ ଏବେ ସମସ୍ୟା ବଢ଼ିଯାଇଛି। କମ୍ପାନୀଗୁଡ଼ିକ ଏବେ ସମସ୍ୟା ଦେଇ ଗତି କରୁଥିବା ବେଳେ ଅର୍ଥ ପଇଠ କରିବା ସେମାନଙ୍କ ପକ୍ଷେ କଷ୍ଟସାଧ ହେଉଛି। କମ୍ପାନୀଗୁଡ଼ିକୁ କିଭଳି କିଛି ରିହାତି ଦେଇ ହେବ ସେ ନେଇ ଟେଲିକମ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ପ୍ରମୁଖ ମନ୍ତ୍ରଣାଳୟଗୁଡ଼ିକର ଅଧିକାରୀମାନେ ରବିବାର ବୈଠକ କରିଛନ୍ତି। ଗତ ସପ୍ତାହରେ ଟେଲିକମ ଶିଳ୍ପର ସମସ୍ୟାକୁ ନେଇ ଏୟାରଟେଲ ଅଧ୍ୟକ୍ଷ ସୁନୀଲ ଭାରତୀ ମିତ୍ତଲ ସରକାରଙ୍କୁ ଅବଗତ କରାଇଥିଲେ। ରବିବାର ଅନୁଷ୍ଠିତ ହୋଇଥିବା ବୈଠକରେ ନୀତି ଆୟୋଗ ଏବଂ ଅର୍ଥ ମନ୍ତ୍ରଣାଳୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ କଣ ନିର୍ଯାସ ବାହାରିଲା ସେ ନେଇ ଟେଲିକମ ବିଭାଗ ସଚିବ ଅଂଶୁ ପ୍ରକାଶଙ୍କଠାରୁ ପ୍ରତିକ୍ରିୟା ଲୋଡା ଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରି ନାହିଁ।

## ରୁଡ୍‌ସେଟ୍ ପ୍ରତିଷ୍ଠାନ ପକ୍ଷରୁ ଦକ୍ଷତା ଶିବିର

**ଭୁବନେଶ୍ୱର, ୨୩-୨:** ସ୍ଥାନୀୟ ପାତ୍ରପଡା ରୁଡ୍‌ସେଟ ପ୍ରତିଷ୍ଠାନ ୩୦ ଦିନିଆ ବିୟୁଟି ପାର୍ଲର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି। ଏଥିରେ କାନାରା ବ୍ୟାଙ୍କ, ମଣ୍ଡଳ କାର୍ଯ୍ୟାଳୟ ସହାୟକ ମହାପ୍ରବନ୍ଧକ ସୂର୍ଯ୍ୟ ନାରାୟଣ ପଣ୍ଡା ମଖ୍ୟ ଅତିଥି ରୂପେ ଯୋଗ ଦେଇ ସମସ୍ତ ୨୭ ଜଣ ପ୍ରଶିକ୍ଷାର୍ଥିନୀଙ୍କୁ ଅଧିକ ପରିଶ୍ରମ କରିବା ସହ ନିଜ ବ୍ୟବସାୟ କରିବାକୁ ଆରମ୍ଭ କରିବାକୁ ପ୍ରର୍ବାଇଥିଲେ। ତତ୍‌ସହିତ କାନାରା ବ୍ୟାଙ୍କ ଶାଖାରୁ ଋଣ ସୁବିଧା ମଧ୍ୟ ଉପଲବ୍ଧ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ରୁଡ୍‌ସେଟ ପ୍ରତିଷ୍ଠାନର ନିର୍ଦ୍ଦେଶକ ନିରୋଜ କୁମାର ଦୋରା ପ୍ରଶିକ୍ଷାର୍ଥିନିମାନଙ୍କୁ ସଫଳ ଉଦ୍ୟୋଗୀ ହେବା ସହ ଅନ୍ୟ ବେରୋଜଗାରୀମାନଙ୍କୁ ନିଜ ଉଦ୍ୟୋଗରେ ରୋଜଗାର ଦେବା ପାଇଁ ସଚେତନ କରାଇଥିଲେ। ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ବିକ୍ରମ କେଶରୀ ରାଉତ, ପ୍ରଶିକ୍ଷକ ସୂର୍ଯ୍ୟ ପ୍ରସାଦ ମିଶ୍ର, ଦୀପକ ବ୍ରହ୍ମା ଓ ମଣ୍ଡଳ କାର୍ଯ୍ୟାଳୟ ପ୍ରଶିକ୍ଷକ ସ୍ୱରୂପ ରାଉତ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

"ରିଜର୍ଭ ବ୍ୟାଙ୍କ ଏକାକୀ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖି ପାରିବ ନାହିଁ। ଯୋଗାଣ ଭଳି ଅନ୍ୟ ଦିଗକୁ ଦେଖିବା ସରକାରଙ୍କ କାମ।
– ସି. ରଙ୍ଗରାଜନ, ପୂର୍ବତନ ଗଭର୍ନର, ରିଜର୍ଭ ବ୍ୟାଙ୍କ



"ଖୁଚୁରା ମୁଦ୍ରାସ୍ଫୀତି ଧାର୍ଯ୍ୟ ଲକ୍ଷ୍ୟ ଫ୍ରେମୱାର୍କ ଉପରେ କେନ୍ଦ୍ରୀୟ ବ୍ୟାଙ୍କ ବର୍ତ୍ତମାନ ତର୍ଜମା କରୁଛି।
– ଶକ୍ତିକାନ୍ତ ଦାସ, ଗଭର୍ନର, ରିଜର୍ଭ ବ୍ୟାଙ୍କ



# ଆମେରିକା ଭାରତର ଶୀର୍ଷ ବାଣିଜ୍ୟ ଅଂଶୀଦାର

**ନୂଆଦିଲ୍ଲୀ, ୨୩-୨**



ଚାଇନାକୁ ଟପି ଆମେରିକା ଭାରତର ଶୀର୍ଷ ବାଣିଜ୍ୟ ଅଂଶୀଦାର ହୋଇ ପାରିଛି। ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ବୃହତ୍ ଅର୍ଥନୈତିକ ସମ୍ପର୍କ ସ୍ଥାପନ ହୋଇଥିବା ଜଣାପଡିଛି। ବାଣିଜ୍ୟ ମନ୍ତ୍ରଣାଳୟ ତଥ୍ୟ ମୁତାବକ ୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ-ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୮୭.୯୫ ବିଲିୟନ ଡଲାର ରହିଛି। ଏହି ସମୟରେ ଚାଇନା ସହ ଭାରତର ବାଣିଜ୍ୟ ୮୭.୦୭ ବିଲିୟନ ଡଲାର ଛୁଇଁଛି। ୨୦୧୯-୨୦ ଏପ୍ରିଲ ଡିସେମ୍ବର ସମୟରେ ଭାରତ ଆମେରିକା ମଧ୍ୟରେ ୬୮ ବିଲିୟନ ଡଲାରର ବାଣିଜ୍ୟ କାରବାର ହୋଇଛି। ସମାନ ସମୟରେ ଚାଇନା ଭାରତ ମଧ୍ୟରେ ଦ୍ୱିପାକ୍ଷିକ କାରବାର ୬୪.୯୬ ବିଲିୟନ ଡଲାର ରହିଛି। ୱାଶିଂଟନ ଏବଂ ନୂଆଦିଲ୍ଲୀ ମଧ୍ୟରେ ଅର୍ଥନୈତିକ ଚୁକ୍ତି ସ୍ୱାକ୍ଷରିତ ହେଲେ ଏହି ଧାରା ଆହୁରି ଦୃଢ଼ ହେବ ବୋଲି ବଜାର ବିଶେଷଜ୍ଞମାନେ ଆଶା ପ୍ରକଟ କରିଛନ୍ତି। ଆଗାମୀ ଦିନରେ ଦୁଇ ଦେଶ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ)ରେ ସାମିଲ ହେଲେ ଦ୍ୱିପାକ୍ଷିକ ବାଣିଜ୍ୟ ଆଉ ଗୋଟିଏ ସୋପାନକୁ ଯାଇ ପାରିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଆମେରିକା ସହ ଏଫ୍‌ଟିଏ ଭାରତ ଲାଗି ମଙ୍ଗଳକାରୀ ହେବ ବୋଲି ଭାରତୀୟ ରପ୍ତାନିକାରୀ ମହାସଂଘର ମହାନିର୍ଦ୍ଦେଶକ ଅଜୟ ସାହାଇ ମତବ୍ୟକ୍ତ କରିଛନ୍ତି।

## ହୋଣ୍ଡା 'ଫୋର୍ଜା ୩୦୦' ସ୍କୁଟରର ଡେଲିଭରି

**ନୂଆଦିଲ୍ଲୀ,୨୩-୨**



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ହୋଣ୍ଡା ବିଗ୍ ୱିଙ୍ଗ୍ ଉତ୍ପାଦ ବର୍ଗକୁ ସମ୍ପ୍ରସାରିତ କରାଯାଇଛି। କମ୍ପାନୀ ପକ୍ଷରୁ ସାରା ଦେଶରେ ଫୋର୍ଜା ୩୦୦ର ଡେଲିଭରି ଆରମ୍ଭ ହୋଇଛି। ଗମନାଗମନ, ଷ୍ଟାଇଲ ଓ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା ଫୋର୍ଜା ୩୦୦ ହେଉଛି ଭାରତର ପ୍ରଥମ ପ୍ରିମିୟମ୍ ମିଡ୍-ସାଇଜ୍ ସ୍କୁଟର। ଏହି ଅବସରରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡର ସଭାପତି, ସିଇଓ ତଥା ଏମ୍‌ଡି ମିନୁରୋ କାଟୋ କହିଛନ୍ତି ଯେ, ହୋଣ୍ଡାର ବିଶ୍ୱ ସ୍ତରରେ ଫନ୍-ମଡେଲ୍ ଉତ୍ପାଦର ଏକ ପରମ୍ପରା ରହିଛି। ଫୋର୍ଜା ୩୦୦କୁ ଉପସ୍ଥାପନ କରିବା ସହିତ ଆମେ ବହୁତ ଗର୍ବିତ ଯେ ସ୍କୁଟରାଇଜେସନ୍‌ର ଧାରାକୁ ଆହୁରି ଉର୍ଦ୍ଧ୍ୱକୁ ନେଇପାରିଛୁ। ମଧ୍ୟମ ବର୍ଗ ସ୍କୁଟର କ୍ଷେତ୍ରରେ ଏହା କେବଳ ହୋଣ୍ଡାକୁ ଉପସ୍ଥାପିତ କରିବ ନାହିଁ ବରଂ ଏହା ଆମକୁ ନୂତନ ପ୍ରକାରର ଗ୍ରାହକ ଯେଉଁମାନେ ଲକ୍ସୁରି ଓ କୌତୁକ ଗାଡ଼ିଚାଳନା ପସନ୍ଦ କରନ୍ତି ସେମାନଙ୍କ ଆବଶ୍ୟକତାକୁ ପୂରଣ କରିବ।

## ସିଭି ରମଣ କଲେଜରେ ବାସ୍କେଟବଲ ପ୍ରତିଯୋଗିତା

**ଭୁବନେଶ୍ୱର, ୨୩-୨**

ମହୁରାସ୍ଥିତ ସି.ଭି. ରମଣ କଲେଜରେ ସ୍ୱର୍ଗତ ବିମ୍ବାଧର ନାୟକଙ୍କର ସ୍ମୃତିରେ ଏକ ଆନ୍ତଃକଲେଜ ବାସ୍କେଟବଲ ଓ ଭଲିବଲ ଚାମ୍ପିୟନଶିପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ବାସ୍କେଟବଲ ପ୍ରତିଯୋଗିତାରେ ନୟାପଲ୍ଲୀର ଦେବରାୟ କଲେଜ ପ୍ରଥମ ଓ ବାଣୀବିହାର ଉତ୍କଳ ୟୁନିଭରସିଟି ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିବାବେଳେ ଭଲିବଲ ପ୍ରତିଯୋଗିତାରେ ଅଡସପୁରର ଉଦୟନାଥ ଅଟନୋମସ କଲେଜ ପ୍ରଥମ ଓ ଇନଫୋସିଟିର ଟ୍ରାଇଡେଣ୍ଟ ଏକାଡେମୀ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି କଲେଜ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲେ। ଏହି ଉତ୍ସବରେ ଡା. କବିତା ନାୟକ ଓ ଡା. କାଶିନାଥ ନାୟକ ଅତିଥିଭାବେ ଅଂଶଗ୍ରହଣ କରି କୃତୀ ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଶସ୍ତ୍ର ୟୁନିଭର୍ସିଟିର ଅନ୍ତର୍ଜାତୀୟ ଅନୁବନ୍ଧନ



**ଥାଞ୍ଜାଭୁର,୨୩-୨**

ଶସ୍ତ୍ର ଡିମ୍‌ଡ ୟୁନିଭର୍ସିଟି ଲଂଲଣ୍ଡର ଇନଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ଆଇଇଟି) ଭଳି ଅନ୍ତର୍ଜାତୀୟ ପ୍ରତିଷ୍ଠାନ ସହ ଅନୁବନ୍ଧିତ ହୋଇଛି। ଶସ୍ତ୍ରର ୧୨ ପ୍ରୋଗ୍ରାମ ଆଗାମୀ ୯ ବର୍ଷ ଲାଗି ଏହି ଅନୁମୋଦନ ଲାଭ କରିଛି। ଅନୁଷ୍ଠାନ ଏହାର ୨ କ୍ୟାମ୍ପସ ଲାଗି ସର୍ବାଧିକ ଅଣ୍ଡରଗ୍ରାଜୁଏଟ ପ୍ରୋଗ୍ରାମ ପାଇଁ ଏହି ଅନ୍ତର୍ଜାତୀୟ ମାନକ ସହ ଯୋଡି ହୋଇଛି ଯାହା ଦେଶର ପ୍ରଥମ। ୨୦୧୫ରେ ୯ ବିଟେକ କାର୍ଯ୍ୟକ୍ରମ ଲାଗି ୟୁନିଭର୍ସିଟିର ଥାଞ୍ଜାଭୁର ଏବଂ କୁମ୍ଭାକୋନମ କ୍ୟାମ୍ପସ ଉକ୍ତ ଅନୁମୋଦନ ଲାଗି ଆବେଦନ କରିଥିଲା। ଏବେ ୟୁନିଭର୍ସିଟିର ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ ଆଣ୍ଡ ଇଲେକଟ୍ରୋନିକ୍ସ, କମ୍ପ୍ୟୁଟିଂ, ମେକାନିକାଲ, କେମିକାଲ ଏବଂ ବାୟୋଟେକ୍ନୋଲୋଜି ଆଇଇଟି ସହ ଅନୁବନ୍ଧିତ। ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ମାନର ଗୁଣାତ୍ମକ ଶିକ୍ଷା ଯୋଗାଣ ଦିଗରେ ଶସ୍ତ୍ର ୟୁନିଭର୍ସିଟି ଯୋଗଦାନ ରଖୁଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆଇଇଟି ଆକ୍ରିଡେଟର ଆଣ୍ଡ ପ୍ୟାନେଲ ଚେୟାର ପ୍ରଫେସର ରିଚାର୍ଡ ମର୍ଲିଙ୍ଗ ସୂଚନା ଦେଇଛନ୍ତି।

## ବିଓଆଇର କୃଷି ଋଣ ଶିବିର

**ଭୁବନେଶ୍ୱର,୨୩-୨**

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) କେନ୍ଦୁଝର ଅଞ୍ଚଳରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାକୁ ଅଗ୍ରାଧିକାର ଦେଇ ଜିଲାର ବିଭିନ୍ନ ସ୍ଥାନରେ କୃଷି ଋଣ ବିତରଣ ଶିବିରମାନ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଉପମହାପ୍ରବନ୍ଧକ ତଥା ଆଞ୍ଚଳିକ ପ୍ରବନ୍ଧକ ସୌନ୍ଦର୍ଯ୍ୟ ଭୂଷଣ ସାହାଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଘୁନାଥପୁର, ହରିଚନ୍ଦନପୁର ଏବଂ ଘଟଗାଁ ଭଳି ସ୍ଥାନଗୁଡିକରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଏହି ଋଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ନରଣପୁର ଶାଖାର ପ୍ରବନ୍ଧକ ଶୁଭେନ୍ଦୁ ମଣ୍ଡଳ, ହରିଚନ୍ଦନ ପୁର ଶାଖାର ବରିଷ୍ଠ ପ୍ରବନ୍ଧକ ଅଶୋକ କୁମାର ସାହୁ, ତାରିଣି ମନ୍ଦିର ଶାଖାର ବରିଷ୍ଠ ପ୍ରବନ୍ଧକ ପ୍ରବୋଧ କୁମାର ଦଳେଇ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## 'ଉତ୍ତମ ଜନସ୍ୱାସ୍ଥ୍ୟ ସେବା ଲାଗି ବହୁମୁଖୀ ଉଦ୍ୟମ ଲୋଡ଼ା'

**ଭୁବନେଶ୍ୱର,୨୩-୨**

ଉତ୍ତମ ଜନସ୍ୱାସ୍ଥ୍ୟ ସେବା ପାଇଁ ବହୁମୁଖୀ ଏବଂ ବହୁବିଧ ଉଦ୍ୟମର ଆବଶ୍ୟକତା ରହିଛି। ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଜାତୀୟ କର୍ମଶାଳାରେ ବିଶେଷଜ୍ଞମାନେ ଉତ୍ତମ ଜନସ୍ୱାସ୍ଥ୍ୟ ଉପରେ ମତ ରଖିଛନ୍ତି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁସ୍ଥ ଖାଦ୍ୟ, ସୁସ୍ଥ ମୃତ୍ତିକା, ସୁସ୍ଥ ଜଳ, ବାୟୁ ଆଦି ଅପରିହାର୍ଯ୍ୟ ବୋଲି ବିଶିଷ୍ଟ ପରିବେଶବିତ ପଦ୍ମଶ୍ରୀ ରାଧାମୋହନ ଏହି ଅବସରରେ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱ ବ୍ୟାଙ୍କର ପୂର୍ବତନ ଆର୍ଥିକ ପରାମର୍ଶଦାତା ବିନୋଦ ନାୟକ ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ଷୁଦ୍ର ଋଣ ଇନସ୍ୟୁରାନ୍ସର ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପୁଷ୍ଟିକର ଖାଦ୍ୟ ମାଧ୍ୟମରେ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ମିଲେଟ ମିଶନ ଉପରେ ବିଶେଷଜ୍ଞମାନେ ମତ ରଖିଥିଲେ। ମ୍ୟାଲେରିଆ ଜନିତ ମୃତ୍ୟୁକୁ ରୋକିବା ଦିଗରେ ସରକାରଙ୍କ ସହ ଅଂଶୀଦାରମାନେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ନର୍ସିଂ ନିର୍ଦ୍ଦେଶକ ଡ. ସୁଶୀଲ କର ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ କୁଳପତି ଜନ୍ମେଜୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ କୀର୍ତ୍ତି ପ୍ରଧାନ, ଡ.ଓମ୍‌କାର ମହାନ୍ତି, ଶ୍ରୀଜିତ ମିଶ୍ର, ପ୍ରିୟଦର୍ଶନ ପାତ୍ର, ଲୁନା ସାମନ୍ତ, ଜର୍ଜ ଟାଉନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପିନାକୀ ପାଣିଗ୍ରାହୀ, ଡ.ନରେନ୍ଦ୍ର କୁମାର ଜେନା, ବିଶ୍ୱବିଦ୍ୟାଳୟର ଡିନ୍ ଡ.କଳ୍ପନା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

**ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର**

ବିଜ୍ଞାପନ ନଂ. 988/R.M.C. ବିଜ୍ଞାପନ ତା:୨୦।୦୨।୨୦୨୦

ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର ମହିନ୍ଦ୍ରା ବୋଲେରୋ ଗାଡ଼ି Non Ac/Ac Sitting Capacity ସର୍ବୋଚ୍ଚ ଡ୍ରାଇଭର ସହିତ ୧୦ (ଦଶ) ଜଣ ଥାଇ ମାସିକ ଭଡ଼ା ସୂତ୍ରରେ ନେବା ପାଇଁ ଆବଶ୍ୟକୀୟ Tender ଆହ୍ୱାନ କରୁଅଛୁ। ଏଣୁ ଇଚ୍ଛୁକ ଗାଡ଼ି ମାଲିକମାନେ www.nabarangpur.nic.in ୱେବ୍‌ସାଇଟ୍‌କୁ ଯାଇ ତା୨୪।୦୨।୨୦୨୦ରିଖଠାରୁ ତା୨୩।୦୩।୨୦୨୦ରିଖ ପର୍ଯ୍ୟନ୍ତ ଟେଣ୍ଡର ଦସ୍ତାବିଜ୍ Download କରି ତା୩୦।୦୩।୨୦୨୦ରିଖ ମଧ୍ୟରେ ଟେଣ୍ଡର କେବଳ ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରକୁ ପଠାଇପାରିବେ। ଏଥିରେ କୌଣସି ବ୍ୟତିକ୍ରମ ହେଲେ R.M.C. କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସ୍ୱା./– ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

FINANCE

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

OMM FINANCE
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟି
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

BUSINESS

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

DHARITRI Career appointment Every Wednesday and Saturday

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ।
7042350747
8929313996

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ)।
ମୋ. 9411277198

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣି
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

## ବାସ୍କେଟବଲ୍‌ରେ ହିନ୍ଦୁସ୍ତାନ, ଜିଏନ୍‌ଡିୟୁ, ନୂଆଦିଲ୍ଲୀ ବିଜୟୀ

ମହିଳା ବାସ୍କେଟବଲ୍‌ରେ ଚେନ୍ନାଇର ହିନ୍ଦୁସ୍ତାନ ବିଶ୍ୱବିଦ୍ୟାଳୟ ୭୩–୫୫ରେ ମହାରାଷ୍ଟ୍ରକୁ, ଜିଏନ୍‌ଡିୟୁ ପ୍ରତିପକ୍ଷ ଗ୍ୱାଲିୟରର ଲକ୍ଷ୍ମୀବାଇ ବିଶ୍ୱବିଦ୍ୟାଳୟକୁ ୧୦୨–୮୨, କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ଜାମିଆ ମିଲିଆ ଇସ୍ଲାମିଆକୁ ୬୭–୩୭ରେ, ନୂଆଦିଲ୍ଲୀ ୬୩–୬୨ରେ ଗ୍ୱାଲିୟର ଆଇଟିଏମକୁ ହରାଇଛି। ପୁରୁଷ ବିଭାଗ ବାସ୍କେଟବଲ୍‌ରେ ମୁମ୍ବାଇ ୮୬–୮୫ରେ ଜୈନକୁ ହରାଇଛି।

# ଫେନ୍‌ସିଂ ସ୍ୱର୍ଣ୍ଣ ଜିତିଲେ ଜ୍ୟୋତିକା


ରତୁପର୍ଣ୍ଣା ପଣ୍ଡା

**ଭୁବନେଶ୍ୱର, ୨୩।୨ (କ୍ରୀଡ଼ା ପ୍ରତିନିଧି)**

ହିମାଚଳ ପ୍ରଦେଶର ଜ୍ୟୋତିକା ଦତ୍ତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଫେନ୍‌ସିଂ ମହିଳା ଇପି ଇଭେଣ୍ଟରେ ଅମୃତସର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୨ ବର୍ଷୀୟା ଏହି ପ୍ରତିଭାସମ୍ପନ୍ନ ଫେନ୍‌ସର ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀଙ୍କୁ ମାତ୍ ଦେଇ ଏହି ସଫଳତା ପାଇଛନ୍ତି। ଫ୍ରାନ୍ସସ୍ଥିତ ଅନ୍ତର୍ଜାତୀୟ ଫେନ୍‌ସିଂ ଫେଡେରେଶନର ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂପ୍ରାପ୍ତ ଜ୍ୟୋତିକା ନିଜ ଅଭିଜ୍ଞତା ଉପଯୋଗ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ''ପ୍ରତିକୂଳ ପରିସ୍ଥିତିରୁ ଅନେକ କିଛି ଶିଖିବାକୁ ମିଳିଥାଏ। ଗ୍ରୁପ ପର୍ଯ୍ୟାୟରେ ୨ ପରାଜୟ ସହ ଖରାପ ଆରମ୍ଭ କରିଥିଲେ ହେଁ ମୁଁ ନକ୍‌ଆଉଟ ବେଳକୁ ସେହି ଭୁଲ ଦୋହରାଇ ନ ଥିଲି। ତା'ର ଫାଇଦା ମୋତେ ମିଳିଲା'' ବୋଲି ଜ୍ୟୋତିକା ପ୍ରକାଶ କରିଛନ୍ତି। ଉଚ୍ଚତାରେ ଛୋଟ ଜ୍ୟୋତିକାଙ୍କ ପାଇଁ ଡେଙ୍ଗା ପ୍ରତିଦ୍ୱନ୍ଦ୍ୱୀଙ୍କୁ ମୁକାବିଲା କରିବା କଷ୍ଟସାଧ୍ୟ ଥିଲା। ଫାଇନାଲରେ ଜ୍ୟୋତିକାଙ୍କ ସହ ମଣିପୁର ବିଶ୍ୱବିଦ୍ୟାଳୟର ଲିନ୍‌ଥୋଇ ହାଓବାମ୍‌ଙ୍କ କଡ଼ା ମୁକାବିଲା ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ଶେଷରେ ଜ୍ୟୋତିକା ୧୫–୧୪ ପଏଣ୍ଟରେ ବାଜି ମାରିଥିଲେ। ଏହି ଇଭେଣ୍ଟରେ ଲିନ୍‌ଥୋଇ ରୌପ୍ୟ ଜିତିଥିବାବେଳେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟର କୋହଲି ଛାଭି ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ରୋହରୁ ଜନ୍ମିତ ଜ୍ୟୋତିକା ୧୫ ବର୍ଷ ପୂର୍ବରୁ ଫେନ୍‌ସିଂ ଖେଳିବା ଆରମ୍ଭ କରିଥିଲେ। ସମ୍ପର୍କୀୟ ଭାଇ ଜିତେଶ୍ୱର ଦତ୍ତ ତାଙ୍କ ପ୍ରଥମ କୋଚ୍। ଜିତେଶ୍ୱର ନିଜେ ଜଣେ ଫେନସର ଏବଂ ପାର୍ଟ ଟାଇମ୍ କୋଚ୍। କ୍ୟାରିୟର ଆରମ୍ଭରେ ମୋ ସମ୍ପର୍କୀୟ ଭାଇ ମୋତେ ଟ୍ରେନିଂ ଦେଉଥିଲେ। ସେ ମୋତେ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବା ସହିତ ଖେଳର ମୌଳିକତା ଶିକ୍ଷା ଦେଇଥିଲେ। ଫେନ୍‌ସିଂ ବ୍ୟତୀତ ମୁଁ ସ୍କେଚ୍ କରିବାକୁ ଭଲପାଏ ବୋଲି ଜ୍ୟୋତିକା ପ୍ରକାଶ କରିଛନ୍ତି। ଜ୍ୟୋତିକାଙ୍କ ନିକଟରେ ପ୍ରତିଭା ଥିବା ଜାଣି ଜିତେଶ୍ୱର ପଟିଆଲାସ୍ଥିତ ଏନ୍‌ଆଇଏସ ଟ୍ରାଏଲ ପାଇଁ ତାଙ୍କୁ ପଠାଇଥିଲେ। ସେହି ଦିନଠାରୁ ଏନଆଇଏସ୍ ଜ୍ୟୋତିକାଙ୍କ ଘର ହୋଇଯାଇଛି। ୨୦୧୮ ଏସିଆନ ଗେମ୍ସରେ ଜ୍ୟୋତିକା ନିଜ ଦକ୍ଷତା ବଳରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ଜିତିବା ସହ ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ତା' ପରଠାରୁ ଏହି କ୍ରୀଡ଼ାରେ ଜ୍ୟୋତିକା କ୍ରମଶଃ ଅଭିଜ୍ଞ ହେବାରେ ଲାଗିଛନ୍ତି। ଫ୍ରାନ୍ସରେ ପ୍ରଶିକ୍ଷଣ ତାଙ୍କୁ ଅନେକ ସହାୟକ ହୋଇଛି ବୋଲି ସମ୍ପ୍ରତି ବି.ପିଇଡି କରୁଥିବା ଜ୍ୟୋତିକା ପ୍ରକାଶ କରିଛନ୍ତି। ''ଫ୍ରାନ୍ସରେ ଅଲିମ୍ପିଆନ୍ସ, ବିଶ୍ୱଚାମ୍ପିୟନଙ୍କ ସହିତ ସମୟ ବିତାଇବା ମୋ ପାଇଁ ସ୍ମରଣୀୟ ରହିଛି। ଇପିରେ ବିଶ୍ୱ ଚାମ୍ପିୟନ ନାଥାଲି ମୋଲାଉସେନ୍ ସେଠାରେ ଟ୍ରେନିଂ ନେଉଥିଲେ। ମୁଁ ତାଙ୍କ ଟ୍ରେନିଂକୁ ଅତି ନିକଟରୁ ଦେଖିଥିଲି। ସେ ମୋଠାରୁ ୧୦ ବର୍ଷ ବଡ଼ ହୋଇଥିଲେ ହେଁ ତାଙ୍କ ପ୍ରଦର୍ଶନ ମୋତେ ପ୍ରଭାବିତ କରିଥିଲା। ଜଣେ ଆଥଲେଟ୍ ଅଭିଜ୍ଞତା ହାସଲ ପାଇଁ ପ୍ରତିଯୋଗିତାର ଅନେକ ଗୁରୁତ୍ୱ ରହିଛି। ଦୁର୍ଭାଗ୍ୟବଶତଃ ଫେନସିଂ ଭାରତରେ ଲୋକପ୍ରିୟ କ୍ରୀଡ଼ା ନୁହେଁ। ଆମ ଦେଶରେ ବହୁତ କମ୍ ପ୍ରତିଯୋଗୀ ଏଥିରେ ଭାଗ ନେଇଥାନ୍ତି। ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମୋ ପରି ଖେଳାଳିଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଶା କରୁଛି ଏଥିରୁ ଅନେକ ପ୍ରତିଭା ଚିହ୍ନଟ ହୋଇପାରିବେ'' ବୋଲି ଜ୍ୟୋତିକା ପ୍ରକାଶ କରିଛନ୍ତି।


ଜ୍ୟୋତିକା ଦତ୍ତ

ସିନିୟର ମହିଳା ଫଏଲ ଇଭେଣ୍ଟରେ ଜମ୍ମୁ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ବକ୍ସି ରିୟା ସ୍ୱର୍ଣ୍ଣ, ପଞ୍ଜାବ ବିଶ୍ୱବିଦ୍ୟାଳୟର କାଜଲ କାଜଲ ରୌପ୍ୟ ଏବଂ କୁସୁମ କୁସୁମ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## କ୍ରିତିକା- ରାଗିଣୀ ସ୍ୱର୍ଣ୍ଣ ପଦକ ଲଢ଼େଇ

କିଟ୍‌ରେ ଟପ୍ ର୍‍ୟାଙ୍କ କମ୍ପାଉଣ୍ଡ ଆର୍ଚର ମୁସ୍କାନ କିରାରା ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ସେ କ୍ୱାର୍ଟର ଫାଇନାଲରେ ରାଜସ୍ଥାନ ବିଶ୍ୱବିଦ୍ୟାଳୟର କ୍ରିତିକା ଶର୍ମାଙ୍କଠାରୁ ୧୩୬– ୧୪୪ରେ ପରାସ୍ତ ହୋଇଥିଲେ। ସେମିରେ କ୍ରିତିକା ରାଞ୍ଚି ବିଶ୍ୱବିଦ୍ୟାଳୟର ବବିତା କୁମାରୀଙ୍କୁ ୧୪୪–୧୪୦ରେ ପରାସ୍ତ କରିଥିଲେ। ସେ ମୁସ୍କାନଙ୍କ ବିଶ୍ୱବିଦ୍ୟାଳୟର ଦଳୀୟ ସାଥୀ ରାଗିଣୀ ମାର୍କୋଙ୍କୁ ଫାଇନାଲରେ ସ୍ୱର୍ଣ୍ଣ ପଦକ ପାଇଁ ଭେଟିବେ।

## ମୁକୁଲ- ବିସ୍‌ଲା ଫାଇନାଲ

ଟପ୍ ର୍‍ୟାଙ୍କର ସଂଗ୍ରାମପ୍ରୀତ ସିଂ ବିସ୍‌ଲା ପୁରୁଷ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ନିଜ ପଞ୍ଜାବ ବିଶ୍ୱବିଦ୍ୟାଳୟର ଦଳୀୟ ସାଥୀ ସୁଖମିନ୍ଦର ସିଂଙ୍କୁ ୧୪୭– ୧୪୫ରେ ହରାଇଛନ୍ତି। ଫାଇନାଲରେ ସେ ରାଜସ୍ଥାନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ର୍‍ୟାଙ୍କର ଖେଳାଳି ମୁକୁଲ ଶର୍ମାଙ୍କୁ ଭେଟିବେ।

## ହକିରେ ପଞ୍ଜାବ, ଭଲିବଲ୍‌ରେ ଏସ୍‌ଆର୍‌ଏମ, ଏଚ୍‌ପି ବିଜୟୀ

ହକିରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ୩–୧ ଗୋଲରେ ମଧ୍ୟପ୍ରଦେଶର ଆଇଟିଏମ୍ ବିଶ୍ୱବିଦ୍ୟାଳୟକୁ ହରାଇଛି। ସେହିପରି ମହିଳା ଭଲିବଲ୍‌ରେ ହିମାଚଳ ପ୍ରଦେଶ(ଏଚ୍‌ପି) ବିଶ୍ୱବିଦ୍ୟାଳୟ ୩–୨ରେ ଏସ୍‌ଆରଏମ୍‌କୁ ହରାଇଛି। ପୁରୁଷ ଭଲିବଲ୍‌ରେ ଏସ୍‌ଆରଏମ ବିଶ୍ୱବିଦ୍ୟାଳୟ ୩–୨ରେ ଏମ୍‌ଜିୟୁ କୋଟ୍ୟାମଙ୍କୁ ପରାସ୍ତ କରିଛି।

**ମହିଳା ଟିମ୍ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ**

# ରତୁପର୍ଣ୍ଣା–କୃତ୍ତିକା ପରାସ୍ତ

**ଭୁବନେଶ୍ୱର, ୨୩।୨ (କ୍ରୀଡ଼ା ପ୍ରତିନିଧି)**

ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ବ୍ୟାଡ୍‌ମିଣ୍ଟନ ଟିମ୍ ଇଭେଣ୍ଟରେ କିଟ୍‌ର ଆରମ୍ଭ ଭଲ ହୋଇନାହିଁ। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଜଣାଶୁଣା ବ୍ୟାଡ୍‌ମିଣ୍ଟନ ତାରକା ରତୁପର୍ଣ୍ଣା ପଣ୍ଡା ଓ କୃତ୍ତିକା ଭଟ୍ଟାଚାର୍ଯ୍ୟ ଯୋଡ଼ି ମହିଳା ଡବଲ୍ସରେ ପରାସ୍ତ ହୋଇଛନ୍ତି। କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ମହିଳା ଡବଲ୍ସରେ ରତୁପର୍ଣ୍ଣା–କୃତ୍ତିକା ଯୋଡ଼ି ପଞ୍ଜାବ ବିଶ୍ୱବିଦ୍ୟାଳୟର ଆକାଂଶି ବାଲିୟାନ ଓ ଦାମନ ରାଜ କୁମାର ଯୋଡ଼ିଙ୍କଠାରୁ ୧୨–୨୧, ୧୫–୨୧ ପଏଣ୍ଟରେ ହାରି ଯାଇଛନ୍ତି। ସିଙ୍ଗଲ୍ସରେ ମଧ୍ୟ ଇଶିକା ପଟ୍ଟନାୟକ ପଞ୍ଜାବ ବିଶ୍ୱବିଦ୍ୟାଳୟର ନିକିତାଙ୍କଠାରୁ ୬–୨୧, ୬–୨୧ ପଏଣ୍ଟରେ ପରାସ୍ତ ହୋଇଛନ୍ତି।



ମହିଳା ସନ୍ତରଣ ଇଭେଣ୍ଟର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ ।

## ଭେନ୍ୟୁ ବୁଲି ଦେଖିଲେ ଜୁଲାନିୟା

ଭୁବନେଶ୍ୱର, ୨୩।୨ (କ୍ରୀଡ଼ା ପ୍ରତିନିଧି)– କେନ୍ଦ୍ର କ୍ରୀଡ଼ା ସଚିବ ରାଧେଶ୍ୟାମ ଜୁଲାନିୟା ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଭୁବନେଶ୍ୱରସ୍ଥିତ ବିଭିନ୍ନ ଭେନ୍ୟୁ ରବିବାର ବୁଲି ଦେଖିଛନ୍ତି। ଏହା ବ୍ୟତୀତ ସେ ପ୍ରତିଯୋଗିତାର ବିଭିନ୍ନ ଅଫିସିଆଲଙ୍କୁ ବିଭିନ୍ନ ପ୍ରସଙ୍ଗରେ ପଚାରି ବୁଝିଛନ୍ତି। ଏହି ଅବସରରେ ରାଜ୍ୟ କ୍ରୀଡ଼ା ସଚିବ ବିଶାଳ କୁମାର ଦେବ ଏକ ସ୍ମାରକୀ ଦେଇ ଜୁଲାନିୟାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



ରାଧେଶ୍ୟାମ ଜୁଲାନିୟାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିଶାଳ ଦେବ।

# ଜୈନ, ଜିଏନ୍‌ଡିୟୁକୁ ସଫଳତା

**ଭୁବନେଶ୍ୱର, ୨୩।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରାରମ୍ଭିକ ସଂସ୍କରଣରେ ରବିବାର ସନ୍ତରଣରେ ବେଙ୍ଗାଲୁରୁର ଜୈନ ବିଶ୍ୱବିଦ୍ୟାଳୟ ୪ଟି ସ୍ୱର୍ଣ୍ଣ ପଦକ ହାସଲ କରି ପ୍ରଥମ ସ୍ଥାନରେ ରହିଛି। ସେହିପରି ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ (ଜେଏନଡିୟୁ)ଫେନ୍ସିଂରେ ୩ଟି ସ୍ୱର୍ଣ୍ଣ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଛି। ଫେନ୍ସିଂରେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ରିୟା ବକ୍ସି ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଜୈନର ଏସ୍.ଭି. ନିକିଥା ପାଖାପାଖି ୫ ମିନିଟ ବାକିଥାଇ ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ସେ ୪X୨୦୦ମି. ଫ୍ରିଷ୍ଟାଇଲ୍ ରିଲେ ଟିମ୍ ଇଭେଣ୍ଟରେ ସେ ନିଜ ଦଳକୁ ଚାମ୍ପିୟନ କରାଇଥିଲେ। ଏହି କ୍ରମରେ ଜୈନ ଦିଲ୍ଲୀ ଓ ମୁମ୍ବାଇ ବିଶ୍ୱବିଦ୍ୟାଳୟକୁ ପଛରେ ପକାଇଥିଲା। ଜୈନ ତରଫରୁ ପୁରୁଷ ୪୦୦ ମି. ଫ୍ରିଷ୍ଟାଇଲ୍‌ରେ ଶିବା ଶ୍ରୀଧର ଓ ପୁରୁଷ ୨୦୦ମି. ବ୍ରେଷ୍ଟଷ୍ଟ୍ରୋକରେ ଏସ୍.ପି. ଲିକିଥ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଫେନ୍ସିଂ ଏରିନାରେ ବାମହାତୀ ରିୟା ବକ୍ସି ଫାଇନାଲରେ ପଞ୍ଜାବ ବିଶ୍ୱବିଦ୍ୟାଳୟର କାଜଲଙ୍କୁ ୧୫–୧୧ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଥିଲେ। ଫେନ୍ସିଂରେ ପୁରୁଷ ଫଏଲ ଓ ଇପି ଫାଇନାଲ୍ସରେ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଔରଙ୍ଗାବାଦସ୍ଥିତ ଡଃ ବି.ଆର. ଆମ୍ବେଦକର ମରାଠୱାଡ଼ା ବିଶ୍ୱବିଦ୍ୟାଳୟର ତୁଷାର ରାଓ ସାହେବ ଅଧୀର ଜିଏନ୍‌ଡିୟୁର ତାରିକ ହୁସେନଙ୍କୁ ୧୫– ୧୪ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଥିଲେ। ଟିମ୍ ଇଭେଣ୍ଟରେ ଦଳର ସ୍ୱର୍ଣ୍ଣ ପଦକ ବିଜୟରେ ମଧ୍ୟ ସେ ମୁଖ୍ୟ ଭୂମିକାଗ୍ରହଣ କରିଥିଲେ।

# ଡ୍ର'ରେ ଓଏଫସିର ଅଭିଯାନ ଶେଷ

**ଇଣ୍ଡିଆନ ସୁପର ଲିଗ୍**
**ମାନୁଏଲଙ୍କ ହ୍ୟାଟ୍ରିକ୍**


ହ୍ୟାଟ୍ରିକ ହାସଲକାରୀ ମାନୁଏଲ ଓନୁ (ଡାହାଣରୁ ଦ୍ୱିତୀୟ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ଭୁବନେଶ୍ୱର, ୨୩।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ଓଡ଼ିଶା ଏଫ୍‌ସି ତା'ର ଶେଷ ତଥା ୧୮ତମ ମ୍ୟାଚ୍ ଅମୀମାଂସିତ ରଖି ଅଭିଯାନ ଶେଷ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ଓ କେରଳ ବ୍ଲାଷ୍ଟର୍ସ ପରସ୍ପରକୁ ଭେଟିଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ୪–୪ ଗୋଲରେ ଅମୀମାଂସିତ ରହିଛି। ଘରୋଇ ଓଡ଼ିଶା ତରଫରୁ ଫରୱାର୍ଡ ମାନୁଏଲ ଓନୁ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ମାନୁଏଲ ପ୍ରଥମ, ୩୬ ଓ ୫୧ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ମାର୍ଟିନ ପେରେଜ ଗୁଏଡ୍ସ ୪୪ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଆଉ ଏକ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ କେରଳ ତରଫରୁ ଷଷ୍ଠ ମିନିଟ୍‌ରେ ନାରାୟଣ ଦାସ ଆତ୍ମଘାତୀ ଗୋଲ କରିଥିଲେ। ସେହିପରି ରାଫେଲ ମେସି ବୋଉଲି ୨୮ତମ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ଦଳ ତରଫରୁ ବାର୍ଥୋଲୋମି ଓଗ୍‌ବେଚେ ୮୨ ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଓ ଇଞ୍ଜୁରି ଟାଇମର ଚତୁର୍ଥ ମିନିଟ୍‌ରେ ପେନାଲ୍ଟି ଜରିଆରେ ଗୋଲ ଦେଇ ଓଡ଼ିଶା ହାତରୁ ବିଜୟ ଛଡାଇ ନେଇଥିଲେ। ଓଡ଼ିଶା ୧୮ଟି ମ୍ୟାଚ୍ ଖେଳି ୭ ବିଜୟ, ୪ ଡ୍ର ଓ ୭ ପରାଜୟ ସହ ୨୫ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ସେହିପରି କେରଳ ୧୮ଟି ମ୍ୟାଚ୍ ଖେଳି ୪ ବିଜୟ, ୭ ଡ୍ର ଓ ୭ ପରାଜୟ ସହ ୧୯ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି।

**ଇଣ୍ଡିଆନ ସୁପର ଲିଗ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ୍ | ବିଜୟ | ଡ୍ର | ପରାଜୟ | ପଏଣ୍ଟ |
|---|---|---|---|---|---|
| ଗୋଆ | ୧୮ | ୧୨ | ୩ | ୩ | ୩୯ |
| ଏଟିକେ | ୧୮ | ୧୦ | ୪ | ୪ | ୩୪ |
| ବେଙ୍ଗାଲୁରୁ | ୧୮ | ୮ | ୬ | ୪ | ୩୦ |
| ଚେନ୍ନାଇନ୍ | ୧୭ | ୮ | ୪ | ୫ | ୨୮ |
| ମୁମ୍ବାଇ | ୧୮ | ୭ | ୫ | ୬ | ୨୬ |
| ଓଡ଼ିଶା | ୧୮ | ୭ | ୪ | ୭ | ୨୫ |
| କେରଳ | ୧୮ | ୪ | ୭ | ୭ | ୧୯ |
| ଜାମସେଦପୁର | ୧୮ | ୪ | ୬ | ୮ | ୧୮ |
| ନର୍ଥ ଇଷ୍ଟ | ୧୭ | ୨ | ୭ | ୮ | ୧୩ |
| ହାଇଦ୍ରାବାଦ | ୧୮ | ୨ | ୪ | ୧୨ | ୧୦ |




ମହିଳା ବାସ୍କେଟବଲ (ଉପର) ଓ ପୁରୁଷ ଭଲିବଲ ମ୍ୟାଚର ଦୃଶ୍ୟ। **(ଫଟୋ: ବିକାଶ ନାୟକ)**

"ବର୍ତ୍ତମାନ ଭାରତୀୟ କ୍ରିକେଟ ଦଳର ସଫଳତା ପଛରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ବିଶେଷ ଭୂମିକା ରହିଛି। –ଶାହିଦ ଆଫ୍ରିଦୀ, ପୂର୍ବତନ ପାକିସ୍ତାନ ଅଲରାଉଣ୍ଡର



"କାନ୍ଧରେ ଦୀର୍ଘଦିନର ଇଞ୍ଜୁରି ସମସ୍ୟା ଶନିବାର ପ୍ରି-ସିଜନ ଟେଷ୍ଟିଂର ପ୍ରଥମ ଦିବସରେ ମୋ ପ୍ରଦର୍ଶନରେ ପ୍ରତିବନ୍ଧକ ସୃଷ୍ଟି କରିଛି। –ମାର୍କ ମର୍କ୍ୱେଜ, ବିଶ୍ୱ ମୋଟରସାଇକ୍ଲିଂ ଚାମ୍ପିୟନ



# ଭାରତୀୟ ଟପ୍ ଅର୍ଡର ପୁଣି ଫେଲ୍

ୱେଲିଂଟନ,୨୩।୨(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଟପ୍ ଅର୍ଡର ଦ୍ୱିତୀୟ ଇନିଂସରେ ମଧ୍ୟ ବିଫଳ ହୋଇଛି। ଫଳରେ ଭାରତ ବ୍ୟାକ୍ ଫୁଟ୍‌କୁ ଚାଲିଯାଇଛି ଓ ନ୍ୟୁଜିଲାଣ୍ଡ ତା'ର ସ୍ଥିତି ଆହୁରି ଦୃଢ଼ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଇନିଂସରେ ୬୮.୧ ଓଭରରେ ୧୬୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ୧୦୦.୨ ଓଭରରେ ୩୪୮ ରନକରି ଅଲଆଉଟ ହୋଇଛି। ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୧୮୩ ରନର ବୃହତ୍ ତଥା ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି।

ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ଟ୍ରେଣ୍ଟ ବୋଲ୍ଟଙ୍କ ଉଚ୍ଚକୋଟୀର ବୋଲିଂର ସମ୍ମୁଖୀନ ହୋଇ ନ ପାରି ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୬୫ ଓଭରରେ ୪ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇଦିନ ବାକି ଥିବା ବେଳେ ଭାରତ ୬ ଉଇକେଟ ହାତରେ ରଖି ଏବେ ୩୯ ରନ ପଛରେ ରହିବା ସହ ବିପଦରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ୬୭ଟି ବଲ୍ ଖେଳି ୨୫ ଓ ହନୁମା ବିହାରୀ ୭୦ଟି ବଲ୍ ଖେଳି ୧୫ ରନ କରି ଅପରାଜିତ ରହିଛନ୍ତି।

ଓପନର ମୟଙ୍କ ଅଗ୍ରୱାଲ ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଯୁବ ଓପନର ପୃଥ୍ୱୀ ଶ, ଟେଷ୍ଟ ସ୍ପେସାଲିଷ୍ଟ ଚେତେଶ୍ୱର ପୂଜାରା ଓ ଅଧିନାୟକ ବିରାଟ କୋହଲି ପ୍ରଥମ ଇନିଂସ ଭଳି ପୁଣି ବିଫଳ ହୋଇଛନ୍ତି। ସୌଦିଙ୍କ ଲେଗ୍ ଷ୍ଟମ୍ପ ବାହାରର ବଲ୍‌କୁ ଫ୍ଲିକ୍ କରିବାକୁ ପ୍ରୟାସ କରିଥିଲେ ଅଗ୍ରୱାଲ। ତେବେ ବଲ୍ ବ୍ୟାଟ୍‌ରେ ବାଜିଥିଲା ଓ ଉଇକେଟକିପର ବିଜେ ୱାଟଲିଂ ସହଜ କ୍ୟାଚ ନେଇ ତାଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ୧୪ ରନ କରିଥିବା ବେଳେ ପୃଥ୍ୱୀ ବୋଲ୍ଟଙ୍କ ବଲ୍‌କୁ ଖେଳିବାକୁ ଯାଇ ଶର୍ଟ ବ୍ୟାକ୍‌ୱାର୍ଡ ସ୍କୋୟାର ଲେଗ୍‌ରେ ଟମ୍ ଲଥାମଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ୧୧ ରନ କରିଥିବା ବେଳେ ପୂଜାରା ଲାଇନ୍ ମିସ୍ କରି ବୋଲ୍ଟଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ତୃତୀୟ ଦିବସର ଶେଷ ଉଇକେଟ ଭାବେ କୋହଲି ଆଉଟ ହୋଇଥିଲେ। ପୁଲ୍ କରିବାକୁ ଯାଇ ସେ ଚକ୍‌ମା ଖାଇଥିଲେ ଓ ବୋଲ୍ଟଙ୍କ ବଲ୍‌ରେ ୱାଟଲିଂଙ୍କୁ କ୍ୟାଚ୍ ଦେଇ ୧୯ ରନ କରି ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ବୋଲ୍ଟ ୩ ଓ ସୌଦି ଗୋଟିଏ ଉଇକେଟ ହାସଲ କରିଥିଲେ।

ଦ୍ୱିତୀୟ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୧୬/୫ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ୱାଟଲିଂ ୧୪ ରନରୁ ଖେଳ ଆରମ୍ଭ କରି ଅଉ ଅଧିକ ରନ୍ ସଂଗ୍ରହ କରି ନ ପାରି ଯଶପ୍ରୀତ ବୁମ୍‌ରାଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି କଲିନ୍ ଡି ଗ୍ରାଣ୍ଡହୋମ ୪ ରନରୁ ଖେଳ ଆରମ୍ଭ କରି ୪୩ ରନ କରି ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌ରେ ପନ୍ତଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଟିମ୍ ସୌଦି ୬ ରନ କରି ମହମ୍ମଦ ସାମିଙ୍କୁ କ୍ୟାଚ୍ ଦେଇ ଈଶାନ୍ତ ଶର୍ମାଙ୍କ ଚତୁର୍ଥ ଶିକାର ହୋଇଥିଲେ। କାଏଲ ଜେମିସନ ପୁଣି ଉପଯୋଗୀ ବ୍ୟାଟିଂ କରି ୪୫ ବଲରୁ ୧ ଚୌକା ଓ ୪ ଛକା ସହ ୪୪ ରନକରି ବିହରୀଙ୍କୁ କ୍ୟାଚ୍ ଦେଇ ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ଟ୍ରେଣ୍ଟ ବୋଲ୍ଟ ୨୪ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୧ ଛକା ସହ ୩୮ ରନ ସଂଗ୍ରହ କରି ପନ୍ତଙ୍କୁ କ୍ୟାଚ୍ ଦେଇ ଈଶାନ୍ତଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଈଶାନ୍ତ ସର୍ବାଧିକ ୫, ଅଶ୍ୱିନ ୩, ବୁମ୍‌ରା ଓ ସାମି ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



ପ୍ରଥମ ଟେଷ୍ଟ

ଚେତେଶ୍ୱର ପୂଜାରଙ୍କ ଉଇକେଟ୍ ନେବା ପରେ ଖୁସି ମୁହୂର୍ତ୍ତରେ ଟ୍ରେଣ୍ଟ ବୋଲ୍ଟ (ବାମ)।

## ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ- ୬୮.୧ ଓଭରରେ ୧୬୫ ଅଲଆଉଟ
- ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୧୦୦.୨ ଓଭରରେ ୩୪୮ ଅଲଆଉଟ (ୱିଲିୟମସନ- ୮୯, ଟେଲର- ୪୪, ଗ୍ରାଣ୍ଡହୋମ- ୪୩, ଜେମିସନ- ୪୪, ବୋଲ୍ଟ- ୩୮, ଈଶାନ୍ତ- ୫/୬୮, ଅଶ୍ୱିନ- ୩/୯୯, ବୁମ୍‌ରା- ୧/୮୮, ସାମି- ୧/୯୧)।
- ଭାରତ ଦ୍ୱିତୀୟ ଇନିଂସ: ୬୫ ଓଭରରେ ୧୪୪/୪ (ରାହାନେ- ୨୫*, ବିହାରୀ- ୧୫*, ମୟଙ୍କ- ୫୮, ପୃଥ୍ୱୀ- ୧୪, ପୂଜାରା- ୧୧, କୋହଲି- ୧୯, ବୋଲ୍ଟ- ୩/୨୭, ସୌଦି- ୧/୪୧ )।

## ସଂକ୍ଷେପରେ

### ସଫଳ ଭାରତୀୟ ବୋଲରଙ୍କ ତାଲିକାରେ ଈଶାନ୍ତ



ୱେଲିଂଟନ,୨୩।୨: ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ଖେଳାଳିମାନେ ସଂଘର୍ଷ କରୁଥିବାବେଳେ ଈଶାନ୍ତ ଶର୍ମା ଫୁଲ ଫର୍ମରେ ଅଛନ୍ତି। ପ୍ରଥମ ଟେଷ୍ଟର ମାତ୍ର ୪ ଦିନ ପୂର୍ବରୁ ନ୍ୟୁଜିଲାଣ୍ଡରେ ପହଞ୍ଚିଥିବା ଈଶାନ୍ତ ମ୍ୟାଚ୍‌ର ପ୍ରଥମ ଇନିଂସରେ ୫ ଉଇକେଟ ସଫଳତା ପାଇଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୧୧ତମ ୫ ଉଇକେଟ ସଫଳତା। ନ୍ୟୁଜିଲାଣ୍ଡରେ ତୃତୀୟ ଓ ଭାରତ ବାହାରେ ୯ମ ଥର ପାଇଁ ସେ ୫ ଉଇକେଟ ପାଇଛନ୍ତି। ଏଥିସହ ଭାରତୀୟ ଟେଷ୍ଟ ବୋଲରଙ୍କ ମଧ୍ୟରେ ସର୍ବାଧିକ ଥର ୫ ଉଇକେଟ ସଫଳତା ପାଇଥିବା ବୋଲରଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ସେ ଏବେ ତାଲିକାର ଯୁଗ୍ମ ୫ମ ସ୍ଥାନରେ ଅଛନ୍ତି। ତାଙ୍କ ସହ ରହିଛନ୍ତି ପୂର୍ବତନ ବାମହାତୀ ପେସର ଜାହିର ଖାଁ। ୩୧ ବର୍ଷୀୟ ଦିଲ୍ଲୀ ପେସର ଈଶାନ୍ତ ଆଉ ଏକ ମାଇଲଷ୍ଟୋନ ଅପେକ୍ଷାରେ ଅଛନ୍ତି। ୩୦୦ ଟେଷ୍ଟ ଉଇକେଟ ପୂରଣ କରିବା ଲାଗି ତାଙ୍କୁ ଆଉ ମାତ୍ର ୩ ଉଇକେଟ ଦରକାର।

### ଗୋଆରେ ଖେଳାଯିବ ଆଇଏସ୍ଏଲ ଫାଇନାଲ

ମୁମ୍ବାଇ,୨୩।୨(ପି.ଟି.): ଗୋଆର ମାର୍ଗାଓଠାରେ ଚଳିତ ସିଜନରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଫାଇନାଲ ଖେଳାଯିବ। ଏ ନେଇ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍‌ସ ଫାଉଣ୍ଡିଂ ମୁଖ୍ୟ ନିତା ଅମ୍ବାନୀ ରବିବାର କହିଛନ୍ତି। ମାର୍ଚ୍ଚ ୧୪ ତାରିଖରେ ରାତି ୭.୩୦ରେ ଫଟୋର୍ଡାସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଆଇଏସ୍ଏଲ ଫାଇନାଲ ମ୍ୟାଚ୍ ଗୋଆ ଆୟୋଜନ କରିବା ଲାଗି ହକ୍‌ଦାର। ଗୋଆରେ ଫୁଟବଲ କ୍ରୀଡ଼ା ଲୋକପ୍ରିୟତା ଖୁବ୍ ରହିଛି। ଜେଏଲଏନ୍ ଷ୍ଟାଡିୟମ ଏଫ୍‌ସି ଗୋଆର ଘରୋଇ ଭେନ୍ୟୁ। ଏହି ଦଳ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ହାସଲ କରିବା ସହ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨୦୨୧ ଗ୍ରୁପ ପର୍ଯ୍ୟାୟରେ ସ୍ଥାନ ପକ୍କା କରିସାରିଛି। ଅନ୍ତିମ ଥର ଆଇଏସ୍ଏଲ ୨୦୧୫ ସଂସ୍କରଣର ଫାଇନାଲ ମ୍ୟାଚ୍ ଆୟୋଜନ କରିଥିଲା। ଘରୋଇ ଏଫ୍‌ସି ଗୋଆ ଫାଇନାଲରେ ୨-୩ ଗୋଲରେ ଚେନ୍ନାଇନ ଏଫ୍‌ସିଠାରୁ ପରାସ୍ତ ହୋଇଥିଲେ। ଆଇଏସ୍ଏଲ ଚାମ୍ପିୟନ ଦଳ ଏଏଫ୍‌ସି କପ୍ କ୍ୱାଲିଫାୟର୍ସ ଖେଳିବାକୁ ଯୋଗ୍ୟତା ହାସଲ କରିବ। ଯଦି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ଥିବା ଦଳ ଚାମ୍ପିୟନ ହେଲେ ରନର୍ସଅପ୍ ଦଳକୁ ଯୋଗ୍ୟତା ମିଳିବ।

### ରୋନାଲ୍ଡୋଙ୍କ ରେକର୍ଡ ସ୍କୋର



ଫେରାରା,୨୩।୨: କ୍ରିଷ୍ଟିଆନୋ ରୋନାଲ୍ଡୋ ପେସାଦାର ଫୁଟବଲରେ ୧୦୦୦ ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚ୍‌ରେ ଗୋଲ ସ୍କୋର କରି ଏହାକୁ ସ୍ମରଣୀୟ କରି ଦେଇଛନ୍ତି। ଚଳିତ ସିରି ଏ' ଲିଗ୍‌ରେ ଜୁଭେଣ୍ଟସ ପାଇଁ ଖେଳୁଥିବା ରୋନାଲ୍ଡୋଙ୍କ ଏହା କ୍ରମାଗତ ୧୧ତମ ଗୋଲ। ଏଥିଯୋଗୁ ଶନିବାର ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ଜୁଭେଣ୍ଟସ ୨-୧ ଗୋଲରେ ଏସ୍‌ପଲକୁ ହରାଇ ଦେଇଛି। ରୋନାଲ୍ଡୋଙ୍କ ଛଡ଼ା ବିଜୟୀ ଦଳ ଲାଗି ଆରୋନ ରାମସେ ଗୋଲ ସ୍କୋର କରିଥିଲେ। ଏହି ବିଜୟ ଯୋଗୁ ଜୁଭେଣ୍ଟସ କ୍ରମାଗତ ୯ମ ସିରି ଏ' ଟାଇଟଲ ହାତେଇବା ନିଶ୍ଚିତ ହୋଇଛି। ଚଳିତ ସିଜନରେ ୩୫ ବର୍ଷୀୟ ରୋନାଲ୍ଡୋଙ୍କ ଏହା ୨୧ତମ ଗୋଲ। ଫଳରେ ସେ ଫାବିଓ କୁଆଗଲିରେଲା ଓ ଗାବ୍ରିଏଲ ବାତିଷ୍ଟୁଟାଙ୍କ କ୍ଲବରେ ସାମିଲ ହୋଇଛନ୍ତି। ଏମାନେ ଲିଗ୍‌ରେ କ୍ରମାଗତ ୧୧ ମ୍ୟାଚ୍‌ରେ ଗୋଲ ଦେଇଛନ୍ତି। ଦେଶ ଓ କ୍ଲବ ସ୍ତରରେ ସେ ଏକ ହଜାର ମ୍ୟାଚ୍ ପୂରଣ କରିଛନ୍ତି।

# ଭାରତ-ବାଂଲାଦେଶ ମୁକାବିଲା ଆଜି

## ଆଇସିସି ମହିଳା ଟି୨୦ ବିଶ୍ୱକପ୍





ପର୍ଥ,୨୩।୨((ପି.ଟି.)

ଅଷ୍ଟ୍ରେଲିଆରେ ଚାଲିଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତ ସୋମବାର ପଡୋଶୀ ବାଂଲାଦେଶକୁ ଭେଟିବ। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତର ଆତ୍ମବିଶ୍ୱାସ ଆକାଶଛୁଆଁ ରହିଛି। ପର୍ଥର ଡବ୍ଲ୍ୟୁଏସିଏ ଗ୍ରାଉଣ୍ଡରେ ଗ୍ରୁପ୍ ଏ'ରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ହରାଇ ବିଜୟଧାରା ବଜାୟ ରଖିବାକୁ ପ୍ରୟାସ କରିବ। ଶୁକ୍ରବାର ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଲେଗ୍ ସ୍ପିନର ପୁନମ ଯାଦବ ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ଅଷ୍ଟ୍ରେଲିଆ ବିପକ୍ଷରେ ୧୭ ରନରେ ବିଜୟୀ କରାଇଥିଲେ। ତେବେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତ ବାଂଲାଦେଶକୁ ଆଦୌ ହାଲକା ଭାବେ ନେବ ନାହିଁ। କାରଣ ଏହା ପୂର୍ବରୁ ବାଂଲାଦେଶ ୨୦୧୮ ଏସିଆ କପ୍‌ରେ ଭାରତକୁ ୨ଥର ହରାଇଛି। ଜେମିମା ରୋଡ୍ରିଗୁଏଜ ଓ ୧୬ ବର୍ଷୀୟା ବିସ୍ଫୋରକ ଓପନର ଶେଫାଳି ବର୍ମା ଏସିଆ କପ୍ ଦଳର ସଦସ୍ୟା ନ ଥିଲେ। ତେଣୁ ବାଂଲାଦେଶ ବିପକ୍ଷରେ ଏହି ଦୁଇ ଖେଳାଳି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ବାଂଲାଦେଶ ବିପକ୍ଷ ଗତ ୫ଟି ମ୍ୟାଚ୍‌ରେ ଭାରତ ୩ଟିରେ ବିଜୟୀ ହୋଇ ଆଗରେ ରହିଛି। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଭାରତ ନକ୍- ଆଉଟ ପର୍ଯ୍ୟାୟର ନିକଟତର ହେବ।

ଭାରତ ବ୍ୟାଟିଂରେ ଉନ୍ନତି କରିବା ଅପରିହାର୍ଯ୍ୟ ହୋଇପଡିଛି। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ମାତ୍ର ୧୩୨ ରନ କରି ଅଲଆଉଟ ହୋଇ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଗତ ତ୍ରିରାଷ୍ଟ୍ରୀୟ ସିରିଜରେ ଭାରତୀୟ ବ୍ୟାଟିଂରେ ସ୍ଥିରତା ପରିଲକ୍ଷିତ ହୋଇ ନ ଥିଲା। କେତୋଟି ମ୍ୟାଚ୍‌କୁ ବାଦ୍ ଦେଲେ ଭାରତ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ପୁନମ ଅସାଧାରଣ ପ୍ରଦର୍ଶନ ନ କରିଥିଲେ ଭାରତ ବିଜୟୀ ହୋଇପାରି ନ ଥାନ୍ତା। ତ୍ରିରାଷ୍ଟ୍ରୀୟ ସିରିଜରେ ଅଧିନାୟିକା ହରମନପ୍ରୀତ ଓ ଓପନର ସ୍ମୃତି ମାନ୍ଧାନା ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ପ୍ରଥମ ମ୍ୟାଚ୍‌ରେ ବିଫଳ ହୋଇଥିଲେ। ବଡ଼ ସ୍କୋର ହାସଲ କରିବାକୁ ହେଲେ ଏହି ଦୁଇ ଖେଳାଳିଙ୍କୁ ଭଲ ବ୍ୟାଟିଂ କରିବାକୁ ହେବ। ପ୍ରଥମ ମ୍ୟାଚ୍‌ରେ ୪୬ ବଲରୁ ୪୯ ରନ କରିଥିବା ଦୀପ୍ତି ଶର୍ମା ତାଙ୍କର ଏହି ପ୍ରଦର୍ଶନକୁ ଦୋହରାଇବାକୁ ପଡିବ।

**ମ୍ୟାଚ୍ ଆରମ୍ଭ: ଭୋର ୪.୩୦**
**ସ୍ଥାନ: ପର୍ଥ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ, ଡିଡି ନ୍ୟାଶନାଲ**

# ସାମାଜିକ ବାର୍ତ୍ତା ନେଇ କ୍ରିକେଟ୍



ପୁରସ୍କାର ସହ ଚାମ୍ପିୟନ ଓ ରନର୍ସଅପ୍ ଦଳ ଅତିଥିଙ୍କ ସହ ।

ଭୁବନେଶ୍ୱର, ୨୩।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ଓ କର ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୬ସ୍ଥିତ ପ୍ରଗତି ସ୍ପୋର୍ଟିଂ ପଡ଼ିଆରେ ରବିବାର ସେଲିବ୍ରିଟି ଚ୍ୟାରିଟି କ୍ରିକେଟ୍ ଅନୁଷ୍ଠିତ ହୋଇଯାଇଛି। ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ସମାଜସେବାର ଚେତନା ସୃଷ୍ଟି ପାଇଁ ଅନୁଷ୍ଠାନ ତରଫରୁ ଚ୍ୟାରିଟି କ୍ରିକେଟ୍ ଆୟୋଜନ କରାଯାଇଥିଲା। ଏଥିରେ ସମାଜର ବିଭିନ୍ନ ବର୍ଗରୁ ପ୍ରତିଷ୍ଠା ଲାଭ କରିଥିବା ନେତା, ଅଭିନେତା, ଖବରଦାତା, ସାମାଜିକ କର୍ମୀ ପ୍ରମୁଖ ବିଭିନ୍ନ ସାମାଜିକ ସ୍ଲୋଗାନ ଲେଖାଥିବା ଜର୍ସି ପିନ୍ଧି କ୍ରିକେଟ୍ ଖେଳିଥିଲେ। ଏଥିରେ ଅତିଥି ରୂପେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସମାଜସେବୀ ରୁଦ୍ର ସାମନ୍ତରାୟ, କର ଫାଉଣ୍ଡେଶନ ଅଧ୍ୟକ୍ଷ ଅଭିନେତା ଚନ୍ଦନ କର, ରିମେଡିଆଲ୍ ଚ୍ୟାରିଟେବଲ୍ ଟ୍ରଷ୍ଟର ଅଧ୍ୟକ୍ଷ ବିକ୍ରମ କେଶରୀ ସାମଲ, ପୂର୍ବତନ ଖଦି ବୋର୍ଡ ସଭାପତି ତେଜେଶ୍ୱର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଫାଇନାଲରେ ଅଭିନେତା ଦଳକୁ ହରାଇ ରାଜନୈତିକ ଦଳ ଚାମ୍ପିୟନ ହୋଇଥିଲା। ଚଳଚ୍ଚିତ୍ର ଅଭିନେତା ହର ରଥ, ସମାଜବାଦୀ ପାର୍ଟି ଓଡ଼ିଶାର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଅଭିନେତ୍ରୀ ଆହାନା, ଅଭିନେତ୍ରୀ ପ୍ରିୟଙ୍କା ଦାଶ ଓ ପ୍ରିୟଙ୍କା ମହାପାତ୍ର ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। 'ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରୂପେ ଅଭିନେତା ରାକେଶ ଦେଓ ଓ ଯୁବନେତା ସୁଶୀଲ ପୁରସ୍କୃତ ହୋଇଥିଲେ। ଯୁବ କଂଗ୍ରେସ ନେତା ନଳିନୀକାନ୍ତ ନାୟକ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଓ ବାସୁଦେବ ଭଞ୍ଜ ଶ୍ରେଷ୍ଠ ଫିଲଡର୍ ପୁରସ୍କାର ପାଇଥିଲେ। ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ଅଧ୍ୟକ୍ଷ ମୀର ଅହମ୍ମଦ୍ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶାନ୍ତ ମଲ୍ଲିକ ଓ ଟୁନା ସାହୁ ସହଯୋଗ କରିଥିଲେ।

**ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ**

# ଓଡ଼ିଶାର ସେମିଫାଇନାଲ ଆଶା ଧୂଳିସାତ

କଟକ ଅଫିସ,୨୩।୨

ଓଡ଼ିଶାର ରଣଜୀ ଟ୍ରଫି ସେମିଫାଇନାଲ ଖେଳିବା ଆଶା ଧୂଳିସାତ ହୋଇଛି। କ୍ୱାର୍ଟର ଫାଇନାଲ ରାଉଣ୍ଡରୁ ଅଭିଯାନ ଶେଷପଥରେ ରହିଛି ଶୁଭ୍ରାଂଶୁ ସେନାପତିଙ୍କ ଦଳ। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ବେଙ୍ଗଲ ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ୪ର୍ଥ ଦିବସ ଖେଳ ଶେଷ ହୋଇଥିବା ବେଳେ ଭ୍ରମଣକାରୀ ବେଙ୍ଗଲ ଦ୍ୱିତୀୟ ଇନିଂସରେ ୭ ଉଇକେଟ ହରାଇ ୩୬୧ ରନ କରିଛି। ଏଥି ସହିତ ବେଙ୍ଗଲ ୪୪୩ ରନର ଅଗ୍ରଣୀ ନେଇଛି। ସ୍ପିନର ଶାହବାଜ ଅହମ୍ମଦ ପୁନର୍ବାର ଏକ ଚମତ୍କାର ଇନିଂସ ଖେଳିବା ସହ ୫୨ରନରେ ଅପରାଜିତ ଅଛନ୍ତି। ଗୋଟିଏ ଦିନର ଖେଳ ବାକି ରହିଥିବା ଏହି ମ୍ୟାଚ୍ ଅମୀମାଂସିତ ଫଳାଫଳ ଆଡକୁ ଗତି କରୁଛି। ଫଳରେ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଥିବା ବେଙ୍ଗଲ ସେମିଫାଇନାଲରେ ପ୍ରବେଶ କରିବାର ସୁଯୋଗ ପାଇବ।

ବେଙ୍ଗଲର ପ୍ରଥମ ଇନିଂସ ୩୩୨ ଜବାବରେ ଓଡ଼ିଶାର ପ୍ରଥମ ଇନିଂସ ୨୫୦ ରନରେ ସୀମିତ ରହିଥିଲା। ଶନିବାର ଖେଳ ଶେଷସୁଦ୍ଧା ବେଙ୍ଗଲ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ୨ ଉଇକେଟ ବିନିମୟରେ ୭୯ରନ କରିଥିଲା। ମନୋଜ ତିୱାରୀ ୩ ଓ ଅଭିଷେକ ରମଣ ୪ରନରେ ଅପରାଜିତ ଥିଲେ। ରବିବାର ମନୋଜ ୬ ରନ କରିଥିବା ବେଳେ ଦେବବ୍ରତ ପ୍ରଧାନଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ପ୍ରଥମ ଇନିଂସରେ ଶତକୀୟ ଇନିଂସ ଖେଳିଥିବା ଅନୁଷ୍ଟୁପ ମଜୁମଦାରଙ୍କୁ ୧୦ରନରେ କ୍ୟାଚ୍ ଆଉଟ କରିଥିଲେ ଗୋବିନ୍ଦ ପୋଦ୍ଦାର। ୧୧୫ରନରେ ୪ଟି ଉଇକେଟ ହରାଇଥିବା ବେଙ୍ଗଲ ୫ମ ଉଇକେଟ ଭାଗୀଦାରିରେ ୧୦୨ରନ ସଂଗ୍ରହ କରିଥିଲା। ଅଭିଷେକ ରମଣ ଓ ଶ୍ରୀବତ୍ସ ଗୋସ୍ୱାମୀ ଦୀର୍ଘ ସମୟ ଧରି କ୍ରିଜରେ ଟିକି ରହିଥିଲେ। ୬୭ ରନରେ ଅଭିଷେକଙ୍କୁ କ୍ୟାଚ୍ ଆଉଟ କରି ଗୋବିନ୍ଦ ଓଡ଼ିଶା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବ୍ରେକ୍‌ଥ୍ରୁ ଦେଇଥିଲେ। ୧୧୬ ବଲରୁ ଶତକ ହାସଲ କରିଥିବା ଶ୍ରୀବତ୍ସ ପ୍ରୀତ କନୱରଙ୍କ ବଲରେ ଏଲବିଡବ୍ଲ୍ୟୁ ହେବା ପରେ ୭ମ ଉଇକେଟରେ ଶାହବାଜ ଅହମ୍ମଦ ଓ ଅର୍ନବ ନନ୍ଦି ୭୮ରନ ସଂଗ୍ରହ କରିଥିଲେ। ନିମ୍ନକ୍ରମର ବ୍ୟାଟ୍ସମ୍ୟାନଙ୍କ ରନ ସଂଗ୍ରହ ଓଡ଼ିଶା ଦଳକୁ ସେମି ଆଶାରୁ ଦୂରେଇ ନେଇଥିଲା। ବଡ ଶଟ୍ ଖେଳୁଥିବା ଅର୍ନବ ୪୫ରନରେ ଅନୁରାଗ ଷଡ଼ଙ୍ଗୀଙ୍କ ଦ୍ୱାରା କ୍ଲିନ ବୋଲ୍ଡ ହୋଇଥିବା ବେଳେ ଶାହବାଜ ୫୨ ଓ ମୁକେଶ କୁମାର ୬ରନରେ ଅପରାଜିତ ଅଛନ୍ତି। ଓଡ଼ିଶା ପକ୍ଷରୁ ଗୋବିନ୍ଦ ସର୍ବାଧିକ ୩ଟି, ଅନୁରାଗ ୨ଟି ଓ ଦେବବ୍ରତ, ପ୍ରୀତ କନୱର ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି।



ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ରଣଜୀ ଟ୍ରଫି କ୍ରିକେଟ୍ ମ୍ୟାଚ।

### ଅନେକ ସୁଯୋଗ ହାତଛଡ଼ା ହେଲା

ଖେଳର ୪ର୍ଥ ଦିବସରେ ଓଡ଼ିଶା ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ରହିଥିଲା। ଭ୍ରମଣକାରୀ ବେଙ୍ଗଲ ଦଳକୁ ଖୁବ୍‌ଶୀଘ୍ର ଅଲଆଉଟ କରି ବିଜୟ ଲକ୍ଷ୍ୟ ପିଛା କରିଥିଲେ ହୁଏତ ଓଡ଼ିଶା ସେମିଫାଇନାଲ ପାଇଁ ଆଶା ସୃଷ୍ଟି କରିଥାନ୍ତା। ହେଲେ ଫିଲ୍ଡିଂରେ ଅନେକ ତ୍ରୁଟି କରିଛି ଓଡ଼ିଶା। ଏହା ମଧ୍ୟରେ ୩ଟି କ୍ୟାଚ୍ ଓ ଗୋଟିଏ ଲେଖାଏ ଷ୍ଟମ୍ପିଂ, ରନଆଉଟ ମିସ୍ ହୋଇଥିବା ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଇନିଂସରେ ବେଙ୍ଗଲ ପକ୍ଷରୁ ସର୍ବାଧିକ ରନ କରିଥିବା ଶ୍ରୀବତ୍ସଙ୍କ ଷ୍ଟମ୍ପିଂ ମିସ୍ ଓଡ଼ିଶା ପାଇଁ ଭାରି ପଡ଼ିଛି।

### ଦୁଇ ଇନିଂସରେ ଦୁଇଟି ତ୍ରୁଟି

ଦୁଇଟି ଯାକ ଇନିଂସରେ ଦୁଇଟି ମୁଖ୍ୟ ତ୍ରୁଟି ଆମକୁ ସେମିରୁ ବଞ୍ଚିତ କରିଛି ବୋଲି କୋଚ୍ ରଶ୍ମିରଞ୍ଜନ ପରିଡ଼ା କହିଛନ୍ତି। ପ୍ରଥମ ଇନିଂସରେ ୪୬ ରନରେ ୫ଟି ଉଇକେଟ ଅକ୍ତିଆର କରିବା ପରେ ବେଙ୍ଗଲ ଏକ ବିଶାଳ ଭାଗୀଦାରି ଗଢ଼ିଥିଲା। ଦ୍ୱିତୀୟ ଇନିଂସରେ ମଧ୍ୟ ୧୧୫ ରନରେ ୪ଟି ଉଇକେଟ ଦଖଲ କରିବା ପରେ ଦଳୀୟ ସ୍କୋର ୩୦୦ ଟପିଛି। ପାର୍ଟନରଶିପ୍ ଭାଙ୍ଗିବାରେ ଆମ ବୋଲର ସକ୍ଷମ ନ ହେବା ମହଙ୍ଗା ପଡ଼ିଲା ବୋଲି ରଶ୍ମି କହିଛନ୍ତି।

### ପ୍ରୀତଙ୍କ ବିମର୍‌କୁ ନେଇ ଚର୍ଚ୍ଚା

୪ର୍ଥ ଦିନର ଖେଳରେ ପ୍ରୀତ କନୱରଙ୍କ ବିମର୍‌କୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ପଦାର୍ପଣ ମ୍ୟାଚ୍ ଖେଳୁଥିବା ଡାହାଣହାତୀ ପେସ୍ ବୋଲର ପ୍ରୀତ ୨ୟ ସେସନରେ ଏଭଳି ଏକ ବଲ୍ ପକାଇଥିଲେ, ଯାହା ଉଇକେଟ କିପର ରାଜେଶ ଧୂପରଙ୍କ ମୁଣ୍ଡ ଉପରେ ଯିବା ସହ ୩୦ୟାର୍ଡ ମଧ୍ୟ ଟପି ଯାଇଥିଲା। ଅନ୍ତିମ ସେସନ୍‌ରେ ମଧ୍ୟ ଏଭଳି ଏକ ଘାତକ ବିମର୍ ପ୍ରୀତଙ୍କ ବୋଲିଂରେ ଦେଖିବାକୁ ମିଳିଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଫେବୃୟାରୀ ୨୪/୨୦୨୦ Sambalpur, Monday, February 24 / 2020

## ସଂକ୍ଷେପରେ

### ୪୬୦ କେଜି ମହୁଲ ପୋଚ ଜବତ, ଜଣେ ଗିରଫ

**ଗୁଡଭେଲା, ୨୩।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ ପକ୍ଷରୁ ଶନିବାର ଦେଓଗାଁ ବ୍ଲକ ମୁରସିଂ ଗ୍ରାମରେ ଚଢାଉ କରି ୪୬୦ କେଜି ମହୁଲ ପୋଚ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି । ଚଢାଉ ସମୟରେ ଗ୍ରାମର ଜଗାକାଳିଆ ଏସ୍ଏସ୍ଜି, ଲକ୍ଷ୍ମୀ ଏସ୍ଏସ୍ଜି ଓ ଜନଲକ୍ଷ୍ମୀ ଏସ୍ଏସ୍ଜି ତୁଷୁରା ଅବକାରୀ ବିଭାଗକୁ ସାହାଯ୍ୟ କରିଥିଲେ। ଗିରଫ ଚନ୍ଦ୍ରକାନ୍ତୀ ଜାନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ତୁଷୁରା ଅବକାରୀ ଅଧିକାରୀ ଅରୁଣ ଯୋଶୀ ସୁଚନା ଦେଇଛନ୍ତି। ଏହି ଚଢାଉରେ ଏସଆଇ ଜୟନାରାୟଣ ଯୋଶୀ, ଦେବାର୍ଜ୍ଜନ ଭୋଇ, ସୁରେଶ ଭୋଇ ପ୍ରମୁଖ ସାମିଲ ଥିଲେ ।

### ଶାଢ଼ିରେ ନିଆଁ ଲାଗି ମହିଳା ଗୁରୁତର

**ଭଣ୍ଡାରିପୋଖରୀ,୨୩।୨(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ଅଧୀନ ବଣସାହି ଗ୍ରାମର ମନୋରଞ୍ଜନ ଜେନାଙ୍କ ସ୍ତ୍ରୀ ମିନତିଙ୍କ ଶାଢ଼ିରେ ଡିବିରି ଆଲୁଅରୁ ନିଆଁ ଲାଗିଯିବାରୁ ସେ ଗୁରୁତର ହୋଇଛନ୍ତି। ସେ ଏବେ କଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ମିନତି ଶନିବାର ରାତିରେ ପିଲାଙ୍କୁ ଖାଇବାକୁ ଦେବା ପାଇଁ ବାଢୁ ଥିବାବେଳେ ବିଦ୍ୟୁତ୍ ନ ଥିବାରୁ ଡିବିରି ଆଲୁଅ ଜଳାଇଥିଲେ। ଅସାବଧାନତାବଶତଃ ତାଙ୍କ ଶାଢ଼ି ଡିବିରିରେ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ନବବଧୂଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**ବସ୍ତା, ୨୩।୨(ଡି.ଏନ.ଏ):** ବାଲେଶ୍ୱର ଜିଲା ସିଂଲା ଥାନା ନାଡବଣି ଗ୍ରାମରେ ଜଣେ ନବବଧୂଙ୍କୁ ତାଙ୍କ ଶାଶୁ ଘର ଲୋକେ ଯୌତୁକ ନିର୍ଯାତନା ଦେବା ନେଇ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଅଶୋକ ପ୍ରଧାନଙ୍କ ପୁଅ ଗୌତମ ବସ୍ତା ବ୍ଲକ ଇଉଦା ଗ୍ରାମର ଅର୍ପିତାଙ୍କୁ ୬ମାସ ପୂର୍ବେ ବିବାହ କରିଥିଲେ। ମାତ୍ର ଏବେ ତାଙ୍କ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଉଥିବା ସହ ୫ଲକ୍ଷ ଟଙ୍କା ଅଧିକ ଯୌତୁକ ଦାବି କରି ମହିଳାଙ୍କୁ ମାଡ଼ ମାରୁଥିବା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ରବିବାର ଏକ ଯୌତୁକଜନିତ ନିର୍ଯାତନା ମାମଲା (ନଂ.୪୩/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

# ଶାରୀଶୁଆ ପଥର ଖଣିରେ ଏସ୍ଟିଏଫ୍ ଚଢ଼ାଉ

**ଖଇରା, ୨୩।୨/ ଭୁବନେଶ୍ୱର,(ବ୍ୟୁରୋ)**

**ଧରାପଡ଼ିଲା ମାଫିଆ-ନେତା-ଅଧିକାରୀଙ୍କ ମଧୁଚନ୍ଦ୍ରିକା**
- ୫ ଗିରଫ, ୩ ଗାଡ଼ି ଜବତ
- ପାହାଡ଼ରେ ଲୁଚିଗଲେ ଖଣିମାଫିଆ
- ୧୪୪ ଧାରା ଲାଗୁ ସତ୍ତ୍ୱେ ଚାଲିଥିଲା ବେଆଇନ ଖନନ

ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ରୋକ୍ ପରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି ହୋଇଥିଲା। ଏହାସତ୍ତ୍ୱେ ବାଲେଶ୍ୱର ଜିଲା ଖଇରା ତହସିଲ୍ ଅଧୀନ ଶାରୀଶୁଆ ପାହାଡ଼ରେ ଥିବା ଏକାଧିକ ପଥର ଖଣିରେ ଚାଲିଥିଲା ବେଆଇନ ଖନନ। ପ୍ରଶାସନିକ ଅଧିକାରୀମାନେ ଚେଇଁ ଶୋଇଥିବାବେଳେ ନେତାଙ୍କ ଛତ୍ରଛାୟା ତଳେ ରହି ପାହାଡ଼ରେ ବିସ୍ଫୋରଣ କରି ଦିନରାତି ତାଡ଼ି ଚାଲିଥିଲେ ମାଫିଆ। ଏନେଇ ଖବର ପାଇବା ପରେ ରବିବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍ଟିଏଫ୍) ଉକ୍ତ ପାହାଡ଼ର ୭୭ ନମ୍ବର ଖଣିରେ ଚଢାଉ କରି ୫ଜଣଙ୍କୁ ଗିରଫ କରିବା ସହ ପଥର ଚାଲାଣରେ ବ୍ୟବହୃତ ୩ ଗାଡ଼ି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଇଥଗଡ଼ିଆ ଗ୍ରାମର ଟ୍ରାକ୍ଟର ମାଲିକ ବାସୁଦେବ ରାଉତ, ବାବୁରାମ ଜେନା ଏବଂ ଡ୍ରାଇଭର ଜୟନ୍ତ ଜେନା, ଭାଗୀରଥି ସୋରେନ ଓ ଟୁନା ଜେନା। ଏନେଇ ଏସ୍ଟିଏଫ୍ କେସ୍ ନଂ.୪୧/୨୦ ଦଫା ୪୪୭, ୩୭୯, ୫୧୧, ୧୨୦(ବି)୩୪ ଲଗାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।




ଗିରଫ ୫ ଅଭିଯୁକ୍ତ, ଜବତ ଟ୍ରାକ୍ଟର।

ତେବେ ଚଢ଼ାଉ ଦେଖି ଖଣି ମାଫିଆମାନେ ପାହାଡ଼ରେ ଲୁଚି ଯାଇଛନ୍ତି। ସେମାନଙ୍କୁ ଧରିବାକୁ ଏସ୍ଟିଏଫ୍ ଉଦ୍ୟମ ଚଳାଇଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଶାରୀଶୁଆ ପାହାଡରେ ଖଣି ମାଫିଆମାନେ ବିସ୍ଫୋରଣ କରିବା ପରେ ଜେସିବି ଓ ଟ୍ରାକ୍ଟର ସହାୟତାରେ ପଥର ଖନନ କରି ଚାଲାଣ କରିଥାନ୍ତି। ବିସ୍ଫୋରଣ ଯୋଗୁ ଆଖପାଖରେ ଥିବା ଘର ଫାଟିଯିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ସେହିଭଳି ବନ୍ୟପ୍ରାଣୀ ମଧ ବାସହରା ହୋଇ ଗାଁକୁ ପଶି ଆସୁଛନ୍ତି। ଏନେଇ ତହସିଲ୍ଠାରୁ ଜିଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିଲା। ଖଣି ନିଲାମ ନେଇଥିବା କହି ନାଲିଆଖି ଦେଖି ଖଣି ମାଫିଆମାନେ ଖୋଳି ଚାଲିଥିଲେ। ଶେଷରେ ୯୭ ଖଣି ବେଆଇନ ଭାବେ ନିଲାମ ଦିଆଯାଇଥିବା ନେଇ ୨ ସ୍ୱେଚ୍ଛାସେବୀ ସଂଗଠନ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ହାତୀ ଚଲାପଥ ବାଧାପ୍ରାପ୍ତ ହେବା ସହ ପରିବେଶ ନଷ୍ଟ ହେଉଥିବାରୁ ବେଆଇନ ଖଣିକୁ ବନ୍ଦ କରିବାକୁ ଦାବି କରିଥିଲେ। ଗ୍ରୀନ୍ ଟ୍ରିବ୍ୟୁନାଲ ଉକ୍ତ ଅନିୟମିତତାକୁ ହୃଦୟଙ୍ଗମ କରି ଖଣି ଖନନ ଉପରେ ରହିତାଦେଶ ଲଗାଇଥିଲେ। ଟ୍ରିବ୍ୟୁନାଲଙ୍କ ରାୟକୁ ସମ୍ମାନ ଦେବାକୁ ଯାଇ ପ୍ରଶାସନ ସମସ୍ତ ଖଣିରେ ୧୪୪ ଧାରା ଲଗାଇଥିଲେ ସତ, କିନ୍ତୁ ଏହା କେବଳ କାଗଜପତ୍ରରେ ସୀମିତ ଥିଲା। ପୂର୍ବଭଳି ଖଣି ମାଫିଆମାନେ ସରକାରୀ ଅଧିକାରୀ, ପୋଲିସ ଓ ନେତାଙ୍କୁ ହାତଗୁଞ୍ଜା ଦେଇ ଖୁଲମ୍ଖୁଲା ଦୈନିକ ଟନ୍ ଟନ୍ ପଥର ଖନନ କରି ଚାଲାଣ କରୁଥିଲେ। କିଛିମାସ ତଳେ ପୋଲିସ ବିଭାଗରେ ଅଦଳବଦଳ ଏହି ମାଫିଆଙ୍କୁ ବେଶ୍ ସୁହାଇଥିଲା। ବିଶେଷସୂତ୍ରରୁ ଖବରପାଇ କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍ପି ତେଜରାଜ ପଟେଲଙ୍କ ନେତୃତ୍ୱରେ ଏସ୍ଟିଏଫ୍ ଟିମ୍ ଶନିବାର ରାତିରେ ଉକ୍ତ ପାହାଡ଼ରେ ଲୁଚିରହି ଡେରା ପକାଇଥିଲେ। ସକାଳୁ ୭୭ ନମ୍ବର ଖଣିରେ ଟ୍ରାକ୍ଟର ଦ୍ୱାରା ପଥର ଚାଲାଣ ହେଉଥିବା ଦେଖି ଏସ୍ଟିଏଫ୍ ଟିମ୍ ସେଠାରେ ଚଢ଼ାଉ ଆରମ୍ଭ କରି ୫ଜଣଙ୍କୁ ଗିରଫ କରିଥିଲା। ତେବେ ଚଢ଼ାଉ ସମୟରେ ଖଣି ମାଫିଆମାନେ ଲୁଚି ଯାଇଥିବାବେଳେ ଅନ୍ୟ ଖଣିରେ ନିୟୋଜିତ ଥିବା ଗାଡ଼ି ସହ ଅନ୍ୟମାନେ ଖସି ପଳାଇଥିଲେ।

ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ ଓ ଆଇଆଇସି ସୁବ୍ରତ କୁମାର ବେହେରା ମଧ ଚଢ଼ାଉରେ ସାମିଲ ହୋଇଥିଲେ। ପରେ ଏସ୍ଟିଏଫ୍ ଟିମ୍ ଖଇରା ଥାନାରେ ଦିନତମାମ ରହି ତଦନ୍ତ ଚଳାଇଥିଲା।

### ନବବିବାହିତାଙ୍କ ଆତ୍ମହତ୍ୟା

**ବାଲିଆପାଳ,୨୩।୨(ସ୍ୱ.ପ୍ର.):** ଶୋଇବା ଘରେ ବେକରେ ଫାଶି ଲଗାଇ ଚାନ୍ଦମଣି ଗ୍ରାମର ଜଣେ ମହିଳା ଆତ୍ମହତ୍ୟା କରିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ପୋଲିସ ରବିବାର ମୃତ ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଘଟଣାରୁ ପ୍ରକାଶ, ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ ଚାନ୍ଦମଣି ଗ୍ରାମର ଜଣେ ବ୍ୟକ୍ତିଙ୍କ ସହିତ ଉକ୍ତ ମହିଳାଙ୍କ ଫେସବୁକରେ ବନ୍ଧୁତା ହୋଇଥିଲା। ପରେ ଉଭୟ ପ୍ରେମ କରି ଗତ ୫ ମାସ ପୂର୍ବେ ବିବାହ କରିଥିଲେ। ଉଭୟେ ସୁଖରେ ଥିବାବେଳେ ଶନିବାର ଘରେ ଧୂମଧାମ୍ରେ ଭଣଜାର ଜନ୍ମଦିନ ପାଳନ କରିଥିଲେ। ରବିବାର ସକାଳେ ମଧ ସମ୍ପୃକ୍ତ ମହିଳା ଘରର କାମ କରିଥିବା ପରିବାର ଲୋକ କହିଛନ୍ତି। ସକାଳ ପ୍ରାୟ ସାଢ଼େ ୮ଟାରେ ନିଜ ଶୋଇବା ଘରକୁ ଯାଇ ସେ କବାଟ ବନ୍ଦ କରିଦେଇଥିଲେ। ପରେ ପରିବାର ଲୋକେ ଯେତେ ଡାକିଲେ ସେ ଆଉ କବାଟ ଖୋଲି ନ ଥିଲେ। କବାଟ ଖୋଲି ଦେଖିବାରୁ ମହିଳା ଜଣଙ୍କ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

# ଲୁଟି ନେଲେ ୩୦ ଭରି ଅଳଙ୍କାର

**ଜଗତପୁରରେ ବଡ଼ ଧରଣର ଡକାୟତି**
- ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କଲେ

**କଟକ ଅଫିସ,୨୩।୨:** କଟକ ଜିଲା ଜଗତପୁର ଥାନା ଅନ୍ତର୍ଗତ ତରୋଳ କେନାଲ୍ ରୋଡ୍ ଅଞ୍ଚଳର ଏକ ଘରେ ଶନିବାର ବିଳମ୍ବିତ ରାତିରେ ବଡଧରଣର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଉକ୍ତ ଘରେ ପଶି ସୁଧାଂଶୁ କୁମାର ନାୟକ ନାମକ ବ୍ୟକ୍ତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୩୦ ଭରି ଓଜନର ସୁନା ଅଳଙ୍କାର ସହ ୪୨ ହଜାର ଟଙ୍କା ଲୁଟିନେଇ ଥିବା ଜଗତପୁର ଥାନାରେ ଅଭିଯୋଗ ହୋଇଛି। ସୁଧାଂଶୁଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୭୬/୨୦) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ସାଢେ ୨ଟାରୁ ୩ଟା ମଧ୍ୟରେ ୪/୫ ଜଣ ଦୁର୍ବୃତ୍ତ ସୁଧାଂଶୁଙ୍କ ଘରର କବାଟ ଭାଙ୍ଗି ଭିତରେ ପଶିଥିଲେ। ସେମାନଙ୍କ ହାତରେ ଭୁଜାଲି, ଫାର୍ସା ଓ ବନ୍ଧୁକ ଥିଲା। ସେମାନେ ସୁଧାଂଶୁଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରିବା ସହ ତାଙ୍କ ପୁଅଙ୍କୁ ମାଡ଼ ମାରିଥିଲେ। ପରେ ପରିବାର ସଦସ୍ୟଙ୍କୁ ଗୋଟିଏ ରୁମ୍ରେ ବନ୍ଦ କରି ଘରର ଆଲମିରା ଏବଂ ଅନ୍ୟ ସ୍ଥାନରେ ଖୋଜାଖୋଜି କରିଥିଲେ। କିଛିଦିନ ତଳେ ସୁଧାଂଶୁଙ୍କ ପୁଅଙ୍କ ବିବାହ ହୋଇଥିବା ଯୋଗୁ ସମସ୍ତେ ଅଳଙ୍କାର ପିନ୍ଧିଥିଲେ। ଫଳରେ ଦୁର୍ବୃତ୍ତମାନେ ତାଙ୍କ ସ୍ତ୍ରୀ, ପୁଅ ଓ ବୋହୂ ପିନ୍ଧିଥିବା ସବୁ ଅଳଙ୍କାର କାଢି ନେଇଥିଲେ। ଏହା ମଧ୍ୟରେ ରହିଛି ଗୋଟିଏ ସୁନାଚେନ, ହାର, ବାଲା, ୧୦ଟି କାନଫୁଲ, ୬ ହଳ ସୁନାଚୁଡି ଓ ୧୫ଟି ସୁନାମୁଦି। ଏଥିସହ ସେମାନେ ଘରର ଆଲମିରା ଭାଙ୍ଗି ଭିତରେ ଥିବା ୪୦ ହଜାର ଟଙ୍କା, କିଛି ସୁନାଅଳଙ୍କାର, ସୁଧାଂଶୁଙ୍କ ପୁଅଙ୍କ ପକେଟରେ ଥିବା ଗୋଟିଏ ଏଟିଏମ୍ କାର୍ଡ ସହ ୨ହଜାର ଟଙ୍କା ମଧ ନେଇଯାଇଥିଲେ। ଏ ସମ୍ପର୍କରେ ସୁଧାଂଶୁ କହିଛନ୍ତି, ପ୍ରାୟ ୧ ଘଣ୍ଟା ଧରି ଏହି ଲୁଟ୍ପାଟ୍ ଚାଲିଥିଲା। ଘର ଭିତରକୁ ଯେତିକି ଦୁର୍ବୃତ୍ତ ପଶିଥିଲେ, ସେତିକି ଘର ବାହାରେ ଜଗି ରହିଥିଲେ। ସମସ୍ତଙ୍କ ବୟସ ପ୍ରାୟ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଥିବାବେଳେ ସେମାନେ ଓଡ଼ିଆରେ କଥା ହେଉଥିଲେ ବୋଲି ସୁଧାଂଶୁ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ରବିବାର ସକାଳେ ଜଗତପୁର ପୋଲିସ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚିଥିଲା। ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ସଂଗ୍ରହ କରି ତଦନ୍ତ ଚଳାଇଛି। ଏହି ଡକାୟତି ପଛରେ ରାଜ୍ୟ ବାହାରର ଦୁର୍ବୃତ୍ତଙ୍କ ସମ୍ପୃକ୍ତି ଥିବା ପୋଲିସ ଅନୁମାନ କରୁଛି।

### ଅଢ଼େଇ ବର୍ଷର ଶିଶୁଙ୍କୁ ଚେଙ୍କ ଚିକିତ୍ସା

**କାଲିମେଳା,୨୩।୨(ଡି.ଏନ୍.ଏ)**

ସରକାର ଲୋକଙ୍କୁ ସଚେତନ କରିବାକୁ ଆଦିବାସୀ ଅଧୁଷିତ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। କିନ୍ତୁ ଲୋକେ ସଚେତନ ହେଉନାହାନ୍ତି। ଏବେ ବି ସେମାନଙ୍କ ମନରେ ଅନ୍ଧବିଶ୍ୱାସ ଘର କରି ରହିଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ମାଲକାନଗିରି ଜିଲା କାଲିମେଳା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତ ବିଲିଗୁଡ଼ା ଗାଁରେ ଦେଖିବାକୁ ମିଳିଛି। ଜ୍ୱର ଅଣ୍ଡା ଭଲ କରିବାକୁ ଦେବ ପଡିଆମୀଙ୍କ ଅଢ଼େଇ ବର୍ଷର ଝିଅ ବର୍ଷାଙ୍କୁ ଚେଙ୍କ ଚିକିତ୍ସା କରାଯାଇଛି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏବେ ତାଙ୍କୁ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ଗଛରେ ପିଟିହେଲା ବାଇକ୍, ୨ ମୃତ

**ଦିଗପହଣ୍ଡି,୨୩।୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଖମାରି ଗାଁ ପଞ୍ଚାୟତ ବାଲିଘାଇ ଗାଁ ରାସ୍ତାକଡ ଗଛକୁ ଏକ ବାଇକ୍ ଧକ୍କା ଦେଇ ନିକଟସ୍ଥ କଲଭର୍ଟରେ ପିଟି ହୋଇଯିବାରୁ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୈଁଠଖଣ୍ଡି ପଞ୍ଚାୟତ ନୂଆଗଡ ଗ୍ରାମର ଟୁଙ୍ଗୁରୁ ଓରଫ ପ୍ରଶାନ୍ତ ପ୍ରଧାନ (୧୮)ଓ ମଙ୍ଗଳା ପ୍ରଧାନ (୨୦)। ପ୍ରବୀଣ ପ୍ରଧାନ(୧୮) ଆହତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁସାରେ ରବିବାର ନୂଆଗଡ଼ର ୩ ସାଙ୍ଗ ବାଇକ୍ରେ ପେଟ୍ରୋଲ ପକାଇବା ପାଇଁ ବୁରୁଡ଼ାଙ୍ଗ ଗାଁ ଛକକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ବାଇକଟି ରାସ୍ତାକଡର ପ୍ରାୟ ୨୦ ଫୁଟ ଦୂର ଚାଷ ଜମିର ଖାଲ ମଧ୍ୟକୁ ଯାଇ ଖସି ପଡିଥିଲା। ଆଖପାଖରେ ଥିବା ଲୋକେ ଦୌଡି ଆସି ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହାତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳା ଓ ପ୍ରବୀଣଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳାଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଦ୍ୱୟ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସମସ୍ତ ତଥ୍ୟ ସଂଗ୍ରହ କରି ଫେରିଛନ୍ତି।

# ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

**ଭଦ୍ରକ ଅଫିସ, ୨୩।୨:** ଭଦ୍ରକ ଜିଲା ଚରମ୍ପା ତିଶଳପୁର ଛକ ନିକଟରେ ରବିବାର ମଧ୍ୟାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ବ୍ଲକ ଖଣ୍ଡତଡ଼ା ମଉଦା ଗାଁର ଗୁରୁ ମହାନ୍ତିଙ୍କ ପୁଅ ରୂପେଶ। ସୂଚନା ଅନୁସାରେ, ରୂପେଶ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରରୁ ଫେରିଲା ବେଳେ ପଛରୁ ଏକ ଟ୍ରକ ଧକ୍କା ଦେଇଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରୂପେଶ ଭୁବନେଶ୍ୱରସ୍ଥିତ ଆଇଟିଆର୍ ବିଶ୍ୱବିଦ୍ୟାଳୟ ଶେଷବର୍ଷ ଛାତ୍ର ଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗୁରୁ ଭଦ୍ରକ ସହର ମେଡିକାଲ ଛକ ନିକଟରେ ଔଷଧ ବ୍ୟବସାୟ କରନ୍ତି। ତାଙ୍କର ଏକମାତ୍ର ପୁଅ ରୂପେଶଙ୍କ ମୃତ୍ୟୁ ଖବର ପ୍ରଚାର ପରେ ମେଡିକାଲ ପରିସର ଲୋକାରଣ୍ୟ ହୋଇଥିଲା।




# ସରକାରୀ ଯୋଜନାରୁ ବଂଚିତ୍ ଦିବ୍ୟାଙ୍ଗ

**ପର୍ଲା, ୨୩।୨ (ଡି.ଏନ୍.ଏ.)**

- ଜନ୍ମୁ ଶହେ ପରତିଶତ ଦିବ୍ୟାଙ୍ଗ ଗୁଣବନ୍ତ
- ମୁରଦୁଁଗ୍ ବଜେଇ ଲୁକ୍କର ମନ୍ମୁହୁଛନ

ସରକାର ଦିବ୍ୟାଙ୍ଗମାନକୁ ଭତା, ଆବସ ଯୋଜନାରେ ଘର, ସରକାରୀ ପୋରଛାହନ୍ ଆଦି ଯୁଗେଇ ଦେଇ ସମାଜର ମୁଖିଆ ଧାରରେ ସାମିଲ କରୁଛନ୍। ହେଲେ ସରକାରୀ ଅଧିକାରୀ, କରମ୍ଚାରୀକର ଅନ୍ଦେଖା ଲାଗି ଅନେକ ଜାଗାରେ ଦିବ୍ୟାଙ୍ଗମାନେ ସରକାରୀ ସୁବିଧା ସୁଯୋଗ ପାଏବାରୁ ବଁଚିତ୍ ହେଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଂଚଲର ଛଞ୍ଚାଣବାହାଲି ପଁଚେତ୍ ବେହେରାଗୁଡ଼ା ଗାଁରେ।

ସୂଚନା ହିସାବେ ବେହେରାଗୁଡ଼ା ଗାଁର ବିକ୍ରମ ଛତରିଆଙ୍କର ପୁଓ ଗୁଣବନ୍ତ ଛତରିଆ(୧୦)। ସେ ଜନ୍ମୁ ଅଁଧ୍ ଆଏ। ଡାକ୍ତର ତାହାକୁ ଶହେ ପରତିଶତ ଦିବ୍ୟାଙ୍ଗ ପରମାନପତର ବି ଦେଇଛନ୍। ବିକ୍ରମ ପୁଓ ଭିନେ ଭିନେ ସରକାରୀ ଯୋଜନାର ସାହାଯ୍ ପାଏବା ବଲି ଦରକାରୀ କାଗଜପତର ଦେଇ ପଁଚେତ୍ରୁ ବ୍ଲକ ତକ୍ ଆବେଦନ କରିଛନ୍। ଇଆଡ଼େ ଦିବ୍ୟାଙ୍ଗମାନକୁ ଗୁରୁତ୍ ଦେଇ ଭତା, ଆବାସ ଯୋଜନାରେ ଘର, ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ମାସିକ ୩୫ କେ.ଜି. ଚାଉଳ ଆଦି ଯୁଗେଇ ଦେବାର ସରକାରୀ ନିୟମ ରହିଛେ। ହେଲେ



ଗୁଣବନ୍ତ ମୁରଦୁଁଗ୍ ବଜଉଛନ୍।

ଦୁଖର କଥା ଗୁଣବନ୍ତ ଲେଖେଁ ଝନେ ଜନମ୍ ଅଁଧ୍ ପିଲା ଆଏଜ୍ତକ ସବୁ ପରକାର ସରକାରୀ ସାହାଯ୍ରୁ ବଁଚିତ୍ ହେଇ ରହିଛନ୍। ସେନ୍ତା ଗୁଣବନ୍ତ ଏହେଦେ ନିଜକୁ ଝନେ କଳାକାର ହିସାବେ ଗଢ଼ିଛନ୍। ୫ ବଛର ବଏସ୍ରୁ ସେ ଟିନ୍ ଡବା, ଛାତିରେ ବଜା ବଜାବାର ବଏସିରା କରି ଏହେଦେ ସେ ଝନେ ମୁର୍ଦୁଁଗିଆ ପାଲଟିଯାଇଛନ୍। ଏହେଦେ ସେ ଅଂଚଲରେ ଅନେକ ନାଚ୍ଗୀତ୍ରେ ମୁର୍ଦୁଁଗ୍ ବଜେଇ ଦେଖନ୍ହାରିକିଁର ମନ୍ମୁହୁଛନ୍। ଗଲା ନିରବାଚନ ଆଗରୁ ଭିନେ ଭିନେ ପଁଚେତ୍ମାନକେ ପିଠା କାର୍ଯ୍କରମ ଜରିଆରେ କଳାକାର ଚିନ୍ହଁଟ କରାଯାଇ କଳାକାରମାନକୁ ଭତା, ସରକାରୀ ପୋରଛାହନ୍ ଯୁଗେଇ ଦିଆଯାଉଛେ। ହେଲେ ଗୁଣବନ୍ତ ଝନେ ଦିବ୍ୟାଙ୍ଗ ଶିଶୁ କଳାକାର ହେଇଥିଲେ ବି ସରକାରୀ ପୋରଛାହନ୍ ପାଏବାରୁ ବଁଚିତ୍ ହେବାରଟା ସମ୍କୁ ଆଶିରିଯ୍ କରିଛେ। ଜିଲା ଆର ବ୍ଲକ ପରଶାସନ ଶହେ ପରତିଶତ ଦିବ୍ୟାଙ୍ଗ ଗୁଣବନ୍ତକଁର ଉପରେ ଦୁରୁଷ୍ଟି ଦେଇ ତାହାକୁ ସବୁପରକାର ସରକାରୀ ଯୋଜନାରେ ସାମିଲ କରବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍ଦେ ଧର୍ମଗଡ଼ ବିଡିଓ ଗୋପାଳ କୃଷ୍ଣ ମିଶ୍ରଙ୍କୁଁ ପଚ୍ରାଲାରୁ ଇ ବାବ୍ଦେ ମୋର ପାସେ ଖବର ନାଇଁଥାଇ। ବ୍ଲକକେ ଆସି ମୋତେ ଭେଟ୍ଲେ ସବୁପରକାର ସାହାଯ୍ ସହଯୋଗ ଯୁଗେଇ ଦେବାର ବେବସ୍ତା କରମି ବଲି ସେ କହିଥିଲେ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ବନ୍ୟାପ୍ଲାବିତ ନଦୀ, ଶାସକର ଆଦର, ସ୍ତ୍ରୀର ଚରିତ୍ର ଓ ବ୍ୟବସାୟରେ ସ୍ନେହ କେବେହେଲେ ବିଶ୍ୱାସଯୋଗ୍ୟ ନୁହେଁ।
-ସନ୍ଥ ତୁଳସୀ ଦାସ





ବରଗଡ଼ ଗାନ୍ଧୀ ଛକରେ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ପିକେଟିଂ କରୁଛନ୍ତି ।



ଗାଇସିଲେଟ୍ କଲେଜ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି ।

# ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ

## ବରଗଡ଼ରେ ଭାରତ ବନ୍ଦର ପ୍ରଭାବ

ବରଗଡ଼ ଅଫିସ୍,୨୩।୨

ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ରାୟକୁ ନେଇ ରବିବାର ଭୀମ ଆର୍ମି ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ବରଗଡ଼ ସହରରେ ମଧ୍ୟ ଅନୁଭୂତ ହୋଇଥିଲା । ସ୍ଥାନୀୟ ପରିବା ବଜାରକୁ ଛାଡ଼ିଦେଲେ ଅନ୍ୟ ଦୋକାନ, ବଜାରସବୁ ବନ୍ଦ ରହିଥିଲା। ସେହିପରି ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଉଭୟ ସରକାରୀ, ଘରୋଇ ବସଷ୍ଟାଣ୍ଡରେ ଯାତ୍ରୀବାହୀ ବସ୍‌ଗୁଡ଼ିକ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଟକି ରହିଥିଲା। ଫଳରେ ଯାତାୟାତ ପ୍ରଭାବିତ ହୋଇଥିଲା। ବରଗଡ଼ ଗାନ୍ଧୀ ଛକରେ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା, ସଭ୍ୟମାନେ ଟେଣ୍ଟ ପକାଇବା ସହିତ ରାସ୍ତା ଅବରୋଧ ସହିତ ପିକେଟିଂ କରିଥିଲେ। ଏଥିରେ ସ୍ଥାନୀୟ ଆମ୍ବେଡ଼କର ଯୁବାସଂଘ, ଆଦିବାସୀ କଲ୍ୟାଣ ସଂଘ, ଏସସି, ଏସଟି ସୁରକ୍ଷା ସମନ୍ୱୟ ସମିତି, ନ୍ୟୁ କଲଚରାଲ୍ ଗ୍ରୁପ, ଶୁଦ୍ରମୁକ୍ତି ଅଭିଯାନ, ବିର୍ସାମୁଣ୍ଡା ସଂଘର୍ଷ ବାହିନୀ, ସମ୍ବିଧାନ ସୁରକ୍ଷା ମଞ୍ଚ, ରବିଦାସ ସମାଜ, ଦଳିତ ଉନ୍ନୟନ ସମିତି ଆଦି ସଙ୍ଗଠନର କର୍ମକର୍ତ୍ତା, ସଭ୍ୟବୃନ୍ଦ ସାମିଲ ହୋଇଥିଲେ। ପବିତ୍ର ଦେହୁରୀ, ସୀତାରାମ ମେହେର, ଲକ୍ଷ୍ମଣ ସୁନା, ବାଳକିଶୋର ଛତର ପ୍ରମୁଖ ଉଦବୋଧନ ଦେଇଥିବାବେଳେ ବହୁସଂଖ୍ୟକ କାର୍ଯ୍ୟକର୍ତ୍ତା, ସଭ୍ୟ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ଗାଇସିଲେଟ୍‌ରେ ମଧ୍ୟ ଭାରତ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଥିଲା। ଏଠାକାର କଲେଜ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଗାଡ଼ି ଚଳାଚଳ ଠପ୍ ପଡ଼ିଯାଇଥିଲା। ଏହାସହିତ ପିକେଟିଂ କରି ଦୋକାନ, ବଜାରକୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା । ଫଳରେ ଜୀବନଯାତ୍ରା ବ୍ୟାହତ ହୋଇ ପଡ଼ିଥିଲା।

# ପୁରୁଣାକଟକକୁ ଜଗିବ ସିସି କ୍ୟାମେରା

ପୁରୁଣାକଟକ,୨୩।୨(ଡି.ଏନ.ଏ)

## ବଢ଼ୁଛି ଚୋରି, ଡକାୟତି

କିଛିଦିନ ହେବ ହରଭଙ୍ଗା ବ୍ଲକ ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ପୁରୁଣାକଟକ ବଜାର ସମେତ ଆଖପାଖ ସ୍ଥାନରେ ଚୋରି, ଡକାୟତି ବଢ଼ିବାରେ ଲାଗିଛି। ପୁରୁଣାକଟକ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ପ୍ରାୟ ସମୟରେ ଫେଲ୍ ମାରୁଥିବାରୁ ରବିବାର ପୁରୁଣାକଟକ ସଚେତନ ନାଗରିକ କମିଟି ପକ୍ଷରୁ ଭୈରବୀ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇ ସହରର ମୁଖ୍ୟ ସ୍ଥାନମାନଙ୍କରେ ୬ଟି ସିସି କ୍ୟାମେରା ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପୁରୁଣାକଟକ ବ୍ୟବସାୟୀ ସଂଘ ସଭାପତି ସମରେନ୍ଦ୍ର ବେହେରା, ସମ୍ପାଦକ ଅଜିତ ଦେହୁରୀ, ଭୈରବୀ ମନ୍ଦିର କମିଟି ସଭାପତି ଅଶୋକ ଅଗ୍ରୱାଲା, ଭୈରବୀ କ୍ଲବ ସଭାପତି ଅକ୍ରୁର ସେଠୀ, ଦୁର୍ଗାପୂଜା କମିଟି ସଭାପତି ସୁରେନ ପ୍ରଧାନ, ସଚେତନ ନାଗରିକ କମିଟି ସଭାପତି କୈଳାସ ଅଗ୍ରୱାଲା, ଆବାହକ ସୁକାନ୍ତ ପଟ୍ଟନାୟକ, ସରୋଜ କୁମାର ପାଢୀ, ସୁନୀଲ କୁମାର କୱଁର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସଂକ୍ଷେପରେ...



### ଟ୍ୟାଙ୍କର-ଟ୍ରାକ୍ଟର ମୁହାଁମୁହିଁ ଧକ୍କା

ଅତାବିରା, ୨୩।୨ (ଡି.ଏନ.ଏ)
ଗୋଡଭଗା- ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ଉଦେପୁର ଛକରେ ରବିବାର ଏକ ଡିଜେଲ ବୋଝେଇ ଟ୍ୟାଙ୍କର ଓ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ଉଭୟ ଗାଡି ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଓଡିଶା୩ଡି/୯୩୦୮ ନମ୍ବର ବିଶିଷ୍ଟ ଡିଜେଲ ବୋଝେଇ ଟ୍ୟାଙ୍କର ଝାରସୁଗୁଡାରୁ ଭବାନୀପାଟଣା ଯାଉଥିବା ବେଳେ ଉଲୁଣ୍ଡାରୁ ତୁରୁମ-ଗୋଡଭଗା ଦେଇ ଓଆର୧୭ଏଫ/୨୬୩୭ ନମ୍ବର ବିଶିଷ୍ଟ ଟ୍ରାକ୍ଟର ସହ ଉଦେପୁର ଛକଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଟ୍ୟାଙ୍କର ଚାଳକ ମଦନ କୁମାର ସିଂ ଓ ଟ୍ରାକ୍ଟର ଚାଳକ ମନବୋଧ ଭୋଇ ଅଳ୍ପକେ ବର୍ତ୍ତିଯାଇଥିଲେ । ଟ୍ରାକ୍ଟରର ସମ୍ମୁଖ ଭାଗ ଭାଙ୍ଗିଯାଇଥିବା ବେଳେ ଟ୍ୟାଙ୍କର ମଧ ଆଂଶିକ କ୍ଷତିଗ୍ରସ୍ତ ହୋଇଛି ।

### ଅଷ୍ଟପ୍ରହର ନାମଯଜ୍ଞ ସମ୍ପନ୍ନ

ଅତାବିରା, ୨୩।୨ (ଡି.ଏନ.ଏ)
ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁରଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗର୍ଭଣା, ମହଲାକଟା, କୁଲିତାଟୁକୁରା ମହିଳା ସଂକୀର୍ତ୍ତନ ଦଳ ନାମଜପ କରିଥିଲେ। ରମେଶ ଦନ୍ତା ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଭରତ ମହାପାତ୍ର, ସୁନୀଲ ଦନ୍ତା, କେଟା କ୍ଷେତି, ରିଦେଶ ଦନ୍ତା, ଦିନେଶ ଦନ୍ତା, ଆନନ୍ଦ ନନ୍ଦ ସେଠୀ, ସାନନ୍ଦ ସେଠୀ, ମାନଭଞ୍ଜନ ଦନ୍ତା, ନିର୍ମଳ ଦନ୍ତା ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ। ପଣ୍ଡିତ ପରୀକ୍ଷିତ ପୁରୋହିତ ହୋମଯଜ୍ଞରେ ମନ୍ତ୍ରପାଠ କରିଥିଲେ ।

### ରୌପ୍ୟ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ,୨୩।୨(ସ୍ୱ.ପ୍ର)
ବୌଦ୍ଧ ସହରର ବୁଟୁପାଲି ସ୍ଥିତ ମାଉଲସିଙ୍ଗାଠାରେ ଥିବା ଜାନକୀ ଭିକାରୀ ଉଚ୍ଚ ବିଦ୍ୟାଳୟର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରୌପ୍ୟ ଜୟନ୍ତୀ ପାଳନ ନେଇ ଆଲୋଚନା କରାଯାଇଥିଲା। ଏଥିପାଇଁ ଗଠିତ କମିଟିରେ ଧର୍ମେନ୍ଦ୍ର ମେହେର ସଭାପତି, ଅରୁଣ କୁମାର ପାଢୀ ଉପସଭାପତି ଓ ଧରଣୀଧର ମେହେର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେହେରଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଏହାସହ ବିଭୂତି ଭୂଷଣ ବେହେରା ଓ ପ୍ରଦୀପ କୁମାର ସାହୁ ସହ ସମ୍ପାଦକ ଓ ବିଶ୍ୱଜିତ ସାହୁଙ୍କୁ କୋଷାଧକ୍ଷ ଭାବେ ମନୋନିତ ହୋଇଛନ୍ତି । ରୌପ୍ୟ ଜୟନ୍ତୀ ଅବସରରେ ବିଦ୍ୟାଳୟର ଏକ ମୁଖପତ୍ର ପ୍ରକାଶିତ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ଶିକ୍ଷକ ଜ୍ଞାନେନ୍ଦ୍ର ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭୈରବୀ କଲେଜରେ ପରୀକ୍ଷା ଦେବେ ୨୦୩ ଛାତ୍ରୀଛାତ୍ର

ପୁରୁଣାକଟକ,୨୩।୨(ଡି.ଏନ.ଏ)
ହରଭଙ୍ଗା ବ୍ଲକ ପୁରୁଣାକଟକ ସ୍ଥିତ ଭୈରବୀ କନିଷ୍ଠ ମହାବିଦ୍ୟାଳୟରେ ଚଳିତ ବର୍ଷ ୨୦୩ ଜଣ ଛାତ୍ରୀଛାତ୍ର ଯୁକ୍ତ ଦୁଇ ପରୀକ୍ଷା ଦେବେ । ଏହି ମହାବିଦ୍ୟାଳୟ ହବ୍ ସେଣ୍ଟରର ମାନ୍ୟତା ପାଇଥିବାରୁ ଆସନ୍ତା ମାର୍ଚ୍ଚ ୪ ତାରିଖରୁ ପରୀକ୍ଷା ଆରମ୍ଭ ହେବ। ରେଗୁଲାର ୧୭୪, ଏକ୍ସ ରେଗୁରାଲ ୧୮, ସିସି କୋର୍ସରେ ୧୧ ଜଣ ଏପରି ଭାବେ ମୋଟ୍ ୨୦୩ ଜଣ ପରୀକ୍ଷା ଦେବେ ବୋଲି ଅଧ୍ୟକ୍ଷ ମନୋଜ ପାଠୀ କହିଛନ୍ତି ।

# ମନମୁଣ୍ଡାରେ ମେଡିକାଲ କଲେଜ ହସ୍ପିଟାଲ ହେବା ଖବର ଭାଇରାଲ




ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଫଟୋ ।

ମନମୁଣ୍ଡା, ୨୩।୨ (ଡି.ଏନ.ଏ)

ବୌଦ୍ଧ ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧୪ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ତନ୍ମଧ୍ୟରେ ମନମୁଣ୍ଡାରେ ୧୦.୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ମେଡିକାଲ କଲେଜ ହସ୍ପିଟାଲ ହେବ ବୋଲି କଣ୍ଟାମାଳ ବିଧାୟକ ମହୀଧର ରଣା ନିଜ ଫେସବୁକ ତଥା ସାମାଜିକ ଗଣମାଧ୍ୟମରେ ନବୀନଙ୍କ ଫଟୋ ସହ ନିଜ ଫଟୋ ଥାଇ ମେସେଜ ତଥା ପ୍ରଚାରପତ୍ର ଛାଡିଛନ୍ତି । ଏହା ମନମୁଣ୍ଡା, କଣ୍ଟାମାଳ ତଥା ବୌଦ୍ଧ ଜିଲାରେ ବହୁଳ ଭାବେ ଭାଇରାଲ ହୋଇଛି। ବୌଦ୍ଧ ଓ ସୋନପୁର ଭଳି ଜିଲା ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ ପାଇଁ ସରକାର ଘୋଷଣା କରି ନ ଥିବା ବେଳେ ମନମୁଣ୍ଡା ସିଏଚସିରେ ଏହା କିପରି ସମ୍ଭବ ବୋଲି ଅନେକ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଓମପ୍ରକାଶ ମିଶ୍ର, ପୂର୍ବତନ ଯୁବ ମୋର୍ଚ୍ଚା ଜିଲା ସଭାପତି ନାରାୟଣ ଶର୍ମା, ଯୁବନେତା ଶିବ କମ୍ପଙ୍କ ସମେତ ବହୁ ନେତା ପ୍ରତିକ୍ରିୟା ପ୍ରକାଶ କରି ମିଛ କଥା ପୋଷ୍ଟ କରି ଲୋକମାନଙ୍କୁ ଭୂଆଁ ବୁଲାଯାଉଛି ବୋଲି କହିଛନ୍ତି । ଯଦି ଏହା ସତ୍ୟ, ତେବେ ସ୍ୱାଗତଯୋଗ୍ୟ। ହେଲେ ସାମ୍ବାଦିକ ସମ୍ମିଳନୀ କରି ବିଧାୟକ ତାହା ସ୍ପଷ୍ଟ କରନ୍ତୁ ବୋଲି ଭାଜପା ଦାବି କରିଛି। ଏ ନେଇ ବିଧାୟକ ରଣା ଫୋନ ରିସିଭ ନ କରିବାରୁ ତାଙ୍କ ମତାମତ ମିଳିପାରିନାହିଁ। ତେବେ ମନମୁଣ୍ଡାରେ ମାତୃଶିଶୁ ହସ୍ପିଟାଲ ହେବ ବୋଲି ଲେଖିବା ବଦଳରେ ମେଡିକାଲ କଲେଜ ହସ୍ପିଟାଲ ହେବ ବୋଲି ଭୁଲରେ ପ୍ରିଣ୍ଟ ହୋଇଯାଇଛି ବୋଲି ଜିଲା ବିଜେଡି ସମ୍ପାଦକ ପ୍ରଶାନ୍ତ ରଣା ଏବଂ ବିଧାୟକଙ୍କ ପୁଅ ସୁଧାଂଶୁ ରଣା ଗଣମାଧ୍ୟମକୁ କହିଛନ୍ତି ।

# ଝିଅକୁ ବଳାତ୍କାର ମାମଲା ଅଭିଯୁକ୍ତ ବାପାଙ୍କୁ ଖୋଜୁଛି ପୋଲିସ

ବରଗଡ଼ ଅଫିସ୍,୨୩।୨

ବରଗଡ଼ ସହର ଉପକଣ୍ଠ ଏକ ଗ୍ରାମରେ ଶନିବାର ଜଣେ ନାବାଳିକା ଝିଅଙ୍କୁ ତାଙ୍କ ବାପା ବଳାତ୍କାର କରିଥିବା ଅଭିଯୋଗ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଏକ ମାମଲା (ନଂ.୭୨/୨୦) ରୁଜୁ କରିଛି। ସେହିପରି ସୋମବାର ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ଅଭିଯୁକ୍ତ ବାପା ଫେରାର୍ ଥିବା ଯୋଗୁ ପୋଲିସ ତାଙ୍କୁ ଗିରଫ କରିବାକୁ ତନାଘନା ଚଳାଇଥିବା ଜଣାପଡ଼ିଛି। ପୀଡ଼ିତା ନାବାଳିକାଙ୍କୁ ସ୍ଥାନୀୟ ଏକ ଅନାଥାଶ୍ରମରେ ଆଶ୍ରୟ ଦିଆଯାଇଥିବା ସୂଚନା ମିଳିଛି ।

# ଲରମ୍ଭା କଲେଜର ବୃହତ୍ ବିଜୟ

ବରଗଡ଼ ଅଫିସ୍,୨୩।୨

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ବରଗଡ଼ରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃ କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚରେ ଲରମ୍ଭା କଲେଜ ପ୍ରତିପକ୍ଷ ସୋହେଲା ଆଥଲେଟିକ ଆସୋସିଏଶନକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବିକାଶ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ସୋହେଲା ଆଥଲେଟିକ ଆସୋସିଏଶନ ଟସ୍ ଜିଣି ବ୍ୟାଟିଂ ପାଇଁ ପ୍ରତିପକ୍ଷ ଲରମ୍ଭା କଲେଜକୁ ଆମନ୍ତ୍ରଣ କରିଥିଲା । ଲରମ୍ଭା କଲେଜ ବ୍ୟାଟିଂ କରି ୪୮.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୫୮ରନ ସଂଗ୍ରହ କରିଥିଲା। ଦଳର ଦେବବ୍ରତ ପ୍ରଧାନ ୬୭ରନ(୧ଛକ୍କା, ୮ଚୌକା), ସୌରଭ ନାୟକ ୪୭ରନ(୬ଚୌକା), ରାହୁଲ ମିଶ୍ର ୨୧ ଏବଂ ବିଶ୍ୱ ମହାନନ୍ଦ ୩୭ରନ ସଂଗ୍ରହ କରିଥିଲେ । ଅନ୍ୟପଟେ ସୋହେଲା ଆଥଲେଟିକ ଆସୋସିଏଶନର ଅଶୋକ ମିଶ୍ର ୪୯ରନ ବିନିମୟରେ ୪ଟି ଉଇକେଟ୍ ନେଇଥିବା ବେଳେ ହରଜିତ ସିଂ ୨୨, ଭୁବନ ନାୟକ ୨୭ ଏବଂ ସନ୍ତୋଷ ଯାଦବ ୫୫ରନ ବିନିମୟରେ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ସୋହେଲା ଆଥଲେଟିକ ଆସୋସିଏଶନ ୩୨.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୮ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଦଳର ହରଜିତ ସିଂ ୫୮ରନ(୩ଚୌକା) ଏବଂ ଦୁର୍ଗା ଅଗ୍ରୱାଲ ୧୬ରନ(୩ଚୌକା) ସଂଗ୍ରହ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ । ଅନ୍ୟପଟେ ଲରମ୍ଭା କଲେଜର ପ୍ରିକେଶ ନାୟକ ୨୧ ଏବଂ ପ୍ରଭଞ୍ଜନ ସାହୁ ୧୬ରନ ବିନିମୟରେ ୩ଟି ଲେଖାଏଁ ଉଇକେଟ ନେଇଥିବାବେଳେ କ୍ଷୀରେଶ୍ୱର ଭୋଇ ୧୮ ଓ ସୌରଭ ନାୟକ ୧୮ରନ ବିନିମୟରେ ୨ଟି ଲେଖାଏଁ ଉଇକେଟ୍ ଅକ୍ତିଆର କରିଥିଲେ । ଫଳରେ ଲରମ୍ଭା କଲେଜ ୧୦୫ରନ ବ୍ୟବଧାନରେ ବୃହତ୍ ବିଜୟ ହାସଲ କରିଥିଲା । ଅକ୍ଷୟ ସାହାଣୀ ଓ ପ୍ରୟାସ ବଗାର ଅମ୍ପାୟାର ଦାୟିତ୍ୱ ନିର୍ବାହ କରିଥିବାବେଳେ ରଜତ ଦାଶ ସ୍କୋରର ଦାୟିତ୍ୱରେ ରହିଥିଲେ ।

# ୩୩ କେଭି ଲାଇନ ସଂଯୋଗ ନ ହେଲେ ବିଲ୍ ବନ୍ଦ

ପାଇକମାଳ, ୨୩।୨ (ଡି.ଏନ.ଏ)

## ପାଇକମାଳ ନାଗରିକ କମିଟିର ବୈଠକ ନିଷ୍ପତ୍ତି

ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ଧର୍ମଶାଳାରେ ରବିବାର ପାଇକମାଳ ନାଗରିକ କମିଟିର ଏକ ବୈଠକ ମନୋଜ ତ୍ରିବେଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଣ୍ଡୋସିଲ ଓ ଝାରବନ୍ଧ ବ୍ଲକର ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ବରଗଡ ୱେସ୍କୋ ପକ୍ଷରୁ ପାଇକମାଳ ଓ ଝାରବନ୍ଧ ବ୍ଲକକୁ ଅଣଦେଖା କରି ଦୀର୍ଘ ୨ବର୍ଷ ହେବ ପଦ୍ମପୁରରୁ ନୂତନ ୩୩ କେଭି ଲାଇନ ପାଇକମାଳକୁ ସଂଯୋଗ ପାଇଁ କରାଯାଇଥିବା କାମକୁ ଅଧାପନ୍ତରିଆ କରି ରଖାଯାଇଥିବାରୁ ବୈଠକରେ କ୍ଷୋଭପ୍ରକାଶ ପାଇଥିଲା । ଫେବୃୟାରୀ ୧ ତାରିଖରୁ କାମ ପୁଣି ଆରମ୍ଭ କରାଯିବ ବୋଲି ବରଗଡ ୱେସ୍କୋ ଅଧକ୍ଷଣ ଯନ୍ତ୍ରୀ ସୁଜିତ ପତି ନାଗରିକ କମିଟି ସଭାପତି ତ୍ରିବେଦୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବରଗଡ ୱେସ୍କୋ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଡାନିଏଲ ପରିଜା ମଧ ବର୍ଷା ଯୋଗୁ କାମ ହୋଇପାରିଲା ନାହିଁ, ତେଣୁ ଫେବୃୟାରୀ ୪ ତାରିଖରୁ କାମ ହେବ ବୋଲି ଜଣାଇଥିଲେ । ତେବେ ୨୨ ଦିନ ବିତିଯାଇଥିଲେ ମଧ କାମ ହୋଇ ନ ଥିବା ବିନୋଦ କାଲିଆ ପ୍ରକାଶ କରିଥିଲେ । ତେଣୁ ଆସନ୍ତା ୨୪ ତାରିଖରୁ କାମ ଆରମ୍ଭ ନ କଲେ ରାସ୍ତାରୋକୋ କରାଯିବ ଏବଂ ପଦ୍ମପୁରରୁ ପାଇକମାଳ ନୂତନ ୩୩ କେଭି ଲାଇନ ସଂଯୋଗ ନ ହେବା ଯାଏ ବିଦ୍ୟୁତ୍ ବିଲ୍ ଆଦାୟ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ସଭାରେ ରାଜକିଶୋର ସାହୁ, ସନ୍ତୋଷ ପାଣିଗ୍ରାହୀ, ସୁବାଷ ସାହୁ, ଗୋବର୍ଦ୍ଧନ ଅଗ୍ରୱାଲ, ସରୋଜ ସାମଲ, ବଳରାମ ସାହୁ, ବିଜୟ ସ୍ୱାଇଁ, ଅରୁଣ ସାହୁ, ନୀଳମଣି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏ ନେଇ ଏକ ସ୍ମାରକପତ୍ର ଏସଡିପିଓ ପୁରନ୍ଦର ସାହୁଙ୍କ ଜରିଆରେ ବରଗଡ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଦିଆଯାଇଛି।

# ପରିମଳ ବ୍ୟବସ୍ଥା ତଦାରଖ କଲେ ଜିଲାପାଳ

ପଦ୍ମପୁର, ୨୩।୨ (ଡି.ଏନ.ଏ)



ଜିଲାପାଳ ପଦ୍ମପୁରରେ ପରିମଳ ବ୍ୟବସ୍ଥା ତଦାରଖ କରୁଛନ୍ତି ।

ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ରବିବାର ସକାଳେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡର ପରିମଳ ବ୍ୟବସ୍ଥା ତଦାରଖ କରିଛନ୍ତି । ଏହାସହିତ ସେ ପ୍ରତି ୱାର୍ଡରେ ସଫେଇ କାର୍ଯ୍ୟକ୍ରମ ସୁନିଶ୍ଚିତ କରିବା ସହିତ ଡ୍ରେନ୍ ମରାମତି ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଦ୍ମପୁର ସହରାଞ୍ଚଳ ଭେଡ଼ଁରିଆ ଛକଠାରେ ନିର୍ମାଣାଧୀନ ପବ୍ଲିକ ଟଏଲେଟ, ରାଜାଜୀ ଟାଉନ ହଲଠାରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ତଦାରଖ କରି ଯଥାଶୀଘ୍ର ଏହାର ସମ୍ପୂର୍ଣ୍ଣ କରିବା ପାଇଁ ଜିଲାପାଳ ପ୍ରଧାନ ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ମେହେରପଡାଠାରେ ନିର୍ମିତ ମାଇକ୍ରୋ କମ୍ପୋଷ୍ଟିଂ ସିଷ୍ଟମକୁ ସେ ପରିଦର୍ଶନ କରିଥିଲେ । ଜିଲାପାଳଙ୍କ ଏହି ଗସ୍ତ ସମୟରେ ଏନଏସି ନିର୍ବାହୀ ଅଧିକାରୀ ଜୟନ୍ତ କୁମାର ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାର, ଏନଏସି ଜେଇ ରଣଦୀପ ସିଂ ତଥା ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହାପରେ ପରେ ଜିଲାପାଳ ଜମଲାଠାରେ ଶକ୍ତିରୂପା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଛତୁଆ ପ୍ରସ୍ତୁତିକରଣ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ବେଳେ ସିଡିପିଓ ସୁନୀତି ଦେବତା ଏବଂ ସୁପରଭାଇଜରମାନେ ଉପସ୍ଥିତ ଥିଲେ ।

# ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର

ଅତାବିରା, ୨୩।୨ (ଡି.ଏନ.ଏ)

ଭେଡେନ ବ୍ଲକ ଉଦେପୁର ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର କରାଯାଇଥବବା ଅଭିଯୋଗ ହୋଇଛି। ପୁରାତନ ଛାତ୍ରୀଛାତ୍ର, ଗ୍ରାମବାସୀଙ୍କ ଉପସ୍ଥିତିରେ ସ୍କୁଲ ପରିସରରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା। ଭେଡେନ ବ୍ଲକ ଶିକ୍ଷାଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ସିଆରସିସି ସୂର୍ଯ୍ୟ ପଟେଲ ସ୍କୁଲକୁ ପହଞ୍ଚି ଗ୍ରାମବାସୀ ଓ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ମୋ ସ୍କୁଲ ଅଭିଯାନ ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ । ସ୍କୁଲରେ ପଢୁଥିବା ପୁରାତନ ଛାତ୍ରୀଛାତ୍ର, ଗ୍ରାମବାସୀ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମକୁ ୫ ହଜାର ଟଙ୍କା ଦାନ କରିଥିଲେ । କାର୍ଯ୍ୟକ୍ରମର ନିୟମ ଅନୁସାରେ ଦାନ ଟଙ୍କାକୁ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ର ହେଉ ଅବା ଜଣେ ବ୍ୟକ୍ତିଙ୍କ ନାମରେ ଯୁଗ୍ମ ସଞ୍ଚୟ ପାସ୍ ବୁକ ଖୋଲିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏକ ମାସ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ସଞ୍ଚୟ ଜମା ଖାତା ବ୍ୟାଙ୍କରେ ଖୋଲାଯାଇ ପାରିନାହିଁ । ଏ ନେଇ ଭେଡେନ ବ୍ଲକ ଶିକ୍ଷାଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକଙ୍କୁ ପଚରାଯିବାରୁ ଏଦିଗରେ ପଦକ୍ଷେପ ନେବାକୁ ସିଆରସିସିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଥିଲେ । ସିଆରସିସି ଅନ୍ତର୍ଯ୍ୟାମୀ ଡୋରାଙ୍କୁ ପଚରାଯିବାରୁ ସେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ପାସ ବୁକ ଖୋଲିବା ପାଇଁ ତାଗିଦ କରିଥିବା କହିଥିଲେ । ତେବେ ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ମତାମତ ମିଳିପାରିପାରିନାହିଁ ।



ସନ୍ତୋଷ ପ୍ରୟାସରେ ଥାଏ, ପ୍ରାପ୍ତିରେ ନୁହେଁ, ପୂର୍ଣ୍ଣ ପ୍ରୟାସରେ ହିଁ ସଂପୂର୍ଣ୍ଣ ବିଜୟ ମିଳେ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### କବିରାଜ ହରପ୍ରିୟାଙ୍କ ପରଲୋକ

**ସୋନପୁର,୨୩।୨(ନି.ପ୍ର.):** ସୋନପୁର ସହର ବଡବଜାରସ୍ଥିତ କବିରାଜ ହରିପ୍ରିୟା ଦାଶ(୯୧)ଙ୍କର ରବିବାର ପରଲୋକ ହୋଇଯାଇଛି। ସେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ଚେରମୁଳି ଔଷଧ ମାଧମରେ ସେ ଅନେକ ରୋଗର ଉପଚାର କରୁଥିଲେ। ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ଜ୍ୟେଷ୍ଠପୁତ୍ର ସଚ୍ଚିଦାନନ୍ଦ ଦାଶ ମୁଖାଗ୍ନି ଦେଇଛନ୍ତି । ମୃତ୍ୟୁ ସମୟର କନିଷ୍ଠ ପୁତ୍ର ଶିବ ନାରାୟଣ ଦାଶ, ଝିଅ ଜ୍ୟୋସ୍ନାରାଣୀଙ୍କ ସହିତ ପୁତୁରା ଝିଆରି, ନାତି ନାତୁଣୀ ବୋହୁ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ ।

# ଗଜା ପରେ ମଣ୍ଡିରୁ ଉଠିଲା ଧାନ

**ଦେଓଗାଁ, ୨୩।୨(ଡି.ଏନ.ଏ.)**

- କ୍ଷତି ସହିଲେ ଚାଷୀ
- ଅର୍ଜୁନପୁର ପ୍ୟାକ୍ସରେ ପଡ ରହିଛି ୧୭୬୦ ପ୍ୟାକେଟ ଧାନ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୧୨ଟି ପ୍ୟାକ୍ସ ସମେତ ୨ଟି ଗାଁରେ ସ୍ୱୟଂ ସହାୟକ ଦଳ ମାଧ୍ୟମରେ ଚଳିତ ବର୍ଷ ଚାଲିଛି ଧାନକିଣା । ଟୋକନ ବ୍ୟବସ୍ଥାରେ ଧାନ କିଣା ଯାଉଥିବା ବେଳେ ଭିନ୍ନଭିନ୍ନ କାରଣରୁ ଏହା ଚାଷୀଙ୍କୁ ଅଡୁଆରେ ପକାଇଛି । ଠିକ୍ ସମୟରେ ଟୋକନ ଆସିପାରୁ ନ ଥିବାରୁ ଚାଷୀ ହଇରାଣ ହେଉଥିବା ଅଭିଯୋଗ ହେଉଛି । ଆଜକୁ ଦେଢ଼ମାସ ହେଲା ବିକ୍ରୟରୁ ବଞ୍ଚିତ ଚାଷୀଙ୍କ ଟୋକନ ଆସିବା ପରେ ଶନିବାର ପ୍ୟାକ୍ସ ପରିସରରେ ଅଦିନିଆ ବର୍ଷାରେ ଗଜା ହୋଇଥିବା ଧାନକୁ ଉଠାଯାଇଛି । ତେବେ ଭିଜା ଧାନକୁ ଚାଷୀ ଓ ମିଲରଙ୍କ ବୁଝାମଣାରେ କଟନୀ କରାଯାଉଛି। ବାଧବାଧକତାରେ ଧାନ ପଡିରହିବା ଅପେକ୍ଷା ବିକ୍ରି ହୋଇଯାଉ ବୋଲି ଚିନ୍ତା କରି ଧାନ ଦେଇ ଦେଉଥିବା ଚାଷୀମାନେ କହିଛନ୍ତି।

ମକୁନ୍ଦପୁର ପଞ୍ଚାୟତ ଥାଲବନ୍ଧରେ ମା' ଦୁର୍ଗା ସ୍ୱୟଂସହାୟକ ଦଳ କ୍ରୟ କରୁଥିବା ଧାନମଣ୍ଡିରେ ୮ଟି ଚାଷୀଙ୍କ ୫ଶହବସ୍ତା ଧାନ ଅଦିନିଆ ବର୍ଷାରେ ଭିଜି ଯାଇଥିଲା। ତେବେ ରବିବାର ଗଜାଧାନକୁ ବାଦଦେଇ ଧାନ ଉଠାଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି । ଚାଷୀ ଚକ୍ରଧର ମଲ୍ଲିକଙ୍କ କହିବାନୁସାରେ ତାଙ୍କ ଘରେ ସ୍ଥାନ ଅଭାବରୁ ମଣ୍ଡି ପରିସରରେ ଧାନ ପକାଇ ରଖିଥିଲେ । ଏବେ ଉକ୍ତ ଧାନମଧ୍ୟରୁ ୩୦/୪୦ ବସ୍ତାଧାନ ଗଜା ହୋଇଯିବାରୁ ବାଧହୋଇ ଘରକୁ ନେଇଯାଇଛି। ବାକିଧାନକୁ ମିଲରଙ୍କ ସହିତ ବୁଝାମଣାରେ ବିକ୍ରୟ କରିଛି ବୋଲି କହିଥିଲେ। ସେହିପରି ବନ୍ଧପଡା ପ୍ୟାକ୍ସ ପରିସରରେ ପଡିଥିବା ୨ହଜାର ବସ୍ତା ଧାନ ଶନିବାର ଉଠିଥିଲା। ତେବେ ବର୍ତ୍ତମାନ ମଧ୍ୟ ଅର୍ଜୁନପୁର ପ୍ୟାକ୍ସର ୧୬ ଜଣ ଚାଷୀଙ୍କ ଟୋକନ ଆସି ନ ଥିବାରୁ ପ୍ୟାକ୍ସ ପରିସରରେ ଅଦିନିଆ ବର୍ଷାରେ ଭିଜି ୧୨୬୦ବସ୍ତା ଧାନ ପଡିଥିବା ବେଳେ ଚାଷୀ ୫ଶହ ବସ୍ତାଧାନ ନିଜଘରେ ରଖିଛନ୍ତି । ଉକ୍ତ ପ୍ୟାକ୍ସରେ ଏବେ ମୋଟ ୧୭୬୦ ପ୍ୟାକେଟ ଧାନ ବିକ୍ରି ଅପେକ୍ଷାରେ ରହିଛି । ଏଦିଗରେ ରାଜ୍ୟ ସରକାର ଦୃଷ୍ଟିଦେବାକୁ ଚାଷୀ ମହଲରେ ଦାବି ହେଉଛି।



ଥାଲବନ୍ଧ ଧାନମଣ୍ଡିରୁ ଦେଢ଼ମାସ ପରେ ଅଦିନିଆବର୍ଷାରେ ଗଜା ହୋଇ ପଡି ରହିଥିବା ଧାନକୁ ଉଠାଯାଉଛି।



ଉପରଝରରେ ୧୬ପ୍ରହର ନାମଯଜ୍ଞ ଉଦ୍‌ଯାପନୀ ଅବସରରେ ଗ୍ରାମ ପରିକ୍ରମା କରାଯାଉଛି।

# ଜାଗରମେଳା, ନାମଯଜ୍ଞ ଉଦ୍‌ଯାପିତ

**ଦେଓଗାଁ, ୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝରରେ ମହାଶିବରାତ୍ରୀ ଜାଗର ମେଳା ଓ ୧୬ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରହରୀ କର୍ତ୍ତାଭାବେ ସଞ୍ଜୀବ ପଧାନ ଦାୟିତ୍ୱ ନିର୍ବାହ କରିଥିଲେ । କାର୍ଯ୍ୟକ୍ରମରେ ୬ଟି ମହିଳା ସଂକୀର୍ତ୍ତନ ଦଳ ସମେତ ୧୬ଟି ଦଳ ଯୋଗଦେଇଥିଲେ । ସେହିପରି କରୁଆଁଝର ଗ୍ରାମରେ ଅଷ୍ଟ ପ୍ରହର ତଥା ବୃଷଭ ଓ ନାଗ ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା ସମାପନ ହୋଇଯାଇଛି। ଏଥିରେ ରାଜପ୍ରତାପ ସିଂ ଦେଓ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସିକୁଆଁ ଜାଗର ମେଳାରେ ଅମିନ କୁମାର ସାହୁ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

# ମା' ମାହେଶ୍ୱରୀ କ୍ରିକେଟ: ପିପିଲିପାଲି ଚାମ୍ପିୟନ

**ଲୋଇସିଂହା,୨୩।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମଠାରେ ଚାଲିଥିବା ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନମେଣ୍ଟରେ ପିପିଲିପାଲି ୨ ଉଇକେଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଲୋଇସିଂହା ଷ୍ଟାଡିୟମରେ ତ୍ରିଦିବସୀୟ ଟୁର୍ନାମେଣ୍ଟର ଫାଇନାଲକୁ ପିପିଲିପାଲି ଓ ପଣ୍ଡାରାଣୀ ଉନ୍ନୀତ ହୋଇଥିଲେ। ୧୦ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ପଣ୍ଡାରୀ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ନିର୍ଦ୍ଧାରିତ ଓଭରରେ ୬୮ ରନ ସଂଗ୍ରହ କରିଥିଲା। ଜବାବରେ ନିର୍ଦ୍ଧାରିତ ଓଭରରେ ପିପିଲି ଦଳ ୨ ଉଇକେଟ ବାକି ଥାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବରିହା, କୁନା ଭୋଇ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ୫ ହଜାର ଓ ରନର୍ସ ଅପ ଦଳକୁ ୩ ହଜାର ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ଜ୍ୟୋତି ବେହେରା, ପିଙ୍କୁ ସାହୁ, ଅକାଶ ଦଲାଇ, କରୁଣା କର୍ତ୍ତି, ପ୍ରୀତମ ସାହୁ, ସିଲୁ ସେବକ, ଗୋଲାପ ପଣ୍ଡା, ବବଲୁ ମେହେର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥି ଓ ଆୟୋଜକଙ୍କ ସହ ଚାମ୍ପିୟନ ଦଳ।

# ଗଞ୍ଜେଇ ଭର୍ତ୍ତି ବୋଲେରୋ ଛାଡ଼ି ଡ୍ରାଇଭର ଫେରାର





- ଗାଡିରୁ ବାହାରିଲା ୨ କୁଇଣ୍ଟାଲ ଚୋରା ଗଞ୍ଜେଇ
- ପୋଲିସ ପାଟ୍ରୋଲିଂ ବେଳେ ଧାରାଗଡିଲା ଗାଡ଼ି

**ବଲାଙ୍ଗୀର ଅଫିସ, ୨୩।୨**

ଚୋରା ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ବୋଲେରୋ (ଓଆର୦୯ଜେ ୪୪୦୦) ଛାଡି ଡ୍ରାଇଭର ଓ ତାଙ୍କର ଜଣେ ସହଯୋଗୀ ଫେରାର ହୋଇଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ରବିବାର ଭୋର ୪ଟାରେ ବଲାଙ୍ଗୀର ସହରରୁ ଆଟଗାଁ ଯାଇଥିବା ରାସ୍ତାର ମଦନଗୁଡିଆ ବଗିଚା ନିକଟରେ ଟାଉନ ଥାନା ପୋଲିସ ଟିମ ପାଟ୍ରୋଲିଂ କରୁଥିବାବେଳେ ସାମ୍ନା ପଟରୁ ଆସୁଥିବା ଏକ ବୋଲେରୋ ଗାଡି କ୍ଷୀପ୍ରଗତିରେ ପଳାଇବାକୁ ଚେଷ୍ଟା କରିଥିଲା । ଏହାପରେ ପୋଲିସ ଟିମ୍ ଉକ୍ତ ଗାଡିର ପିଛା କରିଥିଲା। ଭାଗିରଥି ଛକରୁ ଟାଉନ୍ ଥାନା ମଧ୍ୟରେ ଗାଡିକୁ ଛାଡି ଦେଇ ଡ୍ରାଇଭର ଓ ତାଙ୍କର ଜଣେ ସହଯୋଗୀ ସହର ଭିତର ଗଳି ରାସ୍ତାରେ ଫେରାର ହୋଇଯାଇଥିଲେ। ଏହାପରେ ଉକ୍ତ ବୋଲେରୋକୁ ଯାଞ୍ଚ କରିବାରୁ ସେଥିରେ ୭ ବସ୍ତା ଗଞ୍ଜେଇ ଥିବା ଜଣାପଡିଥିଲା । ଏହାପରେ ଉକ୍ତ ଗାଡିକୁ ଟାଉନ୍ ଥାନାକୁ ଅଣାଯାଇ ସେଥିରେ ଥିବା ଗଞ୍ଜେଇ ଓଜନ କରାଯିବା ପରେ ଏହା ୨ କୁଇଣ୍ଟାଲ ଓଜନ ହୋଇଥିଲା । ଗାଡିଟି ବୌଦ୍ଧ କିମ୍ବା କନ୍ଧମାଳ ଜିଲାରୁ ଗଞ୍ଜେଇ ନେଇ ଯାଉଥିବା ଅନୁମାନ କରାଯାଉଛି । ମାଜିଷ୍ଟ୍ରେଟ ଗୁରେଶ୍ୱର ଭୋଇଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବା ସହ ଏହାର ସମସ୍ତ ଆଇନଗତ ବିଧି ଅନୁଯାୟୀ ଜବତ କରାଯାଇଥିଲା । ଏନେଇ ଟାଉନ୍ ଥାନା ଇନଚାର୍ଜ ଆଇଆଇସି ତୋଫାନ ବାଗଙ୍କୁ ପଚରାଯିବାରୁ ବୋଲେରୋକୁ ଜବତ କରିବା ପରେ ଏ ଦିଗରେ ତଦନ୍ତ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ସେ ସୂଚନା ଦେଇଛନ୍ତି। ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ. ୭୭/୨୦) ରୁଜୁ କରାଯାଇଛି।

# ଚିକିତ୍ସା ସାହାଯ୍ ଆଶ୍ରେ ବାରଦୁଆର ବଡ଼ଭାଇ

**ଗୁଡ଼ଭେଲା, ୨୩।୨(ଡି.ଏନ୍.ଏ.)**

**କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଗିରିଧାରୀ**



ବଲାଙ୍ଗୀର ଜିଲା ତୁଷୁରା ସହରର ପତିତପାବନ ପଡ଼ାର ଗିରିଧାରୀ କୁମ୍ଭାର(୩୫)। ପାଖାପାଖି ୩ ମାସ ହେଲା ସେ କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଅଛନ୍। ହେଲେ ଟଁକା ପଏସା ଅଭାବୁ ଚିକିତ୍ସା କରେଇ ନାଇଁପାରବାର। ଏନ୍‌ତାଥି ସେ ଭଗବାନ ଭରସାରେ ଘରେ ପଡ଼ିରହିଛନ୍। ସୂଚନା ଅନ୍‌ସାରେ ତୁଷୁରା ସହରର ପତିତପାବନ ପଡ଼ାର ସ୍ୱର୍ଗତ ରମେଶ କୁମ୍ଭାର ଆର ରାଜେଶ୍ୱରୀଙ୍କର ଦୁଇ ପୁଓ ହରି ଆର ଗିରିଧାରୀ। ଆଏଜ୍‌କେ ୪ ବଛର ତଲେ ମା'ବାପ୍ ଆରପାରକେ ଚାଲିଯାଇଛନ୍। ଗିରିଧାରୀ ବିହାତୁରା ନାଇଁହେଇ। କୁଲିମଜୁରି କରି ନିଜର ପେଟ୍ ପାଲବାର ସଂଗେ ବଡ଼ଭାଇ ହରି ଘରେ ମୁଡ଼ ଗୁଁଜିଛନ୍। ହେଲେ ଆଏଜ୍‌କେ ୩ ମାସ ତଲେ ଗିରିଧାରୀଙ୍କର ଦିହପା ଖରାପ ହେଲାରୁ ବଡ଼ଭାଇ ହରି ତାହାକୁ ତୁଷୁରା, ଗୁଡ଼ଭେଲା ଆର ବଲାଙ୍ଗୀର ଡାକ୍ତରଖାନାରେ ନେଇ ଦେଖାଲେ। ବଲାଙ୍ଗୀର ଡାକ୍‌ତରଖାନାରେ ପରୀକ୍ଷାରୁ ଜନପଡ଼ଲା ଯେ ଗିରିଧାରୀ କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଅଛନ୍। ଉଚ ଚିକିତ୍ସା ଲାଗି ଡାକ୍‌ତର ଗିରିଧାରୀକୁଁ ବୁର୍ଲା ବଡ଼ ଡାକ୍‌ତରଖାନା ନେବାକେ ପରାମଶ ଦେଇଛନ୍। ହେଲେ ପରିବାରଟା ନିହାତି ଗରିବ୍। ବଡ଼ଭାଇ ହରି ଝନେ ଡ୍ରାଇଭର। ଏନ୍‌ତାଥି ସେ ଭାଇ ଗିରିଧାରୀର ଉଚ ଚିକିତ୍ସା କରେଇ ନାଇଁପାରବାର। ହରି ଭାଇର ଚିକିତ୍ସା ସାହାଯ୍ ଲାଗି ଏନ୍‌ଏସି ଅଧ୍ୟକ୍ଷା, ଏନ୍‌ଏସ୍‌ସି କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ ଅଧ୍ୟକ୍ଷ, ବିଡିଓ ଆର ମନ୍ତ୍ରୀ ଟୁକୁନି ସାହୁଙ୍କୁ ଗୁହାରି କରିଛନ୍। ହେଲେ ଏଭ୍‌ତକ କେହେନ୍‌ସିନୁ କିଛି ସାହାଯ୍ ନୁହେମିଲେ ବଲି ହରି କହିଛନ୍। ଇ ଦିଗେ ଜିଲା ପରଶାସନ ଆର ସ୍ୱାସ୍ଥ୍ୟ ବିଭାଗ ଦୁରୁଷ୍‌ଟି ଦେଇ ଗିରିଧାରୀକୁଁ ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ଅଂଚଲର ବୁଦ୍ଧିଜୀବୀମାନେ ଦାବି କରିଛନ୍। ଇ ବାବ୍‌ଦେ ଗୁଡ଼ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ସୁମିତ ମେହେରକୁଁ ପଚ୍‌ରାଲାରୁ କାଣା ହେଇଛେ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

# ବ୍ୟବସାୟୀ ସୁରୁଲାଲ ମଟାରୀଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୨୩।୨**



ବ୍ୟବସାୟୀ ସୁରୁଲାଲ ମଟାରୀଙ୍କ ଫାଇଲ ଫଟୋ ।

ବଲାଙ୍ଗୀରର ବିଶିଷ୍ଟ ବ୍ୟବସାୟୀ ସୁରୁଲାଲ ମଟାରୀ (୮୧)ଙ୍କ ଶନିବାର ପରଲୋକ ଘଟିଛି । ଅସୁସ୍ଥତା କାରଣରୁ ସେ ଦୀର୍ଘଦିନ ହେଲା ତାଙ୍କ ଝୁଲପିଆପାଲି ବାସଭବନରେ ରହୁଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ପୁଅବୋହୂ, ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ୧୯୭୧ରେ ସ୍ୱର୍ଗତ ମଟାରୀ ପଞ୍ଜାବ ରାଜ୍ୟ ଲଟେରୀ ବିଜେତା ହେବା ପରେ ସେ ପଞ୍ଜାବର ରାଜଧାନୀ ଚଣ୍ଡିଗଡ ଯାଇ ତତ୍କାଳୀନ ରାଜ୍ୟପାଳ ଡି.ସି ପାବ୍‌ତେଙ୍କଠାରୁ ୨୨ଲକ୍ଷ ଟଙ୍କାର ଚେକ୍ ଗ୍ରହଣ କରିଥିଲେ । ଏହି ଖବର ସେତେବେଳେ ରାଜ୍ୟ ବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା । ଲଟେରୀ ଜିତିବା ପରେ ସେତେତେଳେ ସେ ଭାରତୀୟ ପ୍ରତିରକ୍ଷା ବିଭାଗକୁ ୨୧ହଜାର ଟଙ୍କା ଦାନ କରିଥିଲେ । ବଲାଙ୍ଗୀରରେ ସେ ଗୀତା ଭୋଜନାଳୟ ଓ ମନରଞ୍ଜନ ହୋଟେଲ ତିଆରି ଚର୍ଚ୍ଚାରେ ରହିଥିଲେ । ତେବେ ପରବର୍ତ୍ତୀ ସମୟରେ ଏହି ହୋଟେଲ ସ୍ଥାନରେ ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ମଟାରୀଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

# ସିନିୟର ଇନ୍‌ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ: ପାଟଣାଗଡ଼ ବିଜୟୀ

**ବଲାଙ୍ଗୀର ଅଫିସ, ୨୩।୨**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଓସିଏ ଭିଜନ-୨୦୨୪ ସିନିୟର ଇନ୍‌ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିନରେ ରବିବାର ୟଙ୍ଗ ଷ୍ଟୁଡେଣ୍ଟ କ୍ରିକେଟ କ୍ଲବ ଓ ପାଟଣାଗଡ କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପାଟଣାଗଡ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୮ ଉଇକେଟ ହରାଇ ୨୨୬ ରନ୍ ସଂଗ୍ରହ କରିଥିଲେ । ପାଟଣାଗଡ ଦଳ ତରଫରୁ କୁନାଲ ପଣ୍ଡା ସର୍ବାଧିକ ୩୧ ରନ୍ ଓ ବିକାଶ ବନ୍‌ଛୋର ଅପରାଜିତ ୧୦୫ ରନ୍ ସଂଗ୍ରହ କରିଥିଲେ । ୟଙ୍ଗ୍ ଷ୍ଟୁଡେଣ୍ଟ ଦଳ ତରଫରୁ ସଫଳ ବୋଲର ଭାବେ ଅମରଦୀପ ସୁନା ଓ ହର୍ଷ ସିଂ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଏହାର ଜବାବରେ ୟଙ୍ଗ୍ ଷ୍ଟୁଡେଣ୍ଟ ଦଳ ସମସ୍ତ ଉଇକେଟ ହରାଇ ୧୫୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ୟଙ୍ଗ୍ ଷ୍ଟୁଡେଣ୍ଟ ଦଳ ତରଫରୁ ସଫଳ ବ୍ୟାଟ୍ସମ୍ୟାନ ଭାବେ ସୟିଦ ଆଫ୍ରିଦୀ ୫୫ ରନ୍ ସଂଗ୍ରହ କରିଥିଲେ। ପାଟଣାଗଡ ଦଳ ତରଫରୁ ସଫଳ ବୋଲର ଭାବେ ସାଗର ପରୁଆ ଓ ନାରାୟଣ ମାଝି ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚକୁ ରାଜେନ୍ଦ୍ର ସେଠ୍ ଓ ରଜତ ଦାସ ଅମ୍ପାୟାର ଭାବେ ପରିଚାଳନା କରିଥିଲେ । ଅନ୍ ଲାଇନ ସ୍କୋର୍ ଭାବେ ସୁଶୀଳ କୁମାର ସୁନ୍ଦରାୟ ଦାୟିତ୍ୱ ବହନ କରିଥିଲେ ।

# କଂସବଧ ସହ ସମ୍ପନ୍ନ ହେଲା କଂସ ଦରବାର

**ଟିକ୍ରାପଡା, ୨୩।୨(ଡି.ଏନ.ଏ.)**

ସଇଁତଳା ବ୍ଲକ ଟିକ୍ରାପଡାଠାରେ କଂସ ବଧ ସହ କଂସ ଦରବାର କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । କଳାକାରମାନେ ତିନି ଦିନ ଧରି ଦେବକୀ ଓ ବସୁଦେବଙ୍କ ବିବାହଠାରୁ ଆରମ୍ଭ କରି ବିଜୁଳି କନ୍ୟାର ଦୈବବାଣୀ, ଅକ୍ରୁରଙ୍କ ଗୋପପୁର ଗମନ, ପୁତନା ବଧ, କଂସ ବଧ ଆଦି ପୌରାଣିକ କଥାବସ୍ତୁକୁ ଖୋଲାମଞ୍ଚରେ ନିପୁଣ ଭାବରେ ଅଭିନୟ କରିଥିଲେ। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ହୃଷିକେଶ ରାଜପଲିଆ ମଞ୍ଚ ପରିଚାଳନା କରିଥିଲେ। କମିଟି ସଭାପତି ଦିଲୀପ ରାଜପଲିଆ, କାର୍ଯ୍ୟକାରୀ ସଭାପତି ଅକ୍ଷୟ ରଣା ଅତିଥିଭାବେ ରାଜ ଦରବାରରେ ଉପସ୍ଥିତ ରହିଥିଲେ । କଂସ ଭୂମିକାରେ ଅଭିନୟ କରିଥିବା ରବିନ୍ଦ୍ର କୁମାର ସାହୁ ଓ ଅନ୍ୟାନ୍ୟ କଳାକାରଙ୍କୁ ଏହି ଅବସରରେ କମିଟି ତରଫରୁ ସମ୍ମାନିତ କରାଯାଇଥିଲା ।

# ରମାଇ ପାହାଡ଼ ମହୋତ୍ସବ ଲାଗି ସମୀକ୍ଷା ବୈଠକ

**ଲୋଇସିଂହା,୨୩।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଭାଲୁପାଲିଠାରେ ଆସନ୍ତା ଏପ୍ରିଲ ୩ରୁ ୫ ପର୍ଯ୍ୟନ୍ତ ରମାଇ ପହାଡ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଲୋଇସିଂହା ଜମିଦାରଙ୍କ ରାଜବାଟି ପରିସରରେ ରମାଇ ପାହାଡ ମହୋତ୍ସବ ପାଇଁ ସମୀକ୍ଷା ବୈଠକ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜମିଦାର ଜୟକୃଷ୍ଣ ସିଂରାଏ ବୈଠକରେ ଅଧ୍ୟକ୍ଷତା କରି ମହୋତ୍ସବର ସଫଳ ଆୟୋଜନ ଲାଗି ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ । କମିଟି ସଭାପତି ସରୋଜ କୁମାର ତ୍ରିପାଠୀ ବୈଠକରେ ମହୋତ୍ସବର ବିଭିନ୍ନ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। କମିଟି ଉପସଭାପତି ବୀରବର ଧରୁଆ ରମାଇ ପାହାଡ ସହ ଅଞ୍ଚଳବାସୀଙ୍କ ସମ୍ବନ୍ଧ ଓ ଲୋକ ବିଶ୍ୱାସ ଉପରେ ମତ ରଖିଥିଲେ । ଯୁଗ୍ମସମ୍ପାଦକ ତୁମେଶ୍ୱର ସାହୁ, ଦୁର୍ଗାପ୍ରସାଦ ପଧାନ, କବି ରାଏ, ବୈବସୂତ ବିଶ୍ୱାଳ, ଇନ୍ଦ୍ରମଣୀ ବାରିକ ପ୍ରମୁଖ ଉପସ୍ଥିତ ରହି ସ୍ୱମତ ରଖିଥିଲେ। ସମ୍ପାଦକ ପ୍ରଶାନ୍ତ ବେହେରା ବୈଠକକୁ ସଂଯୋଜନା କରିଥିଲେ ।



ସମୀକ୍ଷା ବୈଠକରେ ଉପସ୍ଥିତ ମହୋତ୍ସବ କମିଟି କର୍ମକର୍ତ୍ତା ।

# ଗୋଷ୍ଠୀ କେନ୍ଦ୍ରରେ ଚାଲିଛେ ଛାତ୍ରୀଛାତ୍ରଙ୍କର ପାଠ୍‌ପଢ଼ା

**ଲାଠୋର, ୨୩।୨ (ଡି.ଏନ୍.ଏ.)**

**ହାଟପଦାପଡ଼ା ସ୍କୁଲରେ ପଢ଼ାକୁଠି ଅଭାବ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗୋଷ୍ଠୀ କେନ୍ଦ୍ରରେ ଅନେକ ମାସ ହେଲା ଥାନୀଅ ହାଟପଦାପଡ଼ା ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ରଙ୍କର ପାଠ୍‌ପଢ଼ା ଚାଲିଛେ। ଏନ୍‌ତାଥି ଗୋଷ୍ଠୀ କେନ୍ଦ୍ରରେ ହେବାକେ ଥିବାର ଉନିଆଁ କାମ୍‌ରେ ଅସ୍‌ବିଧା ହେଉଛେ। ଇଆଡ଼େ ସରକାର ପ୍ରାଥମିକ ଶିକ୍ଷାର ବିକାଶ ଲାଗି ରାଜକୋଷରୁ ପାଏନ୍ ଲେଖେଁ ଟଁକା ଖରଚ୍ କରୁଛନ୍। ହେଲେ କେନ୍ ସ୍କୁଲରେ ପଢ଼ାକୁଠି ନାଇଁ ତ ଆର କେନ୍‌ନେ ଶିକ୍ଷକ ଅଭାବୁ ପାଠ୍‌ପଢ଼ା ନାଇଁ ହେବାର।

ସୂଚନା ଅନ୍‌ସାରେ ୧୯୭୯ ସାଲେ ଲାଠୋର ହାଟପଦାପଡ଼ାରେ ଗୁଟେ ସରକାରୀ ପ୍ରାଥମିକ ସ୍କୁଲର ଥାପନା କରାଯାଇଥିଲା। ସ୍କୁଲର ନିଜର ଜାଗାବାଡ଼ି ରହିଥିଲେ ବି ସେଠାନେ ପଢ଼ାକୁଠିର ଅଭାବ ରହିଛେ। ସେନ୍‌ତା ସ୍କୁଲର ବାଡ଼ାକେ ଲାଗି ବିପଦ୍ ଅବସ୍‌ତାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଟିକିନିଖିନୁ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଖପ୍ରାଖୋଲ ବ୍ଲକ ଶିକ୍ଷା ଅଧିକାରୀ ଚିଠି ସଂଖ୍ୟା ୧୦୧୩, ତା.୧୨।୭।୨୦୧୯ରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀକୁଁ ସେଠାନେ ଛାତ୍ରୀଛାତ୍ରକୁଁ ପାଠ୍ ନାଇଁ ପଢ଼େଇ କରି ପାସର ଗୋଷ୍ଠୀ କେନ୍ଦ୍ରରେ ପଢ଼ାବାକେ ନିରଦେଶ ଦେଇଥିଲେ। ସେନ୍‌ତା ଚିଠି ସଂଖ୍ୟା ୧୦୧୪, ତା.୧୨।୭।୨୦୧୯ରେ ବିଇଓ ଲାଠୋର ସରପଁଚ୍‌କୁଁ ଚିଠି କରି ଗୋଷ୍ଠୀ କେନ୍ଦ୍ରରେ ପିଲାମାନକର ପାଠ୍ ପଢ଼ବାର ବେବସ୍‌ତା କରବାକେ ଅନୁରୋଧ କରିଥିଲେ। ବିଇଓଙ୍କର ଅନୁରୋଧ୍ ହିସାବେ ଲାଠୋର ସରପଁଚ୍ ବି ଲକ୍ଷାଧିକ୍ ଟଁକା ଖରଚ୍ କରି ଗୋଷ୍ଠୀ କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କର ପାଠ୍‌ପଢ଼ବାର ସୁବିଧା କଲେ। ଇ ଭିତରେ ରାଜନେତା, ଜିଲା ଯୋଜନା ବୋର୍ଡ ସଦସିଅ ସତ୍ୟନାରାୟଣ ଭୋଇ ଆର ବିଭାଗୀୟ ଅଧିକାରୀମାନେ ପରିଦରଶନରେ ଆସି ସବୁ ସମସିଆ ଉପରେ ପଚାରି ବୁଝିଥିଲେ। ହେଲେ ଆଏଜ୍‌ତକ ଇ ଦିଗେ ଆଏଁଖ୍ ଦୁର୍‌ଶିଆ ପଦକ୍ଷେପ ନାଇଁ ନେଇ। ସେନ୍‌ତା ୧୮।୨।୨୦୨୦ରେ ଜିଲା ମନିଟରିଂ ଟିମ ସ୍କୁଲରେ ପୁହୁଁଚି ଥିଲେ। ଜିଲା ମନିଟରିଂ ଟିମ୍‌କେ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତୀ ଶବର ଆର ସିଆର୍‌ସିସି କୁଞ୍ଜ ବିହାରୀ ସରାପ ସ୍କୁଲର ସମସିଆ ବାବ୍‌ଦେ କହିଥିଲେ। ଉନିଆଁ ଅଧିକାରୀମାନକୁ ସ୍କୁଲ ତରଫୁ ସମସିଆର ସମାଧାନ ଲାଗି ଅନୁରୋଧ କଲେ ଆମେ ପଦକ୍ଷେପ ନେଇଛୁଁ। ଦିନୁ ଦିନ୍‌କେ ସମସିଆର ସମାଧାନ ହେବା ବଲି କଥାଟାକେ କିଁଦ୍‌ରଉଛନ୍। ଇଆଡ଼େ ସ୍କୁଲର କେତେ ଜମି ରହିଛେ ସେଟାକେ ନପାଜୁଖା କରାଯାଉ। ସେଠାନେ ସ୍କୁଲର ନୂତନ କୁଠା ବନେଇ ଗୋଷ୍ଠୀ କେନ୍ଦ୍ରରୁ ଛାତ୍ରୀଛାତ୍ରକୁଁ ସେଠାନ୍‌କେ ନିଆଯାଉ ବଲି ସାଧାରନରେ ଦାବି ହେଉଛେ।



ହାଟପଦାପଡ଼ା ପ୍ରାଥମିକ ସ୍କୁଲ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।

- ଏଡ୍‌ୱର୍ଥ

## ସଂକ୍ଷେପରେ

### ବିନିକା: ଭୀମଆର୍ମି କର୍ମକର୍ତ୍ତାଙ୍କ ପିକେଟିଂ

ବିନିକା,୨୩.୨(ଡି.ଏନ୍.ଏ.): ବିନିକା ସହରରେ ଭୀମଆର୍ମି କର୍ମକର୍ତ୍ତାମାନେ ଚକାଯାମ୍ ଆନ୍ଦୋଳନ କରିଥିଲେ। ସକାଳ ୬ଟାରେ ସହରର ସମସ୍ତ ଦୋକାନ, ବଜାରକୁ ବିକ୍ଷୋଭକାରୀ ପିକେଟିଂ କରି ବନ୍ଦ କରିଥିଲେ। ସିଦ୍ଧାର୍ଥ କଲେଜ ଛକ୍‌ରେ ବିନିକା-ସୋନପୁର ମୁଖ୍ୟରାସ୍ତାକୁ ସେମାନେ ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପଟରେ ଦିନତମାମ ଶହଶହ ଗାଡିମୋଟର ଅଟକି ରହିଥିଲା। ବନ୍ଦ ପାଳନରେ ବିନିକା ବ୍ଲକ୍ ଭୀମ୍‌ଆର୍ମି ସଭାପତି ମହେନ୍ଦ୍ର ସୁନା,ସମ୍ପାଦକ ଦୁର୍ଗାଚରଣ କଲତା, ଉପଦେଷ୍ଟା କାହ୍ନୁଚରଣ ଜଗଦଲା, ସୁଦାମ ଦୀପ, ବିନୋଦ ବିଭାର, ସେବକ ବାଗ, ଅଶୋକ ବାଗଙ୍କ ସମେତ ଶତାଧିକ ସଦସ୍ୟ ସାମିଲ ହୋଇଥିଲେ ।

### ଅଷ୍ଟପ୍ରହର ନାମଯଜ୍ଞ

ଗୁଡଭେଲା, ୨୩।୨(ଡି.ଏନ.ଏ.): ଗୁଡଭେଲା ବ୍ଲକ ଜାମୁଟ ନିକଟସ୍ଥିତ ଶକ୍ତି ମଣ୍ଡଳ ଯୋଗାଶ୍ରମ ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଖଡଙ୍ଗ ନଦୀରୁ ମହିଳାମାନେ ପୂର୍ଣ୍ଣ ଜଳ କଳସ ଆଣି ନାମଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଧ୍ରୁବଲେଶ୍ୱର ମିଶ୍ର ଓ ଶ୍ରୀନିବାସ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ।







ସୋନପୁର ବ୍ଲକ ଛକରେ ରାସ୍ତାରୋକୋ କରାଯାଇଛି (ବାମ) । ଡୁଙ୍ଗୁରିପାଲିରେ ବନ୍ଦ ସମର୍ଥକମାନେ ବିକ୍ଷୋଭ କରୁଛନ୍ତି (ମଝି)। ବନ୍ଦ ପାଳନକାରୀ ଉଲୁଣ୍ଡାରେ ପିକେଟିଂ କରୁଛନ୍ତି।

# ସୁବର୍ଣ୍ଣପୁରରେ ୧୨ଘଣ୍ଟା ଭାରତ ବନ୍ଦ

- ଭୀମଆର୍ମି ସଂଘର ରାସ୍ତାରୋକୋ, ଦୋକାନ ବଜାର ବନ୍ଦ
- ସୋନପୁର, ଉଲୁଣ୍ଡାରେ ଅଧିକ, ଡୁଙ୍ଗୁରିପାଲିରେ ବନ୍ଦର ଆଂଶିକ ପ୍ରଭାବ

ସୋନପୁର/ଉଲୁଣ୍ଡା, ୨୩।୨(ନି.ପ୍ର.)

ଭାରତ ବନ୍ଦକୁ ସୁବର୍ଣ୍ଣପୁର ଜିଲାରେ ମିଳିଛି ସଫଳତା। ଜିଲା ସଦର ମହକୁମା ଓ ଉଲୁଣ୍ଡାରେ ଏହାର ଅଧିକ ପ୍ରଭାବ ଦେଖିବାକୁ ମିଳିଥିଲା। ତେବେ ତରଭାରେ ବନ୍ଦର ପ୍ରଭାବ ଅନୁଭୂତ ହୋଇ ନ ଥିଲା। ଡୁଙ୍ଗୁରିପାଲିରେ ଆଂଶିକ ପ୍ରଭାବ ପଡିଥିଲା। ଭୀମ ଆର୍ମୀ ସଂଘର କର୍ମକର୍ତ୍ତା ଜିଲା ସଦର ମହକୁମାରେ ବନ୍ଦ ପାଳନ ବେଳେ ସକ୍ରିୟ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସରକାରଙ୍କ ସିଏଏ, ଏନଆରସି, ସିଏବି ଓ ଏନପିଆର ଆଇନକୁ ବିରୋଧ ସହ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସଂରକ୍ଷଣ ସମ୍ପର୍କିତ ରାୟକୁ ନେଇ ଭୀମ ଆର୍ମୀ ପକ୍ଷରୁ ଏହି ୧୨ଘଣ୍ଟିଆ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଭୀମ ଆର୍ମୀ ଭାରତ ଏକତା ମିଶନ ସୋନପୁର ଶାଖା ପକ୍ଷରୁ ସହରର କୁଞ୍ଜ ଛକ, ବ୍ଲକ ଛକ ଓ ବୁଢାରାଜା ଛକରେ ରାସ୍ତାରୋକୋ କରାଯାଇଥିଲା। ଫଳରେ ସୋନପୁର-ବଲାଙ୍ଗୀର, ସୋନପୁର-ବିନିକା ଓ ସୋନପୁର-ବୀରମହାରାଜପୁର ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା। ସହରର ସମସ୍ତ ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦଥିଲା। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲା। ଭୀମ ଆର୍ମୀର ସଭାପତି ସୁରଜ କୁଶଳ, ସମ୍ପାଦକ ସୁବାସ ଚନ୍ଦ୍ର ସୁନା, ଶ୍ରୀରାମ ସୁନା, ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଶାନ୍ତନୁ ବାଗ, ଅନୀଲ କୁମାର ତାଣ୍ଡି, ସୁରେଶ ବାଗ, ମଙ୍ଗୁଲୁ ନାଗ, ହାଡୁ ମିର୍ଦ୍ଧା, ଭାରତୀୟ ମୁକ୍ତି ମୋର୍ଚ୍ଚାର ସଭାପତି ଅଷ୍ଟମ ବାଗ ଓ ଲମ୍ବୋଦର ନାଗ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିପରି ଡୁଙ୍ଗୁରିପାଲିରେ ଯାନବାହାନ ଚଳାଚଳ ବନ୍ଦ ଥିବା ବେଳେ ଦୋକାନ ବଜାର ଖୋଲାଥିଲା। ଭୀମ ଆର୍ମୀ ଭାରତ ଏକତା ମିଶନ, ଅନୁସୂଚିତ ଜାତି କଲ୍ୟାଣ ସଂଘ ଓ ପଛୁଆ ବର୍ଗ ସଂଘ ପକ୍ଷରୁ ଏହି ବନ୍ଦ ପାଳନ କରା ଯାଇଥିଲା। ବିଜେ ହରିପାଲଙ୍କ ନେତୃତ୍ୱରେ ଅରୁଣ କୁମାର ବାଗ, ରବିନ୍ଦ୍ର କୁମାର ଦୀପ, ମିଳନ କୁମ୍ଭାର ଓ ସନ୍ତୋଷ ବାଗ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

ଭୀମଆର୍ମୀ ଉଲୁଣ୍ଡାର ଆବାହକ ବ୍ରଜେନ୍ଦ ଲୁହାଙ୍କ ନେତୃତ୍ୱରେ ହୋଇଥିବା ଏହି ବନ୍ଦ ପାଳନରେ ଗଣ୍ଡାବାହାଲ ଆମ୍ବେଦକର ସଂଘ, ଲକ୍ଷେଘର ଗଣ୍ଡା ସମାଜର କର୍ମକର୍ତ୍ତା ଓ ବିଭିନ୍ନ ଦଳିତ ଅନୁଷ୍ଠାନର ମୁଖ୍ୟ କୃତ୍ତିବାସ ବାଘ, ଅରୁଣ ମହାନନ୍ଦ, ବିକ୍ରମ ସିଂ, ଶିବୁ ତରାଇ, ଗୋବିନ୍ଦ ଦାସ ତରାଇ, ସୁଦାମ ଜଗଦଲା, ବେଲାର ଜଗଦଲା ପ୍ରମୁଖ ଯୋଗଦେଇଥିଲେ। ଉଚ୍ଚତମ ନ୍ୟାୟାଳୟର ସଂରକ୍ଷଣ ବିରୋଧି ବିଚାର, ଏନଆରସି, ସିଏଏ ଓ ଏନଆରପି ବିରୋଧରେ ସ୍ଲୋଗାନମାନ ଦେଇ ପିକେଟିଂ କରିଥିଲେ। ଫଳରେ ରାସ୍ତାରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ଉଲୁଣ୍ଡା ସଦରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସକାଳ ୬ଟାରୁ ଆରମ୍ଭ ହୋଇଥିବା ବନଦ ସନ୍ଧ୍ୟା ୬ଟାରେ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି।




ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି, ୨୩।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲ ବ୍ଲକ ଅଇଁଲାସାରୀ କମ୍ୟୁନିଟି ସେଣ୍ଟରଠାରେ ନେହେରୁ ଯୁବକେନ୍ଦ୍ର ଓ ଅଇଁଲାସାରୀ ଗଙ୍ଗାଧର ମେହେର ପାଠାଗାର ଆନୁକୂଲ୍ୟରେ ବ୍ଲକସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ଅନନ୍ତ କୁମାର ନାଗଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଠାଗାରର ସଭାପତି ଶୁଭଲାଲ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥି ଭାବେ ସ୍କିଲ ଡେଭେଲପମେଣ୍ଟ ଟ୍ରେନିଂ ସେଣ୍ଟର ସୋନପୁରର ମୁଖ୍ୟ ନକୁଳ ନାଏକ, ଉଦ୍ୟାନ କର୍ମୀ ରାଧାକାନ୍ତ ଗଡତ୍ୟା, ଡୁଙ୍ଗୁରିପାଲି ସାହିତ୍ୟ ସଂସଦର ସମ୍ପାଦକ ତଥା ଯୁବ କାଉନସେଲର ଅମୂଲ୍ୟ ବେହେରା, ସ୍ୱଚ୍ଛ ଭାରତ ଯୁବ ସ୍ୱେଚ୍ଛାସେବୀ ସୁଜୟୀ ପଶାୟତ ସାଧନ କର୍ମୀ ଭାବେ ଯୋଗଦେଇଥିଲେ । ବିଭିନ୍ନ କ୍ଲବ ଓ ଅନୁଷ୍ଠାନରୁ ଆସିଥିବା ୫୦ରୁ ଅଧିକ ଯୁବକ ଯୁବତୀଙ୍କୁ କୌଶଳ ଶିକ୍ଷା ପ୍ରଦାନ କରାଯାଇଥିଲା । ଦିଗସିରା ଗୋପବନ୍ଧୁ କ୍ଲବର ରସାନନ୍ଦ ପୁଟେଲ, ପାଠାଗାର ସଭ୍ୟ ଅନନ୍ତ ସେଠ, ତହସିଲ ଗଡତ୍ୟା, ସୁଦାମ ଅଦାବର,ରାନୀ ଗଡତ୍ୟା, ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ନରେନ୍ଦ୍ର କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ଡିସିଏ ସାମୁରାଇକୁ ହରାଇଲା ଏସ୍‌ଡିସିଏ ଇଗଲ

ଓସିଏର ଭିଜନ- ୨୦୨୪

ଉଲୁଣ୍ଡା, ୨୩।୨(ଡି.ଏନ.ଏ)

ଓଡିଶା କ୍ରିକେଟ ଆସୋସିଏଶନ୍, ଏସଡିସିଏ ସୋନପୁର ଏବଂ ବିସିସି ଉଲୁଣ୍ଡା ସହଯୋଗରେ ଉଲୁଣ୍ଡା କଲେଜ ପଡିଆରେ ବରିଷ୍ଠ ବିଭାଗର କ୍ରିକେଟ ପ୍ରତିଯୋଗିତାର ରବିବାର ଖେଳରେ ଏସଡିସିଏ ଇଗଲ ଦଳ ୧ ଉଇକେଟରେ ଏସଡିସିଏ ସାମୁରାଇକୁ ପରାସ୍ତ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ସାମୁରାଇ ଦଳ ୩୯.୫ ଓଭରରେ ପ୍ରଭୁଦତ୍ତ କୁମ୍ଭାରଙ୍କ ୫୮ ରନ ବଳରେ ୧୯୨ ରନ କରି ଅଲଆଉଟ ହୋଇଥିଲା। ବିପକ୍ଷ ଦଳର ଦଶରଥ ସେଠୀ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୧୯୩ ରନର ବିଜୟ ଲକ୍ଷ୍ୟକୁ ଇଗଲ ଦଳ ୩୭ ଓଭରରେ ୯ ଉଇକେଟ ହରାଇ ହାସଲ କରି ନେଇଥିଲେ। ଦଳ ପକ୍ଷରୁ ଚନ୍ଦନ ଦାଶ ୫୨ ଓ ରଞ୍ଜନ ଗରୁଡ ୩୪ ରନ ସଂଗ୍ରହ କରିଥିଲେ। ନନ୍ଦି ଖୁରା ୫ଟି ଉଇକେଟ ଦଖଲ କରିଥିଲେ। ଖେଳକୁ ଶିବରାମ ପୁରୋହିତ ଓ ସୁନୀଲ ସାହୁ ପରିଚାଳନା କରିଥିଲେ। ଓସିଏ ତରଫରୁ ସରୋଜ ମିଶ୍ର ସ୍କୋରିଂ କରିଥିବା ବେଳେ ମନଜିତ ଆଚାର୍ଯ୍ୟ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବକୁ ବିସିଏ ଉଲୁଣ୍ଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ ଓ ଏସଡିସିଏ ସୋନପୁର ସମ୍ପାଦକ ପ୍ରଦୀପ ସେଠୀ ଯୋଗଦେଇ ଦଶରଥ ସେଠୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚର ପୁରସ୍କାର ପ୍ରଦାନ କରିଥିଲେ ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।



ଅଷ୍ଟପ୍ରହର ନାମଯଜ୍ଞ ଅବସରରେ ନଗର କୀର୍ତ୍ତନ।

## ଗଣେଶ୍ୱର ବାବାଙ୍କ ଜାଗରଯାତ୍ରା ସମ୍ପନ୍ନ

ଉଲୁଣ୍ଡା, ୨୩।୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ପଞ୍ଚମହଲାର ସର୍ବପୁରାତନ ଶୈବପୀଠ ଗଣେଶ୍ୱର ବାବାଙ୍କ ତ୍ରିଦିବସୀୟ ଜାଗରଯାତ୍ରା ଶନିବାର ରାତ୍ରିରେ ସମ୍ପନ୍ନ ହୋଇଯାଇଛି । ଯାତ୍ରା ପରିଚାଳନା ମଞ୍ଚ ସଭାପତି ମାନସ ପାଣ୍ଡିଆ ଓ ସମ୍ପାଦକ ପୁରୁଷୋତ୍ତମ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି ମେଳାର ପ୍ରଥମ ଦିବସ ଗୁରୁବାର ନିମ୍ନାସ୍ଥିତ ମହାନଦୀର ହରିହର ଭେଟ ଘାଟରୁ ୧୦୮ ମହିଳା କଳସ ଶୋଭାଯାତ୍ରା କରି ଅଧିବାସ କରିଥିଲେ। ଶୁକ୍ରବାର ଅଷ୍ଟପ୍ରହର ନାମଯଜ୍ଞର ନାମାରମ୍ଭ କରାଯାଇଥିଲା। ଏଥିରେ ପଞ୍ଚ ମହଲା ସମେତ ନିମ୍ନା, ବରପଦର, ପଥର୍ଲା, କିର୍ଲା, ମଣିଗାଁ, ଇଚ୍ଛାପୁର, ବାଘପାଲି ପ୍ରମୁଖ ସଂକୀର୍ତ୍ତନ୍ୟ ଦଳ ଭାଗ ନେଇଥିଲେ। ମଧ୍ୟରାତ୍ରିରେ ଗଣେଶ୍ୱର ବାବାଙ୍କ ମହାଦୀପ ଚଢ଼ା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଗୌନ୍ତିଆ ଉରୁକ୍ରମ ପାଣ୍ଡିଆ ଛେରାପହଁରା କରିଥିଲେ। ଶନିବାର ନିମ୍ନା ଗୌନ୍ତିଆ ପଦ୍ମନାଭ ପଣ୍ଡିଆ ସସ୍ତ୍ରୀକ ନାମଯଜ୍ଞର ପୂର୍ଣ୍ଣାହୁତି କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ମୁଖ୍ୟପୂଜକ ରାଜକିଶୋର ପୁରୋହିତ ପୂଜାର୍ଚ୍ଚନା, ଦାଶରଥି ପୁରୋହିତ, କାମପାଳ ପାଣିଗ୍ରାହୀ ଓ ସରୋଜ ପାଣିଗ୍ରାହୀ ଜପକ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ମୁଖ୍ୟ ପୂଜକ ଗୋରାଚାନ୍ଦ ଥନାପତି ଦୀପଚଢ଼ା କାର୍ଯ୍ୟକ୍ରମରେ ନାଗ ପ୍ରତୀମାକୁ ପୂଜାର୍ଚ୍ଚନା କରିବା ସହ ମନ୍ଦିର ପରିକ୍ରମା କରାଇଥିଲେ। ଶେଷରେ ସର୍ଗିପାଲି ଓ ଝରାପଡା ଗ୍ରାମର ମହିଳା ସଂକୀର୍ତ୍ତନ୍ୟ ଦଳ ବୈଠକ କୀର୍ତ୍ତନ ପରିବେଷଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମରେ ଯାତ୍ରା କମିଟିର ରାକେଶ ପାଣ୍ଡିଆ, ଶିରିଚାନ୍ଦ ଥନାପତି, ପୌଲସ୍ତି ସ୍ୱାଇଁ, ଲକ୍ଷ୍ମଣ ସେଠୀ ଓ ବିନୟ ପାଣ୍ଡିଆ ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାଗ୍ରସ୍ତ, ଆରୋହୀ ଗୁରୁତର

ବିନିକା,୨୩/୨(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ସିଂଘିଯୁବା-ଘାଟି ଜାମପାଲି ରାସ୍ତାର ମଧ୍ୟବର୍ତ୍ତୀ ବୁଲାଣିରେ ରବିବାର ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରେ ଆରୋହୀ ଗୁରୁତର ହୋଇଛନ୍ତି। ଆରୋହୀ ହେଲେ ଭେଡେନ ବ୍ଲକ ବରପଦର ଗ୍ରାମ ବେଡା ବାଘ(୩୫)। ବେଡା ରବିବାର ବିନିକା ବ୍ଲକ୍ ମହଦା ଗାଁକୁ କୌଣସି କାର୍ଯ୍ୟରେ ବାଇକ୍ ନଂ(ଓଡି.୩୧ଇ-୫୩୭୭)ରେ ଯିବାବେଳେ ଏହି ଦୁର୍ଘଟଣା ଘଟିଥିଲା । ଅଗ୍ନିଶମ ବିଭାଗ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ମେଡିକାଲରେ ଭର୍ତ୍ତି କରିଥିଲା । ଏନେଇ ବିନିକା ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛି ।

## ହାଇୱା ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ତରଭା,୨୩।୨(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ତରଭା ଥାନା ସରଗଜ ଗ୍ରାମ ପଞ୍ଚାୟତର ନକ୍‌ଟିକନା ଛକରେ ରବିବାର ଦୁର୍ଘଟଣା ଘଟି ବାଇକ୍ ଆରୋହୀ ମହାବୀର ନାଗ(୫୫) ଗୁରୁତର ହୋଇଛନ୍ତି। ତାଙ୍କ ଗୋଡରେ ଆଘାତ ଲାଗିଛି। ମହାବୀରଙ୍କ ଘର ସ୍ଥାନୀୟ ନକ୍‌ଟିକନା ଗ୍ରାମରେ। ତାଙ୍କୁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉଦ୍ଧାର କରି ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି । ମହାବୀର ବାଇକ୍ ନଂ ଓଡି୩୧ଜି-୨୫୯୪ ରେ ତରଭା ସହରରୁ ଘରକୁ ଫେରୁଥିଲେ। ଏହି ସମୟରେ ସମ୍ମୁଖ ପଟୁ ଆସୁଥିବା ସ୍ଥାନୀୟ କ୍ରଶରର ଏକ ହାଇୱା ଟ୍ରକ୍ ନଂ ଓଡି୩୧ସି-୪୨୨୧ ଧକ୍କା ଦେଇଥିଲା । ଏ ସମ୍ପର୍କରେ ମହାବୀରଙ୍କ ପୁଅ ହେମନ୍ତ ତରଭା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ହାଇୱା ଓ ବାଇକ୍‌କୁ ଜବତ କରିଛି ।

## ସିଏଏ ଏକ ଐତିହାସିକ ପଦକ୍ଷେପ

ସୋନପୁର,୨୩।୨(ନି.ପ୍ର.)

ନାଗରିକ ସଂଶୋଧନ ଆଇନ(ସିଏଏ) ଏକ ଐତିହାସିକ ପଦକ୍ଷେପ । ଭାରତର ୩ ପଡୋଶୀ ମୁସଲିମ୍ ରାଷ୍ଟ୍ର ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ଥାନରେ ଥିବା ସଂଖ୍ୟାଲଘୁ ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ, ପାର୍ସି ଓ ଜୈନ ଯେଉଁମାନେ ୩୧ ଡିସେମ୍ବର ୨୦୧୪ ମସିହା ସୁଦ୍ଧା ଭାରତରେ ଶରଣାର୍ଥୀରୂପେ ଅଛନ୍ତି ସେମାନଙ୍କୁ ନାଗରିକତା ପ୍ରଦାନ କରିବା ପାଇଁ ଏହି ଆଇନ ଉଦ୍ଦିଷ୍ଟ। ଏହି ଆଇନ ଧର୍ମୀୟ ବିଦ୍ୱେଷ କାରଣରୁ ନିର୍ଯାତିତ ସଂଖ୍ୟାଲଘୁ ଓ ଶରଣାର୍ଥୀଙ୍କୁ ନାଗରିକତା ପ୍ରଦାନ କରିବ। ଦେଶ ସ୍ୱାଧୀନ ସମୟରେ ଧର୍ମୀୟ ଆଧାରରେ ବିଭାଜନ ହୋଇ ଥିବାରୁ ମାନବିକତା ଦୃଷ୍ଟି କୋଣରୁ ନାଗରିକତା ଆଇନରେ ଏହି ସଂଶୋଧନ କରାଯାଇଛି । ଏଥିରେ କାହାରି ନାଗରିକତା ଛଡାଇ ନିଆଯିବ ନାହିଁ । କିନ୍ତୁ କେତେକ ବିରୋଧି ନିଜର ସ୍ୱାର୍ଥ ସାଧନ ଓ ଅସ୍ତିତ୍ୱ ରକ୍ଷା କରିବା ପାଇଁ ଏହି ଆଇନକୁ ବିରୋଧ କରୁଛନ୍ତି । ଅପପ୍ରଚାର କରି ଦେଶର ସଂଖ୍ୟାଲଘୁଙ୍କୁ ଭୟଭୀତ କରୁଛନ୍ତି। ଏଭଳି ଲୋକଙ୍କୁ ଚିହ୍ନିବାର ଆବଶ୍ୟକତା ଅଛି ବୋଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବଲାଙ୍ଗୀର ବିଭାଗର ସାମାଜିକ ସମରସତା ପ୍ରମୁଖ ଡମ୍ବରୁଧର କର୍ମୀ କହିଛନ୍ତି । ସୁବର୍ଣ୍ଣପୁର ଜିଲା ଆରଏସଏସ ପକ୍ଷରୁ ଆୟୋଜିତ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଜିଲା କାର୍ଯ୍ୟବାହ ହୃଷିକେଶ ଭୋଇ, ନଗର କାର୍ଯ୍ୟବାହ ଜୟଦ୍ରଥ ଜଗଦଲା ପ୍ରମୁଖ ନିଜ ବକ୍ତବ୍ୟରେ ସିଏଏର ଆବଶ୍ୟକତା ସମ୍ପର୍କରେ ମତ ପ୍ରଦାନ କରିଥିଲେ। ପ୍ରାକ୍ତନ ନଗରପାଳ ପ୍ରମୋଦ ମହାପାତ୍ର, ସୋନପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ ପାଢୀ, ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ପ୍ରସାଦ ରାୟଗୁରୁ, ଅବସରପ୍ରାପ୍ତ ସେନା ଅଧିକାରୀ ମଧୁସୂଦନ ପୂଜାହାରୀ, ଗଦାଧର ବାରିକ୍, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଲକ୍ଷ୍ମୀନାରାୟଣ ମେହେର, ଶିକ୍ଷାବିତ୍ ଅରୁଣ ରଥ, ମାଙ୍ଗୁ ସେଠୀ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ଲକ୍ଷ୍ମଣ ଦେହୁରୀ, ରଶ୍ମିରଞ୍ଜନ ଦାଶ, ରାଜେନ୍ଦ୍ର ନାୟକ, ନିରଞ୍ଜନ ତ୍ରିପାଠୀ ଓ ସଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




ବୁଦ୍ଧିଜୀବୀ ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ସଂସ୍କୃତି, ପରିଚୟକୁ ବଞ୍ଚାଇ ରଖିଛି ସାହିତ୍ୟ

ମହାନଦୀ ଉତ୍ସବ ୨୦୨୦

ସୋନପୁର,୨୩।୨(ନି.ପ୍ର.)

ଆଧୁନିକ ସମାଜରେ କଳା, ସାହିତ୍ୟ ଓ ସଂସ୍କୃତି ହଜି ଯିବାକୁ ବସିଛି। ଭାଇଚାରା ଓ ଭାତୃତ୍ୱର ଭାବ ଦେଖିବାକୁ ମିଳୁନି। ମଣିଷ ସ୍ୱାର୍ଥ ସର୍ବସ୍ୱ ହୋଇପଡିଛି। ଏଭଳି ସ୍ଥିତିରେ ସଂସ୍କୃତି ଓ ନିଜସ୍ୱ ପରିଚୟ ବଞ୍ଚାଇ ରଖିଛି ସାହିତ୍ୟ। କାରଣ ସାହିତ୍ୟ ଓ ସଂସ୍କୃତି ସମାଜ ପାଇଁ ସମର୍ପିତ ବୋଲି ରବିବାର ମହାନଦୀ ଉତ୍ସବ ୨୦୨୦ ସମ୍ବର୍ଦ୍ଧନା ସମାରୋହ ଅବସରରେ ସୁବର୍ଣ୍ଣପୁର ଏସ୍‌ପି ଦେବୀ ପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ସୁବର୍ଣ୍ଣପୁରର ଅଗ୍ରଣୀ କଳା, ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦ ପକ୍ଷରୁ ସଂସଦର ୨୬ତମ ପୂର୍ତ୍ତି ପାଳନ ଉତ୍ସବ ଭୀମଭୋଇ କଳା ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ସଂସଦର ସଭାପତି ନାଟ୍ୟଶ୍ରୀ ଗଦାଧର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ପଦ୍ମଶ୍ରୀ ଡ. ଚତୁର୍ଭୁଜ ମେହେର, ଓଡିଶା ସାହିତ୍ୟ ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୨୬ ବର୍ଷ ଧରି ଏହି ସଂସଦ ସାହିତ୍ୟ ସହିତ ସାଂସ୍କୃତିକ ଜାଗରଣ, ନାଟକ ଓ ନୃତ୍ୟର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା କହିଥିଲେ। ଏହି ଅବସରରେ ବରିଷ୍ଠ କବି ଆର୍ତ୍ତତ୍ରାଣ ବାବୁଙ୍କୁ ମହାନଦୀ ସାହିତ୍ୟ ସମ୍ମାନ, ନାଟ୍ୟକାର ବାସୁଦେବ ନାଏକଙ୍କୁ ମହାନଦୀ ନାଟ୍ୟ ସମ୍ମାନ, କଣ୍ଠଶିଳ୍ପୀ ବିକାଶ ଚନ୍ଦ୍ର ମିଶ୍ରଙ୍କୁ ମହାନଦୀ ସଙ୍ଗୀତ ସମ୍ମାନ ଓ କବୟତ୍ରୀ ତଥା ନାଟ୍ୟକାର ଚନ୍ଦ୍ରାବତୀ ପାଣ୍ଡେଙ୍କୁ ମହାନଦୀ ଯୁବ ପ୍ରତିଭା ସମ୍ମାନ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଂସଦର ସ୍ମରଣିକା ଓଜସ୍‌କୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ। ସମ୍ପାଦକ ଅଧ୍ୟାପକ ସଞ୍ଜିବ୍ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ତଥା ଓଡିଶା ସାହିତ୍ୟ ଏକାଡେମୀର ସଭ୍ୟ ପୁରୁଷୋତ୍ତମ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା । ପୂର୍ବାହ୍ନରେ ସନ୍ଥ କବି ଭୀମଭୋଇଙ୍କ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଥିଲା। ସୋନପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ଐତିହାସିକ ଡ. କେଦାରନାଥ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭୀମଭୋଇଙ୍କ ସାହିତ୍ୟ ସାଧନା ଓ କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ବ୍ରଜମୋହନ ଦାନୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଉଲୁଣ୍ଡା ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ, ଲକ୍ଷ୍ମୀନାରାୟଣ ମେହେର ଓ ଆର୍ତ୍ତତ୍ରାଣ ବାବୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଅମ୍ବୁଜ ବିହାରୀ ଶତପଥୀ ସଭାକୁ ସଂଯୋଜନା କରିଥିଲେ। ଅପରାହ୍ନରେ କବିତା କାହିଁକି ଓ କାହା ପାଇଁ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ଡ. ଜ୍ୟୋତି ରଞ୍ଜନ ବହିଦାର, ସମ୍ମାନିତ ଅତିଥିଭାବେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ସଞ୍ଜୟ ମିଶ୍ର, ନୀଳ ଲୋହିତ ମହାପାତ୍ର, ଚନ୍ଦ୍ର ଶେଖର ହୋତା, ଅଧ୍ୟାପକ ନିରଞ୍ଜନ ପାଣ୍ଡିଆ ପ୍ରମୁଖ ଯୋଗ ଦେଇଥିଲେ। ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ନବୀନ ବିଶ୍ୱବନ୍ଧୁ ମୁଖ୍ୟ ଅତିଥି, କବି ଶ୍ୟାମା ଓଁ ପ୍ରସାଦ ମିଶ୍ର, କବି ପ୍ରଭୁଦତ୍ତ ରଥ, କବୟତ୍ରୀ ରଞ୍ଜିତା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ ପାଠୋତ୍ସବରେ ପୌରହିତ୍ୟ କରିଥିଲା ବେଳେ କବି ଅଦ୍ୱୈତ କୁମାର ପଣ୍ଡା, ଦେବଯାନୀ ମେସୁଆ ଓ କ୍ଷୀରୋଦ ବିହାରୀ ବିଶ୍ୱାଳ କବିତା ସଂଯୋଜନା କରିଥିଲେ ।



ଆର୍ତ୍ତତ୍ରାଣ ବାବୁଙ୍କୁ ମହାନଦୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।

- ଶ୍ରୀଚୈତନ୍ୟ ଦେବ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗତାକୁ ଦିଅନ୍ତା ନାହିଁ**
**ନିତି ମଲୁକୁ ଚାହାନ୍ତି ନାହିଁ ।**
**ନିତି କୁଣିଆଁକୁ ସେରନ୍ତା ନାହିଁ**
**ନିତି ବାଟକୁ ଡରନ୍ତା ନାହିଁ ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ସେପରି ମାଗିଖିଆ ବ୍ୟକ୍ତିଙ୍କୁ କେହି ବି ଦେବା ଲାଗି ଇଚ୍ଛା କରି ନ ଥାନ୍ତି। ଦିନ ଦିନ ଧରି ରୋଗ ବଇରାଗରେ ପଡ଼ୁଥିବା ବ୍ୟକ୍ତିଙ୍କଠାରୁ ବନ୍ଧୁବାନ୍ଧବ ମୁହଁ ବୁଲାଇ ଦେଇଥାନ୍ତି, ଦେଖାଶୁଣା କରିବାକୁ ଆଗ୍ରହ ଦେଖାଇ ନ ଥାନ୍ତି। ସବୁଦିନିଆ କୁଣିଆକୁ ସମସ୍ତେ ନାକ ଟେକିଥାନ୍ତି। ଆଦର ଅଭ୍ୟର୍ଥନା ଦେଖାଇବାକୁ କୁଣ୍ଠାପ୍ରକାଶ କରିଥାନ୍ତି। ସେହିପରି ନିତିଦିନିଆ ଯିବା ଆସିବା ବାଟରେ ସେତେ ଭୟ ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନାନାକୁ ନାନୀ**
**ଭଲା ଭିଆଇଲେ ଚକରପାଣି ।**

କୁହାଯାଏ ବିବାହ ସ୍ୱର୍ଗରେ ହୁଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଅମିୟ



ଗଙ୍ଗାଧର



ଚକ୍ରଧର



ରାହୁଲ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ହକ୍ ଦାବି କରି ମାମଲାରେ ଛନ୍ଦି ହେଲେ ଜନତା

**ଡାକ୍ତରଖାନାକୁ ନେଇ ଜନ ଆନ୍ଦୋଳନ ପ୍ରସଙ୍ଗ**

**ବରଗଡ଼ ଅଫିସ୍,୨୩।୨**

ବରଗଡ଼ ସହରରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିବା କେତେକ ଲୋକଙ୍କ ବିରୋଧରେ ପୋଲିସ ଟାଉନ ଥାନାରେ ୪ଟି ମାମଲା (ନଂ.୫୨/୨୦, ୫୩/୨୦, ୫୪/୨୦ ଏବଂ ୫୫/୨୦) ରୁଜୁ କରିଥିବା ସୂଚନା ମିଳିଛି । ମାମଲା ନଂ.୫୪/୨୦ ଓ ନଂ.୫୫/୨୦ରେ ଦଫା ୧୪୩, ୩୪୧, ୨୯୪, ୨୮୩, ୫୦୬, ୧୪୯ ରହିଥିବାବେଳେ ଅନ୍ୟ ୨ଟି ମାମଲାରେ ସଙ୍ଗୀନ ଦଫା ଲାଗିଛି । ମାମଲା ନଂ.୫୨/୨୦ରେ ଦଫା ୧୪୩, ୨୮୩, ୩୪୧, ୧୪୯ ଓ ୪ ପ୍ରିଭେନ୍ସନ ଅଫ ଡ୍ୟାମେଜ୍‌ଡ ଟୁ ପବ୍ଲିକ ପ୍ରପର୍ଟି ଆକ୍ଟ-୧୯୮୪ ଲାଗିଥିବାବେଳେ ମାମଲା ନଂ.୫୩/୨୦ରେ ଦଫା ୧୪୭, ୧୪୮, ୩୪୧, ୩୨୩, ୩୦୭, ୨୯୪, ୩୫୩, ୫୦୬, ୪୨୭, ୧୪୯ ଆଇପିସି ଲାଗିଛି ।



ମାମଲା ରୁଜୁ ହୋଇଥିବା ଜାଣିବା ପରେ ଲୋକେ ପୁରୁଣା ଡାକ୍ତରଖାନା ପରିସରରେ ଆଲୋଚନା କରୁଛନ୍ତି ।

ଅନ୍ୟପଟେ ହକ୍ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇ ଥିବାବେଳେ ସେମାନଙ୍କ ବିରୋଧରେ ପୋଲିସ ଏଭଳି ମାମଲା ରୁଜୁ କରିଥିବା ଜାଣିବା ପରେ ବରଗଡ଼ ହସ୍‌ପିଟାଲ ଅଭିଯାନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ଅଭିଯାନର ପ୍ରତିନିଧିମାନେ ରବିବାର ସନ୍ଧ୍ୟାରେ ପୁଣି ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ସଭା କରି ପୋଲିସର ସେଭଳି କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଥିଲେ। ଏହା ସହିତ ପୋଲିସ ସେମାନଙ୍କୁ ଗିରଫ କଲେ କେହି ଜାମିନ ପାଇଁ ଆବେଦନ ନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ସେହିପରି ଆସନ୍ତା ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତିକ ମହିଳା ଦିବସକୁ ସେମାନେ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ପ୍ରସ୍ତାବ ଗ୍ରହଣ କରିଥିଲେ । ଉକ୍ତ ସଭାରେ ରମେଶ ମହାପାତ୍ର, ଭବାନୀ ପ୍ରସାଦ ସାହୁ, ରାଜେନ୍ଦ୍ର ସିକନ୍ଦର, ଏମଡ଼ି ଅଲିମ, ଏମଡ଼ି ନିଜାମ, ରମେଶ ପତି ଉପସ୍ଥିତ ଥିଲେ ।

ପ୍ରକାଶଥାଉକି, ଗତ ମାସ ୨୧ତାରିଖରେ ଟୁକୁର୍ଲା(ଖେଦାପାଲି)ରେ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଏହାପରେ ଗତ ମାସ ୩୧ତାରିଖରୁ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାର ଅନ୍ତର୍ବିଭାଗ, ବହିର୍ବିଭାଗରେ ତାଲା ପକାଇ ଦିଆଯାଇଥିଲା । ଏହାକୁ ନେଇ ଗତ ୧ତାରିଖରୁ ଜନ ଆନ୍ଦୋଳନ ତେଜି ଉଠିଥିଲା । ଉତ୍ତ୍ୟକ୍ତ ଲୋକେ ସ୍ଥାନୀୟ ବିଧାୟକଙ୍କୁ ଡାକ୍ତରଖାନା ପରିସରରେ ଘେରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେହିପରି ଥାନା ସମ୍ମୁଖରେ ମଧ୍ୟ ଧାରଣାରେ ବସି ବିକ୍ଷୋଭ କରିଥିଲେ । ସେତେବେଳେ କିଛି ଯୁବକ ଥାନା ପଛପଟ ପୋଲିସ କଲୋନୀ ନିକଟରେ ଢ଼େଲାମାଡ଼ କରିଥିବା (ମାମଲା ନଂ-୫୩/୨୦) ଯୋଗୁ ଜଣେ ପୋଲିସ କର୍ମଚାରୀ ଆହତ ହେବା ସହିତ ଗାଡ଼ି ଭାଙ୍ଗିଥିବା ଅଭିଯୋଗ ହୋଇଛି। ଏହା ସହିତ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରାଯାଇଥିଲା। ଏହିସବୁ ଘଟଣାକୁ ନେଇ ପୋଲିସ ଅଧିକାରୀଙ୍କ ଏତଲାକୁ ଭିତ୍ତି କରି ଉପରୋକ୍ତ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ସନ୍ଦେହ

**ବରଗଡ଼ ଅଫିସ୍,୨୩।୨**

ବରଗଡ଼ ସହର ଉପକଣ୍ଠ ବରଢ଼ୋଲ (ଡାଙ୍ଗ) ଗ୍ରାମର ଜଣେ ମହିଳାଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ଯାଜ୍ଞସେନୀ କୁମ୍ଭାର(୫୦) । ଭୀମସାର୍ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ମୃତଦେହକୁ ସେଠାକାର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ତେବେ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟହୋଇ ପାରି ନ ଥିବାବେଳେ ହତ୍ୟା ସନ୍ଦେହ କରାଯାଉଛି। ଅନ୍ୟପଟେ ପୋଲିସ ମୃତ ମହିଳାଙ୍କ କିଛି ସମ୍ପର୍କୀୟଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଖବର ମିଳିଛି। ସୂଚନା ଅନୁଯାୟୀ, ମୃତ ମହିଳାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା ।

# କେନ୍ଦୁପତ୍ର ସିଜିନାଲ କର୍ମଚାରୀଙ୍କ ବୈଠକ

**ଖପ୍ରାଖୋଲ, ୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ପୁରୁଣା ଚିଡ଼ିଆଖାନା ପରିସରରେ ଧଣ୍ଡାମୁଣ୍ଡା କେନ୍ଦୁପତ୍ର ରେଞ୍ଜ ସିଜିନାଲ କର୍ମଚାରୀଙ୍କ ଏକ ବୈଠକ ରବିବାର ବେଦବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁନସୀମାନଙ୍କ ଗତବର୍ଷର ବକେୟା ଦରମା ମିଳିନାହିଁ। ସରକାର କେବଳ ବିଭିନ୍ନ ଘୋଷଣା କରି କର୍ମଚାରୀଙ୍କୁ ଭୁଆଉଥିବା ଏହି ଅବସରରେ ଅଭିଯୋଗ କରିଥିଲେ। ଇପିଏଫ୍ ଲାଗୁ କରିବା, ସିଜିନାଲ କର୍ମଚାରୀଙ୍କ ୪୪ ପ୍ରତିଶତ ଦରମା ବୃଦ୍ଧି କରିବା ପ୍ରଲୋଭନ ଦେଖାଇଥିବାବେଳେ ଆଜି ଯାଏଁ କାର୍ଯ୍ୟକାରୀ ହୋଇ ନାହିଁ। ସେହିପରି କେନ୍ଦୁପତ୍ର ତୋଳାଳି, କର୍ମଚାରୀଙ୍କ ପରିବାର ପାଇଁ ପାଠ ପଠା, ବୀମା, ବିବାହ ସହାୟତା ଆଦି ଘୋଷଣା କରାଯାଇଥିଲେ ବି ତାହା ଠିକ ସମୟରେ ମିଳୁ ନ ଥିବା ଅଭିଯୋଗ କରିଥିଲେ । ସେହିପରି କେତେକ ଫଣ୍ଡିକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ ହେଉଥିବାରୁ ତାକୁ ଦୃଢ ବିରୋଧ କରାଯାଇଥିଲା । ମୁନସୀ, ଚପରାସୀ, ଚେକର, ସର୍କଲ ଚେକର ଆଦି କେନ୍ଦୁପତ୍ର ସିଜିନାଲ କର୍ମଚାରୀଙ୍କ ବକେୟା ଦରମା ଓ ଦାବି ସହ କେନ୍ଦୁପତ୍ର ତୋଳାଳିଙ୍କ ସହାୟତା ପ୍ରଦାନ କରା ନ ଗଲେ ଆଗାମୀ କେନ୍ଦୁପତ୍ର ଗୋଛାକଟା ବନ୍ଦ କରିବାକୁ ସଂଘ ନିଷ୍ପତ୍ତି ନେଇଥିବା ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ଭୋଜରାଜ ବରିହା, ଦେବାନନ୍ଦ ବାଗ, ଦ୍ରୋଣ ବନଛୋର, ଭରତ ପୋଢ, ସୁବାଷ ବରିହା, ବଳଦେବ ମାଝୀ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

# ଡଙ୍ଗରବୁଢ଼ା ଚ୍ୟାଲେଞ୍ଜ କପ୍ ଫୁଟବଲ: ହଲଦୀ ଚାମ୍ପିୟନ

**ମୁରିବାହାଲ, ୨୩।୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଲଦୀ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ୫୬ତମ ଜୟ ଡଙ୍ଗରବୁଢ଼ା ଚ୍ୟାଲେଞ୍ଜ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ ହଲଦୀ ଇଲେଭେନ ବ୍ରଦର୍ସ ଫୁଟବଲ ଦଳ ଖଜୁରପଡା ଦଳକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୧-୧ ଗୋଲରେ ବରାବର ରହିବାରୁ ଟାଇବ୍ରେକର ୫-୪ ଗୋଲରେ ହଲଦୀ ଦଳ ବିଜୟୀ ହୋଇଥିଲା। ଖେଳ ପରିଚାଳନା କରିଥିଲେ ଶ୍ରୀବତ୍ସ ବେହେରା, ଆଶିଷଦେବ ସା, ଆଶୀର୍ବାଦ ସା, ଅଶ୍ୱିନୀ ଭୁକ୍ତା ଓ ପ୍ରତାପ ଭୁକ୍ତା । ଉଦଯାପନୀ ଉତ୍ସବରେ ବିଜେଡି ଜିଲା ସମ୍ପାଦକ ଫିରୋଜ ଖାଁ ମୁଖ୍ୟଅତିଥି, ବ୍ଲକ ସଭାପତି ସିଦ୍ଧେଶ୍ୱର ଦାସ, ବ୍ଲକ ଆମ୍ବା ଅଧ୍ୟକ୍ଷ ଧନଞ୍ଜୟ ମହାନନ୍ଦ, ମାଲିଶିରା ହାଇସ୍କୁଲ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ବାଗ, ପୂର୍ବତନ ହଲଦୀ ସରପଞ୍ଚ ହୃଷିକେଶ ବାଗ, କ୍ରୀଡାବିତ ନିର୍ମଳ ଯାନୀ, ସୁବାଷ ପଟ୍ଟନାୟକ ଓ ରମାରଞ୍ଜନ ସେଠ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶ୍ରେଷ୍ଠ ଶୃଙ୍ଖଳିତ ଦଳ ପତ୍ରାପାଲି, ବେଷ୍ଟ ଗୋଲକିପର କୁମର କରୁଆଁ, ବେଷ୍ଟ ସ୍କୋରର ଟିକେରାମ ପାତ୍ର, ବେଷ୍ଟ ଡିଫେନ୍ସ ମନୋଜ ପୂଝାରୀ ଓ ମ୍ୟାନ ଅଫ୍ ଦି ସିରିଜଭାବେ କେଶବ ଜାନୀଙ୍କୁ ପୁରସ୍କୃତ କରାଯାଇଥିଲା । ହଲଦୀ ଇଲେଭେନ ବ୍ରଦର୍ସ ଫୁଟବଲ ଆସୋସିଏଶନ୍ ସଭାପତି ସଞ୍ଜୟ ଯାନୀ, ଉପସଭାପତି ସୁଧିର ମହାକୁର, ସମ୍ପାଦକ ପପୁ ବାଗ, ସାଧାରଣ ସମ୍ପାଦକ କୁନା ଝାଙ୍କର ଓ କୋଷାଧ୍ୟକ୍ଷ ରବି ପୋଢ଼ ଓ ସଭ୍ୟମାନେ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନରେ ସହଯୋଗ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ହଲଦୀ ଇଲେଭେନ ବ୍ରଦର୍ସ ଫୁଟବଲ ଦଳ।

# ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର ପ୍ରସ୍ତୁତି ବୈଠକ

**ବୌଦ୍ଧ,୨୩।୨(ସ୍ୱ.ପ୍ର)**

ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର ଆୟୋଜନ ପାଇଁ ପଞ୍ଚରାତ୍ର ପ୍ରଚାର ସମିତି ଭୁବନେଶ୍ୱର ପକ୍ଷରୁ ବୌଦ୍ଧ ମାଉସୀ ମା' ମନ୍ଦିରଠାରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ସଦସ୍ୟ ବୈକୁଣ୍ଠ ନାଥ ମହାପାତ୍ର, ପ୍ରଭାକର ମଲ୍ଲିକ, ନିରଞ୍ଜନ କୁମାର ଦାଶ, ମିହିର କୁମାର ଜେନା ପ୍ରମୁଖ ବୈଠକରେ ଯୋଗଦେଇ ଆସନ୍ତା ମାର୍ଚ୍ଚ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର ମାଉସୀ ମା ମନ୍ଦିର ପ୍ରାଙ୍ଗଣରେ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏଥିରେ ଶ୍ରୀକ୍ଷେତ୍ର ପୁରୀରୁ ବହୁ ସଂଖ୍ୟାରେ ସାଧୁ ସନ୍ଥ, ପ୍ରବଚକ ଓ ଭୁବନେଶ୍ୱର ପ୍ରଚାର ସମିତିର କାର୍ଯ୍ୟକାରୀ ସଭାପତି ତଥା ଜଗନ୍ନାଥଙ୍କ ବଳିଷ୍ଠ ପ୍ରଚାରକ ବାବା ସତ୍ୟାନନ୍ଦ ଦାଶ ମହାରାଜ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ବୌଦ୍ଧ ନଗରର ଶ୍ରୀଜଗନ୍ନାଥ ପ୍ରଚାର ସମିତି ସଦସ୍ୟ ସାନନ୍ଦ ଚନ୍ଦ୍ର ଜେନା, ହୃଷିକେଶ ପ୍ରଧାନ, ଚନ୍ଦ୍ରକାନ୍ତ ନାୟକ, ପ୍ରବୀର କୁମାର ଦାସ ଓ ପ୍ରତାପ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଡଃ. ଶୋଭନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତ ବନ୍ଦରେ ଜୀବନଯାତ୍ରା ବ୍ୟାହତ

- ବନ୍ଦ ପାଳନକୁ ବଲାଙ୍ଗୀରରେ ମିଳିଲା ସମର୍ଥନ
- ଷ୍ଟେଶନରେ ଅଟକାଇଲେ ଟ୍ରେନ୍
- ଦୋକାନ ବଜାର, ଗାଡି ଚଳାଚଳ ବନ୍ଦ

**ବଲାଙ୍ଗୀର ଅଫିସ,୨୩।୨**

ଆରକ୍ଷଣ ଉପରେ ସୁପ୍ରିମକୋର୍ଟଙ୍କ ଏକ ରାୟକୁ ବିରୋଧ କରି ଦିଆଯାଇଥିବା ଭାରତ ବନ୍ଦ ପରିପ୍ରେକ୍ଷୀରେ ବଲାଙ୍ଗୀରରେ ଅଭୂତପୂର୍ବ ବନ୍ଦ ପାଳନ କରାଯାଇଛି । ବନ୍ଦ ପାଳନ ଯୋଗୁଁ ରବିବାର ବଲାଙ୍ଗୀର ସହରର ଜୀବନଯାତ୍ରା ବ୍ୟାହତ ହୋଇଥିଲା। ସହରର ସମସ୍ତ ଦୋକାନ ବଜାର ଓ ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା । ଭାରତ ବନ୍ଦକୁ ସମର୍ଥନ କରି ଦଳିତ ସମାଜ ପକ୍ଷରୁ ବଲାଙ୍ଗୀର ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦକୁ ଏପିଆଇ, ବିଏସପି, ଓବିସି ମଞ୍ଚ, ଭିଆଇପି ତରଫରୁ ସମର୍ଥନ ଘୋଷଣା କରାଯାଇଥିଲା । ଜିଲା ବଣିକ ସଂଘ, ଘରୋଇ ବସ ମାଲିକ ସଂଘ, ଟ୍ରକ ମାଲିକ ସଂଘ ଓ ଦୈନିକ ବଜାର ସଂଘ ମଧ୍ୟ ବନ୍ଦକୁ ସମର୍ଥନ କରି ଦୋକାନ ବଜାର, ଗାଡିମୋଟର ଚଳାଚଳ ବନ୍ଦ କରିଥିଲେ । ରବିବାର ହୋଇଥିବାରୁ ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ସିଭିଲ କୋର୍ଟ, ବ୍ୟାଙ୍କ, ଡାକଘର, ବୀମା ପ୍ରତିଷ୍ଠାନ ସ୍ୱାଭାବିକଭାବେ ବନ୍ଦ ରହିଥିଲା। ଆନ୍ଦୋଳନକାରୀ ସକାଳ ୬ଟାରୁ ଭାଗିରଥି ଛକ, ବିକ୍ରମ ଛକ, ଗାନ୍ଧୀନଗରପଡା ଛକ, ସୁଦପଡା ଛକ, କଲେଜ ଓ କଦମପଡାଠାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଆନ୍ଦୋଳନକାରୀ ରେଳ ଷ୍ଟେଶନକୁ ଯାଇ ସୁରତ-ପୁରୀ ଗାନ୍ଧୀଧାମ ଏକ୍ସପ୍ରେସକୁ ଷ୍ଟେଶନ୍‌ରେ ପ୍ରାୟ ଅଧଘଣ୍ଟା ଧରି ଅଟକାଇ ଥିଲେ । ପରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆବର୍ଗର ଆରକ୍ଷଣ ଶେଷ କରି ଦେବାକୁ ଚକ୍ରାନ୍ତ ଚାଲିଥିବା ବହୁ ବକ୍ତା କହିଥିଲେ । ଏହି ବର୍ଗର ଲୋକଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରିଦେବା ପାଇଁ କେନ୍ଦ୍ର ସରକାର ବାରମ୍ବାର ଉଦ୍ୟମ କରୁଥିବା ବକ୍ତାମାନେ ଅଭିଯୋଗ କରିଥିଲେ । ଦେଶରେ ଅରାଜକତା ସୃଷ୍ଟି କରିବା ହିଁ ଏହି ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି କହିବା ସହ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ବକ୍ତାମାନେ ସୂଚାଇ ଦେଇଥିଲେ। ସୁପ୍ରିମକୋର୍ଟ ତାଙ୍କ ରାୟର ପୁନର୍ବିଚାର କରି ଏଭଳି ପକ୍ଷପାତି ରାୟକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ସେମାନେ ଦାବି କରିଥିଲେ। କେନ୍ଦ୍ର ସରକାର ସଂସଦରେ ଆଇନ ଆଣି ଏହାର ସଂଶୋଧନ କରନ୍ତୁ ବୋଲି ମଧ ଦାବି କରାଯାଇଥିଲା । ଜିଲା ଦଳିତ ସମାଜ ଆବାହକ ବିଜୟ କୁମାର ବାରିକ୍, ଗଣ୍ଡାବଜା ସମ୍ପାଦକ ତ୍ରିଲୋଚନ ନନ୍ଦ, କିଶୋର କୁମ୍ଭାର, ରଶ୍ମୀରଞ୍ଜନ ବାଗ, ପୂର୍ବତନ କାଉନସିଲର ଶମ୍ଭୁ ନାଗ, ଏପିଆଇ ସଭାପତି ଦୀନେଶ ନାଗ, ଆଡଭୋକେଟ ନେତ୍ରାନନ୍ଦ ନାଗ, ବହୁଜନ ସମାଜ ପାର୍ଟି ଜିଲା ସଭାପତି ଦ୍ରୋଣ କୁମ୍ଭାର, ଓବିସି ମଞ୍ଚ ସମ୍ପାଦକ ପରଦେଶୀ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଖଣ୍ଡାୟତ ସମାଜର ଅଶୋକ ରାଉତ, ଗଣ୍ଡୱାନା ଗୌଁଣ୍ଡ ସମାଜର ମାଝି ବାବୁ, ଭିଆଇପିର ବିପିନ କୁଶଲିଆ ଓ ଅନ୍ୟ ଶତାଧିକ ସମର୍ଥକ ଆନ୍ଦୋଳନରେ ସକ୍ରିୟ ସାମିଲ ହୋଇଥିଲେ।



ବଲାଙ୍ଗୀର ରେଳଷ୍ଟେଶନ୍‌ଠାରେ ଗାନ୍ଧୀଧାମ ଏକ୍ସପ୍ରେସକୁ ଆନ୍ଦୋଳନକାରୀ ଅଟକାଇଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୪ ଫେବୃୟାରୀ, ୨୦୨୦



ସନ୍ତୋଷ ପ୍ରୟାସରେ ଥାଏ, ପ୍ରାପ୍ତିରେ ନୁହେଁ, ପୂର୍ଣ୍ଣ ପ୍ରୟାସରେ ହିଁ ସଂପୂର୍ଣ୍ଣ ବିଜୟ ମିଳେ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ

**ଗୁଡଭେଲା, ୨୩।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଜାମୁଟ ନିକଟସ୍ଥିତ ଶକ୍ତି ମଣ୍ଡଳ ଯୋଗାଶ୍ରମ ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଖଡଙ୍ଗ ନଦୀରୁ ମହିଳାମାନେ ପୂର୍ଣ୍ଣ ଜଳ କଳସ ଆଣି ନାମଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଧ୍ରୁବଲେଶ୍ୱର ମିଶ୍ର ଓ ଶ୍ରୀନିବାସ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ଜିବର୍ଦ୍ଧନ ବେହେରା ଓ ତାଙ୍କ ସ୍ତ୍ରୀ ସନ୍ତୋଷିନୀ ବେହେରା ବେହେରା କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ।

### ତୁର୍ଲା ମହାଶିବରାତ୍ରି ଉଦ୍‌ଯାପିତ

**ଖପ୍ରାଖୋଲ, ୨୩।୨(ଡି.ଏନ.ଏ):** ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗାଁର ୭୫ତମ ମହାଶିବରାତ୍ରି ରବିବାର ଉଦ୍‌ଯାପିତ ହୋଇଯାଇଛି। ଚାରିଦିନ ଧରି ଅନୁଷ୍ଠିତ ଉତ୍ସବରେ ପ୍ରତିଦିନ ଶିବ ପୁରାଣ ପାଠ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ପୂଜାକର୍ତ୍ତାଭାବେ ଶିବଲାଲ ଭୋଇ, ପୂଜକ ପ୍ରମୋଦ ପଣ୍ଡା କାର୍ଯ୍ୟ ସମ୍ପାଦନ କରିଥିଲେ। ଛବିଳ ପଧାନ, ବ୍ରହ୍ମାନନ୍ଦ ସାହୁ, ଜ୍ୟୋତିରଞ୍ଜନ ପଣ୍ଡା, ସୁବଳ ଶବର, ସୁଦର୍ଶନ ନାଗ, ବୁଧୁ ବରିହା, ମାର୍କଣ୍ଡ ପାତ୍ର, ଟିକେଶ୍ୱର ବରିହା, ବାବାଜୀ ଭୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଗଜା ପରେ ମଣ୍ଡିରୁ ଉଠିଲା ଧାନ

- କ୍ଷତି ସହିଲେ ଚାଷୀ
- ଅର୍ଜୁନପୁର ପ୍ୟାକ୍ସରେ ପଡ ରହିଛି ୧୭୬୦ ପ୍ୟାକେଟ ଧାନ

**ଦେଓଗାଁ, ୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୧୨ଟି ପ୍ୟାକ୍ସ ସମେତ ୨ଟି ଗାଁରେ ସ୍ୱୟଂ ସହାୟକ ଦଳ ମାଧ୍ୟମରେ ଚଳିତ ବର୍ଷ ଚାଲିଛି ଧାନକିଣା। ଟୋକନ ବ୍ୟବସ୍ଥାରେ ଧାନ କିଣା ଯାଉଥିବା ବେଳେ ଭିନ୍ନଭିନ୍ନ କାରଣରୁ ଏହା ଚାଷୀଙ୍କୁ ଅଡୁଆରେ ପକାଇଛି । ଠିକ୍ ସମୟରେ ଟୋକନ ଆସିପାରୁ ନ ଥିବାରୁ ଚାଷୀ ହଇରାଣ ହେଉଥିବା ଅଭିଯୋଗ ହେଉଛି । ଆଜକୁ ଦେଢ଼ମାସ ହେଲା ବିକ୍ରୟରୁ ବଞ୍ଚିତ ଚାଷୀଙ୍କ ଟୋକନ ଆସିବା ପରେ ଶନିବାର ପ୍ୟାକ୍ସ ପରିସରରେ ଅଦିନିଆ ବର୍ଷାରେ ଗଜା ହୋଇଥିବା ଧାନକୁ ଉଠାଯାଇଛି । ତେବେ ଭିଜା ଧାନକୁ ଚାଷୀ ଓ ମିଲରଙ୍କ ବୁଝାମଣାରେ କଟନୀ କରାଯାଉଛି। ବାଧ୍ୟବାଧକତାରେ ଧାନ ପଡିରହିବା ଅପେକ୍ଷା ବିକ୍ରି ହୋଇଯାଉ ବୋଲି ଚିନ୍ତା କରି ଧାନ ଦେଇ ଦେଉଥିବା ଚାଷୀମାନେ କହିଛନ୍ତି।

ମକୁନ୍ଦପୁର ପଞ୍ଚାୟତ ଥାଲବନ୍ଧରେ ମା’ ଦୁର୍ଗା ସ୍ୱୟଂସହାୟକ ଦଳ କ୍ରୟ କରୁଥିବା ଧାନମଣ୍ଡିରେ ୮ଟି ଚାଷୀଙ୍କ ୫ଶହବସ୍ତା ଧାନ ଅଦିନିଆ ବର୍ଷାରେ ଭିଜି ଯାଇଥିଲା। ତେବେ ରବିବାର ଗଜାଧାନକୁ ବାଦଦେଇ ଧାନ ଉଠାଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି । ଚାଷୀ ଚକ୍ରଧର ମଲ୍ଲିକଙ୍କ କହିବାନୁସାରେ ତାଙ୍କ ଘରେ ସ୍ଥାନ ଅଭାବରୁ ମଣ୍ଡି ପରିସରରେ ଧାନ ପକାଇ ରଖିଥିଲେ । ଏବେ ଉକ୍ତ ଧାନମଧ୍ୟରୁ ୩୦/୪୦ ବସ୍ତାଧାନ ଗଜା ହୋଇଯିବାରୁ ବାଧ୍ୟହୋଇ ଘରକୁ ନେଇଯାଇଛି। ବାକିଧାନକୁ ମିଲରଙ୍କ ସହିତ ବୁଝାମଣାରେ ବିକ୍ରୟ କରିଛି ବୋଲି କହିଥିଲେ। ସେହିପରି ବନ୍ଧପଡା ପ୍ୟାକ୍ସ ପରିସରରେ ପଡିଥିବା ୨ହଜାର ବସ୍ତା ଧାନ ଶନିବାର ଉଠିଥିଲା। ତେବେ ବର୍ତ୍ତମାନ ମଧ୍ୟ ଅର୍ଜୁନପୁର ପ୍ୟାକ୍ସର ୧୬ ଜଣ ଚାଷୀଙ୍କ ଟୋକନ ଆସି ନ ଥିବାରୁ ପ୍ୟାକ୍ସ ପରିସରରେ ଅଦିନିଆ ବର୍ଷାରେ ଭିଜି ୧୨୬୦ବସ୍ତା ଧାନ ପଡିଥିବା ବେଳେ ଚାଷୀ ୫ଶହ ବସ୍ତାଧାନ ନିଜଘରେ ରଖିଛନ୍ତି । ଉକ୍ତ ପ୍ୟାକ୍ସରେ ଏବେ ମୋଟ ୧୭୬୦ ପ୍ୟାକେଟ ଧାନ ବିକ୍ରି ଅପେକ୍ଷାରେ ରହିଛି । ଏଦିଗରେ ରାଜ୍ୟ ସରକାର ଦୃଷ୍ଟିଦେବାକୁ ଚାଷୀ ମହଲରେ ଦାବି ହେଉଛି।



ଥାଲବନ୍ଧ ଧାନମଣ୍ଡିରୁ ଦେଢ଼ମାସ ପରେ ଅଦିନିଆବର୍ଷାରେ ଗଜା ହୋଇ ପଡି ରହିଥିବା ଧାନକୁ ଉଠାଯାଉଛି।



ଉପରଝରରେ ୧୬ପ୍ରହର ନାମଯଜ୍ଞ ଉଦ୍‌ଯାପନୀ ଅବସରରେ ଗ୍ରାମ ପରିକ୍ରମା କରାଯାଉଛି।

## ଜାଗରମେଳା, ନାମଯଜ୍ଞ ଉଦ୍‌ଯାପିତ

**ଦେଓଗାଁ, ୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝରରେ ମହାଶିବରାତ୍ରୀ ଜାଗର ମେଳା ଓ ୧୬ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରହରୀ କର୍ତ୍ତାଭାବେ ସଞ୍ଜୀବ ପଧାନ ଦାୟିତ୍ୱ ନିର୍ବାହ କରିଥିଲେ । କାର୍ଯ୍ୟକ୍ରମରେ ୬ଟି ମହିଳା ସଂକୀର୍ତ୍ତନ ଦଳ ସମେତ ୧୬ଟି ଦଳ ଯୋଗଦେଇଥିଲେ । ସେହିପରି କରୁଆଁଝର ଗ୍ରାମରେ ଅଷ୍ଟ ପ୍ରହର ତଥା ବୃଷଭ ଓ ନାଗ ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା ସମାପନ ହୋଇଯାଇଛି। ଏଥିରେ ରାଜପ୍ରତାପ ସିଂ ଦେଓ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସିକୁଆଁ ଜାଗର ମେଳାରେ ଅମିନ କୁମାର ସାହୁ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ମା’ ମାହେଶ୍ୱରୀ କ୍ରିକେଟ: ପିପିଲିପାଲି ଚାମ୍ପିୟନ

**ଲୋଇସିଂହା,୨୩।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମଠାରେ ଚାଲିଥିବା ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନମେଣ୍ଟରେ ପିପିଲିପାଲି ୨ ଉଇକେଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଲୋଇସିଂହା ଷ୍ଟାଡିୟମରେ ତ୍ରିଦିବସୀୟ ଟୁର୍ନାମେଣ୍ଟର ଫାଇନାଲକୁ ପିପିଲିପାଲି ଓ ପଣ୍ଡାରାଣୀ ଉନ୍ନୀତ ହୋଇଥିଲେ। ୧୦ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ପଣ୍ଡାରୀ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ନିର୍ଦ୍ଧାରିତ ଓଭରରେ ୬୮ ରନ ସଂଗ୍ରହ କରିଥିଲା। ଜବାବରେ ନିର୍ଦ୍ଧାରିତ ଓଭରରେ ପିପିଲି ଦଳ ୨ ଉଇକେଟ ବାକି ଥାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବରିହା, କୁନା ଭୋଇ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ୫ ହଜାର ଓ ରନର୍ସ ଅପ ଦଳକୁ ୩ ହଜାର ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ଜ୍ୟୋତି ବେହେରା, ପିଙ୍କୁ ସାହୁ, ଅକାଶ ଦଲାଇ, କରୁଣା କର୍ତ୍ତି, ପ୍ରୀତମ ସାହୁ, ସିଲୁ ସେବକ, ଗୋଲାପ ପଣ୍ଡା, ବବଲୁ ମେହେର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥି ଓ ଆୟୋଜକଙ୍କ ସହ ଚାମ୍ପିୟନ ଦଳ।

# ଗଞ୍ଜେଇ ଭର୍ତ୍ତି ବୋଲେରୋ ଛାଡ଼ି ଡ୍ରାଇଭର ଫେରାର





- ଗାଡିରୁ ବାହାରିଲା ୨ କୁଇଣ୍ଟାଲ ଚୋରା ଗଞ୍ଜେଇ
- ପୋଲିସ ପାଟ୍ରୋଲିଂ ବେଳେ ଧାରାଗଡିଲା ଗାଡ଼ି

**ବଲାଙ୍ଗୀର ଅଫିସ, ୨୩।୨**

ଚୋରା ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ବୋଲେରୋ (ଓଆର୦୯ଜେ ୪୪୦୦) ଛାଡି ଡ୍ରାଇଭର ଓ ତାଙ୍କର ଜଣେ ସହଯୋଗୀ ଫେରାର ହୋଇଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ରବିବାର ଭୋର ୪ଟାରେ ବଲାଙ୍ଗୀର ସହରରୁ ଆଟଗାଁ ଯାଇଥିବା ରାସ୍ତାର ମଦନଗୁଡିଆ ବଗିଚା ନିକଟରେ ଟାଉନ ଥାନା ପୋଲିସ ଟିମ ପାଟ୍ରୋଲିଂ କରୁଥିବାବେଳେ ସାମ୍ନା ପଟରୁ ଆସୁଥିବା ଏକ ବୋଲେରୋ ଗାଡି କ୍ଷୀପ୍ରଗତିରେ ପଳାଇବାକୁ ଚେଷ୍ଟା କରିଥିଲା। ଏହାପରେ ପୋଲିସ ଟିମ୍ ଉକ୍ତ ଗାଡିର ପିଛା କରିଥିଲା। ଭାଗିରଥି ଛକରୁ ଟାଉନ୍ ଥାନା ମଧ୍ୟରେ ଗାଡିକୁ ଛାଡି ଦେଇ ଡ୍ରାଇଭର ଓ ତାଙ୍କର ଜଣେ ସହଯୋଗୀ ସହର ଭିତର ଗଳି ରାସ୍ତାରେ ଫେରାର ହୋଇଯାଇଥିଲେ। ଏହାପରେ ଉକ୍ତ ବୋଲେରୋକୁ ଯାଞ୍ଚ କରିବାରୁ ସେଥିରେ ୭ ବସ୍ତା ଗଞ୍ଜେଇ ଥିବା ଜଣାପଡିଥିଲା । ଏହାପରେ ଉକ୍ତ ଗାଡିକୁ ଟାଉନ୍ ଥାନାକୁ ଅଣାଯାଇ ସେଥିରେ ଥିବା ଗଞ୍ଜେଇ ଓଜନ କରାଯିବା ପରେ ଏହା ୨ କୁଇଣ୍ଟାଲ ଓଜନ ହୋଇଥିଲା। ଗାଡିଟି ବୌଦ୍ଧ କିମ୍ବା କନ୍ଧମାଳ ଜିଲାରୁ ଗଞ୍ଜେଇ ନେଇ ଯାଉଥିବା ଅନୁମାନ କରାଯାଉଛି । ମାଜିଷ୍ଟ୍ରେଟ ଗୁରେଶ୍ୱର ଭୋଇଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବା ସହ ଏହାର ସମସ୍ତ ଆଇନଗତ ବିଧି ଅନୁଯାୟୀ ଜବତ କରାଯାଇଥିଲା । ଏନେଇ ଟାଉନ୍ ଥାନା ଇନଚାର୍ଜ ଆଇଆଇସି ତୋଫାନ ବାଗଙ୍କୁ ପଚରାଯିବାରୁ ବୋଲେରୋକୁ ଜବତ କରିବା ପରେ ଏ ଦିଗରେ ତଦନ୍ତ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ସେ ସୂଚନା ଦେଇଛନ୍ତି। ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ. ୭୭/୨୦) ରୁଜୁ କରାଯାଇଛି।

## ଚିକିତ୍ସା ସାହାଯ୍ ଆଶ୍‌ରେ ବାରଦୁଆର ବଡ଼ଭାଇ

**ଗୁଡ଼ଭେଲା, ୨୩।୨(ଡି.ଏନ୍.ଏ.)**

କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଗିରିଧାରୀ



ବଲାଙ୍ଗୀର ଜିଲା ତୁଷୁରା ସହରର ପତିତପାବନ ପଡ଼ାର ଗିରିଧାରୀ କୁମ୍ଭାର(୩୫)। ପାଖାପାଖି ୩ ମାସ ହେଲା ସେ କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଅଛନ୍। ହେଲେ ଟଁକା ପଏସା ଅଭାବୁ ଚିକିତ୍ସା କରେଇ ନାଇଁପାରବାର। ଏନ୍‌ତାଥି ସେ ଭଗବାନ ଭରସାରେ ଘରେ ପଡ଼ିରହିଛନ୍। ସୂଚନା ଅନ୍‌ସାରେ ତୁଷୁରା ସହରର ପତିତପାବନ ପଡ଼ାର ସ୍ୱର୍ଗତ ରମେଶ କୁମ୍ଭାର ଆର ରାଜେଶ୍ୱରୀଙ୍କର ଦୁଇ ପୁଓ ହରି ଆର ଗିରିଧାରୀ। ଆଏଜ୍‌କେ ୪ ବଛର ତଲେ ମା’ବାପ୍ ଆରପାରକେ ଚାଲିଯାଇଛନ୍। ଗିରିଧାରୀ ବିହାଟୁରା ନାଇଁହେଇ। କୁଲିମଜୁରି କରି ନିଜର ପେଟ୍ ପାଲବାର ସଂଗେ ବଡ଼ଭାଇ ହରି ଘରେ ମୁଡ଼ ଗୁଞ୍ଜିଛନ୍। ହେଲେ ଆଏଜ୍‌କେ ୩ ମାସ ତଲେ ଗିରିଧାରୀଙ୍କର ଦିହପା ଖରାପ ହେଲାରୁ ବଡ଼ଭାଇ ହରି ତାହାକୁ ତୁଷୁରା, ଗୁଡ଼ଭେଲା ଆର ବଲାଙ୍ଗୀର ଡାକ୍‌ତରଖାନାରେ ନେଇ ଦେଖାଲେ। ବଲାଙ୍ଗୀର ଡାକ୍‌ତରଖାନାରେ ପରୀକ୍ଷାରୁ ଜନପଡ଼ଲା ଯେ ଗିରିଧାରୀ କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଅଛନ୍। ଉଚ ଚିକିତ୍ସା ଲାଗି ଡାକ୍‌ତର ଗିରିଧାରୀଙ୍କୁ ବୁର୍ଲା ବଡ଼ ଡାକ୍‌ତରଖାନା ନେବାକେ ପରାମର୍ଶ ଦେଇଛନ୍। ହେଲେ ପରିବାରଟା ନିହାତି ଗରିବ୍। ବଡ଼ଭାଇ ହରି ଝନେ ଡ୍ରାଇଭର। ଏନ୍‌ତାଥି ସେ ଭାଇ ଗିରିଧାରୀର ଉଚ ଚିକିତ୍ସା କରେଇ ନାଇଁପାରବାର। ହରି ଭାଇର ଚିକିତ୍ସା ସାହାଯ୍ ଲାଗି ଏନ୍‌ଏସି ଅଧକ୍ଷା, ଏନ୍‌ଏସ୍‌ସି କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ ଅଧକ୍ଷ, ବିଡିଓ ଆର ମନ୍ତ୍ରୀ ଟୁକୁନି ସାହୁଙ୍କୁ ଗୁହାରି କରିଛନ୍। ହେଲେ ଏଭ୍‌ତକ କେହେନ୍‌ସିନୁ କିଛି ସାହାଯ୍ ନୁହେମିଲେ ବଲି ହରି କହିଛନ୍। ଇ ଦିଗେ ଜିଲା ପରଶାସନ ଆର ସ୍ୱାସ୍ଥ୍ୟ ବିଭାଗ ଦୁରୁଷ୍‌ଟି ଦେଇ ଗିରିଧାରୀକୁଁ ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ଅଂଚଲର ବୁଧିଜୀବୀମାନେ ଦାବି କରିଛନ୍। ଇ ବାବ୍‌ଦେ ଗୁଡ଼ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ସୁମିତ ମେହେରଙ୍କୁଁ ପଚ୍‌ରାଲାରୁ ଜାଣା ହେଇଛେ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

## ବ୍ୟବସାୟୀ ସୁରୁଲାଲ ମଟାରୀଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୨୩।୨**



ବ୍ୟବସାୟୀ ସୁରୁଲାଲ ମଟାରୀଙ୍କ ଫାଇଲ ଫଟୋ।

ବଲାଙ୍ଗୀରର ବିଶିଷ୍ଟ ବ୍ୟବସାୟୀ ସୁରୁଲାଲ ମଟାରୀ (୮୧)ଙ୍କ ଶନିବାର ପରଲୋକ ଘଟିଛି। ଅସୁସ୍ଥତା କାରଣରୁ ସେ ଦୀର୍ଘଦିନ ହେଲା ତାଙ୍କ ଝୁଲପିଆପାଲି ବାସଭବନରେ ରହୁଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ପୁଅବୋହୂ, ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ୧୯୭୧ରେ ସ୍ୱର୍ଗତ ମଟାରୀ ପଞ୍ଜାବ ରାଜ୍ୟ ଲଟେରୀ ବିଜେତା ହେବା ପରେ ସେ ପଞ୍ଜାବର ରାଜଧାନୀ ଚଣ୍ଡିଗଡ ଯାଇ ତତ୍କାଳୀନ ରାଜ୍ୟପାଳ ଡି.ସି ପାଭ୍‌ତେଙ୍କଠାରୁ ୨୨ଲକ୍ଷ ଟଙ୍କାର ଚେକ୍ ଗ୍ରହଣ କରିଥିଲେ । ଏହି ଖବର ସେତେବେଳେ ରାଜ୍ୟ ବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା । ଲଟେରୀ ଜିତିବା ପରେ ସେତେତେଳେ ସେ ଭାରତୀୟ ପ୍ରତିରକ୍ଷା ବିଭାଗକୁ ୨୧ହଜାର ଟଙ୍କା ଦାନ କରିଥିଲେ। ବଲାଙ୍ଗୀରରେ ସେ ଗୀତା ଭୋଜନାଳୟ ଓ ମନରଞ୍ଜନ ହୋଟେଲ ତିଆରି ଚର୍ଚ୍ଚାରେ ରହିଥିଲେ । ତେବେ ପରବର୍ତ୍ତୀ ସମୟରେ ଏହି ହୋଟେଲ ସ୍ଥାନରେ ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ମଟାରୀଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ସିନିୟର ଇନ୍‌ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ: ପାଟଣାଗଡ଼ ବିଜୟୀ

**ବଲାଙ୍ଗୀର ଅଫିସ, ୨୩।୨**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଓସିଏ ଭିଜନ-୨୦୨୪ ସିନିୟର ଇନ୍‌ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିନରେ ରବିବାର ୟଙ୍ଗ ଷ୍ଟୁଡେଣ୍ଟ୍ କ୍ରିକେଟ କ୍ଲବ ଓ ପାଟଣାଗଡ କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପାଟଣାଗଡ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୮ ଉଇକେଟ ହରାଇ ୨୨୬ ରନ୍ ସଂଗ୍ରହ କରିଥିଲେ । ପାଟଣାଗଡ ଦଳ ତରଫରୁ କୁନାଲ ପଣ୍ଡା ସର୍ବାଧିକ ୩୧ ରନ୍ ଓ ବିକାଶ ବନ୍‌ଛୋର ଅପରାଜିତ ୧୦୫ ରନ୍ ସଂଗ୍ରହ କରିଥିଲେ। ୟଙ୍ଗ୍ ଷ୍ଟୁଡେଣ୍ଟ୍ ଦଳ ତରଫରୁ ସଫଳ ବୋଲର ଭାବେ ଅମରଦୀପ ସୁନା ଓ ହର୍ଷ ସିଂ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଏହାର ଜବାବରେ ୟଙ୍ଗ୍ ଷ୍ଟୁଡେଣ୍ଟ ଦଳ ସମସ୍ତ ଉଇକେଟ ହରାଇ ୧୫୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ୟଙ୍ଗ୍ ଷ୍ଟୁଡେଣ୍ଟ ଦଳ ତରଫରୁ ସଫଳ ବ୍ୟାଟ୍ସମ୍ୟାନ ଭାବେ ସୟିଦ ଆଫ୍ରିଦୀ ୫୫ ରନ୍ ସଂଗ୍ରହ କରିଥିଲେ। ପାଟଣାଗଡ ଦଳ ତରଫରୁ ସଫଳ ବୋଲର ଭାବେ ସାଗର ପରୁଆ ଓ ନାରାୟଣ ମାଝି ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚକୁ ରାଜେନ୍ଦ୍ର ସେଠ୍ ଓ ରଜତ ଦାସ ଅମ୍ପାୟାର ଭାବେ ପରିଚାଳନା କରିଥିଲେ । ଅନ୍ ଲାଇନ ସ୍କୋର୍ ଭାବେ ସୁଶୀଳ କୁମାର ସୁନ୍ଦରାୟ ଦାୟିତ୍ୱ ବହନ କରିଥିଲେ ।

## କଂସବଧ ସହ ସମ୍ପନ୍ନ ହେଲା କଂସ ଦରବାର

**ଟିକ୍ରାପଡା, ୨୩।୨(ଡି.ଏନ.ଏ.)**

ସଇଁତଳା ବ୍ଲକ ଟିକ୍ରାପଡାଠାରେ କଂସ ବଧ ସହ କଂସ ଦରବାର କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । କଳାକାରମାନେ ତିନି ଦିନ ଧରି ଦେବକୀ ଓ ବସୁଦେବଙ୍କ ବିବାହଠାରୁ ଆରମ୍ଭ କରି ବିଜୁଳି କନ୍ୟାର ଦୈବବାଣୀ, ଅକ୍ରୁରଙ୍କ ଗୋପପୁର ଗମନ, ପୁତନା ବଧ, କଂସ ବଧ ଆଦି ପୌରାଣିକ କଥାବସ୍ତୁକୁ ଖୋଲାମଞ୍ଚରେ ନିପୁଣ ଭାବରେ ଅଭିନୟ କରିଥିଲେ। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ହୃଷିକେଶ ରାଜପଲିଆ ମଞ୍ଚ ପରିଚାଳନା କରିଥିଲେ। କମିଟି ସଭାପତି ଦିଲୀପ ରାଜପଲିଆ, କାର୍ଯ୍ୟକାରୀ ସଭାପତି ଅକ୍ଷୟ ରଣା ଅତିଥିଭାବେ ରାଜ ଦରବାରରେ ଉପସ୍ଥିତ ରହିଥିଲେ । କଂସ ଭୂମିକାରେ ଅଭିନୟ କରିଥିବା ରବିନ୍ଦ୍ର କୁମାର ସାହୁ ଓ ଅନ୍ୟାନ୍ୟ କଳାକାରଙ୍କୁ ଏହି ଅବସରରେ କମିଟି ତରଫରୁ ସମ୍ମାନିତ କରାଯାଇଥିଲା ।

## ରମାଇ ପାହାଡ଼ ମହୋତ୍ସବ ଲାଗି ସମୀକ୍ଷା ବୈଠକ

**ଲୋଇସିଂହା,୨୩।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଭାଲୁପାଲିଠାରେ ଆସନ୍ତା ଏପ୍ରିଲ ୩ରୁ ୫ ପର୍ଯ୍ୟନ୍ତ ରମାଇ ପହାଡ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଲୋଇସିଂହା ଜମିଦାରଙ୍କ ରାଜବାଟି ପରିସରରେ ରମାଇ ପାହାଡ ମହୋତ୍ସବ ପାଇଁ ସମୀକ୍ଷା ବୈଠକ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜମିଦାର ଜୟକୃଷ୍ଣ ସିଂରାଏ ବୈଠକରେ ଅଧ୍ୟକ୍ଷତା କରି ମହୋତ୍ସବର ସଫଳ ଆୟୋଜନ ଲାଗି ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ । କମିଟି ସଭାପତି ସରୋଜ କୁମାର ତ୍ରିପାଠୀ ବୈଠକରେ ମହୋତ୍ସବର ବିଭିନ୍ନ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। କମିଟି ଉପସଭାପତି ବୀରବର ଧରୁଆ ରମାଇ ପାହାଡ ସହ ଅଞ୍ଚଳବାସୀଙ୍କ ସମ୍ବନ୍ଧ ଓ ଲୋକ ବିଶ୍ୱାସ ଉପରେ ମତ ରଖିଥିଲେ । ଯୁଗ୍ମସମ୍ପାଦକ ତୁମେଶ୍ୱର ସାହୁ, ଦୁର୍ଗାପ୍ରସାଦ ପଧାନ, କବି ରାଏ, ବୈବସ୍ୱତ ବିଶ୍ୱାଳ, ଇନ୍ଦ୍ରମଣୀ ବାରିକ ପ୍ରମୁଖ ଉପସ୍ଥିତ ରହି ସ୍ୱମତ ରଖିଥିଲେ। ସମ୍ପାଦକ ପ୍ରଶାନ୍ତ ବେହେରା ବୈଠକକୁ ସଂଯୋଜନା କରିଥିଲେ ।



ସମୀକ୍ଷା ବୈଠକରେ ଉପସ୍ଥିତ ମହୋତ୍ସବ କମିଟି କର୍ମକର୍ତ୍ତା।

# ଗୋଷ୍ଠୀ କେନ୍ଦ୍ରରେ ଚାଲିଛେ ଛାତ୍ରୀଛାତ୍ରଙ୍କର ପାଠ୍‌ପଢ଼ା

**ଲାଠୋର, ୨୩।୨ (ଡି.ଏନ୍.ଏ.)**



ହାଟପଦାପଡ଼ା ପ୍ରାଥମିକ ସ୍କୁଲ।

ହାଟପଦାପଡ଼ା ସ୍କୁଲରେ ପଢ଼ାକୁଠି ଅଭାବ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗୋଷ୍ଠୀ କେନ୍ଦ୍ରରେ ଅନେକ ମାସ ହେଲା ଥାନୀଅ ହାଟପଦାପଡ଼ା ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ରଙ୍କର ପାଠ୍‌ପଢ଼ା ଚାଲିଛେ। ଏନ୍‌ତାଥି ଗୋଷ୍ଠୀ କେନ୍ଦ୍ରରେ ହେବାକେ ଥିବାର ଉନିଆଁ କାମ୍‌ରେ ଅସ୍‌ବିଧା ହେଉଛେ। ଇଆଡ଼େ ସରକାର ପ୍ରାଥମିକ ଶିକ୍ଷାର ବିକାଶ ଲାଗି ରାଜକୋଷରୁ ପାଏନ୍ ଲେଖେଁ ଟଁକା ଖରଚ୍ କରୁଛନ୍। ହେଲେ କେନ୍ ସ୍କୁଲରେ ପଢ଼ାକୁଠି ନାଇଁ ତ ଆର କେନ୍‌ନେ ଶିକ୍ଷକ ଅଭାବୁ ପାଠ୍‌ପଢ଼ା ନାଇଁ ହେବାର।

ସୂଚନା ଅନ୍‌ସାରେ ୧୯୭୯ ସାଲେ ଲାଠୋର ହାଟପଦାପଡ଼ାରେ ଗୁଟେ ସରକାରୀ ପ୍ରାଥମିକ ସ୍କୁଲର ଥାପନା କରାଯାଇଥିଲା। ସ୍କୁଲର ନିଜର ଜାଗାବାଡ଼ି ରହିଥିଲେ ବି ସେଠାନେ ପଢ଼ାକୁଠିର ଅଭାବ ରହିଛେ। ସେନ୍‌ତା ସ୍କୁଲର ବାଡ଼ାକେ ଲାଗି ବିପଦ୍ ଅବସ୍‌ତାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଟିକିନିଖିନୁ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଖପ୍ରାଖୋଲ ବ୍ଲକ ଶିକ୍ଷା ଅଧିକାରୀ ଚିଠି ସଂଖ୍ୟା ୧୦୧୩, ତା.୧୨।୭।୨୦୧୯ରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁଁ ସେଠାନେ ଛାତ୍ରୀଛାତ୍ରଙ୍କୁ ପାଠ୍ ନାଇଁ ପଢ଼େଇ କରି ପାସର ଗୋଷ୍ଠୀ କେନ୍ଦ୍ରରେ ପଢ଼ାବାକେ ନିରଦେଶ ଦେଇଥିଲେ। ସେନ୍‌ତା ଚିଠି ସଂଖ୍ୟା ୧୦୧୪, ତା.୧୨।୭।୨୦୧୯ରେ ବିଇଓ ଲାଠୋର ସରପଁଚ୍‌ଙ୍କୁଁ ଚିଠି କରି ଗୋଷ୍ଠୀ କେନ୍ଦ୍ରରେ ପିଲାମାନକର ପାଠ୍ ପଢ଼ବାର ବେବସ୍‌ତା କରବାକେ ଅନୁରୋଧ କରିଥିଲେ। ବିଇଓଙ୍କର ଅନୁରୋଧ୍ ହିସାବେ ଲାଠୋର ସରପଁଚ୍ ବି ଲକ୍ଷାଧିକ୍ ଟଁକା ଖରଚ୍ କରି ଗୋଷ୍ଠୀ କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କର ପାଠ୍‌ପଢ଼ବାର ସୁବିଧା କଲେ। ଇ ଭିତରେ ରାଜନେତା, ଜିଲା ଯୋଜନା ବୋର୍ଡ ସଦସିଅ ସତ୍ୟନାରାୟଣ ଭୋଇ ଆର ବିଭାଗୀୟ ଅଧିକାରୀମାନେ ପରିଦରଶନରେ ଆସି ସବୁ ସମସିଆ ଉପରେ ପଚାରି ବୁଝିଥିଲେ। ହେଲେ ଆଏଜ୍‌ତକ ଇ ଦିଗେ ଆଏଁଖ୍ ଦୁର୍‌ଶିଆ ପଦକ୍ଷେପ ନାଇଁ ନେଇ। ସେନ୍‌ତା ୧୮।୨।୨୦୨୦ରେ ଜିଲା ମନିଟରିଂ ଟିମ ସ୍କୁଲରେ ପୁହୁଁଚି ଥିଲେ। ଜିଲା ମନିଟରିଂ ଟିମ୍‌କେ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତୀ ଶବର ଆର ସିଆର୍‌ସିସି କୁଞ୍ଜ ବିହାରୀ ସରାପ ସ୍କୁଲର ସମସିଆ ବାବ୍‌ଦେ କହିଥିଲେ। ଉନିଆଁ ଅଧିକାରୀମାନଙ୍କୁ ସ୍କୁଲ ତରଫୁ ସମସିଆର ସମାଧାନ ଲାଗି ଅନୁରୋଧ କଲେ ଆମେ ପଦକ୍ଷେପ ନେଇଛୁଁ। ଦିନୁ ଦିନ୍‌କେ ସମସିଆର ସମାଧାନ ହେବା ବଲି କଥାଟାକେ କିଁଦ୍‌ରଉଛନ୍। ଇଆଡ଼େ ସ୍କୁଲର କେତେ ଜମି ରହିଛେ ସେଟାକେ ନପାଜୁଖା କରାଯାଉ। ସେଠାନେ ସ୍କୁଲର ନୂତନ କୁଠା ବନେଇ ଗୋଷ୍ଠୀ କେନ୍ଦ୍ରରୁ ଛାତ୍ରୀଛାତ୍ରଙ୍କୁ ସେଠାନ୍‌କେ ନିଆଯାଉ ବଲି ସାଧାରନରେ ଦାବି ହେଉଛେ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ଡିପ୍ଲୋମା ଛାତ୍ରୀଙ୍କ ଆତ୍ମହତ୍ୟା

**କୋମନା,୨୩।୨(ଡି.ଏନ.ଏ.):** ନୂଆପଡ଼ା ଜିଲା କୋମନା ବ୍ଲକ ବିଲେନଯୋରସ୍ଥିତ ଝାଙ୍କିରିପଡାର ଜଣେ ଡିପ୍ଲୋମା ଛାତ୍ରୀ ଆତ୍ମହତ୍ୟା କରିଥିବା ଜଣାପଡିଛି। ସୂଚନା ମୁତାବକ ଛାତ୍ରୀ ଜଣକ ଭୁବନେଶ୍ୱରସ୍ଥିତ ଏକ ଡିପ୍ଲୋମା କଲେଜରେ ଅଧ୍ୟୟନ କରୁଥିଲେ। ସେ କିଛି ଦିନ ହେବ ଛୁଟିରେ ଘରକୁ ଆସିଥିଲେ। ଗତ ଶିବରାତ୍ରିରେ ପୂଜା ପାଇଁ ନିକଟସ୍ଥ ଶିବ ମନ୍ଦିରକୁ ଯାଇ ଘରକୁ ଫେରି ନ ଥିଲେ। ଘର ଲୋକେ ଖୋଜାଖୋଜି କରୁଥିବା ବେଳେ ନିଜ ଚାଷ ଜମିରେ ଥିବା ଏକ ଆମ୍ବ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। କୋମନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୦) ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଆନ୍ତଃରାଜ୍ୟ କରାଟେରେ ଥୁ.ରାମପୁରର ସଫଳତା

**ଭବାନୀପାଟଣା,୨୩।୨(ଡି.ଏନ.ଏ.):** ଆନ୍ଧ୍ରପ୍ରଦେଶର ନିର୍ଦାବୁଲୁରେ ଅନୁଷ୍ଠିତ ଦ୍ୱିତୀୟ ଆନ୍ତଃରାଜ୍ୟ ଗୁଜୋରିୟୋ କରାଟେ ଓପନ ଚାମ୍ପିୟନଶିପରେ ଆନ୍ଧ୍ରପ୍ରଦେଶ ସମେତ ଓଡିଶା, ମହାରାଷ୍ଟ୍ର, ତେଲେଙ୍ଗାନା, ଛତିଶଗଡରୁ ପ୍ରାୟ ୮୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଓଡିଶାରୁ କଳାହାଣ୍ଡି ଜିଲା ଥୁ.ରାମପୁର କୁଶଲ କରାଟେ ସ୍କୁଲ ଛାତ୍ରୀଛାତ୍ର ଭାଗ ନେଇ କଳାହାଣ୍ଡି ପାଇଁ ଗୌରବ ଆଣିଛନ୍ତି। ପଦକ ହାସଲ କରିଥିବା ବେଳେ ନବୀନ ନାଏକ ବ୍ରାଉନ ବେଲ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ବ୍ଲାକ ବେଲ୍ଟ ଜୁନିୟର ବର୍ଗରେ ବିକାଶ ନାଏକ ରୌପ୍ୟ ପଦକ, ଗ୍ରୀନ ବେଲ୍ଟରେ ଜିତୁ ନାଏକ ରୌପ୍ୟ ପଦକ ଓ ଦୟାନିଧି ନାଏକ ୟେଲୋ ବେଲ୍ଟରେ ରୌପ୍ୟ ପଦକ ହାସଲ କରି ଅଞ୍ଚଳ ପାଇଁ ତଥା କଳାହାଣ୍ଡି ପାଇଁ ଗୌରବ ଆଣିଛନ୍ତି। ଏହି କୃତୀ ପ୍ରତିଯୋଗୀ ଜାତୀୟ କରାଟେ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବାକୁ ସୁଯୋଗ ପାଇବେ ବୋଲି ଓଡିଶା ଗୁଜୋରିୟୋ କରାଟେ ମୁଖ୍ୟ ପ୍ରଶିକ୍ଷକ ଅଶୋକ ନାଗ ସୂଚନା ଦେଇଛନ୍ତି।

### ଜାତୀୟ ମାନବାଧିକାର କମିଶନର ଦ୍ୱାରସ୍ଥ ହେଲେ ମାନାବାଧିକାର କର୍ମୀ

ଭବାନୀପାଟଣା,୨୩।୨(ଡି.ଏନ.ଏ.) ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ନାବାଳିକା ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ଘଟଣାରେ ଦିଲୀପ ଦାସ ଜଣେ ମାନାବାଧିକାର କର୍ମୀ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଚନ୍ତି। ବିଦ୍ୟୁତ ବିଭାଗ ଅବହେଳା ପାଇଁ ଏଭଳି ଏକ ଦୁର୍ଘଟଣା ହେଲା ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଧର୍ମଗଡ ବ୍ଲକ ପୁମେରଗୁଡା ପଞ୍ଚାୟତ ମୁଖିଗୁଡା ଗ୍ରାମର ସୁରୁ ମାଝିଙ୍କ ଝିଅ ରତ୍ନେ ମାଝି ଗତ ୧୭ ତାରିଖରେ ନିଜ ଜମିରେ ଗୋବର ଫିଙ୍ଗିବାକୁ ଯାଇ ୧୧ କେଭି ବିଦ୍ୟୁତ ତାରର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ଧର୍ମଗଡ ଡାକ୍ତରଖାନାକୁ ଅଣାଯାଇଥିଲା। ଅଞ୍ଚଳର ଅନେକ ସ୍ଥାନରେ ୧୧ କେଭି ବିଦ୍ୟୁତ ତାର ଏମିତି ଓହଳି ପଡିଛି।

# ମନଛୁଆଁ ହେଉନି ପଲ୍ଲିଶ୍ରୀ ମେଳା

- ହସ୍ତଶିଳ୍ପ ସାମଗ୍ରୀର ଚାହିଦା ବଢୁଛି
- ଲୋକଙ୍କ ସମ୍ପୃକ୍ତି ନାହିଁ

**ନୂଆପଡା ଅଫିସ,୨୩।୨**





ମେଳାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ରାଜ୍ୟ ସରକାର ହସ୍ତଶିଳ୍ପ ଏବଂ ସାମଗ୍ରୀର ଚାହିଦା ବୃଦ୍ଧି ସକାଶେ ରାଜ୍ୟବ୍ୟାପି ପଲ୍ଲିଶ୍ରୀ ମେଳାର ଆୟୋଜନ କରିଆସୁଛନ୍ତି । ଏହିଭଳି ନୂଆପଡାରେ ମଧ୍ୟ ପ୍ରତିବର୍ଷ ଭଳି ଏଥର ମେଳାର ଆୟୋଜନ କରାଯାଇଛି। ଗତ ଗୁରୁବାରଠାରୁ ଚାଲିଥିବା ମେଳା ସୋମବାର ଶେଷ ହେବ। ଏହା ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥାଏ। ଏଥିରେ ମୋଟ ୧୫୩ଟି ଷ୍ଟଲ ଲାଗି ଥିବାବେଳେ ୧୦ଟି ଷ୍ଟଲରେ ବୁକ ଫେୟାର ଲାଗିଛି। ଏଥିରେ ରାଜ୍ୟ ବାହାରୁ ରାଜସ୍ଥାନ, ହରିୟାଣା, ପଶ୍ଚିମ ବଙ୍ଗ ଆଦି ବିଭିନ୍ନ ରାଜ୍ୟରୁ ସାମଗ୍ରୀ ସବୁ ମେଳାକୁ ଆସିଛି। ଏଥିସକାଶେ ପ୍ରତିଦିନ ଗ୍ରାହକଙ୍କ ଚାହିଦା ବଢି ଚାଲିଛି । ସେହିଭଳି ସନ୍ଧ୍ୟା ହେଲେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ଏଥିରେ ଜିଲାର ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନରୁ କଳାକାରମାନେ ଆସି କଳାର ପ୍ରଦର୍ଶନ କରୁଛନ୍ତି । ହେଲେ ପୂର୍ବବର୍ଷରେ ମେଳା ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସକାଶେ ମଣ୍ଡପ ରହୁଥିବାବେଳେ ଲୋକେ ମେଳା ଦେଖିବା ସହ କାର୍ଯ୍ୟକ୍ରମର ମଜା ନେଉଥିଲେ। ଏହା ନ ହେବାରୁ ମେଳା ଟିକିଏ ଫିକା ପଡିଯାଇଥିବା କୁହାଯାଉଛି। ଅନ୍ୟପଟେ ମେଳାରେ ପ୍ରତ୍ୟହ ହଜାର ହଜାର ଲୋକ ଠୁଳ ହେଉଛନ୍ତି । ହେଲେ ଏଠାରେ କୌଣସି ଖାଦ୍ୟ ଷ୍ଟଲ ଖଞ୍ଜାଯାଇ ନ ଥିବାରୁ ଲୋକେ ନିରାଶ ହୋଇ ଫେରିଯାଉଛନ୍ତି । ଜିଲା ହେଡକ୍ୱାର୍ଟରରେ ହେଉଥିବା ଏକ ଗୁରୁତ୍ୱପୂର୍ଣ୍ଣ ମେଳାରେ ସ୍ଥାନୀୟ କଳାକାର, କଳାପ୍ରେମୀ ଏବଂ ସ୍ୱେଚ୍ଛାସେବୀଙ୍କୁ ସାମିଲ କରାଯାଇ ନ ଥିବାରୁ କାର୍ଯ୍ୟକ୍ରମକୁ ଲୋକଙ୍କ ମେଳା ନୁହେଁ ବରଂ ସରକାରୀ ମେଳା ହୋଇଛି ବୋଲି ଲୋକେ ଆଲୋଚନା କରୁଛନ୍ତି ।

### ସେମାନେ ଯାହା କୁହନ୍ତି...



"ଆଜକୁ ୫/୬ବର୍ଷ ହେବ ଜିଲାର ପ୍ରତିଷ୍ଠା ଉତ୍ସବ ଅର୍ଥାତ ମାରାଗୁଡା ଉତ୍ସବ ହେଉନାହିଁ । ଲୋକଙ୍କ ମଧ୍ୟରେ ସବୁବେଳେ ଏଥିପ୍ରତି ଉତ୍କଣ୍ଠା ଦେଖାଯାଉଛି। ହେଲେ ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ନିଜ ଇଚ୍ଛାରେ କାରବାର କରୁଛନ୍ତି । ଏହି ମେଳାକୁ ମଧ୍ୟ ଲୋକଙ୍କ ସମ୍ପୃକ୍ତିଠାରୁ ଦୂରେଇ ରଖାଯାଇଛି। ଏହା ଶୁଭଙ୍କର ନୁହେଁ ।

**-ଦୀପକ କୁମାର ମିଶ୍ର, କଳାପ୍ରେମୀ**



"ମେଳା ପୂର୍ବରୁ ଯେପରି ପ୍ରସ୍ତୁତି ହେବା କଥା ତାହା ହୋଇନାହିଁ । କେତେକ ଅଧିକାରୀ ନିଜ ଇଚ୍ଛାମୁତାବକ କାରବାର କରିଛନ୍ତି । ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଦର୍ଶକଙ୍କୁ ବାନ୍ଧି ରଖିବା ଭଳି ଫୁଡ ଷ୍ଟଲର ବ୍ୟବସ୍ଥା ନାହିଁ । ଲୋକେ ବାଧ୍ୟ ହୋଇ ନିରାଶ ହୋଇ ଫେରିଯାଉଛନ୍ତି । ଏହାକୁ ଧନୁଯାତ୍ରା ନ ହେଲେ ମାରାଗୁଡା ଉତ୍ସବ ସହ ସାମିଲ କରାଯିବା କଥା।

**-ଶରତ କୁମାର ପଣ୍ଡା,ବରିଷ୍ଠ ଶିକ୍ଷାବିତ**



"ଜିଲା ହେଡକ୍ୱାର୍ଟରରେ କୌଣସି ପ୍ରକାର ଉତ୍ସବ ହେଉନାହିଁ । କେବଳ ଯେ ଏହି ମେଳା ଟିକକ ପାଇଁ ଲୋକେ ଜଗି ରହିଥାନ୍ତି । ଏଥିରେ ସ୍ଥାନୀୟ ଛାତ୍ରୀଛାତ୍ର, ଲୋକକଳାକୁ ସାମିଲ କରି ଏକ ଉତ୍ସବର ରୂପ ଦେବା ଆବଶ୍ୟକ। ଦଶମ ଶ୍ରେଣୀ ସହ ଅନ୍ୟାନ୍ୟ ପିଲାଙ୍କୁ ପରୀକ୍ଷା ସମୟ ଚାଲିଛି । ହେଲେ ଏହାକୁ ପ୍ରଶାସନ ପ୍ରସ୍ତୁତି ବେଳେ ଚିନ୍ତା କରିନାହିଁ।

**-ସୁହାନୀ ତ୍ରିପାଠୀ, ଦଶମ ଶ୍ରେଣୀ ପରୀକ୍ଷାର୍ଥୀ**



"କାର୍ଯ୍ୟକ୍ରମକୁ ଜନାଦୃତ କରିବାକୁ ସବୁ ପ୍ରକାର ପ୍ରସ୍ତୁତି କରାଯାଇଛି । ଏଥିପାଇଁ ବହୁ ଦିନ ଧରି ଯୋଜନା କରାଯାଇଥିଲା। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଷ୍ଟଲ ନେଇ ଦୋକାନୀ, ସ୍ୱଂୟ ସହାୟକ ଦଳ ସବୁ ଆସି ପସରା ମେଲାଇଛନ୍ତି। ନିହାତି ଭାବେ ଏହା ଲୋକଙ୍କର ଗ୍ରହଣୀୟ ହେବ। ଆଗାମୀ ଦିନରେ ଏହାର ସୁପ୍ରଭାବ ପଡିବ ବୋଲି ଆଶା ରଖୁଛୁ ।

**- ରବୀନ୍ଦ୍ର କୁମାର ପ୍ରଧାନ, କାର୍ଯ୍ୟନିର୍ବାହୀ ଓରମାସ।**

# ଗାମୁଛା ଲଗାଇ ମହିଳାଙ୍କ ଆତ୍ମହତ୍ୟା

**ନୂଆପଡା ଅଫିସ/କୋମନା, ୨୩।୨(ଡି.ଏନ.ଏ.)**

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ**

ନୂଆପଡା ଜିଲା ତରବୋଡ ଫାଣ୍ଡି ଅନ୍ତର୍ଗତ ସିହିନାମୁଣ୍ଡା ଗାଁର ଜଣେ ବିବାହିତ ମହିଳାଙ୍କ ମୃତ୍ୟୁକୁ ନେଇ ନାନା ସନ୍ଦେହ ଉପୁଜିଛି । ନିଜେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଖବର ପାଇ ପୋଲିସ ମୃତଦେହକୁ ଜବତ କରିଥିବାବେଳେ ତାଙ୍କ ସମ୍ପର୍କୀୟମାନେ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଏ ନେଇ ତରବୋଡ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୮/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ କୋମନାକୁ ପଠାଇଛି। ବିବରଣୀମତେ ସିହିନାମୁଣ୍ଡା ଗାଁର ଭୋଦେବ ହଂସ ଦାନୋଝଲା ଗାଁର ସତ୍ୟବତୀଙ୍କୁ ବିବାହ କରିଥିଲେ। ଆଜକୁ ୨ ବର୍ଷ ହେବ କୌଣସି ପିଲାଛୁଆ ନ ଥିବାବେଳେ କୌଣସି କାରଣକୁ ନେଇ ରବିବାର ସକାଳେ ଆତ୍ମହତ୍ୟା କରିଥିବା ପରିବାର ଲୋକ ଜାଣିବାକୁ ପାଇଥିଲେ। ଘର ଛାତରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ନେଇ ସ୍ୱାମୀ ତରବୋଡ ଫାଣ୍ଡିକୁ ଜଣାଇଥିଲେ। ପୋଲିସ ମଧ୍ୟାହ୍ନରେ ଗାଁରେ ପହଞ୍ଚି ମୃତଦେହ ଜବତ କରିଥିଲା । ଅନ୍ୟପଟେ ସତ୍ୟବତୀଙ୍କ ଭାଇ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରି ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଲିଖିତ ଅଭିଯୋଗ କରିଛନ୍ତି । ଏହାକୁ ପୋଲିସ ଗୁରୁତ୍ୱର ସହ ବିଚାରକୁ ନେଇ ବ୍ୟବଚ୍ଛେଦ ପାଇଁ କୋମନାକୁ ପଠାଇଛି। ସୋମବାର ସକାଳେ ବ୍ୟବଚ୍ଛେଦ ହେବ ବୋଲି ଫାଣ୍ଡି ଅଧିକାରୀ ଲଛିନ୍ଦ୍ର ଚଲାନ ପ୍ରକାଶ କରିଛନ୍ତି।

# ବ୍ଲକସ୍ତରୀୟ ଜଳବନ୍ଧୁ କର୍ମଶାଳା

**କୋମନା, ୨୩।୨ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ବିଲେନଜୋର ସହଭାଗୀ ବିକାଶ ଅଭିଯାନସ୍ଥିତ ସଭା ଗୃହରେ ଆରସିଡିସି ଆନୁକୁଲ୍ୟରେ କୋମନା ବ୍ଲକସ୍ତରୀୟ ଜଳବନ୍ଧୁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଳବନ୍ଧୁ ସଭ୍ୟସଭ୍ୟାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି । ଏଥି ସହିତ ଗ୍ରାମର ବିଭିନ୍ନ ଲୋକଙ୍କୁ ପାନୀୟ ଜଳ ଆବଶ୍ୟକତା ପୂରଣ ପାଇଁ ଉପଲବ୍ଧ ନେଇ ଉପଯୁକ୍ତ ବ୍ୟବହାର ନିଶ୍ଚିତ କରାଇବା, ଗ୍ରାମ୍ୟ ଜଳ ସୁରକ୍ଷା ଯୋଜନା ପ୍ରସ୍ତୁତ କରି ଜିପିଡିପି ଯୋଜନାରେ ସାମିଲ କରିବା, ଗ୍ରାମର ପାନୀୟ ଜଳ ଯୋଗାଣ ପରିସ୍ଥିତି, ବର୍ତ୍ତମାନ ବ୍ୟବସ୍ଥାରେ ଉନ୍ନତି ଅଣାଯାଇ ନୂତନ ଯୋଜନା ଉପରେ ବିଶେଷ ଆଲୋଚନା କରାଯିବା ସହ ଫ୍ଲୋରାଇଡ ପାଣିର ବିକଳ୍ପ ଉତ୍ସ ଚିହ୍ନଟ କରି ସେହି ଉତ୍ସର ରକ୍ଷଣାବେକ୍ଷଣ ପ୍ରତି ସଚେତନ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ଗ୍ରାମର ଜଳ ଉତ୍ସଗୁଡିକର ମରାମତି ପାଇଁ ଉପଯୁକ୍ତ ପଦେକ୍ଷେପ ନେବା ପାଇଁ ଗ୍ରାମସଭା, ପଲ୍ଲୀସଭାରେ ଉପସ୍ଥାପନ କରିବା ଦିଗରେ ଆଲୋଚନା କରାଯାଇଥିଲା। ସବୁ ଘରେ ସବୁ ସମୟରେ ପାନୀୟ ଜଳ ମିଳିବା ଏବଂ ସବୁ ପକ୍ଷରେ ସକ୍ରିୟ ଅଂଶ ଗ୍ରହଣ ସମ୍ପର୍କରେ ବିଶେଷ ଆଲୋଚନା କରାଗଲା। ଏଥିରେ ମୁଖ୍ୟଅତିଥି ଭାବେ କୋମନା ଜଳବନ୍ଧୁ ସଭାପତି ଈଶ୍ୱର ଚନ୍ଦ୍ର ନାୟକ, ଜଳବନ୍ଧୁ ସକ୍ରୀୟ ସଭ୍ୟ ଶିଆଲଟି ସରପଞ୍ଚ ରୁଦ୍ରସିଂ ମାଝି, ଜଡାମୁଣ୍ଡା ସରପଞ୍ଚ କନସନ ଧରୁଆ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆରସିଡିସି ପ୍ରୋଗ୍ରାମ ଅଫିସର ହେମନ୍ତ ନାଏକ ପରିଚାଳନା କରିଥିବା ବେଳେ ମହେନ୍ଦ୍ର କୁମାର ଜୋଷୀ ତାଲିମ ପ୍ରଦାନ କରିଥିଲେ। ଆଶିଷ କୁମାର ଖମାରୀ ସ୍ୱାଗତ ସମ୍ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବ୍ରିଜଲାଲ ନାଗ ସହଯୋଗ କରିଥିଲେ।

# ଏଟିଏମ୍ ଖୋଲା, ମିଳୁନି ଟଙ୍କା

**ନୂଆପଡା ଅଫିସ,୨୩।୨**

**ଜିଲା ହେଡକ୍ୱାର୍ଟରରେ ଟଙ୍କା ସମସ୍ୟା**

ଲୋକଙ୍କୁ ଦ୍ୱାର ମୁହଁରେ ବ୍ୟାଙ୍କ ସେବା ଯୋଗାଇ ଦେବା ନାଁରେ ଜିଲା ହେଡକ୍ୱାର୍ଟରଗୁଡିକରେ ଗୁଡିଏ ବ୍ୟାଙ୍କ ଶାଖା ଖୋଲାଯାଇଛି। ଏବୁ ବ୍ୟାଙ୍କକୁ ଏଟିଏମ ସେବା ଯୋଗାଇ ଦେବାକୁ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ମଧ୍ୟ ରହିଛି । କେବଳ ସରକାରୀ ନିର୍ଦ୍ଦେଶନାମାକୁ ମାନିବାକୁ ଯାଇ ଏଠାରେ କୁଢ କୁଢ ଏଟିଏମ ଖୋଲାଯାଇଛି। ହେଲେ ଏଟିଏମରୁ ଟଙ୍କା ବାହାରୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଟିଏମଗୁଡିକରେ ଟଙ୍କା ଜମା କରିବାକୁ ମେଶିନ ରଖାଯାଇଛି। ହେଲେ ସେସବୁ ମଧ୍ୟ ମାସକରେ ଦିନେ ଦି ଦିନ ନାକୁ ମାତ୍ର ଚାଲୁଛି । ଏହାକୁ ନେଇ ଗ୍ରାହକମାନେ ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଉଲ୍ଲେଖଯୋଗ୍ୟ ଯେ, ଏଠାରେ ଏଟିଏମଗୁଡିକରେ ବିଶେଷତଃ ଛୁଟି ଦିନ, ପର୍ବପର୍ବାଣୀଗୁଡିକରେ ଏଟିଏମ ବନ୍ଦ ହେଉଥିବାରୁ ଏହାକୁ ନାନାଦି ଆଲୋଚନା ହେଉଛି। ବ୍ୟାଙ୍କ ପରିଚାଳକମାନେ ସାହୁକାରମାନଙ୍କ ସହ ମିଶି ଚକ୍ରାନ୍ତ କରୁଥିବା ଲୋକେ ଅଭିଯୋଗ କରୁଛନ୍ତି । ଏହା ଉପରେ ଜିଲା କର୍ତ୍ତୃପକ୍ଷ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହେଉଛି।





ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ଅଚଳ ହୋଇଥିବା ଟଙ୍କା ଜମା ମେଶିନ।

### ବିଭିନ୍ନ ଶୈବ ପୀଠରେ ଶିବରାତ୍ରି ପାଳିତ

**ଗୋଲାମୁଣ୍ଡା,୨୩।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଚୁରପାହାଡ ପାଦ ଦେଶରେ ଅବସ୍ଥିତ ଗଦଲାଝରଣ ଶୈବ ପୀଠରେ ଶିବରାତ୍ରି ପାଳିତ ହୋଇଯାଇଛି। ଭୋରରୁ ପୁରୋହିତଙ୍କ ମନ୍ତ୍ରଧ୍ୱନିରେ ଚୁରାପହାଡ ପ୍ରକମ୍ପିତ ହୋଇଥିଲା। ଜାଗର ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। କମିଟି ପକ୍ଷରୁ ଅଷ୍ଟପ୍ରହର ନାମ ସଂକିର୍ତ୍ତନ ଆୟୋଜିତ ହୋଇଥିଲା । ଲୋକଙ୍କ ଭିଡକୁ ଦୃଷ୍ଟିରୁ ରଖି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଗଣା ଅନ୍ନ ଭୋଜନ ଓ ଜଳପାନ ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ପାଇଁ ସଶସ୍ତ୍ର ଯବାନ ମୃତୟନ ହୋଇଥିଲେ। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ପକ୍ଷରୁ ୨୦ ହଜାର ଲୋକଙ୍କ ପାଇଁ ଅର୍ଣ୍ଣଭୋଜନ ଓ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା। ସହିପରି ଗୋଲାମୁଣ୍ଡା, କରକୋଟ, ଚପ୍ରିଆ, କେଗାଁ, ମହାଲିଙ୍ଗ, ବୋଡି, ଉଛୁଲା ଶିବ ମନ୍ଦିରରେ ମଧ ଭକ୍ତଙ୍କ ପ୍ରବଳ ଭିଡ ହୋଇଥିଲା।



ଖଡ଼ିଆଳ ସହରରେ ବନ୍ଦ ପାଳନ ଅବସରରେ ଆନ୍ଦୋଳନକାରୀମାନେ।

# ସିଏଏ ପ୍ରତିବାଦରେ ୧୨ଘଣ୍ଟା ଖଡ଼ିଆଳ ବନ୍ଦ

**ନୂଆପଡ଼ା ଅଫିସ/ଖଡ଼ିଆଳ, ୨୩।୨ (ଡି.ଏନ.ଏ.)**

ସିଏଏ ପ୍ରତିବାଦରେ ରବିବାର ଭାରତ ବନ୍ଦ ଡାକରା ଥିବାବେଳେ ନୂଆପଡ଼ା ଜିଲା ଖଡିଆଳ ବନ୍ଦ ଡାକରା ଦିଆଯାଇଥିଲା। ସକାଳ ୬ଟାରୁ ସନ୍ଧ୍ୟା ୬ଯାଏଁ ୧୨ ଘଣ୍ଟା ଖଡିଆଳ ବନ୍ଦ ରହିଥିଲା । ସହରର ସମସ୍ତ ଦୋକାନ ବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲାବେଳେ ସମସ୍ତ ଗାଡି ଚଳାଚଳ ବନ୍ଦ ରହିଥିଲା । ସକାଳ ୬ଟାବେଳେ ସହରର ବୋଡେନ ଏବଂ ଆମ୍ବେଡକର ଛକ ନିକଟରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରି ବନ୍ଦ ଆରମ୍ଭ କରିଥିଲେ। ସମସ୍ତ ଦୋକାନ ବଜାର ବନ୍ଦ କରିବାକୁ ପିକେଟିଂ କରିଥିଲେ। ଏହାର ନେତୃତ୍ୱ ଆବାହକ କମଳ ଚରଣ ତାଣ୍ଡି, ଜ୍ୟୋତିଲାଲ ବଞ୍ଜାରେ ନେଇଥିଲେ । ଦିନ ତମାମ ରାସ୍ତାରେ ଆନ୍ଦୋଳନକାରୀମାନେ ବିଭିନ୍ନ ନାରାବାଜି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟା ଯାଏଁ ସହରରେ ଶତାଧିକ ଗାଡି ମୋଟର ବନ୍ଦ ହୋଇ ରହିଥିଲା। ସହର ମଧ୍ୟରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଥିରେ ନିମାଇଁ ଚରଣ ତାଣ୍ଡି, ଘାସିରାମ ଭୋଇ, ବୋଦନ ଭୋଇ, ବିଶ୍ୱରଞ୍ଜନ ସହିସ, ଧରମ ସତନାମୀ, ପୁସ୍ତମ ତାଣ୍ଡି ପ୍ରମୁଖ ସାମିଲ ଥିଲେ। ଏହାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ୍ୟ ସମର୍ଥନ କରାଯାଇଥିଲା ।

# ୪୬୦ କୁଇଣ୍ଟାଲ ଧାନ ଜବତ

## ଧାନ କଳାବଜାରି ଅଭିଯୋଗ, ବିଭିନ୍ନ ସ୍ଥାନରେ ଚଢ଼ାଉ

**ଧର୍ମଗଡ,୨୩।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡରେ ଧାନ କଳାବଜାରି ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪୬୦ କୁଇଣ୍ଟାଲ ଧାନ ଜବତ କରାଯାଇଛି । ରବିବାର ଏକ ଖବରଦାତା ସମ୍ମିଳନୀରେ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା ଏହି ସୂଚନା ଦେଇଛନ୍ତି । ଧର୍ମଗଡ ଉପଖଣ୍ଡ କଲମପୁର, ଜୟପାଟଣା, ବେହେରା, ଆମପାଣି, ଲଦୁଗାଁ ଆଦି ଅଞ୍ଚଳରେ ଧାନର କଳାବଜାରି ହେଉଥିବା ନେଇ ଅଭିଯୋଗ ହୋଇଥିଲା। ରବିବାର ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଉପଜିଲାପାଳ ବେହେରାଙ୍କ ତତ୍ତ୍ୱାବଧାନରେ ୪ଟି ଟିମ ଗଠନ କରି ଭୋର ୪ଟାରୁ ୯ଟା ପର୍ଯ୍ୟନ୍ତ ଉପରୋକ୍ତ ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ଏହି ଅଞ୍ଚଳରେ ଦଲାଲମାନେ ଚାଷୀଙ୍କଠାରୁ କମ ଦରରେ ଧାନ କିଣିବା ପରେ ତାକୁ କିଛି ଚାଷୀଙ୍କ ପରିଚୟ ପତ୍ରରେ ମଣ୍ଡିରେ ବିକ୍ରି କରି ଲାଭବାନ ହେଉଥିଲେ। ଚଢ଼ାଉ ବେଳେ କଲମପୁର ଦେବୁ ଜୈନଙ୍କ ଘର ସାମ୍ନାରୁ ଅନ୍ୟତ୍ର ଚାଲାଣ ହେବାକୁ ଥିବା ଗାଡିରୁ ୭୬ କୁଇଣ୍ଟାଲ ଧାନ ଜବତ କରାଯାଇଛି। ଜୟପାଟଣାର ଅମିତ ଅଗ୍ରୱାଲଙ୍କ ଘରେ ଚଢ଼ାଉ କରି ୯୬ କୁଇଣ୍ଟାଲ, ଲଦୁଗାଁର ଅନିଲ ଅଗ୍ରୱାଲଙ୍କ ଘରେ ଚଢ଼ାଉ କରି ୨୦୦ କୁଇଣ୍ଟାଲ, ଆମପାଣି ପାତ୍ରବସାରେ ଚଢ଼ାଉ କରି ସୋନୁ ଅଗ୍ରୱାଲଙ୍କ ଘରୁ ୬୦ କୁଇଣ୍ଟାଲ ଧାନ ଜବତ କରାଯାଇଛି। ଏହି ଟିମରେ କଲମପୁର ବିଡିଓ ହେମସାଗର ଭୋଇ ଓ ଅତିରିକ୍ତ ତହସିଲଦାର ଦିବାକର ବାଗ, ଜୟପାଟଣା ତହସିଲଦାର ଟିକନ ପୋଟା, ଗୋଲାମୁଣ୍ଡା ଅତିରିକ୍ତ ତହସିଲଦାର ପ୍ରଭାସ ବୋଡାୟକ, ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ ଦାସ, ଜୁନାଗଡ ଆରଏମସି ସେକ୍ରେଟାରୀ ଟଙ୍କ ନାଏକ, ଧର୍ମଗଡ ଅତିରିକ୍ତ ତହସିଲଦାର ଚିନ୍ମୟ ନାଏକ, କୋକସରା ଅତିରିକ୍ତ ତହସିଲଦାର ମୌସୁମି ନାଏକ ଓ ସହକାରୀ ଜିଲାପାଳ ଶଙ୍କର ବାଗଙ୍କୁ ନେଇ ୪ଟି ଟିମ ଗଠିତ ହୋଇଥିଲା । ଏହି ଟିମ ବେହେରାରୁ ଲଦୁଗାଁ ଯାଉଥିବା ଏକ ଧାନ ବୋଝେଇ ଗାଡିକୁ ମଧ୍ୟ ଲଦୁଗାଁରେ ଜବତ କରାଯାଇଛି। ଜବତ ଗାଡିଗୁଡିକୁ ପୋଲିସର ଜିମା ଦିଆଯାଇଛି। ଜବତ ଧାନକୁ ନେଇ ପ୍ରଶାସନ ତଦନ୍ତ ଆରମ୍ଭ କରିଛି। ଯଦି ତାହା ସେମାନଙ୍କ ଉପାର୍ଜିତ ବୋଲି ପ୍ରମାଣିତ ନ ହେଲା ତେବେ ଏସେନସିଆଲ କମୋଡିଟି ଆଇନ ଅନୁଯାୟୀ ତାଙ୍କ ନାଁରେ ମାମଲା ରୁଜୁ ହେବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। ଏହା ସହ ୨୩ ତାରିଖରୁ ଧାନ କିଣା ବନ୍ଦ ହେବା ନେଇ ମଧ୍ୟ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଧର୍ମଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ ମଧ୍ୟ ଉପସ୍ଥିତ ଥିଲେ।

# ନିମ୍ନମାନର ରାସ୍ତା କାମକୁ ଗ୍ରାମବାସୀଙ୍କ ବିରୋଧ

**ଜୁନାଗଡ଼,୨୩।୨ (ଡି.ଏନ.ଏ.)**

**ଗୌଡ଼ସର୍ଗିଗୁଡ଼ା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ମରାମତି କାମ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ୨୬ ନଂ. ଜାତୀୟ ରାଜପଥଠାରୁ ଗୌଡସର୍ଗିଗୁଡା ପର୍ଯ୍ୟନ୍ତ ପ୍ରାୟ ଦେଢ କି.ମି. ପ୍ରଧାନମନ୍ତ୍ରୀ ସଡକ ରାସ୍ତା ଶନିବାରଠାରୁ ମରାମତି କାମ ଆରମ୍ଭ ହୋଇଛି। ଏହି ରାସ୍ତାକାମ ଇଷ୍ଟିମେଣ୍ଟ ଅନୁଯାୟୀ ହେଉ ନ ଥିବା ଓ ନିମ୍ନମାନର କାମ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କି ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ମଧ ଠିକାଦାର ନିଜ କାମ ଚଲାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ କିଛି ବର୍ଷ ତଳେ ବିଲକୁଲ ଡଙ୍ଗରୀ ନିକଟିସ୍ଥ ୨୬ ନଂ. ଜାତୀୟ ରାଜପଥଠାରୁ ଗୌଡସର୍ଗିଗୁଡା ପର୍ଯ୍ୟନ୍ତ ଦେଢ କି.ମି. ପ୍ରଧାନମନ୍ତ୍ରୀ ସଡକ ରାସ୍ତା ନିର୍ମାଣ କରାଯାଇଥିଲା। ଦୀର୍ଘ ଦିନ ପରେ ବି ଏହାର ରକ୍ଷଣାବେକ୍ଷଣ କରାଯାଇ ନ ଥିବାରୁ କ୍ରମଶଃ ଏହି ରାସ୍ତା ଶୋଚନୀୟ ହୋଇପଡିଥିଲା। ଏହାଯୋଗୁ ସ୍ଥାନୀୟ ଲୋକଙ୍କ ଯାତାୟାତରେ ବିଭିନ୍ନ ଅସୁବିଧା ସୃଷ୍ଟି ହେଉଥିଲା। ଫଳରେ ଏହି ରାସ୍ତାର ଆବଶ୍ୟକତା ମନେ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମରାମତି ପାଇଁ ପଦକ୍ଷେପ ନିଆଯାଇଥିଲା। ଜଣେ ଠିକାଦାର ଏହି କାମକୁ ଟେଣ୍ଡର ପାଇଁ ଶନିବାରଠାରୁ ମରାମତି କାମ ଆରମ୍ଭ କରିଛନ୍ତି। ଏଥିରେ ରାସ୍ତା ଆରମ୍ଭରୁ ଶେଷ ଯାଏଁ ପିଚୁକାମ କରାଯାଉଛି। ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବାରୁ ଗୋଡରେ କିମ୍ବା ହାତରେ ଘସିଲେ ରାସ୍ତାରୁ ପିଚୁ ବାହାରି ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଘଟଣା ସ୍ଥଳରେ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହିଥିଲେ ମଧ ଠିକାଦାର ନିମ୍ନମାନର କାମ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ନିମ୍ନମାନର ରାସ୍ତା କାମକୁ ନେଇ ଗ୍ରାମବାସୀ ବିରୋଧ କରୁଥିଲେ ସତ୍ତ୍ୱେ ମଧ ଠିକାଦାର କାମ ବନ୍ଦ କରୁ ନ ଥିବାରୁ ଗ୍ରାମବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଥା ପ୍ରଶାସନ ଦୃଷ୍ଟି ଦେଇ ଏହାର ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଭବାନୀପାଟଣା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ କାଳୀପଦ ମହାକୁଡଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ନିମ୍ନମାନର ରାସ୍ତା କାମକୁ ଗ୍ରାମବାସୀ ବିରୋଧ କରୁଛନ୍ତି ।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଣ୍ଟିନ



## ସଂକ୍ଷେପରେ

### ରିଷିଡ଼ା ମଣ୍ଡିରୁ ଧାନ ଉଠିଲା

**ରିଷିଡ଼ା,୨୩।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା ଧାନ ମଣ୍ଡିରୁ ଶନିବାରରୁ ପର୍ଯ୍ୟାୟ କ୍ରମେ ଧାନ କ୍ରୟ କରାଯାଉଛି । ଏଠାରେ ପ୍ରାୟ ୨୧୭୦ କୁଇଣ୍ଟାଲ ଧାନ ୧ ମାସ ହେଲା ପଡି ରହିଥିଲା। ରିଷିଡା ପ୍ରାଥମିକ ସେବା ସମବାୟ ସମିତିର ଧାନ ମଣ୍ଡିରେ ମାସେ ହେଲା ଅଚଳ ଅବସ୍ଥା ଦେଖାଦେଇଥିଲା। ଜାନୁୟାରୀ ପହିଲାରୁ ସମସ୍ତ ଟୋକନ ଲିଷ୍ଟ ଡିଲିଟ ହେବା ପରେ ସମସ୍ୟା ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ଟୋକନ ଲିଷ୍ଟ ଡିଲିଟ ପରେ ଚାଷୀ ଧାନ ବିକ୍ରି କରି ପାରି ନ ଥିଲେ। ଫଳରେ ଦୀର୍ଘ ମାସେ କାଳ ଧାନ ବିକ୍ରି ହୋଇ ନ ପାରି ପଡିରହିଥିଲା।

### ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**କେସିଙ୍ଗା,୨୩।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଆନୁକୂଲ୍ୟରେ ନର୍ଲା ଥାନାଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋ ସରକାର ଯୋଜନାରେ ହେଉଥିବା ଏହି ରକ୍ତଦାନ ଶିବିରରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ମହାନ୍ତ, ନର୍ଲା ଥାନା ଅଧିକାରୀ ମରଣିରଞ୍ଜନ ଦଲେଇ, ନର୍ଲା ଥାନା କର୍ମଚାରୀ ମନୋଜ ପଣ୍ଡାଙ୍କ ସମେତ ବିଭିନ୍ନ ସଙ୍ଗଠନ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ୬୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିରରେ ନର୍ଲା ପଞ୍ଚାୟତ ସମିତି ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ସାମାଜିକ କର୍ମୀ ପଙ୍କଜିନୀ ନାୟକ, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ହେମସାଗର ସାହୁ, ମାଁ ତାରିଣୀ ଅଟୋ ଚାଳକ ସଂଘ ସଭାପତି ଶଙ୍କର ସାଇରାମ, ମାରୱାଡି ଯୁବ ମଞ୍ଚର କମଳ କୁମାର କେଡିଆ, ନର୍ଲା ବଣିକ ସଂଘ ମଣ୍ଟୁ ଅଗ୍ରୱାଲଙ୍କ ସମେତ ରକ୍ତ ଭଣ୍ଡାର କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ସ୍ଥାନୀୟ ସାମାଜିକ ସଂଗଠନ ମାରୱାଡି ଯୁବ ମଞ୍ଚ, ମାଁ ତାରିଣୀ ଅଟୋ ଚାଳକ ସଂଘ, ପୋଲିସ କର୍ମଚାରୀ ପ୍ରମୁଖ ଅନୁଷ୍ଠାନର ସ୍ୱେଚ୍ଛାସେବୀ ତଥା ସ୍ଥାନୀୟ ବାସିନ୍ଦା ଯୋଗଦେଇ ରକ୍ତଦାନ କରିବା ସହ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ ।

### ବାଇକ୍ ଦୁର୍ଘଟଣାରେ ଆହତ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

**ଭବାନୀପାଟଣା,୨୩।୨(ଡି.ଏନ.ଏ.)** ସଡକ ଦୁର୍ଘଟଣାରେ ଆହତ ହୋଇ ବୁର୍ଲାଠାରେ ଚିକିତ୍ସାଧୀନ ଥିବା ଜୟପାଟଣା ଥାନା ଖଲିଆଭଟା ଛକର ଯୁବ ବ୍ୟବସାୟୀ ହରେକୃଷ୍ଣ ନାୟକ (୪୫)ଙ୍କ ଶନିବାର ସନ୍ଧ୍ୟା ୬ ଟାରେ ମୃତ୍ୟୁ ଘଟିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ଶୁକ୍ରବାର ରାତି ପ୍ରାୟ ୮.୪୫ ସମୟରେ ହରେକୃଷ୍ଣ ବିଜମରାଠାରେ ସାଇକଲ ରଖି କାହା ସାଙ୍ଗରେ ଫୋନରେ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ପଛପଟୁ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଜୟପାଟଣା ଡାକ୍ତରଖାନା ଓ ସେଠାରୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ଦୁଇ ନାବାଳକ ପୁଅ ଓ ଝିଅ ରହିଛନ୍ତି। ଜୟପାଟଣା ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ବାଇକ ଜବତ କରିଛି।

# ସପ୍ତମାତୃକା ଶୈବପୀଠ ରକ୍ତରଞ୍ଜିତ

**କର୍ଲାମୁଣ୍ଡା/ତୁଣ୍ଡଲା, ୨୩।୨ (ଡି.ଏନ.ଏ.)**



ମାନସିକଧାରୀମାନେ ବଳି ଦେବାକୁ ପଶୁଙ୍କୁ ଧରି ଲମ୍ବାଧାଡ଼ିରେ ଛିଡ଼ା ହୋଇଛନ୍ତି ।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡିସ୍ଥିତ ତେଲ ଓ ଉତେଇ ନଦୀ ସଙ୍ଗମସ୍ଥଳ ଐତିହାସିକ ସପ୍ତମାତୃକା ଶୈବପୀଠ ରକ୍ତ ରଞ୍ଜିତ ହୋଇଉଠିଛି। ଓଡିଶାର ଶୈବପୀଠରେ ବଳି ଦେବାର ପରମ୍ପରା ବିରଳ ହୋଇଥିବା ବେଳେ ଏଠାରେ ଶୈବ ଓ ଶାକ୍ତର ମିଳନ ଦେଖିବାକୁ ମିଳିଛି। ଆଦିବାସୀଙ୍କ ବିଶ୍ୱାସ ଅନୁସାରେ ମହାଶିବରାତ୍ରି ସମୟରେ ଅମାବାସ୍ୟାର ପରବର୍ତ୍ତି ଦିନ ଏଠାରେ ବଳି ପ୍ରଥା ଦିଆଯାଏ । ରବିବାର ଏଠାରେ ଶହ ଶହ ପଶୁ ବଳି ଦିଆଯାଇଥିବାରୁ ରକ୍ତ ରଞ୍ଜିତ ହୋଇ ପଡିଛି ବେଲଖଣ୍ଡି ଶୈବପୀଠ। ରବିବାର ସକାଳୁ ପୂଜାର୍ଚ୍ଚନା ପରେ ଧବଳେଶ୍ୱରଙ୍କ ମନ୍ଦିରରୁ ଚଣ୍ଡି କାଳିସୀ ରୂପରେ ସବାର ହେବା ପରେ ତାଙ୍କୁ କାନ୍ଧରେ ବୋହି ଦେବ ମୁହାଣ ପର୍ଯ୍ୟନ୍ତ ଅଣାଯାଇଥିଲା। ଦେବ ମୁହାଣରେ ପ୍ରଥମେ କଳାହାଣ୍ଡି ରାଜାଙ୍କ ଦ୍ୱାରା ପ୍ରେରିତ ବୋଦାକୁ ବଳି ଦିଆଯାଇଥିଲା। ପରମ୍ପରା ଅନୁଯାୟୀ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଓ ଫୁଲବାଣୀର ଅଠର ମାଝି, ଷୋହଳ ପ୍ରଧାନୀ ଆଦିବାସୀମାନଙ୍କଠାରୁ ଅରୁଆ ଚାଉଳ, ଫୁଲ, ସିନ୍ଦୁର ଏବଂ ଟାଙ୍ଗିଆ ଆସିବା ପରେ ସିଦ୍ଧେଶ୍ୱରୀ

#### ଶତାଧିକ ନିରୀହ ପଶୁଙ୍କୁ ବଳି

ପୀଠରେ ପୂଜା କରାଯାଇଥିଲା। ସେହିଭଳି ଗୁର୍ଜିଭଟାରୁ ଆସିଥିବା ନିଶାନରେ ଦେବୀ ଝୁଲିବା ପରେ କଣ୍ଟା ଦୋଳିରେ ଦୋଳି ଖେଳିଥିଲେ। ପରେ ସିଦ୍ଧେଶ୍ୱରୀ ଚଣ୍ଡିଙ୍କଠାରେ ମନୋସ୍କାମନା କରିଥିବା ଭକ୍ତମାନେ ଆଣିଥିବା ବୋଦାକୁ ବଳି ଦିଆଯାଇଥିଲା। ଏଠାରେ ମନୋସ୍କାମନା ପାଇଁ ଦେବୀଙ୍କୁ ମନାସିଲେ ତାହା ପୂର୍ଣ୍ଣ ହୋଇଥାଏ ବୋଲି ଭକ୍ତମାନେ ପ୍ରକାଶ କରିଛନ୍ତି। ପ୍ରାଚୀନ କାଳରେ ଏହି ଅଞ୍ଚଳରେ କନ୍ଧମାନେ ବାସ କରି ଆସୁଥିଲେ। ଏଠାରେ ସପ୍ତ ମାତୃକାଙ୍କୁ ପୂଜା କରାଯାଉଛି। ଏହା ବାଦ୍ ଐତିହାସିକଙ୍କ ମତରେ ଏହି ମନ୍ଦିର ନବମ ଶତାବ୍ଦୀରେ ନିର୍ମାଣ ହୋଇଥିବା ଜଣାଯାଏ। ଏହି ମନ୍ଦିର ତେଲ ଓ ଉତେଇ ନଦୀର ସଙ୍ଗମରେ ଅବସ୍ଥିତ ଥିବା ଏବଂ ନଦୀର ଦୁଇ କୂଳରେ ଦୁଇଟି ଶିବ ମନ୍ଦିର ଥିବାରୁ ଏଠାରେ କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ଫୁଲବାଣୀ ତଥା ପଡୋଶୀ ଛତିଶଗଡ ରାଜ୍ୟରୁ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ରବିବାର ସକାଳୁ ବିଭିନ୍ନ ଅଞ୍ଚଳରୁ ଶତାଧିକ ଭକ୍ତମାନେ ମନାସୀ ଥିବା ବୋଦା ଓ ଗଡରା ଧରି ଲମ୍ବା ଧାଡିରେ ଛିଡା ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ନିସନ୍ତାନକୁ ସନ୍ତାନ ମିଳିବା ବିଶ୍ୱାସ ରହିଥିବା ନୂଆପଡା ଜିଲାର ଜଣେ ଭକ୍ତ ରାଜେନ୍ଦ୍ର ରାଉତ କହିଛନ୍ତି। ଏହା ଶୈବ ଓ ଶାକ୍ତର ମହା ମିଳନ ବୋଲି କହନ୍ତି ମନ୍ଦିରର ମୁଖ୍ୟ ପୂଜକ ଦ୍ୱାରିକା ପ୍ରସାଦ ସିଂ। ଗୋଟିପଟେ ପ୍ରଶାସନ ପକ୍ଷରୁ ଜୀବେ ଦୟା ନାରା ଲଗାଯାଉଥିବା ବେଳେ ବିଶ୍ୱାସ ଆଗରେ ହାର ମାନିଛି ପ୍ରଶାସନ। ସାଧାରଣ ଲୋକଙ୍କୁ ସଚେତନ କରାଇବାରେ ବିଫଳ ହୋଇଛି ଜିଲା ପ୍ରଶାସନ। ଆଦିବାସୀଙ୍କ ବିଶ୍ୱାସ ଓ ପରମ୍ପରା ଆଗରେ ବଳି ପଡିଛନ୍ତି ନିରୀହ ପଶୁ। ଏଥିରେ ପରିଚାଳନା କମିଟି ସଭାପତି ବେଲଦାର ଭୋଇ, ସୁଶାନ୍ତ ବାଗ, ଆର୍ତ୍ତତ୍ରାଣ ସିଂ, ଆଦିବାସୀ ପୂଜା କମିଟି ସଭାପତି ଧିରେନ୍ଦ୍ର ମାଝି, ଅକ୍ଷୟ କୁମାର ସାହୁ, ସଂକୀର୍ତ୍ତନ ଭୋଇ, ଚିନ୍ତାମଣି ଭୋଇ, ଚକାମନ ନାଏକ ପ୍ରମୁଖ ଓ ଅଞ୍ଚଳବାସୀଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବେ ପୂଜା ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କେସିଙ୍ଗା ପୋଲିସ ପକ୍ଷରୁ ପଲପ ଫାଣ୍ଡି ଅଧିକାରୀ ଏ.କେ. ପଣ୍ଡାଙ୍କ ନେତୃତ୍ୱରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ଯାତ୍ରା

**କୋକସରା,୨୩।୨ (ଡି.ଏନ.ଏ.)**

ଶାନ୍ତିକୁ ହରିଦ୍ୱାରଙ୍କ ତତ୍ତ୍ୱାବଧାନରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାଖା କୋକସରା ତଥା କଳାହାଣ୍ଡି ଜିଲା ଗାୟତ୍ରୀ ପରିବାର ପକ୍ଷରୁ କୋକସରାରେ ରବିବାରଠାରୁ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ମହାସଭା ଆରମ୍ଭ ହୋଇଯାଇଛି। ମହାଯଜ୍ଞ ଆସନ୍ତା ୨୬ ତାରିଖରେ ପୂର୍ଣ୍ଣାହୁତୀ ହେବ। ମହାଯଜ୍ଞରେ ବ୍ଲକର ୨୨ଟି ପଞ୍ଚାୟତ ହଜାର ହଜାର ସଂଖ୍ୟାରେ ମହିଳାମାନେ ସାମିଲ ହୋଇଥିଲେ। ସ୍ଥାନୀୟ ପଦ୍ମସାଗରରୁ ୨୪ ଶହ କଳସରେ ପାଣି ଉଠାଇ ସ୍ଥାନୀୟ ଶିବ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ବଙ୍ଗୋମୁଣ୍ଡା ଛକ ପର୍ଯ୍ୟନ୍ତ ପରିକ୍ରମା କରି ସେଠାରୁ ଯଜ୍ଞ ମଣ୍ଡପ ନିକଟକୁ ଆସିଥିଲେ। କଳସ ଶୋଭା ଯାତ୍ରରେ ବିଭିନ୍ନ ସଂକିର୍ତ୍ତନ ଦଳ, ଘଣ୍ଟଦଳ, ବଜାଶାଳ ଭଳି ସାଂସ୍କୃତିକ ଦଳଗୁଡିକ ସାମିଲ ହୋଇଥିଲା। ଏଥିରେ ବିଭିନ୍ନ ସଂସ୍କାର ଯଥା ପୁଂସବନ, ନାମକରଣ, ଅନ୍ନପ୍ରାସନ, ମୁଣ୍ଡନ, ବିଦ୍ୟାରମ୍ଭ, ଗୁରୁଦୀକ୍ଷା ଗ୍ରହଣ, ବ୍ରତୋପନୟନ, କୁଣ୍ଡାବୋରୀ ଓ ବିବାହ ସଂସ୍କାର ମାନ କରାଯିବ। ଶାନ୍ତି ଶୃଙ୍ଖଳା ପାଇଁ କୋକସରା ପୋଲିସ ପକ୍ଷରୁ ବ୍ୟପକ ବ୍ୟବସ୍ଥା କରାଯାଇଛି। ସେହିଭଳି ଅଗ୍ନିଶମ ବିଭାଗ, ଏନସିସି ଛାତ୍ର, ସ୍ୱେଚ୍ଛାସେବୀ ସଂଘଠନ ପ୍ରମୁଖ ସହ ଗ୍ରାମବାସୀ ବିଭିନ୍ନ କାର୍ଯ୍ୟରେ ସହଯୋଗ କରୁଛନ୍ତି।



୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଆୟୋଜିତ କଳସ ଯାତ୍ରା ।



ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ମାର୍ଚ୍ଚ ୨୧ରୁ

**ଜୁନାଗଡ,୨୩।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ବିଜୁପଟ୍ଟନାୟକ ଷ୍ଟାଡିୟମରେ ଆସନ୍ତା ମାର୍ଚ୍ଚ ୨୧ରୁ ୨୭ ଯାଏଁ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଦିବାରାତ୍ରି ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଜୁନାଗଡ ମର୍ନିଂ କ୍ରିକେଟ କ୍ଲବ ଓ ନିଉରେଡ ଷ୍ଟାର ସ୍ପୋର୍ଟ୍ସ କ୍ଲବ (ଏନ୍ଆରଏସଏସସି) ମିଳିତ ଉଦ୍ୟମରେ ଏହା ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଏନ୍ଆରଏସଏସସି ସଭାପତି ହିମାଂଶୁ ବରାଡଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଦିବାରାତ୍ରି କ୍ରିକେଟ ଟୁର୍ନାମେଣ୍ଟ କିପରି ଶାନ୍ତିଶୃଙ୍ଖଳାର ସହ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଟୁର୍ନାମେଣ୍ଟ ପରିଚାଳନା କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା। ଟୁର୍ନାମେଣ୍ଟ ପ୍ରତ୍ୟହ ସନ୍ଧ୍ୟାରେ ୩ଟି ଲେଖାଏଁ ମ୍ୟାଚ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକକୁ ମର୍ନିଂ କେଟ କ୍ଲବ ଆବାହକ ମହେଶ ସାହୁ ପରିଚାଳନା କରିଥିଲେ। ବୈଠକରେ ସତିଶ ପ୍ରଧାନ, ଦିଲୀପ ପଣ୍ଡା, କାଳିଆ କନ୍ଦପାନ, ମିନୁ କନ୍ଦପାନ, କାଶୀ ବିଶ୍ୱନାଥ ପୁରୋହିତ, ସୁଜିତ ପଣ୍ଡା, ତାପସ ବେହେରା, ସୁମିତ ସିଂଘାନିଆ, ଦିପୁନ ଦାଶ, ସୁରେଶ ବାଗ, ବବଲୁ ଖେମକା, ପ୍ରଦୀପ ଧଙ୍ଗଡାମାଝି, ସୁବ୍ରତ ପୋଦ୍ଦ, ପ୍ରଭୁଦତ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସକ୍ରିୟ ସଦସ୍ୟ ରମଣି ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଲାଞ୍ଜିଗଡ଼ ବ୍ଲକରେ ପୁଣି ହାତୀ ଉପଦ୍ରବ, ଘର ଭାଙ୍ଗି ଧାନ ଚାଉଳ ଖାଇଲେ

**ଭବାନୀପାଟଣା,୨୩।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦୁର୍ଗମ ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛିଦିନ ହେଲା ହାତୀପଲ ରାତି ହେଲେ ଗାଁକୁ ପଶି ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ଘରେ ଖାଦ୍ୟଶସ୍ୟ ଖାଇବା ସହିତ ବାସନ କୁସନକୁ ଦଳିଚକଟି ନଷ୍ଟ କରି ଦେଇଛନ୍ତି। ହାତୀ ଘଉଡାଇବା ପାଇଁ ବନବିଭାଗ ନାକେଦମ ହୋଇସାରିଲାଣି। ହାତୀ ଘଉଡାଇବା ପାଇଁ ବନବିଭାଗର ସ୍କ୍ୱାଡ ଗଠନ କରାଯାଇଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଫଳରେ ହାତୀ ଆତଙ୍କରେ ଦିନ କାଟୁଛନ୍ତି ଦୁର୍ଗମ ଅଞ୍ଚଳବାସୀ। ଗତ କିଛି ଦିନ ତଳେ ବେଡାଗାଁ ପଞ୍ଚାୟତର ବିଭିନ୍ନ ଗାଁରେ ହାତୀପଲ ଉତ୍ପାତ କରିବା ସହ ଘରଦ୍ୱାର ଭଙ୍ଗା ରୁଜା କରିଥିବାବେଳେ ଏବେ କାନକୁଟୁ ପଞ୍ଚାୟତର ବିଭିନ୍ନ ଜଙ୍ଗଲରେ ରହି ରାତିହେଲେ ଗାଁକୁ ଅସି ରଡି ଛାଡୁଛନ୍ତି। ଗତ ୨୧ ତାରିଖ ରାତିରେ ତଳକାଲସୁର ଗାଁକୁ ଆସି ଗାଁର ବୁଦ୍ଧୁ ମାଝିଙ୍କ ଘର ସାମ୍ନାରେ ରଡି ଛାଡିଥିଲେ। ଘର ସାମ୍ନାରେ ହାତୀର ଗର୍ଜନ ଶୁଣି ବୁଦ୍ଧୁ ମାଝି ସ୍ତ୍ରୀ ଓ ପିଲାଛୁଆଙ୍କୁ ନେଇ ଘର ପଛପଟୁ ବାହାରି ଯାଇଥିଲେ। ପରିବାର ଲୋକେ ଭୟରେ ଘରୁ ବାହାରି ଯିବାବେଳେ ଦୁଇଟି ହାତୀ ବୁଦ୍ଧୁଙ୍କ ମାଟି ଘର ଭାଙ୍ଗିବା ସହ ଘରେ ଥିବା ଧାନଚାଉଳ ଖାଇ ଘରେ ଥିବା ବିଭିନ୍ନ ସାମଗ୍ରୀଙ୍କୁ ନଷ୍ଟ କରି ଦେଇଥିଲେ। ହାତୀ ଉପଦ୍ରବ ଯୋଗୁ ବୁଦ୍ଧୁ ମାଝିଙ୍କ ପରିବାର ସର୍ବସ୍ୱାନ୍ତ ହୋଇପଡିଥିବା ବେଳେ ରହିବା ଘର ଭାଙ୍ଗି ଦେବାରୁ ବୁଦ୍ଧୁ ମାଝିଙ୍କ ପରିବାର ରହିବା ମୁସ୍କିଲ ହୋଇଯାଇଛି। ଏବେ ତାଙ୍କ ପରିବାର ପର ଘରେ ମୁଣ୍ଡ ଗୁଞ୍ଜାଉଥିବା ବେଳେ ତୁରନ୍ତ ସରକାରୀ ସହାୟତା ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଖବର ପାଇ ବିଶ୍ୱନାଥପୁର ବନବିଭାଗ ରେଞ୍ଜର ଲକ୍ଷ ମହାନନ୍ଦ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ ଏକ ରିପୋଟ ଉପରିସ୍ଥ ଅଧିକାରଙ୍କୁ ଦେଇଥିବା ପ୍ରକାଶ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଗୁରୁତର

**ଭବାନୀପାଟଣା,୨୩।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଅଧମୁଣ୍ଡାରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଉକ୍ତ ଗ୍ରାମର ବେଣୁଧର ଗଉଡ (୪୦) ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପାଷ୍ଟିକୁଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରିସ୍ଥିତି ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଗାଁରେ ବିଦ୍ୟୁତ ବିଭାଗର ଖାମଖିଆଲି ମନୋଭାବ ଯୋଗୁ ଟ୍ରାନ୍ସଫର୍ମର ଖୋଲାମେଲା ଅବସ୍ଥାରେ ପଡିଥିବା ବେଳେ ବହୁ ସମୟରେ ଗାଈଗୋରୁଙ୍କ ମୃତ୍ୟୁ ଘଟୁଛି। ଏ ନେଇ ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଭାରତ ବନ୍ଦ ଡାକରାରେ ଭବାନୀପାଟଣାରେ ଆଂଶିକ ପ୍ରଭାବ

**ଭବାନୀପାଟଣା,୨୩।୨ (ଡି.ଏନ.ଏ.)**

ଭୀମ୍ ଆର୍ମି ଭାରତ ଏକତା ମିଶନ ପକ୍ଷରୁ ରବିବାର ସକାଳ ୬ ଘଣ୍ଟାଠାରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ଦିଆଯାଇଥିବା ଭାରତ ବନ୍ଦ ଡାକରାର ଆଂଶିକ ପ୍ରଭାବ ଭବାନୀପାଟଣା ସହରରେ ଦେଖିବାକୁ ମିଳିଛି। ଏହି ପରିପେକ୍ଷୀରେ ସକାଳୁ ବସ୍ ଓ ଟ୍ରକ ଚଳାଚଳ ବନ୍ଦ ରହିଥିବା ବେଳେ କାଁଭାଁ ଚାରିଚକିଆ ଯାନ ଚଳାଚଳ କରୁଥିବା ଦେଖିବାକୁ ମିଳୁଛି। କଳାହଣ୍ଡି ବଣିକ ସଂଘ ନୀୟମ ଅନୁଯାୟୀ ପ୍ରତି ରବିବାର ଅପରାହ୍ନରେ ଭବାନୀପାଟଣା ସହରର ସମସ୍ତ ଦୋକାନ ବଜାର ବନ୍ଦ ରହେ। ଏହି ବନ୍ଦ ଡାକରା ଯୋଗୁ ବଜାରର କିଛି ଦୋକାନ ଖୋଲିଥିଲେ ମଧ୍ୟ ଅନ୍ୟାନ୍ୟ ଦୋକାନ ବଜାର ବନ୍ଦ ରହିଛି। ଉଚ୍ଚତମ ନ୍ୟାୟାଳୟଙ୍କ ସଂରକ୍ଷଣ ବିରୋଧି ବିଚାର, ଏନ୍ଆରସି, ସିଏଏ ଓ ଏନ୍‌ପିଆର୍ ବିରୋଧରେ ଏହି ଆନ୍ଦୋଳନ କରଯାଉଛି ବୋଲି ଭୀମ୍ ଆର୍ମି ପାର୍ଟି ପକ୍ଷରୁ ବଣ୍ଟାଯାଇଥିବା ଏକ ପ୍ରଚାରପତ୍ରରୁ ଜଣାପଡିଛି। ଭୀମ୍ ଆର୍ମି ଦ୍ୱାରା ସଂରକ୍ଷଣ ଓ ପଦୋନ୍ନତି ଦାବିରେ ଦିଆଯାଇଥିବା ଏହି ଭାରତ ବନ୍ଦ ଡାକରାକୁ କଳାହାଣ୍ଡି ଜିଲାର ବିଭିନ୍ନ ଆମ୍ବେଦକରବାଦୀ ସଙ୍ଗଠନ ଦ୍ୱାରା ସମର୍ଥନ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଦେଖିବାକୁ ମିଳିଥିଲା। ଭବାନୀପାଟଣା ସହରର କଲେଜ ଛକ, ନକଟିଗୁଡା, ମେଡିକାଲ ଛକ ଓ ଦୟାନିଧି ଛକଠାରେ ପ୍ରତୀକାତ୍ମକ ବିରୋଧ ପ୍ରଦର୍ଶନ କରାଯାଇଥିଲା। ରବିବାର ଥିବାରୁ ଜନସାଧାରଣ, ବ୍ୟବସାୟୀ, ସରକାରୀ କର୍ମଚାରୀ ଓ ଛାତ୍ରୀଛାତ୍ରମାନଙ୍କ ଉପରେ ଏହି ବନ୍ଦର କୌଣସି ପ୍ରଭାବ ପଡି ନ ଥିବା ଦେଖିବାକୁ ମିଳିଥିଲା।



ଭବାନୀପବାଟଣା ବସ୍‌ଷ୍ଟାଣ୍ଡରେ ଭାରତ ବନ୍ଦ ଯୋଗୁ ବସ୍‌ଗୁଡ଼ିକ ଅଟକ ରହିଛି।




ଚାମ୍ପିୟନ କେଡିସିଏ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# କେଡିସିଏ ଚାମ୍ପିୟନ, ଏନଡିସିସି ରନର୍ସଅପ୍

**ଭବାନୀପାଟଣା, ୨୩।୨ (ଡି.ଏନ.ଏ.)**

#### ପ୍ରଥମ କଳାହାଣ୍ଡି ସିନିୟର ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭିଜନ୍ ୨୦୨୪, ଓସିଏ ଅନୁସାରେ ପ୍ରଥମ କଳାହାଣ୍ଡି ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଲିଗ ଟୁର୍ନାମେଣ୍ଟରେ ପଏଣ୍ଟର ଶୀର୍ଷରେ ରହି ୮ ପଏଣ୍ଟ ପାଇ କେଡିସିଏ ଚାମ୍ପିୟନ ଏବଂ ପଏଣ୍ଟର ଦ୍ୱିତୀୟ ସ୍ଥାନରେ ରହି ୬ ପଏଣ୍ଟ ପାଇ ଏନଡିସିସି ରନର୍ସଅପ୍ ଅର୍ଜନ କରିଛି । ଦଶମ ଦିବସ ତଥା ଶେଷ ଦିନରେ ନବଦୁର୍ଗା କ୍ରିକେଟ କ୍ଲବ (ଏନଡିସିସି) ଓ ଆଜାଦ କ୍ରିକେଟ କ୍ଲବ (ଏସିସି) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ ଜିଣି ଏନଡିସିସି ୩୫ ଓଭରରେ ୮ ଉଇକେଟ ହରାଇ ୨୩୫ ରନ କରିଥିଲା। ଆଜାଦ କ୍ରିକେଟ କ୍ଲବ (ଏସିସି) ବ୍ୟାଟିଂ କରି ୨୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୩ ରନ କରିଥିଲା। ଏନଡିସିସି ୧୩୨ ରନରେ ବିଜୟୀ ହୋଇଥିଲା। ଅମ୍ପାୟାର ପ୍ରଭାତ କୁମାର ବ୍ରହ୍ମା ଓ ରମେଶ ସାହୁ, ସ୍କୋରର ରଘୁନାଥ ମିଶ୍ର, ଡିଜିଟାଲ ସ୍କୋରର ଏସକେ କୁତୁବୁଦ୍ଦିନ, ମ୍ୟାଚ ରେଫରି ସାଜୁ ବାଲାନ, ସିନିୟର ସିଲେକ୍ଟର ଜିତେନ୍ଦ୍ର ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ତଥା ଓଡିଶା ଆଥେଲେଟିକ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ସୁନୀଲ କୁମାର ବେହେରା ଟୁର୍ନାମେଣ୍ଟର ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ରାମ କୁମାର ଜୈନ, ଯୁଗ୍ମ ସମ୍ପାଦକ କାଳୀପ୍ରସାଦ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ସନ୍ତ ସିଂ, ଅବଦୁଲ କାଦର, ଧିରେନ୍ଦ୍ର କୁମାର ପଟ୍ଟନାୟକ, ଚକ୍ରଧର ସେଠୀ, ନିର୍ମଳ ସିଂ, ସୁବାଷ ଚନ୍ଦ୍ର ପଣ୍ଡା, ପୁରନ୍ଦର ଭୋଇ, ଅଶୋକ କୁମାର ପଟ୍ଟନାୟକ, ମହେନ୍ଦ୍ର କୁମାର ପଣ୍ଡା, ଅସିତ କୁମାର ପଟ୍ଟନାୟକ, ଅଜୟ କୁମାର ପଟ୍ଟନାୟକ, ବିସିସିଆଇ କ୍ୟୁରେଟର୍ ପଙ୍କଜ କୁମାର ପଟ୍ଟନାୟକ, ଭିକାରୀ ଚରଣ ମିଶ୍ର, ବିପିନ ମିଶ୍ର, ଶମ୍ଭୁ ପ୍ରସାଦ ରାଉତ ଓ ରବି ପ୍ରସାଦ କାନୁନଗୋ ପ୍ରଭୃତି ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଭାରତ ବନ୍ଦର ପ୍ରଭାବ

**ଗୋଲାମୁଣ୍ଡା, ୨୩।୨ (ଡି.ଏନ.ଏ.)**

ସୁପ୍ରିମ କୋର୍ଟ ଦ୍ୱାରା ଚାକିରି ପ୍ରମୋସନରେ ଆରକ୍ଷଣକୁ ବନ୍ଦ କରିବା ପ୍ରତିବାଦରେ ଜୟ ଭିମ ଆର୍ମି ପକ୍ଷରୁ ରବିବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଭିମ ଆର୍ମି ସଙ୍ଗଠନ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଗୋଲାମୁଣ୍ଡାଠାରେ ବନ୍ଦ ପାଳନ କରାଯାଇଛି। ଶତାଧିକ ସଂଖ୍ୟାରେ ଭୀମ ଆର୍ମିରେ କର୍ମକର୍ତ୍ତା ସୁପ୍ରିମ କୋର୍ଟଙ୍କ ଦ୍ୱାରା ଏସ୍‌ସି ଓ ଏସଟିମାନଙ୍କ ପାଇଁ ଚାକିରିରେ ମିଳୁଥିବା ପ୍ରମୋସନକୁ ଆରକ୍ଷଣକୁ ବନ୍ଦ କରିବା ଘଟଣାକୁ ପ୍ରତିବାଦ କରିବା ସହ ଏହା ସମ୍ବିଧାନ ବିରୋଧି ଦର୍ଶାଇ ଏହା ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସମସ୍ତ କର୍ମୀ ସମଗ୍ର ଗୋଲାମୁଣ୍ଡା ସହର ପରିକ୍ରମା କରିବା ସହିତ ଦୋକାନ ବଜାର, ରାସ୍ତାଘାଟ ବନ୍ଦ କରିବା ସହିତ ଗୋଲାମୁଣ୍ଡା ଖଲିଆକାନୀ ରୋଡରେ ଥିବା ପେଟ୍ରୋଲ ପମ୍ପ ବନ୍ଦ କରି ରସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜନ୍ମେଜୟ ମାଝି, ମୁନିଆ ସିପକା, ରାହାସ ମଙ୍ଗରାଜ, ଚକ୍ର ମାଝି, ବିନୋଦ ପାଣ୍ଡେ, ସଜିତ ମହାନନ୍ଦଙ୍କ ସହିତ ଶତାଧିକ ଏସ୍‌ସି, ଏସଟି ଓ ଓବିସି ସଂଖ୍ୟାଲଘୁ ଯୁବକ ସାମିଲ ହୋଇ ଥିଲେ।

**କୋକସରା, (ଡି.ଏନ.ଏ.):** ସେହିପରି କୋକସରା ବ୍ଲକ ଚିଲିଗୁଡାଠାରେ ସମ୍ବିଧାନ ସୁରକ୍ଷା ମଞ୍ଚ ନେତୃତରେ ଲଡୁଗାଁ ଭିମ ସେନାର ସହଯୋଗରେ ଶତାଧିକ ସମର୍ଥକ ରବିବାର ସକାଳୁ ଦିନ ଗୋଟାଏ ଯାଏଁ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରି ପ୍ରତିବାଦ କରିଥିଲେ। ଫଳରେ ଜୟପୁର-ଭବାନୀପାଟଣା ରାସ୍ତାରେ ଗାଡି ଚଳାଚଳ ପ୍ରଭାବିତ ହୋଇଥିଲା। କୋକସରା ବ୍ଲକ ସମ୍ବିଧାନ ସୁରକ୍ଷା ମଞ୍ଚ ଆବାହକ ଦୁର୍ଯ୍ୟୋଧନ ଠାକୁରଙ୍କ ନେତୃତ୍ୱରେ ଡାକ୍ତର କେଶବ ଲାଲ ବାଗ, ପୁରୁଷମ ନିଆଲ, ତୁଲସୀ ରାମ ନିଆଲ, ଭଜ ବେମାଲ, ଧନବଳ ନାଏକ, ତିଲ ମହାନନ୍ଦ, ପଙ୍କଜ ପାଣିଗ୍ରାହୀ, ମାର୍କଣ୍ଡ ବେମାଲ, କେଶବ ବାଗ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ଧର୍ମଗଡ଼/ପର୍ଲା, (ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡରେ ଭାରତ ବନ୍ଦ ଡାକରା ପ୍ରଭାବ ପଡିଛି । ଦଳିତ ଆଦିବାସୀ ଓ ଧାର୍ମିକ ସଂଖ୍ୟା ଲଘୁ ମିଳିତ ମଞ୍ଚ ପକ୍ଷରୁ କର୍ମକର୍ତ୍ତା ସକାଳ ୬ଟାରୁ ଧର୍ମଗଡ ବିଭିନ୍ନ ସ୍ଥାନରେ ନାରାବାଜି କରି ରାସ୍ତା ଅବରୋଧ କରିଥିଲେ। ଦୋକାନ ବଜାର ସମ୍ପୂର୍ଣ୍ଣ ଠପ ହୋଇପଡିଥିବା ବେଳେ ଯାନବାହନ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ଏହି ଆନ୍ଦୋଳନ ଶାନ୍ତି ଶୃଙ୍ଖଳା ସହ ଜନସାଧାରଣ ସହମତରେ ସଫଳ ହୋଇଥିବା ମିଳିତ ମଞ୍ଚ କର୍ମକର୍ତ୍ତାମାନେ କହିଛନ୍ତି। ଯାନବାହନ ଓ ଦୋକାନ ବଜାର ବନ୍ଦ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଇନଜୀବୀ ଜୟଦ୍ରଥ ମହାନନ୍ଦଙ୍କ ଆହ୍ୱାନକ୍ରମେ ନିର୍ମଳ ଜାଲ, ସନ୍ତୋଷ ଜାଲ, ଢ଼ଗ ନାଏକ, ଶ୍ୟାମସୁନ୍ଦର ମାଝି, ଚକ୍ରଧର ବେନୁପାଣି, ଗୋଲାକ ସେଠିଆ, ମୁନ୍ନା ସେନାପତି, ହରେଶ ଜାଲ, ମହେଶ୍ୱର ସୁନାନୀ, ସୁଶାନ୍ତ କୁମାର ଜାଲ ପ୍ରମୁଖ ସାମିଲ ହୋଇଥିଲେ ।









କଳାହାଣ୍ଡି ଜିଲା ଗୋଲାମୁଣ୍ଡା, କୋକସରା ବ୍ଲକ ଚିଲିଗୁଡା ଏବଂ ଧର୍ମଗଡ଼ରେ ଭାରତ ବନ୍ଦ ପ୍ରଭାବ ଦେଖିବାକୁ ମିଳିଛି।



"ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗତାକୁ ଦିଅନ୍ତା ନାହିଁ**
**ନିତି ମଲୁକୁ ଚାହାନ୍ତି ନାହିଁ ।**
**ନିତି କୁଣିଆଁକୁ ସେରନ୍ତା ନାହିଁ**
**ନିତି ବାଟକୁ ଡରନ୍ତା ନାହିଁ ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ସେପରି ମାଗିଖିଆ ବ୍ୟକ୍ତିଙ୍କୁ କେହି ବି ଦେବା ଲାଗି ଇଚ୍ଛା କରି ନ ଥାନ୍ତି। ଦିନ ଦିନ ଧରି ରୋଗ ବଇରାଗରେ ପଡୁଥିବା ବ୍ୟକ୍ତିଙ୍କଠାରୁ ବନ୍ଧୁବାନ୍ଧବ ମୁହଁ ବୁଲାଇ ଦେଇଥାନ୍ତି, ଦେଖାଶୁଣା କରିବାକୁ ଆଗ୍ରହ ଦେଖାଇ ନ ଥାନ୍ତି। ସବୁଦିନିଆ କୁଣିଆକୁ ସମସ୍ତେ ନାକ ଟେକିଥାନ୍ତି। ଆଦର ଅଭ୍ୟର୍ଥନା ଦେଖାଇବାକୁ କୁଣ୍ଠାପ୍ରକାଶ କରିଥାନ୍ତି। ସେହିପରି ନିତିଦିନିଆ ଯିବା ଆସିବା ବାଟରେ ସେତେ ଭୟ ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନାନାକୁ ନାନୀ**
**ଭଲା ଭିଆଇଲେ ଚକରପାଣି ।**

କୁହାଯାଏ ବିବାହ ସ୍ୱର୍ଗରେ ହୁଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭାରତ ବନ୍ଦରେ ଜୀବନଯାତ୍ରା ବ୍ୟାହତ

- ବନ୍ଦ ପାଳନକୁ ବଲାଙ୍ଗୀରରେ ମିଳିଲା ସମର୍ଥନ
- ଷ୍ଟେଶନରେ ଅଟକାଇଲେ ଟ୍ରେନ୍
- ଦୋକାନ ବଜାର, ଗାଡି ଚଳାଚଳ ବନ୍ଦ

**ବଲାଙ୍ଗୀର ଅଫିସ,୨୩।୨**

ଆରକ୍ଷଣ ଉପରେ ସୁପ୍ରିମକୋର୍ଟଙ୍କ ଏକ ରାୟକୁ ବିରୋଧ କରି ଦିଆଯାଇଥିବା ଭାରତ ବନ୍ଦ ପରିପ୍ରେକ୍ଷୀରେ ବଲାଙ୍ଗୀରରେ ଅଭୂତପୂର୍ବ ବନ୍ଦ ପାଳନ କରାଯାଇଛି । ବନ୍ଦ ପାଳନ ଯୋଗୁଁ ରବିବାର ବଲାଙ୍ଗୀର ସହରର ଜୀବନଯାତ୍ରା ବ୍ୟାହତ ହୋଇଥିଲା। ସହରର ସମସ୍ତ ଦୋକାନ ବଜାର ଓ ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା । ଭାରତ ବନ୍ଦକୁ ସମର୍ଥନ କରି ଦଳିତ ସମାଜ ପକ୍ଷରୁ ବଲାଙ୍ଗୀର ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦକୁ ଏପିଆଇ, ବିଏସପି, ଓବିସି ମଞ୍ଚ, ଭିଆଇପି ତରଫରୁ ସମର୍ଥନ ଘୋଷଣା କରାଯାଇଥିଲା । ଜିଲା ବଣିକ ସଂଘ, ଘରୋଇ ବସ ମାଲିକ ସଂଘ, ଟ୍ରକ ମାଲିକ ସଂଘ ଓ ଦୈନିକ ବଜାର ସଂଘ ମଧ୍ୟ ବନ୍ଦକୁ ସମର୍ଥନ କରି ଦୋକାନ ବଜାର, ଗାଡିମୋଟର ଚଳାଚଳ ବନ୍ଦ କରିଥିଲେ । ରବିବାର ହୋଇଥିବାରୁ ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ସିଭିଲ କୋର୍ଟ, ବ୍ୟାଙ୍କ, ଡାକଘର, ବୀମା ପ୍ରତିଷ୍ଠାନ ସ୍ୱାଭାବିକଭାବେ ବନ୍ଦ ରହିଥିଲା। ଆନ୍ଦୋଳନକାରୀ ସକାଳ ୬ଟାରୁ ଭାଗିରଥି ଛକ, ବିକ୍ରମ ଛକ, ଗାନ୍ଧୀନଗରପଡା ଛକ, ସୁଦପଡା ଛକ, କଲେଜ ଓ କଦମପଡାଠାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଆନ୍ଦୋଳନକାରୀ ରେଳ ଷ୍ଟେଶନକୁ ଯାଇ ସୁରତ-ପୁରୀ ଗାନ୍ଧୀଧାମ ଏକ୍ସପ୍ରେସକୁ ଷ୍ଟେଶନ୍‌ରେ ପ୍ରାୟ ଅଧଘଣ୍ଟା ଧରି ଅଟକାଇ ଥିଲେ । ପରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆବର୍ଗର ଆରକ୍ଷଣ ଶେଷ କରି ଦେବାକୁ ଚକ୍ରାନ୍ତ ଚାଲିଥିବା ବହୁ ବକ୍ତା କହିଥିଲେ । ଏହି ବର୍ଗର ଲୋକଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରିଦେବା ପାଇଁ କେନ୍ଦ୍ର ସରକାର ବାରମ୍ବାର ଉଦ୍ୟମ କରୁଥିବା ବକ୍ତାମାନେ ଅଭିଯୋଗ କରିଥିଲେ । ଦେଶରେ ଅରାଜକତା ସୃଷ୍ଟି କରିବା ହିଁ ଏହି ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି କହିବା ସହ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ବକ୍ତାମାନେ ସୂଚାଇ ଦେଇଥିଲେ । ସୁପ୍ରିମକୋର୍ଟ ତାଙ୍କ ରାୟର ପୁନର୍ବିଚାର କରି ଏଭଳି ପକ୍ଷପାତି ରାୟକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ସେମାନେ ଦାବି କରିଥିଲେ। କେନ୍ଦ୍ର ସରକାର ସଂସଦରେ ଆଇନ ଆଣି ଏହାର ସଂଶୋଧନ କରନ୍ତୁ ବୋଲି ମଧ୍ୟ ଦାବି କରାଯାଇଥିଲା । ଜିଲା ଦଳିତ ସମାଜ ଆବାହକ ବିଜୟ କୁମାର ବାରିକ, ଗଣ୍ଡାବଜା ସମ୍ପାଦକ ତ୍ରିଲୋଚନ ନନ୍ଦ, କିଶୋର କୁମ୍ଭାର, ରଶ୍ମୀରଞ୍ଜନ ବାଗ, ପୂର୍ବତନ କାଉନସିଲର ଶମ୍ଭୁ ନାଗ, ଏପିଆଇ ସଭାପତି ଦୀନେଶ ନାଗ, ଆଡଭୋକେଟ ନେତ୍ରାନନ୍ଦ ନାଗ, ବହୁଜନ ସମାଜ ପାର୍ଟି ଜିଲା ସଭାପତି ଦ୍ରୋଣ କୁମ୍ଭାର, ଓବିସି ମଞ୍ଚ ସମ୍ପାଦକ ପରଦେଶୀ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଖଣ୍ଡାୟତ ସମାଜର ଅଶୋକ ରାଉତ, ଗଣ୍ଡୱାନା ଗୋଁଣ୍ଡ ସମାଜର ମାଝି ବାବୁ, ଭିଆଇପିର ବିପିନ କୁଶଲିଆ ଓ ଅନ୍ୟ ଶତାଧିକ ସମର୍ଥକ ଆନ୍ଦୋଳନରେ ସକ୍ରିୟ ସାମିଲ ହୋଇଥିଲେ।



ବଲାଙ୍ଗୀର ରେଳଷ୍ଟେଶନ୍‌ଠାରେ ଗାନ୍ଧୀଧାମ ଏକ୍ସପ୍ରେସକୁ ଆନ୍ଦୋଳନକାରୀ ଅଟକାଇଛନ୍ତି ।

# କେନ୍ଦୁପତ୍ର ସିଜିନାଲ କର୍ମଚାରୀଙ୍କ ବୈଠକ

## ଦାବି ପୂରଣ ନ ହେଲେ ଗୋଛାକଟା ବନ୍ଦ ରଖିବାକୁ ଚେତାବନୀ

**ଖପ୍ରାଖୋଲ, ୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ପୁରୁଣା ଚିଡିଆଖାନା ପରିସରରେ ଧଣ୍ଡାମୁଣ୍ଡା କେନ୍ଦୁପତ୍ର ରେଞ୍ଜ ସିଜିନାଲ କର୍ମଚାରୀଙ୍କ ଏକ ବୈଠକ ରବିବାର ବେଦବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁନସୀମାନଙ୍କ ଗତବର୍ଷର ବକେୟା ଦରମା ମିଳିନାହିଁ। ସରକାର କେବଳ ବିଭିନ୍ନ ଘୋଷଣା କରି କର୍ମଚାରୀଙ୍କୁ ଭୁଡାଉଥିବା ଏହି ଅବସରରେ ଅଭିଯୋଗ କରିଥିଲେ । ଇପିଏଫ୍ ଲାଗୁ କରିବା, ସିଜିନାଲ କର୍ମଚାରୀଙ୍କ ୪୪ ପ୍ରତିଶତ ଦରମା ବୃଦ୍ଧି କରିବା ପ୍ରଲୋଭନ ଦେଖାଇଥିବାବେଳେ ଆଜି ଯାଏଁ କାର୍ଯ୍ୟକାରୀ ହୋଇ ନାହିଁ। ସେହିପରି କେନ୍ଦୁପତ୍ର ତୋଳାଳି, କର୍ମଚାରୀଙ୍କ ପରିବାର ପାଇଁ ପାଠ ପଠା, ବୀମା, ବିବାହ ସହାୟତା ଆଦି ଘୋଷଣା କରାଯାଇଥିଲେ ବି ତାହା ଠିକ ସମୟରେ ମିଳୁ ନ ଥିବା ଅଭିଯୋଗ କରିଥିଲେ । ସେହିପରି କେତେକ ଫଡିକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ ହେଉଥିବାରୁ ତାକୁ ଦୃଢ ବିରୋଧ କରାଯାଇଥିଲା । ମୁନସୀ, ଚପରାସୀ, ଚେକର, ସର୍କଲ ଚେକର ଆଦି କେନ୍ଦୁପତ୍ର ସିଜିନାଲ କର୍ମଚାରୀଙ୍କ ବକେୟା ଦରମା ଓ ଦାବି ସହ କେନ୍ଦୁପତ୍ର ତୋଳାଳିଙ୍କ ସହାୟତା ପ୍ରଦାନ କରା ନ ଗଲେ ଆଗାମୀ କେନ୍ଦୁପତ୍ର ଗୋଛାକଟା ବନ୍ଦ କରିବାକୁ ସଂଘ ନିଷ୍ପତ୍ତି ନେଇଥିବା ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ଭୋଜରାଜ ବରିହା, ଦେବାନନ୍ଦ ବାଗ, ଦ୍ରୋଣ ବନଛୋର, ଭରତ ପୋଢ, ସୁବାଷ ବରିହା, ବଳଦେବ ମାଝୀ, ହେମସାଗର ବିଶ୍ୱାଳ, ଯାଦବ ବାରିକ, ରୂପଧର ଭୋଇ, ମାଧବ ମାଝୀ, ଚିନ୍ତାମଣି ଶବର, ଶଶିରାମ ବରିହା, ସାଗର ଭୋଇ, ସତ୍ୟବାନ ଖର୍ସେଲ, ଲବ ବାଗ ପ୍ରମୁଖ ପାଟିମାଲ, ସାଲେପାଲି, କଂସପଲା ସେକ୍ସନର ୭୦ରୁ ଉର୍ଦ୍ଧ୍ୱ ସିଜିନାଲ କର୍ମଚାରୀ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ କେନ୍ଦୁପତ୍ର ସିଜିନାଲ କର୍ମଚାରୀ।

# ଡଙ୍ଗରବୁଢ଼ା ଚ୍ୟାଲେଞ୍ଜ କପ୍ ଫୁଟବଲ: ହଳଦୀ ଚାମ୍ପିୟନ

**ମୁରିବାହାଲ, ୨୩।୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ୫୬ତମ ଜୟ ଡଙ୍ଗରବୁଢ଼ା ଚ୍ୟାଲେଞ୍ଜ କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ ହଳଦୀ ଇଲେଭେନ ବ୍ରଦର୍ସ ଫୁଟବଲ ଦଳ ଖଜୁରପଡା ଦଳକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୧-୧ ଗୋଲରେ ବରାବର ରହିବାରୁ ଟାଇବ୍ରେକର ୫-୪ ଗୋଲରେ ହଳଦୀ ଦଳ ବିଜୟୀ ହୋଇଥିଲା। ଖେଳ ପରିଚାଳନା କରିଥିଲେ ଶ୍ରୀବସ୍ତ ବେହେରା, ଆଶିଷଦେବ ସା, ଆଶୀର୍ବାଦ ସା, ଅଶ୍ୱିନୀ ଭୁକ୍ତା ଓ ପ୍ରତାପ ଭୁକ୍ତା । ଉଦଯାପନୀ ଉତ୍ସବରେ ବିଜେଡି ଜିଲା ସମ୍ପାଦକ ଫିରୋଜ ଖାଁ ମୁଖ୍ୟଅତିଥି, ବ୍ଲକ ସଭାପତି ସିଦ୍ଧେଶ୍ୱର ଦାସ, ବ୍ଲକ ଆମ୍ବା ଅଧ୍ୟକ୍ଷ ଧନଞ୍ଜୟ ମହାନନ୍ଦ, ମାଲିଶିରା ହାଇସ୍କୁଲ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ବାଗ, ପୂର୍ବତନ ହଳଦୀ ସରପଞ୍ଚ ହୃଷିକେଶ ବାଗ, କ୍ରୀଡାବିତ ନିର୍ମଳ ଯାନୀ, ସୁବାଷ ପଟ୍ଟନାୟକ ଓ ରମାରଞ୍ଜନ ସେଠ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶ୍ରେଷ୍ଠ ଶୃଙ୍ଖଳିତ ଦଳ ପତ୍ରାପାଲି, ବେଷ୍ଟ ଗୋଲକିପର କୁମର କରୁଆଁ, ବେଷ୍ଟ ସ୍କୋରର ଟିକେରାମ ପାତ୍ର, ବେଷ୍ଟ ଡିଫେନ୍ସ ମନୋଜ ପୂଝାରୀ ଓ ମ୍ୟାନ ଅଫ୍ ଦି ସିରିଜଭାବେ କେଶବ ଜାନୀଙ୍କୁ ପୁରସ୍କୃତ କରାଯାଇଥିଲା । ହଳଦୀ ଇଲେଭେନ ବ୍ରଦର୍ସ ଫୁଟବଲ ଆସୋସିଏଶନ୍ ସଭାପତି ସଞ୍ଜୟ ଯାନୀ, ଉପସଭାପତି ସୁଧିର ମହାକୁର, ସମ୍ପାଦକ ପପୁ ବାଗ, ସାଧାରଣ ସମ୍ପାଦକ କୁନା ଝାଙ୍କର ଓ କୋଷାଧ୍ୟକ୍ଷ ରବି ପୋଢ଼ ଓ ସଭ୍ୟମାନେ ଟୁର୍ନାମେଣ୍ଟର ସଫଳ ଆୟୋଜନରେ ସହଯୋଗ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ହଳଦୀ ଇଲେଭେନ ବ୍ରଦର୍ସ ଫୁଟବଲ ଦଳ।

# ଡାକ୍ତର ପଦବୀ ପୂରଣ ଲାଗି ଦାବିପତ୍ର ପ୍ରଦାନ

**ସଇଁତଲା, ୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ସଇଁତଲା ବ୍ଲକର ବିଭିନ୍ନ ପଞ୍ଚାୟତର ଗସ୍ତ କରି ଛୋଟଛୋଟ ସଭା କରି ଜନସାଧାରଣଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଶନିବାର ସକାଳୁ ଧରବଗଡ଼ ଗ୍ରାମରୁ ଆରମ୍ଭ କରି ଗଣ୍ଡପତ୍ରାପାଲି, ନୁଆଁବସ୍ତି, ଭଦ୍ରା, ବେଲଗାଁ, ଶିସକେଲା, ଘୁନସର, କଅଁସର, ଡୁଙ୍ଗୁରିପାଲି, ଆମ୍ବପାଲି, ବୁଢ଼ାବାହାଲ, କନ୍ଧକେଲଗାଁ, କେରମେଲି, ସଇଁତଲା, ଡେଙ୍ଗ, କୁମ୍ଭାରୀ, କରମତିଲା, ଝିଙ୍କିଡୁଙ୍ଗୁରୀ, ଟିକ୍ରାପଡ଼ା ପ୍ରଭୃତି ଗ୍ରାମ ପରିଦର୍ଶନ କରିଥିଲେ। ଏହି ସମୟରେ ଜନସାଧାରଣ ପାନୀୟ ଜଳ, ସ୍କୁଲ ଓ ଗ୍ରାମ ଦେବାଦେବୀଙ୍କ ଉଦ୍ଦିଷ୍ଟ ଜାଗାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟପାଇଁ ଏମ୍‌ପି ସିଂଦେଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୯ ଜଣଙ୍କ ସ୍ଥାନରେ ୨ ଜଣ ଡାକ୍ତର ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଠିକ ଭାବରେ ଯୋଗାଇ ପାରୁ ନାହାନ୍ତି। ତେଣୁ ତୁରନ୍ତ ଶିଶୁରୋଗ, ଅସ୍ଥିଶଲ୍ୟ, ଭେଷଜ ବିଶେଷଜ୍ଞ ନିଯୁକ୍ତି କରାଯିବାକୁ ଗ୍ରାମବାସୀଙ୍କ ତରଫରୁ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସଇଁତଲା ରେଳଷ୍ଟେଶନରେ ସମ୍ବଲପୁର-ନାନ୍ଦେଡ଼, ନାଗାବଳୀ ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ସଇଁତଲା ବିକାଶ ପରିଷଦ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗସ୍ତ ସମୟରେ ଭାଜପା ରାଜ୍ୟ ପରିଷଦ ସଦସ୍ୟ ମୁକେଶ ଜୈନ, ଏମ୍‌ପିଙ୍କ ସଇଁତଲା ବ୍ଲକ ପ୍ରତିନିଧି ଅକ୍ଷୟ ରଣା, ରୋଗୀ କଲ୍ୟାଣ ସମିତି ସଦସ୍ୟ ଆଶିଷ ସାହୁ, ସମିତି ସଭ୍ୟ ପ୍ରମୋଦ ଅଗ୍ରୱାଲଙ୍କ ସମେତ ଦୁଇ ଜୋନର ଭାଜପା ଜଲା ପରିଷଦ ସଦସ୍ୟା ଉପସ୍ଥିତ ଥିଲେ।

# ୨୦୧୩ ଆକ୍ଟ ସମତୁଲ ଏକ୍ସଗ୍ରାସିଆର ସମ୍ପୂର୍ଣ୍ଣ ବିବରଣୀ ଦାବି କଲେ

- ଲୋୟର ସୁକ୍‌ତେଲ ବୁଡିଅଞ୍ଚଳବାସୀଙ୍କ ସହ ଆଲୋଚନା
- ସୋମବାର ଜିଲାପାଳଙ୍କ ସହ ହେବ ଆଲୋଚନା

**ବଲାଙ୍ଗୀର ଅଫିସ,୨୩।୨**

ଲୋୟର ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରଧିଆପାଲି ଗାଁମୁଣ୍ଡ ବରଗଛ ତଳେ ରବିବାର ବୁଡିଅଞ୍ଚଳର ପ୍ରକଳ୍ପ ସପକ୍ଷବାଦୀ କେତେକ ଗାଁର ପ୍ରତିନିଧିସ୍ତରୀୟ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଲୋୟର ସୁକ୍‌ତେଲ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୁଡିଅଞ୍ଚଳର ପରଧିଆପାଲି, କୋଇଣ୍ଡାପାଲି, ଖୁଣ୍ଟପାଲି, କଙ୍କରା, ସାନତେଲେନପାଲି ଓ ଅନ୍ୟ ଗାଁର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବୈଠକରେ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ଲୋକଙ୍କୁ କିଭଳି ନ୍ୟାର୍ଯ୍ୟ କ୍ଷତିପୂରଣ ଓ ଥଇଥାନ ମିଳିବ ସେନେଇ ଆଲୋଚନା ହୋଇଥିଲା। କମିଟି ଅଧ୍ୟକ୍ଷ ନାୟକ ଏହା ଉପରେ ଜୋର ଦେବା ସହ ଡ୍ୟାମ କାମ ଆଗେଇ ନେବାକୁ ପ୍ରସ୍ତାବ ଦେଇଥିଲେ । କ'ଣ କଲେ ଡ୍ୟାମ କାମ ଶୀଘ୍ର ହୋଇପାରିବ ସେନେଇ ବୁଡିଅଞ୍ଚଳ ପ୍ରତିନିଧିଙ୍କଠାରୁ ପ୍ରସ୍ତାବ ଗ୍ରହଣ କରିଥିଲେ । ସୋମବାର ଜିଲାପାଳଙ୍କ ସହ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ବୁଡିଅଞ୍ଚଳବାସୀଙ୍କ ସହ ଆଲୋଚନା ହେବାକୁ ସ୍ଥିର ହୋଇଥିବାରୁ ସେଠାରେ କେଉଁ ପ୍ରସଙ୍ଗ ସବୁ ଉତ୍ଥାପନ କରାଯିବ ସେ ଉପରେ ଆଲୋଚନା କରିଥିଲେ । ବୁଡିଅଞ୍ଚଳ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ନଦେଲେ ଜୋର ଜବରଦସ୍ତ ଡ୍ୟାମ କଲେ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ବୋଲି ଖୁଣ୍ଟପାଲିର ଉମାକାନ୍ତ ଖୁଆସ କହିଥିଲେ । ଭୂମିହୀନମାନଙ୍କ ଥଇଥାନ ଓ କ୍ଷତିପୂରଣ, ୨୦୧୩ ଭୂମି ଅଧିଗ୍ରହଣ ଆଇନ ଲାଗୁ କରିବା ଦାବିକୁ ସେ ଦୋହରାଇଥିଲେ । ରାଜ୍ୟ ସରକାର ୨୦୧୩ ଆଇନ୍ ସମତୁଲ ଏକ୍ସଗ୍ରାସିଆ ଦେଇ ୧୫ ଖଣ୍ଡ ଗ୍ରାମବାସୀଙ୍କ କ୍ଷତିପୂରଣ ଦେବା କଥା କହୁଥିଲେ ମଧ୍ୟ ବାସ୍ତବରେ ଏହା ୨୦୧୩ ଆଇନ୍ ସହ କେତେ ମାତ୍ରାରେ ସମତୁଲ ସେନେଇ କାହିଁକି ବୁଡିଅଞ୍ଚଳବାସୀଙ୍କୁ ସମ୍ପୂର୍ଣ୍ଣ ସୂଚନା ଦେଉନାହାନ୍ତି ବୋଲି ପ୍ରଶ୍ନ କରିଥିଲେ । ସୋମବାର ଜିଲାପାଳଙ୍କ ସହ ହେବାକୁ ଥିବା ଆଲୋଚନାରେ ୨୦୧୩ ଆଇନ୍ ଓ ସରକାରଙ୍କ ଘୋଷିତ ସମତୁଲ ଏକ୍ସଗ୍ରାସିଆ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିବାକୁ ସେ ଦାବି କରିଥିଲେ । ବାସ୍ତବରେ ଯଦି ୨୦୧୩ ଆଇନ୍ ଅନୁଯାୟୀ କ୍ଷତିପୂରଣ ଓ ରାଜ୍ୟ ସରକାରଙ୍କ ଘୋଷିତ ଏକ୍ସଗ୍ରାସିଆ ସମତୁଲ ହୋଇଥିବ ତେବେ ଏହାକୁ ବୁଡିଅଞ୍ଚଳବାସୀ ସ୍ୱାଗତ କରି ଗ୍ରହଣ କରିଯିବୁ ବୋଲି ସେ କହିଥିଲେ । ୧ ଜାନୁୟାରୀ ୨୦୨୦ ମସିହା ସୁଦ୍ଧା ଯେଉଁ ପ୍ରକଳ୍ପ ପ୍ରଭାବିତ ଗାଁର ଯୁବକ, ଯୁବତୀଙ୍କୁ ୧୮ ବର୍ଷ ହୋଇଯାଇଥିବ ସେମାନଙ୍କୁ ଏକ ପରିବାର ଭାବେ ଗଣାଯାଇ ସେମାନଙ୍କ ପାଇଁ କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥା କରିବାକୁ ପରଧିଆପାଲିର ରବୀନ୍ଦ୍ର କୁମାର ଗଡତ୍ୟା କହିଥିଲେ । ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ଦାବି ଓ ଦୁଃଖ କଥା ସରକାରଙ୍କ ପାଖକୁ ପହଞ୍ଚି ପାରୁଥିବା ପରି ବିଶ୍ୱାସ ହେଉନାହିଁ ବୋଲି କଙ୍କରୀ ଗାଁର ତାରା ବେହେରା କହିଥିଲେ । ଭିଟାମାଟି ଛାଡିଲା ବେଳେ ବିସ୍ଥାପିତ ଲୋକ ହସି ହସି ଯିବା ବ୍ୟବସ୍ଥା କରାଯାଉ ବୋଲି ସେ କହିଥିଲେ। ସାନତେଲେନପାଲି ଗାଁରେ ୭ଟି ପରିବାର ପ୍ରଶାସନ କଥାରେ ପଡି କ୍ଷତିପୂରଣ ଓ ଥଇଥାନ ଟଙ୍କା ଆଶାରେ ସେମାନଙ୍କ ଘରଦ୍ୱାରା ଭାଙ୍ଗିଥିଲେ ମଧ୍ୟ ଦୀର୍ଘ ୩ ବର୍ଷ ହେଲା ସେମାନଙ୍କୁ କୌଣସି କ୍ଷତିପୂରଣ ନ ମିଳିବା ଦୁଃଖର କଥା ବୋଲି ସାନତେଲେନପାଲି ଗାଁର ଜୟ ଚନ୍ଦନ ଓ ଯୁଧିଷ୍ଠିତ ସାହୁ କହିଥିଲେ। ଅନ୍ୟମାନେ ମଧ୍ୟ ବିଭିନ୍ନ ନ୍ୟାଯ୍ୟ ଦାବି ଉପସ୍ଥାପନ କରିଥିଲେ । ସୋମବାର ଜିଲାପାଳଙ୍କ ସହ ବୁଡିଅଞ୍ଚଳବାସୀଙ୍କ ବିସ୍ତୃତ ଆଲୋଚନା ହେବ ବୋଲି ସ୍ଥିର କରାଯାଇଥିଲା। ଏହି ସଭାରେ ହରିବନ୍ଧୁ ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ପରଧିଆପାଲିଠାରେ ବୁଡିଅଞ୍ଚଳବାସୀଙ୍କ ସହ ମିଳିତ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଲଳିତ କୁମାର ନାୟକ ଆଲୋଚନା କରୁଛନ୍ତି ।

# ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଅମିୟ



ଗଙ୍ଗାଧର



ଚକ୍ରଧର



ରାହୁଲ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଧର୍ମାନୁଷ୍ଠାନରେ ବିଜେଡି ନେତାଙ୍କ ବଳ ପ୍ରୟୋଗ ନିନ୍ଦନୀୟ

ରାଉରକେଲା ଅଫିସ,୨୩।୨- ମହାଶିବ ରାତ୍ରି ଉପଲକ୍ଷେ ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସଠାରେ ଥିବା ବାବା ଚନ୍ଦ୍ରଶେଖର ଓ ବାଲୁଙ୍କେଶ୍ୱରଙ୍କ ଗର୍ଭଗୃହକୁ ପ୍ରବେଶ ନେଇ ବିଜେଡି ନେତାଙ୍କ ଜିଦ୍‌କୁ ଭାଜପା ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ନିଜ ନେତାଙ୍କୁ ଗର୍ଭ ଗୃହରେ ପ୍ରବେଶ କରାଇବାକୁ ତଥାକଥିତ ବିଜେଡି ସମର୍ଥକଙ୍କ ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ଦଳ କହିଛି। ଅନାଧିକାର ଭାବେ ଏଭଳି ଜିଦ ଧରିବା ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ଶୋଭା ପାଏନା ବୋଲି ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ କୁହାଯାଇଛି। ନିଜ ଜିଦ ଜାହିର କରିବାକୁ ମନ୍ଦିର ପରିସରରେ ବିଶୃଙ୍ଖଳା ସୃଷ୍ଟି କରାଯିବାରୁ ମହାଦୀପ ଉଠାଇବାରେ ବିଳମ୍ବ ଘଟିଲା ବୋଲି ଦଳ କହିଛି। ନିର୍ବାଚିତ ପ୍ରତିନିଧିଙ୍କ ସମର୍ଥକ ବୋଲାଉଥିବା କର୍ମୀଙ୍କ ହୋ-ହାଲ୍ଲା ଯୋଗୁ ଯେଉଁ ଘୃଣ୍ୟ ପରମ୍ପରା ସୃଷ୍ଟି ହେଲା ତାହା ଶ୍ରଦ୍ଧାଳୁଙ୍କୁ ଆଘାତ ଦେଇଛି। ଏହାର ଉପଯୁକ୍ତ ତଦନ୍ତ କରାଯିବା ସହ ଦୋଷୀଙ୍କୁ ଗିରଫ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏନେଇ ଖୁବଶୀଘ୍ର ଅତିରିକ୍ତ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦଳ କାର୍ଯ୍ୟାନୁଷ୍ଠାନ ଦାବି କରିବ ବୋଲି ରବିବାର ଭାଜପା ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ସମ୍ପାଦକ ଧିରେନ ସେନାପତି ଓ ଦଳ ମୁଖପାତ୍ର ଗଙ୍ଗାଧର ଦାସ ଜଣାଇଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟି, ତାର

ରାଉରକେଲା ଅଫିସ, ୨୩।୨



ରାଉରକେଲା ମଧୁସୂଦନ ନଗର ଅଞ୍ଚଳରେ ଝୁଲି ରହିଥିବା ବିଦ୍ୟୁତ ତାର ସଜଡ଼ା ଯାଉଛି।

■ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ୱେସ୍କୋ
■ ସହରରେ ଅନେକ ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟି ଭଗ୍ନଅବସ୍ଥାରେ
■ ସାଧାରଣ ବର୍ଷା ପବନରେ ବି ଭାଙ୍ଗିପଡ଼ିବା ଆଶଙ୍କା
■ ଭୟଭୀତ ଅବସ୍ଥାରେ ରହୁଛନ୍ତି ସ୍ଥାନୀୟ ବାସିନ୍ଦା

ଷ୍ଟିଲ ସିଟି ସ୍ମାର୍ଟ ସିଟି ମାନ୍ୟତା ପାଇଲା। ହେଲେ ରାଉରକେଲାରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଯେମିତିକୁ ସେମିତି ପୁରୁଣାକାଳିଆ ଢଙ୍ଗରେ ଚାଲିଛି। ସହରର ଅଧିକାଂଶ ସ୍ଥାନରେ ଏବେ ବି ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟି ଓ ତାରଗୁଡ଼ିକ ରହିଛି। ସ୍ଥାନେ ସ୍ଥାନେ ଖୁଣ୍ଟିଗୁଡ଼ିକ ଏଭଳି ଭଗ୍ନ ଅବସ୍ଥାରେ ରହିଛି ଯେ, ସାଧାରଣ ବର୍ଷା ପବନରେ ବି ଭାଙ୍ଗି ପଡ଼ିବା ଆଶଙ୍କା ରହିଛି। ୱେସ୍କୋ ବିପଦକୁ ଆମନ୍ତ୍ରଣ କରୁଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି।

ସ୍ମାର୍ଟ ସିଟି ମାନ୍ୟତା ପରେ ସହରର ପରିବ୍ୟାପ୍ତ ଅଞ୍ଚଳ ମଧ୍ୟରୁ ରିଙ୍ଗରୋଡ଼, ବ୍ଲକ୍‌ଅଞ୍ଚଳର କେତେକ ସ୍ଥାନ, ସେକ୍ଟର ଏବଂ ବସ୍ତି ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟିଗୁଡ଼ିକ ଭଙ୍ଗାଦଦରା ଅବସ୍ଥାରେ ଥିବାରୁ ଓ ତାରଗୁଡ଼ିକ ଜାଲପରି ଛନ୍ଦି ହୋଇ ଓହଳି ଥିବାରୁ ଏହି ଅଞ୍ଚଳରେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସେହିଭଳି ମଧୁସୂଦନ ନଗର, ଭବାନୀପୁର ଅଞ୍ଚଳରେ ମଧ୍ୟ ବିଦ୍ୟୁତ ଖୁଣ୍ଟଗୁଡ଼ିକର ଅବସ୍ଥା ଶୋଚନୀୟ ରହିଛି। କେବଳ ଏହିସବୁ ଅଞ୍ଚଳ ନୁହେଁ, ଅଧିକାଂଶ ସ୍ଥାନରେ ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟି ଅତି ଦୟନୀୟ ଅବସ୍ଥାରେ ଅଛି। ସେହିଭଳି ଲୁହା ବିଦ୍ୟୁତ୍ ଖୁଣ୍ଟର ଅବସ୍ଥା ମଧ୍ୟ ଶୋଚନୀୟ। ଏଗୁଡ଼ିକ କଦବା କେତେବେଳେ ମରାମତି କରାଯାଏ। ନଚେତ୍ ସେମିତି ବର୍ଷବର୍ଷ ଧରି ଭଙ୍ଗାଦଦରା ଅବସ୍ଥାରେ ରହିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସହରର ଗୋପବନ୍ଧୁପାଲିଅଞ୍ଚଳର ବାସିନ୍ଦା ଏ ବିଷୟରେ ସ୍ଥାନୀୟ ୱେସ୍କୋ ଅଫିସରେ ଅଭିଯୋଗ ମଧ୍ୟ କରିଛନ୍ତି। କିନ୍ତୁ ଫଳକିଛି ହୋଇନାହିଁ।

ଖାଲୁଆ ବା ତଳି ଅଞ୍ଚଳରେ ଅଧିକାଂଶ ବିଦ୍ୟୁତ୍ ଖୁଣ୍ଟ ମୂଳରେ ବର୍ଷା ଦିନେ ପାଣି ଜମାହୋଇ ରହେ। ଏହା ଖୁଣ୍ଟକୁ ଦୁର୍ବଳ କରେ। ଖୁଣ୍ଟମୂଳ କଳଙ୍କି ଲାଗି ଲୁହା ଗୁଣ୍ଡ ଖୁଣ୍ଟରୁ ଖସି ଦୁର୍ବଳ କରେ। ଏହି କାରଣରୁ ଅଧିକାଂଶ ସ୍ଥାନରେ ଖୁଣ୍ଟି ଅତି ଦୁର୍ବଳ ହୋଇରହିଛି। ଟିମ୍ବର କଲୋନୀର ଅଧିକାଂଶ ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟିଗୁଡ଼ିକ ଭଗ୍ନ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ସେଠାରେ ମଧ୍ୟ ସାଧାରଣ ବର୍ଷା ହେଲେ ଲୋକେ ଭୟଭୀତ ଅବସ୍ଥାରେ ରହୁଥିବା କହିଛନ୍ତି। ଛେଣ୍ଡ କଲୋନୀ, ଡ଼େଲିମାର୍କେଟ, ଗୋପବନ୍ଧୁପାଲି ଭଳି ଅନେକ ଅଞ୍ଚଳରେ ଥିବା ଖୁଣ୍ଟିଗୁଡ଼ିକ ଆଜକୁ ୧୦ ବର୍ଷ ହେଲା ପରିବର୍ତ୍ତନ ହୋଇନାହିଁ। ଛେଣ୍ଡ ଅଞ୍ଚଳର ବାସିନ୍ଦା ପୁନୀତ ଗୋଏଲଙ୍କ ଅଭିଯୋଗ ଅନୁଯାୟୀ ସେଠାରେ ଥିବା ଖୁଣ୍ଟିଗୁଡ଼ିକ ଅତି ଦୟନୀୟ ଅବସ୍ଥାରେ ଅଛି। ଏପରିକି କେତେକ ସିମେଣ୍ଟ ଖୁଣ୍ଟିରୁ ଲୁହାତାର ଖଣ୍ଡ ବାହାରିପଡ଼ିଲାଣି। ସହରରେ ଲୋକସଂଖ୍ୟା ଦ୍ରୁତ ବଢୁଥିବାରୁ ଏହି ଦୁର୍ବଳ ଖୁଣ୍ଟିଗୁଡ଼ିକ ଭାଙ୍ଗିପଡ଼ି ବଡ଼ଧରଣର କ୍ଷତି ଘଟାଇବାର ସମ୍ଭାବନା ରହିଛି। ୱେସ୍କୋର ଅଧିକାରୀମାନେ ବିଦ୍ୟୁତ୍ ଖୁଣ୍ଟି ଦୁର୍ବଳ ଅବସ୍ଥାରେ ଥିବା ଜାଣିଛନ୍ତି ବୋଲି ସ୍ୱୀକାର କରିଛନ୍ତି। ତଥାପି ଏ ବିଷୟରେ କିଛି ପ୍ରତିକାର କରୁ ନ ଥିବା ଗୋଏଲ ଅଭିଯୋଗ କରିଛନ୍ତି। ଏନେଇ ଜଣେ ୱେସ୍କୋ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, ଖୁଣ୍ଟି ମିଳୁଛି। କିନ୍ତୁ ଚାହିଦା ଅଧିକ ଥିବାରୁ ସବୁ ଅଞ୍ଚଳକୁ ଯୋଗାଇ ହେଉନି। ଏହା ବ୍ୟତୀତ କର୍ମଚାରୀ କମ ରହିଛନ୍ତି। ତେଣୁ ସବୁ ସ୍ଥାନରେ ଖୁଣ୍ଟି ପରିବର୍ତ୍ତନ ହୋଇପାରୁ ନାହିଁ ବୋଲି କହିଛନ୍ତି। କେବଳ ଉପରିସ୍ଥ ଅଧିକାରୀ ନୁହେଁ, ବିଭାଗର ସେକ୍‌ସନ ଅଧିକାରୀମାନେ ନିଜ ଅଞ୍ଚଳରେ ଥିବା ବିଦ୍ୟୁତ୍ ସମସ୍ୟାଗୁଡ଼ିକ ଖୋଜି ବାହାର କରିବା ସହ ତାହାର ମରାମତି କରିପାରିବେ। ନୂଆଖୁଣ୍ଟିଗୁଡ଼ିକ ମଞ୍ଜୁର ହୋଇଛି। କିଛି ମାସ ମଧ୍ୟରେ ଲାଗିବ ବୋଲି ଅଧିକାରୀ କହିଛନ୍ତି। ସେହିଭଳି କେଶବ ପଣ୍ଡା ନାମକ ସାମାଜିକ କର୍ମୀ କହନ୍ତି, ବିଦ୍ୟୁତ୍ ତାରଗୁଡ଼ିକ ସବୁସ୍ଥାନରେ କେବୁଲ ଭିତରେ ମାଟି ତଳେ ଗଲେ ଭଲ ହେବ। ତାର ଛିଣ୍ଡିବା ଭୟ ନ ଥିବ। ମାଟିତଳେ ତ୍ରୁଟି ବାହାରିଲେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ମରାମତି କରାଯାଇପାରିବ। ବ୍ରହ୍ମପୁରରେ ବିଦ୍ୟୁତ୍ ତାର ବସରେ ଲାଗି ଏକ ବଡ଼ ଦୁର୍ଘଟଣା ଘଟିବା ପରେ ମଧ୍ୟ ବିଭାଗର ଚେତାପଶୁ ନାହିଁ। ସତେ ଯେମିତି ୱେସ୍କୋ ଆଉ ଏକ ବଡ଼ଦୁର୍ଘଟଣାକୁ ଅପେକ୍ଷା କରିଛି କି ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି। ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ, ରାଉରକେଲା ସହରର ୧୩୦ଟି ବସ୍ତି ଅଞ୍ଚଳରେ ୪୫ବର୍ଷ ଧରି ବିଦ୍ୟୁତ୍ ତାର ମରାମତି ହୋଇନାହିଁ। ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପ୍ରତିକାର କରିବାକୁ ଦାବି ହୋଇଛି।

### ଟ୍ରକ ପଛରେ ପିଟିଲା ପିକ୍‌ଅପ୍: ଡ୍ରାଇଭର ଗୁରୁତର

ବଡ଼ଗାଁ, ୨୩।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ଓଭରବ୍ରିଜ ନିକଟରେ ରବିବାର ଭୋର ୫ଟାରେ ଦୁର୍ଘଟଣା ଘଟିଛି। ଟ୍ରକ ପଛରେ ପିକଅପ୍ ଧକ୍କା ଦେବାରୁ ପିକଅପ୍ ଡ୍ରାଇଭର ନନ୍ଦଲାଲ ପୁରେ (୩୦) ଗୁରୁତର ହୋଇଛନ୍ତି। ତାଙ୍କ ଘର ଛତିଶଗଡର ଦୁର୍ଗ ଜିଲା କୁରେରାଭଟା ଗ୍ରାମରେ। ପିକଅପ୍ ନଂ. ସିଜି ୦୭ ବିଏଫ-୨୪୩୨ରେ ପନିପରିବା ନେଇ ରାଉରକେଲା ଆସୁଥିଲାବେଳେ ଆଖି ଲାଗିଯିବାରୁ ଟ୍ରକ ପଛରେ ଧକ୍କା ହୋଇଥିଲା। ଡ୍ରାଇଭର ପିକଅପ୍ ଭିତରେ ଚାପି ହୋଇ ରହିଥିବାରୁ ପୋଲିସ ବହୁ କଷ୍ଟରେ ଉଦ୍ଧାର କରି ସୁନ୍ଦରଗଡ ଡାକ୍ତରଖାନା ପଠାଇଥିଲେ ।



ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ।

# ସମସ୍ତଙ୍କୁ ସାମାଜିକ ନ୍ୟାୟ ବଡ଼ ଆହ୍ୱାନ

■ ଏଆଇୟୁଟିୟୁସି ପକ୍ଷରୁ ନବ ନିର୍ବାଚିତ ସର୍ବଭାରତୀୟ ସାଧାରଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ରାଉରକେଲା ଅଫିସ, ୨୩।୨





ଏଆଇୟୁଟିୟୁସି ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, କର୍ମକର୍ତ୍ତା।

ଏଆଇୟୁଟିୟୁସି (ଅଲଇଣ୍ଡିଆ ୟୁନାଇଟେଡ଼ ଟ୍ରେଡ଼ ୟୁନିୟନ ସେଣ୍ଟର) ପକ୍ଷରୁ ନବନିର୍ବାଚିତ ଜାତୀୟ ସାଧାରଣ ସମ୍ପାଦକ ଶଙ୍କର ଦାସଗୁପ୍ତାଙ୍କୁ ରବିବାର ପୂର୍ବାହ୍ନରେ ଡେଲି ମାର୍କେଟ ଠାରେ ଥିବା ୱାର୍କର୍ସ ଏଣ୍ଡ ପିଜାଂଟସ ଭବନଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ବରିଷ୍ଠ ଶ୍ରମିକ ନେତା ସତ୍ୟପ୍ରିୟ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏସ୍‌ୟୁସିଆଇ(ସି) ସୁନ୍ଦରଗଡ ଜିଲା ସମ୍ପାଦକ ଅଜିତ ନାୟକ, ଏଆଇୟୁଟିୟୁସି ଉପସଭାପତି ଅଜୟ ମହାନ୍ତି, ଆରଡବ୍ଲୁୟୁ ପକ୍ଷରୁ ଶ୍ରୀନିବାସୀ ସେଠୀ, ରାଉରକେଲା ଇଞ୍ଜିନିୟରିଂ ୱାର୍କର୍ସ ୟୁନିୟନ ସାଧାରଣ ସମ୍ପାଦକ ବିଷ୍ଣୁ ପଣ୍ଡା, ପାଚିକା ସହାୟିକା ସଂଘ ଆବାହକ ବିଜୟ ସାହୁ ପ୍ରମୁଖ ଉପସ୍ଥିତ ରହି ଦାସଗୁପ୍ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ କୁହାଯାଇଥିଲା ଯେ, କେନ୍ଦ୍ର ସରକାର ମାଲିକ ଗୋଷ୍ଠୀ ସ୍ୱାର୍ଥରେ ୪୪ଟି ଶ୍ରମନୀତିକୁ ପରିବର୍ତ୍ତନ କରି ଏହାକୁ ୪ଟି କୋଡରେ ସୀମିତ କରିଛନ୍ତି। ସରକାରୀ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରି ଏହାକୁ ଘରୋଇକରଣ କରିବାକୁ ମସୁଧା ଚଳାଇଛନ୍ତି। ଏଣେ ବର୍ଷବର୍ଷ ଧରି ଖାଲି ପଡିଥିବା ପଦ ପୂରଣ କରାଯାଉନି। ସ୍ଥାୟୀ ନିଯୁକ୍ତି ଦେଶରେ ସ୍ୱପ୍ନ ପାଲଟିଛି। କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଦେଶବାସୀଙ୍କୁ ବିଭ୍ରାନ୍ତ କରାଯାଉଛି। ଏହି ଅବସ୍ଥା ଜାରି ରହିଲେ ପରିସ୍ଥିତି ଅଣାୟତ ହେବା ଅସମ୍ଭବ ନୁହେଁ ବୋଲି ଏଥିରେ କୁହାଯାଇଥିଲା। ଦେଶର ବିଭିନ୍ନ ସ୍ଥାନରେ କାମଧନ୍ଦା କରି ପେଟ ପାଳୁଥିବା ଲୋକଙ୍କ ସାମାଜିକ ସୁରକ୍ଷା ଆଜି ବିପନ୍ନ ହୋଇ ପଡିଛି। ଶ୍ରମିକଙ୍କ ଭବିଷ୍ୟନିଧି ପ୍ରାପ୍ୟକୁ ସ୍ୱାର୍ଥାନ୍ୱେଷି ଗୋଷ୍ଠୀ ଲୁଟିବାରେ ଲାଗି ପଡିଛନ୍ତି। ଫଳରେ ଏମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇ ପଡିଛି ବୋଲି ଏଥିରେ ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ଶ୍ରମିକଙ୍କ ସର୍ବନିମ୍ନ ମଜୁରି ଧାର୍ଯ୍ୟ ହୋଇପାରୁ ନ ଥିବା ବେଳେ ସରକାର ତେଲିଆ ମୁଣ୍ଡରେ ତେଲ ଲେପିବା ଦେଖାଯାଉଛି। କାର୍ଯ୍ୟରତ ଅଣକୁଶଳୀ, ଅର୍ଦ୍ଧକୁଶଳୀ ଓ କୁଶଳୀ ଶ୍ରମିକଙ୍କୁ ଚିହ୍ନଟ କରା ନ ଯାଇ ଧୁଆଁମୂଳା ଅଧୁଆ ମୂଳା ନିର୍ବିଶେଷରେ ସମସ୍ତଙ୍କୁ ନାମ ମାତ୍ର ଦରମାରେ ଖଟା ଯାଉଛି। ଯାହାକୁ ଉପସ୍ଥିତ ନେତୃମଣ୍ଡଳୀ ସମାଲୋଚନା କରିଥିଲେ। ବିଶିଷ୍ଟ ଶ୍ରମିକ ନେତା ଶଙ୍କର ଦାସଗୁପ୍ତ ଏଆଇୟୁଟିୟୁସିର ସର୍ବଭାରତୀୟ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହେବା ପରେ କହିଥିଲେ, ଦେଶରୁ ଶୋଷଣ କଷଣ ନ ହଟିବା ଯାଏ ସାମୂହିକ ବିକାଶ ଚିନ୍ତା କରିବା ବ୍ୟର୍ଥ। ସମସ୍ତଙ୍କୁ ସାମାଜିକ ନ୍ୟାୟ ମିଳିବା ଆଜି ଦିନରେ ବଡ ଆହ୍ୱାନ। ସମସ୍ତେ ମିଳିମିଶି ଏକ କ୍ରାନ୍ତିକାରୀ ଆନ୍ଦୋଳନ ଗଢି ତୋଳିବାକୁ ଦାସଗୁପ୍ତା ଏଥିରେ ଆହ୍ୱାନ ଦେଇଥିଲେ। ତାଙ୍କ ନିଯୁକ୍ତକୁ ନେଇ ଶ୍ରମିକ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି। ଆଗାମୀ ଦିନରେ ଦାସଗୁପ୍ତାଙ୍କ ନେତୃତ୍ୱରେ ଦୁର୍ବାର ଆନ୍ଦୋଳନ ଆରମ୍ଭ କରିବାକୁ ଏଥିରେ ଆହ୍ୱାନ ଦିଆଯାଇ ଥିଲା। ଏହି କାର୍ଯ୍ୟକ୍ରମରେ କିନୁ ଲୋହାର, ଗୁରୁମୋହନ ସିଂ, ଧୋବେଇ ବେହେରା, ବୀରେନ ନାୟକ, ସୁବାଶ ଦଣ୍ଡପାଟ, ସେଖ ଇସଲାମ, ଆଲୋକ ବେହେରା, ଲେଲିନ ଟେଟେ, ହରିହର ଟପୋ, ଅନୀଲ କୁଜୁର, ହିମାଂଶୁ ନାୟକ ଓ ଆଲେକ୍ସିସ ହରୋ ପ୍ରମୁଖ ଉପସ୍ଥିତ ଥିଲେ।

## କୂଅରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବଡ଼ଗାଁ, ୨୩।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଏକମା ଗ୍ରାମର ଏକ କୂଅରୁ ରବିବାର ସକାଳେ ପୋଲିସ ଉପସ୍ଥିତିରେ ବଡଗାଁ ଅଗ୍ନିଶମ କର୍ମଚାରୀମାନେ ଜଣେ ବୃଦ୍ଧଙ୍କ ମୃତଶରୀର ଉଦ୍ଧାର କରିଛନ୍ତି। ମୃତକ ହେଲେ ଏକମା ଗ୍ରାମର ରାମ ଲାକ୍ରା (୬୭)। ସେ ୨୦ ତାରିଖ ବଜାର ପଟକୁ ବୁଲି ଯାଇଥିଲା ବେଳେ କୂଅରେ ଖସି ପଡିଥିଲେ । ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ । ୨୨ ତାରିଖ ଶନିବାର ସନ୍ଧ୍ୟାରେ ତାଙ୍କ ମୃତଶରୀର ଭାସୁଥିବା ଦେଖି ବଡଗାଁ ଥାନାରେ ଜଣାଇଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ଲଟାଗାଁ କ୍ରିକେଟ ଉଦ୍‌ଘାଟିତ: ବାଇବାଇ ବିଜୟୀ

ବଡ଼ଗାଁ, ୨୩।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ମିନି ଷ୍ଟାଡିୟମଠାରେ ସ୍ଥାନୀୟ ମା' ତାରିଣୀ କ୍ଲବ ପକ୍ଷରୁ ରବିବାର ପୂର୍ବାହ୍ନରେ ଲଟାଗାଁ କ୍ରିକେଟ କପ୍ ଆରମ୍ଭ ହୋଇଛି। ଏହି କ୍ରିକେଟ ଟୁର୍ନାମେଣ୍ଟରେ ବ୍ଲକ ଅଞ୍ଚଳର କ୍ରିକେଟ ଟିମଗୁଡିକ ଅଂଶଗ୍ରହଣ କରିବେ। ରବିବାର ପୂର୍ବାହ୍ନରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଡଗାଁ ଓରିଏଣ୍ଟ କ୍ରିକେଟ କ୍ଲବ (ଓସିସି)ର ବରିଷ୍ଠ ଖେଳାଳି ସନ୍ଦିପ ନାଏକ ଓ ନାରାୟଣ ମାଝି ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବଡ଼ଗାଁର ଲିଟିପଡା ଓ ବାଇବାଇ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ବାଇବାଇ ବିଜୟୀ ହୋଇଛି। ସତ୍ୟପ୍ରକାଶ ତ୍ରିପାଠୀ, ମନଜିତ କୁଜୁର ଅମ୍ପାୟାର ଓ ସୁଶାନ୍ତ ସା (ବୁଲୁ) ସ୍କୋର କାର୍ଯ୍ୟ ଦାୟୀତ୍ୱ ଏବଂ ଆୟୋଜକ କ୍ଲବର ଟଙ୍କଧର ଦେହୁରୀ, ରାଜେଶ ଦେହୁରୀ, କୈଳାଶ କରସେଲ, ଅମଜାଦ ଆଲମ, ଆଲୋକ ସିଂ, ଇରଫାନ ଖାନ୍ ପ୍ରମୁଖ ବିଭିନ୍ନ ଦାୟୀତ୍ୱ ତୁଲାଉଛନ୍ତି ।



ଲଟାଗାଁ କ୍ରିକେଟ କପ୍ ଉଦ୍‌ଘାଟନୀରେ ଉଭୟ ଟିମ ଖେଳାଳିଙ୍କ ସହିତ ଅତିଥି ।

## ଆନ୍ତଃଜିଲା ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ

ସୁନ୍ଦରଗଡ଼, ୨୩।୨ (ଡି.ଏନ୍.ଏ)

ସ୍ଥାନୀୟ ଭବାନୀ ଭବନ ଖେଳପଡିଆର ଇନଡୋର ଷ୍ଟାଡିୟମରେ ଉଡେନ୍ ଟ୍ରାକ ଉପରେ ୨ଦିବସୀୟ ଆନ୍ତଃଜିଲା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ରବିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦରଗଡ ଜିଲା କ୍ରୀଡାସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଖେଳାଳିମାନେ କିଭଳି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇପାରିବେ ସେ ନେଇ ପ୍ରୟାସ କରିବେ ବୋଲି ମୁଖ୍ୟ ଅତିଥି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଯୋଗିତାରେ ଝାରସୁଗୁଡା, ସମ୍ବଲପୁର, ଦେବଗଡ, ବଲାଙ୍ଗୀର, ସମ୍ବଲପୁର ଓ ସୁନ୍ଦରଗଡ ଜିଲା ସମେତ ରାଉରକେଲାରୁ ୩୬ଟି ଦଳର ୭୨ଜଣ ଖେଳାଳି ଭାଗ ନେଇଛନ୍ତି। ସୁନ୍ଦରଗଡ ବ୍ୟାଡମିଣ୍ଟନ କ୍ଲବ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଚାମ୍ପିୟନ ଦଳକୁ ଟ୍ରଫିସହ ୧୦ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫିସହ ୭ହଜାର ଟଙ୍କାର ପୁରସ୍କାର ରଖାଯାଇଛି। ଶେଖ ମମତାଜ ଖେଳ ପରିଚାଳନା କରୁଥିବା ବେଳେ ଶୁଭଙ୍କର ଭରଦ୍ୱାଜ, ହର୍ଷବର୍ଦ୍ଧନ କୌର ଓ ସତ୍ୟଜିତ ମହାନ୍ତି ସହଯୋଗ କରୁଛନ୍ତି। କ୍ଲବର ସଦସ୍ୟ ଶିଶିର ପଟେଲ, ବୁଲୁ ଧଳ, ଆନନ୍ଦ ସେଠୀ, ଜୟନ୍ତ ନାଏକ, ବାଲଗୋପାଲ ମିଶ୍ର ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରୁଛନ୍ତି।





ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଖେଳାଳିଙ୍କ ସହ ଅତିଥି।

# ରାଷ୍ଟ୍ର ନିର୍ମାଣ ଯଜ୍ଞରେ ସାମିଲ ହେବାକୁ ଆହ୍ୱାନ

ରାଉରକେଲା ଅଫିସ,୨୩।୨



ବାସନ୍ତୀ କଲୋନୀ ଠାରେ କର୍ମକର୍ତ୍ତା ସମ୍ମିଳନୀରେ ଆମ ଆଦମି ପାର୍ଟିର ଜଣେ କର୍ମୀ ଉଦ୍‌ବୋଧନ ଦେଉଛନ୍ତି।

**ଆମ ଆଦମି ପାର୍ଟି ଜିଲା କର୍ମକର୍ତ୍ତା ସମ୍ମିଳନୀ**

ଅରବିନ୍ଦ କେଜରିୱାଲଙ୍କ ବିକାଶ ମଡେଲକୁ ସୁନ୍ଦରଗଡ ଜିଲାର ପ୍ରତ୍ୟେକ ଘରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆମ ଆଦମି ପାର୍ଟି ରାଜ୍ୟ ସମ୍ପାଦକ ବିନୟ ତିୱାରୀଙ୍କ ନେତୃତ୍ୱରେ ବାସନ୍ତୀ କଲୋନୀ ଠାରେ ଏକ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ସମ୍ମିଳନୀରେ ସୁନ୍ଦରଗଡ ଜିଲାର ବଣାଇଁ, ସୁନ୍ଦରଗଡ ସଦର, ତଲସରା, ରାଜଗାଙ୍ଗପୁର, ବୀରମିତ୍ରପୁର, ରଘୁନାଥପାଲି ଓ ରାଉରକେଲା ବିଧାନସଭା କ୍ଷେତ୍ରରୁ ପ୍ରତିନିଧି ଯୋଗ ଦେଇ ଥିଲେ। ଜାତି ଏବଂ ଧର୍ମ ରାଜନୀତିରେ ବ୍ୟଥିତ ସାଧାରଣ ଜନତାଙ୍କୁ ରାଷ୍ଟ୍ର ନିର୍ମାଣ ମହାଯଜ୍ଞରେ ସାମିଲ ହେବା ପାଇଁ ତିୱାରୀ ଆହ୍ୱାନ ଦେଇଥିଲେ। ଦିଲ୍ଲୀ ବିଧାନସଭା ନିର୍ବାଚନର ଐତିହାସିକ ବିଜୟ ପାଇଁ ଆମ ଆଦମି ପାର୍ଟି ରାଷ୍ଟ୍ର ନିର୍ମାଣ ଅଭିଯାନ ମାଧ୍ୟମରେ କାମର ରାଜନୀତିକୁ ଦେଶର ପ୍ରତ୍ୟେକ ଘରେ ପହଞ୍ଚାଇବାକୁ ନିଷ୍ପତି ନେଇଛି। ଓଡ଼ିଶାରେ ଏହି ଅଭିଯାନ ୨୩ ଫେବୃୟାରୀରୁ ଆରମ୍ଭ ହୋଇ ମାର୍ଚ୍ଚ ୨୩ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନ ମାଧ୍ୟମରେ ଲୋକଙ୍କ ସମ୍ମୁଖରେ ଦିଲ୍ଲୀ ଏବଂ ଓଡ଼ିଶାର ବିକାଶକୁ ତୁଳନା କରାଯିବ। କାମର ରାଜନୀତି କିପରି ସାଧାରଣ ଜନତାର ଜୀବନରେ ପରିବର୍ତ୍ତନ ଆଣି ପାରେ ସେ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ରାଷ୍ଟ୍ର ନିର୍ମାଣର ଏହି ଅଭିଯାନରେ ଯୋଗ ଦେବାକୁ ଆହ୍ୱାନ ଦିଆଯିବ। ସୁନ୍ଦରଗଡ ଜିଲାର ସମସ୍ତ ଗାଁ ଗୁଡ଼ିକରେ ପାର୍ଟିକର୍ମକର୍ତ୍ତା ବୁଲି ବୁଲି ଜନସମ୍ପର୍କ ସ୍ଥାପନ କରିବେ। ଏହି ସମ୍ପର୍କ ସମୟରେ ଦିଲ୍ଲୀରେ ଯେଉଁଭଳି ଭାବରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ରୋଜଗାର, ମହିଳା ସୁରକ୍ଷା ଇତ୍ୟାଦି ଉପରେ କାମ କରାଯାଇଛି ତାହା ଆମ ଆଦମି ପାର୍ଟି ଓଡିଶାରେ ମଧ୍ୟ ସମ୍ଭବ କରି ଦେଖାଇ ପାରିବ ବୋଲି ବୈଠକରେ ଦାବି କରାଯାଇ ଥିଲା। ଏଥିରେ ଜିଲା ଆବାହକ ବାସିଲ ଏକ୍କା ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ଗତ ଦିଲ୍ଲୀ ବିଧାନସଭା ନିର୍ବାଚନ ସମୟରେ ସୁନ୍ଦରଗଡ ଜିଲାରୁ ଯେଉଁ କର୍ମକର୍ତ୍ତା ଦିଲ୍ଲୀ ଯାଇଥିଲେ ସେମାନଙ୍କୁ ପାର୍ଟିର ମିଡିଆ ପ୍ରଭାରୀ ଭରତ ବାଇ ଟି ସାର୍ଟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ଏଥିରେ ଲମ୍ବୋଦର ମାହାନ୍ତ, ସପନୀ ପୂର୍ତ୍ତି, ସଞ୍ଜୀବ ଖାଲକୋ, ସଞ୍ଜୀବ ବାରୱା, ନବୀନ ବାଙ୍କରା, ବିରାଜକାନ୍ତ କୁଲ୍ଲୁ, ଗଣେଶ୍ୱର ସାମଲ, ରମାକାନ୍ତ ନାୟକ, ରତିକାନ୍ତ ମାଝି, ପ୍ରମୋଦ ଲେଙ୍କା, ମନିଷ ରାଉତ, ଅଶୋକ ଏକ୍କା, ଅଭିଳାଷ ମାନକି, ନିକୋଲାସ କେରକେଟ୍ଟା, ରଶ୍ମିତା ସେନାପତି, ସୁରେନ୍ଦ୍ର ସିଂହ, ଭୀମସେନ ପଟେଲ, ପୁଷ୍ପା ଏକ୍କା, ଅଞ୍ଜଳି କୁଲ୍ଲୁ, କ୍ଲାରା ଲାକ୍ରା, ସନ୍ତୋଷ ବେହେରା, ମାଥିୟାସ ପୂର୍ତ୍ତି, ରଞ୍ଜନ ଲେଙ୍କା, ପୱନ ଅଗ୍ରୱାଲ ଓ ଯମୁନା ମାହାଲୀ ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ୟାପ୍ଲାବିତ ନଦୀ, ଶାସକର ଆଦର, ସ୍ତ୍ରୀର ଚରିତ୍ର ଓ ବ୍ୟବସାୟରେ ସ୍ନେହ କେବେହେଲେ ବିଶ୍ୱାସଯୋଗ୍ୟ ନୁହେଁ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ...



### ଟ୍ୟାଙ୍କର-ଟ୍ରାକ୍ଟର ମୁହାଁମୁହିଁ ଧକ୍କା

ଅତାବିରା, ୨୩।୨ (ଡି.ଏନ.ଏ) ଗୋଡଭଗା- ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ଉଦେପୁର ଛକରେ ରବିବାର ଏକ ଡିଜେଲ ବୋଝେଇ ଟ୍ୟାଙ୍କର ଓ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ଉଭୟ ଗାଡି ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଓଡି୩୩ଡି/୯୩୦୮ ନମ୍ବର ବିଶିଷ୍ଟ ଡିଜେଲ ବୋଝେଇ ଟ୍ୟାଙ୍କର ଝାରସୁଗୁଡାରୁ ଭବାନୀପାଟଣା ଯାଉଥିବା ବେଳେ ଉଲୁଣ୍ଡାରୁ ତୁରୁମ-ଗୋଡଭଗା ଦେଇ ଓଆର୧୭ଏଫ/୨୬୩୭ ନମ୍ବର ବିଶିଷ୍ଟ ଟ୍ରାକ୍ଟର ସହ ଉଦେପୁର ଛକଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଟ୍ୟାଙ୍କର ଚାଳକ ମଦନ କୁମାର ସିଂ ଓ ଟ୍ରାକ୍ଟର ଚାଳକ ମନବୋଧ ଭୋଇ ଅଳ୍ପକେ ବର୍ତ୍ତିଯାଇଥିଲେ । ଟ୍ରାକ୍ଟରର ସମ୍ମୁଖ ଭାଗ ଭାଙ୍ଗିଯାଇଥିବା ବେଳେ ଟ୍ୟାଙ୍କର ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଛି ।

### ରୌପ୍ୟ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ,୨୩।୨(ସ୍ୱ.ପ୍ର) ବୌଦ୍ଧ ସହରର ବୁଟୁପାଲି ସ୍ଥିତ ମାଉଲସିଙ୍ଗାଠାରେ ଥିବା ଜାନକୀ ଭିକାରୀ ଉଚ୍ଚ ବିଦ୍ୟାଳୟର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରୌପ୍ୟ ଜୟନ୍ତୀ ପାଳନ ନେଇ ଆଲୋଚନା କରାଯାଇଥିଲା। ଏଥିପାଇଁ ଗଠିତ କମିଟିରେ ଧର୍ମେନ୍ଦ୍ର ମେହେର ସଭାପତି, ଅରୁଣ କୁମାର ପାଢୀ ଉପସଭାପତି ଓ ଧରଣୀଧର ମେହେର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେହେରଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଏହାସହ ବିଭୂତି ଭୂଷଣ ବେହେରା ଓ ପ୍ରଦୀପ କୁମାର ସାହୁ ସହ ସମ୍ପାଦକ ଓ ବିଶ୍ୱଜିତ ସାହୁଙ୍କୁ କୋଷାଧକ୍ଷ ଭାବେ ମନୋନିତ ହୋଇଛନ୍ତି । ରୌପ୍ୟ ଜୟନ୍ତୀ ଅବସରରେ ବିଦ୍ୟାଳୟର ଏକ ମୁଖପତ୍ର ପ୍ରକାଶିତ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ଶିକ୍ଷକ ଜ୍ଞାନେନ୍ଦ୍ର ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭୈରବୀ କଲେଜରେ ପରୀକ୍ଷା ଦେବେ ୨୦୩ ଛାତ୍ରୀଛାତ୍ର

ପୁରୁଣାକଟକ,୨୩।୨(ଡି.ଏନ.ଏ) ହରଭଙ୍ଗା ବ୍ଲକ ପୁରୁଣାକଟକ ସ୍ଥିତ ଭୈରବୀ କନିଷ୍ଠ ମହାବିଦ୍ୟାଳୟରେ ଚଳିତ ବର୍ଷ ୨୦୩ ଜଣ ଛାତ୍ରୀଛାତ୍ର ଯୁକ୍ତ ଦୁଇ ପରୀକ୍ଷା ଦେବେ । ଏହି ମହାବିଦ୍ୟାଳୟ ହବ୍ ସେଣ୍ଟରର ମାନ୍ୟତା ପାଇଥିବାରୁ ଆସନ୍ତା ମାର୍ଚ୍ଚ ୪ ତାରିଖରୁ ପରୀକ୍ଷା ଆରମ୍ଭ ହେବ। ରେଗୁଲାର ୧୭୪, ଏକ୍ସ ରେଗୁରାଲ ୧୮, ସିସି କୋର୍ସରେ ୧୧ ଜଣ ଏପରି ଭାବେ ମୋଟ୍ ୨୦୩ ଜଣ ପରୀକ୍ଷା ଦେବେ ବୋଲି ଅଧ୍ୟକ୍ଷ ମନୋଜ ପାଠୀ କହିଛନ୍ତି ।



ବରଗଡ଼ ଗାନ୍ଧୀ ଛକରେ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ପିକେଟିଂ କରୁଛନ୍ତି ।



ଗାଇସିଲେଟ୍ କଲେଜ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି ।

# ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ

## ବରଗଡ଼ରେ ଭାରତ ବନ୍ଦର ପ୍ରଭାବ

ବରଗଡ଼ ଅଫିସ୍,୨୩।୨

ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ରାୟକୁ ନେଇ ରବିବାର ଭୀମ ଆର୍ମି ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ବରଗଡ଼ ସହରରେ ମଧ୍ୟ ଅନୁଭୂତ ହୋଇଥିଲା । ସ୍ଥାନୀୟ ପରିବା ବଜାରକୁ ଛାଡ଼ିଦେଲେ ଅନ୍ୟ ଦୋକାନ, ବଜାରସବୁ ବନ୍ଦ ରହିଥିଲା। ସେହିପରି ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଉଭୟ ସରକାରୀ, ଘରୋଇ ବସଷ୍ଟାଣ୍ଡରେ ଯାତ୍ରୀବାହୀ ବସ୍‌ଗୁଡ଼ିକ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଟକି ରହିଥିଲା। ଫଳରେ ଯାତାୟାତ ପ୍ରଭାବିତ ହୋଇଥିଲା। ବରଗଡ଼ ଗାନ୍ଧୀ ଛକରେ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା, ସଭ୍ୟମାନେ ଟେଣ୍ଟ ପକାଇବା ସହିତ ରାସ୍ତା ଅବରୋଧ ସହିତ ପିକେଟିଂ କରିଥିଲେ। ଏଥିରେ ସ୍ଥାନୀୟ ଆମ୍ବେଡ଼କର ଯୁବାସଂଘ, ଆଦିବାସୀ କଲ୍ୟାଣ ସଂଘ, ଏସସି, ଏସଟି ସୁରକ୍ଷା ସମନ୍ୱୟ ସମିତି, ନ୍ୟୁ କଲଚରାଲ୍ ଗ୍ରୁପ, ଶୁଦ୍ରମୁକ୍ତି ଅଭିଯାନ, ବିର୍ସାମୁଣ୍ଡା ସଂଘର୍ଷ ବାହିନୀ, ସମ୍ବିଧାନ ସୁରକ୍ଷା ମଞ୍ଚ, ରବିଦାସ ସମାଜ, ଦଳିତ ଉନ୍ନୟନ ସମିତି ଆଦି ସଙ୍ଗଠନର କର୍ମକର୍ତ୍ତା, ସଭ୍ୟବୃନ୍ଦ ସାମିଲ ହୋଇଥିଲେ। ପବିତ୍ର ଦେହୁରୀ, ସୀତାରାମ ମେହେର, ଲକ୍ଷ୍ମଣ ସୁନା, ବାଳକିଶୋର ଛତର ପ୍ରମୁଖ ଉଦବୋଧନ ଦେଇଥିବାବେଳେ ବହୁସଂଖ୍ୟକ କାର୍ଯ୍ୟକର୍ତ୍ତା, ସଭ୍ୟ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ଗାଇସିଲେଟ୍‌ରେ ମଧ୍ୟ ଭାରତ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଥିଲା। ଏଠାକାର କଲେଜ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଗାଡ଼ି ଚଳାଚଳ ଠପ୍ ପଡ଼ିଯାଇଥିଲା। ଏହାସହିତ ପିକେଟିଂ କରି ଦୋକାନ, ବଜାରକୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା । ଫଳରେ ଜୀବନଯାତ୍ରା ବ୍ୟାହତ ହୋଇ ପଡ଼ିଥିଲା।

# ପୁରୁଣାକଟକକୁ ଜଗିବ ସିସି କ୍ୟାମେରା

## ବଢୁଛି ଚୋରି, ଡକାୟତି

ପୁରୁଣାକଟକ,୨୩।୨(ଡି.ଏନ.ଏ)

କିଛିଦିନ ହେବ ହରଭଙ୍ଗା ବ୍ଲକ ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ପୁରୁଣାକଟକ ବଜାର ସମେତ ଆଖପାଖ ସ୍ଥାନରେ ଚୋରି, ଡକାୟତି ବଢିବାରେ ଲାଗିଛି। ପୁରୁଣାକଟକ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ପ୍ରାୟ ସମୟରେ ଫେଲ୍ ମାରୁଥିବାରୁ ରବିବାର ପୁରୁଣାକଟକ ସଚେତନ ନାଗରିକ କମିଟି ପକ୍ଷରୁ ଭୈରବୀ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇ ସହରର ମୁଖ୍ୟ ସ୍ଥାନମାନଙ୍କରେ ୬ଟି ସିସି କ୍ୟାମେରା ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପୁରୁଣାକଟକ ବ୍ୟବସାୟୀ ସଂଘ ସଭାପତି ସମରେନ୍ଦ୍ର ବେହେରା, ସମ୍ପାଦକ ଅଜିତ ଦେହୁରୀ, ଭୈରବୀ ମନ୍ଦିର କମିଟି ସଭାପତି ଅଶୋକ ଅଗ୍ରୱାଲା, ଭୈରବୀ କ୍ଲବ ସଭାପତି ଅକ୍ରୁର ସେଠୀ, ଦୁର୍ଗାପୂଜା କମିଟି ସଭାପତି ସୁରେନ ପ୍ରଧାନ, ସଚେତନ ନାଗରିକ କମିଟି ସଭାପତି କୈଳାସ ଅଗ୍ରୱାଲା, ଆବାହକ ସୁକାନ୍ତ ପଟ୍ଟନାୟକ, ସରୋଜ କୁମାର ପାଢୀ, ସୁନୀଲ କୁମାର କଅଁର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ମନମୁଣ୍ଡାରେ ମେଡିକାଲ କଲେଜ ହସ୍ପିଟାଲ ହେବା ଖବର ଭାଇରାଲ




ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଫଟୋ ।

ମନମୁଣ୍ଡା, ୨୩।୨ (ଡି.ଏନ.ଏ) ବୌଦ୍ଧ ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧୪ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ତନ୍ମଧ୍ୟରେ ମନମୁଣ୍ଡାରେ ୧୦.୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ମେଡିକାଲ କଲେଜ ହସ୍ପିଟାଲ ହେବ ବୋଲି କଣ୍ଟାମାଳ ବିଧାୟକ ମହୀଧର ରଣା ନିଜ ଫେସବୁକ ତଥା ସାମାଜିକ ଗଣମାଧ୍ୟମରେ ନବୀନଙ୍କ ଫଟୋ ସହ ନିଜ ଫଟୋ ଥାଇ ମେସେଜ ତଥା ପ୍ରଚାରପତ୍ର ଛାଡିଛନ୍ତି । ଏହା ମନମୁଣ୍ଡା, କଣ୍ଟାମାଳ ତଥା ବୌଦ୍ଧ ଜିଲାରେ ବହୁଳ ଭାବେ ଭାଇରାଲ ହୋଇଛି। ବୌଦ୍ଧ ଓ ସୋନପୁର ଭଳି ଜିଲା ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ ପାଇଁ ସରକାର ଘୋଷଣା କରି ନ ଥିବା ବେଳେ ମନମୁଣ୍ଡା ସିଏଚସିରେ ଏହା କିପରି ସମ୍ଭବ ବୋଲି ଅନେକ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଓମପ୍ରକାଶ ମିଶ୍ର, ପୂର୍ବତନ ଯୁବ ମୋର୍ଚ୍ଚା ଜିଲା ସଭାପତି ନାରାୟଣ ଶର୍ମା, ଯୁବନେତା ଶିବ କର୍ମଙ୍କ ସମେତ ବହୁ ନେତା ପ୍ରତିକ୍ରିୟା ପ୍ରକାଶ କରି ମିଛ କଥା ପୋଷ୍ଟ କରି ଲୋକମାନଙ୍କୁ ଭୂଆଁ ବୁଲାଯାଉଛି ବୋଲି କହିଛନ୍ତି । ଯଦି ଏହା ସତ୍ୟ, ତେବେ ସ୍ୱାଗତଯୋଗ୍ୟ। ହେଲେ ସାମ୍ବାଦିକ ସମ୍ମିଳନୀ କରି ବିଧାୟକ ତାହା ସ୍ପଷ୍ଟ କରନ୍ତୁ ବୋଲି ଭାଜପା ଦାବି କରିଛି। ଏ ନେଇ ବିଧାୟକ ରଣା ଫୋନ ରିସିଭ ନ କରିବାରୁ ତାଙ୍କ ମତାମତ ମିଳିପାରିନାହିଁ। ତେବେ ମନମୁଣ୍ଡାରେ ମାତୃଶିଶୁ ହସ୍ପିଟାଲ ହେବ ବୋଲି ଲେଖିବା ବଦଳରେ ମେଡିକାଲ କଲେଜ ହସ୍ପିଟାଲ ହେବ ବୋଲି ଭୁଲରେ ପ୍ରିଣ୍ଟ ହୋଇଯାଇଛି ବୋଲି ଜିଲା ବିଜେଡି ସମ୍ପାଦକ ପ୍ରଶାନ୍ତ ରଣା ଏବଂ ବିଧାୟକଙ୍କ ପୁଅ ସୁଧାଂଶୁ ରଣା ଗଣମାଧ୍ୟମକୁ କହିଛନ୍ତି ।

### ଝିଅକୁ ବଳାତ୍କାର ମାମଲା
# ଅଭିଯୁକ୍ତ ବାପାଙ୍କୁ ଖୋଜୁଛି ପୋଲିସ

ବରଗଡ଼ ଅଫିସ୍,୨୩।୨

ବରଗଡ଼ ସହର ଉପକଣ୍ଠ ଏକ ଗ୍ରାମରେ ଶନିବାର ଜଣେ ନାବାଳିକା ଝିଅଙ୍କୁ ତାଙ୍କ ବାପା ବଳାତ୍କାର କରିଥିବା ଅଭିଯୋଗ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଏକ ମାମଲା (ନଂ.୭୨/୨୦) ରୁଜୁ କରିଛି। ସେହିପରି ସୋମବାର ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ଅଭିଯୁକ୍ତ ବାପା ଫେରାର୍ ଥିବା ଯୋଗୁ ପୋଲିସ ତାଙ୍କୁ ଗିରଫ କରିବାକୁ ତନାଘନା ଚଳାଇଥିବା ଜଣାପଡ଼ିଛି। ପୀଡ଼ିତା ନାବାଳିକାଙ୍କୁ ସ୍ଥାନୀୟ ଏକ ଅନାଥାଶ୍ରମରେ ଆଶ୍ରୟ ଦିଆଯାଇଥିବା ସୂଚନା ମିଳିଛି ।

# ୩୩ କେଭି ଲାଇନ ସଂଯୋଗ ନ ହେଲେ ବିଲ୍ ବନ୍ଦ

## ପାଇକମାଳ ନାଗରିକ କମିଟିର ବୈଠକ ନିଷ୍ପତ୍ତି

ପାଇକମାଳ, ୨୩।୨ (ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ଧର୍ମଶାଳାରେ ରବିବାର ପାଇକମାଳ ନାଗରିକ କମିଟିର ଏକ ବୈଠକ ମନୋଜ ତ୍ରିବେଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଣ୍ଡୋସିଲ ଓ ଝାରବନ୍ଧ ବ୍ଲକର ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ବରଗଡ ୱେସ୍କୋ ପକ୍ଷରୁ ପାଇକମାଳ ଓ ଝାରବନ୍ଧ ବ୍ଲକକୁ ଅଣଦେଖା କରି ଦୀର୍ଘ ୨ବର୍ଷ ହେବ ପଦ୍ମପୁରରୁ ନୂତନ ୩୩ କେଭି ଲାଇନ ପାଇକମାଳକୁ ସଂଯୋଗ ପାଇଁ କରାଯାଇଥିବା କାମକୁ ଅଧାପନ୍ତରିଆ କରି ରଖାଯାଇଥିବାରୁ ବୈଠକରେ କ୍ଷୋଭପ୍ରକାଶ ପାଇଥିଲା। ଫେବୃୟାରୀ ୧ ତାରିଖରୁ କାମ ପୁଣି ଆରମ୍ଭ କରାଯିବ ବୋଲି ବରଗଡ ୱେସ୍କୋ ଅଧକ୍ଷଣ ଯନ୍ତ୍ରୀ ସୁଜିତ ପତି ନାଗରିକ କମିଟି ସଭାପତି ତ୍ରିବେଦୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବରଗଡ ୱେସ୍କୋ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଡାନିଏଲ ପରିଜା ମଧ ବର୍ଷା ଯୋଗୁ କାମ ହୋଇପାରିଲା ନାହିଁ, ତେଣୁ ଫେବୃୟାରୀ ୪ ତାରିଖରୁ କାମ ହେବ ବୋଲି ଜଣାଇଥିଲେ । ତେବେ ୨୨ ଦିନ ବିତିଯାଇଥିଲେ ମଧ କାମ ହୋଇ ନ ଥିବା ବିନୋଦ କାଳିଆ ପ୍ରକାଶ କରିଥିଲେ । ତେଣୁ ଆସନ୍ତା ୨୪ ତାରିଖରୁ କାମ ଆରମ୍ଭ ନ କଲେ ରାସ୍ତାରୋକୋ କରାଯିବ ଏବଂ ପଦ୍ମପୁରରୁ ପାଇକମାଳ ନୂତନ ୩୩ କେଭି ଲାଇନ ସଂଯୋଗ ନ ହେବା ଯାଏ ବିଦ୍ୟୁତ୍ ବିଲ୍ ଆଦାୟ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ସଭାରେ ରାଜକିଶୋର ସାହୁ, ସନ୍ତୋଷ ପାଣିଗ୍ରାହୀ, ସୁବାଷ ସାହୁ, ଗୋବର୍ଦ୍ଧନ ଅଗ୍ରୱାଲ, ସରୋଜ ସାମଲ, ବଳରାମ ସାହୁ, ବିଜୟ ସ୍ୱାଇଁ, ଅରୁଣ ସାହୁ, ନୀଳମଣି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏ ନେଇ ଏକ ସ୍ମାରକପତ୍ର ଏସଡିପିଓ ପୁରନ୍ଦର ସାହୁଙ୍କ ଜରିଆରେ ବରଗଡ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଦିଆଯାଇଛି।

# ୪୬୦ କୁଇଣ୍ଟାଲ ଧାନ ଜବତ

## ଧାନ କଳାବଜାରି ଅଭିଯୋଗ, ବିଭିନ୍ନ ସ୍ଥାନରେ ଚଢ଼ାଉ

ଧର୍ମଗଡ,୨୩।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡରେ ଧାନ କଳାବଜାରି ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪୬୦ କୁଇଣ୍ଟାଲ ଧାନ ଜବତ କରାଯାଇଛି । ରବିବାର ଏକ ଖବରଦାତା ସମ୍ମିଳନୀରେ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା ଏହି ସୂଚନା ଦେଇଛନ୍ତି । ଧର୍ମଗଡ ଉପଖଣ୍ଡ କଲମପୁର, ଜୟପାଟଣା, ବେହେରା, ଆମପାଣି, ଲଦୁଗାଁ ଆଦି ଅଞ୍ଚଳରେ ଧାନର କଳାବଜାରି ହେଉଥିବା ନେଇ ଅଭିଯୋଗ ହୋଇଥିଲା। ରବିବାର ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଉପଜିଲାପାଳ ବେହେରାଙ୍କ ତତ୍ତ୍ୱାବଧାନରେ ୪ଟି ଟିମ ଗଠନ କରି ଭୋର ୪ଟାରୁ ୯ଟା ପର୍ଯ୍ୟନ୍ତ ଉପରୋକ୍ତ ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ଏହି ଅଞ୍ଚଳରେ ଦଲାଲମାନେ ଚାଷୀଙ୍କଠାରୁ କମ ଦରରେ ଧାନ କିଣିବା ପରେ ତାକୁ କିଛି ଚାଷୀଙ୍କ ପରିଚୟ ପତ୍ରରେ ମଣ୍ଡିରେ ବିକ୍ରି କରି ଲାଭବାନ ହେଉଥିଲେ। ଚଢ଼ାଉ ବେଳେ କଲମପୁର ଦେବୁ ଜୈନଙ୍କ ଘର ସାମ୍ନାରୁ ଅନ୍ୟତ୍ର ଚାଲାଣ ହେବାକୁ ଥିବା ଗାଡିରୁ ୭୬ କୁଇଣ୍ଟାଲ ଧାନ ଜବତ କରାଯାଇଛି। ଜୟପାଟଣାର ଅମିତ ଅଗ୍ରୱାଲଙ୍କ ଘରେ ଚଢ଼ାଉ କରି ୯୬ କୁଇଣ୍ଟାଲ, ଲଦୁଗାଁର ଅନିଲ ଅଗ୍ରୱାଲଙ୍କ ଘରେ ଚଢ଼ାଉ କରି ୨୦୦ କୁଇଣ୍ଟାଲ, ଆମପାଣି ପାତ୍ରବସାରେ ଚଢ଼ାଉ କରି ସୋନୁ ଅଗ୍ରୱାଲଙ୍କ ଘରୁ ୬୦ କୁଇଣ୍ଟାଲ ଧାନ ଜବତ କରାଯାଇଛି। ଏହି ଟିମରେ କଲମପୁର ବିଡିଓ ହେମସାଗର ଭୋଇ ଓ ଅତିରିକ୍ତ ତହସିଲଦାର ଦିବାକର ବାଗ, ଜୟପାଟଣା ତହସିଲଦାର ଟିକେନ ପୋଟା, ଗୋଲାମୁଣ୍ଡା ଅତିରିକ୍ତ ତହସିଲଦାର ପ୍ରଭାସ ବୋଡାୟକ, ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ ଦାସ, ଜୁନାଗଡ ଆରଏମସି ସେକ୍ରେଟାରୀ ଟଙ୍କ ନାଏକ, ଧର୍ମଗଡ ଅତିରିକ୍ତ ତହସିଲଦାର ଚିନ୍ମୟ ନାଏକ, କୋକସରା ଅତିରିକ୍ତ ତହସିଲଦାର ମୌସୁମି ନାଏକ ଓ ସହକାରୀ ଜିଲାପାଳ ଶଙ୍କର ବାଗଙ୍କୁ ନେଇ ୪ଟି ଟିମ ଗଠିତ ହୋଇଥିଲା । ଏହି ଟିମ ବେହେରାରୁ ଲଦୁଗାଁ ଯାଉଥିବା ଏକ ଧାନ ବୋଝେଇ ଗାଡିକୁ ମଧ୍ୟ ଲଦୁଗାଁରେ ଜବତ କରାଯାଇଛି। ଜବତ ଗାଡିଗୁଡ଼ିକୁ ପୋଲିସର ଜିମା ଦିଆଯାଇଛି। ଜବତ ଧାନକୁ ନେଇ ପ୍ରଶାସନ ତଦନ୍ତ ଆରମ୍ଭ କରିଛି। ଯଦି ତାହା ସେମାନଙ୍କ ଉପାର୍ଜିତ ବୋଲି ପ୍ରମାଣିତ ନ ହେଲା ତେବେ ଏସେନସିଆଲ କମୋଡିଟି ଆଇନ ଅନୁଯାୟୀ ତାଙ୍କ ନାଁରେ ମାମଲା ରୁଜୁ ହେବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। ଏହା ସହ ୨୩ ତାରିଖରୁ ଧାନ କିଣା ବନ୍ଦ ହେବା ନେଇ ମଧ୍ୟ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଧର୍ମଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ ମଧ୍ୟ ଉପସ୍ଥିତ ଥିଲେ।

# ଗଞ୍ଜେଇ ଭର୍ତ୍ତି ବୋଲେରୋ ଛାଡ଼ି ଡ୍ରାଇଭର ଫେରାର





- ଗାଡିରୁ ବାହାରିଲା ୨ କୁଇଣ୍ଟାଲ ଚୋରା ଗଞ୍ଜେଇ
- ପୋଲିସ ପାଟ୍ରୋଲିଂ ବେଳେ ଧାରାଗଡିଲା ଗାଡ଼ି

ବଲାଙ୍ଗୀର ଅଫିସ, ୨୩।୨

ଚୋରା ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ବୋଲେରୋ (ଓଆର୦୯ଜେ ୪୪୦୦) ଛାଡି ଡ୍ରାଇଭର ଓ ତାଙ୍କର ଜଣେ ସହଯୋଗୀ ଫେରାର ହୋଇଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ରବିବାର ଭୋର ୪ଟାରେ ବଲାଙ୍ଗୀର ସହରରୁ ଆଟଗାଁ ଯାଇଥିବା ରାସ୍ତାର ମଦନଗୁଡିଆ ବଗିଚା ନିକଟରେ ଟାଉନ ଥାନା ପୋଲିସ ଟିମ ପାଟ୍ରୋଲିଂ କରୁଥିବାବେଳେ ସାମ୍ନା ପଟରୁ ଆସୁଥିବା ଏକ ବୋଲେରୋ ଗାଡି କ୍ଷୀପ୍ରଗତିରେ ପଳାଇବାକୁ ଚେଷ୍ଟା କରିଥିଲା । ଏହାପରେ ପୋଲିସ ଟିମ୍ ଉକ୍ତ ଗାଡିର ପିଛା କରିଥିଲା। ଭାଗିରଥି ଛକରୁ ଟାଉନ୍ ଥାନା ମଧ୍ୟରେ ଗାଡିକୁ ଛାଡି ଦେଇ ଡ୍ରାଇଭର ଓ ତାଙ୍କର ଜଣେ ସହଯୋଗୀ ସହର ଭିତର ଗଳି ରାସ୍ତାରେ ଫେରାର ହୋଇଯାଇଥିଲେ। ଏହାପରେ ଉକ୍ତ ବୋଲେରୋକୁ ଯାଞ୍ଚ କରିବାରୁ ସେଥିରେ ୭ ବସ୍ତା ଗଞ୍ଜେଇ ଥିବା ଜଣାପଡିଥିଲା । ଏହାପରେ ଉକ୍ତ ଗାଡିକୁ ଟାଉନ୍ ଥାନାକୁ ଅଣାଯାଇ ସେଥିରେ ଥିବା ଗଞ୍ଜେଇ ଓଜନ କରାଯିବା ପରେ ଏହା ୨ କୁଇଣ୍ଟାଲ ଓଜନ ହୋଇଥିଲା। ଗାଡିଟି ବୌଦ୍ଧ କିମ୍ବା କନ୍ଧମାଳ ଜିଲାରୁ ଗଞ୍ଜେଇ ନେଇ ଯାଉଥିବା ଅନୁମାନ କରାଯାଉଛି । ମାଜିଷ୍ଟ୍ରେଟ ଗୁରେଶ୍ୱର ଭୋଇଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବା ସହ ଏହାର ସମସ୍ତ ଆଇନଗତ ବିଧି ଅନୁଯାୟୀ ଜବତ କରାଯାଇଥିଲା । ଏନେଇ ଟାଉନ୍ ଥାନା ଇନଚାର୍ଜ ଆଇଆଇସି ତୋଫାନ ବାଗଙ୍କୁ ପଚରାଯିବାରୁ ବୋଲେରୋକୁ ଜବତ କରିବା ପରେ ଏ ଦିଗରେ ତଦନ୍ତ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ସେ ସୂଚନା ଦେଇଛନ୍ତି। ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ. ୭୭/୨୦) ରୁଜୁ କରାଯାଇଛି।

# ସଂସ୍କୃତି, ପରିଚୟକୁ ବଞ୍ଚାଇ ରଖିଛି ସାହିତ୍ୟ



ଆର୍ତ୍ତତ୍ରାଣ ବାବୁଙ୍କୁ ମହାନଦୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି ।

ମହାନଦୀ ଉତ୍ସବ ୨୦୨୦

ସୋନପୁର,୨୩।୨(ନି.ପ୍ର.)

ଆଧୁନିକ ସମାଜରେ କଳା, ସାହିତ୍ୟ ଓ ସଂସ୍କୃତି ହଜି ଯିବାକୁ ବସିଛି। ଭାଇଚାରା ଓ ଭାତୃତ୍ୱର ଭାବ ଦେଖିବାକୁ ମିଳୁନି। ମଣିଷ ସ୍ୱାର୍ଥ ସର୍ବସ୍ୱ ହୋଇପଡିଛି। ଏଭଳି ସ୍ଥିତିରେ ସଂସ୍କୃତି ଓ ନିଜସ୍ୱ ପରିଚୟ ବଞ୍ଚାଇ ରଖିଛି ସାହିତ୍ୟ। କାରଣ ସାହିତ୍ୟ ଓ ସଂସ୍କୃତି ସମାଜ ପାଇଁ ସମର୍ପିତ ବୋଲି ରବିବାର ମହାନଦୀ ଉତ୍ସବ ୨୦୨୦ ସମ୍ବର୍ଦ୍ଧନା ସମାରୋହ ଅବସରରେ ସୁବର୍ଣ୍ଣପୁର ଏସ୍‌ପି ଦେବୀ ପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ସୁବର୍ଣ୍ଣପୁରର ଅଗ୍ରଣୀ କଳା, ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦ ପକ୍ଷରୁ ସଂସଦର ୨୬ତମ ପୂର୍ତ୍ତି ପାଳନ ଉତ୍ସବ ଭୀମଭୋଇ କଳା ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ସଂସଦର ସଭାପତି ନାଟ୍ୟଶ୍ରୀ ଗଦାଧର ବାଗିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ପଦ୍ମଶ୍ରୀ ଡ. ଚତୁର୍ଭୁଜ ମେହେର, ଓଡିଶା ସାହିତ୍ୟ ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୨୬ ବର୍ଷ ଧରି ଏହି ସଂସଦ ସାହିତ୍ୟ ସହିତ ସାଂସ୍କୃତିକ ଜାଗରଣ, ନାଟକ ଓ ନୃତ୍ୟର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା କହିଥିଲେ। ଏହି ଅବସରରେ ବରିଷ୍ଠ କବି ଆର୍ତ୍ତତ୍ରାଣ ବାବୁଙ୍କୁ ମହାନଦୀ ସାହିତ୍ୟ ସମ୍ମାନ, ନାଟ୍ୟକାର ବାସୁଦେବ ନାଏକଙ୍କୁ ମହାନଦୀ ନାଟ୍ୟ ସମ୍ମାନ, କଣ୍ଠଶିଳ୍ପୀ ବିକାଶ ଚନ୍ଦ୍ର ମିଶ୍ରଙ୍କୁ ମହାନଦୀ ସଙ୍ଗୀତ ସମ୍ମାନ ଓ କବୟିତ୍ରୀ ତଥା ନାଟ୍ୟକାର ଚନ୍ଦ୍ରାବତୀ ପାଣ୍ଡେଙ୍କୁ ମହାନଦୀ ଯୁବ ପ୍ରତିଭା ସମ୍ମାନ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଂସଦର ସ୍ମରଣିକା ଓଜସ୍‌କୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ। ସମ୍ପାଦକ ଅଧାପକ ସଞ୍ଜିବ୍ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ତଥା ଓଡିଶା ସାହିତ୍ୟ ଏକାଡେମୀର ସଭ୍ୟ ପୁରୁଷୋତ୍ତମ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପୂର୍ବାହ୍ନରେ ସନ୍ଥ କବି ଭୀମଭୋଇଙ୍କ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଥିଲା। ସୋନପୁର କଲେଜର ପ୍ରାକ୍ତନ ଅଧକ୍ଷ ତଥା ଐତିହାସିକ ଡ. କେଦାରନାଥ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭୀମଭୋଇଙ୍କ ସାହିତ୍ୟ ସାଧନା ଓ କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ବ୍ରଜମୋହନ ଦାନୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଉଲୁଣ୍ଡା ଡିଗ୍ରୀ କଲେଜର ଅଧକ୍ଷ ଡ. ଦେବାଶିଷ ପାଣିଆ, ଲକ୍ଷ୍ମୀନାରାୟଣ ମେହେର ଓ ଆର୍ତ୍ତତ୍ରାଣ ବାବୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଅମ୍ବୁଜ ବିହାରୀ ଶତପଥୀ ସଭାକୁ ସଂଯୋଜନା କରିଥିଲେ। ଅପରାହ୍ନରେ କବିତା କାହିଁକି ଓ କାହା ପାଇଁ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାଧାପକ ଡ. ଜ୍ୟୋତି ରଞ୍ଜନ ବହିଦାର, ସମ୍ମାନିତ ଅତିଥିଭାବେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ସଞ୍ଜୟ ମିଶ୍ର, ନୀଳ ଲୋହିତ ମହାପାତ୍ର, ଚନ୍ଦ୍ର ଶେଖର ହୋତା, ଅଧାପକ ନିରଞ୍ଜନ ପାଣିଆ ପ୍ରମୁଖ ଯୋଗ ଦେଇଥିଲେ। ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ନବୀନ ବିଶ୍ୱବନ୍ଧୁ ମୁଖ୍ୟ ଅତିଥି, କବି ଶ୍ୟାମା ଓଁ ପ୍ରସାଦ ମିଶ୍ର, କବି ପ୍ରଭୁଦତ୍ତ ରଥ, କବୟିତ୍ରୀ ରଞ୍ଜିତା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଅଧାପକ ସୌରଭ ରଞ୍ଜନ ଖମାରୀ ପାଠୋତ୍ସବରେ ପୌରହିତ୍ୟ କରିଥିଲା ବେଳେ କବି ଅଦ୍ୱୈତ କୁମାର ପଣ୍ଡା, ଦେବଯାନୀ ମେସୁଆ ଓ କ୍ଷୀରୋଦ ବିହାରୀ ବିଶ୍ୱାଳ କବିତା ସଂଯୋଜନା କରିଥିଲେ ।

## ସଂକ୍ଷେପରେ...

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ସନ୍ଦେହ

ବରଗଡ଼ ଅଫିସ୍,୨୩।୨

ବରଗଡ଼ ସହର ଉପକଣ୍ଠ ବରଡ଼ୋଲ (ଡାଙ୍ଗ) ଗ୍ରାମର ଜଣେ ମହିଳାଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ଯାଜ୍ଞସେନୀ କୁମ୍ଭାର(୫୦) । ଭୀମସାର୍ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ମୃତଦେହକୁ ସେଠାକାର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ତେବେ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟହୋଇ ପାରି ନ ଥିବାବେଳେ ହତ୍ୟା ସନ୍ଦେହ କରାଯାଉଛି। ଅନ୍ୟପଟେ ପୋଲିସ ମୃତ ମହିଳାଙ୍କ କିଛି ସମ୍ପର୍କୀୟଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଖବର ମିଳିଛି। ସୂଚନା ଅନୁଯାୟୀ, ମୃତ ମହିଳାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା ।

# ହକ୍ ଦାବି କରି ମାମଲାରେ ଛନ୍ଦି ହେଲେ ଜନତା

## ଡାକ୍ତରଖାନାକୁ ନେଇ ଜନ ଆନ୍ଦୋଳନ ପ୍ରସଙ୍ଗ

ବରଗଡ଼ ଅଫିସ୍,୨୩।୨

ବରଗଡ଼ ସହରରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିବା କେତେକ ଲୋକଙ୍କ ବିରୋଧରେ ପୋଲିସ ଟାଉନ ଥାନାରେ ୪ଟି ମାମଲା (ନଂ.୫୨/୨୦, ୫୩/୨୦, ୫୪/୨୦ ଏବଂ ୫୫/୨୦) ରୁଜୁ କରିଥିବା ସୂଚନା ମିଳିଛି । ମାମଲା ନଂ.୫୪/୨୦ ଓ ନଂ.୫୫/୨୦ରେ ଦଫା ୧୪୩, ୩୪୧, ୨୯୪, ୨୮୩, ୫୦୬, ୧୪୯ ରହିଥିବାବେଳେ ଅନ୍ୟ ୨ଟି ମାମଲାରେ ସଙ୍ଗୀନ ଦଫା ଲାଗିଛି । ମାମଲା ନଂ.୫୨/୨୦ରେ ଦଫା ୧୪୩, ୨୮୩, ୩୪୧, ୧୪୯ ଓ ୪ ପ୍ରିଭେନ୍ସନ ଅଫ ଡ୍ୟାମେଜ୍‌ଡ ଟୁ ପବ୍ଲିକ ପ୍ରପର୍ଟି ଆକ୍ଟ-୧୯୮୪ ଲାଗିଥିବାବେଳେ ମାମଲା ନଂ.୫୩/୨୦ରେ ଦଫା ୧୪୭, ୧୪୮, ୩୪୧, ୩୨୩, ୩୦୭, ୨୯୪, ୩୫୩, ୫୦୬, ୪୨୭, ୧୪୯ ଆଇପିସି ଲାଗିଛି ।



ମାମଲା ରୁଜୁ ହୋଇଥିବା ଜାଣିବା ପରେ ଲୋକେ ପୁରୁଣା ଡାକ୍ତରଖାନା ପରିସରରେ ଆଲୋଚନା କରୁଛନ୍ତି ।

ଅନ୍ୟପଟେ ହକ୍ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇ ଥିବାବେଳେ ସେମାନଙ୍କ ବିରୋଧରେ ପୋଲିସ ଏଭଳି ମାମଲା ରୁଜୁ କରିଥିବା ଜାଣିବା ପରେ ବରଗଡ଼ ହସ୍‌ପିଟାଲ ଅଭିଯାନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ଅଭିଯାନର ପ୍ରତିନିଧିମାନେ ରବିବାର ସନ୍ଧ୍ୟାରେ ପୁଣି ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ସଭା କରି ପୋଲିସର ସେଭଳି କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଥିଲେ। ଏହା ସହିତ ପୋଲିସ ସେମାନଙ୍କୁ ଗିରଫ କଲେ କେହି ଜାମିନ ପାଇଁ ଆବେଦନ ନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ସେହିପରି ଆସନ୍ତା ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତିକ ମହିଳା ଦିବସକୁ ସେମାନେ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ପ୍ରସ୍ତାବ ଗ୍ରହଣ କରିଥିଲେ । ଉକ୍ତ ସଭାରେ ରମେଶ ମହାପାତ୍ର, ଭବାନୀ ପ୍ରସାଦ ସାହୁ, ରାଜେନ୍ଦ୍ର ସିକନ୍ଦର, ଏମଡ଼ି ଅଲିମ, ଏମଡ଼ି ନିଜାମ, ରମେଶ ପତି ଉପସ୍ଥିତ ଥିଲେ ।

ପ୍ରକାଶଥାଉକି, ଗତ ମାସ ୨୧ତାରିଖରେ ଟୁକୁର୍ଲା(ଖେଦାପାଲି)ରେ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଏହାପରେ ଗତ ମାସ ୩୧ତାରିଖରୁ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାର ଅନ୍ତର୍ବିଭାଗ, ବହିର୍ବିଭାଗରେ ତାଲା ପକାଇ ଦିଆଯାଇଥିଲା । ଏହାକୁ ନେଇ ଗତ ୧ତାରିଖରୁ ଜନ ଆନ୍ଦୋଳନ ତେଜି ଉଠିଥିଲା । ଉତ୍ତ୍ୟକ୍ତ ଲୋକେ ସ୍ଥାନୀୟ ବିଧାୟକଙ୍କୁ ଡାକ୍ତରଖାନା ପରିସରରେ ଘେରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେହିପରି ଥାନା ସମ୍ମୁଖରେ ମଧ୍ୟ ଧାରଣାରେ ବସି ବିକ୍ଷୋଭ କରିଥିଲେ । ସେତେବେଳେ କିଛି ଯୁବକ ଥାନା ପଛପଟ ପୋଲିସ କଲୋନୀ ନିକଟରେ ଢ଼େଲାମାଡ଼ କରିଥିବା (ମାମଲା ନଂ-୫୩/୨୦) ଯୋଗୁ ଜଣେ ପୋଲିସ କର୍ମଚାରୀ ଆହତ ହେବା ସହିତ ଗାଡ଼ି ଭାଙ୍ଗିଥିବା ଅଭିଯୋଗ ହୋଇଛି। ଏହା ସହିତ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରାଯାଇଥିଲା। ଏହିସବୁ ଘଟଣାକୁ ନେଇ ପୋଲିସ ଅଧିକାରୀଙ୍କ ଏତଲାକୁ ଭିତ୍ତି କରି ଉପରୋକ୍ତ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି ।

### ବ୍ୟବସାୟୀ ରମେଶଙ୍କୁ ନୋଟିସ

ବ୍ରଜରାଜନଗର, ୨୩।୨ (ଡି.ଏନ.ଏ.): ବହୁ ଚର୍ଚ୍ଚିତ କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣାରେ ଛତିଶଗଡ଼ ପୋଲିସ ପୂର୍ବତନ ବିଧାୟକ ଅନୁପ ସାଏ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ହେଲେ ଛତିଶଗଡ଼ ପୋଲିସ ଅଧିକ ତଥ୍ୟ ଯୋଗାଡ଼ରେ ଶନିବାର କୋଇଲା ଟ୍ରାନ୍ସପୋଟର ରମେଶ ଗନେରିଆଲଙ୍କୁ ଥାନାରେ ହାଜର ହେବାକୁ ନୋଟିସ ଜାରି କରିଥିଲା। ନୋଟିସ ପାଇବା ପରେ ସମେଶ ରବିବାର ଚକ୍ରଧରନଗର ଥାନାରେ ହାଜର ହୋଇଥିବା ଜଣାପଡିଛି।

### ମୋ କାକାଙ୍କୁ ଫସାଇ ଦିଆଯାଇଛି

ବ୍ରଜରାଜନଗର,୨୩।୨(ଡି.ଏନ.ଏ.): ରାଜନୀତିର ପଶାପାଲିରେ ମୋ କାକାଙ୍କୁ ଫସାଇ ଦିଆଯାଇଛି । ଏକ ନାଟକୀୟ ଢ଼ଙ୍ଗରେ କାକାଙ୍କୁ ଦୋଷୀ ସଜାଇ ଦିଆଯାଇଥିବା ଅନୁପଙ୍କ ପୁତୁରା ସଂଗ୍ରାମ ସାଏ ଅଭିଯୋଗ କରିଛନ୍ତି। ରବିବାର ଝାରସୁଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ବସିଥିବା ବେଳେ ସଂଗ୍ରାମ ଏଭଳି ଅଭିଯୋଗ ଆଣିଛନ୍ତି। ଘଟଣାର ସିବିଆଇ ତଦନ୍ତ କରି ପର୍ଦ୍ଦାଫାଶ କରିବାକୁ ସେ ଦାବି କରିଛନ୍ତି।

# ଜହାଜପଡ଼ା ଚାମ୍ପିୟନ

## ବେଲପାହାଡ଼ ରାଇଜିଂଷ୍ଟାର ଫୁଟବଲ ଟୁର୍ନାମେଣ୍ଟ

ବେଲପାହାଡ଼,୨୩।୨(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ଟିଆର୍‌ଏଲ ଷ୍ଟାଡ଼ିୟମରେ ଆୟୋଜିତ ରାଇଜିଂଷ୍ଟାର ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟରେ ଗୁମାଡ଼େରା ଯାହାଜପଡ଼ା କଳିଙ୍ଗ କ୍ଲବ ୯-୮ ଗୋଲରେ ଲଖନପୁର ପୋଲିସ ଦଳକୁ ପରାସ୍ତ କରି ଚାମ୍ପିୟନ ଟ୍ରଫି ହାସଲ କରିଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ୍ ସ୍କୋର କରିପାରି ନ ଥିଲେ। ଫଳରେ ର୍‌ୟାଫେରି ପେନାଟିକ୍ ସୁଟର ନିଷ୍ପତ୍ତି ନେଇଥିଲେ। ଏଥିରେ କଳିଙ୍ଗ କ୍ଲବ ୯ଟି ଗୋଲ ଦେଇଥିବା ବେଳେ ଲଖନପୁର ପୋଲିସ ୮ଟି ଗୋଲ କରିଥିଲା। ଉଦ୍‌ଯାପନୀ ସମାରୋହରେ ଡ଼.ଏ.ପି.ମିଶ୍ର, ଡ. ଦିଲୀପ ନାୟକ, ଜିବନ ମହାନ୍ତି, ପ୍ରଜ୍ୱଳ ପଟେଲ, ବୈକୁଣ୍ଠ ବିହାରୀ ସେଠ ଅତିଥି ଭାବେ ଯୋଗ ବିଜୟୀ ଦଳ, ରନର୍ସଅପ ଦଳ ସହ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ସୃଙ୍ଖଳିତ ଦଳ ଭାବେ ଲଖନପୁର ପୋଲିସ ଦଳକୁ ପୁରସ୍କୃତ କରାଯାଇଥିଲା। ସେହିପରି ଉତ୍ତମ ଖେଳାଳି ଭାବେ ଜାହାଜପଡ଼ା ଦଳର ସରୋଜ ବେନିଆ ଏବଂ ଅରୁଣ ବୁଦୁଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଯାହାଜପଡ଼ା ଦଳକୁ ଟ୍ରଫି ସହିତ ୨୦ ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସହିତ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି । ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ।




ଅତିଥିମାନେ ଚାମ୍ପିୟନ ଯାହାଜପଡ଼ା ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

### ଠିଆନାଳରେ ବାଲ୍ୟ ବିବାହକୁ ନା କାର୍ଯ୍ୟକ୍ରମ

ରିଆମାଳ, ୨୩।୨(ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ ବୁଢ଼ାପାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଠିଆନାଳ ଗ୍ରାମରେ ସାଧୁ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ବାଲ୍ୟ ବିବାହକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆକ୍ସନ ଏଡ଼ ଇଣ୍ଡିଆ ଜିଲା ସଂଯୋଜକ କୁମୁଦ ଚନ୍ଦ୍ର ଶତପଥୀ, ନିମାସ ମିଞ୍ଜ ଯୋଗଦେଇ ବାଲ୍ୟ ବିବାହକୁ ବନ୍ଦ କରିବା ଉପରେ ବକ୍ତବ୍ୟ ରଖି ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ବରୁଣ ପ୍ରଧାନ, ପରମା ଦେହୁରୀ, ଲକ୍ଷ୍ମଣ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦମୟନ୍ତୀ ଦେହୁରୀ, ମମତା ଦେହୁରୀ, ସସ୍ମିତା ଦେହୁରୀ, ବରୁଆଁ ଦେହୁରୀ, ଭାମା ଦେହୁରୀ, ରଙ୍ଗ ବାଘ, ମିନ ଦେହୁରୀ ତଥା ଗ୍ରାମର ବହୁ ସଂଖ୍ୟାରେ ମହିଳା, ପୁରୁଷ ଯୋଗଦେଇଥିଲେ।

# ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ବେଲପାହାଡ଼,୨୩।୨(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ସତ୍‌ସଙ୍ଗ ବିହାରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ରବିବାର ସକାଳେ ସତ୍‌ସଙ୍ଗ ଭବନରେ ସମବେତ ପ୍ରାର୍ଥନା ଏବଂ ବିଭିନ୍ନ ଧର୍ମର ପବିତ୍ର ଗ୍ରନ୍ଥ ପଠନ କରାଯାଇଥିଲା। ପରେ ସ୍ୱସ୍ତିକ ପତାକା ଉତ୍ତୋଳନ କରାଯାଇଥିଲା। ପୂର୍ବାହ୍ନରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଫଟୋଚିତ୍ରକୁ ଏକ ଗାଡ଼ିରେ ସୁସଜ୍ଜିତ କରି ନଗର ପରିକ୍ରମା କରାଯାଇଥିଲା। ଅପରାହ୍ନରେ ସତସଙ୍ଗ ଭବନରେ ମାତୃ ସମ୍ମିଳନୀ ହୋଇଥିଲା । ସନ୍ଧ୍ୟାରେ ସମବେତ ପ୍ରାର୍ଥନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜନ୍ମୋତ୍ସବ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର, ହୀରାକୁଦ, ବନ୍ଧବାହାଲ, ଅଢ଼ାପଡ଼ା, ଝାରସୁଗୁଡ଼ା ଏବଂ ଆଖପାଖ ଗ୍ରାମାଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ଉତ୍ସବ ଆୟୋଜନ ଓ ପରିଚାଳନାରେ ଟଙ୍କଧର ମହାରଣା, ବିଜନୁ କୁମାର ନାୟକ, ଦିବାକର ମହାନ୍ତି, ମନୋରଞ୍ଜନ ନାୟକ, ସନ୍ତୋଷ ମହାପାତ୍ର, ସାରଳା ସାହୁ, ସନ୍ତୋଷ ପାତ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟା ଓ ସଦସ୍ୟ ସହଯୋଗ କରିଥିଲେ।




ଠାକୁର ଅନୁକୂଳଚନ୍ଦ୍ରଙ୍କଜନ୍ମ ମହୋତ୍ସବରେ ନଗର କୀର୍ତ୍ତନ କରାଯାଉଛି।

### ସିନିୟର ଇନ୍‌ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ: ପାଟଣାଗଡ଼ ବିଜୟୀ

ବଲାଙ୍ଗୀର ଅଫିସ, ୨୩।୨

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଓସିଏ ଭିଜନ-୨୦୨୪ ସିନିୟର ଇନ୍‌ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିନରେ ରବିବାର ୟଙ୍ଗ ଷ୍ଟୁଡେଣ୍ଟ୍ କ୍ରିକେଟ କ୍ଲବ ଓ ପାଟଣାଗଡ କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପାଟଣାଗଡ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୮ ଉଇକେଟ ହରାଇ ୨୨୬ ରନ୍ ସଂଗ୍ରହ କରିଥିଲେ । ଏହାର ଜବାବରେ ୟଙ୍ଗ୍ ଷ୍ଟୁଡେଣ୍ଟ ଦଳ ସମସ୍ତ ଉଇକେଟ ହରାଇ ୧୫୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ୟଙ୍ଗ୍ ଷ୍ଟୁଡେଣ୍ଟ ଦଳ ତରଫରୁ ସଫଳ ବ୍ୟାଟ୍ସମ୍ୟାନ ଭାବେ ସୟିଦ ଆଫ୍ରିଦୀ ୫୫ ରନ୍ ସଂଗ୍ରହ କରିଥିଲେ। ଏହି ମ୍ୟାଚକୁ ରାଜେନ୍ଦ୍ର ସେଠ୍ ଓ ରଜତ ଦାସ ଅମ୍ପାୟାର ଭାବେ ପରିଚାଳନା କରିଥିଲେ । ଅନ୍ ଲାଇନ ସ୍କୋର୍ ଭାବେ ସୁଶୀଳ କୁମାର ସୁନ୍ଦରାୟ ଦାୟିତ୍ୱ ବହନ କରିଥିଲେ ।

# ପଳସମା କ୍ରିକେଟ ଟୁର୍ନାମେଣ୍ଟ: ଛେଣ୍ଡିପଦା ଚାମ୍ପିୟନ

ରିଆମାଳ, ୨୩।୨(ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ ପଳସମା ଗ୍ରାମ ପଞ୍ଚାୟତ ଖେଳ ପଡ଼ିଆରେ ଗତ ସାତ ଦିନ ଧରି ଚାଲିଥିବା ସନ୍ତୋଷ ଏବଂ ସତ୍ୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ବ୍ଲକ ସଭାପତି ସୁଧାଂଶୁ ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଛେଣ୍ଡିପଦା ଓ ଅନୁଗୋଳ ମଧ୍ୟରେ ହୋଇଥିଲା। ଅନୁଗୋଳ ଟସ୍ ଜିତି ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ଛେଣ୍ଡିପଦା ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୭୨ ରନ କରିଥିଲା। ଦଳ ପକ୍ଷରୁ ଦେବେନ୍ଦ୍ର ପ୍ରଧାନ ସର୍ବାଧିକ ୩୮ ରନ କରିଥିଲା ବେଳେ ଅନୁଗୋଳର ଦେବାଂଶୁ ଓଝା ୫ ଟି ଉଇକେଟ ନେଇଥିଲେ। ଜବାବରେ ଅନୁଗୋଳ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୪୫ ରନ କରି ପରାଜିତ ହୋଇଥିଲା। ମ୍ୟାଚ ଅଫ ଦି ମ୍ୟାଚ ଭାବେ ଛେଣ୍ଡିପଦା ଦଳର ନିରଞ୍ଜନ ପ୍ରଧାନଙ୍କୁ ବିବେଚିତ କରାଯାଇଥିଲା। ଆଲୋକ ଆଚାର୍ଯ୍ୟ ଓ ସୁନିଲ କୁମାର ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ସାମାଜିକ କର୍ମୀ ଇଂ. ଚିତ୍ତରଞ୍ଜନ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ଫରେଷ୍ଟର ଛବିଳ ବେହେରା, ବାଞ୍ଛାନିଧି ଆଚାର୍ଯ୍ୟ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଛେଣ୍ଡିପଦା ଓ ରନର୍ସଅପ ଅନୁଗୋଳ ଦଳକୁ ପୁରସ୍କୃତ କରିଥିଲେ। କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟର ସଫଳ ସମାପନରେ ସହଯୋଗ କରିଥିଲେ।

### ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ବ୍ୟାପକ ପ୍ରସ୍ତୁତି

## ମାର୍ଚ୍ଚ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିବ

ଦେବଗଡ଼,୨୩।୨(ଡି.ଏନ.ଏ.)

ଶାନ୍ତିକୁଞ୍ଜ ହରିଦ୍ୱାରସ୍ଥିତ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ତତ୍ତ୍ୱାବଧାନରେ ଦେବଗଡ ଗାୟତ୍ରୀ ପରିବାର ପକ୍ଷରୁ ସ୍ଥାନୀୟ ସଭାଗୋଲିଠାରେ ଆଗାମୀ ମାର୍ଚ୍ଚ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ପ୍ରଜ୍ଞା ପୁରାଣ କଥା ପ୍ରବଚନ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି । ବିଭିନ୍ନ କାର୍ଯ୍ୟକ୍ରମ ଚୁଡାନ୍ତରେ ପହଞ୍ଚିଛି । ଆଗାମୀ ମାର୍ଚ୍ଚ ୬ ତାରିଖରେ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମଙ୍ଗଳ କଳସଯାତ୍ରା ହେବ। ଏହା ପରେ ଦେବ କଳସ ସ୍ୱାଗତ, ମାତୃଶକ୍ତି ଜାଗରଣ ସମ୍ବନ୍ଧୀୟ ଉଦବୋଧନ, ମଧ୍ୟାହ୍ନରେ ପ୍ରସାଦ ସେବନ ଏବଂ ସଂଧ୍ୟା ୬ଟାରୁ ୯ଟା ପର୍ଯ୍ୟନ୍ତ ପ୍ରଜ୍ଞା ସଙ୍ଗୀତ ଓ ପ୍ରଜ୍ଞା ପୁରାଣ କଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମାର୍ଚ୍ଚ ୭ ତାରିଖ ପ୍ରତ୍ୟୁଷରୁ ସକଳ ୮ଟା ପର୍ଯ୍ୟନ୍ତ ସାମୁହିକ ଜପ, ଧ୍ୟାନ, ପ୍ରଜ୍ଞାଯୋଗ ବ୍ୟାୟାମ, ସକାଳ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଯଜ୍ଞ, ସଂସ୍କାର କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ ହେବ। ସନ୍ଧ୍ୟା ୬ଟାରୁ ୯ଟା ପର୍ଯ୍ୟନ୍ତ ପ୍ରଜ୍ଞା ସଙ୍ଗୀତ, ପ୍ରବଚନ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ମାର୍ଚ୍ଚ ୮ ତାରିଖ ପ୍ରତ୍ୟୁଷରୁ ସକାଳ ୮ଟା ପର୍ଯ୍ୟନ୍ତ ସାମୁହିକ ଜପ, ଧ୍ୟାନ, ପ୍ରଜ୍ଞାଯୋଗ ବ୍ୟାୟାମ, ସକାଳ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଯଜ୍ଞ ଓ ସଂସ୍କାର କାର୍ଯ୍ୟକ୍ରମ ହେବ । ସନ୍ଧ୍ୟା ୬ଟାରୁ ପ୍ରଜ୍ଞା ସଙ୍ଗୀତ ଓ ପ୍ରଜ୍ଞା ପୁରାଣ କଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମାର୍ଚ୍ଚ ୯ ତାରିଖ ଉଦଯାପନୀ ଦିବସର ପ୍ରତ୍ୟୁଷରୁ ସକାଳ ୮ଟା ପର୍ଯ୍ୟନ୍ତ ସାମୁହିକ ଜପ, ଧ୍ୟାନ, ପ୍ରଜ୍ଞାଯୋଗ ବ୍ୟାୟାମ, ସକାଳ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଯଜ୍ଞ ଓ ସଂସ୍କାର କାର୍ଯ୍ୟକ୍ରମ ଏବଂ ୨ଟାରେ ପୂର୍ଣ୍ଣାହୁତି, ପ୍ରସାଦ ସେବନ ସହ ମହାଯଜ୍ଞ ଉଦଯାପିତ ହେବ । ଏହି ଗାୟତ୍ରୀ ଯଜ୍ଞ ଅବସରରେ ସମସ୍ତ ପ୍ରକାର ଅଧ୍ୟାତ୍ମିକ ପୁସ୍ତକଗୁଡ଼ିକର ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ। ଏଥିସହ ପ୍ରତ୍ୟହ ମଧ୍ୟାହ୍ନରେ ଅନ୍ନ ଯଜ୍ଞର ବ୍ୟବସ୍ଥା ରହିଥିବା ଦେବଗଡ ଗାୟତ୍ରୀ ପରିବାର ପକ୍ଷରୁ ଡାକ୍ତର ବିଳାସିନୀ ଦ୍ୱିବେଦୀ ସୂଚନା ଦେଇଛନ୍ତି।

# ସ୍ମୃତିରେଖା ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବ

ଦେବଗଡ଼,୨୩।୨(ଡି.ଏନ.ଏ)

ତିଲେଇବଣି ବ୍ଲକ କୋରଡ ଗ୍ରାମରେ ସ୍ମୃତିରେଖା ସାହିତ୍ୟ ସଂସଦର ଷଷ୍ଠ ସାମ୍ବତ୍ସରିକ ଉତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସାହିତ୍ୟ ସଂସଦର ସମ୍ପାଦକ ଫକୀର ମୋହନ ଦେହୁରୀଙ୍କ ତତ୍ତ୍ୱାବଧାନ ଓ ନାରାୟଣ ନାୟକଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲା ବଇଣ୍ଡାର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିରଞ୍ଚି ନାରାୟଣ ନାୟକ, ସମ୍ମାନିତ ଅତିଥି ଭାବେ ଦେବଗଡ ତହସିଲଦାର ପଲ୍ଲବୀ ନାୟକ ଓ ଭାତୃଦେବ ଭାତୃକୁମାର ପ୍ରଫୁଲ୍ଲ ଏବଂ ମୁଖ୍ୟବକ୍ତା ଭାବେ ଜବାହର ନବୋଦୟ ବିଦ୍ୟାଳୟର ଓଡିଆ ଅଧାପକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ଓଡିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କବି ନାରାୟଣ ନାୟକଙ୍କ ରଚିତ କବିତା ସଂକଳନ 'ସଂସ୍କାର ସାର' ଓ କବି ଫକୀର ମୋହନ ଦେହୁରୀଙ୍କ ରଚିତ କବିତା ସଂକଳନ 'ସଜଫୁଲ' ଉନ୍ମୋଚିତ ହୋଇଥିଲା। ସାହିତ୍ୟ ସାଧନା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଝାରସୁଗୁଡାର ବସନ୍ତ କୁମାର ରାଜ ଓ ସମ୍ବଲପୁର ଜିଲା ଗୋଧିଢିପ ଗ୍ରାମର ହରିହର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାକୁ ସଂଯୋଜକ ଭାବେ କଣ୍ଢେଲ ସ୍ଥିତ ପତିତପାବନ ସାହିତ୍ୟ ସଂସଦର ସମ୍ପାଦକ ଟିକେଶ୍ୱର ସାହୁ ଓ ରେଙ୍ଗାଲବେଡା ସ୍ଥିତ ରାଧାକୃଷ୍ଣ ସାହିତ୍ୟ ସଂସଦର ସମ୍ପାଦକ ବିପିନ ବିହାରୀ ପୃଷ୍ଟି ସଂଯୋଜନା କରିଥିଲେ। ରେଙ୍ଗାଲବେଡା ସ୍ଥିତ ରାଧାକୃଷ୍ଣ ସାହିତ୍ୟ ସଂସଦର ଉପସଭାପତି ଉଦୟ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥଲେ। ଉତ୍ସବରେ ଦେବଗଡ ଜିଲା ଓ ଜିଲା ବାହାରର ବହୁ କବୟିତ୍ରୀ, କବି, ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଶେଷରେ ସ୍ମୃତିରେଖା ସାହିତ୍ୟ ସଂସଦର ସମ୍ପାଦକ ଫକୀର ମୋହନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ମୃତିରେଖା ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବରେ ଉପସ୍ଥିତ ଅତିଥି ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗତାକୁ ଦିଅନ୍ତା ନାହିଁ**
**ନିତି ମଲ୍ଲକୁ ଚାହାନ୍ତି ନାହିଁ।**
**ନିତି କୁଣିଆଁକୁ ସେରନ୍ତା ନାହିଁ**
**ନିତି ବାଟକୁ ଡରନ୍ତା ନାହିଁ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ସେପରି ମାଗିଖିଆ ବ୍ୟକ୍ତିଙ୍କୁ କେହି ବି ଦେବା ଲାଗି ଇଚ୍ଛା କରି ନ ଥାନ୍ତି। ଦିନ ଦିନ ଧରି ରୋଗ ବଇରାଗରେ ପଡୁଥିବା ବ୍ୟକ୍ତିଙ୍କଠାରୁ ବନ୍ଧୁବାନ୍ଧବ ମୁହଁ ବୁଲାଇ ଦେଇଥାନ୍ତି, ଦେଖାଶୁଣା କରିବାକୁ ଆଗ୍ରହ ଦେଖାଇ ନ ଥାନ୍ତି। ସବୁଦିନିଆ କୁଣିଆଁକୁ ସମସ୍ତେ ନାକ ଟେକିଥାନ୍ତି। ଆଦର ଅଭ୍ୟର୍ଥନା ଦେଖାଇବାକୁ କୁଣ୍ଠାପ୍ରକାଶ କରିଥାନ୍ତି। ସେହିପରି ନିତିଦିନିଆ ଯିବା ଆସିବା ବାଟରେ ସେତେ ଭୟ ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନାନାକୁ ନାନୀ**
**ଭଲା ଭିଆଇଲେ ଚକରପାଣି।**

କୁହାଯାଏ ବିବାହ ସ୍ୱର୍ଗରେ ହୁଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ




ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଅମିୟ



ଗଙ୍ଗାଧର



ଚକ୍ରଧର



ରାହୁଲ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ବିପିଏଲ ଚାଉଳ ବଣ୍ଟନ ନେଇ ଉତ୍ତେଜନା

- ଗ୍ରାମ୍ୟ ରୋଜଗାର ସହାୟକକୁ ତାଲା ମାରିଲେ ହିତାଧିକାରୀ
- ୮ ଘଣ୍ଟା ଅଟକ, ମାଓବାଦୀ ଅଞ୍ଚଳ ଯୋଗୁ ଯିବାପାଇଁ ପଛଘୁଞ୍ଚା
- ପଞ୍ଚାୟତ ଅଧିକାରୀଙ୍କୁ ନିସ୍ତୁକ ମାଡ଼

ବଣାଇ, ୨୩।୨(ସ୍ୱ.ପ୍ର)

ସୁନ୍ଦରଗଡ଼ ଜିଲାର ମାଓବାଦୀ ଅଞ୍ଚଳଭାବେ ପରିଚିତ ବଣାଇ ଉପଖଣ୍ଡର କୋଇଡା ବ୍ଲକ ଅନ୍ତର୍ଗତ ରେଲହାତୁ ଗ୍ରାମପଞ୍ଚାୟତରେ ରବିବାର ବିପିଏଲ ଚାଉଳ ବଣ୍ଟନକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମ୍ୟ ରୋଜଗାର ସହାୟକ ଚାଉଳ ବଣ୍ଟନ ସମୟରେ ଚାଉଳ କାଟିବା ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ତାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଦୀର୍ଘ ୮ ଘଣ୍ଟା ଧରି ଅଟକ ରଖିଥିବା ଜଣାଡ଼ିଛି। ତେବେ ଏହା ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ପ୍ରଶାସନିକ ଅଧିକାରୀମାନେ ସେଠାକୁ ଯିବାକୁ ପଛଘୁଞ୍ଚା ଦେଇଥିବା ବେଳେ ଶେଷରେ ନିର୍ବାହୀ ଅଧିକାରୀ ସେଠାରେ ବିଳମ୍ବରେ ପହଞ୍ଚି ଚାଉଳ ନେବା ପାଇଁ ଆସିଥିବା ହିତାଧିକାରୀଙ୍କଠାରୁ ନିସ୍ତୁକ ମାଡ ଖାଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ ସକାଳେ ପଞ୍ଚାୟତର ଗ୍ରାମ୍ୟ ରୋଜଗାର ସହାୟକ ମୁକୁଟ ହେମ୍ବରମ୍ ୪ଜଣ ଶ୍ରମିକଙ୍କୁ ଧରି ଫେବୃୟାରୀ ଓ ମାର୍ଚ୍ଚର ବିପିଏଲ ଚାଉଳ ଓ କିରୋସିନୀ ବଣ୍ଟନକରୁଥିଲେ।ଏହିଚାଉଳପଞ୍ଚାୟତର ସାନବାଲିଜୋର ଓ ରେଲହାତୁ ଗ୍ରାମର ହିତାଧିକାରୀ ମାନଙ୍କୁ ଦିଆଯାଉଥିଲା। ୨୫ଜଣ ଚାଉଳ ନେବାପରେ ଗ୍ରାମ୍ୟ ରୋଜଗାର ସହାୟକ ଚାଉଳ ଦେବା ସମୟରେ ନିର୍ଦ୍ଧାରିତ ଓଜନରୁ ଚାଉଳ କମ ଦେଉଥିବା ଜଣାପଡିଥିଲା। ସେ ଓଜନ ସମୟରେ ୧୦କେଜି ଚାଉଳରେ ଶହେଗ୍ରାମ କାଟୁଥିବା ବେଳେ ଜଣେ ଜଣେ ହିତାଧିକାରୀଙ୍କ ଠାରୁ ମୋଟ ୫ଶହ ଗ୍ରାମରୁ ୧କେଜି ପର୍ଯ୍ୟନ୍ତ ଓଜନ କମକରି ଦେଉଥିବା ଦେଖିବାକୁ ମିଳିଥିଲା। ସେହିପରି କିରୋସିନ ଲିଟର ୪୦ଟଙ୍କା ପରିବର୍ତ୍ତେ ୪୨ଟଙ୍କା ଏବଂ ଚାଉଳବସ୍ତା ୧୫ଟଙ୍କା ବଦଳରେ ୩୦ଟଙ୍କା ନେଉଥିବା ଜଣାପଡିଥିଲା। ଏହାପରେ ସେଠାରେ ଉପସ୍ଥିତ ଥିବା ହିତାଧିକାରୀ ପ୍ରତିବାଦକରି ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମ୍ୟ ରୋଜଗାର ସହାୟକ ଓ ୪ଜଣ ଶ୍ରମିକଙ୍କୁ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଭିତରେ ୫ଜଣ ଅଟକ ରହିଥିବା ବେଳେ ଏ ବିଷୟରେ କୋଇଡା ବିଡିଓଙ୍କୁ ଖବର କରିଥିଲେ। ତେବେ ଏହା ଏକ ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ବିଡିଓ, ଯୋଗାଣ ଅଧିକାରୀ ଲହୁଣୀପଡା ଏବଂ ଯୋଗାଣ ଅଧିକାରୀ ବଣାଇ ଘଟଣାସ୍ଥଳକୁ ଯିବେ ବୋଲି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେମାନେ ପରସ୍ପରକୁ ଦୋଷ ଦେଇ କେହି ସେଠାକୁ ଯାଇ ନ ଥିଲେ। ଫଳରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ତାଲା ପକାଇବାରୁ ୮ ଘଣ୍ଟା ପରେ ରେଲହାତୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏମିଲ ଡୁଙ୍ଗଡୁଙ୍ଗ ଘଟଣା ସ୍ଥଳରେ ପହଁଞ୍ଚିବା ପରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କଣ ପାଇଁ ଚାଉଳ କଟାଯାଉଛି ଏବଂ ବିଳମ୍ବରେ କଣପାଇଁ ଆସିଲ କହି ଉତ୍ତେଜିତ ହିତାଧିକାରୀମାନେ ତାଙ୍କୁ ଟଣାଓଟରା କରି ନିସ୍ତୁକ ମାଡ ମାରିଥିଲେ। ପରେ ସନ୍ଧ୍ୟା ୬ଟାରେ ସମାଧାନର ସୂତ୍ର ବାହାର କରାଯାଇ ସୋମବାର ରେଲହାତୁ ଓ ସାନବାଲିଯୋର ଗ୍ରାମର ବିପିଏଲ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ଓଜନର ଚାଉଳ ଦିଆଯିବା ସହ କିରୋସିନ ଲିଟର ୪୦ଟଙ୍କା ଏବଂ ବସ୍ତା ପିଛା ୧୫ଟଙ୍କା ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଅଟକ ଥିବା ଅଧିକାରୀମାନଙ୍କୁ ଛାଡି ଦିଆଯାଇଥିଲା। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କ ଠାରେ ଦାବି କରିଥିବା ବେଳେ ତୁରନ୍ତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି।




ରେଲହାତୁ ଗ୍ରାମପଞ୍ଚାୟତରେ ବିପିଏଲ ଚାଉଳ ବଣ୍ଟନ ନେଇ ଉତ୍ତେଜନା ଦେଖାଦେଇଛି।

## ଜୁଆ ଆଡ୍ଡା ଉପରେ ଚଢାଉ: ୩ ଗିରଫ

ବାଲିଶଙ୍କରା, ୨୩।୨ (ଡି.ଏନ.ଏ)

ତଳସରା ଥାନା ଅନ୍ତର୍ଗତ ଡୁମୁଲିଆ ଗ୍ରାମ ପଞ୍ଚାୟତର ପୁରୁଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜୁଆଖେଳ ଚାଲିଥିବାବେଳେ ପୋଲିସ ଚଢାଉ କରି ୩ଜଣଙ୍କୁ ଗିରଫ କରିଛି। ରବିବାର ପୂର୍ବାହ୍ନ ୧୧ଟାରେ କୌଣସି ସୂତ୍ରରୁ ଖବରପାଇ ଏସଆଇ ଲିଙ୍ଗରାଜ ସାହୁ ସମେତ ପୋଲିସ ପହଞ୍ଚି ୩ଜଣ ଜୁଆଡିଙ୍କୁ କାବୁ କରିଥିବା ବେଳେ ଜଣେ ଫେରାର ହୋଇଯାଇଥିଲେ। ଉକ୍ତ ଜାଗାରୁ ୨୭୯୦ ଟଙ୍କା ସହ ୩ ବାଇକ ପୋଲିସ ଜବତ କରିଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବାଇକ୍ ଦୁର୍ଘଟଣାରେ ଆହତ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ଭବାନୀପାଟଣା,୨୩।୨(ଡି.ଏନ.ଏ.)

ସଡକ ଦୁର୍ଘଟଣାରେ ଆହତ ହୋଇ ବୁର୍ଲାଠାରେ ଚିକିତ୍ସାଧୀନ ଥିବା ଜୟପାଟଣା ଥାନା ଖଲିଆଭଟା ଛକର ଯୁବ ବ୍ୟବସାୟୀ ହରେକୃଷ୍ଣ ନାୟକ (୪୫)ଙ୍କ ଶନିବାର ସନ୍ଧ୍ୟା ୬ ଟାରେ ମୃତ୍ୟୁ ଘଟିଛି। ତାଙ୍କର ଦୁଇ ନାବାଳକ ପୁଅ ଓ ଝିଅ ରହିଛନ୍ତି। ଜୟପାଟଣା ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ବାଇକ ଜବତ କରିଛି।

# ଏସସିସି କ୍ଲବ ଚାମ୍ପିୟନ

**ତିନି ଦିନିଆ ହକି ପ୍ରତିଯୋଗିତା ଉଦ୍‌ଯାପିତ**

- ଖୁଣ୍ଟୁଗାଁ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଚାଲିଥିଲା

ଲହୁଣୀପଡା, ୨୩।୨ (ଡି.ଏନ.ଏ)

ଖୁଣ୍ଟୁଗାଁ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବରସୁଆଁ ସେଲ ଖେଳ ପଡିଆରେ ଆୟୋଜିତ ତିନି ଦିନିଆ ହକି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ବଣାଇ ଜିଲା ସଭାପତି ଅନୀଲ ବାର୍ଲା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରସୁଆଁ ସେଲ ଭ୍ୟାଲି ଇନଚାର୍ଜ ମୃତ୍ୟୁଞ୍ଜୟ କୁମାର, ବରସୁଆଁ ମେଡିକାଲର ଚିକିତ୍ସକ ଡା. ସଞ୍ଜୟ କୁମାର, ଜେଲ ଚର୍ଚ୍ଚ ପ୍ରଚାରକ ପ୍ରଦୀପ ନାଗ ଯୋଗଦେଇଥିଲେ। ଏହାର ଫାଇନାଲ ମ୍ୟାଚରେ ଏସସିସି କ୍ଲବ ୧-୦ ଗୋଲରେ ରେଲୱେ ସେକ୍ଟର- ୩ ଦଳ ବରସୁଆଁକୁ ପରାସ୍ତ କରି ବିଜେତା ହୋଇଥିଲା। ବିଜେତା ଓ ଉପବିଜେତା ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ରାଜ କୁମାର ଗୋପ, ଲକ୍ଷ୍ମଣ ଚୌହାନ, ଜୁସେବ ଟପ୍ପୋ, ବିରାଜ ମିଞ୍ଜ ଖେଳ ପରିଚାଳନା କରିଥିଲେ । ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲହୁଣୀପଡା ତହସିଲଦାର ଆଲୋକ କୁମାର ଦେହୁରୀ, ସମାଜସେବୀ ବଜରଙ୍ଗ ଅଗ୍ରୱାଲ, ବରିଷ୍ଠ ଶିକ୍ଷକ ବିମଳ ବାନାର୍ଜୀ, ଅନୀଲ ବାର୍ଲା ଯୋଗଦେଇଥିଲେ। ଖୁଣ୍ଟୁଗାଁ ମଣ୍ଡଳ ଭାଜପା ମହିଳା ମୋର୍ଚ୍ଚା ସଭାପତି ଲିଲିମା ମାହାନ୍ତ, ଉପସଭାପତି ଲଶ୍ରିତା ପାତ୍ର, ଲିଲି ଡାଙ୍ଗ, ସନ୍ତୋଷି ବେସନ, ବାଗୁନ ଗାଗରାଇ, ସାନିକା ଡୋଡରାୟ, ସୁଶିଲା ଟପ୍ପ, ଲିଲି ହର, ଜୁଲିଆନି ଯୋଜ, ଅମରିତା ସାମଦ, ମାରିଆମ କାଣ୍ଡୁଲାନା ପ୍ରମୁଖଙ୍କ ସମେତ ବରସୁଆଁ ଅଞ୍ଚଳର ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଏହି ତିନି ଦିନିଆ ହକି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।



ବରସୁଆଁ ସେଲ ଖେଳ ପଡିଆରେ ହକି ଖେଳ ଚାଲିଛି।

## ଫଟୋରେ ଖବର



ସୁନ୍ଦରଗଡ଼ରେ ଆୟୋଜିତ ପୁସ୍ତକ ମେଳାରେ ଜିଲାପାଳ ନିଖିଳ ପବନ କଲ୍ୟାଣ ରବିବାର ବହି କିଣିବା ସହ ବୁଲି ଦେଖୁଛନ୍ତି।



ସୁନ୍ଦରଗଡ଼ରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆୟୋଜିତ ପୁଷ୍ପ ପ୍ରଦର୍ଶନୀରେ ପୁଷ୍ପପ୍ରେମୀମାନେ ବୁଲି ଦେଖୁଛନ୍ତି।

# ପାଠକୀୟ ଆନ୍ଦୋଳନର ଆବଶ୍ୟକତା ରହିଛି

- ପୁସ୍ତକ ମେଳାର ତୃତୀୟ ଦିବସ
- ସାହିତ୍ୟରେ ପାଠକସଙ୍କଟ ଶୀର୍ଷକ ଆଲୋଚନାଚକ୍ର

ସୁନ୍ଦରଗଡ, ୨୩।୨ (ଡି.ଏନ୍.ଏ)





ସାହିତ୍ୟରେ ପାଠକ ସଙ୍କଟ ଶୀର୍ଷକ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି, ବକ୍ତା। ଉପସ୍ଥିତ ବୁଦ୍ଧିଜୀବୀ, ଜନସାଧାରଣ।

ସାହିତ୍ୟ ହେଉଛି ସମାଜର ଦର୍ପଣ । ସତ୍ ସାହିତ୍ୟ ପଠନ ଦ୍ୱାରା ହିଁ ଚରିତ୍ର ଗଠନ ସମ୍ଭବ। ଏକ ସମ୍ବେଦନଶୀଳ ଆବେଗ ପ୍ରଣୋଦିତ ହୃଦୟ ହିଁ ପ୍ରକୃତ ସାହିତ୍ୟ ସୃଷ୍ଟି କରିବାରେ ସଫଳ ହୋଇଥାଏ। ପୁସ୍ତକ ପଠନ ଯେଉଁ ନିରୋଳା ଆନନ୍ଦ ଦେଇଥାଏ ତାର କୌଣସି ପଟାନ୍ତରନାହିଁ। ସଂପ୍ରତି ଯୁବବର୍ଗ ଓ ବିଦ୍ୟାର୍ଥୀ କ୍ରମଶଃ ପୁସ୍ତକ ପଠନଠାରୁ ଦୂରେଇ ଯାଉଥିବା ଦ୍ୱାରା ସାହିତ୍ୟରେ ପାଠକ ସଙ୍କଟ ସୃଷ୍ଟି ହୋଇଛି ବୋଲି ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ପୁସ୍ତକମେଳା ଅବସରରେ ରବିବାର ଆୟୋଜିତ ସାହିତ୍ୟରେ ପାଠକ ସଙ୍କଟ ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ କଳାୟତନ ପରିସରରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାର ବିଶିଷ୍ଟ କବି ତଥା ଚିତ୍ରପ୍ରୋଳା ପ୍ରକାଶନୀର ସତ୍ତ୍ୱାଧିକାରୀ ସଦାଶିବ ଦାସ ତାଙ୍କ ବକ୍ତବ୍ୟରେ ପାଠକ ସଙ୍କଟର ତୃଣମୂଳ ସ୍ତରରୁ ଅବଲୋକନ କଲେ ଜଣାଯାଏ ଯେ ,ବର୍ତ୍ତମାନର ବ୍ୟବସ୍ଥା ଓ ଇଚ୍ଛାଶକ୍ତି ଦ୍ୱାରା ହିଁ ଭାଷା ସଙ୍କଟ ସୃଷ୍ଟି ହୋଇଛି। ଭାଷା ଓ ସାହିତ୍ୟରେ ସଙ୍କଟ ଦୂରୀଭୂତ କରିବାକୁ ହେଲେ ପାଠକୀୟ ଆନ୍ଦୋଳନର ଆବଶ୍ୟକତା ରହିଛି। ସଂପ୍ରତି ଲେଖକମାନେ ଏଦିଗରେ ସଚେତନ ହୋଇ ନିଜର ନୈତିକ ଦାୟିତ୍ୱ ନିର୍ବାହ କରିବାକୁ ସେ ପରାମର୍ଶ ଦେଇଥିଲେ। ସରକାରୀ ସ୍ତରରେ ଶିକ୍ଷାନୁଷ୍ଠାନ ଗୁଡିକରେ ଭାଷା ସାହିତ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ସୃଷ୍ଟି ହେବା ଦ୍ୱାରା ଭାଷା ସଙ୍କଟଦୂରୀଭୂତ ହେବାସହ ଆମେ ଉତ୍ତର ପିଢିର ଏକ ବୃହତ୍ତର ପାଠକ ଗୋଷ୍ଠୀ ସୃଷ୍ଟି କରିପାରିବା। ସେ ଆହୁରି କହିଥିଲେ ଯେ, ସାହିତ୍ୟ ସୃଷ୍ଟି ଜନଜୀବନଧର୍ମୀ ହେବା ଆବଶ୍ୟକ। ସାହିତ୍ୟକୁ କୃତ୍ରିମପୋଷାକ ପିନ୍ଧାଇଲେ ତାହା ସାହିତ୍ୟ ପଦବାଚ୍ୟ ହୁଏ ନାହିଁ । ଜନଜାତିରଙ୍କ ଭାଷାକୁ ମଧ୍ୟ ଆମେ ଜାଣିବା ଆବଶ୍ୟକ। ସାହିତ୍ୟକୁ ସାର୍ବଜନୀନ କରିବାକୁ ହେଲେ ଆମକୁ ରାଜକୀୟ ମେଖଳା ମଧ୍ୟରୁ ବାହାରି ଆସି ଜନଜୀବନର କଥାମାଧ୍ୟମରେ ସୃଜନ ପ୍ରକ୍ରିୟାକୁ ପରିପୁଷ୍ଟ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ଉପସଭାପତି ତଥା ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନା ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ସମାଜରେ ମାନବିକତାକୁ ବଞ୍ଚାଇ ରଖିବା ଦିଗରେ ସାହିତ୍ୟିକମାନଙ୍କ ଧେୟ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରି ଥିଲେ । ପଶ୍ଚିମା ପ୍ରକାଶନୀର ସତ୍ତ୍ୱାଧିକାରୀ ତଥା ଭୁବନେଶ୍ୱର ପୁସ୍ତକ ମେଳାର ସମ୍ପାଦକ ଅଶୋକ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସାମାଜିକ ପରିବେଷ୍ଟନୀ ସାହିତ୍ୟରେ ପାଠକ ସଙ୍କଟ ସୃଷ୍ଟି କରିଛି ବୋଲି କହିବା ସହ ଆମମାନଙ୍କ ମଧ୍ୟରେ ମାନସିକତାର ଯଦି ପରିବର୍ତ୍ତନ ହୁଏ, ତାହାହେଲେ ଏହି ସଙ୍କଟ ଦୂରୀଭୂତ ହୋଇପାରିବ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ବହିପଢ ଆଭିଯାନର ସଂଯୋଜକ ଅକ୍ଷୟ ବହିବାଲା ଯୋଗଦେଇ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ହେଉଛନ୍ତି ଛାତ୍ରର ଯଥାର୍ଥ ମାର୍ଗଦର୍ଶକ। ତେଣୁ ଶିକ୍ଷାନୁଷ୍ଠାନ ଗୁଡିକରେ ଥିବା ପାଠାଗାରର ଯଥାର୍ଥ ଉପଯୋଗ କରି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ସୃଜନାତ୍ମକ ପ୍ରତିଭାକୁ ବିକଶିତ କରି ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ବଡଗାଁ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟାପିକା ତଥା ବିଶିଷ୍ଟ ଗାଳ୍ପିକା ଡ. ସୁପ୍ରିୟା ପାଲ ଆଲୋଚିକା ଭାବେ ଯୋଗଦେଇ ପୁସ୍ତକ ପଠନର ମାଧ୍ୟମରେ ମାନବଜଗତ ସହିତ ନିବିଡ ଆଶ୍ଳେଷର ଅନୁଭବ ମତେ ବାସ୍ତବିକତା ସହିତ ପରିଚିତ କରିବା ସହ ସାରସ୍ୱତ ସ୍ରଷ୍ଟାର ପରିଚୟ ଦେଇଛି ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟ ପାଖରେ ନିଜକୁ ସମର୍ପଣ କରିଦେଲେ। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟାପିକା ସୁସ୍ମିତା ଭୋଇ ଅନ୍ୟତମ ଆଲୋଚିକା ଭାବେ ଯୋଗଦେଇ ସାହିତ୍ୟ ପଠନ ଦ୍ୱାରା ବୌଦ୍ଧିକତାର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରି ଚିନ୍ତକ ମାନଙ୍କ ବୌଦ୍ଧିକ ଚିନ୍ତାଧାରା ଦ୍ୱାରା ସୁସ୍ଥ ସମାଜ ବ୍ୟବସ୍ଥା ସୃଷ୍ଟି ହୋଇଥାଏ ବୋଲି କହିବା ସହ ପାଠକୀୟ ଆନ୍ଦୋଳନରେ ଅଭିଭାବକ ଶିକ୍ଷକ, ଲେଖକଙ୍କ ସକ୍ରିୟ ସହଯୋଗ ଦ୍ୱାରା ସାହିତ୍ୟରେ ପାଠକ ସଙ୍କଟ ଦୂର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଏକ ମନୋଜ୍ଞ କବିତା ଆସର ବ୍ୟଙ୍ଗକବି ଦୁର୍ଗାମାଧବ ପଣ୍ଡା, ଗୋପକୃଷ୍ଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କବୟିତ୍ରୀ ଲଳିତା ଖଣ୍ଡା , ସୁଷମା ପଟେଲ, ରଞ୍ଜିତାପଣ୍ଡା, ପ୍ରତିମା ମିଶ୍ର, ଜୀବେଶ୍ୱରୀ ପଟେଲ, ମୀନାରାଣୀ ସହାୟ, ପ୍ରବୋଧ ପଟ୍ଟନାୟକ, ରାମେଶ୍ୱର ପଟେଲ, ମାନସ ପଣ୍ଡା, ଜ୍ୟୋସ୍ନା ସାହୁ, ଅକ୍ଷୟ ପତି, ଅଚ୍ୟୁତ ରଥ, ରଞ୍ଜୁ ଠାକୁର, ସଞ୍ଜୀବ ରାୟ, ହଳଧର ମହାନନ୍ଦ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।